ମୟୂରଭଞ୍ଜ ଇତିହାସ ଓ ସଂସ୍କୃତିର ମୁଖ୍ୟଧାରା

ଡକ୍ଟର ପ୍ରବୋଧ କୁମାର ମିଶ୍ର

ବିଦ୍ୟାପୁରୀ

Digitized by PPRACHIN, SOA

ମୟୂରଭଞ୍ଜ ଇତିହାସ
ଓ
ସଂସ୍କୃତିର ମୁଖ୍ୟଧାରା

ଡକ୍ଟର ପ୍ରବୋଧ କୁମାର ମିଶ୍ର
ଏମ.ଏ.,ପିଏଚ୍.ଡି., ଡି.ଲିଟ୍.

କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ
ବାରିପଦା

ବିଦ୍ୟାପୁରୀ

Digitized by PPRACHIN, SOA

Mayurbhanja Itihas
O
Sanskrutir Mukhyadhara
by Dr. Prabodh Kumar Mishra
Published by Vidyapuri. Cuttack 753 002

ISBN 81-7411-372-X

ପ୍ରଥମ ପ୍ରକାଶ
୧୧ ଜୁଲାଇ ୨୦୦୧

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩ ୦୦୨

ପ୍ରଚ୍ଛଦ
ବିଜୟ କୁମାର ପ୍ରଧାନ

ଲିପି ସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩ ୦୦୨

ମୁଦ୍ରଣ
ରୟାଲ ହାଫ୍‌ଟୋନ କୋ, କଟକ

ମୂଲ୍ୟ ଟ [illegible]

Digitized by PPRACHIN, SOA

ମୁଖବନ୍ଧ

ମୟୂରଭଞ୍ଜ ଓଡ଼ିଶା ପ୍ରଦେଶର ଏକ ଉପାନ୍ତ ଅଞ୍ଚଳ ଓ ସର୍ବବୃହତ୍ ଜିଲ୍ଲାଭାବେ ସ୍ୱୀକୃତ । ଏହାର କ୍ଷେତ୍ରଫଳ ୧୦ ହଜାର ୪୧୬ ଦଶମିକ ୬ ବର୍ଗ କିଲୋମିଟର ଏବଂ ଜନସଂଖ୍ୟା ୨୨ ଲକ୍ଷ ୨୧ ହଜାର ୭୮୨ । ଉତ୍ତରରେ ଝାଡ଼ଖଣ୍ଡ, ସିଂହଭୂମ ଓ ମେଦିନୀପୁର, ଦକ୍ଷିଣରେ କେନ୍ଦୁଝର ଓ ବାଲେଶ୍ୱର, ପୂର୍ବରେ ମେଦିନୀପୁର ଓ ବାଲେଶ୍ୱର ଏବଂ ପଶ୍ଚିମରେ ଝାଡ଼ଖଣ୍ଡ ଓ କେନ୍ଦୁଝର ଜିଲ୍ଲା ଦ୍ୱାରା ଏହା ପରିବେଷ୍ଟିତ । ମୟୂରଭଞ୍ଜବାସୀ ମୁଖ୍ୟତଃ ଆଦିବାସୀ ଓ ଅନୁସୂଚିତ ଜାତିର ସମଷ୍ଟି । ଅଣଆଦିବାସୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ । ସଦର, କପ୍ତିପଦା, ପାଞ୍ଚପୀଢ଼ ଓ ବାମନଘାଟି ନାମକ ଚାରୋଟି ସବ୍‌ଡିଭିଜନ ନେଇ ମୟୂରଭଞ୍ଜ ଜିଲ୍ଲା ଗଠିତ । କେବଳ ସଦର ସବ୍‌ଡିଭିଜନର ବାରିପଦାଠାରେ ଗୋଟିଏ ମ୍ୟୁନିସିପାଲିଟି ଏବଂ କପ୍ତିପଦାର ଉଦଳା, ପାଞ୍ଚପୀଢ଼ର କରଞ୍ଜିଆ ଓ ବାମନଘାଟିର ରାଇରଙ୍ଗପୁରଠାରେ ଗୋଟିଏ ଲେଖାଏଁ ବିଜ୍ଞାପିତ ଅଞ୍ଚଳ ସ୍ଥାପିତ ହୋଇଥିବାରୁ ସ୍ୱାୟତ୍ତ ଶାସନର ସୁବିଧା ଓ ସୁଯୋଗ ସ୍ଥାନୀୟ ଅଧିବାସୀମାନଙ୍କୁ ମିଳିଥିଛି । ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ମୟୂରଭଞ୍ଜରୁ ନିର୍ବାଚିତ ହୁଅନ୍ତି ଦଶଜଣ ବିଧାୟକ ଓ ଜଣେ ସାଂସଦ । କେବଳ ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ବାଦ ଦେଲେ ବାକି ନଅଜଣ ବିଧାୟକ ସଂରକ୍ଷିତ ଆସନରୁ ନିର୍ବାଚିତ ହୁଅନ୍ତି । ବସ୍ତୁତଃ ମୟୂରଭଞ୍ଜ ଏକ ଆଦିବାସୀବହୁଳ ଜିଲ୍ଲା ଓ ଅନୁନ୍ନତ ।

ମୟୂରଭଞ୍ଜର ଇତିହାସ ଓ ସଂସ୍କୃତିରେ କେତେକ ବିଶେଷତ୍ୱ ଅଛି । ପ୍ରାଚୀନ କାଳରୁ ୧୯୪୯ ପର୍ଯ୍ୟନ୍ତ ଏହାର ରାଜନୈତିକ ସତ୍ତା ସ୍ୱତନ୍ତ୍ର ଥିବାରୁ ଐତିହାସିକ ପର୍ଯ୍ୟାଲୋଚନା ଓ ଧାରା ବିବରଣୀ ପାଇଁ ପର୍ଯ୍ୟାପ୍ତ ଉପାଦାନ ମିଳିଥାଏ । ଏହି ସ୍ୱତନ୍ତତାର ବର୍ଣ୍ଣନା ଲିପିବଦ୍ଧ କରିବାକୁ ଯେଉଁସବୁ ଉଦ୍ୟମ ହୋଇଛି, ସେଥିରୁ ଉଲ୍ଲେଖନୀୟ ହେଲା– ନଗେନ୍ଦ୍ରନାଥ ବସୁଙ୍କ 'Archaeological Survey of Mayurbhanj' (କଲିକତା, ୧୯୧୧), ଏସ୍. ଏନ୍. ସରକାରଙ୍କ 'Biography of Sriramchandra Bhanjdeo' (କଲିକତା, ୧୯୧୮), ଶ୍ୟାମସୁନ୍ଦର ଷଡ଼ଙ୍ଗୀଙ୍କ 'ମୟୂରଭଞ୍ଜ ଇତିହାସ' (କଟକ, ୧୯୩୭), ରମାପ୍ରସାଦ ଚାନ୍ଦଙ୍କ 'Selections from official letters and Records of Mayurbhanj' (ବାରିପଦା, ୧୯୪୨) ଓ 'History of Mayurbhanj' (କଲିକତା, ୧୯୪୯) । କବଡେନ୍ ରାମସେଙ୍କ 'Feudatory States of Orissa' (କଲିକତା, ୧୯୫୦) । ପ୍ରଭାତ ମୁଖାର୍ଜୀଙ୍କ 'History of Orissa, Vol. VI' (1964), ଓଡ଼ିଶା ସରକାରଙ୍କ 'Mayurbhanj District Gazetteers' (ଭୁବନେଶ୍ୱର, ୧୯୬୭), ଅର୍ଜୁନ ଯୋଷୀଙ୍କ 'History and Culture of Khijjingakotta' (ଦିଲ୍ଲୀ, ୧୯୯୩), ଦେବେନ୍ଦ୍ର ମୋହନ ପ୍ରହରାଜଙ୍କ 'Tribal

Digitized by PPRACHIN, SOA

movements and Political History of India' (ନୂଆଦିଲ୍ଲୀ, ୧୯୮୮), ପ୍ରବୋଧ କୁମାର ମିଶ୍ରଙ୍କ 'Archaeology of Mayurbhanj' (ଦିଲ୍ଲୀ, ୧୯୯୭) ଓ 'Changing Pattern of Political Culture' (ଦିଲ୍ଲୀ, ୨୦୦୦) ଏବଂ ଅନ୍ୟ କେତେକ ସ୍ମରଣିକା ଓ ପ୍ରବନ୍ଧ । କିନ୍ତୁ ଉପରୋକ୍ତ ରଚନାମାନଙ୍କରେ ମୟୂରଭଞ୍ଜର ସଂପୂର୍ଣ୍ଣ ଇତିହାସ ଆଲୋଚିତ ହୋଇ ନ ଥିବାରୁ ସାଧାରଣ ପାଠକର ଆବଶ୍ୟକତା ପୂରଣ ହୋଇପାରି ନାହିଁ । ମୟୂରଭଞ୍ଜର ସ୍ୱତନ୍ତତା ଓ ସଂପୂର୍ଣ୍ଣ ଇତିହାସକୁ ଦୃଷ୍ଟିରେ ରଖି ଏକ ମହତ୍ତ୍ୱପୂର୍ଣ୍ଣ ଆହ୍ୱାନର ମୁକାବିଲା କରିଛି ମୁଁ ଏହି ଗ୍ରନ୍ଥ ରଚନାରେ ।

ଇତିହାସ ଗବେଷଣାରେ ମୋର ପ୍ରବେଶ ବେଶିଦିନର ନ ହେଲେ ମଧ୍ୟ ମୟୂରଭଞ୍ଜ ସହିତ ସଂପର୍କ ଦୀର୍ଘ ଷାଠିଏ ବର୍ଷର । ଏହି ଦୀର୍ଘଦିନର ସ୍ମୃତି ସହିତ ମୟୂରଭଞ୍ଜବାସୀ ଭାବରେ ଯେଉଁ ଆନନ୍ଦ ଜଡ଼ିତ ତାହାର ରୂପାୟନ ଫଳରେ ଜନ୍ମଲାଭ କରିଛି "ମୟୂରଭଞ୍ଜ ଇତିହାସ ଓ ସଂସ୍କୃତିର ମୁଖ୍ୟଧାରା" । ଏହା ମୟୂରଭଞ୍ଜ ତଥା ଓଡ଼ିଶାର ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ । ଯେଉଁ ରାଜନୈତିକ ଏବଂ ସାଂସ୍କୃତିକ ଉତ୍ଥାନ ପତନ ଦେଇ ମୟୂରଭଞ୍ଜ ଗତି କରିଛି ତାହାର ଏକ ନିର୍ଭରଶୀଳ ବିବରଣୀ ଏଥିରେ ସନ୍ନିବେଶିତ । କେବଳ ରାଜତନ୍ତ୍ର ଶାସିତ ସମୟର ଅବତାରଣାରେ ପୁସ୍ତକଟିର ପୃଷ୍ଠାମାନ ପରିପୂର୍ଣ୍ଣ । କାରଣ ତାହା ଏକ ନିରବଚ୍ଛିନ୍ନ ଐତିହାସିକ ପ୍ରବାହ ବୋଲି ମୁଁ ଉପଲବ୍ଧି କରିଛି । ରାଜତନ୍ତ୍ର ହିଁ ଗଢ଼ିଦେଇଛି ମୟୂରଭଞ୍ଜର ନିରଳସ, ବିନୟୀ, ସଭ୍ୟ, ଅମାୟିକ ବ୍ୟକ୍ତିତ୍ୱକୁ । ବହୁ ବିଭିନ୍ନ ସୂତ୍ରରୁ ଏହି ପୁସ୍ତକରେ ବର୍ଣ୍ଣିତ ଉପାଦାନ ଓ ତଥ୍ୟମାନ ସଂଗୃହୀତ ହୋଇଛି । ସେସବୁକୁ ରକ୍ତ-ମାଂସର ରୂପ ଦେଇଛି ମୟୂରଭଞ୍ଜ ପ୍ରତି ଥିବା ମୋର ମମତାଭରା ଅନୁରାଗ । ଇତିହାସରେ ବର୍ଣ୍ଣିତ ବହୁ ଚରିତ୍ର ଆଜି ଆଉ ନାହାନ୍ତି । ଅଳ୍ପ କେତେକ ଅଛନ୍ତି ନିକଟ ଅତୀତ ଓ ଆଧୁନିକ ଯୁଗର ସଂଯୋଜକ ଭାବରେ । ପୂଜ୍ୟ ପ୍ରସନ୍ନ କୁମାର ଦାସ ତନ୍ମଧ୍ୟରୁ ଜଣେ । ସେମାନେ ଏ ପୁସ୍ତକର ଭାଷା ଓ ଭାବନାକୁ ନିଶ୍ଚୟ ହୃଦୟଙ୍ଗମ କରିବେ । ଅନାଗତ ଭବିଷ୍ୟତର ପାଠକମାନଙ୍କ ପାଇଁ "ମୟୂରଭଞ୍ଜ ଇତିହାସ ଓ ସଂସ୍କୃତିର ମୁଖ୍ୟଧାରା" ଏକ ସକରାତ୍ମକ ବାର୍ତ୍ତା ଓ ଦୃଷ୍ଟିଭଙ୍ଗୀ ପାଇଁ ଆଦୃତ ହେଲେ ମୁଁ ଆନନ୍ଦିତ ହେବି ।

ଏହି ପୁସ୍ତକର ଆତ୍ମପ୍ରକାଶ ପାଇଁ ମୁଁ ଇଞ୍ଜିନିୟର ବନ୍ଧୁ ରବୀନ୍ଦ୍ର କୁମାର ବେହେରା ଓ ପ୍ରକାଶକ ବନ୍ଧୁ ପୀତାମ୍ବର ମିଶ୍ରଙ୍କ ପାଖରେ ଋଣୀ ।

୧୧ ଜୁଲାଇ, ୨୦୦୧
ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ
ପ୍ରତିଷ୍ଠା ଦିବସ
ଶ୍ରୀରାମଚନ୍ଦ୍ରବିହାର, ବାରିପଦା

ଲେଖକ

Digitized by PPRACHIN, SOA

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା
ପ୍ରଥମ	**ମୟୂରଭଞ୍ଜର ପରିଚୟ**	୧
	ଅଧିବାସୀ ଓ ବୃତ୍ତିଗତ ଅବସ୍ଥା, କିମ୍ବଦନ୍ତୀରୁ ଇତିହାସ, ପ୍ରାଗୈତିହାସିକ ଯୁଗ ।	
ଦ୍ୱିତୀୟ	**ପ୍ରାଚୀନ ଇତିହାସ**	୯
	ଗୁପ୍ତୋତ୍ତର ଯୁଗ, ଭଞ୍ଜବଂଶର ଉତ୍ପତ୍ତି, ପ୍ରାଚୀନ ଇତିହାସ, ଭଞ୍ଜ ରାଜତନ୍ତ୍ରର କେତୋଟି ବିଶେଷତ୍ୱ, ଖିଚିଂ (ଖିଜିଙ୍ଗକୋଟ୍ଟ) ।	
ତୃତୀୟ	**ମଧ୍ୟଯୁଗର ଇତିହାସ**	୨୪
	ହରିହରପୁର ବା ହରିପୁର, ମରହଟ୍ଟା ଶାସନ କାଳରେ ମୟୂରଭଞ୍ଜ ।	
ଚତୁର୍ଥ	**ଇଂରେଜ ଅଧୀନରେ ମୟୂରଭଞ୍ଜ ରାଜତନ୍ତ୍ର**	୪୦
	ରାଜା ଦାମୋଦର ଭଞ୍ଜ (ଖ୍ରୀ. ୧୭୬୧–୯୬), ରାଣୀ ସୁମିତ୍ରା ଭଞ୍ଜ (ଖ୍ରୀ. ୧୭୯୬–୧୮୧୧), ରାଜା ତ୍ରିବିକ୍ରମ ଭଞ୍ଜ (ଖ୍ରୀ. ୧୮୧୧–୨୮), ମୟୂରଭଞ୍ଜର ରାଜନୈତିକ ମର୍ଯ୍ୟାଦା, ବାମନଘାଟି ବିଦ୍ରୋହ, ଯଦୁନାଥ ଭଞ୍ଜ (ଖ୍ରୀ. ୧୮୨୮–୬୩), ସିପାହି ବିଦ୍ରୋହ ଓ ରାଜା ଅର୍ଜୁନ ସିଂହ, ଶ୍ରୀନାଥ ଭଞ୍ଜ (ଖ୍ରୀ. ୧୮୬୩–୬୭), କୃଷ୍ଣଚନ୍ଦ୍ର ଭଞ୍ଜ (ଖ୍ରୀ. ୧୮୬୭–୮୨), ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଖ୍ରୀ. ୧୮୯୦–୧୯୧୨), ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ (ଖ୍ରୀ. ୧୯୨୦–୨୮), ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ (ଖ୍ରୀ. ୧୯୨୮–୪୭) ।	
ପଞ୍ଚମ	**ଆଦିବାସୀ ବିଦ୍ରୋହ**	୭୫
	ଆଦିବାସୀ ବିଦ୍ରୋହ (ଖ୍ରୀ. ୧୮୨୧), ଖ୍ରୀ. ୧୮୫୭ ବିଦ୍ରୋହ, ବାମନଘାଟିରେ ପୁନର୍ବାର ବିଦ୍ରୋହ (ଖ୍ରୀ. ୧୮୬୬), ପ୍ରଥମ ବିଶ୍ୱଯୁଦ୍ଧ ଓ ଆଦିବାସୀ ମେଳି ।	
ଷଷ୍ଠ	**ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ**	୮୮
	ସ୍ୱାଧୀନତା ସଂଗ୍ରାମ	
ସପ୍ତମ	**ଲୋକତନ୍ତ୍ର ଶାସନ**	୧୦୮
	ଓଡ଼ିଶା ସହିତ ମିଶ୍ରଣ, ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ (ଜାନୁଆରୀ ୧୯୪୯), ଆଦିବାସୀ ବିଦ୍ରୋହ (ଖ୍ରୀ. ୧୯୪୮), ବାରିପଦା ।	
ଅଷ୍ଟମ	**ଛଉନୃତ୍ୟ – ଏକ ଐତିହାସିକ ଅଧ୍ୟୟନ**	୧୨୩
	ଛଉନୃତ୍ୟର ସମ୍ୟକ୍ ପରିଚୟ, ଇତିହାସ ।	
ନବମ	**ଝୁମର ସଂଗୀତ**	୧୩୬
ଦଶମ	**ପର୍ବପର୍ବାଣି**	୧୩୯

Digitized by PPRACHIN, SOA



Digitized by PPRACHIN, SOA

ରାଜପ୍ରାସାଦ, ବାରିପଦା

Digitized by PPRACHIN, SOA

ବେଲଗଡ଼ିଆ ପ୍ରାସାଦ, ବାରିପଦା

Digitized by PPRACHIN, SOA



ଜୁବୁଲି ଲାଇବ୍ରେରୀ, ବାରିପଦା

Digitized by PPRACHIN, SOA

ମ୍ୟୁନିସିପାଲ ଅଫିସ, ବାରିପଦା

Digitized by PPRACHIN, SOA



ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ରାଜତ୍ୱକାଳ ୧୮୯୨ – ୧୯୧୨)

Digitized by PPRACHIN, SOA

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ (ରାଜତ୍ୱକାଳ ୧୯୨୦ – ୧୯୨୮)

ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ (ରାଜତ୍ୱକାଳ ୧୯୨୮ – ୧୯୪୭)

Digitized by PPRACHIN, SOA

ଜଗନ୍ନାଥ ମନ୍ଦିର (କଳିଙ୍ଗ ଶୈଳୀରେ ନିର୍ମିତ)

ଲକ୍ଷ୍ମୀନାରାୟଣ ମନ୍ଦିର (ଗୌଡ଼ୀୟ ଶୈଳୀରେ ନିର୍ମିତ)

Digitized by PPRACHIN, SOA

ଜଗନ୍ନାଥ ମନ୍ଦିର ଓ ତିନି ରଥ, ବାରିପଦା

Digitized by PPRACHIN, SOA

ଖିଚିଂର କୀଚକେଶ୍ୱରୀ ଚାମୁଣ୍ଡା ମନ୍ଦିର

କୁଟାଇତୁଣ୍ଡୀ ମନ୍ଦିର, ଖିଚିଂ

Digitized by PPRACHIN, SOA

ବିଷ୍ଣୁ (ଖିଚିଂ ସଂଗ୍ରହାଳୟ)

ଏକପାଦ ଭୈରବ (ବାରିପଦା ସଂଗ୍ରହାଳୟ)

ଉମା ମହେଶ୍ୱର (ଖିଚିଂ ସଂଗ୍ରହାଳୟ)

ମହିଷମର୍ଦ୍ଦିନୀ ଦୁର୍ଗା (ଖିଚିଂ ସଂଗ୍ରହାଳୟ)

Digitized by PPRACHIN, SOA



ଛଉନୃତ୍ୟ (ଶବର ଟୋକା)

ଛଉନୃତ୍ୟ (ପଣ୍ଡା ଯୋଡ଼ି)

Digitized by PPRACHIN, SOA



ଛଉନୃତ୍ୟ



ଛଉନୃତ୍ୟ (ଶବର ଟୋକା)

Digitized by PPRACHIN, SOA

ଛଉନୃତ୍ୟ

ଛଉନୃତ୍ୟ

Digitized by PPRACHIN, SOA

ଛଉନୃତ୍ୟ (ଗୀତା)

ଛଉନୃତ୍ୟ (ତାମୁଡ଼ିଆ କୃଷ୍ଣ)

Digitized by PPRACHIN, SOA

ଆଦିବାସୀ ରମଣୀଙ୍କ ଟୁସୁପୂଜା

ଆଦିବାସୀ ରମଣୀଙ୍କ ଆଭୂଷଣ

Digitized by PPRACHIN, SOA

ଶରତଚନ୍ଦ୍ର ଦାସ

ପ୍ରସନ୍ନ କୁମାର ଦାସ

ବୈକୁଣ୍ଠ ସଦୁଆଳ

Digitized by PPRACHIN, SOA

ପ୍ରଥମ ଅଧ୍ୟାୟ

ମୟୂରଭଞ୍ଜର ପରିଚୟ

ପରିଚୟ

ମୟୂରଭଞ୍ଜ ଆଜି ଓଡ଼ିଶା ପ୍ରଦେଶର ଏକ ମୁଖ୍ୟ ଜିଲ୍ଲା । ପୂର୍ବତନ ଗଡ଼ଜାତ ରାଜ୍ୟକୁ ନେଇ ଏହି ଜିଲ୍ଲା ଗଠିତ । ଆୟତନରେ ଏହା ଓଡ଼ିଶା ପ୍ରଦେଶର ସର୍ବବୃହତ୍ ଜିଲ୍ଲା । ଏହାର ଭୌଗୋଳିକ ସୀମା ୨୨°୩୩'' ୪୫ ' ଓ ୨୧° ୧୭'' ୦' ଉତ୍ତର ଅକ୍ଷାଂଶ ମଧ୍ୟରେ ଏବଂ ୮୫° ୪୨'' ୩୦' ଓ ୮୭° ୧୭'' ୧୫' ପୂର୍ବ ଦ୍ରାଘିମା ମଧ୍ୟରେ ଆବଦ୍ଧ । ଗଡ଼ଜାତ ରାଜ୍ୟ ଥିବା ସମୟରେ ଏହା ଉତ୍ତରରେ ସରାଇକଳା ଓ ସିଂହଭୂମ ଓ ମେଦିନୀପୁର, ଦକ୍ଷିଣରେ କେନ୍ଦୁଝର, ନୀଳଗିରି ଓ ବାଲେଶ୍ୱର, ପୂର୍ବରେ ମେଦିନୀପୁର ଓ ବାଲେଶ୍ୱର ଏବଂ ପଶ୍ଚିମରେ ସିଂହଭୂମ ଓ କେନ୍ଦୁଝର ଦ୍ୱାରା ପରିବେଷ୍ଟିତ ଥିଲା । ଭୌଗୋଳିକ ପରିଚୟ ଦୃଷ୍ଟିରୁ ଏହା ତିନିଭାଗରେ ବିଭକ୍ତ । ବାରିପଦା ଓ କପ୍ତିପଦାର ସମତଳ ଭୂଭାଗ, ବାମନଘାଟି ଓ ପାଞ୍ଚପୀଢ଼ ଅଞ୍ଚଳର ମାଳଭୂମି ଓ ମଧ୍ୟଭାଗରେ ଅବସ୍ଥିତ ଶିମିଳିପାଳ ପର୍ବତଶ୍ରେଣୀକୁ ନେଇ ମୟୂରଭଞ୍ଜ ଗଠିତ । ସମଗ୍ର ଜିଲ୍ଲାର ୪୬ ଶତାଂଶ ବିଷୁବମଣ୍ଡଳୀୟ ଜଙ୍ଗଲ ଦ୍ୱାରା ଆବୃତ । ଏହାର ଆୟତନ ପ୍ରାୟ ୪୭୬୬ ବର୍ଗ କିଲୋମିଟର । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ମୟୂରଭଞ୍ଜର ରାଜନୈତିକ ଓ ସାଂସ୍କୃତିକ ଗୁରୁତ୍ୱ ବିଶେଷ ରହିଥିଲା । ଅନେକ ଦିନ ପର୍ଯ୍ୟନ୍ତ ସାମରିକ ଦୃଷ୍ଟିକୋଣରୁ ମଧ୍ୟ ଏହି ଗୁରୁତ୍ୱ ସାମ୍ରାଜ୍ୟବାଦୀ ଶକ୍ତିମାନେ ଉପଲବ୍ଧି କରିଥିଲେ । ଅନେକ ନଦନଦୀ, ଉପତ୍ୟକା, ଗିରିପର୍ବତ ଓ ଗଭୀର ଅରଣ୍ୟାନୀ ଘେନି ମୟୂରଭଞ୍ଜ ଗଠିତ । ଏହାର କ୍ଷେତ୍ରଫଳ ପ୍ରାୟ ୧୦୪୧୮ ବର୍ଗକିଲୋମିଟର । ମଧ୍ୟଭାଗରେ ଅବସ୍ଥିତ ଥିବା ଶିମିଳିପାଳ ପର୍ବତ ଓ ତା'ର ମେଘାସନୀ ନାମକ ଗିରିଶୃଙ୍ଗର ମନୋରମ ପ୍ରାକୃତିକ ଦୃଶ୍ୟ ଦର୍ଶକ ମନରେ କବିତ୍ୱର ଝଙ୍କାର ତୋଳିବା ସହିତ ଜିଲ୍ଲା ଓ ତତ୍‌ସଂଲଗ୍ନ ଅଞ୍ଚଳର ଜଳବାୟୁକୁ ନିୟନ୍ତ୍ରିତ କରିଥାଏ । ଏହି ଗିରିଶ୍ରେଣୀର ବିଭିନ୍ନ ସ୍ଥାନରୁ ଅନେକ କ୍ଷୁଦ୍ର ନଦୀ ନିର୍ଗତ ହୋଇ ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ସହିତ ମିଶିଥାନ୍ତି । ବହୁ ପଶୁପକ୍ଷୀ ଓ ହିଂସ୍ରଜନ୍ତୁମାନଙ୍କ ଦ୍ୱାରା ଶିମିଳିପାଳର ଅଭୟାରଣ୍ୟ ଓ ଘନ ଜଙ୍ଗଲ ପରିପୁଷ୍ଟ । ଜଙ୍ଗଲର ଆଭ୍ୟନ୍ତରୀଣ ଅଞ୍ଚଳ ମ୍ୟାଲେରିଆ ସଂକ୍ରମିତ ହୋଇଥିବାରୁ ବାସୋପଯୋଗୀ ନୁହେଁ । କିନ୍ତୁ ଖଡ଼ିଆ ଏବଂ କୋହ୍ଲ ଆଦି ଅନୁସୂଚିତ ଗିରିଜନ ଛୋଟ ଛୋଟ ଗ୍ରାମ ସ୍ଥାପନ କରି ସେଠାରେ ବାସ କରନ୍ତି । ଏହି ଆଦିବାସୀମାନେ ହିଁ

Digitized by PPRACHIN, SOA

ମୟୂରଭଞ୍ଜ-ଜନସମାଜର ମୁଖ୍ୟଧାରା । ବହୁ ପ୍ରାଚୀନ କାଳରୁ ସେମାନେ ସଭ୍ୟତାର ସ୍ଫୁରଣ ସହ ମୟୂରଭଞ୍ଜର ପ୍ରଗତି ସଙ୍ଗେ ନିଜକୁ ସଂପୃକ୍ତ କରିଅଛନ୍ତି ।

ଅଧିବାସୀ ଓ ବୃତ୍ତିଗତ ଅବସ୍ଥା

୧୯୯୧ର ଜନଗଣନା ଅନୁସାରେ ମୟୂରଭଞ୍ଜର ଜନସଂଖ୍ୟା ୧୮ ଲକ୍ଷ ୮୪ ହଜାର ଅଟେ । ପ୍ରତ୍ୟେକ ବର୍ଗ କିଲୋମିଟରରେ ହାରାହାରି ୧୮୦ ଜଣ ଲୋକ ବସବାସ କରନ୍ତି । ଓଡ଼ିଶା ପ୍ରଦେଶର ଜନବସତି ପ୍ରତ୍ୟେକ ବର୍ଗ କିଲୋମିଟରରେ ୨୦୨ ହୋଇଥିବାରୁ ତୁଳନାତ୍ମକ ଦୃଷ୍ଟିରେ ମୟୂରଭଞ୍ଜ ଏକ ଅନୁନ୍ନତ ଅଞ୍ଚଳ ଭାବେ ସ୍ୱୀକୃତ ହୁଏ । ଜିଲ୍ଲାର ଅଧିବାସୀମାନେ ମୁଖ୍ୟତଃ ୩୭୦୯ ସଂଖ୍ୟକ ଗ୍ରାମରେ ବିଛୁରିତ ହୋଇଥିବାର ଦେଖାଯାଏ । ସମଗ୍ର ଜିଲ୍ଲାରେ ସହର ସଂଖ୍ୟା ମାତ୍ର ଚାରୋଟି । ତେଣୁ ଗ୍ରାମୀଣ ଅଧିବାସୀଙ୍କ ସଂଖ୍ୟା ଶତକଡ଼ା ୯୪ । ଏହା ମଧ୍ୟ ଅନଗ୍ରସରତାର ଅନ୍ୟ ଏକ ଦୃଷ୍ଟାନ୍ତ ।

ମୟୂରଭଞ୍ଜର ଅଧିକାଂଶ ଅଧିବାସୀ ଶ୍ରମଜୀବୀ ଓ କୃଷକ । କୃଷି ଉପରେ ଶତକଡ଼ା ୪୧ ଭାଗ ଲୋକ ନିର୍ଭରଶୀଳ । ଶ୍ରମଦ୍ୱାରା ଜୀବିକାନିର୍ବାହ କରନ୍ତି ଶତକଡ଼ା ୨୫ ଭାଗ ଏବଂ କ୍ଷୁଦ୍ର ଓ କୁଟୀର ଶିଳ୍ପ ଉପରେ ନିର୍ଭର କରନ୍ତି ଶତକଡ଼ା ଛ' ଦଶମିକ । ବାକି ସମସ୍ତେ ସାମୟିକ ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ କାଳାତିପାତ କରିଥାନ୍ତି । କୃଷି ଲୋକମାନଙ୍କର ପ୍ରଧାନ ଜୀବିକା ହୋଇଥିବାରୁ ଏବଂ କୃଷି ପ୍ରଣାଳୀ ଉନ୍ନତ ଧରଣର ହୋଇ ନ ଥିବାରୁ ଉତ୍ପାଦିତ ଶସ୍ୟ ପରିମାଣ ଆର୍ଥନୀତିକ ମାନବୃଦ୍ଧିରେ ସହାୟକ ହୋଇପାରିନି । ଉତ୍ପନ୍ନ ଶସ୍ୟ ମଧ୍ୟରେ ଧାନ, ଗହମ, ବାଦାମ, ରବି ଜାତୀୟ ଶସ୍ୟ ପ୍ରଧାନ । ଜଳସେଚନ ପ୍ରଣାଳୀ ବା ଉନ୍ନତ ଧରଣର କୃଷିପଦ୍ଧତି ସହିତ କୃଷକମାନେ ବିଶେଷ ଅଭ୍ୟସ୍ତ ନୁହନ୍ତି । କେବଳ ସଦର ସବ୍‌ଡିଭିଜନ ଓ କପ୍ତିପଦା ବ୍ୟତୀତ ଅନ୍ୟ ଅଞ୍ଚଳ ସମତଳ ଭୂଭାଗ ହୋଇ ନ ଥିବାରୁ ଜଳସେଚନ ପାଇଁ ଅନୁପଯୁକ୍ତ । କୃଷିକାର୍ଯ୍ୟପାଇଁ ବ୍ୟବହୃତ ହେଉଥିବା ଜମିର ୨୬ ଶତାଂଶ ଜଳସେଚିତ ।

ଆର୍ଥନୀତିକ ପ୍ରଗତିପାଇଁ ମୟୂରଭଞ୍ଜର ଭିତ୍ତିଭୂମି ପର୍ଯ୍ୟାପ୍ତ ନୁହେଁ । ଶିଳ୍ପର ପ୍ରଗତି ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇ ନ ଥିବା ପରିତାପର ବିଷୟ । ବର୍ତ୍ତମାନର ଅଧ୍ୟୟନରୁ ଜଣାପଡ଼େ ଯେ, ମୟୂରଭଞ୍ଜର ଗମନାଗମନୋପଯୋଗୀ ଜାତୀୟ ଓ ରାଜ୍ୟ ରାଜପଥର ଦୈର୍ଘ୍ୟ ୧୩, ୭୧୩ କି.ମି., ରେଳପଥର ଦୈର୍ଘ୍ୟ ୧୫୦ କି.ମି. । ସ୍ଥାପିତ ବ୍ୟାଙ୍କ ସଂଖ୍ୟା ୧୩୧ ଓ ବିଦ୍ୟୁତ୍ ସଂଯୋଗ ଥିବା ଗ୍ରାମ ଓ ସହର ସଂଖ୍ୟା ୬୦ ଶତାଂଶ ।

ଗୁରୁ ଓ ଲଘୁ ଶିଳ୍ପର ଅଭାବ ଦୃଷ୍ଟିରୁ କର୍ମନିଯୁକ୍ତି ଏକ ବଡ଼ ସମସ୍ୟା । ବେକାର ସମସ୍ୟା ସହିତ ଦାରିଦ୍ର୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଗଚ୍ଛିତ ପ୍ରାକୃତିକ ସଂପଦର ପୂର୍ଣ୍ଣ ବିନିଯୋଗ ହୋଇ ନ ଥିବା ଦୁର୍ଭାଗ୍ୟଜନକ । ଉଦ୍ୟୋଗୀ ଶ୍ରେଣୀର ଅଭାବ ସର୍ବତ୍ର ଅନୁଭୂତ । ୧୯୯୫ରେ ମାତ୍ର ୫୧ଟି ଶିଳ୍ପ ରେଜିଷ୍ଟ୍ରିଭୁକ୍ତ ହୋଇଥିବାର ଜଣାଯାଏ । ଜିଲ୍ଲାରେ ବେକାର ସଂଖ୍ୟା ୧୯୯୫ରେ ୪ ଲକ୍ଷ ୨୮ ହଜାର ଥିଲା । ଶିକ୍ଷାକ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ମୟୂରଭଞ୍ଜରେ ପରିଲକ୍ଷିତ ହୁଏ ନାହିଁ । ଶିକ୍ଷିତମାନଙ୍କ ସଂଖ୍ୟା

Digitized by PPRACHIN, SOA

ଗତ ଦଶନ୍ଧିରେ ଥିଲା ଶତକଡ଼ା ୩୮ ମାତ୍ର । ସମଗ୍ର କଲେଜ ସଂଖ୍ୟା ଥିଲା ୬୦ ଏବଂ ସେକେଣ୍ଡାରୀ ବିଦ୍ୟାଳୟ ସଂଖ୍ୟା ଥିଲା ୭୩୧ । ଗତ ଏକବର୍ଷ ମଧ୍ୟରେ ଗୋଟିଏ ଯାନ୍ତ୍ରିକ ମହାବିଦ୍ୟାଳୟ ଓ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି । ଏସବୁ ଦୃଷ୍ଟିରୁ ଲକ୍ଷ୍ୟ କଲେ ମୟୂରଭଞ୍ଜ ଏକ ଅନୁନ୍ନତ ଜିଲ୍ଲା ବୋଲି ସ୍ୱୀକୃତ ହୁଏ । ଆର୍ଥନୀତିକ ପ୍ରଗତି କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାହା ନିମ୍ନୋକ୍ତ ପ୍ରକାରର । କୃଷିକ୍ଷେତ୍ରରେ ଆଧୁନିକ ପଦ୍ଧତିର ଅଭାବ ହେତୁ କୃଷି ଉତ୍ପାଦନ ପର୍ଯ୍ୟାପ୍ତ ନୁହେଁ । ଶିଳ୍ପଉଦ୍ୟୋଗର ଅନୁପସ୍ଥିତି ଅନଗ୍ରସରତାର ଅନ୍ୟତମ ମୁଖ୍ୟ କାରଣ । ସାକ୍ଷରତା ବିନା ସଚେତନ ନାଗରିକ ସୃଷ୍ଟି କରିବା ଅସମ୍ଭବ । ଶାସନକଳର ଉଦାସୀନତାକୁ ଅଶିକ୍ଷିତ ଜନସାଧାରଣ ପରିବର୍ତ୍ତନମୁଖୀ କରିବାରେ ଅସମର୍ଥ ।

ମୟୂରଭଞ୍ଜର ଅଧିବାସୀମାନେ ମୁଖ୍ୟତଃ ଅନୁସୂଚିତ ଜାତି ଓ ସଂପ୍ରଦାୟର । ଉତ୍ତରାଞ୍ଚଳର ସିଂହଭୂମ ସହିତ ସେମାନଙ୍କର ନିବିଡ଼ ସଂପର୍କ ଥିବାର ଦେଖାଯାଏ । 'ମୟୂରଭଞ୍ଜ, କେନ୍ଦୁଝର, ବଣାଇ, ସୁନ୍ଦରଗଡ଼ର ଗଭୀର ଅରଣ୍ୟାନୀରେ ସେମାନେ ବସବାସ କରିଥାନ୍ତି । ସିଂହଭୂମ ଜିଲ୍ଲାରେ ଶିଳ୍ପନଗରୀମାନ ଗଢ଼ିଉଠିବାରୁ ସାନ୍ତାଳ ଓ କୋହ୍ଲ ସଂପ୍ରଦାୟର ଆଦିବାସୀମାନେ ମୟୂରଭଞ୍ଜର ଶିମିଳିପାଳ ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇଛନ୍ତି । ବଣଜଙ୍ଗଲ ପରିଷ୍କାର କରି ସେମାନେ ନୂତନ ଗ୍ରାମ ଓ ବସତି ସ୍ଥାପନ କରିଥିବାର ଦେଖାଯାଏ । ନିକଟ ଅତୀତରେ ହଜାର ହଜାର ସଂଖ୍ୟାରେ ସେମାନଙ୍କ ଆଗମନ ଫଳରେ ମୟୂରଭଞ୍ଜର ଜଙ୍ଗଲ ସଂପଦ ବିପନ୍ନ ହୋଇଥିବାରୁ ପରିବେଶ ପ୍ରତି ଘୋର ସଂକଟ ଉପୁଜିଅଛି । ୧୯୫୧ ରୁ ୧୯୬୧ ମଧ୍ୟରେ ଦକ୍ଷିଣ ବିହାରରୁ ବନବାସୀମାନେ ଅଧିକରୁ ଅଧିକ ସଂଖ୍ୟାରେ ମୟୂରଭଞ୍ଜ ଭିତରକୁ ଅନୁପ୍ରବେଶ କରି ଶିମିଳିପାଳର ସଂରକ୍ଷଣରେ ବାଧା ସୃଷ୍ଟି କରିଅଛନ୍ତି । ଏହି ଅନୁପ୍ରବେଶର ବିଷମ ପରିଣତି କ୍ରମେ ଉପଲବ୍ଧ ହେଉଅଛି । ଅନୁପ୍ରବେଶକାରୀମାନେ ମୂଲ୍ୟବାନ ବୃକ୍ଷ କାଟିବାଦ୍ୱାରା ଜଙ୍ଗଲ ସଂପଦର ଘୋର ଅବକ୍ଷୟ ହେଉଅଛି ଏବଂ ତାର ପ୍ରଭାବ ଜଳବାୟୁ ଓ ବୃଷ୍ଟିପାତ ଉପରେ ସୁସ୍ପଷ୍ଟ ।

ମୟୂରଭଞ୍ଜର ଅନୁସୂଚିତ ବନବାସୀମାନଙ୍କ ଭିତରେ ସାନ୍ତାଳ, କୋହ୍ଲ, ମୁଣ୍ଡା, ଭୂମିଜ, ବାଥୁଡ଼ି, ଧାରୁଆ, ଖଡ଼ିଆ ଆଦି ପ୍ରଧାନ । ସେମାନେ କହୁଥିବା ଭାଷା ମୁଣ୍ଡା ପରିବାର ସହିତ ସଂପୃକ୍ତ ବୋଲି ପଣ୍ଡିତମାନଙ୍କର ଅଭିମତ । ସାନ୍ତାଳମାନଙ୍କ କଥିତ ଭାଷା ସାନ୍ତାଳୀ । ଏହା ଦୁଇପ୍ରକାରର । ମୟୂରଭଞ୍ଜୀୟ ସାନ୍ତାଳମାନେ କହୁଥିବା ଭାଷାକୁ ଦକ୍ଷିଣୀ ସାନ୍ତାଳୀ କୁହାଯାଏ । ମୁଣ୍ଡାରୀ ସହିତ ଏହାର ସଂପର୍କ ରହିଛି । ପ୍ରତିବେଶୀ ଆଞ୍ଚଳିକ ଭାଷାରୁ ଅନେକ ଶବ୍ଦ ସାନ୍ତାଳୀ ଭାଷାରେ ଗୃହୀତ ହୋଇଛି । ସେହିପରି 'ହୋ' ଅନ୍ୟ ଏକ ସ୍ୱତନ୍ତ୍ର ଭାଷା, ଯାହାକି ଅନ୍ୟୂନ ଲକ୍ଷାଧିକ ଆଦିବାସୀଙ୍କର ମାତୃଭାଷା । ଭୂମିଜମାନେ କହୁଥିବା ଭାଷା 'ଭୂମିଜୀ' ନାମରେ ପରିଚିତ । ସେମାନେ 'ଭୂମିଜୀ' ସହିତ ଓଡ଼ିଆଭାଷା ମଧ୍ୟ ବ୍ୟବହାର କରିଥାନ୍ତି । ମୁଣ୍ଡାରୀ ଭାଷାଭାଷୀଙ୍କ ସଂଖ୍ୟା ଅନ୍ୟୂନ ୬୦ ହଜାର । ସାନ୍ତାଳୀ ଓ ମୁଣ୍ଡାରୀ ଭିତରେ ସାମଞ୍ଜସ୍ୟ ଅଛି । ଓରାଓଁ

Digitized by PPRACHIN, SOA

ଭାଷା କହୁଥିବା ଆଦିବାସୀଙ୍କ ସଂଖ୍ୟା ଅତି କମ୍ । ଭୂମିଜ, ହୋ, ଓରାଓଁ ଏବଂ ସାନ୍ତାଳୀ ଭାଷାରେ ଓଡ଼ିଆ ଭାଷାର ପ୍ରଭାବ ଦିନୁଦିନ ବୃଦ୍ଧି ପାଉଛି । ଏମାନଙ୍କ ନିଜର ସ୍ୱତନ୍ତ୍ର ଲିପି ନାହିଁ । କେତେକ ଖ୍ରୀଷ୍ଟିଆନ ମିସନାରୀ ରୋମାନ୍ ଲିପିର ପ୍ରଚଳନ ପାଇଁ ଚେଷ୍ଟା କରି ବିଫଳ ହେବା ପରେ ପଣ୍ଡିତ ରଘୁନାଥ ମୁର୍ମୁ ନାମକ ସାନ୍ତାଳୀ ଗବେଷକ 'ଓଲଚିକି' ଲିପିର ପ୍ରଚଳନ ଆରମ୍ଭ କରିଛନ୍ତି । ଏହି ଲିପିର ସ୍ୱାତନ୍ତ୍ର୍ୟ ଦୃଷ୍ଟିରୁ ସାନ୍ତାଳମାନେ ସାଂବିଧାନିକ ସ୍ୱୀକୃତି ପାଇଁ ଆନ୍ଦୋଳନ କରିବା ସ୍ୱାଭାବିକ । ଜିଲ୍ଲାର ଆଦିମ ଅଧିବାସୀଙ୍କ ଭିତରେ ଅନୁସୂଚିତ ଜାତି ଓ ଉପଜାତିଙ୍କ ସଂଖ୍ୟା Mayurbhanj District Gazetteers ପୃଷ୍ଠା ୧୧୬-୧୧୭ରେ ୧୯୬୧ ଜନଗଣନା ଉପରେ ଭିତ୍ତିକରି ପ୍ରଦତ୍ତ ହୋଇଅଛି । ପରବର୍ତ୍ତୀ ଜନଗଣନାରେ ମଧ ଦେଖାଯାଇଛି ଯେ ସାନ୍ତାଳ, କୋହ୍ଲ, ଭୂମିଜ, ବାଥୁଡ଼ି, ଭୂୟାଁ, ହୋ, ଗଣ୍ଡ, ଖଡ଼ିଆ, ଶବର, ମୁଣ୍ଡା, ଓରାଓଁ, କାଉଆ, କନ୍ଧ, ଧାଉଆ ଇତ୍ୟାଦି ମୟୂରଭଞ୍ଜର ମୁଖ୍ୟ ବନବାସୀ ।

କିମ୍ବଦନ୍ତୀରୁ ଇତିହାସ

ମୟୂରଭଞ୍ଜ ରାଜ୍ୟ ପ୍ରାୟ ଏକହଜାର ତିନିଶହ ବର୍ଷ ପୂର୍ବେ ରାଜପୁତାନାର ଜୟପୁର ରାଜ୍ୟର ରାଜା ଜୟସିଂହଙ୍କ ଦ୍ୱାରା ସ୍ଥାପିତ ହୋଇଥିବାର କିମ୍ବଦନ୍ତୀ ଅଛି । ଜୟସିଂହ ପୁରୀକୁ ଜଗନ୍ନାଥଙ୍କ ଦର୍ଶନ ଅଭିପ୍ରାୟରେ ଆସିଥିବା ସମୟରେ ଗଜପତି ରାଜାଙ୍କ କନ୍ୟାଙ୍କୁ ବିବାହ କରି ହରିହରପୁର ଯୌତୁକ ରୂପେ ଲାଭ କରିଥିଲେ । ମୟୂରଭଞ୍ଜର ରାଜବଂଶାବଳୀରେ ଉଲ୍ଲେଖ ଅଛି ଯେ ଜୟସିଂହ ନିଜର ଦୁଇପୁତ୍ରଙ୍କୁ ସଙ୍ଗରେ ଘେନି ପୁରୀ ଆଗମନ କରିଥିଲେ ଏବଂ ତାଙ୍କ ଜ୍ୟେଷ୍ଠପୁତ୍ର ଆଦିସିଂହଙ୍କ ସହିତ ପୁରୀ ରାଜକନ୍ୟାଙ୍କ ଶୁଭପରିଣୟ ସଂପନ୍ନ ହୋଇଥିଲା । ଏହି କିମ୍ବଦନ୍ତୀର କୌଣସି ଐତିହାସିକ ସତ୍ୟତା ନାହିଁ, କାରଣ ରାଜପୁତାନାର ଜୟପୁର ରାଜ୍ୟ ମାତ୍ର ତିନିଶହ ବର୍ଷ ପୂର୍ବେ ଅଷ୍ଟାଦଶ ଶତାବ୍ଦୀରେ ମହାରାଜା ସୱାଇ ଜୟସିଂହଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ତେଣୁ ମୟୂରଭଞ୍ଜର ପ୍ରାଚୀନ ଇତିହାସ ପାଇଁ ନିର୍ଭରଯୋଗ୍ୟ ଉପାଦାନ ଅନ୍ୟତ୍ର ସଂଧାନ କରିବା ଆବଶ୍ୟକ । ଏହି ଉପଲକ୍ଷରେ ଆମକୁ ପ୍ରତ୍ନତତ୍ତ୍ୱର ସାହାଯ୍ୟ ନେବାକୁ ପଡ଼ିବ । ପ୍ରତ୍ନତତ୍ତ୍ୱ ହିଁ କେବଳ ବିଶ୍ୱାସଯୋଗ୍ୟ ପ୍ରାମାଣିକ ତଥ୍ୟ ଦେବାରେ ସମର୍ଥ ।

ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ମୟୂରଭଞ୍ଜର ନାମକରଣ ବାମନଘାଟିର ରାଜା ମୟୂରଧ୍ୱଜଙ୍କ ନାମାନୁସାରେ ହୋଇଥିବାର ଜଣାଯାଏ । ସ୍ୱଦେଶକୁ ଜୟସିଂହ ପ୍ରତ୍ୟାବର୍ତ୍ତନ କରିବା ସମୟରେ ବାମନଘାଟିର ଶାସକ ମୟୂରଧ୍ୱଜଙ୍କୁ ପରାସ୍ତ କରିଥିଲେ । ମୟୂରଧ୍ୱଜଙ୍କ ପାଇଁ ମୟୂରପକ୍ଷୀକୁ ମୟୂରଭଞ୍ଜର ରାଜକୀୟ ଚିହ୍ନ ଭାବରେ ଗ୍ରହଣ କରାଯାଏ । କିନ୍ତୁ ଓଡ଼ିଶାର ଗଡ଼ଜାତମାନଙ୍କ ସ୍ୱତନ୍ତ୍ର ଇତିହାସ ପର୍ଯ୍ୟାଲୋଚନା କଲେ ଏହାର ଭିନ୍ନ କାରଣ ଜଣାପଡ଼େ । ମୟୂରଭଞ୍ଜରେ ରାଜତ୍ୱ କରିଥିବା ଭଞ୍ଜବଂଶୀୟ ରାଜାମାନେ ନିଜର ଉତ୍ପତ୍ତି ମୟୂରପକ୍ଷୀର ଅଣ୍ଡାରୁ ହୋଇଥିବା ବିଷୟ ତାମ୍ରଶାସନମାନଙ୍କରେ ଉଲ୍ଲେଖ କରିଅଛନ୍ତି । ଭଞ୍ଜ ବଂଶର ପ୍ରତିଷ୍ଠାତା ଗଣଦଣ୍ଡ ବୀରଭଦ୍ର ଓରଫ ଆଦିଭଞ୍ଜ ମୟୂରୀ ଅଣ୍ଡାରୁ ଜନ୍ମ ହେବାପରେ ଆର୍ଯ୍ୟମୁନି ବଶିଷ୍ଠଙ୍କ

Digitized by PPRACHIN, SOA

ଦ୍ୱାରା ପ୍ରତିପାଳିତ ହୋଇଥିବାର କିମ୍ବଦନ୍ତୀ ତାମ୍ରଲେଖମାନଙ୍କ ପ୍ରାରମ୍ଭରେ ବର୍ଣ୍ଣିତ ହୋଇଅଛି ।

ଅସୀତ୍ ମୟୂରାଣ୍ଡଂଭିତ୍ୱା ଗଣଦଣ୍ଡ ବୀରଭଦ୍ରାଖ୍ୟଃ
ପ୍ରତିପକ୍ଷ ନିଧନ ଦକ୍ଷେ ବଶିଷ୍ଠ ମୁନି ପାଳିତ ନୃପତିଃ ।

ମୟୂରଭଞ୍ଜରେ ଜନ୍ମିତ ବ୍ୟକ୍ତିମାନଙ୍କ ଜାତକରେ ସମସାମୟିକ ରାଜାଙ୍କ ବିରୁଦାବଳୀ ଲେଖାଯାଉଥିଲା । ଯଥା –

'ଆଦ୍ୟ ବ୍ରାହ୍ମଣଘାଟି ଶୁଭସ୍ଥାନାଧିପତି ଭଞ୍ଜକୁଳ କମଳ ପ୍ରକାଶିତ
ମୟୂରାଣ୍ଡୋଦ୍ଭବ, ବଶିଷ୍ଠ ମୁନି ପ୍ରତିପାଳିତ ଗୋ ବ୍ରାହ୍ମଣରକ୍ଷାକରକ' ଆଦି –

ମୟୂରବଂଶଜ ହୋଇଥିବାରୁ ମୟୂରପକ୍ଷୀକୁ ପବିତ୍ର ସମ୍ମାନନୀୟ ପକ୍ଷୀଭାବରେ ଭଞ୍ଜ ରାଜାମାନେ ଗ୍ରହଣ କରିଥିଲେ । ମୟୂରଧ୍ୱଜ ନାମକ କୌଣସି ରାଜାଙ୍କ ଐତିହାସିକ ସତ୍ତା କିମ୍ବଦନ୍ତୀ ବ୍ୟତୀତ ଅନ୍ୟତ୍ର ମିଳେ ନାହିଁ ।

ପ୍ରାଗୈତିହାସିକ ଯୁଗ

କିମ୍ବଦନ୍ତୀମାନ ବିଶ୍ୱାସଯୋଗ୍ୟ ନ ହେଲେ ମଧ ମୟୂରଭଞ୍ଜର ଇତିହାସ ଯେ ଅତି ପ୍ରାଚୀନ ଏଥିରେ ସନ୍ଦେହର ଅବକାଶ ନାହିଁ । ମାନବ ସଭ୍ୟତାର ପଦଧ୍ୱନି ଓ ଗୁଞ୍ଜରଣ ସନ୍ଧାନରେ ପ୍ରତ୍ନତତ୍ତ୍ୱବିଦ୍‌ମାନେ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ପ୍ରଯତ୍ନ କରିଆସିଅଛନ୍ତି । ସେମାନଙ୍କ ଉଦ୍ୟମ ଫଳପ୍ରସୂ ହୋଇଛି । ପ୍ରାଗୈତିହାସିକ ପ୍ରସ୍ତର ଯୁଗରେ ଆଦିମ ମନୁଷ୍ୟର ସଭ୍ୟତା ଏହି ଘନ ଅରଣ୍ୟଭରା ଓ ନଦନଦୀ ଉପତ୍ୟକା ମଧ୍ୟରେ ବିକଶିତ ହୋଇଥିଲା । ବୁଢ଼ାବଳଙ୍ଗ ଓ ତାର ଉପନଦୀ ସୋଣ ଏବଂ ଗଙ୍ଗାହାର ଉପକୂଳରେ ଆଦିମ ସଭ୍ୟତାର ପ୍ରମାଣ ମିଳିଅଛି । ସେ ଯୁଗରେ ମନୁଷ୍ୟ ଜଳସ୍ରୋତ ନିକଟରେ ବସବାସ କରୁଥିଲା । ପାନୀୟଜଳ ସଂଗ୍ରହ ଓ ବଣ୍ୟଜନ୍ତୁ ଶିକାର ତା'ପାଇଁ ସହଜ ହେଉଥିଲା । ଗୁମ୍ଫାରେ ରହି ମଧ ସେ କ୍ଷୁଦ୍ରକାୟ ପଶୁକୁ ଧରି ମାରିପାରୁଥିଲା । ଅରଣ୍ୟର ଆବରଣ ମଧ୍ୟରେ ସେ ନିଜକୁ ସୁରକ୍ଷିତ ରଖିପାରୁଥିଲା । ବଣଜଙ୍ଗଲର ଫଳମୂଳ ଭକ୍ଷଣ କରିବାଦ୍ୱାରା ଅନେକ ସମୟରେ ସେ କ୍ଷୁଧା ଦୂରୀଭୂତ କରିପାରୁଥିଲା । ସେତେବେଳେ ବ୍ୟବହାର କରୁଥିବା ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ଅତି ସାଧାରଣ ଥିଲା । ନଦୀରେ ମିଳୁଥିବା ବାଲିଗରଡ଼ା ଗୋଲାକୃତି ପଥରକୁ ଅଳ୍ପବୁଦ୍ଧି ଓ ଶ୍ରମ ପ୍ରୟୋଗ ଦ୍ୱାରା ଅସ୍ତ୍ରରେ ପରିଣତ କରୁଥିଲା । ଦୁଇଟି ପଥରକୁ ପରସ୍ପର ସହିତ ପିଟିଦେଲେ ଧାରୁଆ ଖଣ୍ଡମାନ ତିଆରି ହୋଇପାରୁଥିଲା । ଏହି ଧାରୁଆ ପଥରଖଣ୍ଡମାନଙ୍କୁ ସେ ଅସ୍ତ୍ର ଭାବରେ ବ୍ୟବହାର କରୁଥିଲା । କୁଳିଅଣାରେ ଏପରି ପଥର ତିଆରି ଅସ୍ତ୍ର ମିଳିଥିବାରୁ ପୁରାତନ ପ୍ରସ୍ତର ଯୁଗରେ ଆଦିମ ମନୁଷ୍ୟର ବାସସ୍ଥାନ ସେଠାରେ ଥିବା ପ୍ରମାଣିତ ହୁଏ । ପଥର ନିର୍ମିତ ଅସ୍ତ୍ର ଆଦିମ ମନୁଷ୍ୟର ବୈଷୟିକ ଜ୍ଞାନ ଓ ସଭ୍ୟତାର ପ୍ରଥମ ପରିଚୟ ପତ୍ର । ଭାରତର ଉତ୍ତରପଶ୍ଚିମାଞ୍ଚଳରେ କାଶ୍ମୀର ଉପତ୍ୟକାରେ ପ୍ରବାହିତ ସୋଆନ ନଦୀ ଉପତ୍ୟକାରେ ଅନୁରୂପ ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ମିଳୁଥିବାରୁ

Digitized by PPRACHIN, SOA

ମୟୂରଭଞ୍ଜର କୁଳିଅଣାଠାରେ ସୋଆନ ସଭ୍ୟତାର ସମସାମୟିକ ସଭ୍ୟତା ବିକଶିତ ହୋଇଥିବା ସ୍ୱୀକୃତ ହୋଇଅଛି । ମିଳିଥିବା ଅସ୍ତ୍ର କେବଳ ରୁକ୍ଷ ଧାରୁଆ ପଥରଖଣ୍ଡ ନୁହେଁ, ତା ସହିତ ପଥର ନିର୍ମିତ କୁଠାର, ଭୂଇଁ ଖୋଳିବା ଓ ଚମଡ଼ା ଛାଲିବା ଅସ୍ତ୍ର ମଧ ମିଳିଅଛି । କ୍ରମେ କ୍ରମେ ବୁଦ୍ଧି ଓ ବୈଷୟିକ ଜ୍ଞାନର ବିକାଶ ଫଳରେ ଆଦିମ ମନୁଷ୍ୟ ନିଜର ବ୍ୟବହାର ପାଇଁ ରୁକ୍ଷ ଦାନ୍ତୁଆ ଅସ୍ତ୍ରକୁ ମସୃଣ ଓ ଶାଣିତ କରିବାରେ ସମର୍ଥ ହୋଇଥିଲା । ଏହି ଶୈଳୀ ସହିତ ଫ୍ରାନ୍ସର ଏବିର୍ଭିଲିଥାନ୍ ଓ ଏସୁଲିଆନ୍ (Abbevilian and Acheulian) ଏବଂ କ୍ଲାକ୍ଟୋନିଆନ୍ (Clactonian) ଶୈଳୀର ଅନେକ ସାମଞ୍ଜସ୍ୟ ରହିଛି । ଏଥିରୁ ମନେହୁଏ ଯେ ମୟୂରଭଞ୍ଜରେ ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ରର ବିକାଶ ଅଳ୍ପ ସମୟ ମଧ୍ୟରେ ସମ୍ଭବ ହୋଇଥିଲା । କିନ୍ତୁ କୋର ଏବଂ ଫ୍ଲେକ୍ (Core and Flake) ଶିଳ୍ପ ମଧ୍ୟରେ ବେଶି ଦିନର ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । ଉଭୟ ପ୍ରକାର ଅସ୍ତ୍ର ଏକ ସ୍ତରରେ ମିଳୁଥିବାରୁ ସେଗୁଡ଼ିକର ପ୍ରସ୍ତୁତିକରଣରେ ମୟୂରଭଞ୍ଜର ଆଦିମ ମନୁଷ୍ୟର ପ୍ରଗତି ଅଳ୍ପ ସମୟ ଭିତରେ ସମ୍ଭବ ହୋଇଥିବାର ମନେହୁଏ । କିନ୍ତୁ ଅସ୍ତ୍ରଗୁଡ଼ିକ ଅତି ଉଚ୍ଚକୋଟୀର ହୋଇ ନ ଥିବାରୁ ପ୍ରସ୍ତୁତିକରଣ ପ୍ରକ୍ରିୟାରେ ସେ ପାରଦର୍ଶିତା ଲାଭ କରି ନ ଥିବା ସମ୍ଭବ । ବୈଷୟିକ ଜ୍ଞାନର ମାନ ମଧ୍ୟମ ଧରଣର ଥିଲା । ଆମ୍ବଶିକଡ଼ା, ବାଁସପା, ବାରାସୋଲ, ବାରିପଦା, ବାଙ୍ଗିରିପୋଷି, ବିଜାତଳା, ବିଶୋଇ, ବ୍ରାହ୍ମଣଗାଉଁ, ବୁଢ଼ାମରା, ଭୁଆସୁଣୀ, ଦୋମୁହାଣି, ଘଣ୍ଟଶିଳା, କୁଚାଇ, କୁଳିଅଣା, କୁମାରପାଳ, କୋଇଲିସୂତା, କଳାବାଡ଼ିଆ, କେନ୍ଦୁଡିହା, ମହୁଲିଆ, ମେଣ୍ଢାଖାଇ, ପ୍ରତାପପୁର, ପଟିଞ୍ଜା ଓ ସଣ୍ଡିମ ଆଦି ସ୍ଥାନରେ ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ର ମିଳିଅଛି ।

ପ୍ରାଚୀନ ପ୍ରସ୍ତର ଯୁଗରେ ମନୁଷ୍ୟର ଜୀବନଧାରଣ ପାଇଁ ଆବଶ୍ୟକତା ସୀମିତ ଥିବାରୁ ଅସ୍ତ୍ରଗୁଡ଼ିକର ବିଭିନ୍ନତା ପରିଲକ୍ଷିତ ହୁଏ ନାହିଁ । ହସ୍ତବ୍ୟବହୃତ କୁଠାରର ବହୁଳ ବ୍ୟବହାର ହେଉଥିଲା । ସେଗୁଡ଼ିକର ସଂଖ୍ୟା ଅନେକ ଥିବାରୁ ମନେହୁଏ ଯେପରି ପ୍ରତ୍ୟେକ କାର୍ଯ୍ୟପାଇଁ ତାହା ଥିଲା ସୁବିଧାଜନକ ଅସ୍ତ୍ର । ପରବର୍ତ୍ତୀକାଳରେ ମଧ ପ୍ରସ୍ତରଯୁଗରେ ଆବଶ୍ୟକତା ଅନୁଯାୟୀ ଅସ୍ତ୍ର ପ୍ରସ୍ତୁତ ହେଲା । ସେଥିପାଇଁ ମନୁଷ୍ୟକୁ ନୂତନ କୌଶଳ ଓ ଶୈଳୀ ବିକାଶ କରିବାକୁ ପଡ଼ିଲା । ପ୍ରାଚୀନ ପ୍ରସ୍ତର ଯୁଗରେ ମନୁଷ୍ୟଦ୍ୱାରା ନିର୍ମିତ ସ୍ୱତନ୍ତ୍ର ଆବାସସ୍ଥଳୀ ନ ଥିଲା । ସେ ପ୍ରକୃତି ସହ ମିଳିମିଶି ଚଳୁଥିଲା । ଚେରମୂଳ, ଫଳ ଓ କୀଟପତଙ୍ଗ ଖାଇ ସେ ବଞ୍ଚୁଥିଲା । ଶିକାରୀ ଭାବରେ ସେ ବିଶେଷ ଉପାୟ ଅବଲମ୍ବନ କରିବା ଅନାବଶ୍ୟକ ଥିଲା । ଅନ୍ୟାନ୍ୟ ମାଂସାହାରୀର ଉଚ୍ଛିଷ୍ଟ ଖାଇ ମଧ୍ୟ ସେ ନିଜ ଅଭାବ ପୂରଣ କରିପାରୁଥିଲା ।

ଶିମିଳିପାଳ ପର୍ବତଶ୍ରେଣୀର ପଶ୍ଚିମପାର୍ଶ୍ୱରେ ମଧ-ପ୍ରସ୍ତର ଯୁଗର ଅସ୍ତ୍ର ନିର୍ମାଣ ପାଇଁ ନିର୍ଦ୍ଦିଷ୍ଟ ପ୍ରସ୍ତରଖଣ୍ଡ ମାନ ମିଳୁଥିବାରୁ ପ୍ରସ୍ତରଯୁଗୀୟ ସଭ୍ୟତାର ଦ୍ୱିତୀୟ ଅଧ୍ୟାୟ ସେଠାରେ ବିକାଶଲାଭ କରିଥିଲା । ଏହି ଅବସ୍ଥାରେ ପ୍ରସ୍ତୁତ ହୋଇଥିବା ଅସ୍ତ୍ରମାନ କ୍ଷୁଦ୍ରାକୃତି ବିଶିଷ୍ଟ ଥିଲା । ବଡ଼ ବଡ଼ ପଥରଖଣ୍ଡରୁ ବାହାରିଥିବା Flake ବା ଛିଲ୍‌କାରୁ କ୍ଷୁଦ୍ରାକୃତି ଅସ୍ତ୍ର ତିଆରି କରିବା ସହଜସାପେକ୍ଷ ଥିଲା । ଅସ୍ତ୍ରଗୁଡ଼ିକ ସାଧାରଣତଃ ଖୁବ୍ ମୁନିଆ ଓ

Digitized by PPRACHIN, SOA

ଜ୍ୟାମିତିକ ଆକାର ଥିଲା । ଏହି ଅସ୍ତ୍ରମାନଙ୍କୁ ଚମଡ଼ା ଛାଲିବା କାର୍ଯ୍ୟରେ, ଭୂଇଁ ଖୋଳିବାରେ ଓ ପଦାର୍ଥ କାଟିବାରେ ବ୍ୟବହାର କରାଯାଉଥିଲା । କେତେକ ସ୍ଥାନରେ ଉନ୍ନତଧରଣର କୁଠାର ମଧ୍ୟ ମିଳିଅଛି । କ୍ଷୁଦ୍ରାକୃତି ଅସ୍ତ୍ରଗୁଡ଼ିକ କିନ୍ତୁ ଖୁବ୍ ଶକ୍ତ । ସେଥିପାଇଁ ସ୍ୱତନ୍ତ୍ର ପ୍ରସ୍ତରକୁ ଉପାଦାନ ଭାବରେ ବ୍ୟବହାର କରାଯାଇଛି । ମୁନିଆ କ୍ଷୁଦ୍ରାକୃତି ପ୍ରସ୍ତରକୁ କାଷ୍ଠ ସହିତ ସଂଯୋଗ କରି ବର୍ଚ୍ଛା ଓ ଦା' ଭାବରେ ବ୍ୟବହାର କରାହେଉଥିଲା । ଶିକାର ପରି ସଂଗୃହୀତ ପଶୁର ଚମଡ଼ା ଛାଲିବା ଅଥବା ପରିପକ୍ୱ ଶସ୍ୟକୁ କାଟିବାରେ ଏତାଦୃଶ ଅସ୍ତ୍ର ଖୁବ୍ ସହାୟକ ଥିଲା । ସଭ୍ୟତାର ଏହି ସୋପାନରେ ମନୁଷ୍ୟ କେବଳ ପ୍ରସ୍ତର ନୁହେଁ, ଅସ୍ଥି, ଚର୍ମ, କାଷ୍ଠ, ହସ୍ତୀଦନ୍ତ ଆଦିକୁ ବ୍ୟବହାର କରିବା ଜାଣିଥିଲା । ନିଜକୁ ବଣ୍ୟଜନ୍ତୁଙ୍କଠାରୁ ଓ ପ୍ରତିକୂଳ ଜଳବାୟୁରୁ ରକ୍ଷା କରିବାରେ ସେ ସମର୍ଥ ହୋଇଥିଲା । ଖାଦ୍ୟ ଅନ୍ୱେଷଣପାଇଁ ପ୍ରତିଦିନ ସଂଘର୍ଷ କରିବା ଆବଶ୍ୟକ ହେଉ ନ ଥିଲା । ମୃତ ମନୁଷ୍ୟର ଖପୁରିକୁ ଜଳପାତ୍ର ଭାବରେ ବ୍ୟବହାର କରାଯାଉଥିଲା । ଖାଦ୍ୟପେୟ ରଖିବାପାଇଁ ମନୁଷ୍ୟ ପାତ୍ରର ବ୍ୟବହାର ଜାଣିଲା । ନଦୀ ତୀରରେ ବସବାସ କରିବା ପରମ୍ପରା ସେ ତ୍ୟାଗ କରି ନ ଥିଲା । ଖଡ଼କାଇ ନଦୀର ଅବବାହିକାରେ ମଧ୍ୟପ୍ରସ୍ତର ଯୁଗର ଅବଶେଷ ମିଳୁଥିବାରୁ ସେଠାରେ ପ୍ରସ୍ତର ଯୁଗର ଦ୍ୱିତୀୟ ଅଧ୍ୟାୟ ବିକାଶଲାଭ କରିଥିବା ମନେହୁଏ । କ୍ଷୁଦ୍ରାକୃତି ପ୍ରସ୍ତର ନିର୍ମିତ ଅସ୍ତ୍ର ପ୍ରସ୍ତୁତି ପାଇଁ ନଦୀଗର୍ଭରେ ଓ ଉପକୂଳରେ ଉତ୍କୃଷ୍ଟ ଉପାଦାନ ମିଳେ । କେତେକ ପଣ୍ଡିତ ମନେକରନ୍ତି ଯେ ଏହି ସମୟରେ କୃଷିକାର୍ଯ୍ୟ ପ୍ରଥମେ ଆରମ୍ଭ ହୋଇଥିଲା । ସେଥିପାଇଁ ବିଶେଷ ଆବଶ୍ୟକ ଥିଲା Burin, Borer ଏବଂ Blade ଶ୍ରେଣୀର ଅସ୍ତ୍ର । ତଦ୍ୱାରା ଜମି ଖୋଳିବା, ମାଟି ହାଲୁକା କରିବା ଓ ଶସ୍ୟ କାଟିବା ସହଜ ହେଉଥିଲା । ମୟୂରଭଞ୍ଜରେ ମିଳୁଥିବା ବ୍ଲେଡ଼ଗୁଡ଼ିକ ଆକୃତିରେ କ୍ଷୁଦ୍ର ହେଲେ ମଧ୍ୟ ଖୁବ୍ ଧାରୁଆ । ସେଥିପାଇଁ Chert ପଥର ବ୍ୟବହୃତ ହେଉଥିଲା । ଏହି ଧରଣର ଅସ୍ତ୍ର ପ୍ରାପ୍ତିସ୍ଥାନମାନଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଲା ବହଳଦା, ବିଜାତଳା, ବଣାଇକଳା, ବଡ଼ମଣଦା, ବିଶୋଇ, କଣ୍ଡାକିଆ ଓ ରାଇରଙ୍ଗପୁର ।

ମଧ୍ୟପ୍ରସ୍ତରଯୁଗର ଅସ୍ତ୍ର ବହୁଳ ପରିମାଣରେ ମିଳୁ ନ ଥିବାରୁ ମୟୂରଭଞ୍ଜରେ ଉକ୍ତ ସଭ୍ୟତା ବ୍ୟାପକ ହୋଇ ନ ଥିବା ଅନୁମେୟ । ଖୁବ୍ ସମ୍ଭବ ଏହା ଅଳ୍ପକ୍ଷଣ ସ୍ଥାୟୀ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ନୂତନ ପ୍ରସ୍ତର ଯୁଗର ସଭ୍ୟତା କେବଳ ଯେ ବ୍ୟାପକ ହୋଇଥିଲା ତାହା ନୁହେଁ, ବହୁକାଳ ସ୍ଥାୟୀ ମଧ୍ୟ ଥିଲା । ବଇଦିପୁର, କୁଚାଇ, ଆମ୍ବଶିକଡ଼ା, ବାସିପିଠା, ଅମ୍ବାତାଳି, ଚିତ୍ରଡ଼ା, ଦହିକୁଠି, ଡୁକୁରା, ହରିପୁର, ଇନ୍ଦିପୁର, ଜଡ଼ିପାଳ, କପ୍ତିପଦା, ଖିଚିଂ, ମଣଦା, ମୁରୁଡ଼ା, ପ୍ରତାପପୁର, ବାଘଡ଼ାପୀଢ଼ ଓ ପାଞ୍ଚପୀଢ଼ ଆଦି ସ୍ଥାନରେ ଏହି ଅସ୍ତ୍ର ମିଳିଅଛି । ପୂର୍ବ ଭାରତରେ ନୂତନ ପ୍ରସ୍ତର ଯୁଗର କେନ୍ଦ୍ରସ୍ଥଳୀ ଭାବରେ ମୟୂରଭଞ୍ଜ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା । ପ୍ରସ୍ତର ନିର୍ମିତ ମସୃଣ ଅସ୍ତ୍ର ସହିତ ମୃଣ୍ମୟ ପାତ୍ରମାନ ମିଳୁଥିବାରୁ ବଇଦିପୁର ପରି ସ୍ଥାନର ପ୍ରତ୍ନତାତ୍ତ୍ୱିକ ମହତ୍ତ୍ୱ ସମସ୍ତେ ସ୍ୱୀକାର କରନ୍ତି ।

Digitized by PPRACHIN, SOA

ନୂତନ ପ୍ରସ୍ତର ଯୁଗରେ କୃଷିପ୍ରଣାଳୀ, ପଶୁପାଳନ, ଗୃହ ନିର୍ମାଣରେ ସଭ୍ୟତାର ବିକାଶ ହୋଇଥିବା ଦେଖାଯାଏ । ଆଦିମାନବ ଜୀବନଧାରଣ ପାଇଁ ପ୍ରକୃତି ଉପରେ ନିର୍ଭରଶୀଳ ହେଲା ନାହିଁ । ଶିକାରୀ ଜୀବନ ପରିତ୍ୟାଗ କରି ସ୍ଥିର ବାସିନ୍ଦା ହେବା ଏହି ନୂତନ ସଭ୍ୟତାର ଆଭିମୁଖ୍ୟ ଥିଲା । ଶସ୍ୟ ଗୁଣ୍ଡ କରିବାପାଇଁ ମସୃଣ ପ୍ରସ୍ତର ନିର୍ମିତ ଚକି, ନାନାଦି ପାଳିତ ପଶୁଙ୍କୁ ନେଇ ସ୍ଥିର ଜୀବନ ଯାପନ, କୃଷିକାର୍ଯ୍ୟ ଦ୍ୱାରା ଖାଦ୍ୟ ସଂଗ୍ରହରେ ସ୍ୱାବଲମ୍ବନଶୀଳତା, ସ୍ଥିରବାସିନ୍ଦା ଭାବରେ ପାରିବାରିକ ଜୀବନର ବିକାଶ ଏବଂ ଧର୍ମାନୁଚିନ୍ତାରେ ନୂତନ ପ୍ରସ୍ତର ଯୁଗ ସଭ୍ୟତାର ପ୍ରଗତିରେ ସହାୟକ ହୋଇଥିଲା । ଖାଦ୍ୟ ସଂଗ୍ରହକାରୀ ଜୀବନ ପରିତ୍ୟାଗ କରି ମନୁଷ୍ୟ ଖାଦ୍ୟ ଉତ୍ପାଦନକାରୀ ହେବାରୁ ତା'ର ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଲା । ଅସଭ୍ୟ ଅନୁନ୍ନତ ମଣିଷକୁ ଜୀବନର ନୂତନ ରଙ୍ଗ ଓ ସ୍ୱାଦ ଅନୁଭବ କରିବାରେ ସାହାଯ୍ୟ କଲା ବିକଶିତ ନୂତନ ପ୍ରସ୍ତର ଯୁଗର କ୍ରାନ୍ତିକାରୀ ଆବିଷ୍କାର ଓ ଅନୁଭୂତି ।

ପ୍ରସ୍ତରଯୁଗର ପରିସମାପ୍ତି କାଳରେ ଏକ ନୂତନ ଅଧ୍ୟାୟର ଅୟମାରମ୍ଭ ହୋଇଥିଲା । ଏହାକୁ ସ୍କନ୍ଧଯୁକ୍ତ କୁଠାର-ସଂସ୍କୃତି (Shouldered celt culture) କୁହାଯାଏ । ପଣ୍ଡିତମାନେ କହନ୍ତି ଯେ ଏହା ବର୍ମା, ମାଲୟ ଏବଂ ୟୁନାନ ଅଞ୍ଚଳରୁ ଭାରତକୁ ଆସିଥିଲା । ଏହି ସଂସ୍କୃତିର ପୃଷ୍ଠପୋଷକମାନେ ଧାତୁର ବ୍ୟବହାର ଜାଣିଥିଲେ । ତେଣୁ ଏହାକୁ ପ୍ରାକ୍-ଇତିହାସଯୁଗୀୟ ସଂସ୍କୃତି କହିବା ଶ୍ରେୟସ୍କର । ଆମ୍ୱଶିକଡ଼ା, ବଇଦିପୁର, ବାଘଡ଼ାପୀଢ଼, ବାମନଘାଟି, ଖିଚିଂ, ପାଞ୍ଚପୀଢ଼ ଆଦି କ୍ଷେତ୍ରରେ ମିଳିଥିବା ସ୍କନ୍ଧଯୁକ୍ତ କୁଠାର ବିଭିନ୍ନ ସଂଗ୍ରହାଳୟରେ ସଂରକ୍ଷିତ ଅଛି । ଏହି ଅସ୍ତ୍ର ବ୍ୟତୀତ ଅନ୍ୟ କିଛି ତଥ୍ୟ ମିଳି ନ ଥିବାରୁ ସଂସ୍କୃତିର ଅନ୍ୟଦିଗ ଉପରେ ଆଲୋକପାତ କରିବା ସମ୍ଭବ ନୁହେଁ । ତେବେ ସ୍କନ୍ଧଯୁକ୍ତ ତାମ୍ର କୁଠାର ଦ୍ୱାରା କିମ୍ୱା ଧାତୁ ତରଳାଇ ବିଭିନ୍ନ ପଦାର୍ଥ ପ୍ରସ୍ତୁତ କରିବା ପ୍ରଣାଳୀ ସେତେବେଳେ ଜଣାଥିବାର ପ୍ରମାଣିତ ହୁଏ । ବାରିପଦା ସଂଗ୍ରହାଳୟରେ ଥିବା କୁଠାର ଦେଖିଲେ ଧାତୁବିଦ୍ୟାରେ ସମକାଳୀନ ଅଧିବାସୀମାନେ ଯେଉଁ ବ୍ୟୁତ୍ପତ୍ତି ହାସଲ କରିଥିଲେ ତାହା ସ୍ପଷ୍ଟ ଜଣାପଡ଼େ । ପଣ୍ଡିତମାନେ କହନ୍ତି ଯେ ନୂତନ ପ୍ରସ୍ତର ଯୁଗରେ ବ୍ୟବହୃତ ପ୍ରସ୍ତର ନିର୍ମିତ କୁଠାର ଅନୁକରଣରେ ତାମ୍ରକୁଠାର ନିର୍ମିତ ହୋଇଥିଲା । ଏ ଦିଗରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଗଭୀର ଅଧ୍ୟୟନ ଆବଶ୍ୟକ । ତେବେ ପ୍ରାଚୀନ କାଳରେ, ମାନବ ସଭ୍ୟତାର ଉନ୍ମେଷ ପାଇଁ ମୟୂରଭଞ୍ଜବାସୀଙ୍କ ବୈଷୟିକ ଜ୍ଞାନର ଅବଦାନ ଅତି ମହତ୍ତ୍ୱପୂର୍ଣ୍ଣ ଥିଲା ଏହା ସଦା ସ୍ୱୀକାର୍ଯ୍ୟ । ମୟୂରଭଞ୍ଜରେ ଗଚ୍ଛିତ ବିପୁଳ ପ୍ରାକୃତିକ ସଂପଦ, ତମ୍ବା ଓ ଲୌହ ଆଦି ଧାତୁ ନିର୍ମିତ ବ୍ୟବହାର୍ଯ୍ୟ ପଦାର୍ଥ ତିଆରି କରିବାରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା । ତେବେ ବୈଷୟିକ ଜ୍ଞାନର ପ୍ରଗତି ସମୟସାପେକ୍ଷ ହୋଇଥିବାରୁ ଉପରୋକ୍ତ ଆଲୋଚ୍ୟ ସ୍କନ୍ଧଯୁକ୍ତ କୁଠାର ପ୍ରସ୍ତୁତିରେ ନୈପୁଣ୍ୟତା ଦେଖା ନ ଗଲେ ମଧ୍ୟ ପ୍ରାଥମିକ ଉଦ୍ୟମର ଫଳାଫଳ ଅତୀବ ପ୍ରଶଂସନୀୟ ଥିଲା, ଏଥିରେ ସମସ୍ତେ ଏକମତ ।

Digitized by PPRACHIN, SOA

ଦ୍ୱିତୀୟ ଅଧ୍ୟାୟ

ପ୍ରାଚୀନ ଇତିହାସ

ମୟୂରଭଞ୍ଜର ପ୍ରାଚୀନ ଇତିହାସ ପୁନର୍ଗଠନ କରିବା ପାଇଁ ନିର୍ଭରଯୋଗ୍ୟ ଉପାଦାନର ଅଭାବ ଅନୁଭୂତ ହୁଏ । ପୁରାଣବର୍ଣ୍ଣିତ ଉତ୍କଳ ଆଧୁନିକ ଓଡ଼ିଶାପ୍ରଦେଶର ଉତ୍ତରାଞ୍ଚଳକୁ ନେଇ ଗଠିତ ହୋଇଥିବା ଦୃଷ୍ଟିରୁ ମୟୂରଭଞ୍ଜ ମଧ୍ୟ ଉତ୍କଳ ଅନ୍ତର୍ଭୁକ୍ତ ରାଜ୍ୟ ଥିଲା କହିବା ସମୀଚୀନ । ପୂର୍ବରେ ବାଲେଶ୍ୱର ଜିଲ୍ଲାଠାରୁ ପଶ୍ଚିମରେ ଛୋଟନାଗପୁର ପର୍ଯ୍ୟନ୍ତ ଉତ୍କଳର ସୀମା ପରିବ୍ୟାପ୍ତ ଥିଲା । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭଞ୍ଜ ନାମକ ଜାତି (ଭଞ୍ଜମାନଙ୍କର ପୂର୍ବଜ) ଉତ୍କଳରେ ବାସ କରୁଥିବା ବିଷୟ ବିନୟପୀଟକ ନାମକ ବୌଦ୍ଧଗ୍ରନ୍ଥରୁ ଜଣାଯାଏ । ନନ୍ଦ ଏବଂ ମୌର୍ଯ୍ୟ ରାଜତ୍ୱ କାଳରେ ଉତ୍କଳକୁ କଳିଙ୍ଗ ନାମରେ ନାମିତ କରାଯାଉଥିଲା । କଳିଙ୍ଗ ମଗଧ ସାମ୍ରାଜ୍ୟର ଏକ ପ୍ରଦେଶ ଥିବାରୁ ମୟୂରଭଞ୍ଜ ଉପରେ ମଗଧ ସମ୍ରାଟଙ୍କ କର୍ତ୍ତୃତ୍ୱ ପ୍ରତିଷ୍ଠିତ ହୋଇଥିବା ସ୍ୱାଭାବିକ ଥିଲା । କୁଶାଣ ଯୁଗର ଅନେକ ତାମ୍ରମୁଦ୍ରା ମୟୂରଭଞ୍ଜରେ ମିଳିଅଛି । ତାହା କୁଶାଣ ଆଧିପତ୍ୟର ପରିଚୟ ପ୍ରଦାନ କରେ । କୁଶାଣମାନଙ୍କ ପରେ ମୁରୁଣ୍ଡମାନେ ପୂର୍ବଭାରତରେ ରାଜନୈତିକ ପ୍ରଭାବ ବିସ୍ତାର କରିଥିଲେ । ତେଣୁ ମୟୂରଭଞ୍ଜ ସେମାନଙ୍କ ଅଧୀନରେ ଶାସିତ ହୋଇଥିବା ସମ୍ଭବ । ସମୁଦ୍ରଗୁପ୍ତଙ୍କ ଦକ୍ଷିଣଭାରତ ଦିଗ୍‌ବିଜୟ ବର୍ଣ୍ଣନାରେ ମୟୂରଭଞ୍ଜର ଉଲ୍ଲେଖ ନାହିଁ । ଏହି ଜୟଯାତ୍ରା ପଶ୍ଚିମ ଓଡ଼ିଶାର କୋଶଳ ଏବଂ ଦକ୍ଷିଣର କଳିଙ୍ଗ ମଧ୍ୟ ଦେଇ ଯାଇଥିଲା । ଉତ୍ତର ଓଡ଼ିଶାର ରାଜନୈତିକ ସ୍ଥିତିକୁ ଗୁପ୍ତମାନେ କିପରି ପ୍ରଭାବିତ କରିଥିଲେ ସେ ସଂପର୍କରେ ପ୍ରତ୍ୟକ୍ଷ ସୂଚନା ମିଳେ ନାହିଁ । କିନ୍ତୁ ମାନରାଜାମାନଙ୍କ ତାମ୍ରଲେଖରେ ଗୁପ୍ତାବ୍ଦ ବ୍ୟବହୃତ ହୋଇଥିବାରୁ ମୟୂରଭଞ୍ଜ ଉପରେ ଗୁପ୍ତ ପ୍ରାଧାନ୍ୟ ଥିବା କଥା ଅସ୍ୱୀକାର କରାଯାଇ ନ ପାରେ । ମାନବଂଶର ରାଜାମାନେ ଗୁପ୍ତବଂଶର ପତନ ପରେ ଦକ୍ଷିଣ ବିହାର ଅଞ୍ଚଳରେ ବହୁଦିନ ପର୍ଯ୍ୟନ୍ତ ଶାସନ କରିଥିଲେ । ଖୁବ୍ ସମ୍ଭବ ମୟୂରଭଞ୍ଜ ସେମାନଙ୍କ ଅଧୀନରେ ରହିଥିଲା । ମୟୂରଭଞ୍ଜ ସଂଲଗ୍ନ ମାନଭୂମି ଅଞ୍ଚଳ ମାନରାଜତ୍ୱର ସୂଚନା ପ୍ରଦାନ କରେ । ମାନରାଜବଂଶର ପତନ ପରେ ଭଞ୍ଜ ରାଜବଂଶର ଅଭ୍ୟୁଦୟ ପାଇଁ ପରିସ୍ଥିତି ଅନୁକୂଳ ହୋଇଥିବାର ଅନୁମିତ ହୁଏ ।

Digitized by PPRACHIN, SOA

ଗୁପ୍ତୋତ୍ତର ଯୁଗ

ଖ୍ରୀ. ୩୫୦ରେ ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତଙ୍କ ଦକ୍ଷିଣଭାରତ ଅଭିଯାନ ଆହ୍ଲାବାଦରେ ଥିବା ହରିସେଣଙ୍କ ପ୍ରଶସ୍ତିରେ ବର୍ଣ୍ଣିତ ହୋଇଅଛି । ସେଥିରେ ଉଲ୍ଲେଖ ଥିବା ରାଜ୍ୟମାନଙ୍କୁ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ପୂର୍ବୋତ୍ତର ଭାଗରେ ପରିଚିହ୍ନିତ କରାଯାଇଛି । ଏହି ଅଭିଯାନ କାଳରେ ସମୁଦ୍ରଗୁପ୍ତ ବାରାଣସୀଠାରୁ ରାୟପୁର, ବିଳାସପୁର, ସୋନପୁର ଆଦି ସ୍ଥାନ ମଧ ଦେଇ ଆନ୍ଧ୍ରପ୍ରଦେଶ ଉପକୂଳକୁ ଯାଇଥିଲେ । ରାଜନୈତିକ ଦୃଷ୍ଟିକୋଣରୁ ଗୁପ୍ତ ଅଭିଯାନର ଉଦ୍ଦେଶ୍ୟ ଯାହା ହେଉନା କାହିଁକି ଏହାର ସାଂସ୍କୃତିକ ପ୍ରଭାବ ଅତି ମହତ୍ତ୍ୱପୂର୍ଣ୍ଣ ଥିଲା । ସମୁଦ୍ରଗୁପ୍ତଙ୍କ ଗତିପଥରେ ଘନଜଙ୍ଗଲ ଓ ପର୍ବତମାନ ଅବସ୍ଥିତ ଥିଲା । ସେଠାରେ ଥିବା ସ୍ଥାନୀୟ ଅଧିବାସୀମାନେ ଗିରିଜନ ଓ ଅନୁସୂଚିତ ଜାତିର ଥିଲେ । ନିଜ ଧର୍ମ, ସମାଜ ଓ ପରମ୍ପରା ନେଇ ସେମାନେ ଜୀବନ ଧାରଣ କରିବା ସ୍ୱାଭାବିକ ଥିଲା । ସେତେବେଳେ ବ୍ରାହ୍ମଣ୍ୟ ଧର୍ମ ସେମାନଙ୍କୁ ଅନୁପ୍ରାଣିତ କରି ନ ଥିଲା । ବିଭିନ୍ନ ଜାତି ଓ ଗୋଷ୍ଠୀର ମୁଖ୍ୟମାନେ ଅଳ୍ପସଂଖ୍ୟକ ଅନୁଗତମାନଙ୍କୁ ନେଇ ରାଜନୈତିକ ଜୀବନ ନିର୍ବାହ କରୁଥିଲେ । ରାଜ୍ୟ ସ୍ଥାପନର ଧାରଣା ସେମାନଙ୍କ ମନରେ ନ ଥିଲା । ସମୁଦ୍ରଗୁପ୍ତଙ୍କ ଅଭିଯାନର ପରବର୍ତ୍ତୀ କାଳରେ ଯେଉଁସବୁ ବୈପ୍ଳବିକ ପରିବର୍ତ୍ତନ ଘଟିଲା ତାହା ପ୍ରଣିଧାନଯୋଗ୍ୟ । ସମୁଦ୍ରଗୁପ୍ତ ସାମ୍ରାଜ୍ୟ ବିସ୍ତାର ଉଦ୍ଦେଶ୍ୟରେ ଦକ୍ଷିଣଭାରତ ଦିଗକୁ ଅଗ୍ରସର ହୋଇ ନ ଥିଲେ । ତାଙ୍କ ଅଭିଯାନ ଫଳରେ ଆର୍ଯ୍ୟ ସଂସ୍କୃତିର ପ୍ରସାର ପାଇଁ ପଥ ଉନ୍ମୁକ୍ତ ହୋଇଗଲା । ଅନେକ ଉତ୍ତରଭାରତୀୟ ବ୍ରାହ୍ମଣ ନୂତନ ଆବିଷ୍କୃତ ଅନାର୍ଯ୍ୟ ଅଞ୍ଚଳକୁ ଜୀବିକାର୍ଜ୍ଜନ ପାଇଁ ଯାଇଥିଲେ । ସେମାନେ ସଂସ୍କୃତ ଭାଷା ଓ ସଂସ୍କୃତ ପରମ୍ପରାର ପ୍ରଚାରକ ଥିଲେ । ମହାନଦୀ ଅବବାହିକାରେ ଓ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ହଠାତ୍ ନୂତନ କ୍ଷୁଦ୍ର କ୍ଷୁଦ୍ର ସ୍ୱାଧୀନ ରାଜ୍ୟମାନଙ୍କର ଅଭ୍ୟୁଦୟ ହେଲା । ଏହି ରାଜ୍ୟଗୁଡ଼ିକର ଶାସକ ନିଜ ନିଜକୁ କ୍ଷତ୍ରିୟ ବୋଲି ପରିଚୟ ଦେଲେ । ସଂସ୍କୃତ ସେମାନଙ୍କର ରାଜଭାଷା ହେଲା । ସଂସ୍କୃତ ଭାଷାରେ ସେମାନେ ତାମ୍ର ଅନୁଶାସନମାନ ପ୍ରଦାନ କଲେ । ବ୍ରାହ୍ମଣମାନେ ସେମାନଙ୍କର ଉପଦେଷ୍ଟା, ରାଜଗୁରୁ ଓ ମନ୍ତ୍ରୀ ହେଲେ । ରାଜାମାନେ ପ୍ରତିଦାନସ୍ୱରୂପ ବିପୁଳ ଧନସଂପତ୍ତି ବ୍ରାହ୍ମଣମାନଙ୍କୁ ଦାନସ୍ୱରୂପ ପ୍ରଦାନ କଲେ । ରାଜ୍ୟଶାସନ ବ୍ୟବସ୍ଥା ଗୁପ୍ତ ସାମ୍ରାଜ୍ୟର ଶାସନ ପ୍ରଣାଳୀକୁ ଅନୁସରଣ କରି ସଂଗଠିତ ହେଲା । ତା ସହିତ ସ୍ଥାନୀୟ ଅଧିବାସୀମାନଙ୍କର ଦେବଦେବୀମାନଙ୍କୁ ସଂସ୍କୃତ ପଣ୍ଡିତମାନେ ବ୍ରାହ୍ମଣ୍ୟଧର୍ମରେ ଗ୍ରହଣ କରି ନୂତନ ନାମକରଣ କଲେ । ଶୈବ ଓ ଶାକ୍ତ ଧର୍ମରେ ବହୁ ନୂତନ ଦେବଦେବୀଙ୍କ ଆବିର୍ଭାବ ହେଲା । ସେମାନଙ୍କ ପୂଜାପଦ୍ଧତି ମଧ ବ୍ରାହ୍ମଣମାନେ ସଂସ୍କୃତ ଭାଷାରେ ପ୍ରଚଳନ କଲେ । ଆର୍ଯ୍ୟ ସଂସ୍କୃତି ପ୍ରଚାରରେ ବ୍ରାହ୍ମଣମାନେ ସଂସ୍କୃତ ଭାଷାକୁ ପ୍ରୟୋଗ କରିବାରୁ ସଂସ୍କୃତ ଭାଷାର ବ୍ୟବହାର ବ୍ୟାପକ ହେଲା । ଫଳରେ ଓଡ଼ିଶା ଇତିହାସରେ ନୂତନ ସାଂସ୍କୃତିକ ଚେତନାର ବିକାଶ ହେଲା ।

Digitized by PPRACHIN, SOA

ଅଧ୍ୟୟନରୁ ଜଣାଯାଏ ଯେ, ନୂତନ ସ୍ୱାଧୀନ ରାଜ୍ୟଗୁଡ଼ିକ ଗୁପ୍ତୋତ୍ତର ଯୁଗରେ ନଦୀ ଉପତ୍ୟକାମାନଙ୍କରେ ହିଁ ସ୍ଥାପିତ ହୋଇଥିଲା । ଆର୍ଥନୀତିକ ଦୃଷ୍ଟିକୋଣରୁ ତାହା ତାତ୍ପର୍ଯ୍ୟପୂର୍ଣ୍ଣ । ନଦୀ ଉପତ୍ୟକାରେ ସାଧାରଣତଃ ଉର୍ବର ଚାଷଜମି ଥିବାରୁ ଏବଂ ଜଳସେଚନ ପାଇଁ ସୁବିଧା ଥିବା ଦୃଷ୍ଟିରୁ ଉତ୍ପାଦନ ବେଶି ହେଉଥିଲା ଏବଂ ଅଧିକ ଉତ୍ପାଦନକ୍ଷମ ଜମିରେ ଅଧିକ ଲୋକ ବସବାସ କରୁଥିଲେ । ତେଣୁ ବିପୁଳ କୃଷି ଉତ୍ପାଦନ ଓ ଅଧିକ ଜନସଂଖ୍ୟା ଦୃଷ୍ଟିରୁ ନଦୀ ଉପତ୍ୟକା ନୂତନ ରାଜ୍ୟ ସ୍ଥାପନ ପାଇଁ ଉତ୍କୃଷ୍ଟ ସ୍ଥାନ ଥିଲା । ଓଡ଼ିଶାରେ ସେଥିପାଇଁ ଉତ୍ତରରୁ ଦକ୍ଷିଣକୁ ଲକ୍ଷ୍ୟକଲେ ଦେଖାଯାଏ ଯେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଖଇରଭଣ୍ଡନ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ, ତେଲ ଶାଳିମା, ଋଷିକୂଲ୍ୟା ଓ ବଂଶଧାରା ନଦୀ ଉପତ୍ୟକାମାନ ରାଜ୍ୟ ସ୍ଥାପନ ପାଇଁ ଅନୁକୂଳ ସ୍ଥାନ ଥିଲା । ଗୁପ୍ତ ସାମ୍ରାଜ୍ୟର ପତନ ପରେ ଓଡ଼ିଶାରେ ଉଦ୍ଭବ ହୋଇଥିବା ରାଜବଂଶମାନଙ୍କ ମଧ୍ୟରେ ମାନ, ବିଗ୍ରହ, ମାଠର, ଶୈଳୋଦ୍ଭବ, ଭୌମକର, ଶୁଳ୍କୀ, ନନ୍ଦ, ତୁଙ୍ଗ, ଗଙ୍ଗ, ଶରଭପୁରୀୟ, ନଳ, ଭଞ୍ଜ ଓ ସୋମବଂଶୀ ଆଦି ଉଲ୍ଲେଖଯୋଗ୍ୟ ଥିଲେ । ସେମାନଙ୍କର ଉତ୍ପତ୍ତି ଅଧିକାଂଶ କ୍ଷେତ୍ରରେ ରହସ୍ୟାଚ୍ଛାଦିତ ଥିଲା ଏବଂ ଅନୁସୂଚିତ ଜନଜାତି ସଂପ୍ରଦାୟରୁ ସେମାନେ ଉଦ୍ଭବ ହୋଇ କାଳକ୍ରମେ ବ୍ରାହ୍ମଣ୍ୟଧର୍ମର ସହାୟତାରେ କ୍ଷତ୍ରିୟ ପଦ ଅଧିକାର କରିଥିଲେ । ସେମାନଙ୍କଦ୍ୱାରା ପ୍ରଶାସିତ ରାଜ୍ୟମାନ ସୁବର୍ଣ୍ଣରେଖା, ବୈତରଣୀ, ବ୍ରାହ୍ମଣୀ, ମହାନଦୀ, ବଂଶଧାରା ଓ ଋଷିକୂଲ୍ୟା ଆଦି ନଦୀ ତଟରେ ବିକଶିତ ହୋଇଥିଲା । ଆର୍ଯ୍ୟ ସଂସ୍କୃତିର ପ୍ରସାର ସହିତ ସଂସ୍କୃତିକରଣ ପ୍ରକ୍ରିୟା ଦ୍ୱାରା ପର୍ବତ ଅଧ୍ୟୁଷିତ ଜନଜାତିଙ୍କୁ କିପରି ସାମାଜିକ ସ୍ତରରେ ଉନ୍ନତ ସୋପାନରେ ବ୍ରାହ୍ମଣମାନେ ଅଧିଷ୍ଠିତ କରିଥିଲେ ଓ ଆର୍ଯ୍ୟ ସମାଜର ବର୍ଣ୍ଣ ବିଭାଗକୁ ସୁଚାରୁରୂପେ ବାସ୍ତବତାର ରୂପ ଦେଇଥିଲେ ତାହା ଭଞ୍ଜ ରାଜବଂଶର ତାମ୍ର ଶାସନମାନ ଅଧ୍ୟୟନ କଲେ ସ୍ପଷ୍ଟ ହୋଇଥାଏ ।

ଭଞ୍ଜବଂଶର ଉତ୍ପତ୍ତି

ଓଡ଼ିଶା ଇତିହାସରେ ଭଞ୍ଜବଂଶ ଦୁଇ ଶାଖାରେ ବିଭକ୍ତ ହୋଇ ଉତ୍ତର ଓ ମଧ୍ୟ ଓଡ଼ିଶାରେ ନବମ-ଦଶମ ଶତାବ୍ଦୀ ବେଳକୁ ରାଜତ୍ୱ କରୁଥିବାର ଦେଖାଯାଏ । ଉତ୍ତର ଓଡ଼ିଶାର ଖଇରଭଣ୍ଡନ ଓ ବୈତରଣୀ ଉପତ୍ୟକାରେ ସ୍ଥାପିତ ହୋଇଥିବା ଖିଜିଙ୍ଗମଣ୍ଡଳର ରାଜଧାନୀ ଥିଲା ଖିଜିଙ୍ଗକୋଟ୍ଟ (ଆଧୁନିକ ଖିଚିଂ ସହିତ ପରିଚିହ୍ନିତ) ଏବଂ କେନ୍ଦ୍ର ମହାନଦୀ ଉପତ୍ୟକା ବୌଦ-ଫୁଲବାଣୀ ଅଞ୍ଚଳରେ ସ୍ଥାପିତ ହୋଇଥିଲା ଖିଞ୍ଜଳିମଣ୍ଡଳ । ଉଭୟ ଶାଖା ସମସାମୟିକ ଥିଲେ ମଧ୍ୟ ସୋମବଂଶ ରାଜା (ଦଶମ ଶତାବ୍ଦୀ) ଜନମେଜୟଙ୍କ ଉତ୍କଳ ଅଭିଯାନ କାଳରେ ଖିଞ୍ଜଳିମଣ୍ଡଳର ଶାସକ ରଣଭଞ୍ଜ ତାଙ୍କର ପ୍ରତିରୋଧ କରି ଯୁଦ୍ଧରେ ନିହତ ହୋଇଥିଲେ । ଫଳରେ ଖିଞ୍ଜଳିମଣ୍ଡଳର ଭଞ୍ଜମାନେ ବଉଦ ଫୁଲବାଣୀ ଅଞ୍ଚଳ ପରିତ୍ୟାଗ କରି ପଶ୍ଚିମ ଗଞ୍ଜାମ ଅଞ୍ଚଳକୁ ଅପସରି ଯାଇଥିଲେ । ଖିଜିଙ୍ଗମଣ୍ଡଳର ଭଞ୍ଜ ରାଜାମାନେ କିନ୍ତୁ ନିଜ ଆସ୍ଥାନକୁ ଦୃଢ଼ ରଖିଥିଲେ

Digitized by PPRACHIN, SOA

ପ୍ରାୟ ପାଞ୍ଚଶତବର୍ଷ ପର୍ଯ୍ୟନ୍ତ, ଯେତେବେଳେ ଦିଲ୍ଲୀର ସୁଲତାନ ଫିରୋଜ ସାହ ତୋଗଲକ ୧୩୬୦-୬୧ରେ ଓଡ଼ିଶା ଅଭିଯାନରେ ଆସି ଖିଚିଂ ନଗରୀ ଧ୍ୱଂସ କରିଥିଲେ । ଉଭୟ ଭଞ୍ଜ ରାଜବଂଶ ନିଜ ନିଜର ତାମ୍ର ଶାସନରେ ବଂଶର ଉତ୍ପତ୍ତି ସଂପର୍କରେ ଅନୁରୂପ ବର୍ଣ୍ଣନା କରିଅଛନ୍ତି । ପ୍ରଥମେ ସେମାନେ ଭୌମକର ବଂଶର ସାମନ୍ତ ରାଜା ଥିଲେ । ପରେ କିନ୍ତୁ ସେମାନଙ୍କ ମଧ୍ୟରେ କୌଣସି ରାଜନୈତିକ ସଂପର୍କ ନ ଥିଲା । ମନେହୁଏ ଯେପରି ଉଭୟ ଶାଖା ମୂଳବଂଶରୁ ଅଲଗା ହୋଇ ଦୁଇଟି ସ୍ୱାଧୀନ ରାଜ୍ୟ ସ୍ଥାପନ କରିଥିଲେ ଏବଂ ଏହି ଦୁଇ ରାଜ୍ୟ ମଧ୍ୟରେ ଦୂରତ୍ୱ ଖୁବ୍ ବେଶି ଥିଲା । ସେମାନେ ଘୋର ଅରଣ୍ୟ ପରିବେଷ୍ଟିତ ରାଜ୍ୟ ମଧ୍ୟରେ ଗିରିଜନମାନଙ୍କୁ ଶାସନାଧୀନ କରିବା ସଂଗେ ସଂଗେ ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକତା କରିଥିଲେ । ବୃଷଭକୁ ଉଭୟ ବଂଶର ରାଜାମାନେ ରାଜକୀୟ ଚିହ୍ନ ଭାବରେ ଗ୍ରହଣ କରୁଥିଲେ ।

ଭଞ୍ଜମାନଙ୍କ ଉତ୍ପତ୍ତି ସଂପର୍କୀୟ ବର୍ଣ୍ଣନା ପୌରାଣିକ କିମ୍ବଦନ୍ତୀ ସଦୃଶ । ଆଦିଭଞ୍ଜ ବୀରଭଦ୍ର ଗଣଦଣ୍ଡ ଏକ ମୟୂରୀ ଅଣ୍ଡାରୁ ଜନ୍ମଲାଭ କରିଥିଲେ । ବଶିଷ୍ଠ ମୁନିଙ୍କ ବାସସ୍ଥଳୀ କୋଟ୍ୟାଶ୍ରମରେ ତାଙ୍କର ଲାଳନ ପାଳନ ହୋଇଥିଲା । ସେଠାରେ ସେ ଅଠାଅଶୀ ହଜାର ଗ୍ରାମ ବିଶିଷ୍ଟ ରାଜ୍ୟ ସ୍ଥାପନ କରିଥିଲେ । ସେ ଅତି ବିଚକ୍ଷଣ ଯୋଦ୍ଧା ଥିଲେ । ଶତ୍ରୁମାନଙ୍କୁ ଧ୍ୱଂସ କରିବାର କୌଶଳ ତାଙ୍କୁ ଜଣାଥିଲା । ସେ ସରସ୍ୱତୀଙ୍କ ପ୍ରତିନିଧି ଥିଲେ ଏବଂ କୁଶଳ ପ୍ରଶାସକ ଥିଲେ । ତାଙ୍କଦ୍ୱାରା ଭଞ୍ଜ ରାଜବଂଶର ଶ୍ରୀଗଣେଶ ହୋଇଥିଲା । ଉପରୋକ୍ତ ଉପାଖ୍ୟାନର ଐତିହାସିକ ସତ୍ୟତା ନିରୂପଣ କରିବା ସମ୍ଭବ ନୁହେଁ । ତେବେ ତହିଁରେ କେତେକ ଐତିହାସିକ ସୂଚନା ସ୍ପଷ୍ଟ ଦେଖିବାକୁ ମିଳେ । ଆଦିଭଞ୍ଜ ବୀରଭଦ୍ର ଯେଉଁ ଜନଜାତିର ନାୟକ ଥିଲେ ତହିଁରେ ମୟୂରକୁ ପବିତ୍ର ପକ୍ଷୀଭାବରେ ଗ୍ରହଣ କରାଯାଉଥିଲା । ଆଦିମ ଅଧିବାସୀମାନେ ପଶୁ, ପକ୍ଷୀ ଓ ବୃକ୍ଷ ଆଦିକୁ ପୂଜା କରିବା ପରମ୍ପରା ଥିଲା, ଏବେ ମଧ୍ୟ ରହିଛି । ବୀରଭଦ୍ରଙ୍କୁ ଲାଳନପାଳନ କରିବା କେନ୍ଦ୍ର ଥିଲା ଏକ ଆର୍ଯ୍ୟ ସଂସ୍କୃତିର ପୀଠସ୍ଥଳୀ । ତାହାର ଅଧିନାୟକ ଥିଲେ ଜଣେ ବ୍ରାହ୍ମଣ ଋଷି । ବଶିଷ୍ଠ ସେହି ଆର୍ଯ୍ୟ ସଂସ୍କୃତି କେନ୍ଦ୍ରର ପରିଚାଳକ ଭାବରେ ବୀରଭଦ୍ରଙ୍କୁ ଆର୍ଯ୍ୟଧର୍ମ ଓ ସଂସ୍କୃତିରେ ଦୀକ୍ଷିତ କରିଥିଲେ । ସମାଜରେ ଉଚ୍ଚ ଆସନ ଓ କ୍ଷତ୍ରିୟ ପଦମର୍ଯ୍ୟାଦାରେ ବୀରଭଦ୍ରଙ୍କୁ ଅଧିଷ୍ଠିତ କରିଥିଲେ ମୁନି ବଶିଷ୍ଠ । ରାଜପଦ ପ୍ରାପ୍ତି ପରେ ବୀରଭଦ୍ରଙ୍କୁ ବ୍ରାହ୍ମଣମାନେ 'ଚକ୍ରବର୍ତ୍ତୀ ସମଃ' ସମ୍ମାନ ପ୍ରଦାନ କରିଥିଲେ । କୋଟ୍ୟାଶ୍ରମକୁ ପରେ ଖିଜିଙ୍ଗକୋଟ୍ଟ ବୋଲି ନାମିତ କରାଯାଇଥିବା ସ୍ୱାଭାବିକ । କାରଣ ନୂତନ ରାଜ୍ୟର ଶାସନ କେନ୍ଦ୍ର ହେଲା ଖିଜିଙ୍ଗକୋଟ୍ଟ । ତାହାର ଇଷ୍ଟଦେବୀ ହେଲେ ଖିଜିଙ୍ଗେଶ୍ୱରୀ । ପ୍ରଥମେ ଖିଜିଙ୍ଗେଶ୍ୱରୀ କି ଭାବରେ ପୂଜା ପାଉଥିଲେ କହିବା ସମ୍ଭବ ନୁହେଁ । ବ୍ରାହ୍ମଣ୍ୟ ଧର୍ମର ପରମ୍ପରା ଅନୁସାରେ ନୂତନ ରାଜା ଗାଦି ପ୍ରାପ୍ତି ପରେ ଅନୁସୃତ ଧର୍ମର ଅନୁମୋଦନ ଲାଭ କରିବା ନ୍ୟାୟସଂଗତ ଥିଲା । ତେଣୁ ଖିଜିଙ୍ଗେଶ୍ୱରୀ ଭଞ୍ଜବଂଶର ଇଷ୍ଟଦେବୀ ଭାବରେ ଆଶୀର୍ବାଦସୂଚକ ଅନୁମୋଦନ ପ୍ରଦାନ କଲେ

Digitized by PPRACHIN, SOA

ଭଞ୍ଜବଂଶର ସ୍ଥାୟିତ୍ୱ ପାଇଁ । ବ୍ରାହ୍ମଣମାନଙ୍କ ସମର୍ଥନରେ, ଖିଜିଙ୍ଗେଶ୍ୱରୀ ନାମଧେୟ ଶକ୍ତି ଭଞ୍ଜବଂଶକୁ ନିଜର ପୃଷ୍ଠପୋଷକ ଭାବେ ଗ୍ରହଣ କରିନେଲେ । ଖିଜିଙ୍ଗେଶ୍ୱରୀଙ୍କ ପୂଜାପଦ୍ଧତି ଜନଜାତିମାନଙ୍କ ମଧ୍ୟରେ ପ୍ରଚଳିତ ପୂଜାପଦ୍ଧତିର ପରମ୍ପରାକୁ ଅନୁସରଣ କଲା । ସଂସ୍କୃତ ମନ୍ତ୍ର ଓ ଶାସ୍ତ୍ର ବିଧି ଅନୁସାରେ ବ୍ରାହ୍ମଣମାନେ ଶକ୍ତି ପୂଜାକୁ ଅନୁସୂଚିତ ବନବାସୀମାନଙ୍କ ମଧ୍ୟରେ ଲୋକପ୍ରିୟ କରିବାରେ ସଫଳ ହେଲେ । ଖିଜିଙ୍ଗମଣ୍ଡଳ ଓ ରାଜଧାନୀ ଖିଜିଙ୍ଗକୋଟ୍ଟ ଆର୍ଯ୍ୟ ସଂସ୍କୃତିର ଅନ୍ୟତମ କେନ୍ଦ୍ର ଭାବରେ ପ୍ରଖ୍ୟାତି ଲାଭ କଲା । ଭଞ୍ଜମାନେ ଭୌମକର ରାଜବଂଶର ସାମନ୍ତ ଥିବାରୁ ପ୍ରତିଷ୍ଠିତ ରାଜନୈତିକ ସୁରକ୍ଷା ବଳୟ ମଧ୍ୟରେ ନିରାପଦ ହୋଇ ରହିଲେ । ଭଞ୍ଜ ରାଜବଂଶ ପରି ଶୈଳୋଦ୍ଭବ, ଶୁଲକୀ, ନନ୍ଦ, ସ୍ତମ୍ଭ ଓ ଗଙ୍ଗ ଆଦି ନୂତନ ରାଜବଂଶର ଅଭ୍ୟୁଦୟର ପଦ୍ଧତି ଅନୁରୂପ ହୋଇଥିଲା ।

ପ୍ରାଚୀନ ଇତିହାସ

ଖିଜିଙ୍ଗମଣ୍ଡଳର ଭଞ୍ଜ ରାଜବଂଶର ଇତିହାସ ସଂକଳନ ପାଇଁ ଆବିଷ୍କୃତ ତାମ୍ର ଶାସନମାନଙ୍କରୁ ତଥ୍ୟ ସଂଗୃହୀତ ହୋଇଅଛି । ଏହା ପର୍ଯ୍ୟାପ୍ତ ନ ହେଲେ ମଧ୍ୟ ସତ୍ୟାଶ୍ରିତ ଇତିହାସକୁ ପରିପୁଷ୍ଟ କରିଥାଏ । ପଣ୍ଡିତ ଓ ଜ୍ଞାନୀ ବ୍ରାହ୍ମଣମାନଙ୍କୁ ଗ୍ରାମ ଅଥବା ଭୂଦାନ ପ୍ରଦାନ କରି ରାଜ୍ୟରେ ସଂସ୍ଥାପିତ କରିବା ବିଧି ସେତେବେଳେ ପ୍ରଚଳିତ ଥିଲା । ସମୟ ସମୟରେ ଅନ୍ୟାନ୍ୟ ରାଜ୍ୟରୁ ଶାସ୍ତ୍ରଜ୍ଞ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ରାଜାମାନେ ନିଜ ରାଜ୍ୟରେ ବସବାସ କରାଉଥିଲେ । ସେଥିପାଇଁ ପ୍ରଦତ୍ତ ତାମ୍ରଶାସନରେ ଦାନଗ୍ରହୀତାଙ୍କ ନାମ ଓ ଗୋତ୍ର ଆଦିର ଉଲ୍ଲେଖ ସହିତ ପୃଷ୍ଠପୋଷକଙ୍କର ନାମ ଓ ଗୁଣାବଳୀର ବର୍ଣ୍ଣନା ରହୁଥିଲା । ତେଣୁ ସମସାମୟିକ ଧର୍ମ ଓ ସମାଜ, ବ୍ରାହ୍ମଣ ଓ ରାଜାଙ୍କ ପରିଚୟ, ଗ୍ରାମ ଓ ରାଜ୍ୟର ବର୍ଣ୍ଣନା ତାମ୍ରଶାସନମାନଙ୍କରୁ ମିଳେ । ସେହି ଉପାଦାନମାନ ସଂଗ୍ରହ କରି ତତ୍କାଳୀନ ସମାଜର ଇତିହାସ ଲେଖାଯାଏ । ଭଞ୍ଜ ତାମ୍ର ଶାସନରେ ଉପରୋକ୍ତ ବିବରଣୀ ସହିତ ରାଜବଂଶର ଲତିକା ମଧ୍ୟ ମିଳେ । ଖିଜିଙ୍ଗକୋଟ୍ଟର ଭଞ୍ଜବଂଶଦ୍ୱାରା ପ୍ରଦତ୍ତ ପନ୍ଦରଟି ତାମ୍ରଶାସନ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଅଛି ।

ରଣଭଞ୍ଜଦେବଙ୍କ ବାମନଘାଟି ତାମ୍ରଲେଖ
ରଣଭଞ୍ଜଦେବଙ୍କ ଖଣ୍ଡଦେଉଳୀ ତାମ୍ରଲେଖ
ରଣଭଞ୍ଜଙ୍କ ତାମ୍ରଲେଖ (ପ୍ରାପ୍ତିସ୍ଥାନ ?)
ନରେନ୍ଦ୍ରଭଞ୍ଜଙ୍କ ଆଦିପୁର ତାମ୍ରଲେଖ
ଶତ୍ରୁଭଞ୍ଜଙ୍କ କେଶରୀ ତାମ୍ରଲେଖ
ଖିଚିଂ ଅନୁଶାସନ
ରାଜଭଞ୍ଜଙ୍କ ବାମନଘାଟି ତାମ୍ରଲେଖ
ପୃଥ୍ୱୀଭଞ୍ଜଙ୍କ ଉଖୁଣ୍ଡା ତାମ୍ରଲେଖ ର (?) ଭଞ୍ଜଙ୍କ ତାମ୍ରଲେଖ

Digitized by PPRACHIN, SOA

ଦୁର୍ଜୟଭଞ୍ଜଙ୍କ ଆଦିପୁର ତାମ୍ରଲେଖ
ଶ୍ରୀ ମହଦ (?) ଭଞ୍ଜଦେବଙ୍କ ତାମ୍ରଲେଖ
(ଶ୍ରୀ ମୋହନ ମଦ ବା ହବଭଞ୍ଜ, ପିତା ରଣଭଞ୍ଜ)
ବାରିପଦା ମ୍ୟୁଜିୟମରେ ସଂରକ୍ଷିତ ତିନୋଟି ଶିଳାଲେଖ
(ଏଗୁଡ଼ିକ କାମାକ୍ଷା ପ୍ରସାଦ ବୋଷ ଉଦଳା ନିକଟସ୍ଥ ପେଡ଼ାଗଡ଼ିରୁ ସଂଗ୍ରହ କରିଥିଲେ)

ତହିଁରେ ଉଲ୍ଲେଖ ଥିବା ବଂଶଲତିକା, ଦାନଗ୍ରହୀତାଙ୍କ ପରିଚୟ, ପୃଷ୍ଠପୋଷକଙ୍କର ନାମ ଓ ବିରୁଦ ଆଦି ଅଧ୍ୟୟନ କଲେ ଜଣାଯାଏ ଯେ ଆଦିଭଞ୍ଜ ବୀରଭଦ୍ରଙ୍କ ପରେ କୋଟଭଞ୍ଜ ରାଜ୍ୟ ଶାସନ କରିଥିଲେ । ବୀରଭଦ୍ରଙ୍କ ଜନ୍ମ ଉପାଖ୍ୟାନ କିମ୍ବଦନ୍ତୀପ୍ରସୂତ ହୋଇଥିବାରୁ ତାଙ୍କୁ ଐତିହାସିକ ଚରିତ୍ର ଭାବରେ ଗ୍ରହଣ କରିବାକୁ ଅନେକ ଐତିହାସିକ ପରାଙ୍ମୁଖ । ତେଣୁ ତାଙ୍କୁ ପୌରାଣିକ ଓ କାଳ୍ପନିକ ପର୍ଯ୍ୟାୟରେ ରଖି ଐତିହାସିକମାନେ କୋଟଭଞ୍ଜଙ୍କୁ ଖିଜିଙ୍ଗମଣ୍ଡଳର ପ୍ରଥମ ଶାସକ ଭାବରେ ସ୍ୱୀକାର କରନ୍ତି । ହୁଏତ କୋଟଭଞ୍ଜଙ୍କ ଦ୍ୱାରା ସ୍ଥାପିତ ରାଜଧାନୀକୁ ଖିଜିଙ୍ଗକୋଟ ରୂପେ ନାମିତ କରାଯାଇଥିଲା । ତଦ୍ୱାରା ରାଜ୍ୟ ଓ ରାଜଧାନୀର ସ୍ଥାପୟିତାଙ୍କୁ ଇତିହାସରେ ଚିରସ୍ମରଣୀୟ କରାଯାଇପାରିଲା । ଖିଜିଙ୍ଗକୋଟ ପ୍ରତିଷ୍ଠିତ ହେବାର ସମୟ ପ୍ରାୟ ନବମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ, କାରଣ କୋଟଭଞ୍ଜଙ୍କ ପୌତ୍ର ରଣଭଞ୍ଜଙ୍କ ବାମନଘାଟି ତାମ୍ରଶାସନ ଭୌମସମ୍ବତ୍ ୧୮୮ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୯୨୪ରେ ପ୍ରଦତ୍ତ ହୋଇଥିଲା । କୋଟଭଞ୍ଜଙ୍କ ଶାସିତ ଖିଜିଙ୍ଗମଣ୍ଡଳ ଆଧୁନିକ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସଂଲଗ୍ନ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ଖଇରଭଣ୍ଡନ ଓ କଣ୍ଟାଖଇର ନଦୀର ଦୁଇକୂଳରେ ଏହି ରାଜ୍ୟ ପରିବ୍ୟାପ୍ତ ଥିଲା । ସମୟକ୍ରମେ ରାଜ୍ୟର ପରିସର ବୃଦ୍ଧି ପାଇଥିବା ସ୍ୱାଭାବିକ । ଭଞ୍ଜ ତାମ୍ରଶାସନଗୁଡ଼ିକର ପ୍ରାପ୍ତିସ୍ଥାନକୁ ଲକ୍ଷ୍ୟ ରଖି ରାଜ୍ୟର ସୀମା ନିର୍ଦ୍ଧାରଣ କରାଯାଇପାରେ । ପାଞ୍ଚପୀଢ଼, ବାମନଘାଟି ଓ କେନ୍ଦୁଝରର ଆନନ୍ଦପୁର ସବଡିଭିଜନ ଆଦି ଅଞ୍ଚଳରୁ ତାମ୍ର ଶାସନଗୁଡ଼ିକ ମିଳିଥିବାରୁ ଆପାତତଃ ସେତିକି ଅଞ୍ଚଳକୁ ନେଇ ଖିଜିଙ୍ଗମଣ୍ଡଳର ପରିସୀମା ଚିହ୍ନିତ କରିବା ଅଯୌକ୍ତିକ ନୁହେଁ ।

କୋଟଭଞ୍ଜଙ୍କ ପୁତ୍ର ଓ ଉତ୍ତରାଧିକାରୀ ଥିଲେ ଦିଗଭଞ୍ଜ । ତାଙ୍କର ଅନ୍ୟ ନାମ ଥିଲା ବିଭ୍ରମତୁଙ୍ଗ । ଏହି 'ତୁଙ୍ଗ' ସଂଜ୍ଞା ଲକ୍ଷ୍ୟକରି କେତେକ ଐତିହାସିକ କହନ୍ତି ଯେ ଯମଗର୍ତ୍ତମଣ୍ଡଳର ତୁଙ୍ଗ ରାଜବଂଶ ସହିତ ଖିଜିଙ୍ଗମଣ୍ଡଳର ଭଞ୍ଜମାନଙ୍କ ବୈବାହିକ ସଂପର୍କ ଥିଲା । ଏହି ବୈବାହିକ ସଂପର୍କ ଦ୍ୱାରା ଭଞ୍ଜମାନଙ୍କୁ ନିଜର ରାଜନୈତିକ ସ୍ଥିତି ସୁଦୃଢ଼ କରିବାରେ ତୁଙ୍ଗମାନେ ସାହାଯ୍ୟ କରିଥିବା କଥା ମଧ୍ୟ ସେମାନେ କହନ୍ତି । ସେତେବେଳେ ଉତ୍କଳ ରାଜ୍ୟର ଶାସକ ଭୌମକର ବଂଶକୁ ଉଭୟ ତୁଙ୍ଗ ଓ ଭଞ୍ଜମାନେ ସାର୍ବଭୌମ ଶକ୍ତି ରୂପେ ସମ୍ମାନ ପ୍ରଦର୍ଶନ କରୁଥିଲେ । ଉଭୟଙ୍କର ତାମ୍ରଶାସନରେ ଭୌମକର ଉଲ୍ଲେଖ ଥିବାରୁ ସେମାନେ ଭୌମରାଜାମାନଙ୍କର ସାମନ୍ତ ଥିବାର ଅନୁମିତ ହୁଏ ।

Digitized by PPRACHIN, SOA

ସାମନ୍ତ ବିଭ୍ରମତୁଙ୍ଗ କିନ୍ତୁ ଅତ୍ୟନ୍ତ ପରାକ୍ରମଶାଳୀ ଥିଲେ । କାରଣ ଅନେକ ରାଜା ତାଙ୍କର ପଦବନ୍ଦନା କରୁଥିଲେ । (ଅସଂଖ୍ୟ-ସାମନ୍ତଃ-ନୃପତି-ସତ ଅର୍ଚ୍ଚିତୋ ଚରଣୋ) । ଏହି ପ୍ରତିପତ୍ତିଶାଳୀ ରାଜାଙ୍କ ଅନ୍ୟ ନାମ ଥିଲା ଦୁର୍ଜୟଭଞ୍ଜ । ତାଙ୍କ ପରେ ଦୁଇପୁତ୍ର ନରେନ୍ଦ୍ରଭଞ୍ଜ ଓ ରଣଭଞ୍ଜ ଯଥାକ୍ରମେ ଖିଜିଙ୍ଗମଣ୍ଡଳର ଅଧୀଶ୍ୱର ହୋଇଥିଲେ । ଭୌମବଂଶ ସହିତ ଭଞ୍ଜମାନଙ୍କର ବୈବାହିକ ସଂପର୍କ ଥିଲା । କିଛିଦିନପାଇଁ ଭଞ୍ଜରାଜକନ୍ୟା ବକୁଳ ମହାଦେବୀ ଭୌମରାଜ୍ୟରେ ଶାସନ କରିଥିଲେ ଓ ଦାନପତ୍ର ପ୍ରଦାନ କରିଥିବାର ଜଣାଯାଏ । ଆଦିପୁର ତାମ୍ରଶାସନରେ ନରେନ୍ଦ୍ରଭଞ୍ଜଙ୍କର ବିଶେଷ ସ୍ତୁତିଗାନ କରାଯାଇଛି । ତହିଁରେ ସେ କନ୍ଦର୍ପପରି ସୁନ୍ଦର, ଶକ୍ତିଶାଳୀ, ବପୁବନ୍ତ ଓ ଦୁଃସାହସୀ ଥିବାର ବର୍ଣ୍ଣନା ମିଳେ । ମହାଭାରତର ଧର୍ମରାଜ ଯୁଧିଷ୍ଠିରଙ୍କ ସଦୃଶ ସେ ସଦାସର୍ବଦା ବସୁଧାର ସୁରକ୍ଷା ଓ ନିତ୍ୟ ସୁକର୍ମରେ ବ୍ୟସ୍ତ ରହୁଥିଲେ । ସେ ଶିବଙ୍କର ପରମଭକ୍ତ ଥିଲେ । ଭର୍ତ୍ତିବିଷୟ ଅନ୍ତର୍ଗତ ବୃହତ୍ ସରାଇ ଗ୍ରାମକୁ ସେ ଟିକପୁଦ୍ରକରୁ ଆସିଥିବା ଶାଣ୍ଡିଲ୍ଯ ବ୍ରାହ୍ମଣ ଭଟ୍ଟପୁତ୍ର ଶୀତଳଦେବ ଶର୍ମାଙ୍କୁ ନିଷ୍କର ଦାନସ୍ୱରୂପ ଅର୍ପଣ କରିଥିଲେ । ଭର୍ତ୍ତିବିଷୟ ଆଧୁନିକ କେନ୍ଦୁଝର ଜିଲ୍ଲାରେ ବୈତରଣୀ ନଦୀର ଦକ୍ଷିଣ କୂଳରେ ଅବସ୍ଥିତ ଥିଲା । ଆଦିପୁର ତାମ୍ରଶାସନର ଅନ୍ୟ ଏକ ଅଂଶରେ ରାଜା ରଣଭଞ୍ଜଙ୍କ ଦ୍ୱାରା ସ୍ୱଳ୍ପ ସରାଇ ଗ୍ରାମ ଭଟ୍ଟପୁତ୍ର ତ୍ରିବିକ୍ରମଙ୍କୁ ପ୍ରଦାନ କରିଥିବାର ଉଲ୍ଲେଖ ଅଛି । ବୃହତ୍ ସରାଇ ଓ ସ୍ୱଳ୍ପ ସରାଇ ଉଭୟ ଗ୍ରାମ ଭର୍ତ୍ତିବିଷୟର ଅନ୍ତର୍ଭୁକ୍ତ ଥିଲା । ବର୍ତ୍ତମାନ ସେ ସ୍ଥାନ ସରାଇ ନାମରେ ପରିଚିତ । ଆଦିପୁରରୁ ମିଳିଥିବା ଅନ୍ୟ ଏକ ତାମ୍ର ଶାସନରେ ଶିବଙ୍କ ସ୍ତୁତିଗାନ ଓ ଗଣଦଣ୍ଡ ବୀରଭଦ୍ରଙ୍କ ମୟୂରୀ ଅଣ୍ଡାରୁ ଜନ୍ମ ହେବା ଉପାଖ୍ୟାନ ସହିତ ଓଡ୍ର ବିଷୟରୁ ଆସିଥିବା ଭଟ୍ଟ ଦେବଦେବଦାମ ନାମକ ବ୍ରାହ୍ମଣଙ୍କୁ ସରପଦ୍ରକ ଗ୍ରାମ ଦାନ ଦେବା କଥା ଉଲ୍ଲେଖ ଅଛି । ଏଥିରୁ ଜଣାପଡ଼େ ଯେ ନରେନ୍ଦ୍ରଭଞ୍ଜ ଓ ରଣଭଞ୍ଜ ଉଭୟେ ଶିବଙ୍କର ପରମଭକ୍ତ ଥିଲେ ଓ ବ୍ରାହ୍ମଣମାନଙ୍କୁ ପୃଷ୍ଠପୋଷକତା କରିବାରେ ଆନନ୍ଦ ଲାଭ କରୁଥିଲେ । ସେମାନଙ୍କ ରାଜ୍ୟ କେବଳ ମୟୂରଭଞ୍ଜ ମଧ୍ୟରେ ସୀମିତ ନ ଥିଲା । କେନ୍ଦୁଝର ଜିଲ୍ଲାର କିୟଦଂଶ ସେମାନେ ଶାସନ କରୁଥିଲେ । ନିଜେ ବ୍ରାହ୍ମଣମାନଙ୍କୁ ନିଷ୍କର ଭୂମି ଓ ଗ୍ରାମ ଦାନ କରିବା ସଙ୍ଗେ ସଙ୍ଗେ ଅନ୍ୟ ରାଜାମାନେ ପ୍ରଦାନ କରିଥିବା ତାମ୍ରଶାସନଗୁଡ଼ିକୁ ସେମାନେ ସମ୍ମାନ ସହକାରେ ଗ୍ରହଣ କରୁଥିଲେ । ଫଳରେ ପ୍ରାଚୀନ ଓଡ଼ିଶାରେ ଆର୍ଯ୍ୟ ସଂସ୍କୃତିର ବିକାଶପଥରେ ସୃଷ୍ଟ ହୋଇଥିବା ଅନୁକୂଳ ପରମ୍ପରାକୁ ରାଜକୀୟ ସ୍ୱୀକୃତି ମିଳିଥିଲା । ଆଦିପୁର ତାମ୍ରଶାସନର ସମୟ ଭୌମାବ୍ଦ ୧୯୩, ଅର୍ଥାତ୍ ୯୨୯ ଖ୍ରୀଷ୍ଟାବ୍ଦ ।

ପୃଥ୍ୱୀଭଞ୍ଜ ଥିଲେ ରଣଭଞ୍ଜଙ୍କର ପୁତ୍ର ତଥା ଉତ୍ତରାଧିକାରୀ । ସେ ରାଜତ୍ୱର ଚତୁର୍ଥବର୍ଷରେ ପ୍ରଦାନ କରିଥିବା ଉଖୁଣ୍ଡା ଦାନପତ୍ର, କେଶରୀ ଦାନପତ୍ର ଓ ଖଣ୍ଡଦେଉଳୀ ଦାନପତ୍ରରୁ ଜଣାପଡ଼େ ଯେ ପୃଥ୍ୱୀଭଞ୍ଜଙ୍କର ଅନ୍ୟ ନାମ ଶତ୍ରୁଭଞ୍ଜ ଥିଲା । ସେ ନିଜକୁ ମହାମଣ୍ଡଳାଧିପତି, ମହାରାଜାଧିରାଜ ଓ ପରମେଶ୍ୱର ଆଖ୍ୟା ଦେଇଥିଲେ । ଅନେକ

Digitized by PPRACHIN, SOA

ସଂଗ୍ରାମରେ ସେ ବିଜୟ ଲାଭ କରିଥିଲେ । ଖିଜିଙ୍ଗକୋଟରେ ଅବସ୍ଥିତ ଶିବମନ୍ଦିରରେ ସେ ନିୟମିତ ପୂଜା ଆରାଧନା କରୁଥିଲେ । ଖିଜିଙ୍ଗ ବିଷୟରେ ଥିବା ଦଣ୍ଡ ନାମକ ଗ୍ରାମ ସେ ଭଟ୍ଟପୁତ୍ର ଅନନ୍ତଙ୍କୁ ଉତ୍ସର୍ଗ କରିଥିଲେ । ଉଖୁଣ୍ଡା ତାମ୍ର ଶାସନରେ ଥିବା ପଦକରେ ବୃଷଭ ଓ ଅର୍ଦ୍ଧଚନ୍ଦ୍ରର ପ୍ରତିଚ୍ଛବି ଖୋଦିତ ହୋଇଅଛି । ତହିଁରୁ ତାଙ୍କର ଶୈବଧର୍ମ ପ୍ରୀତି ଜଣାପଡ଼େ । ଶିବଙ୍କୁ ଭବ, ଭବାନୀଙ୍କ ସ୍ୱାମୀ, ଭୟହରଣକାରୀ, ସର୍ବଲୋକୈକନାଥ, ସର୍ବବ୍ୟାପୀ ଆଦି ନାନା ଭାବରେ ସ୍ତୁତି କରାଯାଇଛି । କେଶରୀ ତାମ୍ରଶାସନର ଉପରିଭାଗରେ ବୃଷଭ ତ୍ରିଶୂଳ ଓ ଅର୍ଦ୍ଧଚନ୍ଦ୍ରର ଚିତ୍ର ଦେଖାଯାଏ । ଶର ନିମ୍ନରେ 'ଶ୍ରୀଶତ୍ରୁଭଞ୍ଜଦେବସ୍ୟ' ଉଲ୍ଲେଖ ଅଛି । ଭଟ୍ଟପୁତ୍ର ଦଣ୍ଡପାଣିଙ୍କୁ ଶ୍ୟାଳାମୟୀ ଗ୍ରାମ ସେ ପ୍ରଦାନ କରିଥିଲେ । ଏହି ବ୍ରାହ୍ମଣ ମଧ୍ୟଦେଶରୁ ଖିଜିଙ୍ଗକୋଟକୁ ଆସିଥିଲେ ।

ପୃଥ୍ୱୀଭଞ୍ଜ ଓରଫ ଶତ୍ରୁଭଞ୍ଜଙ୍କ ପରେ ଭ୍ରାତା ରାଜଭଞ୍ଜ ସିଂହାସନ ଆରୋହଣ କରିଥିଲେ । ରାଜଭଞ୍ଜ ଓ ରାୟଭଞ୍ଜ ଏକ ତଥା ଅଭିନ୍ନ ଥିଲେ । ତାଙ୍କ ରାଜତ୍ୱ କାଳରେ ଉତ୍କୀର୍ଣ୍ଣ ହୋଇଥିବା ଏକ ଅତିକାୟ ଅବଲୋକିତେଶ୍ୱର ମୂର୍ତ୍ତି ଖିଚିଂ ସଂଗ୍ରହାଳୟରେ ସୁରକ୍ଷିତ ଅଛି । ତହିଁରେ ଲେଖାଥିବା ବର୍ଣ୍ଣନାରୁ ଜଣାପଡ଼େ ଯେ ରାୟଭଞ୍ଜଙ୍କ ରାଜତ୍ୱ କାଳରେ ଧରଣୀବରାହ ଏବଂ ପତ୍ନୀ କୀର୍ତ୍ତିଙ୍କ ଦ୍ୱାରା ଉକ୍ତ ମୂର୍ତ୍ତି ଖୋଦିତ ହୋଇଥିଲା ।

ଖିଜିଙ୍ଗମଣ୍ଡଳର ଆଉ ଜଣେ ଉଲ୍ଲେଖନୀୟ ରାଜାଙ୍କ ନାମ ଥିଲା ଦୁର୍ଜୟଭଞ୍ଜ । ସେ ମଧ୍ୟ ଶିବଭକ୍ତ ଥିଲେ । ତାଙ୍କ ପୁତ୍ର ଥିଲେ ଯୁବରାଜ କୋଟଭଞ୍ଜ । ପରବର୍ତ୍ତୀ ଭଞ୍ଜରାଜାମାନଙ୍କ ସଂପର୍କରେ କିଛି ତଥ୍ୟ ମିଳେ ନାହିଁ । ମନେହୁଏ ଯେ ଆଦିଭଞ୍ଜ ବୀରଭଦ୍ରଙ୍କୁ ମିଶାଇ ଯୁବରାଜ କୋଟଭଞ୍ଜଙ୍କ ପର୍ଯ୍ୟନ୍ତ ପ୍ରାୟ ଦଶପୁରୁଷ ରାଜା ଖିଜିଙ୍ଗମଣ୍ଡଳରେ ରାଜତ୍ୱ କରିଥିଲେ । ସେମାନଙ୍କ ଶାସନକାଳ ଆନୁମାନିକ ଦୁଇଶତ ବର୍ଷ ବ୍ୟାପିଥିଲା । ଭୌମକର ରାଜବଂଶର ସମସାମୟିକ ଭାବରେ ନବମ ଓ ଦଶମ ଶତାବ୍ଦୀରେ ସେମାନେ ରାଜ୍ୟ ଭୋଗ କରିଥିଲେ । ଏହି ସମୟର ତାମ୍ରଶାସନ ଓ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଉପରେ ଭିତ୍ତିକରି ଭଞ୍ଜ ଇତିହାସ ପୁନର୍ଗଠିତ ହୋଇଥିଲେ ମଧ୍ୟ ଅନେକ ବିଷୟରେ ଯଥେଷ୍ଟ ଉପାଦାନ ମିଳେ ନାହିଁ । ଏକାଦଶ ଶତାବ୍ଦୀରେ ସୋମବଂଶୀମାନେ ଉତ୍କଳରେ ଆଧିପତ୍ୟ ବିସ୍ତାର କରିଥିଲେ । ଉତ୍ତର ଓଡ଼ିଶାର ଯାଜପୁର ଓ ଶୈବପୀଠ ଭୁବନେଶ୍ୱର ସେମାନଙ୍କର କୃତିର ପ୍ରଧାନ କେନ୍ଦ୍ରସ୍ଥାନ ଥିଲା । ସେହି ସମୟରେ ଖିଜିଙ୍ଗକୋଟ ମଧ୍ୟ ନାନା କଳା ସ୍ଥାପତ୍ୟ ସୃଷ୍ଟିର କେନ୍ଦ୍ରସ୍ଥଳୀ ଥିଲା । ଖିଚିଂରେ ମିଳୁଥିବା ପ୍ରାଚୀନ ମନ୍ଦିର ଓ କଳା ସ୍ଥାପତ୍ୟକୁ ଭୌମକର ଯୁଗର ସମକାଳୀନ କହିବା ଅପେକ୍ଷା ସୋମବଂଶୀ ଯୁଗର ସମସାମୟିକ କହିବା ଅଧିକ ଶ୍ରେୟସ୍କର । ଖିଜିଙ୍ଗମଣ୍ଡଳର ଭଞ୍ଜମାନେ ସୋମବଂଶୀ ରାଜାମାନଙ୍କର ସାମନ୍ତ ଥିଲେ । ସୋମବଂଶ ରାଜତ୍ୱ ଉତ୍କଳ ଓ କୋଶଳରେ ବ୍ୟାପିଥିବାରୁ ଭଞ୍ଜମାନେ ନିଜର ନିରାପତ୍ତା ଦୃଷ୍ଟିରୁ ସୋମମାନଙ୍କର ସାମନ୍ତ ରାଜା ହୋଇ ରହିଥିଲେ । ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭରେ ଗଙ୍ଗମାନେ ଉତ୍କଳ ଅଧିକାର କଲା ଉତ୍ତାରୁ ସୀମାନ୍ତବର୍ତ୍ତୀ ଖିଜିଙ୍ଗମଣ୍ଡଳ ରାଜ୍ୟରେ

Digitized by PPRACHIN, SOA

ହସ୍ତକ୍ଷେପ କରିବା ଅନୁଚିତ ଭାବି ଭଞ୍ଜମାନଙ୍କୁ ସାମନ୍ତ ଶକ୍ତି ରୂପେ ସ୍ୱୀକାର କରିଥିଲେ । ତେଣୁ ଗଙ୍ଗ ଓ କଳଚୁରୀ ସଂଗ୍ରାମରେ ଭଞ୍ଜମାନେ କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ ଥିଲା । ବଙ୍ଗଳାରେ ପାଳ ଓ ସେନମାନଙ୍କ ପରେ ମୁସଲମାନ ଶକ୍ତିର ଉଦ୍ଭବ, ଗଙ୍ଗ-ନବାବ ସଂଘର୍ଷ, ଗଙ୍ଗ-କଳଚୁରୀ ସଂଘର୍ଷ ଆଦି ନାନା ରାଜନୈତିକ ବିଘଟଣର ଶିକାର ହେଲେ ଭଞ୍ଜମାନେ । ସେମାନଙ୍କ ରାଜ୍ୟ ଏକ ସନ୍ଧିସ୍ଥଳରେ ଗୁରୁତ୍ୱପୂର୍ଣ୍ଣ ଅବସ୍ଥିତିରେ ଥିବାରୁ ଅତି ଚତୁରତାର ସହିତ ଭଞ୍ଜମାନେ ବୈଦେଶିକ ତଥା ସୁରକ୍ଷା ନୀତିକୁ ପରିଚାଳିତ କରୁଥିଲେ ।

ଉତ୍କଳରେ ଖ୍ରୀ. ୧୧୧୦ ବେଳକୁ ସୋମବଂଶୀ ରାଜତ୍ୱର ଅବସାନ ହେଲା ଓ ଅନନ୍ତବର୍ମଣ ଚୋଡ଼ଗଙ୍ଗ ତାହା ଅଧିକାର କରି କଳିଙ୍ଗ ସହ ମିଶାଇବା ଫଳରେ ଉତ୍କଳ ସାମ୍ରାଜ୍ୟ ସ୍ଥାପିତ ହେଲା । ପଶ୍ଚିମ ଓଡ଼ିଶାରେ ରତନପୁରର କଳଚୁରୀମାନେ ସେତେବେଳେ ପ୍ରଭାବଶାଳୀ ହୋଇ ଗଙ୍ଗମାନଙ୍କୁ ପରାଜିତ କରିବାର ଯୋଜନା ପ୍ରସ୍ତୁତ କରୁଥିଲେ । ସମ୍ବଲପୁର, କେନ୍ଦୁଝର ଓ ମେଦିନୀପୁର ଅଞ୍ଚଳକୁ ଅଧିକାର କରି ସେମାନେ ବଙ୍ଗପ୍ରଦେଶ ପର୍ଯ୍ୟନ୍ତ ସାମ୍ରାଜ୍ୟ ସଂପ୍ରସାରଣ କରିବାର ସ୍ୱପ୍ନ ଦେଖୁଥିଲେ । ତାମ୍ରଲିପ୍ତ ବନ୍ଦର ସହିତ ପଶ୍ଚିମ ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶକୁ ଯୋଗ କରୁଥିବା ବାଣିଜ୍ୟ ପଥକୁ ଅକ୍ତିଆର କରିବା ସେମାନଙ୍କର ଅନ୍ୟତମ ଅଭିପ୍ରାୟ ଥିଲା । ତେଣୁ ଗଙ୍ଗମାନଙ୍କ ସହିତ କଳଚୁରୀମାନଙ୍କ ସଂଗ୍ରାମ ବହୁଦିନ ପର୍ଯ୍ୟନ୍ତ ଚାଲିଥିଲା । ଏହାର ପରିସମାପ୍ତି ଅନଙ୍ଗଭୀମଦେବ ତୃତୀୟଙ୍କ ରାଜତ୍ୱ କାଳରେ ପ୍ରାୟ ଶହେବର୍ଷ ଉତ୍ତାରୁ ହୋଇଥିବା କଥା ଐତିହାସିକମାନେ କହନ୍ତି । ଏହି ଶତବର୍ଷ ଯୁଦ୍ଧରେ ୧୧୩୦ ଖ୍ରୀ.ରେ କଳଚୁରୀ ରାଜା ରତ୍ନଦେବଙ୍କ ସେନାପତି ପୁରୁଷୋତ୍ତମ ଖିଜିଙ୍ଗକୋଟ୍ଟ ଆକ୍ରମଣ କରିଥିବାର ପ୍ରମାଣ ଅଭିଲେଖମାନଙ୍କରେ ସୂଚିତ ଅଛି । ଭଞ୍ଜମାନେ ଗଙ୍ଗ ରାଜବଂଶର ସାମନ୍ତ ଶକ୍ତି ରୂପେ ତିଷ୍ଠିବା କଳଚୁରୀ ଶକ୍ତି ପ୍ରତି ବିପଦର କାରଣ ଥିଲା । କଳଚୁରୀ ଆକ୍ରମଣରେ ଖିଜିଙ୍ଗକୋଟ୍ଟର କ୍ଷତି ପରିମାଣ ନିରୂପିତ ହୋଇ ନାହିଁ । କିନ୍ତୁ ଗଙ୍ଗମାନଙ୍କ ଉପରେ ନିର୍ଭର କରି ଭଞ୍ଜମାନେ ଆଉ ଦୁଇଶହ ବର୍ଷ ନିର୍ବିଘ୍ନରେ ସୁରକ୍ଷିତ ରହିଗଲେ । ଗଙ୍ଗବଂଶର ପତନ ତ୍ରୟୋଦଶ ଶତାବ୍ଦୀର ଶେଷାର୍ଦ୍ଧରେ ଆରମ୍ଭ ହେଲା । ସେଥିପାଇଁ ବଙ୍ଗ ନବାବଙ୍କ ତୁହାକୁ ତୁହା ଆକ୍ରମଣ ମୁଖ୍ୟତଃ ଦାୟୀ ଥିଲା । ବଙ୍ଗଳାର ଅତି ସନ୍ନିକଟବର୍ତ୍ତୀ ହୋଇଥିବାରୁ ଖିଜିଙ୍ଗମଣ୍ଡଳର ନିରାପତ୍ତା କ୍ରମଶଃ ବିପନ୍ନ ହୋଇପଡ଼ିଲା ।

ପତନୋନ୍ମୁଖୀ ଗଙ୍ଗ ସାମ୍ରାଜ୍ୟ ଉପରେ ଦିଲ୍ଲୀସୁଲତାନ ଫିରୋଜ ସାହା ତୁଗଲକ ଖ୍ରୀ. ୧୩୬୦-୬୧ରେ ଦକ୍ଷିଣ ବିହାର ପଟୁ ଆକ୍ରମଣ କରିଥିଲେ । ତାଙ୍କ ନେତୃତ୍ୱରେ ମୁସଲମାନମାନେ ଖିଜିଙ୍ଗକୋଟ୍ଟକୁ ଧ୍ୱଂସ କରି ଯାଜନଗର ବା ଯାଜପୁର ଓ କଟକ ଅଭିମୁଖରେ ଅଗ୍ରସର ହୋଇଥିଲେ । ଏହି ଅଭିଯାନ ଖିଜିଙ୍ଗକୋଟ୍ଟ ପାଇଁ ଅତି କ୍ଷତିକାରକ ହୋଇଥିଲା । ଗଙ୍ଗସମ୍ରାଟ ତୃତୀୟ ଭାନୁଦେବ ନିଜ ସାମନ୍ତ ରାଜ୍ୟ ଓ ସାମ୍ରାଜ୍ୟକୁ ସୁରକ୍ଷିତ କରିବାରେ ଅସମର୍ଥ ଥିଲେ । ଖିଜିଙ୍ଗକୋଟ୍ଟନଗରୀ, ମନ୍ଦିର ଓ

Digitized by PPRACHIN, SOA

ଅଟ୍ଟାଳିକାମାନ ଧୂଳିସାତ୍ କରି ଫିରୋଜ ତୁଗଲକ ଭଞ୍ଜ ଇତିହାସକୁ ଏକ ନୂତନ ମୋଡ଼ ଦେଲେ । ଭଞ୍ଜମାନେ ଖିଜିଙ୍ଗକୋଟ ପରିତ୍ୟାଗ କରି ରାଜା ହରିହର ଭଞ୍ଜଙ୍କ ନେତୃତ୍ୱରେ ପୂର୍ବ ମୟୂରଭଞ୍ଜ ଅଞ୍ଚଳରେ ବଳଙ୍ଗ ନଦୀ କୂଳରେ ହରିପୁର ଦୁର୍ଗ ସ୍ଥାପନ କରି ସେଠାକୁ ରାଜଧାନୀ ସ୍ଥାନାନ୍ତରିତ କଲେ । ଏହା ଖ୍ରୀ. ୧୪୦୦ର ଘଟଣା । ଖିଜିଙ୍ଗକୋଟରୁ ହରିପୁରଗଡ଼କୁ ରାଜଧାନୀ ପରିବର୍ତ୍ତିତ ହେବା ସହିତ ଖିଜିଙ୍ଗମଣ୍ଡଳ ଇତିହାସରେ ପ୍ରାଚୀନ ଯୁଗର ଅବସାନ ଘଟିଲା । ବୈତରଣୀ ନଦୀ କୂଳ ଓ ଉପତ୍ୟକାର ଧନ ଓ ଜନସଂପଦ ଉପରେ ନିର୍ଭରଶୀଳ ଭଞ୍ଜମାନେ ବର୍ତ୍ତମାନ ବୁଢ଼ାବଳଙ୍ଗ ନଦୀର ଉର୍ବର ଉପତ୍ୟକାରେ ଉତ୍ପାଦିତ ସଂପଦରାଶି ଓ ତତ୍‌ସହିତ ସଂପୃକ୍ତ ଥିବା ଅଧିବାସୀମାନଙ୍କ ଉପରେ ରାଜନୈତିକ ଓ ଆର୍ଥନୀତିକ ଦୃଷ୍ଟିକୋଣରୁ ନିର୍ଭରଶୀଳ ହେଲେ । କେତେକ ଐତିହାସିକଙ୍କ ମତରେ ଭଞ୍ଜମାନେ ଖିଜିଙ୍ଗକୋଟ ପରିତ୍ୟାଗ କଲାପରେ କିଛି ସମୟ ପାଇଁ ଇଷ୍ଟଦେବୀ ଖିଜିଙ୍ଗେଶ୍ୱରୀଙ୍କ ସହିତ ବହଳଦାରେ ଆସ୍ଥାନ ଜମାଇଥିଲେ । ଏହାର ସତ୍ୟାସତ୍ୟ ଅନୁସନ୍ଧାନସାପେକ୍ଷ । କାରଣ ରାଜଧାନୀ ଯୋଗ୍ୟ ହେବାପାଇଁ ବହଳଦାଠାରେ କୌଣସି ସୁବିଧା ବା ଉପାଦାନ ଥିବାର ଦେଖାଯାଏନା । ସେ ଦୃଷ୍ଟିରୁ ହରିହରପୁରକୁ ନିର୍ବାଚନ କରିବାର ଯଥାର୍ଥତା ଅନେକ ଥିଲା । ହରିହରପୁରକୁ ସ୍ଥାନାନ୍ତରିତ ହେବା ପରେ ଭଞ୍ଜମାନେ ସମୁଦ୍ର ଉପକୂଳ ଓ ବଙ୍ଗଳାର ନିକଟବର୍ତ୍ତୀ ହେଲେ । ସେମାନଙ୍କର ରାଜନୈତିକ ଆଭିମୁଖ୍ୟ ପରିବର୍ତ୍ତନ ହୋଇଗଲା । ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଉପରେ ଆଧିପତ୍ୟ ବିସ୍ତାର କରିବା ଅଭିଳାଷ ସେମାନଙ୍କୁ ପ୍ରଲୁବ୍ଧ କଲା ।

ଭଞ୍ଜ ରାଜତନ୍ତ୍ରର କେତୋଟି ବିଶେଷତ୍ୱ

ଭଞ୍ଜମାନଙ୍କର ଶାସନବ୍ୟବସ୍ଥା ରାଜତନ୍ତ୍ର ଉପରେ ଆଧାରିତ ଥିଲା ଏବଂ ଗୁପ୍ତ ସାମ୍ରାଜ୍ୟ ପ୍ରଣାଳୀ ଅନୁସାରେ ଗଠିତ ହୋଇଥିବାର ଦେଖାଯାଏ । ରାଜପଦ ସହିତ ଉଚ୍ଚମର୍ଯ୍ୟାଦା ସଂପୃକ୍ତ ଥିବାରୁ ରାଜାଙ୍କ ବ୍ୟକ୍ତିତ୍ୱ ଓ ପ୍ରତିପତ୍ତି ଅନୁସାରେ ପଦପଦବୀର ଉଲ୍ଲେଖ ତାମ୍ରଶାସନରୁ ଜଣାପଡ଼େ । ଆଦିଭଞ୍ଜଙ୍କୁ 'ଚକ୍ରବର୍ତ୍ତୀ', ରଣଭଞ୍ଜଙ୍କୁ ମହାରାଜ ଏବଂ ଶତ୍ରୁଭଞ୍ଜଙ୍କୁ 'ମହାମଣ୍ଡଳାଧିପତି', 'ମହାରାଜାଧିରାଜ' ଓ 'ପରମେଶ୍ୱର' ପଦରେ ମଣ୍ଡିତ କରାଯାଇଥିଲା । ସେମାନେ 'ସାମନ୍ତରାଜା' ଥିଲେ ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲେ । ରାଜ୍ୟ ଶାସନ ଓ ଯୁଦ୍ଧ ସମୟରେ ସେମାନେ ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ଉପଭୋଗ କରୁଥିଲେ । ଶାନ୍ତି ସମୟରେ ଲୋକହିତ ସାଧନ କରିବା ସେମାନଙ୍କର କର୍ତ୍ତବ୍ୟ ଥିଲା । ଯେଉଁ ରାଜାମାନେ ପ୍ରଜାହିତକର କାର୍ଯ୍ୟରେ ବ୍ୟାପୃତ ରହୁଥିଲେ ସେମାନଙ୍କୁ ମହାଭାରତର ପ୍ରଖ୍ୟାତ ଧର୍ମରାଜ ଯୁଧିଷ୍ଠିରଙ୍କ ସହିତ ତୁଳନା କରାଯାଉଥିଲା ।

ରାଜ୍ୟ ଶାସନରେ ରାଣୀ ଓ ଯୁବରାଜଙ୍କ ପାଇଁ ବିଶେଷ ଭୂମିକା ନିର୍ଦ୍ଦିଷ୍ଟ ଥିଲା । ଉଭୟେ ମହତ୍ତ୍ୱପୂର୍ଣ୍ଣ ପଦରେ ଅଧିଷ୍ଠିତ ଥିବାରୁ ଦାୟିତ୍ୱସଂପନ୍ନ କାର୍ଯ୍ୟରେ ସଂପୃକ୍ତ ରହୁଥିଲେ । ବ୍ରାହ୍ମଣମାନଙ୍କୁ ଗ୍ରାମଦାନ କାଳରେ ରାଣୀ ଓ ଯୁବରାଜ ଉପସ୍ଥିତ ରହିବାର

Digitized by PPRACHIN, SOA

ପରମ୍ପରା ଥିଲା । ସେହିପରି ସାମନ୍ତ ରାଜାମାନଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଆଯାଇଥିଲା । ଯୁଦ୍ଧରେ ରାଜାଙ୍କ ସହିତ ସହଯୋଗ କରିବା ସେମାନଙ୍କର କର୍ତ୍ତବ୍ୟ ଥିଲା । ସେମାନେ ନିୟମିତ ଭାବରେ ରାଜାଙ୍କ ପ୍ରତି ସମ୍ମାନ ଓ ଅନୁରକ୍ତି ଜ୍ଞାପନ କରୁଥିଲେ । ସାମନ୍ତରାଜାମାନଙ୍କର ଶ୍ରେଣୀ ବିଭାଗ ଥିଲା । ବିଭିନ୍ନ ଶ୍ରେଣୀପାଇଁ ସାମନ୍ତ, ମହାରାଜ ଆଦି ବିଭିନ୍ନ ପଦବୀ ଉଦ୍ଦିଷ୍ଟ ଥିଲା ।

ଭଞ୍ଜ ତାମ୍ରଶାସନମାନଙ୍କରେ ଉଲ୍ଲେଖ ଥିବା ପଦପଦବୀରୁ ଜଣାପଡ଼େ ଯେ ଶାସନ ବ୍ୟବସ୍ଥା ଅମଲାତାନ୍ତ୍ରିକ ଥିଲା । ରାଜାଙ୍କୁ ସର୍ବୋଚ୍ଚ କ୍ଷମତା ମିଳିଥିଲେ ମଧ୍ୟ ସେ ବିଭିନ୍ନ କର୍ମଚାରୀଙ୍କ ମାଧ୍ୟମରେ କ୍ଷମତାର ପ୍ରୟୋଗ କରୁଥିଲେ । ଯୁଦ୍ଧ ଓ ସନ୍ଧି ସମୟରେ ରାଜାଙ୍କୁ ପରାମର୍ଶ ଦେବାପାଇଁ ଜଣେ ସ୍ୱତନ୍ତ୍ର ମନ୍ତ୍ରୀ ଥିଲେ । ରାଜା ଦୁର୍ଜୟଭଞ୍ଜଙ୍କ ରାଜତ୍ୱରେ ମନ୍ତ୍ରୀ ଅର୍ଚ୍ଚହ ଏବଂ ଶତ୍ରୁଭଞ୍ଜଙ୍କ ରାଜତ୍ୱରେ ମନ୍ତ୍ରୀ ପ୍ରଜାପତି ଏହି ଗୁରୁଦାୟିତ୍ୱ ବହନ କରିଥିଲେ । ରାଜକୀୟ ମୋହର ଦାୟିତ୍ୱରେ ଥିବା ରାଜକର୍ମଚାରୀଙ୍କୁ 'ମୁଦ୍ରାହସ୍ତ' ପଦବୀ ଦିଆଯାଇଥିଲା । 'ପ୍ରତିହାର' ଓ 'କୁଣ୍ଡହାଥ' ନାମରେ ଆଉ ଦୁଇ ଶ୍ରେଣୀର କର୍ମଚାରୀ ଥିଲେ । ନଗରମାନଙ୍କରେ ଥିବା ବ୍ୟାଙ୍କ ବା ଅର୍ଥାଗାର ଦାୟିତ୍ୱରେ ଥିଲେ ପୁରଶ୍ରେଷ୍ଠୀ । 'ଲେଖକ' ଓ 'ଖଣିତକ' ତାମ୍ରଶାସନ ପ୍ରଦାନ କାଳରେ ନିଜ ଦାୟିତ୍ୱ ନିର୍ବାହ କରୁଥିଲେ ।

ଗୁପ୍ତ ସାମ୍ରାଜ୍ୟର ସୁଶାସନ ପାଇଁ କ୍ଷୁଦ୍ର କ୍ଷୁଦ୍ର ଅଞ୍ଚଳ ସୃଷ୍ଟି କରି ସେଗୁଡ଼ିକୁ ଦାୟିତ୍ୱସଂପନ୍ନ କର୍ମଚାରୀଙ୍କ ଅଧୀନରେ ରଖିବାପରି ଭଞ୍ଜମାନେ ମଧ୍ୟ ନିଜ ରାଜ୍ୟକୁ ଖଣ୍ଡ, ବିଷୟ ଓ ଗ୍ରାମରେ ବିଭକ୍ତ କରିଥିଲେ । ସମଗ୍ର ରାଜ୍ୟ ମଣ୍ଡଳ ନାମରେ ଖ୍ୟାତ ଥିଲା । ଖିଜିଙ୍ଗମଣ୍ଡଳକୁ ଏକାଧିକ 'ଖଣ୍ଡ'ରେ ବିଭକ୍ତ କରାଯାଇଥିଲା । ଉତ୍ତରଖଣ୍ଡର ଉଲ୍ଲେଖ ତାମ୍ରଶାସନରୁ ମିଳେ । ପ୍ରତ୍ୟେକ 'ଖଣ୍ଡ' ଅନେକ 'ବିଷୟ'ରେ ବିଭକ୍ତ ହୋଇଥିଲା । 'ବିଷୟ' ମଧ୍ୟରେ ଉଲ୍ଲେଖନୀୟ ହେଲା କୋରଣ୍ଡିଆ, କେରକେରା, ବ୍ରାହ୍ମଣ ବସ୍ତି, ଉର୍ଦ୍ଧି ଇତ୍ୟାଦି । ବିଷୟର ଶାସକଙ୍କୁ 'ବିଷୟପତି' କୁହାଯାଉଥିଲା । ଶାସନ ବ୍ୟବସ୍ଥାରେ ସର୍ବନିମ୍ନ ଏକକ (unit) ଥିଲା ଗ୍ରାମ । ଶାସନକାର୍ଯ୍ୟ ପରିଚାଳନାରେ ଧର୍ମଶାସ୍ତ୍ର, ପରମ୍ପରା ଓ ସାମାଜିକ ଆଦର୍ଶକୁ ଗୁରୁତ୍ୱ ଦିଆଯାଉଥିଲା । ପ୍ରଜାହିତସାଧନ ହିଁ ରାଜା ଓ ପ୍ରଶାସକମାନଙ୍କର ମୁଖ୍ୟ କର୍ତ୍ତବ୍ୟ ଥିଲା । ପ୍ରାଚୀନ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭଞ୍ଜ ରାଜାମାନେ ସଦାସର୍ବଦା ପ୍ରଜାହିତକାରୀ ଶାସକ ଆଦର୍ଶରେ ନିଜକୁ ଅନୁପ୍ରାଣିତ କରିଥିଲେ । ଏହି ସୁସ୍ଥ ପରମ୍ପରାରୁ ସେମାନେ କଦାପି ବିଚ୍ୟୁତ ହେଉ ନ ଥିଲେ ।

ଭଞ୍ଜ ରାଜତ୍ୱର ଆଉ କେତେକ ବିଶେଷତ୍ୱ ଥିଲା । ଶାସନରେ ରାଜାଙ୍କ ଆସନ ସର୍ବୋଚ୍ଚ ଥିଲା । ଉତ୍ତରାଧିକାର ସୂତ୍ରରେ ଯୁବରାଜଙ୍କୁ ସଦାସର୍ବଦା ରାଜପଦରେ ଅଳଙ୍କୃତ କରାଯାଉଥିଲା । କେବଳ ପରାକ୍ରମଶାଳୀ ଓ ସଫଳ ରାଜାଙ୍କୁ ମହାରାଜାଧିରାଜ, ମହାମଣ୍ଡଳାଧିପତି, ପରମେଶ୍ୱର ଏବଂ ଅଷ୍ଟସହସ୍ରାଧିପତି ଆଦି

Digitized by PPRACHIN, SOA

ବିରୁଦରେ ଭୂଷିତ କରାଯାଉଥିଲା । ଏହି ଦୃଷ୍ଟିରୁ କେବଳ ରଣଭଞ୍ଜ ଓ ଶତ୍ରୁଭଞ୍ଜ ଥିଲେ ଅତି ସାର୍ଥକ ନୃପତି । ଅନ୍ୟମାନେ ମହାରାଜ, ସାମନ୍ତ ଓ ମାଣ୍ଡଳିକ ପଦରେ ଭୂଷିତ ହୋଇଥିଲେ । ସିଂହାସନ ଆରୋହଣକୁ ନିଷ୍କଣ୍ଟକ କରିବା ଉଦ୍ଦେଶ୍ୟରେ ରାଜାମାନେ ନିଜ ନିଜର ଉତ୍ତରାଧିକାରୀଙ୍କୁ ମନୋନୀତ କରିବା ବିଧି ଥିଲା । ଉତ୍ତରାଧିକାରୀ ମନୋନୀତ କଲେ ଯୁବରାଜମାନେ ଶାସନ କ୍ଷେତ୍ରରେ ସକ୍ରିୟ ଅଂଶ ଗ୍ରହଣ କରିବା ସହିତ ଅଭିଜ୍ଞତା ଅର୍ଜନ କରିପାରୁଥିଲେ । ଏହା ସେମାନଙ୍କୁ ଭବିଷ୍ୟତରେ ସଫଳ ପ୍ରଶାସକ ହେବାକୁ ସାହାଯ୍ୟ କରୁଥିଲା । ରାଣୀ ଓ ଅନ୍ୟାନ୍ୟ ରାଜପୁତ୍ରମାନେ ଶାସନ ସହିତ ସଂପୃକ୍ତ ଥିବାର ପ୍ରମାଣସ୍ୱରୂପ ମହାଦେବୀ, ଅନଙ୍ଗଃ ଦେବୀ, ମହାଦେବୀ ଲାବଣ୍ୟବତୀ ରାଜକୁଳ ହେରମ୍ବ ଓ କୁଳପୁତ୍ର ଯକ୍ଷ ଆଦି ନାମୋଲ୍ଲେଖ ତାମ୍ରଶାସନମାନଙ୍କରେ ଦେଖାଯାଏ ।

ରାଜା ଶାସନକାର୍ଯ୍ୟ ପରିଚାଳନା ପାଇଁ ମନ୍ତ୍ରିପରିଷଦର ସାହାଯ୍ୟ ନେବା ପରମ୍ପରା ଥିଲା । ମନ୍ତ୍ରୀମାନଙ୍କୁ ମନ୍ତ୍ରୀ, ସଂଧିବିଗ୍ରହ, ସାମନ୍ତ, ମହାସାମନ୍ତ ପ୍ରଭୃତି ଉପାଧି ମିଳିଥିଲା । ଭୂରାଜସ୍ୱ ଥିଲା ରାଜ୍ୟର ପ୍ରଧାନ ଆୟ ଏବଂ ତାହା ସଂଗ୍ରହ କରିବାପାଇଁ ନିର୍ଦ୍ଦିଷ୍ଟ କର୍ମଚାରୀ ନିଯୁକ୍ତ ହେଉଥିଲେ । ଭୂରାଜସ୍ୱ ମୁଖ୍ୟତଃ ପଦାର୍ଥ ଆକାରରେ ସଂଗୃହୀତ ହେଉଥିଲା– ଅର୍ଥ ଆକାରରେ ନୁହେଁ । ବସ୍ତ୍ର ଶିଳ୍ପ, ଗୋଚର ଓ ସୁରା ଉତ୍ପାଦନ କେନ୍ଦ୍ର ଉପରେ କର ବସାଇବା ବିଧି ପ୍ରଚଳିତ ଥିଲା । ପ୍ରଜାମାନଙ୍କୁ ନିଜ ଜମିର ପଞ୍ଜୀକରଣ କରାଇବାକୁ ପଡୁଥିଲା । ପଞ୍ଜୀକରଣ ସମୟରେ ରାଜକୀୟ ମୋହର ବ୍ୟବହୃତ ହେଉଥିଲା । ଭଞ୍ଜମାନେ ବୃଷଭ, ପଦ୍ମ, ତ୍ରିଶୂଳ, ଅର୍ଦ୍ଧଚନ୍ଦ୍ର ସହିତ ରାଜାଙ୍କ ନାମ ମୋହରରେ ଅଙ୍କିତ କରୁଥିଲେ ।

ଭୌମ ଓ ସୋମବଂଶ ରାଜତ୍ୱ କାଳରେ ଭଞ୍ଜମାନେ ସାମନ୍ତ ରାଜା ଥିଲେ ମଧ ବେଶ୍ ପ୍ରଭାବଶାଳୀ ଥିଲେ । ସେମାନଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରଶାସନରେ ଭୌମାବ୍ଦର ଉଲ୍ଲେଖ ଥିବା ଦେଖାଯାଏ । ସୋମବଂଶ ରାଜାମାନେ ସ୍ୱତନ୍ତ୍ର ଅବ୍ଦ ପ୍ରଚଳନ କରିଥିବାର ଜଣାଯାଏ ନାହିଁ । ଏହାର କାରଣ ରହସ୍ୟାଚ୍ଛନ୍ନ । ପ୍ରାଚୀନ ଉତ୍କଳରେ ଅବ୍ଦର ପ୍ରଚଳନ ଖ୍ରୀ. ୪୯୮ରୁ ଆରମ୍ଭ ହୋଇଥିଲେ ମଧ କେତେକ ସ୍ଥାନୀୟ ରାଜା କୌଣସି ଅବ୍ଦ ଉଲ୍ଲେଖ ନ କରିବା ଆଶ୍ଚର୍ଯ୍ୟର ବିଷୟ । ହୁଏତ ରାଜନୈତିକ ଅସ୍ଥିରତା ତାହାର ଅନ୍ୟତମ କାରଣ ହୋଇପାରେ ।

ଖିଚିଂ (ଖିଜିଙ୍ଗକୋଟ୍ଟ)

ଓଡ଼ିଶା ଇତିହାସରେ ପ୍ରାଚୀନ ମୟୂରଭଞ୍ଜ (ଖିଜିଙ୍ଗମଣ୍ଡଳ)ର ରାଜଧାନୀ ଖିଜିଙ୍ଗକୋଟ୍ଟ ବା ଖିଚିଂ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଭଞ୍ଜ ରାଜାମାନଙ୍କ ସାଂସ୍କୃତିକ ପୃଷ୍ଠପୋଷକତାର କେନ୍ଦ୍ରସ୍ଥଳୀ ଭାବରେ ଖିଚିଂ ଦୀର୍ଘ ପାଞ୍ଚଶତବର୍ଷ ପର୍ଯ୍ୟନ୍ତ (ନବମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ) ନାନା ମନ୍ଦିର ଓ ଦେବାଳୟର ମୂକସାକ୍ଷୀ ଥିଲା । ସେଗୁଡ଼ିକ ବ୍ରାହ୍ମଣ୍ୟଧର୍ମ, ବୌଦ୍ଧଧର୍ମ ଓ ଜୈନଧର୍ମର ଉପାସନା ପାଇଁ ବ୍ୟବହୃତ ହେଉଥିଲା । ପଞ୍ଚୋପାସନାର କ୍ଷେତ୍ର ଥିବାରୁ ଗଣପତି, ସୂର୍ଯ୍ୟ, ବିଷ୍ଣୁ, ଶିବ ଓ ଶକ୍ତି ଆଦି

Digitized by PPRACHIN, SOA

ସେଠାରେ ପୂଜିତ ହେଉଥିଲେ । ଭଞ୍ଜମାନେ ଶୈବଧର୍ମର ଉପାସକ ଥିବାର ନାନା ପ୍ରମାଣ ମିଳିଅଛି । ବୃଷଭ ଥିଲା ସେମାନଙ୍କର ରାଜକୀୟ ଚିହ୍ନ ଓ ସେମାନେ 'ପରମ ମାହେଶ୍ୱର' ବିରୁଦ ଧାରଣ କରୁଥିଲେ । ଖିଚିଂରେ ଥିବା ଖଣ୍ଡିଆ ଦେଉଳ ଓ କୁଟାଇତୁଣ୍ଡୀ ମନ୍ଦିର ମଧ୍ୟ ଏହାର ଅନ୍ୟତମ ନିଦର୍ଶନ । ପୃଥ୍ୱୀଭଞ୍ଜଦେବ ପୂଜା କରୁଥିବା ହରପ୍ରତିମା ବର୍ତ୍ତମାନ ସ୍ଥାନୀୟ ସଂଗ୍ରହାଳୟରେ ସୁରକ୍ଷିତ ହୋଇରହିଛି । ଖିଚିଂରେ ଅନେକ ହରପାର୍ବତୀ ମୂର୍ତ୍ତି ମିଳିବା ପଛରେ ଭଞ୍ଜମାନଙ୍କର ଶୈବଧର୍ମପ୍ରୀତି ମୂଳ କାରଣ । ସେମାନେ ଶକ୍ତିର ଉପାସକ ମଧ୍ୟ ଥିଲେ । ସେଥିପାଇଁ ଦେବୀ ଖିଜିଙ୍ଗେଶ୍ୱରୀ ଥିଲେ ସେମାନଙ୍କର ପ୍ରଧାନ ଅଧିଷ୍ଠାତ୍ରୀ ଦେବୀ । ସେ ଚାମୁଣ୍ଡା ରୂପରେ ପୂଜିତ ହେଉଥିଲେ । ଖିଚିଂର ବିଭିନ୍ନ ସ୍ଥାନରୁ ପ୍ରତ୍ନତାତ୍ତ୍ୱିକ ଭୂଖୋଦନ ଦ୍ୱାରା ଅନେକ ଉମା ମହେଶ୍ୱର ମୂର୍ତ୍ତି ମିଳିଥିବାରୁ ଭଞ୍ଜମାନଙ୍କ ଶାକ୍ତ ଧର୍ମ ପ୍ରତି ଥିବା ଅନୁରକ୍ତି ସ୍ପଷ୍ଟ ପ୍ରମାଣିତ ହୁଏ । ସେମାନେ ସୂର୍ଯ୍ୟ ପୂଜାର ଉପାସକ ଥିଲେ ଓ ସୂର୍ଯ୍ୟକୁ 'ଭବ' ବୋଲି ତାମ୍ର ଶାସନରେ ଉଲ୍ଲେଖ କରିଥିଲେ । ଖିଚିଂରୁ ମିଳିଥିବା ଏକାଧିକ ସୂର୍ଯ୍ୟ ପ୍ରତିମା ସୌରପୂଜାର ଜନପ୍ରିୟତା ସଂପର୍କରେ ସୂଚନା ଦେଇଥାଏ । ଖିଚିଂରେ ବିଷ୍ଣୁ ମନ୍ଦିରର ଭଗ୍ନାବଶେଷ ମିଳିଅଛି । କେତେଗୁଡ଼ିଏ ସୁନ୍ଦର ବିଷ୍ଣୁ ପ୍ରତିମା ଭୂଖୋଦନରୁ ସଂଗୃହୀତ ହୋଇଅଛି । ଏସବୁ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଦ୍ୱାରା ଖିଚିଂର ସାଂସ୍କୃତିକ ମହତ୍ତ୍ୱ ପ୍ରତିପାଦିତ ହୁଏ । ସ୍ଥାନୀୟ ଅଧିବାସୀମାନେ ଗଣପତି ଓ ନାଗପୂଜାର ଉପାସକ ଥିଲେ । ନାଗପୂଜା ସାଧାରଣତଃ ଆଦିମ ଜନଜାତି ମଧ୍ୟରେ ପ୍ରଚଳିତ ଥିଲା । ଭଞ୍ଜମାନଙ୍କ ପୂର୍ବରୁ ବିରାଟ-ଭୁଜଙ୍ଗରାଜାମାନେ ଖିଚିଂ ଅଞ୍ଚଳରେ ଶାସନ କରୁଥିଲେ । ତେଣୁ ନାଗ ପ୍ରତିମା ବହୁସଂଖ୍ୟାରେ ମିଳିବା ସ୍ୱାଭାବିକ । ଅସନପାଟ ଶିଳାଲେଖରୁ ଜଣାପଡ଼େ ଯେ ରାଜା ଶତ୍ରୁଭଞ୍ଜ ନାଗବଂଶୀୟ ଥିଲେ । କିନ୍ତୁ ସେ ବ୍ରାହ୍ମଣ୍ୟ ଧର୍ମର ମହାନ ପୃଷ୍ଠପୋଷକ ମଧ୍ୟ ଥିଲେ । ତାଙ୍କ ରାଜ୍ୟ ବିନ୍ଧ୍ୟପର୍ବତ ପାଦଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଓ ସେ ବିଭିନ୍ନ ତୀର୍ଥ ସ୍ଥାନରେ ଗୋ ବ୍ରାହ୍ମଣ ହିତାର୍ଥେ ଦାନ ଓ ଉପାସନା ମଧ୍ୟ କରିଥିଲେ । ବିରାଟ ଭୁଜଙ୍ଗ ପରିବାର ସହିତ ଭଞ୍ଜବଂଶର ରାଜନୈତିକ ସମନ୍ୱୟ ହେବା ଫଳରେ ନାଗ ଉପାସନା ପାଇଁ ଖିଜିଙ୍ଗକୋଟ୍ଟରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲା । ତେଣୁ ଖିଚିଂରେ ଥିବା ମନ୍ଦିର ଗାତ୍ରରେ ନାଗ ଓ ନାଗୁଣୀମାନଙ୍କର ଏକାଧିକ ଅଙ୍କନ ମଣ୍ଡିତ ହୋଇଥିବାର ଦେଖାଯାଏ ।

ଖିଚିଂରେ ଇଟାମୁଣ୍ଡିଆ ନାମକ ସ୍ଥାନରେ ପ୍ରାଚୀନ କାଳରେ ଏକ ବୌଦ୍ଧ ମନ୍ଦିର ଥିବାର ଅନୁମିତ ହୁଏ । ରାୟଭଞ୍ଜ ଓ ରାଜଭଞ୍ଜ ଉଭୟ ରାଜା ବୌଦ୍ଧ ଧର୍ମାବଲମ୍ବୀ ଥିଲେ । ମହାଯାନ ବୌଦ୍ଧଧର୍ମର ମାରିଚୀ, ଅବଲୋକିତେଶ୍ୱର ଓ ଯୋଗାସନରେ ବସିଥିବା ଅନେକ ବୌଦ୍ଧମୂର୍ତ୍ତି ସେଠାରୁ ସଂଗୃହୀତ ହୋଇଛି । ବଜ୍ରଯାନ ବୌଦ୍ଧଧର୍ମର ତାରା ଓ ମଞ୍ଜୁଶ୍ରୀ ଆଦି ଦେବଦେବୀଙ୍କ ପ୍ରତିମା ମଧ୍ୟ ମିଳିଅଛି । ଅନେକ ଆବିଷ୍କୃତ ପ୍ରାଚୀନ ପ୍ରତିମାରୁ ଜଣାପଡ଼େ ଯେ ସେତେବେଳେ ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଚଳନ ମଧ୍ୟ

Digitized by PPRACHIN, SOA

ଖିଚିଂରେ ଥିଲା । ବଜ୍ରତାରା, କୁରୁକୁଲ୍ଲା ଓ ଅପରଚନ ମଞ୍ଜୁଶ୍ରୀ ତନ୍ତ୍ରଯାନର ପ୍ରତୀକ ଭାବରେ ପୂଜିତ ହେଉଥିଲେ ।

ଖିଚିଂ ଧ୍ୱଂସ ହେବାର ଅବ୍ୟବହିତ ପୂର୍ବରୁ ଜୈନଧର୍ମର ଉପାସନାସ୍ଥଳୀ ଭାବରେ ଖ୍ୟାତିଲାଭ କରିଥିବାର ପ୍ରମାଣ ମିଳିଅଛି । ଋଷଭନାଥ, ଶାନ୍ତିନାଥ ଓ ପାର୍ଶ୍ୱନାଥ ଆଦି ଜୈନ ତୀର୍ଥଙ୍କରମାନଙ୍କର ମିଳିଥିବା ପ୍ରତିମା ତହିଁର ପ୍ରମାଣ ଦିଏ ।

ଖଇରଭଣ୍ଡନ ନଦୀ କୂଳରେ ବିରାଟଗଡ଼ର ପ୍ରତ୍ନତାତ୍ତ୍ୱିକ ଭୂଖୋଦନ ଫଳରେ ଏକ ଇଟାନିର୍ମିତ ସୌଧ, ଅନେକ କୁଶାଣ ମୁଦ୍ରା, ମୃଣ୍ମୟ ପାତ୍ର, ମୋହର ଆଦି ମିଳିଥିଲା । ସେସବୁ ଅମୂଲ୍ୟ ପଦାର୍ଥ ସ୍ଥାନୀୟ ସଂଗ୍ରହାଳୟରେ ସୁରକ୍ଷିତ ହୋଇରହିଛି । ବିରାଟଗଡ଼ ଓ ବାସୁଳିଶାଳର ଭଗ୍ନାବଶେଷ ପ୍ରାଚୀନ କୀର୍ତ୍ତିର ପରିଚୟ ପ୍ରଦାନ କରେ । ତହିଁରୁ ଭଞ୍ଜମାନଙ୍କର ସମୃଦ୍ଧି ଓ ବୈଷୟିକ ଜ୍ଞାନର ପ୍ରଗତି ସହଜେ ଅନୁମେୟ ।

ଭଞ୍ଜଯୁଗର ଅନେଗ ଭଗ୍ନ ମନ୍ଦିରରୁ ସଂଗୃହୀତ କଳା ସ୍ଥାପତ୍ୟ ପରିପୂର୍ଣ୍ଣ ପଥରଖଣ୍ଡମାନଙ୍କୁ ନେଇ ୧୯୪୨ରେ ଯେଉଁ କୀଚକେଶ୍ୱରୀ ମନ୍ଦିର ନିର୍ମିତ ହୋଇଥିଲା ତାହା ଖିଚିଂର ପ୍ରସିଦ୍ଧି ପାଇଁ ଦାୟୀ । ଏହି ମନ୍ଦିରକୁ ଆଧୁନିକ ଭଞ୍ଜ ରାଜାମାନଙ୍କ ପୃଷ୍ଠପୋଷକତାରେ ତତ୍କାଳୀନ କ୍ୟୁରେଟର ଶୈଳେନ୍ଦ୍ର ନାଥ ବୋଷ (ବୀରବଲବାବୁ) ନିର୍ମାଣ କରିଥିଲେ । ସେ ଜଣେ ଅଭିଜ୍ଞ ସ୍ଥପତି ଓ କଳାକାର ଥିଲେ । ପ୍ରାଚୀନ କଳିଙ୍ଗର ମନ୍ଦିର ନିର୍ମାଣ ଶୈଳୀକୁ ଅଧ୍ୟୟନ କରି ସେ କଳିଙ୍ଗଶୈଳୀରେ କୀଚକେଶ୍ୱରୀ ମନ୍ଦିର ନିର୍ମାଣ କାର୍ଯ୍ୟ ସଂପନ୍ନ କରିଥିଲେ । ସେଥିପାଇଁ ରାଜକୋଷରୁ ୮୦ ହଜାର ଟଙ୍କା ବ୍ୟୟିତ ହୋଇଥିଲା ଏବଂ ଦୀର୍ଘ ଆଠବର୍ଷ ସମୟ ଲାଗିଥିଲା ।

ଖିଚିଂରେ ପ୍ରାଚୀନ ଭଞ୍ଜ ଯୁଗର ଏକାଧିକ ଦେବ ମନ୍ଦିର ନିର୍ମିତ ହୋଇଥିବାର ସୂଚନା ଲେଫ୍‌ଟନାଣ୍ଟ ଟିକେଲଙ୍କ ବିବରଣୀରୁ ମିଳେ । ଖ୍ରୀ. ୧୮୩୮-୩୯ରେ ଖିଚିଂରେ ସେ ପ୍ରାୟ ଷାଠିଏଟି ମନ୍ଦିର ଥିବା ବିଷୟ ସ୍ୱଚକ୍ଷୁରେ ଦେଖିଥିଲେ । ୧୮୭୪ ଓ ୧୮୭୬ରେ ବେଗଲାର ସାହେବ ଏକାଧିକ ମଣ୍ଡପ, ମନ୍ଦିର ଆଦି ଦେଖିଥିବାର ବର୍ଣ୍ଣନା କରିଅଛନ୍ତି । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ନଗେନ୍ଦ୍ର ନାଥ ବସୁ ଓ ତୃତୀୟ ଦଶକରେ ରମାପ୍ରସାଦ ଚାନ୍ଦ ଆଦି ପ୍ରତ୍ନତତ୍ତ୍ୱବିତ୍ ଅନୁରୂପ ବିବରଣୀ ଲିପିବଦ୍ଧ କରିଯାଇଅଛନ୍ତି । ଠାକୁରାଣୀ ବେଢ଼ା ଭିତରେ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ଭଗ୍ନାବସ୍ଥାରେ ଥିଲା । ଏକ କଚା ଘରେ କୀଚକେଶ୍ୱରୀ ପୂଜିତା ହେଉଥିଲେ । ଏସବୁ ପ୍ରାଚୀନ କୀର୍ତ୍ତି ସଂରକ୍ଷଣରେ ଓ ଆଧୁନିକ ଖିଚିଂ ମନ୍ଦିର ନିର୍ମାଣରେ ଶୈଳେନ୍ଦ୍ର ନାଥ ବୋଷଙ୍କ ଅସୀମ ଅବଦାନ ଭଞ୍ଜ ଯୁଗର କୀର୍ତ୍ତିକୁ ସୁରକ୍ଷିତ କରିବାରେ ସମର୍ଥ ହୋଇପାରିଛି । ତାଙ୍କ ପ୍ରଚେଷ୍ଟାରେ କୁଟାଇତୁଣ୍ଡୀ ମନ୍ଦିର ସଂରକ୍ଷଣ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ ହୋଇଥିଲା । ଆଧୁନିକ ସଂଗ୍ରହାଳୟ ତାଙ୍କ କଳ୍ପନାପ୍ରସୂତ ଅନୁଷ୍ଠାନ । ଏହାର ସାଂସ୍କୃତିକ ମୂଲ୍ୟ ଅବଧାରଣ କରିବା କଷ୍ଟକର । ସେଥିରେ ପ୍ରାଚୀନ ଖିଜିଙ୍ଗମଣ୍ଡଳର ବିଭିନ୍ନ ସ୍ଥାନରୁ ସଂଗୃହୀତ ଅନେକ ଦୁର୍ଲଭ ମୁଦ୍ରା, ତାମ୍ରଲେଖ, ମୃଣ୍ମୟପାତ୍ର, ପ୍ରାଗୈତିହାସିକ ଅସ୍ତ୍ରଶସ୍ତ୍ର, ଦେବଦେବୀଙ୍କ ପ୍ରତିମା ଆଦି ସଂରକ୍ଷିତ ହୋଇ

Digitized by PPRACHIN, SOA

ଅତୀତ ଗୌରବର ମୂକସାକ୍ଷୀ ଭାବେ ଗବେଷଣାର ଉପାଦାନ ପାଇଁ ରଖାଯାଇଛି । ଐତିହାସିକମାନଙ୍କ ମତରେ ଖିଚିଂ ପ୍ରାଚୀନ ଉତ୍କଳର ଏକ ପ୍ରଖ୍ୟାତ କଳାକେନ୍ଦ୍ର ଥିଲା । ସ୍ଥାନୀୟ ମୁଗୁନି ପଥରକୁ ନେଇ କାରିଗରମାନେ ସୁନ୍ଦର କାରୁକାର୍ଯ୍ୟ ସମନ୍ବିତ ଦର୍ଶନୀୟ ପ୍ରତିମା, ଦେବାଳୟର ବିଭିନ୍ନ ଅଂଶ ପ୍ରସ୍ତୁତ କରୁଥିଲେ । ଆଜି ମଧ୍ୟ ଖିଚିଂ ନିକଟସ୍ଥ କେଶନା ଗ୍ରାମରେ କଳାକାରମାନଙ୍କର କର୍ମଶାଳା ରହିଥିବାର ଦେଖାଯାଏ ଓ ସେଥିରେ ପ୍ରସ୍ତୁତ ପଥର ମୂର୍ତ୍ତିମାନ ଦେଶବିଦେଶକୁ ରପ୍ତାନୀ ହେଉଅଛି । ଶିବରାତ୍ରି ଉତ୍ସବ ସମୟରେ ବହୁ ଦୂରରୁ ପରିବ୍ରାଜକ ଓ ଯାତ୍ରୀମାନେ ସହସ୍ରାଧିକ ସଂଖ୍ୟାରେ ଏଠାକୁ ଆସନ୍ତି ଓ ପ୍ରାଚୀନ ପରମ୍ପରାର ନିଦର୍ଶନସ୍ୱରୂପ କୀଚକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ଆଦି କରିଥାନ୍ତି ।

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

ମଧ୍ୟଯୁଗର ଇତିହାସ

ଖ୍ରୀ. ୧୪୦୦ ଠାରୁ ଭଞ୍ଜମାନେ ହରିପୁରଗଡ଼ରୁ ଯେଉଁ ରାଜ୍ୟକୁ ଶାସନ କଲେ ତାହା ଖିଜିଙ୍ଗମଣ୍ଡଳ ପରିବର୍ତ୍ତେ ମୟୂରଭଞ୍ଜ ନାମରେ ଖ୍ୟାତ ଥିଲା । କେଉଁ କାରଣରୁ ଏହି ନାମ ପରିବର୍ତ୍ତନ ହେଲା ତାହା ଜଣା ନାହିଁ । ହରିପୁରଗଡ଼ରେ ଖିଜିଙ୍ଗେଶ୍ୱରୀଙ୍କ ମନ୍ଦିର ନାହିଁ । ଉକ୍ତ ନାମଧେୟ ଦେବୀ ମଧ ନାହାନ୍ତି । ଅନ୍ୟପକ୍ଷରେ ତାହା ବୈଷ୍ଣବ ଧର୍ମର ପୀଠସ୍ଥଳୀ ଥିବାର ପ୍ରମାଣ ମିଳେ । ଭଞ୍ଜମାନେ ହରିପୁରଗଡ଼ରେ ବୈଷ୍ଣବଧର୍ମର ପୃଷ୍ଠପୋଷକତା କରିଥିବା ଦେଖାଯାଏ । ଏହି ସମୟରୁ ମୟୂରପକ୍ଷୀକୁ ରାଜକୀୟ ଚିହ୍ନ ଭାବରେ ସେମାନେ ରଖିଥିଲେ । କେଉଁ ପରିସ୍ଥିତିରେ ବୃଷଭକୁ ରାଜକୀୟ ଚିହ୍ନ ଭାବରେ ପରିହାର କରି ମୟୂରପକ୍ଷୀକୁ ବଂଶର ପ୍ରତୀକ ସେମାନେ କଲେ ତାହା ମଧ ରହସ୍ୟାଚ୍ଛନ୍ନ ।

ହରିହରପୁର ବା ହରିପୁର

ଖିଚିଂକୁ ଫିରୋଜସାହ ତୁଗଲକ ଧ୍ୱଂସ କଲାପରେ ଭଞ୍ଜମାନେ ସେଠାରେ ନ ରହିବା ସ୍ୱାଭାବିକ ଥିଲା । ଓଡ଼ିଶା ଉପରେ ସ୍ଥଳପଥରେ ଆକ୍ରମଣ କରିବାପାଇଁ ଖିଚିଂ ମଧଦେଇ ଦିଲ୍ଲୀ ଓ ବିହାରର ମୁସଲମାନ ଶାସକମାନଙ୍କୁ ସୁବିଧା ହେଉଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ତୁର୍କ ଓ ଆଫଗାନମାନେ ବିହାର ଓ ବଙ୍ଗଳା ଅଧିକାର କରିଥିଲେ । ଓଡ଼ିଶାର ଗଙ୍ଗବଂଶୀୟ ରାଜାମାନେ ଦୁର୍ବଳ ହେବାରୁ ମୁସଲମାନ ଆକ୍ରମଣକୁ ପ୍ରତିରୋଧ କରିବା ସମ୍ଭବ ନ ଥିଲା । ତେଣୁ ଭଞ୍ଜ ରାଜାମାନେ ଖିଚିଂ ପରିତ୍ୟାଗ କରି ପୂର୍ବ ଦିଗକୁ ରାଜଧାନୀ ସ୍ଥାନାନ୍ତରିତ କରିବାକୁ ବାଧ ହୋଇଥିଲେ । ଏହି ଯାତ୍ରାକାଳରେ ଅଳ୍ପ କେତେବର୍ଷ ପାଇଁ ବହଳଦାରେ ସେମାନେ ରହିଥିବାର କିମ୍ବଦନ୍ତୀ ଅଛି । ବହଳଦାରେ ଏକ କୀଚକେଶ୍ୱରୀ ମନ୍ଦିର ଅଛି । ଏହା କଳିଙ୍ଗ ଶୈଳୀରେ ନିର୍ମିତ ହୋଇ ନ ଥିଲା । ତେଣୁ ମନ୍ଦିର ଶୈଳୀର କୌଣସି ବିଶେଷତ୍ୱ ନାହିଁ ।

ଭଞ୍ଜମାନେ ହରିହରପୁର ବା ହରିପୁରକୁ ସ୍ଥାନାନ୍ତରିତ ହେବା ପରେ ରାଜ୍ୟର ନାମ ମୟୂରଭଞ୍ଜ ହୋଇଥିଲା ଏବଂ ବୃଷଭ ବଦଳରେ ସେମାନେ ମୟୂରକୁ ରାଜକୀୟ ଚିହ୍ନ ଭାବରେ ଗ୍ରହଣ କରିଥିଲେ । ସେମାନେ ଶାକ୍ତ ଓ ଶୈବଧର୍ମର ପୃଷ୍ଠପୋଷକତା ନ କରି ବୈଷ୍ଣବ ଧର୍ମର ସମର୍ଥନ କରିଥିଲେ । ଏଥିପାଇଁ ଅବଶ୍ୟ ଭାରତରେ ତତ୍କାଳୀନ ଧର୍ମପ୍ରବାହ ଦାୟୀ ଥିଲା । ମୁସଲମାନ ଆକ୍ରମଣ ପରେ ପରେ ସାରା ଭାରତରେ ଯେଉଁ

Digitized by PPRACHIN, SOA

ଧର୍ମ ସଂସ୍କାର ଆନ୍ଦୋଳନ ଆରମ୍ଭ ହେଲା ତାହାର ପରିପ୍ରକାଶ ହେଲା ଭକ୍ତି ଆନ୍ଦୋଳନ ରୂପରେ । ପୂର୍ବ ଭାରତରେ ଏହାର ମୁଖ୍ୟ ପ୍ରଚାରକ ଥିଲେ ଶ୍ରୀଚୈତନ୍ୟ ଓ ଦକ୍ଷିଣ ଭାରତରେ ଥିଲେ ରାମାନୁଜ, ନିମ୍ବାର୍କ, ବାସବ ଓ ମାଧ୍ୱ ପ୍ରଭୃତି । ସେମାନେ ଭକ୍ତି ଆନ୍ଦୋଳନର ପୁରୋଧା ଥିଲେ । ସମାଜରେ ସେମାନଙ୍କ ବାଣୀର ଆଦର ଓ ସମ୍ମାନ ବୃଦ୍ଧି ପାଇଥିଲା । ସେମାନେ ଏକ ଜାତିବର୍ଣ୍ଣହୀନ ସମାଜ, ନିରାଡ଼ମ୍ବର ପୂଜାଅର୍ଚ୍ଚନା ଓ ଏକ ଈଶ୍ୱରବାଦ ସପକ୍ଷରେ ମତବ୍ୟକ୍ତ କରିଥିଲେ । ଫଳରେ ଭାରତର ସାମାଜିକ ଇତିହାସରେ ଏକ ନୂତନ ଆଭିମୁଖ୍ୟ ସୃଷ୍ଟି ହେଲା । ରାମାନୁଜ ଆଧୁନିକ ତାମିଲନାଡୁର କାଞ୍ଚିଭରମଠାରେ ବିଦ୍ୟାଶିକ୍ଷା ଲାଭ କଲା ପରେ ଶ୍ରୀରଙ୍ଗମଠାରେ ନିଜର ପାଣ୍ଡିତ୍ୟର ପରିଚୟ ଦେଇଥିଲେ । ବେଦାନ୍ତ ଓ ଭଗବତ୍‌ଗୀତା ଉପରେ ସେ ଗ୍ରନ୍ଥ ରଚନା କରିଥିଲେ । ଦକ୍ଷିଣ ଭାରତରେ ବୈଷ୍ଣବ ଧର୍ମମତର ପ୍ରତିଷ୍ଠା ଦିଗରେ ତାଙ୍କର ଅବଦାନ ମହତ୍ତ୍ୱପୂର୍ଣ୍ଣ ଥିଲା । ସେ ବ୍ରହ୍ମଙ୍କୁ ସବୁ କଥାର କେନ୍ଦ୍ରବିନ୍ଦୁ ଭାବରେ ଗ୍ରହଣ କରିଥିଲେ ଓ ମାୟାବାଦର ବିରୋଧ କରିଥିଲେ । ତାଙ୍କର ଦାର୍ଶନିକ ତତ୍ତ୍ୱକୁ 'ବିଶିଷ୍ଟାଦ୍ୱୈତ' କୁହାଯାଏ । ସେ ଶୂଦ୍ର ଓ ଅନ୍ୟାନ୍ୟ ନୀଚଶ୍ରେଣୀର ଲୋକମାନଙ୍କୁ ମନ୍ଦିର ପ୍ରବେଶ ପାଇଁ ଅନୁମତି ଦେଇଥିଲେ ଓ ସେମାନଙ୍କୁ ନିଜର ଶିଷ୍ୟ ଭାବରେ ଗ୍ରହଣ କରିଥିଲେ ।

ସେହିପରି ଆଉଜଣେ ପ୍ରଭାବଶାଳୀ ଧର୍ମସଂସ୍କାରକ ଥିଲେ ନିମ୍ବାର୍କ । ରାମାନୁଜଙ୍କ ସମସାମୟିକ ଭାବରେ ସେ ଭକ୍ତି ଆନ୍ଦୋଳନର ପ୍ରସାର କରିବାରେ ସଫଳ ହୋଇଥିଲେ । ଦକ୍ଷିଣ ଓ ଉତ୍ତର ଭାରତରେ ସେ ଧର୍ମତତ୍ତ୍ୱ ପ୍ରଚାର କରିଥିଲେ । କୃଷ୍ଣ ଓ ରାଧାଙ୍କର ସେ ଉପାସକ ଥିଲେ । ସେମାନଙ୍କୁ ବିଶ୍ୱର ସର୍ବନିୟନ୍ତା ଭାବରେ ଗ୍ରହଣ କରିଥିଲେ । ଭକ୍ତି ମାଧ୍ୟମରେ ରାଧାକୃଷ୍ଣଙ୍କ ପଦାରବିନ୍ଦରେ ଆତ୍ମସମର୍ପଣ କରିବାପାଇଁ ଶିଷ୍ୟମାନଙ୍କୁ ପରାମର୍ଶ ଦେଇଥିଲେ ।

ଦକ୍ଷିଣଭାରତର ଆଉଜଣେ ଧର୍ମ ପ୍ରଚାରକ ଥିଲେ ମାଧ୍ୱ । ସେ ବିଷ୍ଣୁ ଉପାସନାର ସମର୍ଥକ ଥିଲେ । ଭାଗବତ ପୁରାଣର ସାରମର୍ମକୁ ସେ ପ୍ରଚାର କରିଥିଲେ । ହରିନାମ ସଂକୀର୍ତ୍ତନ ଓ ବିଷ୍ଣୁ ଆରାଧନାକୁ ସେ ମୋକ୍ଷର ମାଧ୍ୟମ ବୋଲି କହୁଥିଲେ । ସେହିପରି ସ୍ୱାମୀ ରାମାନନ୍ଦ ଥିଲେ ଭକ୍ତି ଆନ୍ଦୋଳନର ଅନ୍ୟତମ ପୁରୋଧା । ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଓ ପଞ୍ଚଦଶ ଶତାବ୍ଦୀର ଆଦ୍ୟ ଭାଗରେ ସେ ବୈଷ୍ଣବଧର୍ମର ଜଣେ ପ୍ରଭାବଶାଳୀ ସନ୍ଥ ଭାବରେ ଖ୍ୟାତିଲାଭ କରିଥିଲେ । ପ୍ରୟାଗ ଓ ବାରାଣସୀ ଥିଲା ତାଙ୍କର ଭିତ୍ତିଭୂମି । ସାରା ଭାରତର ତୀର୍ଥସ୍ଥାନମାନ ଭ୍ରମଣ କରି ସେ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ଜାତି ବର୍ଣ୍ଣ ଆଦି ଭେଦଭାବରେ ସେ ବିଶ୍ୱାସ କରୁ ନ ଥିଲେ । ବିଷ୍ଣୁ ଉପାସନା ବଦଳରେ ସେ ରାମ ଓ ସୀତାଙ୍କୁ ଉପାସନା କରିବା ତାଙ୍କର ପରାମର୍ଶ ଥିଲା । ସବୁ ଜାତି ଓ ଧର୍ମର ଲୋକ ତାଙ୍କ ଶିଷ୍ୟ ହୋଇପାରୁଥିଲେ । କୌଣସି ସାଂପ୍ରଦାୟିକ ମନୋଭାବ ବା କୁସଂସ୍କାର ସେ ମନରେ ପୋଷଣ କରି ନ ଥିଲେ । ଭଗବାନ୍‌ଙ୍କ ସମ୍ମୁଖରେ ସମସ୍ତେ ସମାନ ବୋଲି ତାଙ୍କର ଦୃଢ଼ ଅଭିମତ ଥିଲା । ହିନ୍ଦୀ ଓ ସ୍ଥାନୀୟ କଥିତ ଭାଷାରେ ସେ

Digitized by PPRACHIN, SOA

ଧର୍ମନୀତିର ବ୍ୟାଖ୍ୟାନ କରୁଥିଲେ । ତେଣୁ ନିମ୍ନଶ୍ରେଣୀର ଲୋକମାନେ ତାଙ୍କୁ ଖୁବ୍ ଆଦର ଓ ସମ୍ମାନ କରୁଥିଲେ । ଦକ୍ଷିଣ ଓ ଉତ୍ତର ଭାରତରେ ଚାଲିଥିବା ଭକ୍ତି ଆନ୍ଦୋଳନର ସେ ଥିଲେ ସଂଯୋଜକ ।

ବଲ୍ଲଭାଚାର୍ଯ୍ୟ କୃଷ୍ଣ ଉପାସନାର ପ୍ରଚାରକ ଥିଲେ । ସେ ଜଣେ ତୈଲଙ୍ଗୀୟ ବ୍ରାହ୍ମଣ ଥିଲେ । ଗଭୀର ଦାର୍ଶନିକ ବ୍ୟୁତ୍ପତ୍ତି ଲାଭ କରିବା ଫଳରେ ସେ ତର୍କ ଯୁଦ୍ଧରେ ଅନେକ ପଣ୍ଡିତଙ୍କୁ ପରାଜିତ କରିପାରିଥିଲେ । ସାଧନା, ତ୍ୟାଗ ଓ ସଂସାର ପରିହାର କରିବା ତାଙ୍କ ଧର୍ମ ପ୍ରଚାରର ମୂଳମନ୍ତ୍ର ଥିଲା । ବ୍ରହ୍ମ ଓ ପରଂବ୍ରହ୍ମକୁ ସେ ଅଭିନ୍ନ ବୋଲି ଭାବୁଥିଲେ । କୃଷ୍ଣତତ୍ତ୍ୱ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିବାରୁ କୃଷ୍ଣଙ୍କ ପଦକମଳରେ ଆତ୍ମସମର୍ପଣ କରିବାକୁ ନିଜ ଶିଷ୍ୟମାନଙ୍କୁ ସେ ପରାମର୍ଶ ଦେଇଥିଲେ । ସେ ଯେଉଁ ଦାର୍ଶନିକତତ୍ତ୍ୱ ବ୍ୟାଖ୍ୟା କରିଥିଲେ ତାହା 'ଶୁଦ୍ଧ ଅଦ୍ୱୈତ' ନାମରେ ଖ୍ୟାତ ହୋଇଥିଲା । କିନ୍ତୁ ତାଙ୍କ ମୃତ୍ୟୁ ପରେ ସେହି ମତବାଦର ଶିଷ୍ୟମାନେ ସଠିକ ଭାବରେ ଉପସ୍ଥାପନ କରିପାରି ନ ଥିଲେ ।

ଶ୍ରୀଚୈତନ୍ୟ (ଖ୍ରୀ. ୧୪୫୮-୧୫୧୩) ବଙ୍ଗଦେଶରେ ଜନ୍ମଲାଭ କରିଥିଲେ ଓ ବଲ୍ଲଭାଚାର୍ଯ୍ୟଙ୍କର ସମସାମୟିକ ଥିଲେ । ପାର୍ଥିବ ସଂସାର ତ୍ୟାଗ କଲାପରେ ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବା ସହ କୃଷ୍ଣତତ୍ତ୍ୱ ପ୍ରଚାରରେ ବ୍ରତୀ ହୋଇଥିଲେ । କୃଷ୍ଣନାମ କୀର୍ତ୍ତନରେ ପୂର୍ଣ୍ଣ ଆତ୍ମସମର୍ପଣରେ ଭକ୍ତ ସାଂସାରିକ ମୋହଗ୍ରସ୍ତ ଜଞ୍ଜାଳରୁ ମୁକ୍ତି ଲଭି ମୋକ୍ଷ ପ୍ରାପ୍ତି ହେବା କଥା ସେ କହୁଥିଲେ । ଜାତିଧର୍ମ ଭେଦଭାବରେ ତାଙ୍କର ବିଶ୍ୱାସ ନ ଥିଲା । ଭଗବାନଙ୍କ ଚକ୍ଷୁରେ ସମସ୍ତେ ସମାନ ହୋଇଥିବାରୁ ସବୁ ଜାତି ଓ ଧର୍ମର ଲୋକମାନେ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ପୁରୀ ଶ୍ରୀକ୍ଷେତ୍ର ତାଙ୍କର ପ୍ରଧାନ କର୍ମସ୍ଥଳୀ ଥିଲା । ପ୍ରେମଭକ୍ତି ଉପାସନାର ସେ ଥିଲେ ମୁଖ୍ୟ ବାର୍ତ୍ତାବହ । ସାର୍ବଜନୀନ ଭ୍ରାତୃତ୍ୱ ଓ ସହୃଦୟତାରେ ସେ ବିଶ୍ୱାସ କରୁଥିଲେ । ସଂକୀର୍ତ୍ତନ ମାଧ୍ୟମରେ ସେ ସମସ୍ତଙ୍କୁ ଏକ କରିପାରୁଥିଲେ । ସଂକୀର୍ତ୍ତନ କାଳରେ ହରିନାମର ମୂର୍ଚ୍ଛନା ଓ ଭାବତରଙ୍ଗ ସମସ୍ତଙ୍କୁ ମୁଗ୍ଧ କରୁଥିଲା । ଭକ୍ତି ପ୍ରେମରେ ଗଦ ଗଦ ହୋଇ ଭକ୍ତମାନେ ରାଧାକୃଷ୍ଣ ପ୍ରେମ ଉପାଖ୍ୟାନ ଗାନ କରୁଥିଲେ । ପ୍ରେମ ଥିଲା ଚୈତନ୍ୟଙ୍କ ଧର୍ମବାଣୀର ସାରତତ୍ତ୍ୱ । ଭକ୍ତିପ୍ଳୁତ ଚିତ୍ତରେ ସମର୍ଥକମାନେ ତାଙ୍କ ସହିତ ସଂକୀର୍ତ୍ତନ କରୁଥିଲେ ଓ ଭକ୍ତି ମାଧ୍ୟମରେ ରାଧାକୃଷ୍ଣଙ୍କ ଠାରେ ମନକୁ ବିସର୍ଜନ ଦେଉଥିଲେ । ସମସ୍ତେ ସମାନ ଥିଲେ । ଧନୀ ଗରିବର ପ୍ରଭେଦ ନ ଥିଲା କି ଛୁଆଁ ଅଛୁଆଁ ଭେଦଭାବ ନ ଥିଲା । ବଙ୍ଗଳା ଏବଂ ଓଡ଼ିଶାରେ ଚୈତନ୍ୟ ଧର୍ମର ବ୍ୟାପକ ପ୍ରସାର ହୋଇଥିଲା ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭରେ । ସେତେବେଳେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାରେ ଶାସନ କରୁଥିଲେ ।

ନିଜର ପୂର୍ବ ଗରିମା ନେଇ ହରିପୁରଗଡ଼ ଆଜି ନାହିଁ । ତାହା ଏବେ ଏକ ଭଗ୍ନ ଦୁର୍ଗର ଅବଶେଷ । ନିର୍ଜନ, ଜନମାନବହୀନ ଭଗ୍ନ ଦୁର୍ଗର ରହସ୍ୟଘେରା ପ୍ରାଚୀର ମଧ୍ୟରେ

Digitized by PPRACHIN, SOA

ରହିଛି ଦୁଇଟି ଇଷ୍ଟକରେ ନିର୍ମିତ ମନ୍ଦିର । ଗୋଟିକର ନାମ ରସିକରାୟ ଏବଂ ଅନ୍ୟଟି ରାଧାମୋହନ ନାମରେ ପରିଚିତ । ଦୁର୍ଗର ଅନତିଦୂରରେ ଇତିହାସର ମୂକସାକ୍ଷୀ-ତରଙ୍ଗିଣୀ ବୁଢ଼ାବଳଙ୍ଗ ନୀରବରେ ପ୍ରବାହିତ ହେଉଛି ।

ମଧ୍ୟଯୁଗର ଇତିହାସରେ ଭଞ୍ଜଶାସିତ ରାଜ୍ୟ ମୟୂରଭଞ୍ଜ ନାମରେ ଖ୍ୟାତ ହେଲା । ବେଗଲାର ସାହେବଙ୍କ ମତରେ 'ପାଗ ସାମ ଜୋନ ଯାଙ୍ଗ' ନାମକ ତିବ୍ବତୀୟ ଗ୍ରନ୍ଥରେ ସୂର୍ଯ୍ୟରଶ୍ମିରେ ଉଷୁମ ହୋଇଥିବା ଅଣ୍ଡାରୁ ମୌର୍ଯ୍ୟ ବଂଶ ଉଦ୍ଭବ ହୋଇଥିବାରୁ ମୟୂର ସହ ସଂପୃକ୍ତ ରାଜାମାନେ ନିଜକୁ ସୂର୍ଯ୍ୟବଂଶଜ ବୋଲି ଅଭିହିତ କରୁଥିଲେ । ବେଗଲାର ତେଣୁ ମୟୂରଭଞ୍ଜର ଭଞ୍ଜମାନଙ୍କୁ ମୌର୍ଯ୍ୟବଂଶର ସଂପର୍କୀୟ ସୂର୍ଯ୍ୟବଂଶଜ କ୍ଷତ୍ରିୟ ଭାବରେ ଗ୍ରହଣ କରିଛନ୍ତି । ରାଜା ମୟୂରଧ୍ୱଜଙ୍କ ଐତିହାସିକ ସ୍ଥିତି ବିବାଦୀୟ ବିଷୟ ହୋଇଥିବାରୁ ଭଞ୍ଜମାନଙ୍କୁ ତାଙ୍କର ବଂଶଜ କହିବା ପରିବର୍ତ୍ତେ ମୟୂରପକ୍ଷୀ ସହିତ ଅତି ପ୍ରାଚୀନ କାଳରେ ବନ୍ୟଜାତି ଭଞ୍ଜମାନଙ୍କ ସଂପର୍କ ଥିବାରୁ ସେମାନଙ୍କ ଦ୍ୱାରା ଶାସିତ ରାଜ୍ୟକୁ ମୟୂରଭଞ୍ଜ କୁହାଯିବା ଅଧିକ ଯୁକ୍ତିଯୁକ୍ତ ମନେହୁଏ । ବିନାୟକ ମିଶ୍ର ଓ ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ ବଣାଇମଣ୍ଡଳର ମୌର୍ଯ୍ୟବଂଶ ଓ ଖିଜିଙ୍ଗମଣ୍ଡଳର ଭଞ୍ଜବଂଶ ମଧ୍ୟରେ ବୈବାହିକ ସଂପର୍କ ଥିବାରୁ 'ମୟୂରଭଞ୍ଜ' ଶବ୍ଦର ଉତ୍ପତ୍ତି ହୋଇଥିଲା । ଐତିହାସିକ ହରପ୍ରସାଦ ଶାସ୍ତ୍ରୀ ମଧ୍ୟ ଅନୁରୂପ ମତ ପ୍ରକାଶ କରନ୍ତି । ସେ ଯା'ହେଉନା କାହିଁକି ଖିଜିଙ୍ଗକୋଟ୍ଟ ଧ୍ୱଂସ ହେବାପରେ ଖିଜିଙ୍ଗମଣ୍ଡଳର ରାଜନୈତିକ ଅସ୍ତିତ୍ୱ ଲୋପ ପାଇଥିଲା । କିନ୍ତୁ ଭଞ୍ଜମାନଙ୍କ ରାଜନୈତିକ ଅଭିଳାଷ ନୂତନ ରୂପ ନେଲା ରାଜା ହରିହରଭଞ୍ଜଙ୍କ ବଳିଷ୍ଠ ନେତୃତ୍ୱରେ । ସେ ଖ୍ରୀ. ୧୪୦୦ରେ ନୂତନ ରାଜଧାନୀ ହରିପୁରଗଡ଼ରେ ସ୍ଥାପନ କଲାପରେ ଆଖପାଖ ଅଞ୍ଚଳକୁ ନେଇ ଯେଉଁ ନୂତନ ରାଜ୍ୟ ଗଠନ କଲେ ତା'ର ନାମ ହେଲା ମୟୂରଭଞ୍ଜ । ସେତେବେଳେ ଗଙ୍ଗବଂଶ ବିଲୁପ୍ତ ହେବା ଉପରେ ଏବଂ ସୂର୍ଯ୍ୟବଂଶୀ ଗଜପତିମାନେ ସିଂହାସନ ଅଧିକାର କରି ନ ଥାନ୍ତି । ଓଡ଼ିଶା ଇତିହାସର ଏହି ସନ୍ଧିକ୍ଷଣରେ ବଳଙ୍ଗ ନଦୀର ଉର୍ବର ଉପତ୍ୟକାରେ ଏକ ସାମରିକ ଦୁର୍ଗକୁ କେନ୍ଦ୍ର କରି ନୂତନ ରାଜ୍ୟ ଗଠନ କରିବାର ଅପୂର୍ବ ସୁଯୋଗ ରାଜା ହରିହରଭଞ୍ଜଙ୍କ ପରି ଦୂରଦ୍ରଷ୍ଟା ରାଜନୀତିଜ୍ଞ ଛାଡ଼ିଦେଇଥାନ୍ତେ କିପରି ? ନୂତନ ରାଜଧାନୀ ସହିତ ନୂତନ ରାଜ୍ୟ ମଧ୍ୟ ସେ ସ୍ଥାପନ କଲେ । ଭଞ୍ଜବଂଶର ଇତିହାସରେ ନୂତନ ଅଧ୍ୟାୟର ଅୟମାରମ୍ଭ ହେଲା । ଖିଜିଙ୍ଗକୋଟ୍ଟର ରାଜନୈତିକ ଓ ସାଂସ୍କୃତିକ ବୈଭବ ଧ୍ୱଂସସ୍ତୂପ ତଳେ ଲୁପ୍ତ ହୋଇ ରହିଲା ବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ । ନୂତନ ଅଭିଳାଷ, ନୂତନ ଧର୍ମପରମ୍ପରା ଓ ନୂତନ ରାଜ୍ୟନେଇ ଭଞ୍ଜମାନେ ଏକ ଅଭିନବ ପଥର ଯାତ୍ରୀ ହେଲେ । ସମୁଦ୍ର ଉପକୂଳରେ ଥିବା ତାମ୍ରଲିପ୍ତ ବନ୍ଦରର ସମୃଦ୍ଧି ଓ ତନ୍ନିକଟବର୍ତ୍ତୀ ମେଦିନୀପୁର ଜିଲ୍ଲାର ଧନସଂପଦଭରା ଭୂଭାଗ ସେମାନଙ୍କୁ ଆକୃଷ୍ଟ କଲା । ଇତିହାସ ଏକ ନୂତନ ମୋଡ଼ ନେବା ଫଳରେ ଭଞ୍ଜମାନେ ଆଉ ବିଗତ ଦିନର ସ୍ମୃତିଚାରଣ କଲେ ନାହିଁ । ସେତେବେଳେ ବଙ୍ଗଳା ଓ ଓଡ଼ିଶାର ସଂଯୋଗକାରୀ ଜଗନ୍ନାଥରୋଡ଼ ମୟୂରଭଞ୍ଜର

Digitized by PPRACHIN, SOA

ପୂର୍ବଭାଗ ଦେଇ ଦକ୍ଷିଣକୁ ଅଗ୍ରସର ହେଉଥିଲା । ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ଆଦି ନଦୀ ପାର ହେବାକୁ ଥିବା ଯାତ୍ରୀମାନେ ଶୁଳ୍କ ଦେଉଥିଲେ । ଏହି ଶୁଳ୍କ ମୟୂରଭଞ୍ଜ ରାଜାମାନେ ସଂଗ୍ରହ କରୁଥିଲେ । ରାଜସ୍ୱ ଦୃଷ୍ଟିରୁ ଆଦାୟ ହେଉଥିବା ଶୁଳ୍କର ପରିମାଣ ଯଥେଷ୍ଟ ଥିଲା । ଭଞ୍ଜମାନେ ହରିହରପୁରକୁ ରାଜଧାନୀ କଲା ଉତ୍ତାରୁ ଫେରୀଘାଟ ଶୁଳ୍କକୁ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ହିସାବରେ ଗ୍ରହଣ କରିଥିଲେ । ଏହି ଶୁଳ୍କ ଅର୍ଥ ଭାବରେ ଆଦାୟ ହେଉଥିବାରୁ ରାଜ୍ୟ ସରକାରଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । ଖ୍ରୀ. ୧୪୩୫ରେ ଗଜପତି କପିଳେନ୍ଦ୍ରଦେବ ଓଡ଼ିଶା ସିଂହାସନ ଅଧିକାର କଲେ । ସେ ଭଞ୍ଜମାନଙ୍କୁ ନିଜର ସାମନ୍ତ ରାଜା ଭାବରେ ସ୍ୱୀକୃତି ଦେଲେ । ଗଜପତି ପ୍ରତାପରୁଦ୍ରଙ୍କ ଶାସନ କାଳରେ (ଖ୍ରୀ. ୧୪୯୭-୧୫୩୩) ମୟୂରଭଞ୍ଜର ରାଜା ବୈଦ୍ୟନାଥ ଭଞ୍ଜଙ୍କ ପୁତ୍ର ଜଗନ୍ନାଥ ଭଞ୍ଜ ଏବଂ ପ୍ରତାପରୁଦ୍ରଦେବଙ୍କ କନ୍ୟା ମଧ୍ୟରେ ଶୁଭ ପରିଣୟ ସଂପନ୍ନ ହୋଇଥିଲା । ଏଥିପାଇଁ ଯୌତୁକସ୍ୱରୂପ ଜଗନ୍ନାଥଭଞ୍ଜଙ୍କୁ ଗଜପତି ବାରିପଦା ଦଣ୍ଡପାଟ ଉପହାର ଦେଇଥିଲେ । ପ୍ରତାପରୁଦ୍ରଦେବଙ୍କ ନାମରେ ହରିପୁରଗଡ଼ର ଅନତିଦୂରରେ ପ୍ରତାପପୁର ଶାସନ ସ୍ଥାପିତ ହୋଇଥିଲା । ଗଜପତି ପ୍ରତାପରୁଦ୍ର ହରିପୁର ବାଟରେ ବୃନ୍ଦାବନକୁ ତୀର୍ଥପାଇଁ ଯାଇଥିବାର କିମ୍ବଦନ୍ତୀ ଅଛି । ସେହି ଯାତ୍ରାକାଳରେ ପ୍ରତାପପୁର ଶାସନ ସ୍ଥାପିତ ହୋଇଥିଲା ଏବଂ ଦଧିବାମନଙ୍କ ମନ୍ଦିର ନିର୍ମିତ ହୋଇଥିଲା । ପ୍ରତାପପୁରର ଆଦିନାମ ରାମଚନ୍ଦ୍ରପୁର ଥିଲା । ସେଠାରେ ଗଜପତି ଅସୁସ୍ଥ ହୋଇ ଇହଲୀଳା ତ୍ୟାଗ କରିବା ପରେ ତାଙ୍କ ସ୍ମୃତିରେ ଗ୍ରାମର ନୂତନ ନାମ ପ୍ରତାପପୁର ରଖାଯାଇଥିଲା । ମାଣିତ୍ରୀଠାରେ ଥିବା ଶିବମନ୍ଦିର କଖାରୁଆ ବୈଦ୍ୟନାଥ ମନ୍ଦିର ନାମରେ ପ୍ରସିଦ୍ଧିଲାଭ କଲା । ଯୁବରାଜ କଖାରୁଆ ଦେବ ଥିଲେ ଗଜପତି ପ୍ରତାପରୁଦ୍ରଙ୍କ ଦୁଇପୁତ୍ର ମଧ୍ୟରୁ ଜଣେ । ଦୁଇ ରାଜବଂଶ ମଧ୍ୟରେ ସଂପର୍କ ଆହୁରି ନିବିଡ଼ ହେଲା, ଯେତେବେଳେ ବୈଦ୍ୟନାଥ ଭଞ୍ଜ ଶ୍ରୀଚୈତନ୍ୟଙ୍କ ଧର୍ମ ପ୍ରଚାରରେ ପ୍ରଭାବିତ ହୋଇ ନିଜକୁ ଗୌଡ଼ୀୟ ବୈଷ୍ଣବ ଧର୍ମରେ ଦୀକ୍ଷିତ କଲେ । ଗୌଡ଼ୀୟ ବୈଷ୍ଣବଧର୍ମର ଅନ୍ୟତମ ପ୍ରଚାରକ ଏବଂ ଗୋପୀବଲ୍ଲଭପୁର ନିବାସୀ ସ୍ୱାମୀ ରସିକାନନ୍ଦ ଥିଲେ ରାଜା ବୈଦ୍ୟନାଥ ଭଞ୍ଜଙ୍କ ଧର୍ମଗୁରୁ । ସପ୍ତଦଶ ଶତାବ୍ଦୀରେ ରଚିତ 'ରସିକମଙ୍ଗଳ' ନାମକ ଜୀବନୀଗ୍ରନ୍ଥରେ ଶ୍ୟାମାନନ୍ଦଙ୍କ ଭ୍ରାତା ରସିକାନନ୍ଦ କିପରି ମୟୂରଭଞ୍ଜର ଧର୍ମ ଜୀବନକୁ ପ୍ରଭାବିତ କରିଥିଲେ ତାହାର ସୁବିସ୍ତୃତ ବର୍ଣ୍ଣନା ମିଳେ । ରାଜା ବୈଦ୍ୟନାଥ ଭଞ୍ଜ ନିଜ ଗୁରୁଦେବ ସ୍ୱାମୀ ରସିକାନନ୍ଦଙ୍କ ସ୍ମୃତିରେ ହରିହରପୁରରେ ରସିକରାୟ ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିରର କଳା ସ୍ଥାପତ୍ୟରେ ଭଞ୍ଜରାଜାଙ୍କ ଗୌଡ଼ୀୟ ବୈଷ୍ଣବ ପ୍ରୀତି ଓ ଅନୁରାଗ ସୁସ୍ପଷ୍ଟ । ରାଜା ବୈଦ୍ୟନାଥ ଭଞ୍ଜଙ୍କ ବୈଷ୍ଣବ ଧର୍ମ ପ୍ରତି ପୃଷ୍ଠପୋଷକତାର ଅନ୍ୟ ଏକ ନିଦର୍ଶନ ଥିଲା ବାରିପଦାରେ ନିର୍ମିତ ବଡ଼ ଜଗନ୍ନାଥ ମନ୍ଦିର । ପୁରୀ ଗଜପତିଙ୍କ ସାମନ୍ତରାଜା ଭାବରେ ସେ ଜଗନ୍ନାଥ ଧର୍ମର ଜଣେ ବଡ଼ ସମର୍ଥକ ଥିଲେ । କଳିଙ୍ଗର ରେଖାଶୈଳୀରେ ନିର୍ମିତ ଏହି ଜଗନ୍ନାଥ ମନ୍ଦିର ନିର୍ମାଣରେ ବୈଦ୍ୟନାଥଭଞ୍ଜଙ୍କ ଭୂମିକା ଏକ ଶିଳାଲେଖରେ ଅଙ୍କିତ ହୋଇରହିଛି ।

Digitized by PPRACHIN, SOA

ଶକାବ୍ଦେ ସାଗରେ ଗନ୍ଧେ କୃତେ ନକ୍ଷତ୍ରେ ନାୟକେ
ଭଞ୍ଜେନ ବୈଦ୍ୟନାଥେନ ପ୍ରାସାଦ କୃତ ମେଦିନୀ

ଏଠାରେ ୧୪୯୭ ଶକାବ୍ଦର ଉଲ୍ଲେଖ ଥିବାରୁ ମନ୍ଦିର ନିର୍ମାଣ କାଳ ୧୫୭୫ (୧୪୯୭ + ୭୮) ବୋଲି ଗ୍ରହଣ କରାଯାଇଛି । ମୟୂରଭଞ୍ଜ ଏକ ସୀମାନ୍ତ ରାଜ୍ୟ ହୋଇଥିବାରୁ ଗଜପତି ରାଜାମାନେ ଭଞ୍ଜରାଜାମାନଙ୍କ ସହିତ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ସଂପର୍କ ସ୍ଥାପନ କରିଥିଲେ । ଉତ୍ତରରେ ମୁସଲମାନ ଶାସିତ ବଙ୍ଗପ୍ରଦେଶରୁ ଓଡ଼ିଶା ଉପରେ ମୁହୁର୍ମୁହୁଃ ଆକ୍ରମଣକୁ ପ୍ରତିରୋଧ କରିବାପାଇଁ ଏହା ଏକ ଉଚିତ ପଦକ୍ଷେପ ଥିଲା ।

ଶ୍ରୀଚୈତନ୍ୟଙ୍କ ପୁରୀ ଆଗମନ ସଂପର୍କୀୟ ବର୍ଣ୍ଣନାରେ ହରିହରପୁରର ଉଲ୍ଲେଖ ଅଛି । ଗୋବିନ୍ଦ ଦାସଙ୍କ କଡ଼ଚା ଅନୁସାରେ –

ପରଦିନ ସୁବର୍ଣ୍ଣରେଖାର ଧାରେଗିୟା
ପୁଲକିତ ରଘୁନାଥ ଦାସେରେ ଦେଖିୟା
ଅନନ୍ତର ହରିହରପୁର ମୋରା ଯାଇ
ସେଥିଗିୟା ହରିନାମେ ମାତିଲ ନିମାଇ
ନାଚିତେ ନାଚିତେ ପ୍ରଭୁ ଅଜ୍ଞାନ ହଇଲ

ହରିହରପୁରରେ ଗୋଟିଏ ଦିନ ରହି ଶ୍ରୀଚୈତନ୍ୟ ବାଲେଶ୍ୱର ଯାଇ ସେଠାରେ ଗୋପୀନାଥଙ୍କ ଦର୍ଶନ କରିଥିଲେ । ପରଦିନ ପୁଣି ସେଠାରୁ ନୀଳଗିରି ଅଭିମୁଖରେ ସେ ଯାତ୍ରା କରିଥିଲେ । ଏଥିରୁ ଜଣାଯାଏ ଯେ ବଙ୍ଗଦେଶରୁ ପୁରୀ ଯିବାକୁ ହେଲେ ସେତେବେଳେ ମେଦିନୀପୁରର ଗୋପୀବଲ୍ଲଭପୁରଠାରୁ ସୁବର୍ଣ୍ଣରେଖା ପାରହୋଇ ହରିପୁର ଓ ବାଲେଶ୍ୱର ପଥରେ ଯିବା ସହଜ ଥିଲା । ସେହିପରି ପୁରୀରୁ ଉତ୍ତର ଭାରତର ବୃନ୍ଦାବନ ଓ ମଥୁରା ଆଦି ସ୍ଥାନକୁ ଯିବାପାଇଁ ଯାତ୍ରୀମାନେ ଉପରୋକ୍ତ ପଥ ଅନୁସରଣ କରିବା ବିନା ଅନ୍ୟ ପଥ ନ ଥିଲା । ଚୈତନ୍ୟଙ୍କ ଦୀର୍ଘ ୧୮ ବର୍ଷର ପୁରୀ ରହଣି କାଳରେ ଭଞ୍ଜ ରାଜାମାନେ ବୈଷ୍ଣବ ଧର୍ମ ଗ୍ରହଣ କରି ନ ଥିଲେ ମଧ୍ୟ ୧୫୧୦ ପରେ ପରେ ନୂତନ ଧର୍ମନୀତିକୁ ଆପଣାର କରିଥିବା ମନେହୁଏ ।

ଖ୍ରୀ. ୧୫୧୦ ରୁ ୧୫୬୮ ମଧ୍ୟରେ ନାନା ରାଜନୈତିକ ଉତ୍‌ଥାନ ପତନ ପୂର୍ବ ଭାରତରେ ସଂଘଟିତ ହୋଇଥିଲା । ବିଶେଷତଃ ଓଡ଼ିଶା ପାଇଁ ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ସମୟ ଥିଲା । ଗଜପତି ବଂଶର ପତନ ସହିତ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଥିଲା । ବଙ୍ଗଳାରେ ମୁସଲମାନ ଶାସନ ସୁପ୍ରତିଷ୍ଠିତ ହୋଇଥିଲା । ଏହାର କେତେକ ବିବରଣୀ ମୁସଲମାନ ଐତିହାସିକ ବାଦାଓନିଙ୍କ ଲେଖାରୁ ମିଳେ । ଚୈତନ୍ୟଦେବଙ୍କ ଅଳ୍ପ କେତେବର୍ଷ ପରେ ବାଦାଓନି ନିଜ ବିବରଣୀ ଲିପିବଦ୍ଧ କରିଥିଲେ । ସେଥିରୁ ଜଣାଯାଏ ଯେ ବଙ୍ଗ ନବାବ ସୁଲେମାନ କରାନୀ କାଂଶବାଂଶ ନଦୀ ଓ ମୟୂରଭଞ୍ଜ ମଧ୍ୟ ଦେଇ ଓଡ଼ିଶା ଅଧିକାର ଉଦ୍ଦେଶ୍ୟରେ ଯେଉଁ ସେନାବାହିନୀ

Digitized by PPRACHIN, SOA

ପ୍ରେରଣ କରିଥିଲେ ତାହାର ନେତୃତ୍ୱ ସେନାପତି କଳାପାହାଡ଼ଙ୍କ ଉପରେ ନ୍ୟସ୍ତ ହୋଇଥିଲା । କଳାପାହାଡ଼ ଓଡ଼ିଶା ରାଜାଙ୍କୁ ପରାସ୍ତ ଓ ନିହତ କରିବା ପରେ ୧୫୬୮ରେ ଓଡ଼ିଶା ଅଧିକାର କରିଥିଲେ । (ବାଦାଓନି ଦ୍ୱିତୀୟ ଖଣ୍ଡ)

କଳାପାହାଡ଼ଙ୍କ ଅଭିଯାନ ଫଳରେ ମୟୂରଭଞ୍ଜ ରାଜପରିବାର ଧ୍ୱସ୍ତବିଧ୍ୱସ୍ତ ହୋଇଥିଲା । ରାଜପରିବାରର ସଦସ୍ୟମାନେ ନିରାପତ୍ତା ପାଇଁ ଗଭୀର ଅରଣ୍ୟ ଭିତରେ ଆତ୍ମଗୋପନ କରିବାକୁ ବାଧ ହୋଇଥିଲେ । ଘୋର ଅସ୍ଥିରତା ମଧ୍ୟଦେଇ ସେମାନଙ୍କୁ ଜୀବନଧାରଣ କରିବାକୁ ପଡ଼ିଥିଲା । ଦିନୁଦିନ ମୁସଲମାନ ଆକ୍ରମଣ ବୃଦ୍ଧି ପାଇବାରୁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଲା । ମୟୂରଭଞ୍ଜର ଗୁରୁତ୍ୱପୂର୍ଣ୍ଣ ଅବସ୍ଥିତି ଦୃଷ୍ଟିରୁ ବଙ୍ଗ ନବାବମାନେ କୋହଳ ନୀତି ଅବଲମ୍ବନ କରୁ ନ ଥିଲେ । ସମୟ ସମୟରେ ମୋଗଲ ଆକ୍ରମଣରୁ ରକ୍ଷାପାଇବା ଉଦ୍ଦେଶ୍ୟରେ ବଙ୍ଗ ଶାସକ ଦାଉଦ ଖାଁ ହରିହରପୁରଗଡ଼ରେ ଆଶ୍ରୟ ନେଉଥିଲେ । ଆକବରନାମାରେ ଏହାର ଉଲ୍ଲେଖ ଅଛି । ରାଜା ତୋଡ଼ରମଲ୍ଲ ଯେତେବେଳେ ବଙ୍ଗ ଆକ୍ରମଣ କଲେ (ମାର୍ଚ୍ଚ ୧୫୭୫) ସେତେବେଳେ ଦାଉଦ ଖାଁ ହରିହରପୁର ଦୁର୍ଗରେ ଆତ୍ମଗୋପନ କରିଥିଲେ । ଦାଉଦ ଖାଁ ପରାସ୍ତ ହେବା ପରେ କଟକ ପର୍ଯ୍ୟନ୍ତ ମୋଗଲ ଆଧିପତ୍ୟ ସଂପ୍ରସାରିତ ହୋଇଥିଲା ।

ସେ ସମୟରେ ରାଜା ବୈଦ୍ୟନାଥ ଭଞ୍ଜ ହରିପୁରଗଡ଼ରେ ନ ରହି ନିକଟବର୍ତ୍ତୀ ରାୟଗଡ଼ ନାମକ ସ୍ଥାନରେ ରହୁଥିଲେ । ଖ୍ରୀ. ୧୬୨୦ରେ ରଚିତ 'ରସିକମଙ୍ଗଳ' ନାମକ ଗ୍ରନ୍ଥରେ ଗ୍ରନ୍ଥାକାର ଗୋପୀଜନବଲ୍ଲଭ ରାଜଦରବାରର ଯେଉଁ ବର୍ଣ୍ଣନା ଦେଇଅଛନ୍ତି ସେଥିରୁ ଜଣାଯାଏ ଯେ ରାୟଗଡ଼ର ଦୂରତା ହରିହରପୁରରୁ ମାତ୍ର ୫ କିଲୋମିଟର ଥିଲା । ଗୋପୀଜନବଲ୍ଲଭ ସ୍ୱାମୀ ଶ୍ୟାମାନନ୍ଦଙ୍କ ଶିଷ୍ୟ ଥିଲେ । ରାୟଗଡ଼ରେ ଥିବା ସମୟରେ ରାଜା ବୈଦ୍ୟନାଥ ଭଞ୍ଜ ସ୍ୱାମୀ ରସିକାନନ୍ଦଙ୍କୁ ଦରବାରରେ ସାଦର ଅଭ୍ୟର୍ଥନା କରିଥିଲେ । ରାୟଗଡ଼ରେ ରାଜା ଏକ ଅସ୍ଥାୟୀ ଦୁର୍ଗ ନିର୍ମାଣ କରିଥିଲେ । ତାହାର କୌଣସି ଚିହ୍ନବର୍ଣ୍ଣ ଏବେ ଆଉ ନାହିଁ । ତେବେ ରସିକାନନ୍ଦ ସେଠାକୁ ଆସିବା ପୂର୍ବରୁ ଭଞ୍ଜରାଜାମାନେ ଶାକ୍ତ ଥିଲେ । ବୈଦ୍ୟନାଥ ଭଞ୍ଜ ପ୍ରଥମେ ବୈଷ୍ଣବଧର୍ମ ପ୍ରତି ନିଜର ଅନୁରକ୍ତ ପ୍ରକାଶ କରିଥିଲେ । ରସିକାନନ୍ଦ ଥିଲେ ତାଙ୍କର ଦୀକ୍ଷାଗୁରୁ । ରସିକମଙ୍ଗଳରେ ଉଲ୍ଲେଖ ଅଛି –

ହେଜରୂପେ ବୈଦ୍ୟନାଥ ଉପଦେଶ ହୈଲା ।
ଦିନେ ଦିନେ ପ୍ରେମଭକ୍ତି ବଢ଼ିତେ ଲାଗିଲା ।।
ଅନନ୍ୟ ଶରଣ ହୈଲା ତିନି ସହୋଦର ।
କୃଷ୍ଣ ପ୍ରେମମୟ ହୈଲ ଉତ୍କଳ ନଗର ।।
ଭଞ୍ଜଭୂମି ସର୍ବଲୋକ ହୈଲା ବୈଷ୍ଣବ ।
ଶୈବ ଶାକ୍ତ ଜୀବହତ୍ୟା ଛାଡ଼ିଲେକ ସବ ।।

Digitized by PPRACHIN, SOA

ସେହିଦିନଠାରୁ ଗୋପୀବଲ୍ଲଭପୁରର ବୈଷ୍ଣବ ମଠାଧିଶ ଭଞ୍ଜମାନଙ୍କର ଧର୍ମଗୁରୁ ଭାବରେ ମର୍ଯ୍ୟାଦା ଲାଭ କଲେ । ରସିକାନନ୍ଦଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବୈଦ୍ୟନାଥ ଭଞ୍ଜ ହରିହରପୁର ଦୁର୍ଗରେ ରସିକରାୟ ମନ୍ଦିର ନିର୍ମାଣ କରାଇଥିଲେ । ଏହି ମନ୍ଦିରର ଭଗ୍ନାବଶେଷ ଏବେ ମଧ ସେ ଯୁଗର ଗୌରବମୟ ଐତିହ୍ୟ ଏବଂ ଉନ୍ନତ କଳାସ୍ଥାପତ୍ୟର ବାର୍ତ୍ତାବହ । ସାରା ଓଡ଼ିଶାରେ ଏପରି ମନ୍ଦିର କ୍ୱଚିତ୍ ଦୃଷ୍ଟିଗୋଚର ହୁଏ । ବଙ୍ଗଦେଶର ବିଷ୍ଣୁପୁରଠାରେ ମାତ୍ର କେତୋଟି ମନ୍ଦିର ବର୍ତ୍ତମାନ ମଧ ଏହି ପରମ୍ପରାର କେନ୍ଦ୍ରସ୍ଥଳୀ ଭାବେ ମହିମାନ୍ୱିତ ।

ବୈଦ୍ୟନାଥଭଞ୍ଜଙ୍କ ମୃତ୍ୟୁ ପରେ ଭଞ୍ଜରାଜାମାନେ ପ୍ରାୟ ଦୁଇଶହବର୍ଷ ହରିହରପୁରରେ ରାଜତ୍ୱ କରିଥିଲେ । ଉକ୍ତ ସମୟରେ ସେଠାରେ ରାଧାମୋହନ ଓ ଲକ୍ଷ୍ମୀନାରାୟଣ ମନ୍ଦିର ନିର୍ମିତ ହୋଇଥିଲା । ନିକଟବର୍ତ୍ତୀ ବୃନ୍ଦାବନପୁର ଶାସନରେ ଗୋଟିଏ ଗୁଣ୍ଡିଚା ମନ୍ଦିର ଭଞ୍ଜମାନେ ନିର୍ମାଣ କରିଥିଲେ । ସେ ଦୁଇ ମନ୍ଦିରର ନିର୍ମାତା ଥିଲେ ରାଜା ବିକ୍ରମାଦିତ୍ୟ । ତାଙ୍କ ସମୟରେ ହରିପୁରଗଡ଼ର ତେଲେଙ୍ଗା ଦରୱାଜା ମଧ ନିର୍ମିତ ହୋଇଥିଲା ।

ବଙ୍ଗଳାର ସୁବାଦାର ଆଲିବର୍ଦ୍ଦି ଖାଁ ରାଜ୍ୟ ବିସ୍ତାର ଉଦ୍ଦେଶ୍ୟରେ ମୟୂରଭଞ୍ଜ ପଥ ଦେଇ ଓଡ଼ିଶା ଆକ୍ରମଣ କରିଥିଲେ । ସେତେବେଳେ ଓଡ଼ିଶାର ଶାସକ ଥିଲେ ମୁରସିଦ କୁଲି ଖାଁ । ନିଜର ପ୍ରତିରକ୍ଷା ଦିଗରେ ମୁରସିଦ କୁଲି ଖାଁ ବିଶେଷ ଯତ୍ନବାନ ହୋଇଥିଲେ । ନିଜ ପତ୍ନୀ ଦରଦନା ବେଗମ ଏବଂ ପୁତ୍ର ୟାହିଆ ଖାଁଙ୍କୁ ବିପୁଳ ରାଜକୋଷ ସହିତ ବାରବାଟୀ ଦୁର୍ଗରେ ସୁରକ୍ଷିତ ରଖି ସେ ଯୁଦ୍ଧକ୍ଷେତ୍ରକୁ ଗମନ କରିଥିଲେ । ସଙ୍ଗରେ ଥିଲେ ତାଙ୍କର ଦୁଇ ଜାମାତା – ମୀର୍ଜା ମହମ୍ମଦ ବକିର ଖାଁ ଓ ଆଲ୍ଲାଉଦ୍ଦିନ ମହମ୍ମଦ ଖାଁ । ଏକ ବିଶାଳ ସେନାବାହିନୀ ସଙ୍ଗରେ ଘେନି ସେମାନେ ବାଲେଶ୍ୱର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ବାଲେଶ୍ୱରଠାରେ ଫୁଲାରୀଘାଟ ନିକଟରେ ଶତ୍ରୁବାହିନୀ ଅପେକ୍ଷାରେ ମୁର୍ସିଦ କୁଲି ଖାଁ ରହିଥିବା ସମୟରେ ନିଜ ଛାଉଣୀରେ ଥିବା ବିଶ୍ୱାସଘାତକ ମୁଖଲିସ ଅଲି ଖାଁଙ୍କ ଚକ୍ରାନ୍ତର ଶିକାର ହୋଇଥିଲେ ।

ସୁବାଦାର ଆଲିବର୍ଦ୍ଦି ଖାଁ ନିଜ ସେନାବାହିନୀରେ ଲକ୍ଷାଧିକ ପଦାତିକ ଓ ଅଶ୍ୱାରୋହୀ ସୈନ୍ୟ ନେଇ ମେଦିନୀପୁରରେ ଛାଉଣୀ ସ୍ଥାପନ କରିଥିଲେ । ସ୍ଥାନୀୟ ଜମିଦାରମାନଙ୍କୁ ପଦମର୍ଯ୍ୟାଦା ଓ ଉପହାର ଦେଇ ନିଜ ପକ୍ଷଭୁକ୍ତ କରିବାରେ ତାଙ୍କୁ ବେଶି କଷ୍ଟ ସ୍ୱୀକାର କରିବାକୁ ପଡ଼ି ନ ଥିଲା । ମୟୂରଭଞ୍ଜର ରାଜା (ଜଗର୍ଦ୍ଧର ଭଞ୍ଜ ବା ଜଗଦୀଶ୍ୱର ଭଞ୍ଜ ବା ଚକ୍ରଧର ଭଞ୍ଜ) ରାଜଘାଟର ଫେରିଥିବା ସ୍ଥାନରେ ନିଜ ଆସ୍ଥାନ ଦୃଢ଼ କରି ରହିଥିବାରୁ ସୁବାଦାର ଆଲିବର୍ଦ୍ଦି ଖାଁଙ୍କୁ ସାମୟିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତାଙ୍କ ଅଧୀନରେ ଅନେକ ଚୁଆଡ଼ ଓ ଖଣ୍ଡାୟତ ସୈନ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଥିଲେ । କିନ୍ତୁ ଆଲିବର୍ଦ୍ଦି ଖାଁଙ୍କ ତୋପ ବିରୋଧରେ କୌଣସି ଉପଯୁକ୍ତ ପ୍ରତିରକ୍ଷା ବ୍ୟବସ୍ଥା କରି ନ ପାରି ଯୁଦ୍ଧରେ ପରାଜିତ ହେଲେ । ତାଙ୍କ ଅଧୀନସ୍ଥ ଚୁଆଡ଼ ଓ ଖଣ୍ଡାୟତ ସେନା

Digitized by PPRACHIN, SOA

ଛତ୍ରଭଙ୍ଗ ଦେଇ ଇତସ୍ତତଃ ପଳାୟନ କରିଥିଲେ । ଆଲିବର୍ଦ୍ଦି ସୈନ୍ୟବାହିନୀ ସହିତ ରାଜଘାଟରେ ନଦୀ ଅତିକ୍ରମ କରି ରାମଚନ୍ଦ୍ରପୁର ନାମକ ସ୍ଥାନରେ ଛାଉଣୀ ସ୍ଥାପନ କରିଥିଲେ । ସେଠାରୁ ମୁର୍ସିଦ କୁଲି ଖାଁ ମାତ୍ର ଅଳ୍ପ ଦୂରରେ ଛାଉଣୀ ପକାଇଥିଲେ । ପରସ୍ପର ମଧ୍ୟରେ ଶାନ୍ତି ରାଜିନାମାର ସବୁ ଉଦ୍ୟମ ବିଫଳ ହେବାକୁ ମାସେ କାଳ ସମୟ ଅତିକ୍ରାନ୍ତ ହୋଇଗଲା । ମୁର୍ସିଦ କୁଲିଙ୍କ ଜାମାତା ବକିର ଖାଁ ଶତ୍ରୁ ସହ ଯୁଦ୍ଧ କରିବାକୁ ଅଧୈର୍ଯ୍ୟ ହୋଇପଡ଼ିଲେ । ପ୍ରଥମ ଥର ଯୁଦ୍ଧରେ ମୁର୍ସିଦ କୁଲି ଜୟଲାଭ କଲେ ସତ, କିନ୍ତୁ ଆଲିବର୍ଦ୍ଦି ଖାଁଙ୍କ ବିଚକ୍ଷଣ ନେତୃତ୍ୱ ଓ କୂଟନୀତି ବିପକ୍ଷରେ ଶେଷରେ ପରାଜୟ ସ୍ୱୀକାର କଲେ ଓ ସୈନ୍ୟସାମନ୍ତ ସହିତ ବାଲେଶ୍ୱର ବନ୍ଦରକୁ ପଳାୟନ କରିଥିଲେ । ସେଠାରୁ ସେ ଜଳପଥରେ ଦକ୍ଷିଣ ଭାରତକୁ ଜୀବନରକ୍ଷା ଉଦ୍ଦେଶ୍ୟରେ ଚାଲିଯିବାରୁ ଓଡ଼ିଶା ଆଲିବର୍ଦ୍ଦି ଖାଁଙ୍କ କବଳରେ ପଡ଼ିଲା । ଉପରୋକ୍ତ ଯୁଦ୍ଧରେ ମୟୂରଭଞ୍ଜ ରାଜା ନାରାୟଣଗଡ଼ର ରାଜାଙ୍କ ସହିତ ମିଶି ଆଲିବର୍ଦ୍ଦି ଖାଁଙ୍କ ବିରୁଦ୍ଧାଚରଣ କରିଥିବା ବିଷୟ ସିୟାରୁଲ ମୁତାଛିୟିରିନ୍‌ରେ ଉଲ୍ଲେଖ ଅଛି । ତାଙ୍କ ସୈନ୍ୟମାନେ ବଙ୍ଗସେନାକୁ ନାନାଭାବରେ ହଇରାଣ କରିଥିଲେ । ରାଜା ଜଗଦୀଶ୍ୱର ଭଞ୍ଜ ଓ ମୁର୍ସିଦ କୁଲି ଖାଁଙ୍କ ଜାମାତା ବକିର ଖାଁ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇଥିବାରୁ ଏପରି ନୀତି ମୟୂରଭଞ୍ଜ ରାଜା ଅନୁସରଣ କରିଥିଲେ । ମୁର୍ସିଦ କୁଲି ଖାଁ ପଳାୟନ କଲା ପରେ ମଧ୍ୟ ଚକ୍ରଧର ଭଞ୍ଜ ପରିସ୍ଥିତି ସହିତ ସାଲିସ ନ କରିବା ପରିତାପର ବିଷୟ ଥିଲା । ସେ ଆଲିବର୍ଦ୍ଦି ଖାଁଙ୍କ କୃତିତ୍ୱକୁ ସ୍ୱୀକାର ନ କରି ତାଙ୍କ ବିରୋଧୀ ନୀତି ଅବଲମ୍ବନ କରିଥିଲେ । ତଦ୍ୱାରା ଆଲିବର୍ଦ୍ଦି ଖାଁ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇଥିଲେ ।

ରିୟାଜ ଉସ୍ ସାଲାତିନର ବର୍ଣ୍ଣନା ଅନୁସାରେ ଆଲିବର୍ଦ୍ଦି ଖାଁ ବାଲେଶ୍ୱରରେ ପହଞ୍ଚିବା ପରେ ଚକ୍ରଧର ଭଞ୍ଜଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ବାଧ୍ୟ ହୋଇଥିଲେ । ସେତେବେଳେ ରାଜା ଚକ୍ରଧର ଭଞ୍ଜ ଆମୋଦ ପ୍ରମୋଦରେ ମାତି ହରିହରପୁରଗଡ଼ରେ ଅବସ୍ଥାନ କରୁଥିଲେ । ଅଭେଦ୍ୟ ଅରଣ୍ୟ ଦ୍ୱାରା ପରିବେଷ୍ଟିତ ହୋଇଥିବାରୁ ଓ ଚୁଆଡ଼ ସୈନ୍ୟମାନେ ଜାଗତିଆର ଥିବାରୁ ରାଜା ନିଜକୁ ସୁରକ୍ଷିତ ମନେ କରୁଥିଲେ । ତେଣୁ ସେ ପ୍ରତିରକ୍ଷାର ଅନ୍ୟ କୌଣସି ବ୍ୟବସ୍ଥା ନ କରି ଅବିବେକୀ ପରି କାର୍ଯ୍ୟ କଲେ । ଏହି ଅବସରର ସୁଯୋଗ ନେଇ ଆଲିବର୍ଦ୍ଦି ଖାଁ ହରିପୁରଗଡ଼ ଆକ୍ରମଣ କରିଥିଲେ । ରାଜଧାନୀକୁ ଧ୍ୱସ୍ତବିଧ୍ୱସ୍ତ କରି ବଙ୍ଗବାହିନୀ ଚୁଆଡ଼ ଓ ଖଣ୍ଡାୟତମାନଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କରିଥିଲେ । ସେମାନଙ୍କର ସ୍ତ୍ରୀ ଓ ପିଲାମାନେ ମଧ୍ୟ ହିଂସ୍ର ମୁସଲମାନସେନାର ଅତ୍ୟାଚାରରୁ ରକ୍ଷା ପାଇଲେ ନାହିଁ । ଅଳ୍ପ କେତେକ ଆତ୍ମୀୟସ୍ୱଜନଙ୍କ ସହିତ ରାଜା ପର୍ବତ ଭିତରକୁ ପଳାୟନ କଲେ ଓ ମୟୂରଭଞ୍ଜବାସୀ ଲୁଣ୍ଠନ, ହତ୍ୟା, ଧର୍ଷଣ ତଥା ଅନ୍ୟାନ୍ୟ ପାଶବିକ ଅତ୍ୟାଚାରର ଶିକାର ହେଲେ ।

ସେହିଦିନଠାରୁ ହରିହରପୁର ନଗରୀର ପତନ ଆରମ୍ଭ ହେଲା । ଚକ୍ରଧର ଭଞ୍ଜ ନିହତ ହେବାପରେ ଭଞ୍ଜମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ ।

Digitized by PPRACHIN, SOA

ମୁସଲମାନମାନେ ନିରବଚ୍ଛିନ୍ନ ଭାବରେ ଭଞ୍ଜରାଜ୍ୟର ଦୁର୍ବଳ ପରିସ୍ଥିତିର ସୁବିଧା ନେଉଥିଲେ । ଆକ୍ରମଣକାରୀଙ୍କ ଅତ୍ୟାଚାରରୁ ରକ୍ଷା ପାଇବାଲାଗି ପ୍ରଜାମାନେ ହରିହରପୁରରୁ ଇତସ୍ତତଃ ପଳାୟନ କରିବା ଅବଶ୍ୟମ୍ଭାବୀ ଥିଲା । ସମୟ ସମୟରେ ସେମାନେ ବାମନଘାଟିର ଦୁର୍ଭେଦ୍ୟ ଅରଣ୍ୟ ମଧ୍ୟରେ ଆଶ୍ରୟ ନେଉଥିବାରୁ ରାଜା ସର୍ବେଶ୍ୱର ଭଞ୍ଜଙ୍କୁ (ଖ୍ରୀ. ୧୬୨୭-୧୬୫୮) ବାମନଘାଟିର ଅଧିପତି ବୋଲି ପରିଚୟ ଦିଆଯାଏ । ମୋଗଲ ଅଧୀନରେ ଓଡ଼ିଶା ୧୫୯୦ରୁ ଶାସିତ ହେଲା । ସେହିଦିନଠାରୁ ମରହଟ୍ଟା ରାଜତ୍ୱ ପ୍ରବର୍ତ୍ତିତ ହେବା ପର୍ଯ୍ୟନ୍ତ (୧୭୫୧) ମୟୂରଭଞ୍ଜର ରାଜନୈତିକ ସ୍ଥିତି ବହୁ ବାଧାବିଘ୍ନ ମଧ୍ୟ ଦେଇ ଗତି କରିଥିଲା । ଇତିହାସର ଏହି ଦୁର୍ଦ୍ଦିନ କାଳରେ କେବଳ ରାଜଧାନୀ ହରିପୁର କାହିଁକି ଅନ୍ୟାନ୍ୟ ଦୁର୍ଗଗୁଡ଼ିକ ମଧ୍ୟ ନଷ୍ଟ ହୋଇଗଲା । ସେଥିରୁ ମାଣିଦ୍ରୀ ଦୁର୍ଗ ଥିଲା ଅନ୍ୟତମ । ମାଣିଦ୍ରୀ ଦୁର୍ଗକୁ ମରହଟ୍ଟାମାନେ ଧ୍ୱସ୍ତବିଧ୍ୱସ୍ତ କରିଥିବାର କିମ୍ବଦନ୍ତୀ ଅଛି । ସେମାନେ ହରିପୁରଗଡ଼ର ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ଓ ଅଟ୍ଟାଳିକାମାନ ଧୂଳିସାତ୍ କରିବା ଦୁର୍ଭାଗ୍ୟର ବିଷୟ ଥିଲା । ହିନ୍ଦୁ ଦେବଦେବୀ ମନ୍ଦିରକୁ ସେମାନେ ଧ୍ୱଂସ କରିବାରେ ପରାଙ୍ମୁଖ ହୋଇ ନ ଥିଲେ । ମୁସଲମାନ ଓ ମରହଟ୍ଟା ବର୍ଗୀମାନେ ତେଣୁ ହରିହରପୁରର ଧ୍ୱଂସ ସାଧନ ପାଇଁ ଦାୟୀ । ମରହଟ୍ଟାମାନଙ୍କ ତୁହାକୁତୁହା ଆକ୍ରମଣ ଓ ଲୁଣ୍ଠନରେ ଭଞ୍ଜରାଜା ଦାମୋଦର ଭଞ୍ଜ ଅସ୍ତବ୍ୟସ୍ତ ହୋଇପଡ଼ିଲେ । ତାହା ଅଷ୍ଟାଦଶ ଶତାବ୍ଦୀର ଶେଷ ଦଶକର କଥା । ରାଜା ଦାମୋଦର ଓ ରାଣୀ ସୁମିତ୍ରା ଦୁର୍ଲଭ ଅଷ୍ଟଧାତୁରେ ନିର୍ମିତ ଦେବପ୍ରତିମା ସଙ୍ଗେ ନେଇ ଗୁପ୍ତରେ ପଳାୟନ କରିବା ବିନା ଅନ୍ୟ ଉପାୟ ନ ଥିଲା । ରସିକରାୟ ଏବଂ ରାଧାମୋହନ ପ୍ରତିମା ସେତେବେଳକୁ ଅପସାରିତ ହୋଇସାରିଥିଲା । କିନ୍ତୁ ଠାକୁର ଲକ୍ଷ୍ମୀନାରାୟଣଙ୍କ ପ୍ରତିମା ଅପସାରଣରେ ସଫଳ ନ ହେବାରୁ ତାହା ମରହଟ୍ଟାମାନେ କବଜା କରିନେଲେ । ଉକ୍ତ ପ୍ରତିମା ପ୍ରସ୍ତରରେ ନିର୍ମିତ ହୋଇଥିଲା ଏବଂ ତାହାର ଉଚ୍ଚତା ଥିଲା ତିନିଫୁଟ । କୌଣସି ଅଜ୍ଞାତ କାରଣରୁ ମରହଟ୍ଟାମାନେ ସେହି ପ୍ରତିମାକୁ ରେମୁଣାରେ ସଂସ୍ଥାପିତ କରି ପୂଜାର୍ଚ୍ଚନାର ବ୍ୟବସ୍ଥା କରିଥିଲେ । ରାଣୀ ସୁମିତ୍ରାଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣ ମୂର୍ତ୍ତିକୁ ରେମୁଣାରୁ ଅପସାରିତ କରିବା ଉଦ୍ୟମ ଜନସାଧାରଣଙ୍କ ପ୍ରତିରୋଧ ଯୋଗୁଁ ବିଫଳ ହୋଇଥିଲା । କିନ୍ତୁ ପୂଜାର୍ଚ୍ଚନା ଲାଗି ରାଣୀ ନିଜ ରାଜକୋଷରୁ ଅର୍ଥବ୍ୟୟ କରି ଅନେକ ଦେବୋତ୍ତର ଜମି ମନ୍ଦିର ପରିଚାଳନା ପାଇଁ ପ୍ରଦାନ କରିଥିଲେ ।

ଖ୍ରୀ. ୧୮୦୧ ସରକାରୀ ରେକର୍ଡ଼ ଅନୁସାରେ ହରିହରପୁରଗଡ଼ ରାଣୀ ସୁମିତ୍ରାଙ୍କର ସଦର ମହକୁମା ଥିଲା । ଖ୍ରୀ. ୧୮୦୧ରେ ଇଷ୍ଟଇଣ୍ଡିଆ କମ୍ପାନୀ ସହିତ ନୟାବସାଣ ପ୍ରଗଣା ନେଇ ଯେଉଁ ରାଜିନାମା ସ୍ୱାକ୍ଷରିତ ହେଲା ସେଥିରେ ରାଣୀ ହରିହରପୁରବାସୀ ବୋଲି ନିଜ ଦସ୍ତଖତ ସହିତ ଉଲ୍ଲେଖ କରିଥିଲେ । କିନ୍ତୁ ସେତେବେଳକୁ ହରିହରପୁର ଛାରଖାର ହୋଇସାରିଥିଲା । ପ୍ରାୟ ଏକଶହ ବର୍ଷ ପରେ ପ୍ରତ୍ନତତ୍ତ୍ୱବିତ୍ ନଗେନ୍ଦ୍ରନାଥ ବସୁଙ୍କ ବିବରଣୀରୁ ଜଣାଯାଏ ଯେ ପୂର୍ବ ଓ ପଶ୍ଚିମପଟ ପ୍ରାଚୀର ଯଥାକ୍ରମେ ୧୦୯୧

Digitized by PPRACHIN, SOA

ଏବଂ ୧୧୦୨ ଫୁଟ ଲମ୍ବ ଥିଲା । ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ପ୍ରାଚୀର ଥିଲା ଯଥାକ୍ରମେ ୬୫୨ ଓ ୬୮୬ ଫୁଟ ଓସାର । ଏହି ଗଡ଼ର ଦକ୍ଷିଣ ପୂର୍ବ କୋଣରେ ସୂକ୍ଷ୍ମ ମୃଣ୍ମୟ କଳା ପରିଶୋଭିତ ରସିକରାୟ ମନ୍ଦିର ଅବସ୍ଥିତ ଥିଲା । ଏହା ଥିଲା ରାଜା ବୈଦ୍ୟନାଥ ଭଞ୍ଜଙ୍କ କୀର୍ତ୍ତି । ପୋଡ଼ା ଇଟାରେ ଏହି ମନ୍ଦିର ଗୌଡ଼ୀୟ ଶୈଳୀର ଅନୁକରଣରେ ନିର୍ମିତ ହୋଇଥିଲା ଷୋଡ଼ଶ ଶତାବ୍ଦୀରେ । ଏତାଦୃଶ ମନ୍ଦିର ଓଡ଼ିଶାରେ ସଂପୂର୍ଣ୍ଣ ବିରଳ । ବଙ୍ଗ ପ୍ରଦେଶର ବିଷ୍ଣୁପୁର ନାମକ ସ୍ଥାନରେ ଗୌଡ଼ୀୟ ଶୈଳୀ ନିର୍ମିତ ଅନେକ ମନ୍ଦିର ଥିବାର ଦେଖାଯାଏ । ସମ୍ଭବତଃ ବିଷ୍ଣୁପୁର ସ୍ଥାପତ୍ୟ ପରମ୍ପରା ଅନୁକରଣରେ ବଙ୍ଗୀୟ ଶିଳ୍ପୀମାନେ ହରିହରପୁରସ୍ଥ ରସିକରାୟ ମନ୍ଦିର ଗଠନ ପାଇଁ ନିଯୁକ୍ତ ହୋଇଥିଲେ । ମନ୍ଦିର ଗାତ୍ରରେ ପୁରାଣବର୍ଣ୍ଣିତ ଉପାଖ୍ୟାନ ଓ କୃଷ୍ଣଲୀଳାର ଅନେକ ଚିତ୍ର ଖୋଦିତ ହୋଇଥିଲା । କାଳକ୍ରମେ କଳାତସ୍କରମାନେ ସେଥିରୁ ଅନେକ ଅଂଶ ଅପହରଣ କରିନେଇଥିବାରୁ ମନ୍ଦିରର ବର୍ତ୍ତମାନ ଅବସ୍ଥା ଶ୍ରୀହୀନ ଦେଖାଯାଏ । ବସୁ ମହାଶୟ ହରିପୁରଗଡ଼କୁ ଏକ ଗୁଳ୍ମ ଆଚ୍ଛାଦିତ ଭଗ୍ନସ୍ତୂପ ମଧ୍ୟରେ ଦେଖିଥିଲେ ହେଁ ଆବାସିକ ରାଜପ୍ରାସାଦ ଓ ଆନୁଷଙ୍ଗିକ ସୌଧମାଳାର ନିର୍ମାଣ କୌଶଳ ଦେଖି ମୁଗ୍ଧ ହୋଇଥିଲେ । ମନ୍ଦିର ପ୍ରାଙ୍ଗଣର ଉତ୍ତରଭାଗରେ ଅଳ୍ପ ଦୂରରେ ରାଣୀହଂସପୁର ଥିବାର ଅନୁମାନ କରାଯାଏ । ଅନ୍ତପୁରବାସୀମାନଙ୍କ ପାଇଁ ଦକ୍ଷିଣ ପଶ୍ଚିମରେ ସ୍ନାନାଗାର ଓ ଶୟନକକ୍ଷର ବ୍ୟବସ୍ଥା ଥିଲା । ଜଳଯୋଗାଣ ପାଇଁ ଥିବା ଏକ ବିରାଟ କୂପର ଅବଶେଷ ଏବେ ସୁଦ୍ଧା ଦେଖାଯାଏ । ରସିକରାୟ ମନ୍ଦିର ପ୍ରାଙ୍ଗଣର ଉତ୍ତର ଦିଗରେ ଦରବାର ମହଲ ଥିଲା । ପ୍ରକାଣ୍ଡ ଦରବାରକୁ ଟେକିଧରିଥିବା ସ୍ତମ୍ଭଗୁଡ଼ିକ ନାନା କାରୁକାର୍ଯ୍ୟରେ ମଣ୍ଡିତ ହୋଇଥିଲା । ସେଗୁଡ଼ିକ ଉପରେ ଚୂନର ଆସ୍ତରଣ ଦ୍ୱାରା ମସୃଣ କରାଯାଇଥିଲା । ତାହା ସୁନ୍ଦର ସୁନ୍ଦର ନକ୍ସା ଓ ଚିତ୍ରାଙ୍କନ ପାଇଁ ବ୍ୟବହୃତ ହୋଇଥିଲା । ଦରବାର ହଲର ଚଟାଣ ପ୍ରସ୍ତର ନିର୍ମିତ ହୋଇଥିଲେ ମଧ୍ୟ ପଲସ୍ତରା ଦ୍ୱାରା ତାକୁ ଅତି ଚିକ୍କଣ କରାଯାଇଥିଲା । ଏହି ଚିକ୍କଣ ଚଟାଣ ଉପରେ ନାନା ଚିତ୍ରାଙ୍କନର ସଂକେତ ମିଳିଥିଲା । ସେତେବେଳେ ସିମେଣ୍ଟ ବଦଳରେ ଚୂନ ସୁର୍କୀକୁ ପଥର ଏବଂ ଇଟା ଯୋଡ଼ିବାରେ ବ୍ୟବହାର କରାଯାଉଥିଲା । ହରିପୁରଗଡ଼ର ଯେଉଁ ନକ୍ସା ବସୁ ମହାଶୟ ପ୍ରସ୍ତୁତ କରିଥିଲେ ତାହା ସେ ସମୟର ନିର୍ମାଣ କୌଶଳର ପରିଚୟ ପ୍ରଦାନ କରେ । ଗଡ଼ର ପ୍ରବେଶଦ୍ୱାରରେ ଥିବା ତେଲେଙ୍ଗାଦ୍ୱାର ଏବେ ଆଉ ନାହିଁ । ତାହାର ଏକ ଫଟୋ ଚିତ୍ର Archaeological Survey of Mayurbhanj (ପ୍ଲେଟ ନଂ. ୩୬)ରେ ସ୍ଥାନ ପାଇଛି ।

ରାଜପ୍ରାସାଦର ଉତ୍ତର ପଶ୍ଚିମରେ ରସିକରାୟ ମନ୍ଦିରର ବିପରୀତ ଦିଗରେ ରାଧାମୋହନ ମନ୍ଦିର ଥିଲା । ଏହି ମନ୍ଦିର ନିର୍ମାଣ ଶୈଳୀରେ କୌଣସି ନୂତନତ୍ୱ ଦେଖାଯାଏ ନାହିଁ । ମନ୍ଦିରଟି ଆୟତାକାର । ଏହା ମଧ୍ୟ ଇଟା ଓ ଚୂନରେ ତିଆରି । ଦେବସ୍ଥଳୀକୁ ଗୋଟିଏ ସିଧା କାନ୍ଥ ଦ୍ୱାରା ବାହ୍ୟକାନ୍ଥରୁ ଅଲଗା କରାଯାଇଛି ।

Digitized by PPRACHIN, SOA

ରାଜପ୍ରାସାଦରୁ ଦୂରରେ ଅବସ୍ଥିତ ଥିବାରୁ ରାଧାମୋହନ ମନ୍ଦିର ମୁଖ୍ୟତଃ ପୁରୁଷ ଭକ୍ତମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାର ମନେହୁଏ । ଅନ୍ୟପକ୍ଷରେ ରସିକରାୟ ମନ୍ଦିର ପ୍ରାସାଦବେଢ଼ା ପରିବେଷ୍ଟିତ ହୋଇଥିବାରୁ ମହିଳାମାନଙ୍କଦ୍ୱାରା ବ୍ୟବହୃତ ହେଉଥିବା ସମ୍ଭବ । କାରୁକାର୍ଯ୍ୟ ଦୃଷ୍ଟିରୁ ରାଧାମୋହନ ମନ୍ଦିର ରସିକରାୟ ମନ୍ଦିର ସହିତ ତୁଳନୀୟ ନୁହେଁ । ଏହା ଏକ ଅତି ସାଧାରଣ ଓ ନିତ୍ୟ ବ୍ୟବହାରୋପଯୋଗୀ ଦେବାଳୟ ଥିଲା । ଦୁଇଟିଯାକ ଗୌଡ଼ୀୟ ଶୈଳୀ ଅନୁସାରେ ନିର୍ମିତ ହୋଇଥିଲେ ମଧ୍ୟ ରସିକରାୟ ମନ୍ଦିର ଏକ ଅନୁପମ କୃତି । ରସିକରାୟ ମନ୍ଦିରର ପୁରୋଭାଗ (ନାଟମନ୍ଦିର ଅଂଶ) ୪୯ ଫୁଟ ଲମ୍ୱା ଓ ୨୩ ଫୁଟ ଚଉଡ଼ା । ମନ୍ଦିର ଅଂଶ ୩୦ ଫୁଟ ଲମ୍ବ ଓ ୨୭ ଫୁଟ ୬ ଇଞ୍ଚ ଓସାର । ପ୍ରତିମା ରହୁଥିବା ଅଂଶ ସମ୍ମୁଖଭାଗ ଅପେକ୍ଷା ଆୟତନରେ କ୍ଷୁଦ୍ର । ଏହାର ସାମନା କାନ୍ଥ ମାପ ୩ ଫୁଟ ୪ ଇଞ୍ଚ, ଓସାର ଏବଂ ପଶ୍ଚାତ୍‌ଭାଗ ମାପ ୭ ଫୁଟ ଓସାର । ଏତେ ଓସାରିଆ କାନ୍ଥ ଭିତରେ ଗୁପ୍ତ ପ୍ରକୋଷ୍ଠ ଥିବାର ଅନୁମାନ କରାଯାଏ । ତହିଁରେ ମନ୍ଦିରର ମୂଲ୍ୟବାନ୍ ସଂପଦମାନ ସୁରକ୍ଷିତ ହୋଇ ରହୁଥିଲା ।

ରାଧାମୋହନ ମନ୍ଦିର ଇଟାରେ ନିର୍ମିତ ହୋଇଥିଲେ ମଧ୍ୟ କଳା ବିମଣ୍ଡିତ ନୁହେଁ । ଏହା ଏକ ସାଧାରଣ ଦେବାଳୟ । କେବଳ ନାଟମନ୍ଦିର କାନ୍ଥମାନ ସଚିତ୍ର ଥିବାର ବୋଧହୁଏ । ଚିତ୍ରମାନ ପ୍ରାୟ ଲିଭିଯାଇଛି, ତେଣୁ ଅତି ଅସ୍ପଷ୍ଟ । କେବଳ କାନ୍ଥଠଣାମାନଙ୍କରେ ଚିତ୍ରାଙ୍କନର ସୂଚନା ମିଳେ । ତହିଁରେ ବାମନ, ଶ୍ରୀକୃଷ୍ଣ, ମତ୍ସ୍ୟ ଓ ଜଗନ୍ନାଥ ଆଦି ଅବତାର ଅଙ୍କିତ ହୋଇଥିଲା । ଏହି ମନ୍ଦିରଟି ରାଜା ବୀରବିକ୍ରମାଦିତ୍ୟ ଭଞ୍ଜ ନିର୍ମାଣ କରାଇଥିଲେ ।

ରସିକରାୟ ମନ୍ଦିରର ଦକ୍ଷିଣପୂର୍ବରେ ପ୍ରାୟ ୨୭୦ ଫୁଟ ବ୍ୟବଧାନରେ ଗୋଟିଏ ଜଗନ୍ନାଥ ମନ୍ଦିର ଥିଲା । ଏହାର ଚିହ୍ନବର୍ଣ୍ଣ ଆଉ ନାହିଁ । ଜନଶ୍ରୁତି ଅନୁସାରେ ତହିଁରେ ପୂଜା ପାଉଥିବା ଜଗନ୍ନାଥ ପ୍ରତିମା ପ୍ରତାପପୁର ଗ୍ରାମକୁ ସ୍ଥାନାନ୍ତରିତ ହୋଇଅଛି । ମନ୍ଦିରଟି ରାଜା ହରିହରଭଞ୍ଜ ନିର୍ମାଣ କରାଇଥିଲେ । ସେ ପ୍ରଥମ ବୈଷ୍ଣବ ଧର୍ମାନୁରାଗୀ ଭଞ୍ଜରାଜା ଥିଲେ । ହରିପୁରଗଡ଼ ତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ରସିକାନନ୍ଦଙ୍କ ଦ୍ୱାରା ସେ ବୈଷ୍ଣବଧର୍ମରେ ଦୀକ୍ଷିତ ହୋଇଥିଲେ । ବୈଷ୍ଣବଧର୍ମର ପୃଷ୍ଠପୋଷକ ଭାବରେ ସେ ବିଶେଷ ଖ୍ୟାତି ଲାଭ କରିଥିଲେ । ବିଂଶ ଶତାବ୍ଦୀର ପ୍ରଥମ ଦଶକ ପର୍ଯ୍ୟନ୍ତ ଏହି ମନ୍ଦିରର କିୟଦଂଶ ଅକ୍ଷୁଣ୍ଣ ଥିଲା । ତହିଁରେ ଅନେକ ଚିତ୍ରାଙ୍କନ ଥିବାର ବସୁ ମହାଶୟ ସ୍ୱଚକ୍ଷୁରେ ଦେଖିଥିଲେ ।

ହରିପୁରଗଡ଼ର ଦକ୍ଷିଣ ଭାଗରେ ଗଡ଼ଚଣ୍ଡୀ ଦେବୀଙ୍କର ଅଧିଷ୍ଠାନସ୍ଥଳୀ ଥିଲା । ମହିଷମର୍ଦ୍ଦିନୀ ଦୁର୍ଗା ଗଡ଼ଚଣ୍ଡୀ ଭାବରେ ଶାକ୍ତ ରାଜାମାନଙ୍କ ଦ୍ୱାରା ପୂଜିତା ହେଉଥିଲେ । ବର୍ତ୍ତମାନ ସେ ଅବହେଳିତ ଅବସ୍ଥାରେ ଗଡ଼ଠାରୁ କିଛି ଦୂରରେ ବନବାସୀମାନଙ୍କ ଦ୍ୱାରା ଦେବୀ କୋଟାଶନୀ ବା କୋଟବାସିନୀ ନାମରେ ପୂଜିତା ହେଉଛନ୍ତି ।

Digitized by PPRACHIN, SOA

ହରିପୁରଗଡ଼ରେ ରାଜଧାନୀ ସ୍ଥାପିତ ହେବାଦିନୁ ନାନା ପରିବର୍ତ୍ତନର ସ୍ରୋତରେ ଭଞ୍ଜମାନେ ପ୍ଲାବିତ ହୋଇଗଲେ । ନିଜର ରାଜନୈତିକ ସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ସେମାନେ ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କ ସହିତ ନିବିଡ଼ ସଂପର୍କ ସ୍ଥାପନ କରିବାକୁ ବାଧ୍ୟ ହେଲେ । ଭାରତୀୟ ରାଜନୀତିରେ ସେତେବେଳେ ଘଡ଼ିସନ୍ଧି ମୁହୂର୍ତ୍ତ । ବଙ୍ଗଳାରେ ମୁସଲମାନ ଶାସନ ପ୍ରତିଷ୍ଠା ହେବା ସହିତ ଦିଲ୍ଲୀରେ ମୋଗଲମାନେ ନିଜକୁ ସୁପ୍ରତିଷ୍ଠିତ କରିଥିଲେ । ଉଭୟେ ରାଜ୍ୟଜୟ ଓ ସଂପ୍ରସାରଣ ନୀତିରେ ବିଶ୍ୱାସ କରୁଥିଲେ । ଖ୍ରୀ. ୧୫୬୮ରେ ଓଡ଼ିଶାରୁ ହିନ୍ଦୁ ରାଜତ୍ୱ ଲୋପ ପାଇଲା ଏବଂ ବଙ୍ଗର ଆଫଗାନ ନବାବ ସୁଲେମାନ କର୍‌ରାନି ନିଜର କର୍ତ୍ତୃତ୍ୱ ପ୍ରତିଷ୍ଠା କଲେ । ସୁଲେମାନ କର୍‌ରାନିଙ୍କ ମୃତ୍ୟୁ ପରେ (ଖ୍ରୀ. ୧୫୭୩) ଆକବର ବଙ୍ଗଳା ଓ ଓଡ଼ିଶା ଅଧିକାର ପାଇଁ ଅହରହ ଉଦ୍ୟମ କରିଥିଲେ । ସୁଲେମାନ କର୍‌ରାନିଙ୍କ ପୁତ୍ର ଦାଉଦ ଖାଁ ମୋଗଲ ସେନାଦ୍ୱାରା ପରାଜିତ ହୋଇ ପ୍ରାଣ ବିକଳରେ ହରିହରପୁରଗଡ଼ରେ ଫେବୃୟାରୀ ଖ୍ରୀ. ୧୫୭୫ରେ ଆତ୍ମଗୋପନ କରିଥିଲେ । ଫଳରେ ରାଜା ବୈଦ୍ୟନାଥ ଭଞ୍ଜ ହରିହରପୁର ପରିତ୍ୟାଗ କରି ନିଜ ପରିବାର ସହିତ ରାୟଗଡ଼ ନାମକ ଦୁର୍ଗମ ସ୍ଥାନରେ ରହିବାକୁ ବାଧ୍ୟ ହେଲେ । ଏହି ରାୟଗଡ଼ରେ ରହିଥିବା ସମୟରେ ସେ ରସିକାନନ୍ଦଙ୍କ ପ୍ରଭାବରେ ଗୌଡ଼ୀୟ ବୈଷ୍ଣବଧର୍ମ ଗ୍ରହଣ କରିଥିଲେ । ସେ ଦୀର୍ଘକାଳ ରାଜତ୍ୱ କରିଥିଲେ । ଖ୍ରୀ. ୧୫୭୫ରେ ସେ ଜୀବିତ ଥିବାର ଜଣାଯାଏ ।

ଖ୍ରୀ. ୧୫୭୫ରେ ମୋଗଲ ସେନାପତି ମୁନିମ ଖାଁ ଏବଂ ତୋଡ଼ରମଲ୍ଲ ସୁବର୍ଣ୍ଣରେଖା ନଦୀକୂଳରେ ତୁକାରୋଇ ନାମକ ସ୍ଥାନରେ ଦାଉଦ ଖାଁଙ୍କୁ ପରାସ୍ତ କରିଥିଲେ । ଅଳ୍ପଦିନ ପରେ ରାଜମହଲଠାରେ ସେ ନିହତ ହେଲେ । ଫଳରେ ଓଡ଼ିଶା ଓ ବଙ୍ଗଳା ମୋଗଲମାନଙ୍କ ଅଧୀନସ୍ଥ ହେଲା । ଆଫଗାନମାନେ ଆଉ କେତେବର୍ଷ ମୋଗଲ ଶକ୍ତିର ପ୍ରତିରୋଧ କରି ୧୫୯୨ରେ ରାଜା ମାନସିଂହଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବେ ପରାଜିତ ହୋଇଥିଲେ । ଓଡ଼ିଶା ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେବା ପରେ ମୟୂରଭଞ୍ଜର ଅବସ୍ଥା ଦେଖିବା କଥା ।

ମୋଗଲଶକ୍ତି ଅଧୀନରେ (ଖ୍ରୀ. ୧୫୯୨ ରୁ ୧୭୫୧) ମୟୂରଭଞ୍ଜ ରାଜା ବାରଟି ଜମିଦାରୀ ଏବଂ ବୟାଳିଶ କିଲାର ମାଲିକ ଥିଲେ । ସେଥିରେ ଅଠରଟି ଦୁର୍ଗ ବା ଗଡ଼ ଅନ୍ତର୍ଭୁକ୍ତ ଥିଲା । ଏହି ଗଡ଼ ମଧ୍ୟରେ ଉଲ୍ଲେଖଯୋଗ୍ୟ ଥିଲା ଭଞ୍ଜଭୂମ, ମାଣିତ୍ରୀ, ହରିହରପୁର, ଦେଉଳି, ପୂର୍ଣ୍ଣିଆ, କର୍କଚୁଆ, ବାମନଘାଟି, ସରହୋଣ୍ଡା ଓ ଆଉ ଦଶଟି ଗଡ଼ । ମୟୂରଭଞ୍ଜ ରାଜାଙ୍କ ଅଧୀନରେ ଥିବା ଜମିଦାରୀମାନଙ୍କର ତାଲିକା ହେଲା – ନୀଳଗିରି, ସିଂହଭୂମ, ବରାଭୂମ, ପୁଥାଡ଼ି ନରସିଂହପୁର, ଦେବା ତିଆରଚାନ୍ଦ, ଜମାରପାଳ, ଜମାଚୁଣ୍ଡା, ଚାରଗଡ଼ ଏବଂ ତାଳମୁଣ୍ଡା । ଏସବୁ ସ୍ଥାନ ବର୍ତ୍ତମାନ ମେଦିନୀପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଅନ୍ତର୍ଗତ । ଏହା ବ୍ୟତୀତ ତମାର ଓ ବୀରକୁଳ ମଧ୍ୟ ମୟୂରଭଞ୍ଜ କର୍ତ୍ତୃତ୍ୱ ଅଧୀନରେ ଥିଲା । ଏଥିରୁ ପ୍ରତୀତ ହୁଏ ଯେ

Digitized by PPRACHIN, SOA

ମୟୂରଭଞ୍ଜର ସୀମା ସରହଦ ଉତ୍ତରରେ ତମାର, ବରାଭୂମ ଓ ମେଦିନୀପୁରଠାରୁ ଦକ୍ଷିଣରେ ବୈତରଣୀ ନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା । ପୂର୍ବରେ ସମୁଦ୍ରକୂଳଠାରୁ ଆରମ୍ଭ କରି ପଶ୍ଚିମରେ ସିଂହଭୂମ ପର୍ଯ୍ୟନ୍ତ ସୀମା ପରିବ୍ୟାପ୍ତ ଥିଲା । ଭଞ୍ଜ ରାଜାମାନେ ନୂତନ ରାଜ୍ୟ ଅଧିକାର ପାଇଁ ସଦା ଉଲ୍ଲସିତ ଥିଲେ । ମୁରାକତ-ଇ-ହାସାନ୍ (Muraquat-i--Hasan) ଅନୁସାରେ ୧୬୫୭ରେ ମୋଗଲ ସମ୍ରାଟ ଶାହଜାହାନଙ୍କ ଶାରୀରିକ ଅସୁସ୍ଥତାର ସୁଯୋଗ ନେଇ ହରିହରପୁରର କୃଷ୍ଣ ଭଞ୍ଜ ନିଜ ଆଧିପତ୍ୟ ମେଦିନୀପୁରରୁ ଭଦ୍ରକ ପର୍ଯ୍ୟନ୍ତ ବିସ୍ତାର କରିଥିଲେ । ତାଙ୍କ ଅଧୀନରେ ଏକହଜାର ଅଶ୍ୱାରୋହୀ ଏବଂ ୧୦ ରୁ ୧୨ ହଜାର ପର୍ଯ୍ୟନ୍ତ ପଦାତିକ ସେନା ଥିବାରୁ ସେ ଜମିଦାରମାନଙ୍କୁ ଭୟଭୀତ କରି ରଖିଥିଲେ । ଉପରୋକ୍ତ ଅଞ୍ଚଳରେ ଲୁଣ୍ଠନ କରିବା ଓ ରୟତମାନଙ୍କୁ ବଳପୂର୍ବକ ଅର୍ଥ ଆଶାରେ ଅପହରଣ କରିବା ଦ୍ୱାରା କୃଷିକାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା ଏବଂ ମୋଗଲ ରାଜକୋଷ କ୍ଷତିଗ୍ରସ୍ତ ହେଉଥିଲା । ଖ୍ରୀ. ୧୬୬୦ରେ ଆଓରଙ୍ଗଜେବ ଖାନ-ଇ-ଦଉରାନଙ୍କୁ ଓଡ଼ିଶାର ଶାସକ ନିଯୁକ୍ତ କରିଥିଲେ । ସେ ଯେତେବେଳେ ଭଦ୍ରକ ଆସିଲେ କୃଷ୍ଣ ଭଞ୍ଜ ତାଙ୍କୁ ଭେଟିବାକୁ ଆସିଥିଲେ । ଆଲୋଚନା ସମୟରେ କୃଷ୍ଣ ଭଞ୍ଜ କ୍ରୋଧାନ୍ୱିତ ହୋଇ ମୋଗଲ ସୁବାଦାରଙ୍କୁ ଆକ୍ରମଣ କରି ନିଜେ ନିହତ ହେଲେ । ତତ୍‌ମାନଙ୍କ ଦଲିଲରେ କୃଷ୍ଣ ଭଞ୍ଜଙ୍କ ପରାକ୍ରମ କଥା ଉଲ୍ଲେଖ ଅଛି ।

ଭଦ୍ରକରୁ ଖାନ-ଇ-ଦଉରାନ୍ ହରିହରପୁରକୁ ଯାଇଥିଲେ । କୃଷ୍ଣ ଭଞ୍ଜଙ୍କ ପୁତ୍ର ତ୍ରିବିକ୍ରମ ଭଞ୍ଜ ପିତୃବ୍ୟ ଜୟ ଭଞ୍ଜଙ୍କୁ ସଙ୍ଗରେ ଘେନି ସୁବାଦାରଙ୍କୁ ରେମୁଣା ନିକଟରେ ଭେଟି ଆତ୍ମସମର୍ପଣ କରିଥିଲେ । ଫଳରେ ସେ ମୟୂରଭଞ୍ଜର ଗାଦି ଓ ତତ୍‌ସଂଲଗ୍ନ ଜମିଦାରୀମାନ ଫେରି ପାଇଲେ । ମହାରାଜା ତ୍ରିବିକ୍ରମ ଭଞ୍ଜ ଖ୍ରୀ. ୧୬୬୦ ରୁ ୧୬୮୮ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ପରେ ପୁତ୍ର ଓ ଉତ୍ତରାଧିକାରୀ ସର୍ବେଶ୍ୱର ଭଞ୍ଜ ଖ୍ରୀ. ୧୭୧୧ ପର୍ଯ୍ୟନ୍ତ ରାଜତ୍ୱ କଲେ । ତାଙ୍କର ଉତ୍ତରାଧିକାରୀ ଥିଲେ ମହାରାଜା ବୀର ବିକ୍ରମାଦିତ୍ୟ ଭଞ୍ଜ । (ରାଜତ୍ୱ କାଳ ଖ୍ରୀ. ୧୭୧୧ ରୁ ୧୭୨୮) । ଖ୍ରୀ. ୧୭୨୪ରେ ସେ ମୋଗଲ ସମ୍ରାଟଙ୍କ ଠାରୁ ଯେଉଁ ହୁକୁମନାମା (ଫର୍ମାନ୍) ପାଇଲେ, ତହିଁରେ ପୁରୁଷାନୁକ୍ରମିକ ତାଙ୍କର କ୍ଷମତା ନିର୍ଦ୍ଦିଷ୍ଟ ହୋଇଥିଲା । ଖ୍ରୀ. ୧୭୨୮ରେ ମହାରାଜା ରଘୁନାଥ ଭଞ୍ଜ ସିଂହାସନ ଆରୋହଣ କରି ଖ୍ରୀ. ୧୭୫୦ ପର୍ଯ୍ୟନ୍ତ ରାଜ୍ୟଶାସନ କରିଥିଲେ ।

ଖ୍ରୀ. ୧୭୪୦ ରୁ ୧୭୫୧ ପର୍ଯ୍ୟନ୍ତ ନବାବ ଆଲିବର୍ଦ୍ଦି ଖାଁ ବଙ୍ଗଳା, ବିହାର ଓ ଓଡ଼ିଶାର ଶାସକ ଥିଲେ । ତାଙ୍କୁ ପ୍ରତିରୋଧ କରିବାରେ ମୟୂରଭଞ୍ଜ ରାଜା ବିଫଳ ହୋଇଥିଲେ । କିନ୍ତୁ ବକିର ଖାଁଙ୍କ ସହିତ ମିଶି ସେ ଓଡ଼ିଶାର ଡେପୁଟି ନବାବ ସଉକତ ଜଙ୍ଗଙ୍କୁ ବିରୋଧ କରିବାରୁ ଆଲିବର୍ଦ୍ଦି ଅତି ନିର୍ଦ୍ଦୟ ଭାବରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିଥିଲେ । ନବାବଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ରଘୁନାଥ ଭଞ୍ଜ ଶିମିଳିପାଳ ଜଙ୍ଗଲରେ ଆତ୍ମଗୋପନ କରିବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା । କିନ୍ତୁ

Digitized by PPRACHIN, SOA

ବଙ୍ଗଳା ଉପରେ ମରହଟ୍ଟାମାନଙ୍କ ଆକ୍ରମଣ ଖବର ପାଇ ଆଲିବର୍ଦ୍ଦି ମୟୂରଭଞ୍ଜରୁ ଫେରିଯାଇଥିଲେ । ସେତେବେଳେ ନାଗପୁରର ମରହଟ୍ଟା ଶାସକ ରଘୁଜୀ ଭୋନସଲା ଅର୍ଥ ଲାଭ ଆଶାରେ ବାରମ୍ବାର ବଙ୍ଗଳା ଆକ୍ରମଣ କରୁଥିଲେ । ଫଳରେ ବଙ୍ଗଳାର ଶାନ୍ତି ଓ ନିରାପତ୍ତା ନଷ୍ଟ ହେଉଥିଲା । ଏପରି ଘନ ଘନ ଆକ୍ରମଣ ଆଲିବର୍ଦ୍ଦିଙ୍କ କର୍ତ୍ତୃତ୍ୱ ପ୍ରତି ଏକ ବିଷମ ସଂକଟ ସୃଷ୍ଟି କରୁଥିଲା । ମରହଟ୍ଟା ବର୍ଗୀ ସୈନ୍ୟମାନେ ମୟୂରଭଞ୍ଜ ମଧ ଦେଇ ମେଦିନୀପୁର ଓ ବର୍ଦ୍ଧମାନ ଉପରେ ଆକ୍ରମଣ କରିବା ଦ୍ୱାରା ଭଞ୍ଜ ରାଜାଙ୍କ ପାଇଁ ମଧ ସଙ୍କଟର କାରଣ ହେଉଥିଲା । ତେଣୁ ଖ୍ରୀ. ୧୭୫୧ରେ ମରହଟ୍ଟା ଦାଉରୁ ରକ୍ଷା ପାଇବା ଆଶାରେ ଆଲିବର୍ଦ୍ଦି ଓଡ଼ିଶାକୁ ଭୋନ୍‌ସଲାଙ୍କ ହାତରେ ଅର୍ପଣ କରିଥିଲେ । ସୁବର୍ଣ୍ଣରେଖାର ଦକ୍ଷିଣ ଭାଗରୁ ଚିଲିକା ପର୍ଯ୍ୟନ୍ତ ସୁବିସ୍ତୃତ ଅଞ୍ଚଳରୁ କର ସଂଗ୍ରହ କରିବାର କ୍ଷମତା ଭୋନସଲାଙ୍କୁ ମିଳିଲା । ଭୋନ୍‌ସଲାଙ୍କ ତରଫରୁ ଜଣେ ଡେପୁଟୀ କଟକର ବାରବାଟୀ ଦୁର୍ଗରେ ଅବସ୍ଥାପିତ ହେଲେ । ମେଦିନୀପୁର ଜିଲ୍ଲାକୁ ଆଲିବର୍ଦ୍ଦି ଖାଁ ମରହଟ୍ଟାମାନଙ୍କୁ ନ ଦେଇ ନିଜ ଅଧୀନରେ ରଖିଲେ । ସେହିଦିନଠାରୁ ମେଦିନୀପୁର ଜିଲ୍ଲା ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇଗଲା । କ୍ରମଶଃ ମେଦିନୀପୁର ଅଧିବାସୀମାନେ ବଙ୍ଗଳା ସହିତ ନିଜକୁ ଅଧିକ ସଂପୃକ୍ତ କଲେ ଓ ବଙ୍ଗଳା ଭାଷାକୁ ମାତୃଭାଷାରୂପେ ଗ୍ରହଣ କରିନେଲେ ।

ମରହଟ୍ଟା ଶାସନ କାଳରେ ମୟୂରଭଞ୍ଜ

ମରହଟ୍ଟାମାନେ ଓଡ଼ିଶାକୁ ଖ୍ରୀ. ୧୭୫୧ ରୁ ୧୮୦୩ ପର୍ଯ୍ୟନ୍ତ ଶାସନ କରିଥିଲେ । ନାଗପୁର ଭୋନସଲାଙ୍କ ପ୍ରତିନିଧି ଭାବରେ ଜଣେ ନାଏବ ସୁବାଦାର ବା ଉପଶାସକ ବାରବାଟୀ ଦୁର୍ଗରେ ଅବସ୍ଥାନ କରୁଥିଲେ । ତାଙ୍କ ଅଧୀନରେ ଏକ କ୍ଷୁଦ୍ର ସେନାବାହିନୀ ରହୁଥିଲା । ବାଲେଶ୍ୱରରେ ମଧ ମରହଟ୍ଟାମାନଙ୍କର ଏକ ସେନାଛାଉଣୀ ଥିଲା । ଆବଶ୍ୟକତା ଅନୁସାରେ ଭୋନସଲା ଏହି ଶକ୍ତିକୁ ବଙ୍ଗଳା ବିରୋଧରେ ବିନିଯୋଗ କରୁଥିଲେ । ପୁରୀ ମନ୍ଦିରରୁ ଯାତ୍ରୀକର ବାବଦରେ ଆଦାୟ ହେଉଥିବା ଅର୍ଥ ଉପରେ ଭୋନସଲାଙ୍କ ସ୍ୱାର୍ଥ ନିବିଷ୍ଟ ଥିଲା । ମରହଟ୍ଟା ଶାସକ ମୁଖ୍ୟତଃ ଅର୍ଥଲୋଭୀ ଥିବାରୁ ମୟୂରଭଞ୍ଜ ରାଜାମାନେ ସତର୍କତାମୂଳକ ନୀତି ଅବଲମ୍ବନ କରୁଥିଲେ । କିନ୍ତୁ ସଦାସର୍ବଦା ମରହଟ୍ଟାମାନଙ୍କ କବଳରୁ ନିଜକୁ ମୁକ୍ତ ଓ ସୁରକ୍ଷିତ ରଖିବା ସମ୍ଭବ ହେଉ ନ ଥିଲା । ମହାରାଜା ରଘୁନାଥ ଭଞ୍ଜଙ୍କ ପରେ ଚକ୍ରଧର ଭଞ୍ଜ ଓ ତାଙ୍କ ପରେ ଦାମୋଦର ଭଞ୍ଜ ଗଦିନସିନ ହୋଇଥିଲେ । ଚକ୍ରଧର ଭଞ୍ଜଙ୍କ ଶାସନକାଳ ଖ୍ରୀ. ୧୭୫୧ ରୁ ୧୭୬୧ ପର୍ଯ୍ୟନ୍ତ ଥିଲା । ସେ ରଘୁନାଥ ଭଞ୍ଜଙ୍କ ପିତୃବ୍ୟ ଥିଲେ ଓ ରଘୁନାଥ ଭଞ୍ଜ ପୁତ୍ରହୀନ ଥିବାରୁ ସିଂହାସନ ଲାଭ କରିଥିଲେ । ତାଙ୍କ ରାଜତ୍ୱ ପ୍ରାରମ୍ଭରେ ନବାବ ଆଲିବର୍ଦ୍ଦି ଖାଁ ଓଡ଼ିଶାକୁ ଭୋନସଲାଙ୍କ ହାତରେ ସମର୍ପି ଦେଇଥିଲେ । ତଦ୍ୱାରା ନବାବ ମରହଟ୍ଟାମାନଙ୍କର ଅତର୍କିତ ଆକ୍ରମଣରୁ ଅଳ୍ପ ବହୁତ ରକ୍ଷା ପାଇଲେ ସତ କିନ୍ତୁ ମୟୂରଭଞ୍ଜ ପାଇଁ ବିପଦ ଘନୀଭୂତ ହେଲା ।

Digitized by PPRACHIN, SOA

ମୟୂରଭଞ୍ଜ ସହିତ ମରହଟ୍ଟାମାନଙ୍କର ସଂପର୍କ ଅତି ସଂଘର୍ଷମୟ ଥିଲା । କାରଣ ଭଞ୍ଜମାନଙ୍କୁ ଶୋଷଣ କରିବା ମରହଟ୍ଟାମାନଙ୍କର ମୁଖ୍ୟ ଅଭିଳାଷ ଥିଲା । ସେଥିପାଇଁ ସେମାନେ ଅନେକଥର ହରିପୁରଗଡ଼ ଆକ୍ରମଣ କରିଥିଲେ । ସ୍ଥାନୀୟ ଅଧିବାସୀମାନେ ମରହଟ୍ଟା ବର୍ଗୀମାନଙ୍କର ଶିକାର ହେଉଥିଲେ । ଖ୍ରୀ. ୧୭୬୧ରେ ଇଷ୍ଟଇଣ୍ଡିଆ କଂପାନୀ ମେଦିନୀପୁର ଅଧିକାର କଲାରୁ ମହାରାଜା ଦାମୋଦର ଭଞ୍ଜ ଇଂରେଜମାନଙ୍କ ସହିତ ସୁସମ୍ପର୍କ ସ୍ଥାପନର ସୁଯୋଗ ପାଇଲେ । ମିତ୍ରଭାବାପନ୍ନ ହୋଇ ସେ ଅସ୍ଥାୟୀ ଗଭର୍ଣ୍ଣର ଜେନେରାଲ ଭନ୍‌ସିଟ୍ଟାର୍ଟ (Vansittart)ଙ୍କୁ ଦୁଇଥର ପତ୍ର ଲେଖିଲେ । ଜେମ୍‌ସ ରେନେଲଙ୍କୁ ସର୍ବେକ୍ଷଣ ମାନଚିତ୍ର ପ୍ରସ୍ତୁତ କରିବାକୁ ଅନୁମତି ମଧ୍ୟ ଦେଇଥିଲେ । ତଦ୍ୱାରା ଗଭର୍ଣ୍ଣର ଜେନେରାଲ ଭନ୍‌ସିଟ୍ଟାର୍ଟ ଅତ୍ୟନ୍ତ ଆନନ୍ଦିତ ହୋଇ ରାଜାଙ୍କୁ ଯଥାସମୟରେ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଲେ । ବଙ୍ଗଳାକୁ ମରହଟ୍ଟା ଆକ୍ରମଣରୁ ରକ୍ଷା କରିବା ଦିଗରେ ମୟୂରଭଞ୍ଜକୁ ଆକ୍ରମଣ-ନିରୋଧକ ରାଜ୍ୟ ଭାବରେ ବ୍ୟବହାର କରିବା ତାଙ୍କର ଅଭିପ୍ରାୟ ଥିଲା । ମରହଟ୍ଟାମାନଙ୍କ ଆକ୍ରମଣକୁ ପ୍ରତିରୋଧ କରିବା ସୁବିଧା ଦାମୋଦର ଭଞ୍ଜଙ୍କର ଥିଲା । ମୟୂରଭଞ୍ଜର ଅବସ୍ଥିତି ଏପରି ଥିଲା ଯେ ମରହଟ୍ଟା ଅଭିଯାନର ଆଗୁଆ ସମ୍ବାଦ ସେ ଦେଇପାରୁଥିଲେ ।

ଓଡ଼ିଶାକୁ ୧୮୦୩ରେ ଅଧିକାର କରିବା ପୂର୍ବରୁ ଇଂରେଜମାନେ ମୟୂରଭଞ୍ଜର ରାଜନୈତିକ ସ୍ଥିତିକୁ ହେୟଜ୍ଞାନ କରୁ ନ ଥିଲେ । ଭଞ୍ଜମାନଙ୍କ ସହିତ ସୁସଂପର୍କ ରଖିବା ଇଂରେଜମାନଙ୍କର ମୂଳନୀତି ଥିଲା । ସେଥିପାଇଁ ୧୭୭୦ରେ କୁଟଙ୍ଗ ଜମିଦାରଙ୍କ ବିରୋଧରେ କମ୍ପାନୀ ତରଫରୁ କୌଣସି ଦଣ୍ଡବିଧାନ ନ ହୋଇ କେବଳ ଚେତାବନୀ ସୂଚକ ପଦକ୍ଷେପ ନିଆଯାଇଥିଲା । କୁଟଙ୍ଗ ଜମିଦାରୀକୁ ବାମନଘାଟି ସହିତ ମିଶାଇ ଦିଆଗଲା । ଲର୍ଡ ଓ୍ୱେଲେସଲୀ ଗଭର୍ଣ୍ଣର ଜେନେରାଲ ଥିବା ସମୟରେ ରାଜା ତ୍ରିବିକ୍ରମ ଭଞ୍ଜ ମୟୂରଭଞ୍ଜର ସ୍ୱାତନ୍ତ୍ର୍ୟ ଅକ୍ଷୁଣ୍ଣ ରଖିଥିଲେ । ତାଙ୍କ ସହିତ ରାଜମାତା ରାଣୀ ସୁମିତ୍ରାଙ୍କ ସଂପର୍କ ଯେପରି ଭଲ ରହେ ସେ ଦିଗରେ ଓ୍ୱେଲେସଲୀ ପଦକ୍ଷେପ ନେଇଥିଲେ । ରାଣୀ ସୁମିତ୍ରା ମଧ୍ୟ କମ୍ପାନୀକୁ ଓଡ଼ିଶା ଅଧିକାର ପାଇଁ ସାଧ୍ୟମତେ ସାହାଯ୍ୟ ଦେଇଥିଲେ । ସେଥିପାଇଁ ତାଙ୍କୁ ପ୍ରଶଂସାସୂଚକ ପତ୍ର କମ୍ପାନୀ ତରଫରୁ ମିଳିଥିଲା ।

Digitized by PPRACHIN, SOA

ଚତୁର୍ଥ ଅଧ୍ୟାୟ

ଇଂରେଜ ଅଧୀନରେ ମୟୂରଭଞ୍ଜ ରାଜତନ୍ତ୍ର

ରାଜା ଦାମୋଦର ଭଞ୍ଜ (ଖ୍ରୀ. ୧୭୬୧-୧୭୯୬)

ଇଂରେଜମାନେ ପ୍ରାଥମିକ ଅବସ୍ଥାରେ ବଣିକ ଥିଲେ । ବ୍ୟବସାୟ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମୟୂରଭଞ୍ଜରେ ଉତ୍ପାଦିତ ଉନ୍ନତଧରଣର ଟସର କ୍ରୟ କରିବା ଆଳରେ ଇଷ୍ଟଇଣ୍ଡିଆ କଂପାନୀ ପ୍ରଥମେ ଭଞ୍ଜ ରାଜାଙ୍କଠାରୁ (ମହାରାଜା ତ୍ରିବିକ୍ରମ ଭଞ୍ଜ, ୧୬୬୦-୧୬୮୮) ଅନୁମତି ଲାଭ କରିଥିଲେ । ପ୍ରାୟ ଏକଶତବର୍ଷର ଏହି ବ୍ୟବସାୟିକ ସଂପର୍କ ନୂତନ ମୋଡ଼ ନେଲା ମହାରାଜା ଦାମୋଦର ଭଞ୍ଜଙ୍କ ରାଜତ୍ୱ କାଳରେ । ମେଦିନୀପୁରକୁ ଇଂରେଜମାନେ ୧୭୬୦ରେ ଅଧିକାର କଲା ପରେ ମୟୂରଭଞ୍ଜ ସହିତ ପ୍ରତ୍ୟକ୍ଷ ସଂପର୍କରେ ଆସିଲେ । ମେଦିନୀପୁରର ପଶ୍ଚିମରେ ଥିବା ନୟାବସାଣ, ରୋହିଣୀ, ମାନଭଣ୍ଡାର ଆଦି ଜଙ୍ଗଲମାନଙ୍କରୁ ମୟୂରଭଞ୍ଜ ରାଜା କର ଆଦାୟ କରୁଥିଲେ । ମେଦିନୀପୁରରେ ଥିବା ଇଂରେଜ ପ୍ରତିନିଧି ଆଦାୟ ହେଉଥିବା କର ଉପରେ କମ୍ପାନୀର ଅଂଶ ଥିବା ଦାବି ଜଣାଇଲେ । ଫଳରେ ଇଂରେଜ କର୍ତ୍ତୃପକ୍ଷ ମୟୂରଭଞ୍ଜର ଗୁରୁତ୍ୱ ଓ ରାଜନୈତିକ ପ୍ରଭାବ ସଂପର୍କରେ ସଚେତନ ହେଲେ । ମରହଟ୍ଟା ଅଭିଯାନର ପ୍ରତିରୋଧ କରିବା ସମୟରେ କଂପାନୀ ସଦାସର୍ବଦା ମୟୂରଭଞ୍ଜ ରାଜ୍ୟକୁ ବ୍ୟବହାର କରୁଥିଲେ । ଗାଦିପ୍ରାପ୍ତି ହେବା ପରେ ରାଜା ଦାମୋଦର ଭଞ୍ଜ କଂପାନୀ ସହିତ ମିତ୍ରଶକ୍ତି ଭାବରେ ଚୁକ୍ତିବଦ୍ଧ ହେବାର ଇଚ୍ଛା ପ୍ରକାଶ କଲେ । ୧୭୬୦-୬୧ରେ ମରହଟ୍ଟାମାନଙ୍କ ଦ୍ୱାରା ମେଦିନୀପୁର ଅଧିକାର ପ୍ରଚେଷ୍ଟା ପଣ୍ଡ ହେବାରୁ କଂପାନୀ ଦୃଷ୍ଟିରେ ରାଜା ଦାମୋଦର ଭଞ୍ଜଙ୍କ ସମ୍ମାନ ବୃଦ୍ଧି ପାଇଥିଲା । ସେ ଏବଂ ତାଙ୍କ ଦେୱାନ ଅସ୍ଥାୟୀ ଗଭର୍ଣ୍ଣର ଭନସିଟ୍ଟାର୍ଟଙ୍କୁ ଏକ ମିତ୍ରଚୁକ୍ତିର ପରାମର୍ଶ ଦେଇଥିଲେ । ୧୭୬୮ରେ ମରହଟ୍ଟା ଅଭିଯାନର ଆଗୁଆ ଖବର ରାଜା ଦାମୋଦର ଭଞ୍ଜ ଇଂରେଜମାନଙ୍କୁ ଦେବା ସଙ୍ଗେ ସଙ୍ଗେ ବନ୍ଧୁତ୍ୱକୁ ନିବିଡ଼ କରିବାପାଇଁ ଆଗ୍ରହ ପ୍ରକାଶ କଲେ । ମରହଟ୍ଟାମାନେ ଉଭୟଙ୍କର ଶତ୍ରୁ ଥିବାରୁ ବାସ୍ତବ କୂଟନୀତି ଦୃଷ୍ଟିରେ ଏପରି ମିତ୍ରତା ଆବଶ୍ୟକ ଥିଲା । ୧୭୬୩ରେ ମରହଟ୍ଟା ଫୌଜଦାର ଭବାନୀ ପଣ୍ଡିତ ବାଲେଶ୍ୱରରୁ ହରିହରପୁର ଉପରେ ଆକ୍ରମଣ କରି ଅନେକ ପରିମାଣ ଧନସଂପଦ ଘେନି ଯାଇଥିଲେ । ଏହି ପରିସ୍ଥିତିର ସୁଯୋଗ ନେଇ ଇଂରେଜମାନେ ଅମର୍ଦ୍ଦାନଗର ଅଧିକାର କରିନେଲେ । ସେତେବେଳେ

Digitized by PPRACHIN, SOA

ରାଜା ଦାମୋଦର ଭଞ୍ଜ ବାଧ୍ୟ ହୋଇ ପ୍ରତିରୋଧ କଲେ ନାହିଁ– କାରଣ ପରିସ୍ଥିତି ପ୍ରତିକୂଳ ଥିଲା ଏବଂ ଇଂରେଜମାନଙ୍କ ବନ୍ଧୁତ୍ୱ ଉପରେ ସେ ଆଶାୟୀ ଥିଲେ । ଏହି ଅବସ୍ଥାରେ ନୟାବସାଣ ଜମିଦାରୀର ବାର୍ଷିକ ଦେୟ ୨୫୦୦.ଟଙ୍କାରୁ ୫୧୭୫ ଟଙ୍କାକୁ କମ୍ପାନୀ କର୍ତ୍ତୃପକ୍ଷ ବଢ଼ାଇଦେଲେ । ଅନିଚ୍ଛା ସହକାରେ ମହାରାଜା ୧୭୬୮ ରୁ ୧୭୮୬ ପର୍ଯ୍ୟନ୍ତ ବର୍ଦ୍ଧିତ ଦରରେ ଖଜଣା ଦେଲେ । ୧୭୭୯ରେ ଗଭର୍ଣ୍ଣର ଜେନେରାଲଙ୍କ ଚିଠିରୁ ସେ ଜାଣିଲେ ଯେ ମରହଟ୍ଟାମାନଙ୍କ ବିପକ୍ଷରେ କୌଣସି ସାହାଯ୍ୟ ସହଯୋଗ କଂପାନୀ ଦେବାକୁ ଅନିଚ୍ଛୁକ । ଭୋନସଲାଙ୍କ ସହିତ ଇଂରେଜମାନଙ୍କ ଗୁପ୍ତ ଷଡ଼ଯନ୍ତ୍ର ବିରୋଧରେ ନିଜ ଅସହାୟତ୍ୱ ଉପଲବ୍ଧି କରି ସେ ବୈଦେଶିକ ନୀତିର ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ ବାଧ୍ୟ ହେଲେ । ନିଜର ନିରାପତ୍ତା ଦୃଷ୍ଟିରୁ ଓ ଅମର୍ଦା ପୁନରଧିକାର ଆଶା ମରହଟ୍ଟା ପକ୍ଷରେ ତାଙ୍କ ନୀତି ବଦଳାଇଲା । ସେ ଏକ ଆକ୍ରମଣାତ୍ମକ ନୀତି ଅନୁସରଣ କଲେ । ନୟାବସାଣର ବର୍ଦ୍ଧିତ ରାଜସ୍ୱ ଦେବାକୁ ଅଗ୍ରାହ୍ୟ କରିବା ସଙ୍ଗେ ସଙ୍ଗେ ଅମର୍ଦା ଅଧିକାର କଲେ ଓ ଲୁଣ୍ଠନ କଲେ । ଏହି ଉଗ୍ରନୀତିର ପ୍ରତିକ୍ରିୟାସ୍ୱରୂପ କମ୍ପାନୀ ଓଡ଼ିଶାର ମରହଟ୍ଟା ଶାସକ ରାଜାରାମ ପଣ୍ଡିତ (ଖ୍ରୀ. ୧୭୭୮-୧୭୯୩)ଙ୍କ ସହିତ ମିଶି ରାଜାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥିର କଲେ । ମେଦିନୀପୁରର କଲେକ୍ଟର ଆକ୍ରମଣାତ୍ମକ ନୀତିରୁ କ୍ଷାନ୍ତ ହେବାକୁ ରାଜାଙ୍କୁ ନିର୍ଦ୍ଦେଶ ଦେଲେ ମଧ୍ୟ ସେଥିରେ ସେ କର୍ଣ୍ଣପାତ କଲେ ନାହିଁ । ତାଙ୍କ ବିରୋଧରେ କୋର୍ଟ ସମନ ଜାରି ହେଲା । ଲେଫ୍ଟନାଣ୍ଟ ମ୍ୟାଗ୍ରିଗର ଯୁଦ୍ଧରେ ତାଙ୍କୁ ପରାସ୍ତ କଲାରୁ ରାଜା ଗଡ଼ିଲାଯୁଦ୍ଧର ଆଶ୍ରୟ ନେଲେ । ରାଜା ପୁନର୍ବାର ଯୁଦ୍ଧରେ ପରାସ୍ତ ହେବାରୁ ଇଂରେଜ ସେନା ଅମର୍ଦା ଅଧିକାର କରିପାରିଲେ । କିନ୍ତୁ ସ୍ଥାନୀୟ ଅଧିବାସୀମାନେ କୌଣସି ସହଯୋଗ ନ କରିବାରୁ ଇଂରେଜ କ୍ୟାପଟେନ ଫେନଡ୍ଡିକ ନାନା ଅସୁବିଧାର ସମ୍ମୁଖୀନ ହେଲେ । ଇଂରେଜ ସୈନ୍ୟମାନଙ୍କ ପାଇଁ ଆବଶ୍ୟକୀୟ ପଦାର୍ଥର ଘୋର ଅଭାବ ହେଲା । ଲୋକମାନେ ରାଜାଙ୍କ ପକ୍ଷ ନେଲେ । ବାଲେଶ୍ୱରରେ ଥିବା ମରହଟ୍ଟା ଫୌଜଦାର ମଧ୍ୟ ରାଜା ଦାମୋଦର ଭଞ୍ଜଙ୍କୁ ସମର୍ଥନ କଲେ । ତେବେ ବେଲୋରାଚର ଉପରେ ନିଜର ଅଧିକାର ସ୍ୱୀକାର କରିବାକୁ କମ୍ପାନୀ ପାଖରେ ଦାବି ଜଣାଇ ସେ ଲୁଣ୍ଠନ ଓ ଆକ୍ରମଣରୁ ନିଜକୁ କ୍ଷାନ୍ତ କରିଥିଲେ । ପରବର୍ତ୍ତୀ ଦୁଇବର୍ଷ ବେଲୋରାଚର ଉପରେ ଅଧିକାର ପ୍ରଶ୍ନ ନେଇ ରାଜା ଓ କମ୍ପାନୀ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଲା । ମିଳାମିଶା ଉଦ୍ୟମ ଅବ୍ୟାହତ ରଖି ରାଜା ରାଜସ୍ୱବୋର୍ଡ଼ର ନିଷ୍ପତ୍ତି ଗ୍ରହଣ କରିବାକୁ ରାଜି ହେଲେ । କିନ୍ତୁ ରାଜସ୍ୱବୋର୍ଡ଼ ଏବଂ ଗଭର୍ଣ୍ଣର ଜେନେରାଲଙ୍କ ନିଷ୍ପତ୍ତି ତାଙ୍କ ସ୍ୱାର୍ଥ ବିରୋଧରେ ଯିବାରୁ ଇଂରେଜମାନଙ୍କ ଉପରୁ ଦାମୋଦର ଭଞ୍ଜଙ୍କ ବିଶ୍ୱାସ ତୁଟିଗଲା । ନିଜର ଲକ୍ଷ୍ୟସାଧନ ପାଇଁ ସେ ଅନ୍ୟ ପଥ ଅନ୍ୱେଷଣ କଲେ ।

ନୟାବସାଣ ଜମିଦାରୀର ବର୍ଦ୍ଧିତ ବାର୍ଷିକ ଜମା ସମସ୍ୟା ପୂର୍ବେ ବର୍ଣ୍ଣିତ ହୋଇଅଛି । ବର୍ଦ୍ଧିତ ହାରରେ ବାର୍ଷିକ ଦେୟ ପଇଠ କରିବାକୁ ଦାମୋଦର ଭଞ୍ଜ ରାଜି ହେଲେ ନାହିଁ ।

Digitized by PPRACHIN, SOA

୧୭୮୩ରେ ଯେ ଜଉନପୁର ଲୁଣ୍ଠନ କରିବା ବିଷୟ କମ୍ପାନୀ କର୍ତ୍ତୃପକ୍ଷ ଜାଣିଥିଲେ । ସେମାନଙ୍କୁ ପ୍ରତାରିତ କରିବା ଉଦ୍ଦେଶ୍ୟରେ ଏକ ଶାନ୍ତିପୂର୍ଣ୍ଣ ସମାଧାନର ପ୍ରସ୍ତାବ ରାଜାଙ୍କ ନିକଟରୁ ଆସିଥିଲା । ସେଥିରେ ରାଜାଙ୍କ ପ୍ରସ୍ତାବିତ ବାର୍ଷିକ ଦେୟ ପରିମାଣକୁ ରାଜସ୍ୱ ବୋର୍ଡ଼ ଗ୍ରହଣ କରିନେଲା । କିନ୍ତୁ ବକେୟା ରାଶି ପରିମାଣ ପଇଠ ନ କଲାରୁ ସମସ୍ୟାର ସମାଧାନ ହୋଇପାରିଲା ନାହିଁ । ବରଂ ନୟାବସାଣ ଜମିଦାରୀ କମ୍ପାନୀ ଅଧିକାର କରିନେବାର ଧମକ ମେଦିନୀପୁରର କଲେକ୍ଟର ରାଜାଙ୍କୁ ଦେଲେ ଓ ତାଙ୍କଠାରୁ କୈଫିୟତ୍ ତଲବ କଲେ ।

୧୭୮୪ରେ ନିଜ ପ୍ରାପ୍ୟ ଆଦାୟ କରିବା ଲକ୍ଷ୍ୟରେ ମରହଟ୍ଟାମାନେ ମୟୂରଭଞ୍ଜ ଆକ୍ରମଣ କଲେ । ଉତ୍ତରରେ କମ୍ପାନୀ ସୈନ୍ୟ ନୟାବସାଣ ଅଧିକାର କରିବାକୁ ସଜାଗ ହୋଇ ରହିଥିଲେ । ଉଭୟ ଦିଗରୁ ଶତ୍ରୁପକ୍ଷର ସୈନ୍ୟ ସମାଗମ ସମ୍ବାଦରେ ଦାମୋଦର ଭଞ୍ଜ ବିଚଳିତ ହୋଇପଡ଼ିଲେ । ନିଜର ସମସ୍ତ ଦେୟ ପଇଠ ତ୍ୱରାନ୍ୱିତ କରିବାର ପ୍ରତିଶ୍ରୁତି ଦେଇ ମେଦିନୀପୁର କଲେକ୍ଟରଙ୍କୁ ଗୋପୀବଲ୍ଲଭପୁରରୁ ଇଂରେଜ ସୈନ୍ୟ ହଟାଇବାର ଅନୁରୋଧ ସେ କରିବା ଫଳରେ ମଧ୍ୟ ଅବସ୍ଥା ସୁଧୁରିଲା ନାହିଁ । କାରଣ ଦାମୋଦର ଭଞ୍ଜ ଗୋପନରେ ଗରିଲା ଯୁଦ୍ଧର ଆୟୋଜନ କରୁଥିବା ସୂଚନା ଇଂରେଜମାନଙ୍କୁ ମିଳିଥିଲା । ତେଣୁ ସେନାବାହିନୀ ସହଯୋଗରେ ଖଜଣା ଆଦାୟ କରିବାକୁ ମେଦିନୀପୁର କଲେକ୍ଟରଙ୍କ ନିଷ୍ପତ୍ତିକୁ ରାଜସ୍ୱବୋର୍ଡ଼ ଅନୁମୋଦନ କରିବା ବିନା ଅନ୍ୟ ପନ୍ଥା ନ ଥିଲା । କିଛିଦିନପାଇଁ ଅବସ୍ଥା ଶାନ୍ତ ପଡ଼ିଲା । କିନ୍ତୁ ୧୭୮୯ରେ ପୁଣି ଦାମୋଦର ଭଞ୍ଜ ଦାନ୍ତୁନ୍‌ର ଜମିଦାରୀ ଲୁଣ୍ଠନ କରିବାରୁ ମେଦିନୀପୁର କଲେକ୍ଟର ବାରୋଜ୍ କଠୋର କାର୍ଯ୍ୟାନୁଷ୍ଠାନ କରିବାକୁ ସ୍ଥିର କଲେ । ତାଙ୍କ ମତରେ ରାଜା ଥିଲେ ଜଣେ 'Notorious deprader' ଏବଂ 'Rebel to the authority of the Maratha Government'. ଇଂରେଜମାନଙ୍କ ମନୋଭାବ ଲକ୍ଷ୍ୟ କରି ପରିସ୍ଥିତି ଚାପରେ ରାଜା ପୁଣି ତିନିବର୍ଷ ପର୍ଯ୍ୟନ୍ତ ଥଣ୍ଡା ପଡ଼ିଗଲେ । କିନ୍ତୁ ୧୭୯୩ ଠାରୁ ମୃତ୍ୟୁପର୍ଯ୍ୟନ୍ତ (୧୭୯୬) ନିରବଚ୍ଛିନ୍ନ ଭାବରେ ସେ ଆକ୍ରମଣ ଓ ଲୁଣ୍ଠନରେ ବ୍ୟସ୍ତ ରହିଲେ । ଶାନ୍ତିରକ୍ଷା ପାଇଁ ଇଂରେଜ ସରକାରଙ୍କ ଅନୁରୋଧକୁ ସେ ବେଖାତିର କଲେ । ଫଳରେ ଇଂରେଜ ସରକାରଙ୍କ ପ୍ରତିକ୍ରିୟା ଆକ୍ରୋଶମୂଳକ ହେଲା । ରାଜାଙ୍କ ବିରୋଧରେ ନାନା ଅପରାଧ ସାବ୍ୟସ୍ତ ହୋଇ ତାଙ୍କୁ ବନ୍ଦୀ କରିବା ସକାଶେ ୱାରେଣ୍ଟ ଜାରି ହେଲା । ରାଜା ଆତ୍ମସମର୍ପଣ ନ କଲାରୁ ନୟାବସାଣ ଜମିଦାରୀ ବାଜ୍ୟାପ୍ତ ହୋଇଗଲା । ଇଂରେଜ ସରକାରଙ୍କ ଦୃଷ୍ଟିରେ ଦାମୋଦର ଭଞ୍ଜ ଥିଲେ 'as great a criminal as ever infringed the cause of justice and humanity'. ନିଜ ରାଜଧାନୀ ପରିତ୍ୟାଗ କରି ସେ ପର୍ବତ କନ୍ଦରରେ ଆତ୍ମଗୋପନ କଲେ । ସେହି ଅବସ୍ଥାରେ ଇଂରେଜ ଶାସିତ ଅଞ୍ଚଳ ଲୁଣ୍ଠନ କରିବା ଓ ଗରିଲା ଯୁଦ୍ଧ ପରିଚାଳିତ କରିବା ତାଙ୍କ ଦୃଢ଼ସଂକଳ୍ପ ଓ ମନୋବଳର ପରିଚୟ ପ୍ରଦାନ କରେ । ମୟୂରଭଞ୍ଜକୁ ଇଂରେଜ ଓ ମରହଟ୍ଟାମାନଙ୍କ

Digitized by PPRACHIN, SOA

କବଳରୁ ମୁକ୍ତ ରଖିବାହିଁ ତାଙ୍କ ସଂଘର୍ଷମୟ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଖ୍ରୀ. ୧୭୯୬ ଏପ୍ରିଲ ୭ ତାରିଖ ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ରାଜା ଦାମୋଦର ଭଞ୍ଜଙ୍କ ପରି ଜଣେ ଦୂରଦୃଷ୍ଟିସଂପନ୍ନ ପ୍ରବୀଣ କୂଟନୀତିଜ୍ଞ ଇତିହାସରେ କ୍ୱଚିତ୍ ଦେଖାଯାନ୍ତି । ସେତେବେଳେ ମୟୂରଭଞ୍ଜର ରାଜନୈତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ତାଙ୍କ ଅନୁସୃତ ନୀତିର ଯଥାର୍ଥତା ଉପଲବ୍ଧି କରିହୁଏ । ପଶ୍ଚିମରେ ମରହଟ୍ଟା, ଉତ୍ତର ଓ ଉତ୍ତରପୂର୍ବରେ ଇଂରେଜ ଶକ୍ତି ଏବଂ ଓଡ଼ିଶାର ଦୁର୍ବଳ ରାଜନୀତିକ ଅବସ୍ଥିତି ଲକ୍ଷ୍ୟକଲେ ତାଙ୍କ ପଦକ୍ଷେପକୁ ସମର୍ଥନ କରିବାକୁ ପଡ଼େ । ଦାମୋଦର ଭଞ୍ଜଙ୍କ ପାଇଁ ଇଂରେଜମାନେ ଓଡ଼ିଶାକୁ ସହଜରେ ଜୟ କରିବାରେ ସକ୍ଷମ ହୋଇ ନ ଥିଲେ । ନିଜର ସ୍ୱାତନ୍ତ୍ର୍ୟ ଓ ରାଜନୈତିକ ସ୍ୱାର୍ଥ ରକ୍ଷାପାଇଁ ସେ ଇଂରେଜମାନଙ୍କ କବଳରେ ପଡ଼ି ନ ଥିଲେ । ବଙ୍ଗଳା ଓ ଓଡ଼ିଶାର ମଧ୍ୟବର୍ତ୍ତୀ ଅଞ୍ଚଳରେ ତାଙ୍କ କର୍ତ୍ତୃତ୍ୱ ଥିବାରୁ ଇଂରେଜମାନଙ୍କୁ ଅସୁବିଧା ହେଉଥିଲା । ତେବେ ଇଂରେଜମାନେ ମଧ୍ୟ କୌଣସି ଗୁଣରେ କମ୍ ନ ଥିଲେ । ସେମାନେ ଧୈର୍ଯ୍ୟର ସହିତ ଦାମୋଦର ଭଞ୍ଜଙ୍କ ରାଜନୀତିର ମୁକାବିଲା କରିଥିଲେ ଓ ତାଙ୍କ ମୃତ୍ୟୁ ପାଇଁ ଅପେକ୍ଷା କରିଥିଲେ । ଦାମୋଦର ଭଞ୍ଜଙ୍କ ମୃତ୍ୟୁ ଫଳରେ ସେମାନଙ୍କ ଦ୍ୱାରା ଅନୁସୃତ Ring Fence ନୀତିରେ ପରିବର୍ତ୍ତନର ସୂତ୍ରପାତ ହେଲା ।

ରାଣୀ ସୁମିତ୍ରା ଭଞ୍ଜ (୧୭୯୬-୧୮୧୧)

ରାଜା ଦାମୋଦର ଭଞ୍ଜ ନିଃସନ୍ତାନ ଥିଲେ । କିନ୍ତୁ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ପାଟରାଣୀ ସୁମିତ୍ରା ଭଞ୍ଜଙ୍କୁ ନିଜର ଉତ୍ତରାଧିକାରୀ ମନୋନୀତ କରିଥିଲେ । ସେତେବେଳେ ସୁମିତ୍ରାଙ୍କୁ ୩୫ ବର୍ଷ ବୟସ ଏବଂ ସେ ତାଙ୍କ ଦକ୍ଷତା, ଚାରିତ୍ରିକ ଗୁଣ ଓ ରାଜ୍ୟଶାସନ ଦାୟିତ୍ୱ ବହନ କରିବା କ୍ଷମତାର ଅଧିକାରିଣୀ ଭାବରେ ସୁବିଦିତା ଥିଲେ । ଜୁନ ୧୧ ତାରିଖ ଦିନ ମରହଟ୍ଟା ଫୌଜଦାର ଓ ଅଧୀନସ୍ଥ ଜମିଦାରଙ୍କ ଉପସ୍ଥିତିରେ ସେ ସିଂହାସନ ଆରୋହଣ କରିଥିଲେ । ମେଦିନୀପୁର କଲେକ୍ଟରଙ୍କୁ ଏକଥା ଜଣାଇ ଦିଆଗଲା । ତାଙ୍କ ଅଧୀନରେ ନୟାବସାଣ ଜମିଦାରୀ ଖାସ୍ ହୋଇଥିବାରୁ ରାଣୀ ସୁମିତ୍ରା ନିୟମିତ ରାଜସ୍ୱ ଦେବାକୁ ପ୍ରତିଶ୍ରୁତି ଦେଇ ଜମିଦାରୀ ତାଙ୍କୁ ଫେରାଇ ଦେବାକୁ ଅନୁରୋଧ ଜଣାଇଲେ । ସେଥିପାଇଁ ସେ ଦୁଇଥର ଆବେଦନ କରିଥିଲେ ଏବଂ ଓକିଲ ଜରିଆରେ ନିଜ ସମର୍ଥନର ଯୁକ୍ତି ମଧ୍ୟ ବାଢ଼ିଥିଲେ । କିନ୍ତୁ ରାଜସ୍ୱ ବୋର୍ଡ଼ ଏହି ଆବେଦନକୁ ପ୍ରଥମେ ଅଗ୍ରାହ୍ୟ କରିଦେଲେ । ରାଣୀଙ୍କ ପ୍ରତି ମେଦିନୀପୁର କଲେକ୍ଟରଙ୍କ ବିଶେଷ ସମ୍ମାନ ଓ ବିଶ୍ୱାସ ଥିବାରୁ ସେ ରାଣୀଙ୍କ ସପକ୍ଷରେ ସରକାରଙ୍କୁ ସୁପାରିସ କରିଥିଲେ । ନିଜ ଶାସନାଧୀନ ଅଞ୍ଚଳରେ ଶାନ୍ତିରକ୍ଷା ପାଇଁ ଏହା ଜରୁରୀ ପଦକ୍ଷେପ ବୋଲି ତାଙ୍କର ଦୃଢ଼ ଅଭିମତ ଥିଲା । ରାଣୀ ଯଦି ଇଂରେଜ ଶାସିତ ଅଞ୍ଚଳ (ନୟାବସାଣ ବା ମେଦିନୀପୁର)ରେ ରହି ଆଇନ ଶୃଙ୍ଖଳା ମାନି ଚଳିବେ ତା ହେଲେ ତାଙ୍କୁ ନୟାବସାଣ ଜମିଦାରୀ ଏକବର୍ଷ ପାଇଁ ଫେରସ୍ତ ଦେବାକୁ କର୍ତ୍ତୃପକ୍ଷ ରାଜି

Digitized by PPRACHIN, SOA

ହେଲେ । କିନ୍ତୁ ରାଣୀଙ୍କ ଶାସିତ ରାଜ୍ୟ ମୟୂରଭଞ୍ଜ ମରହଟ୍ଟା କର୍ତ୍ତୃତ୍ୱାଧୀନରେ ଥିବାରୁ ଏପରି ସର୍ତ୍ତ ଆରୋପ କରିବା ଅନୁଚିତ ହେବ ବୋଲି ମେଦିନୀପୁର କଲେକ୍ଟରଙ୍କ ସୁଚିନ୍ତିତ ପରାମର୍ଶ ଥିଲା । କିନ୍ତୁ ତଦ୍ୱାରା ପ୍ରଭାବିତ ନ ହୋଇ ରାଜସ୍ୱ ବୋର୍ଡ଼ ରାଣୀ ସୁମିତ୍ରାଦେବୀଙ୍କୁ ନୟାବସାଣ ଜମିଦାରୀ ଫେରସ୍ତ ଦେଇଥିଲେ ।

ଉକ୍ତ ବର୍ଷ ଭୋନସଲା ରାଣୀ ସୁମିତ୍ରାଙ୍କୁ ମୟୂରଭଞ୍ଜର ଶାସକ ପଦରେ ସ୍ୱୀକୃତି ପ୍ରଦାନ କରିଥିଲେ । ରାଣୀ ମଧ ମରହଟ୍ଟା କର୍ତ୍ତୃପକ୍ଷଙ୍କୁ ନିୟମିତ ନିଜର ବାର୍ଷିକ ଦେୟ ପଇଠ କରିବାର ପ୍ରତିଶ୍ରୁତି ଦେଇଥିଲେ । ତାଙ୍କର କୂଟନୈତିକ ଦୂରଦୃଷ୍ଟି ରାଜା ଦାମୋଦର ଭଞ୍ଜଙ୍କ ଅପେକ୍ଷା ଅଧିକ ବିଚକ୍ଷଣ ଥିଲା ।

ଭାରତୀୟ ରାଜନୀତିକ ଦୃଷ୍ଟିକୋଣରୁ ସୁମିତ୍ରାଙ୍କ ରାଜତ୍ୱକାଳ ଅତି ମହତ୍ତ୍ୱପୂର୍ଣ୍ଣ ସମୟ ଥିଲା । ତାହା ଇଂରେଜ ସାମ୍ରାଜ୍ୟ ସଂପ୍ରସାରଣର ଏକ ଉତ୍କୃଷ୍ଟ ମୁହୂର୍ତ୍ତ ଥିଲା । ଗୋଟିକ ପରେ ଗୋଟିଏ ଭାରତୀୟ ଶକ୍ତିର ବିଲୋପ ହେବା ସହିତ ଇଂରେଜମାନଙ୍କ କୃତିତ୍ୱର ପରିସର ବୃଦ୍ଧି ପାଉଥାଏ । ଗଭର୍ଣ୍ଣର ଜେନେରାଲ ଲର୍ଡ଼ ୱେଲେସଲୀ ଜଣେ ପରମ ସାମ୍ରାଜ୍ୟବାଦୀ ଥିଲେ । ତାଙ୍କ ସମୟରେ ଓଡ଼ିଶାକୁ ଇଂରେଜମାନେ ସାମରିକ ଶକ୍ତି ପ୍ରୟୋଗଦ୍ୱାରା ଅଧିକାର କରିଥିଲେ । ମରହଟ୍ଟାମାନେ ଭୋନସଲାଙ୍କ ଅଧୀନରେ ଓଡ଼ିଶାକୁ ଶାସନ କରୁଥିଲେ ସତ, କିନ୍ତୁ ସେମାନଙ୍କର ସାମରିକ ବଳ ଯଥେଷ୍ଟ ନ ଥିଲା । ଏହି ଦୁର୍ବଳତାକୁ ଲକ୍ଷ୍ୟ ରଖି ୱେଲେସଲୀ ମରହଟ୍ଟାମାନଙ୍କର ସାମନ୍ତରାଜାମାନଙ୍କୁ ନିଜ ପକ୍ଷଭୁକ୍ତ କରିବାକୁ ଏ ସୁଚିନ୍ତିତ ନୀତି ପ୍ରଣୟନ କରିଥିଲେ । ସୀମାନ୍ତବର୍ତ୍ତୀ ରାଜ୍ୟ ଭାବରେ ମୟୂରଭଞ୍ଜର ଗୁରୁତ୍ୱ ସେ ହୃଦୟଙ୍ଗମ କରିଥିଲେ । ଓଡ଼ିଶାର ମାନଚିତ୍ରକୁ ଅଧ୍ୟୟନ କରି ସେ ଯେଉଁ ସାମରିକ ଯୋଜନା ପ୍ରସ୍ତୁତ କରିଥିଲେ ସେଥିରେ ମୟୂରଭଞ୍ଜକୁ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଆଯାଇଥିଲା ।

ଏହି ସମୟରେ ମୟୂରଭଞ୍ଜ ସିଂହାସନ ପ୍ରାପ୍ତିକୁ କେନ୍ଦ୍ରକରି ରାଣୀ ସୁମିତ୍ରା ଓ ରାଜା ଦାମୋଦର ଭଞ୍ଜଙ୍କ ପୋଷ୍ୟପୁତ୍ର କେନ୍ଦୁଝରର ତ୍ରିବିକ୍ରମ ଭଞ୍ଜଙ୍କ ମଧ୍ୟରେ ବିବାଦ ଉପୁଜିଲା । ରାଜପରିବାରରେ ବିବାଦ ଘନୀଭୂତ ହେଲେ ସୈନ୍ୟ ପରିଚାଳନାରେ ସଂକଟ ଉପୁଜିବାର ସମ୍ଭାବନା ଥିବାରୁ ଇଂରେଜ କର୍ତ୍ତୃପକ୍ଷ ବିଚଳିତ ଥିଲେ । ରାଣୀ ସୁମିତ୍ରା ସେତେବେଳେ ମେଦିନୀପୁର ନିକଟସ୍ଥ ଗୋପୀବଲ୍ଲଭପୁରର ଏକ ମଠରେ ରହୁଥିବାରୁ ତାଙ୍କୁ ପ୍ରଭାବିତ କରିବାର ପ୍ରଚେଷ୍ଟା ସେମାନେ କରିଥିଲେ । ଗଭର୍ଣ୍ଣର ଜେନେରାଲ ରାଣୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଯେଉଁ ପତ୍ର ଲେଖିଲେ ସେଥିରେ ବକେୟା ଦେୟ ସବୁ ସାମୟିକ ଭାବରେ ମାଫ୍ କରିଦିଆଗଲା । ଦାମୋଦର ଭଞ୍ଜ ଯେଉଁସବୁ ଦାବି ବ୍ରିଟିଶ କର୍ତ୍ତୃପକ୍ଷ ନିକଟରେ ଉପସ୍ଥାପିତ କରି ସଫଳ ହୋଇ ନ ଥିଲେ ସେଗୁଡ଼ିକର ସୁବିଚାର ହେବ ବୋଲି ଗଭର୍ଣ୍ଣର ଜେନେରାଲ ରାଣୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଲେ । କାରଣ ମୟୂରଭଞ୍ଜ ମଧ ଦେଇ ଓଡ଼ିଶା ଅଧିକାର ନିମିତ୍ତ ଆବଶ୍ୟକୀୟ ସୈନ୍ୟଚାଳନା ଅବାଧରେ ହେବା ସେ ଚାହୁଁଥିଲେ । ତେଣୁ ରାଣୀଙ୍କ ଶୁଭେଚ୍ଛା ଓ ସହଯୋଗ ଏକାନ୍ତ

Digitized by PPRACHIN, SOA

ଆବଶ୍ୟକ ଥିଲା । ଗୋସ୍ୱାମୀ ବିକ୍ରମାନନ୍ଦଙ୍କ ମାଧ୍ୟମରେ ରାଣୀଙ୍କ ଉପରେ ଚାପ ଦେବା ସଙ୍ଗେ ସଙ୍ଗେ ସ୍ଥିତାବସ୍ଥା ବଜାୟ ରଖିବାର ନିର୍ଭର ପ୍ରତିଶ୍ରୁତି ଦେଲେ ମେଦିନୀପୁରର କଲେକ୍ଟର । ତ୍ରିବିକ୍ରମ ଭଞ୍ଜ ଓ ରାଣୀଙ୍କ ସଂପର୍କ ଯେପରି ଖରାପ ନ ହୁଏ ସେ ଦିଗରେ ମଧ୍ୟ ଦୃଷ୍ଟି ଦେଲେ । ମୟୂରଭଞ୍ଜ ଓ କେନ୍ଦୁଝରର ଖବର ସଂଗ୍ରହ ପାଇଁ ବୈଦ୍ୟନାଥ ଚୌଧୁରୀ ନାମକ ଗୁପ୍ତଚରଙ୍କୁ ନିଯୁକ୍ତି ଦିଆଗଲା । ତ୍ରିବିକ୍ରମ ଯଦି କେନ୍ଦୁଝର ଓ ମୟୂରଭଞ୍ଜ ରାଜ୍ୟର ଶାସକ ହୁଅନ୍ତି ତେବେ ଏକ ଶକ୍ତିଶାଳୀ ରାଜ୍ୟ ଗଠିତ ହେବାର ସମ୍ଭାବନା ଥିଲା । ତଥାପି ଓଡ଼ିଶାର ଅସ୍ଥାୟୀ କମିଶନର ମେଲଭିଲ ଏବଂ କର୍ଣ୍ଣେଲ୍ ହାରକୋର୍ଟ ସୁମିତ୍ରା ଭଞ୍ଜଙ୍କ ଅଧିକାର ବିରୋଧରେ ତ୍ରିବିକ୍ରମ ଭଞ୍ଜଙ୍କୁ ମତାଇବା ସପକ୍ଷରେ ନ ଥିଲେ । ସେମାନେ ସ୍ଥିର କଲେ ଯେ ଜୀବିତକାଳରେ ରାଣୀ ମୟୂରଭଞ୍ଜର ଶାସକ ରହିବେ ଓ ତାଙ୍କ ମୃତ୍ୟୁ ପରେ ତ୍ରିବିକ୍ରମ ରାଜା ହେବେ । ଏହି ପ୍ରସ୍ତାବକୁ ୧୮୦୩ ଡିସେମ୍ବର ୩ ତାରିଖ ଦିନ କର୍ତ୍ତୃପକ୍ଷ ଗ୍ରହଣ କରିଥିଲେ ।

ଡିସେମ୍ବର ୧୭ ତାରିଖଦିନ ଦେଓଗାଁ ଚୁକ୍ତି ସ୍ୱାକ୍ଷରିତ ହେବା ଦ୍ୱାରା ମରହଟ୍ଟା ଓ ଇଂରେଜମାନଙ୍କ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଆଙ୍ଗ୍ଲୋ-ମରହଟ୍ଟା ସମରର ପରିସମାପ୍ତି ହେଲା । ଏହି ଚୁକ୍ତି ଫଳରେ ସୁବର୍ଣ୍ଣରେଖାର ଉତ୍ତର ପୂର୍ବ ଅଞ୍ଚଳରେ ଥିବା ପଟାସପୁର, ସାହାବନ୍ଦର, ଭୋଗରାଇ, କୋମର୍ଦା ଓ କ୍ୟାଚୁଷ୍ଟ ଏବଂ ଦକ୍ଷିଣପଶ୍ଚିମରେ ଥିବା ମୟୂରଭଞ୍ଜ (ଶିମିଳିପାଳ, ବାମନଘାଟି, ଯଶୀପୁର, ଉପରଭାଗ ଓ କୁଟଙ୍ଗ ଆଦି)କୁ ଭୋନସଲା ଇଷ୍ଟଇଣ୍ଡିଆ କମ୍ପାନୀ ହସ୍ତରେ ଅର୍ପଣ କଲେ । ତେଣୁ ୧୮୦୪ରେ କମ୍ପାନୀର କରଦ ରାଜ୍ୟ ଭାବରେ ମୟୂରଭଞ୍ଜ ସହିତ ସ୍ୱତନ୍ତ୍ର ଚୁକ୍ତି ସ୍ୱାକ୍ଷରିତ ହେଲା । ଓଡ଼ିଶାର ଅନ୍ୟାନ୍ୟ କରଦରାଜ୍ୟଗୁଡ଼ିକ ସହିତ ମୟୂରଭଞ୍ଜକୁ ଅନ୍ତର୍ଭୁକ୍ତ କରାଗଲା । କିନ୍ତୁ ଓଡ଼ିଶା ଅଧିକାର ସମୟରେ ଅନେକ ସୁବିଧା ଇଂରେଜମାନଙ୍କୁ ଦେଇଥିବାରୁ ରାଣୀ ସୁମିତ୍ରା କେତେକ ସ୍ୱତନ୍ତ୍ର ଦାବି ଉପସ୍ଥାପନ କରିଥିଲେ । ନୟାବସାଣ ଜମିଦାରୀ ବାବଦରେ ବକେୟା ଦେୟ ଛାଡ଼ କରିବା ଓ ଦୁଇହଜାର ଟଙ୍କା ନଗଦ ପୁରସ୍କାର ପାଇବା ତାଙ୍କର ଦାବି ଥିଲା । ରାଜସ୍ୱବୋର୍ଡ଼ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଏହି ଦାବିଗୁଡ଼ିକ ମଞ୍ଜୁର କରିଥିଲେ । ରାଣୀ ସୁମିତ୍ରାଙ୍କ ଜୀବଦ୍ଦଶାରେ ଇଂରେଜ ସରକାର ମୟୂରଭଞ୍ଜରେ ଆଉ ହସ୍ତକ୍ଷେପ କଲେ ନାହିଁ । ତ୍ରିବିକ୍ରମ ଭଞ୍ଜ ବାରିପଦାରେ ଥିଲେ ମଧ୍ୟ ମୟୂରଭଞ୍ଜ ଓ କମ୍ପାନୀ ମଧ୍ୟରେ ସୁ ସମ୍ପର୍କ ଅତୁଟ ରହିଲା । ସାର୍ବଭୌମ ଶକ୍ତି ହିସାବରେ ଇଷ୍ଟଇଣ୍ଡିଆ କମ୍ପାନୀକୁ ସବୁ କରଦ ରାଜ୍ୟ ସ୍ୱୀକାର କଲେ ଓ ପ୍ରତ୍ୟେକଙ୍କ ପାଇଁ ଭିନ୍ନ ଭିନ୍ନ ସନ୍ଧି ଚୁକ୍ତି ସ୍ୱାକ୍ଷରିତ ହେଲା । ଚୁକ୍ତି ଅନୁସାରେ ପ୍ରତ୍ୟେକ ରାଜ୍ୟ ପାଇଁ ବାର୍ଷିକ ଦେୟ ପରିମାଣ ନିର୍ଦ୍ଦିଷ୍ଟ କରାଗଲା ।

କରଦ ରାଜ୍ୟଗୁଡ଼ିକର ଅଧିବାସୀମାନେ ସାଧାରଣତଃ ଅନୁସୂଚିତ ଜନଜାତି ହୋଇଥିବାରୁ ଏବଂ ସେମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ନ ଥିବାରୁ ସ୍ଥାନୀୟ ରାଜାମାନଙ୍କ ମାଧ୍ୟମରେ ସେମାନଙ୍କୁ ଶାସନ କରିବା କମ୍ପାନୀ ସରକାରଙ୍କ ନୀତି

Digitized by PPRACHIN, SOA

ହେଲା । ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ଇଂରେଜ ସରକାର ହସ୍ତକ୍ଷେପ ନ କରିବା ଉଚିତ ମନେକଲେ । ବ୍ରିଟିଶ ଶାସିତ ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲାକୁ ବାଦ ଦେଲେ ଓଡ଼ିଶାର ଅନ୍ୟତ୍ର ବ୍ରିଟିଶ ନୀତି ନିୟମ ଲାଗୁ ହେଲା ନାହିଁ । ରାଜ୍ୟ ଶାସନର ଦୈନନ୍ଦିନ ବ୍ୟାପାରରେ ଦେଶୀୟ ରାଜାମାନେ ପୂର୍ଣ୍ଣ ସ୍ୱାଧୀନତା ପାଇଲେ । ୧୮୦୫ ଖ୍ରୀ.ର ଚତୁର୍ଦ୍ଦଶ ଅଧିନିୟମ ଅନୁସାରେ କଟକର ଜଜ୍-ମାଜିଷ୍ଟ୍ରେଟ୍ କରଦରାଜ୍ୟମାନଙ୍କର ତତ୍ତ୍ୱାବଧାରକ ଦାୟିତ୍ୱ ବହନ କଲେ । ସେତେବେଳେ ଏହି ପଦବୀରେ ଅଧିଷ୍ଠିତ ଥିଲେ ରବର୍ଟ କେର୍ । ଖ୍ରୀ. ୧୮୧୪ରେ ଲର୍ଡ୍ ମୋଏରା ଗଭର୍ଣ୍ଣର ଜେନେରାଲ ଥିବା ସମୟରେ କରଦ ରାଜ୍ୟମାନଙ୍କ ସମସ୍ୟା ବୁଝିବାପାଇଁ ଅଧକ୍ଷ ବା ସୁପରିଣ୍ଟେଣ୍ଡେଣ୍ଟ ପଦ ସୃଷ୍ଟି କରିଥିଲେ । ଏହି ପଦବୀରେ ପ୍ରଥମେ ଏଡ୍‌ୱାର୍ଡ ଇମ୍ପେଙ୍କୁ ନିଯୁକ୍ତି ଦିଆଯାଇଥିଲା ।

ବ୍ରିଟିଶ ଶାସନ କାଳରେ ଖ୍ରୀ. ୧୮୦୩-୦୪ ରୁ ମୟୂରଭଞ୍ଜ ଶାସନ କଲେ ରାଣୀ ସୁମିତ୍ରା ଭଞ୍ଜ ଓ ତାଙ୍କ ବଂଶଧରମାନେ । ମୃତସ୍ୱାମୀ ରାଜା ଦାମୋଦର ଭଞ୍ଜଙ୍କ ଅନ୍ତିମ ଇଚ୍ଛା ଅନୁସାରେ କେନ୍ଦୁଝର ରାଜ୍ୟର ରାଜା ବଳଭଦ୍ର ଭଞ୍ଜଙ୍କ ପୁତ୍ର ତ୍ରିବିକ୍ରମ ଭଞ୍ଜଙ୍କୁ ରାଣୀ ସୁମିତ୍ରା ପୋଷ୍ୟପୁତ୍ର କରିବା କଥା ଥିଲା । ଏହି ଉତ୍ସବ କିପରି ଶୀଘ୍ର ଅନୁଷ୍ଠିତ ହେବ ସେଥିପାଇଁ ରାଜା ବଳଭଦ୍ର ଭଞ୍ଜ ଉତ୍ସୁକ ଥିଲେ । ରାଣୀ କିନ୍ତୁ ତରବରିଆ ଭାବରେ ତାହା କରିବାକୁ ଇଚ୍ଛୁକ ନ ଥିଲେ । ବଳଭଦ୍ରଙ୍କ ଚାପରୁ ରକ୍ଷାପାଇବା ଉଦ୍ଦେଶ୍ୟରେ ସେ କିଛିଦିନ ନୟାବସାଣରେ ଗୋଟିଏ ମଠରେ ରହିଲେ । କଟକଠାରେ ଇଂରେଜମାନେ ସୁପ୍ରତିଷ୍ଠିତ ହେଲାପରେ ସେ ମୟୂରଭଞ୍ଜର ନୂତନ ରାଜଧାନୀ ବାରିପଦାରେ ସ୍ଥାପନ କରି ସେଠାରେ ରହିଲେ । ହରିପୁର ଦୁର୍ଗ ସେଇଦିନୁ ପରିତ୍ୟକ୍ତ ହେଲା, କାରଣ ପରବର୍ତ୍ତୀ ଭଞ୍ଜ ରାଜାମାନେ ସେଠାକୁ ପ୍ରତ୍ୟାବର୍ତ୍ତନ କଲେ ନାହିଁ । ଖ୍ରୀ. ୧୮୦୪ରୁ ନୂତନ ରାଜଧାନୀ ବାରିପଦାର ଗୁରୁତ୍ୱ ଦିନୁଦିନ ବୃଦ୍ଧି ପାଇଲା । ହରିପୁରଗଡ଼ର ଅବସ୍ଥା ଦାମୋଦର ଭଞ୍ଜଙ୍କ ସମୟରେ ମରହଟ୍ଟାମାନଙ୍କ ଅହରହ ଆକ୍ରମଣ ହେତୁ ଶୋଚନୀୟ ହୋଇଥିବାରୁ ସେଠାରେ ରହିବାକୁ କେହି ଆଗ୍ରହ ପ୍ରକାଶ ନ କରିବା ସ୍ୱାଭାବିକ ଥିଲା । ପ୍ରତ୍ନତାତ୍ତ୍ୱିକ ସଂରକ୍ଷଣ କାଳରେ ହରିପୁରଗଡ଼ର ଅନେକ ସ୍ଥାନରେ ଅଗ୍ନିଦଗ୍ଧ ଭଗ୍ନାବଶେଷ ଚିହ୍ନ ମିଳିଥିଲା । ଆଜି ହରିପୁରଗଡ଼ ପରିତ୍ୟକ୍ତ ଅବସ୍ଥାର ମୂକସାକ୍ଷୀ ହୋଇ ରହିଛି ।

ରାଣୀ ସୁମିତ୍ରାଙ୍କ ଶାସନ କାଳରେ ଖୁଣ୍ଟାଘାଟରେ ଯାତ୍ରୀକର ଆଦାୟ ଘେନି ଏକ ବିବାଦ ଉତ୍ପନ୍ନ ହୋଇଥିଲା । ଯାତ୍ରୀକର ଆଦାୟ କରିବା ରାଜ୍ୟର ଏକ ସମୃଦ୍ଧ ବ୍ୟବସାୟ ଥିଲା । କିନ୍ତୁ ଆଦାୟ ହେଉଥିବା କର ପୂର୍ବଚୁକ୍ତି ଅନୁସାରେ ରାଣୀ ଦେବେ କି ନା ଏହା ଇଂରେଜମାନେ ସନ୍ଦେହ କରୁଥିଲେ । ରାଣୀଙ୍କ ସର୍ତ୍ତ ଅନୁଯାୟୀ ବାର୍ଷିକ କ୍ଷତିପୂରଣ ପାଇଲେ ସେ କର ଆଦାୟ ଦାୟିତ୍ୱ ଇଂରେଜମାନଙ୍କୁ ଛାଡ଼ିଦେବାକୁ ରାଜିଥିଲେ । କିନ୍ତୁ କ୍ଷତିପୂରଣ ଦାବିକୁ ଇଂରେଜ ସରକାର ଆଇନ ଅନୁମୋଦିତ ନୁହେଁ ବୋଲି ଘୋଷଣା କଲେ । ଏହି ବିବାଦୀୟ ପ୍ରଶ୍ନ ଲଣ୍ଡନଠାରେ ମଧ୍ୟ ସମାହିତ ହୋଇପାରି ନ ଥିଲା ।

Digitized by PPRACHIN, SOA

ଖ୍ରୀ. ୧୮୧୧ ଏପ୍ରିଲ ୮ ତାରିଖ ଦିନ ରାଣୀ ସୁମିତ୍ରାଙ୍କ ଦେହାନ୍ତ ହୋଇଥିଲା । ତାଙ୍କ ପରେ ରାଣୀ ଯମୁନାଦେଈ ଅଳ୍ପଦିନ ପାଇଁ ଗଦିନସିନ ହୋଇଥିଲେ । ଶାସନ ଦାୟିତ୍ୱ ବହନ କରିବାର ଅଳ୍ପଦିନ ମଧ୍ୟରେ ସେ ଟିକାୟତ ତ୍ରିବିକ୍ରମ ଭଞ୍ଜଙ୍କୁ କେନ୍ଦୁଝରରୁ ଡକାଇ ରାଜ୍ୟଭାର ଅର୍ପଣ କରିଥିଲେ ।

ରାଜା ତ୍ରିବିକ୍ରମ ଭଞ୍ଜ (ଖ୍ରୀ. ୧୮୧୧-୧୮୨୮)

ରାଣୀ ସୁମିତ୍ରାଙ୍କ ଦେହାନ୍ତ ପରେ ଓ ରାଣୀ ଯମୁନାଦେଈଙ୍କ ସହଯୋଗରେ ତ୍ରିବିକ୍ରମ ଭଞ୍ଜ ଖ୍ରୀ. ୧୮୧୧ରୁ ମୟୂରଭଞ୍ଜର ରାଜା ହୋଇଥିଲେ । ମୟୂରଭଞ୍ଜର ରାଜପଦ ପ୍ରାପ୍ତି ସକାଶେ ସେ ସବୁକିଛି କରିବାକୁ ରାଜି ଥିଲେ । ଇଂରେଜ ସରକାରଙ୍କୁ ସଲାମି ଦେବା ଓ ଯାତ୍ରୀକର ପୂରା ହସ୍ତାନ୍ତର କରିବାକୁ ସେ ଆଗ୍ରହୀ ଥିଲେ । ରାଜସ୍ୱବୋର୍ଡ଼ର ନିଷ୍ପତ୍ତି ଅନୁସାରେ ମୟୂରଭଞ୍ଜର ବାର୍ଷିକ ପେସକସ ପରିମାଣ ଏକହଜାର ଏକଟଙ୍କାରେ ସ୍ଥିର ହେଲା । ଯାତ୍ରୀକରର ବିଲୋପ ସାଧନ ହେଲା । ସେଥିପାଇଁ ଏକ ରାଜିନାମା ଇଷ୍ଟଇଣ୍ଡିଆ କମ୍ପାନୀ ସରକାର ସହିତ ସ୍ୱାକ୍ଷରିତ ହେଲା ଖ୍ରୀ. ୧୮୧୨ ମାର୍ଚ୍ଚ ୨୪ ତାରିଖ ଦିନ ।

ରାଜା ଦାମୋଦର ଭଞ୍ଜଙ୍କ ଆଉଜଣେ ରାଣୀ ଥିଲେ ଚମ୍ପାଦେଈ । ସେ ଜୀବିତ ଥିଲେ ଓ ତ୍ରିବିକ୍ରମ ଭଞ୍ଜଙ୍କ ବିରୋଧରେ ନାନା ଅଭିଯୋଗମାନ ଆଣିଲେ । ତାଙ୍କ ଅଭିଯୋଗ ଅନୁସାରେ ମୟୂରଭଞ୍ଜ ଗାଦି ପ୍ରତି ତ୍ରିବିକ୍ରମଙ୍କ କୌଣସି ନ୍ୟାୟସଂଗତ ଦାବି ନ ଥିଲା ଏବଂ ସେ ମୟୂରଭଞ୍ଜ ରାଜକୋଷ ଲୁଣ୍ଠନ କରୁଥିଲେ । ସେ ଜଣେ ହତ୍ୟାକାରୀ ଥିବା ବିଷୟ ମଧ୍ୟ ଚମ୍ପାଦେଈଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ ଥିଲା । ଏହାର ଅନୁସନ୍ଧାନ ହେଲା । ପରେ ସତ୍ୟାସତ୍ୟ ସବୁ ଜଣାପଡ଼ିଲା ଏବଂ ତ୍ରିବିକ୍ରମ ନିର୍ଦ୍ଦୋଷ ପ୍ରମାଣିତ ହେଲେ । ରାଣୀ ଚମ୍ପାଦେଈଙ୍କ ଭରଣପୋଷଣ ପାଇଁ ମୟୂରଭଞ୍ଜ ରାଜ୍ୟ ସରକାରଙ୍କ ତରଫରୁ ମାସିକ ବେତନ ଦିଆଗଲା । ସେ ନୀରବ ରହିବାରୁ ତ୍ରିବିକ୍ରମ ଭଞ୍ଜ ନିର୍ଦ୍ଵନ୍ଦ୍ୱରେ ରାଜ୍ୟ ସିଂହାସନ ଭୋଗ କଲେ ।

ମୟୂରଭଞ୍ଜର ରାଜନୈତିକ ମର୍ଯ୍ୟାଦା

ଇଂରେଜ ରାଜତ୍ୱ ଆରମ୍ଭରେ ଓଡ଼ିଶାର ୨୮ଟି ଗଡ଼ଜାତ ରାଜ୍ୟର ବାର୍ଷିକ ସଲାମି ଦେୟ ଧାର୍ଯ୍ୟ ହୋଇଥିଲା । ତାହା କଟକଠାରେ ପଇଠ କରାଯାଉଥିଲା । ମୟୂରଭଞ୍ଜର ସଲାମି ପରିମାଣ ଥିଲା ଏକହଜାର ଏକ ଟଙ୍କା । ରାଜ୍ୟର ଅଧିବାସୀମାନେ ଅଶିକ୍ଷିତ ଥିଲେ । ରାଜ୍ୟର ଉତ୍ପାଦିତ ଦ୍ରବ୍ୟ ମୁଖ୍ୟତଃ ବନ୍ୟଜାତ ଥିଲା । ତହିଁରେ ଧାନ, ଚାଉଳ, କାଠ, ଆଲକାତରା, ତେଲ, ଲାଖ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । ତାହାର ବାର୍ଷିକ ମୂଲ୍ୟ ଅନ୍ୟୂନ ୪୦ ରୁ ୫୦ ହଜାର ଟଙ୍କା ଥିଲା । ଶାସକଙ୍କୁ ରାଜାପଦବୀ ପ୍ରଦତ୍ତ ହୋଇଥିଲା । ବାର୍ଷିକ ଜମା ପରିମାଣ ଅଳ୍ପ ହୋଇଥିବାରୁ ତାହା ପଇଠ କରିବା ଅସୁବିଧା ନ ଥିଲା କିମ୍ବା ସେଥିପାଇଁ ବିଦ୍ରୋହ ପଥ ଅନୁସରଣ କରିବାର ସମ୍ଭାବନା ନ ଥିଲା । ରାଜା ଆଭ୍ୟନ୍ତରୀଣ ଶାସନ ପରିଚାଳନାରେ ସ୍ୱାତନ୍ତ୍ର୍ୟ ଲାଭ କରିଥିଲେ । ବ୍ରିଟିଶ

Digitized by PPRACHIN, SOA

ଦଣ୍ଡବିଧି ଆଇନ ସେଠାରେ ପ୍ରଚଳିତ ନ ଥିଲା । ପୁଲିସ ବିଭାଗ ରଖିବାର କୌଣସି ଆବଶ୍ୟକତା ନ ଥିଲା ।

ଖ୍ରୀ. ୧୮୧୬ରେ ଦୁଇଜଣ ଦୁର୍ଦ୍ଧର୍ଷ ଚୁଆଡ଼ ଅପରାଧୀ ମୟୂରଭଞ୍ଜ ସୀମା ଭିତରକୁ ପଶିଗଲେ । ସେମାନଙ୍କୁ ଧରିବା ପାଇଁ ଏକହଜାର ଟଙ୍କା ପୁରସ୍କାର ଘୋଷିତ ହେଲା । ରାଜାଙ୍କ ଜରିଆରେ ଅପରାଧୀମାନଙ୍କୁ ବନ୍ଦୀ କରିବା ସକାଶେ ଗଡ଼ଜାତର ଅଧକ୍ଷ ମହୋଦୟଙ୍କୁ ନିର୍ଦ୍ଦେଶ ଥିଲା । ତ୍ରିବିକ୍ରମ ଭଞ୍ଜଙ୍କ ଉଦ୍ୟମରେ ଅପରାଧୀମାନେ ବନ୍ଦୀ ହେଲେ ଓ ମେଦିନୀପୁର ମାଜିଷ୍ଟ୍ରେଟଙ୍କ କୋର୍ଟକୁ ଚାଲାଣ ହେଲେ । ରାଜାଙ୍କୁ ଏକହଜାର ଟଙ୍କା ଘୋଷିତ ପୁରସ୍କାର ମିଳିଲା ଏବଂ ତା ସହିତ ଏକ ପ୍ରଶଂସାପତ୍ର (ଖିଲାଟ) ଏହି ପ୍ରଶଂସାପତ୍ର ଅନୁସାରେ ତାଙ୍କୁ ଗୋଟିଏ ହାତୀ (ମୂଲ୍ୟ ୧୦୦୦ ଟଙ୍କା) ଗୋଟିଏ ଅଶ୍ୱ (ମୂଲ୍ୟ ୩୦୦ ଟଙ୍କା), ଏକ ଯୋଡ଼ା ସାଲ୍ (ମୂଲ୍ୟ ୧୦୦ ଟଙ୍କା) ଏବଂ ରାଜପୋଷାକ (ମୂଲ୍ୟ ୨୨୫ ଟଙ୍କା) ମିଳିଥିଲା । କଟକସହର ଦୂର ଥିବାରୁ ବାଲେଶ୍ୱର ସଦର ମହକୁମାରେ ରାଜାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ତା ସହିତ ନୟାବସାଣ ଜମିଦାରୀର ମାଲିକାନା ମଧ୍ୟ ସେ ଲାଭ କଲେ ।

ବାମନଘାଟି ବିଦ୍ରୋହ

ବାମନଘାଟି ଜମିଦାରୀର ଅଧିବାସୀ ଥିଲେ କୋହ୍ଲ, ସାନ୍ତାଳ ଓ ଧରୁଆ ପ୍ରଭୃତି ଆଦିମ ଜାତି ସଂପ୍ରଦାୟ । ଖ୍ରୀ. ୧୮୨୧ରେ ସେମାନଙ୍କ ସହିତ ହୋଇଥିବା ରାଜିନାମା ଅନୁସାରେ କେତେକ ସର୍ତ୍ତ ଲୁର୍କା କୋହ୍ଲମାନେ ଗ୍ରହଣ କରିଥିଲେ । ଯଥା (କ) ଆସନ୍ତା ୫ ବର୍ଷ ପାଇଁ ସେମାନେ ହଳପ୍ରତି ଆଠଅଣା (୫୦ ପଇସା) ଓ ପରେ ଆବଶ୍ୟକ ହେଲେ ଏକଟଙ୍କା ଖଜଣା ଦେବେ; (ଖ) ବାମନଘାଟିର ରାସ୍ତା ଓ ଯୋଗାଯୋଗ ଉନ୍ମୁକ୍ତ ରଖିବେ; (ଗ) ନିଜ ପିଲାମାନଙ୍କୁ ଓଡ଼ିଆ ବା ହିନ୍ଦୀରେ ଶିକ୍ଷା ଦେବେ; (ଘ) ଜମିଦାର ଅତ୍ୟାଚାରୀ ହେଲେ ନିକଟବର୍ତ୍ତୀ ଇଂରେଜ ମିଲିଟାରୀ ଅଫିସରଙ୍କୁ ଅଭିଯୋଗ ଜଣାଇବେ । ଲୁର୍କା କୋହ୍ଲମାନେ ଅତି ଦୁର୍ଦ୍ଧର୍ଷ ଓ ସାହସୀ ଜାତି ଥିଲେ । ସେମାନଙ୍କ ପାଇଁ ଆଇନକାନୁନ ମୂଲ୍ୟହୀନ ଥିଲା । କଲିକତାରୁ ବମ୍ବେ ଯାଉଥିବା ଜ୍ୟାକ୍‌ସନ ରାଜପଥକୁ ନିରାପଦ ରଖିବାପାଇଁ ଇଂରେଜମାନେ କରଞ୍ଜିଆରେ ସେନା ରଖିଥିଲେ । ସରକାରୀ ଡାକ ପରିବହନ ସୁବିଧାରେ ହେଉଥିଲା । କିନ୍ତୁ ତ୍ରିବିକ୍ରମ ଭଞ୍ଜଙ୍କ ରାଜତ୍ୱରେ ଅବସ୍ଥାର ଅବନତି ଘଟିବାରୁ ସରକାର ବିଚଳିତ ବୋଧ କଲେ । କୋହ୍ଲ ଓ କନ୍ଧମାନଙ୍କୁ ନେଇ କେତେକ ଡକାୟତ ଦଳ ଜ୍ୟାକସନ ରୋଡ଼୍‌ର ଶାନ୍ତି ବ୍ୟାହତ କଲେ । ବାମନଘାଟିର ଆଦିବାସୀମାନଙ୍କ ସର୍ବରାକାର ଥିଲେ ନିରଞ୍ଜନ ଦାସମହାପାତ୍ର । ସେ ମୟୂରଭଞ୍ଜ ରାଜାଙ୍କର ଜଣେ ସାମନ୍ତ ଥିଲେ । ଖ୍ରୀ. ୧୮୨୨ରେ ସେ ରାଜାଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ମେଦିନୀପୁର କଲେକ୍ଟରଙ୍କ ଅଧୀନରେ ରହିବାକୁ ଆବେଦନ କରିଥିଲେ । ରାଜାଙ୍କ ପ୍ରତିନିଧି ରୂପେ ରାମସିଂ ଓ ଦୀନାସିଂ ବାମନଘାଟିରେ ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗ ସେ ଆଣିଲେ । ତେଣୁ କୋହ୍ଲ ଓ ସାନ୍ତାଳମାନେ

Digitized by PPRACHIN, SOA

ବିଦ୍ରୋହ କରିବାର ସୂଚନା ସ୍ପଷ୍ଟ ଥିବା କଥା ସେ ଆଗତୁରା ସରକାରଙ୍କୁ ଜଣାଇଲେ । ଏହା ଉପରେ ରାଜାଙ୍କୁ କୈଫିୟତ ମଗାଗଲା । ଉତ୍ତରରେ ଏହାର ଉପଯୁକ୍ତ କୈଫିୟତ ଦେବା ସଙ୍ଗେ ସଙ୍ଗେ ରାଜା ତ୍ରିବିକ୍ରମ ଭଞ୍ଜ ନିରଞ୍ଜନ ଦାସମହାପାତ୍ରଙ୍କୁ ଶୃଙ୍ଖଳାହୀନ, ଅବିଶ୍ୱାସୀ ଓ ଦୁଃଶ୍ଚରିତ୍ର ବ୍ୟକ୍ତି ବୋଲି ବର୍ଣ୍ଣନା କଲେ । ଫଳରେ ରାଜା ଓ ସର୍ବରାକାରଙ୍କ ମଧ୍ୟରେ ବିବାଦ ଘନୀଭୂତ ହୋଇ ମୟୂରଭଞ୍ଜର ଶାନ୍ତିଶୃଙ୍ଖଳା ବିପନ୍ନ ହେଲା । ଇଂରେଜ ସରକାରଙ୍କ ମତରେ ତ୍ରିବିକ୍ରମ ଭଞ୍ଜ ଜଣେ ଅନୁରକ୍ତ ଓ ଦକ୍ଷ ଶାସକ ଥିଲେ । ତେଣୁ ସର୍ବରାକାରଙ୍କ ଅଭିଯୋଗ ବିଶ୍ୱାସ କରିବା କର୍ତ୍ତୃପକ୍ଷଙ୍କ ପାଇଁ କଠିନ ଥିଲା । ଖ୍ରୀ. ୧୮୨୮ରେ ତ୍ରିବିକ୍ରମ ଭଞ୍ଜ ଇହଲୀଳା ତ୍ୟାଗ କଲେ । ତାଙ୍କ ଉତ୍ତରାଧିକାରୀ ଥିଲେ ପୁତ୍ର ଯଦୁନାଥ ଭଞ୍ଜ ।

ଯଦୁନାଥ ଭଞ୍ଜ (ଖ୍ରୀ. ୧୮୨୮-୧୮୬୩)

ସିଂହାସନ ଆରୋହଣର ପରବର୍ଷ (୧୮୨୯) ଯଦୁନାଥ ଭଞ୍ଜ ବ୍ରିଟିଶ ସାର୍ବଭୌମତ୍ୱ ସ୍ୱୀକାର କରି ସନ୍ଧିଚୁକ୍ତିରେ ଦସ୍ତଖତ କଲେ । ନିୟମିତଭାବେ ବାର୍ଷିକ ସଲାମି ଦେବା ସହିତ ସେ ଓ ତାଙ୍କ ବଂଶଧରମାନେ ଇଂରେଜ ଶାସନ ପ୍ରତି ଅନୁରକ୍ତ ରହିବାକୁ ଅଙ୍ଗୀକାରବଦ୍ଧ ହେଲେ । ସରକାରଙ୍କ ସହିତ ଆଇନଶୃଙ୍ଖଳା ରକ୍ଷାରେ ସହଯୋଗ କରିବା ତାଙ୍କର ଅନ୍ୟତମ ପ୍ରତିଶ୍ରୁତି ଥିଲା । ତାଙ୍କ ଶାସନ କାଳରେ ବାମନଘାଟିର ଆଦିମ ଜନଜାତି ବିଦ୍ରୋହ ପ୍ରବଳ ହୋଇଥିଲା । ପରିଶେଷରେ ନିରଞ୍ଜନ ଦାସମହାପାତ୍ରଙ୍କ ପୁତ୍ର ମାଧବ ଦାସମହାପାତ୍ରଙ୍କୁ ସର୍ବରାକାର ପଦରୁ ବହିଷ୍କାର କରାଯାଇଥିଲା । ବାମନଘାଟି ଅଧୀନରୁ ଥୋଇପୀଢ଼, ଭରଭରିଆ, ଅଓଲାପୀଢ଼ ଓ ଲାଲଘର ନାମକ ଚାରୋଟି ପୀଢ଼ କାଢ଼ି ନେଇ ସରକାର ସିଂହଭୂମ ଜିଲ୍ଲାର କୋହ୍ଲଣ ଗଠନ କଲେ । ବିଦ୍ରୋହ ଦମନ ହେବାପରେ ଜ୍ୟାକସନ ରାଜପଥର ନିରାପତ୍ତା ଦିଗରେ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କଲେ । ଏହି କାର୍ଯ୍ୟରେ ସହଯୋଗ କରିଥିବାରୁ ରାଜା ଯଦୁନାଥ ଭଞ୍ଜ ଦୁଇଥର ପୁରସ୍କୃତ (ଖିଲାଟ) ହୋଇଥିଲେ । ଖ୍ରୀ. ୧୮୪୨ରେ ଇଂରେଜ କର୍ତ୍ତୃପକ୍ଷ ତାଙ୍କ ସହିତ ନୂତନ ସନ୍ଧିଚୁକ୍ତି ସ୍ୱାକ୍ଷର କରିଥିଲେ । ରାଜ୍ୟରେ ସତୀପ୍ରଥା ବିଲୋପ କରିବାକୁ ରାଜା ଦୃଢ଼ ନୀତି ଅବଲମ୍ବନ କରିଥିଲେ ।

ଖ୍ରୀ. ୧୮୫୭ରେ ସିପାହି ବିଦ୍ରୋହ କାଳରେ ଇଂରେଜ ଶାସନ ପ୍ରତି ଯଦୁନାଥ ଭଞ୍ଜଙ୍କ ଅନୁରକ୍ତି ପରୀକ୍ଷିତ ହୋଇଥିଲା । ପୋଡ଼ାହାଟର ରାଜା ଅର୍ଜୁନ ସିଂହ ତାଙ୍କର ଜାମାତା ଥିଲେ । ପରିସ୍ଥିତିରେ ପଡ଼ି ସେ କୋହ୍ଲମାନଙ୍କୁ ଇଂରେଜମାନଙ୍କ ବିରୋଧରେ ନେତୃତ୍ୱ ଦେଇଥିଲେ । କିନ୍ତୁ ଯଦୁନାଥ ଭଞ୍ଜଙ୍କ ପରାମର୍ଶକ୍ରମେ ଅର୍ଜୁନ ସିଂହ ଆତ୍ମସମର୍ପଣ କରିବାରୁ ବିଦ୍ରୋହ ଶାନ୍ତ ହୋଇପାରିଲା । ମୟୂରଭଞ୍ଜକୁ ବିଦ୍ରୋହରୁ ମୁକ୍ତ ରଖିଥିବାରୁ ଇଂରେଜ ସରକାର ଯଦୁନାଥ ଭଞ୍ଜଙ୍କୁ 'ମହାରାଜା ବାହାଦୁର' ଉପାଧିରେ ଭୂଷିତ କରିଥିଲେ । ବାମନଘାଟିରୁ ଚାରୋଟି କୋହ୍ଲ ଅଧ୍ୟୁଷିତ ପୀଢ଼ ହରାଇ ମଧ୍ୟ ଯଦୁନାଥ ଭଞ୍ଜ ଧୈର୍ଯ୍ୟଚ୍ୟୁତ ହୋଇ ନ ଥିଲେ ଏବଂ ଇଂରେଜମାନଙ୍କ ସହିତ ସୁସଂପର୍କ ରଖିଥିଲେ । ସେ ଜଣେ ଦୂରଦୃଷ୍ଟି ସଂପନ୍ନ ଶାସକ ଥିଲେ ।

Digitized by PPRACHIN, SOA

ସିପାହି ବିଦ୍ରୋହ ଓ ରାଜା ଅର୍ଜୁନ ସିଂହ

୧୮୫୭ ଖ୍ରୀ. ଜୁଲାଇ ୩୦ ତାରିଖ ଦିନ Bengal Native Infantry ବିଦ୍ରୋହ ଘୋଷଣା କରି ରାଞ୍ଚି ଅଭିମୁଖରେ ଅଗ୍ରସର ହେଲେ । ରାଞ୍ଚି ଅନେକ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥିଲା । ହଜାରିବାଗରେ ସିପାହି ବିଦ୍ରୋହୀ ସାଜିଥିବା ଖବର ପାଇ ଚାଇବସାରେ ଥିବା ପ୍ରିନ୍ସିପାଲ ଆସିଷ୍ଟାଣ୍ଟ କମିସନର ଛାନିଆରେ ନିଜ ଦାୟିତ୍ୱ ସରେଇକଳା ରାଜାସାହେବ ଚକ୍ରଧାରୀ ସିଂହଙ୍କୁ ହସ୍ତାନ୍ତର କରି ପଳାୟନ କଲେ । ରାଜା ଅନ୍ୟ ସାମନ୍ତ ରାଜାମାନଙ୍କୁ ଶାନ୍ତି ସ୍ଥାପନରେ ସହଯୋଗ କରିବାକୁ ଅନୁରୋଧ କଲେ ଓ ଚାଇବସାର ସୁରକ୍ଷା ପାଇଁ ପଦକ୍ଷେପ ନେଲେ । ଏହି ଅନୁରୋଧକୁ ପୋଡ଼ାହାଟ ରାଜା ଅର୍ଜୁନ ସିଂହ ଉଚିତ ମନେ ନ କରି ସରେଇକଳା ରାଜାଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କଲେ ଓ ଶାନ୍ତିଶୃଙ୍ଖଳା ସ୍ଥାପନ ପାଇଁ ସିପାହି ପଠାଇଲେ ନାହିଁ । ଅର୍ଜୁନ ସିଂହ ନିଜକୁ ସରେଇକଳା ରାଜାଙ୍କଠାରୁ ବରିଷ୍ଠ ମନେକରୁଥିବାରୁ ଏପରି ପଦକ୍ଷେପ ଗ୍ରହଣ କରିଥିବା ସ୍ୱାଭାବିକ ଥିଲା ।

୧୮୫୭ ଖ୍ରୀ. ସେପ୍ଟେମ୍ବର ୩ ତାରିଖ ଦିନ ଚାଇବସାରେ ଥିବା ରାମଗଡ଼ ସେନାବାହିନୀର ଦେଶୀୟ ସୈନ୍ୟମାନେ ବିଦ୍ରୋହୀ ସାଜି ସରକାରୀ ରାଜକୋଷ ଲୁଣ୍ଠନ କରିଥିଲେ । ସେମାନେ ରାଞ୍ଚି ଅଭିମୁଖରେ ଯାଉଥିବା ସମୟରେ ଅର୍ଜୁନ ସିଂହଙ୍କ ସମ୍ମୁଖୀନ ହେଲେ । ଅର୍ଜୁନ ସିଂହ କେତେକ ବିଦ୍ରୋହୀଙ୍କୁ ବନ୍ଦୀ କରିବା ସହିତ ଲୁଣ୍ଠିତ ସଂପଦର କେତେକାଂଶ ନିଜେ ଜବତ୍ କରିନେଲେ । ସେ ଭାବିଥିଲେ ଯେ ଏପରି କାର୍ଯ୍ୟଦ୍ୱାରା ଇଂରେଜ ସରକାର ତାଙ୍କୁ ପୁରସ୍କୃତ କରିବେ ।

ଠିକ୍ ସେହି ସମୟରେ ସିଂହଭୂମ ଜିଲ୍ଲାର ନୂତନ ପ୍ରଶାସକ ଭାବେ ନିଯୁକ୍ତି ପାଇଲେ ଲେଫଟନାଣ୍ଟ ବାର୍ଚ୍ଚ (Birch) । ସେ କାଳବିଳମ୍ବ ନ କରି ବିପ୍ଲବୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଲେ । ସରେଇକଳା ରାଜାଙ୍କ ପ୍ରଭାବ ଦ୍ୱାରା ସେ ଅର୍ଜୁନ ସିଂହଙ୍କ ବିରୋଧରେ ପରିସ୍ଥିତିର ଅନୁଧ୍ୟାନ କଲେ । ରାଜା ତାଙ୍କ ମନରେ ଅର୍ଜୁନ ସିଂହଙ୍କ ପ୍ରତି ଭ୍ରାନ୍ତ ଧାରଣା ସୃଷ୍ଟି କରିବାରେ ସଫଳ ହୋଇଥିଲେ । ତେଣୁ ଇଂରେଜ ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିବା ସହ ଲୁଣ୍ଠିତ ରାଜସଂପଦ ହସ୍ତାନ୍ତର କରିବା ଲାଗି ବାର୍ଚ୍ଚ ପୋଡ଼ାହାଟ ରାଜାଙ୍କୁ ଆଦେଶ ଦେଲେ । କୌଣସି ନିଷ୍ପତ୍ତି ତଥା ପଦକ୍ଷେପ ପାଇଁ ଅର୍ଜୁନ ସିଂହ କିଛି ସମୟ ନେଲେ । ଏହି ଅବସରରେ ତାଙ୍କୁ ଜଣେ ବିପ୍ଲବୀ ବୋଲି ଲେଫଟନାଣ୍ଟ ବାର୍ଚ୍ଚ ଘୋଷଣା କରିଥିଲେ । ସେପ୍ଟେମ୍ବର ୨୩ ତାରିଖ ଦିନ ପୋଡ଼ାହାଟ ଜମିଦାରୀ ସରକାର ବାଜ୍ୟାପ୍ତ କରିନେଲେ ଓ ଅର୍ଜୁନ ସିଂହଙ୍କୁ ଗିରଫ କରିବାଲାଗି ଏକହଜାର ଟଙ୍କାର ପୁରସ୍କାର ଘୋଷଣା କଲେ ।

ସେତେବେଳେ ଛୋଟନାଗପୁରର କମିଶନର ଥିଲେ କ୍ୟାପଟାନ ଡାଲଟନ । ସେ ଲେଫଟନାଣ୍ଟ ବାର୍ଚ୍ଚଙ୍କ ଉପରିସ୍ଥ ହାକିମ ଥିଲେ ମଧ୍ୟ ପୋଡ଼ାହାଟ ରାଜ୍ୟ ବାଜ୍ୟାପ୍ତ ହେବା କଥା ଜାଣି ନ ଥିଲେ । ତେଣୁ ପରେ ସେ ବାର୍ଚ୍ଚଙ୍କ ନିଷ୍ପତ୍ତିକୁ ସମର୍ଥନ କଲେ ନାହିଁ ।

Digitized by PPRACHIN, SOA

ବରଂ ଅର୍ଜୁନ ସିଂହ ଅବସ୍ଥାଚକ୍ରରେ ବିଦ୍ରୋହୀପଥ ଅବଲମ୍ବନ କରିବା ସ୍ୱାଭାବିକ ଥିଲା ବୋଲି ସେ ଅଭିମତ ପ୍ରକାଶ କରିଥିଲେ । ପୋଡ଼ାହାଟ ରାଜ୍ୟ ବାଜ୍ୟାପ୍ତି କରିବା ବାର୍ଛଙ୍କ କ୍ଷମତା ପରିସର ମଧ୍ୟରେ ନ ଥିଲା । ଏସବୁ ଦୁର୍ଭାଗ୍ୟଜନକ ପରିସ୍ଥିତି ପାଇଁ ସରେଇକଳା ରାଜାଙ୍କ ଦୂରଭିସନ୍ଧି ଦାୟୀ ଥିଲା । ଚାଇବସା ଗଲେ ତାଙ୍କୁ ତୁରନ୍ତ ଗିରଫ କରାଯିବା ଆଶଙ୍କା କରି ଅର୍ଜୁନ ସିଂହ ରାଞ୍ଚି ଅଭିମୁଖରେ ଯାତ୍ରାକଲେ ଓ କମିଶନର କ୍ୟାପଟାନ ଡାଲଟନଙ୍କ ପାଖରେ ଲୁଣ୍ଠିତ ରାଜକୋଷ ତଥା ନିଜ ଅଧୀନସ୍ଥ ଏକଶତ ସିପାହିଙ୍କୁ ସମର୍ପଣ କରିଥିଲେ । ବିଦ୍ରୋହୀ ସିପାହିମାନଙ୍କର ବିଚାର ହେଲା ଏବଂ ସେମାନଙ୍କ ମଧ୍ୟରୁ ୪୩ ଜଣ ଫାଶୀଦଣ୍ଡ ପାଇଲେ ।

ଅର୍ଜୁନ ସିଂହଙ୍କ ଦେଓ୍ୱାନ ଥିଲେ ଜଗୁ ସିଂହ । ତାଙ୍କ ପରାମର୍ଶ ଅନୁସାରେ ଅର୍ଜୁନ ସିଂହ ଆତ୍ମସମର୍ପଣ କରିବା ଉଚିତ ନୁହେଁ । ବରଂ କମିଶନରଙ୍କ ଆଦେଶ ଅବମାନନା କରିବା ଶ୍ରେୟସ୍କର । ଜଗୁ ଦିଓ୍ୱାନ କିଛି ଅସ୍ତ୍ରଶସ୍ତ୍ର ସଂଗ୍ରହ କରିଥିଲେ । କୋହ୍ଲମାନଙ୍କୁ ବିପ୍ଳବପାଇଁ ଉତ୍ତେଜିତ କରିଥିଲେ । ପରିସ୍ଥିତି ଜଟିଳ ହେଉଥିବାରୁ କେତେକ ଶିଖ ସୈନ୍ୟ ସଂଗରେ ନେଇ ବାର୍ଛ ପୋଡ଼ାହାଟ ଅଭିମୁଖରେ ଯାତ୍ରା କରିବାକୁ ବାଧ୍ୟ ହୋଇଥିଲେ । ସେ ପ୍ରଥମେ ଜଗୁ ଦିଓ୍ୱାନଙ୍କୁ ବନ୍ଦୀ କରିନେଲେ । ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ ହୋଇ ସେ ଫାଶୀଦଣ୍ଡ ପାଇଲେ । ପୋଡ଼ାହାଟ ରାଜାଙ୍କ ଚକ୍ରଧରପୁର ବାସଭବନ ସମ୍ମୁଖରେ ତାଙ୍କୁ ନିର୍ମମ ଯନ୍ତ୍ରଣା ଦେଇ ଇଂରେଜମାନେ ନିହତ କରିଥିଲେ । ୧୮୫୭ର ମହାନ ବିପ୍ଳବର ପ୍ରଥମ ଓଡ଼ିଆ ସହିଦ ଥିଲେ ଜଗୁଦିଓ୍ୱାନ ।

ପ୍ରତିକୂଳ ଅବସ୍ଥା ଅନୁଧ୍ୟାନ କରି ସୁରକ୍ଷା ପାଇଁ ରାଜା ଅର୍ଜୁନ ସିଂହ କୋହ୍ଲମାନଙ୍କ ବସତି ଅଞ୍ଚଳକୁ ଯାଇଥିଲେ । ସେଠାରେ ଆତ୍ମଗୋପନ କରିଥିବା ସମୟରେ ଖ୍ରୀ. ୧୮୫୮ ଜାନୁଆରୀ ୧୪ ତାରିଖ ମକର ପର୍ବ ଦିନ କମିଶନର ଲୁସିଙ୍ଗଟନ କୋହ୍ଲମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଘୋର ଜଙ୍ଗଲ ମଧ୍ୟରେ କୋହ୍ଲମାନେ ପ୍ରାୟ ତିନିହଜାର ଇଂରେଜ ସେନାଙ୍କୁ ନିଃସହାୟ କରିପକାଇଲେ । ଲେଫ୍ଟନାଣ୍ଟ ବାର୍ଛ ମଧ୍ୟ ଦୁର୍ଦ୍ଧର୍ଷ କୋହ୍ଲମାନଙ୍କ ଦ୍ୱାରା ଶରବିଦ୍ଧ ହେଲେ । ସେମାନଙ୍କୁ ବନବାସୀମାନଙ୍କ କବଳରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ କର୍ଣ୍ଣେଲ ଫଷ୍ଟାର ଜାନୁଆରୀ ୧୭ ତାରିଖ ଦିନ ଚାଇବସାରେ ପହଞ୍ଚିଥିଲେ । ତାଙ୍କର ସାମରିକ ବ୍ୟୁତ୍ପତ୍ତି ଯୋଗୁଁ କୋହ୍ଲମାନେ ରଣକ୍ଷେତ୍ରରେ ପରାଜୟ ସ୍ୱୀକାର କଲେ । କିନ୍ତୁ ସେମାନଙ୍କ ଅଦମ୍ୟ ଉତ୍ସାହ ଲକ୍ଷ୍ୟ କରିବା କଥା । ସହସ୍ରାଧିକ ସଂଖ୍ୟାରେ ସେମାନେ ଇଂରେଜ ସେନାପତି ଓ୍ୱେଲଡେନଙ୍କୁ ପଛଘୁଞ୍ଚା ଦେବାକୁ ବାଧ୍ୟ କରିଥିଲେ । ତାପରେ ସେମାନେ ଆଉ ନିରବଚ୍ଛିନ୍ନ ଶତ୍ରୁର ପ୍ରତିରୋଧ କରିପାରିଲେ ନାହିଁ ଏବଂ ଓ୍ୱେଲଡେନଙ୍କ ଦ୍ୱାରା ବିତାଡ଼ିତ ହୋଇଥିଲେ ।

ଅର୍ଜୁନ ସିଂହ ପଳାତକ ଅବସ୍ଥାରେ ଥିବା ସମୟରେ କେନ୍ଦୁଝର ରାଜାଙ୍କ ସେନା କର୍ଣ୍ଣେଲ ଫଷ୍ଟରଙ୍କୁ ସାହାଯ୍ୟ ଦେବାପାଇଁ ଆସି ପହଞ୍ଚିଲେ । ସରେଇକଳା ରାଜା ନିଜର ସୁରକ୍ଷା ଦୃଷ୍ଟିରୁ ସରକାରଙ୍କ ଠାରୁ ପାଞ୍ଚଶତ ବନ୍ଧୁକ ପାଇବାର ଅନୁରୋଧ ଜଣାଇଲେ ।

Digitized by PPRACHIN, SOA

ଏହି ବନ୍ଧୁକ ଦ୍ୱାରା ସେ ତାଙ୍କ ଅଧୀନରେ ଥିବା ପାଇକମାନଙ୍କୁ ସଶସ୍ତ୍ର କରିଥାନ୍ତେ । କିନ୍ତୁ ସରକାର ଉକ୍ତ ଅନୁରୋଧ ଗ୍ରହଣ କଲେ ନାହିଁ । ଅର୍ଜୁନ ସିଂହ ପ୍ରାୟ ବର୍ଷେ କାଳ କୋହ୍ଲମାନଙ୍କ ସହାୟତାରେ ସରକାରଙ୍କ ଗିରଫ ପରୱାନାକୁ ସଫଳ କରିବାକୁ ଦେଇ ନ ଥିଲେ । ତାଙ୍କୁ ଗିରଫ କରିବାରେ ବିଫଳ ହୋଇ ଇଂରେଜ ସରକାର ମୟୂରଭଞ୍ଜ ରାଜାଙ୍କ ଉପରେ ଚାପ ପକାଇଲେ । ମୟୂରଭଞ୍ଜ ରାଜାଙ୍କ ଜାମାତା ଥିଲେ ଅର୍ଜୁନ ସିଂହ । ତେଣୁ ଏପରି ଚାପ ଦେବା ଇଂରେଜମାନଙ୍କ ପକ୍ଷରେ ସ୍ୱାଭାବିକ ଥିଲା । ଜାମାତାଙ୍କୁ ଆତ୍ମସମର୍ପଣ କରିବାପାଇଁ ପ୍ରବର୍ତ୍ତାଇବାରେ ମୟୂରଭଞ୍ଜ ରାଜା ସଫଳ ହେଲେ ନାହିଁ । କିନ୍ତୁ ଇଂରେଜ ସେନାପତି କର୍ଣ୍ଣେଲ ଫଷ୍ଟର କୋହ୍ଲମାନଙ୍କୁ ନିୟନ୍ତ୍ରଣାଧୀନ କଲାପରେ ଅର୍ଜୁନ ସିଂହ ସମର୍ଥନ ନ ପାଇବାରୁ ସ୍ୱଇଚ୍ଛାରେ ଆତ୍ମସମର୍ପଣ କରିଥିଲେ ।

ଅର୍ଜୁନ ସିଂହଙ୍କୁ ରାଜଦ୍ରୋହ ଅପରାଧରେ ବିଚାର କରି ଦଣ୍ଡାଦେଶ ଦେବା ଅଭିପ୍ରାୟକୁ କମିଶନର ଡାଲଟନ ବିରୋଧ କରିଥିଲେ । କାରଣ ତାଙ୍କ ମତରେ ଲେଫ୍ଟନାଣ୍ଟ ବାର୍ଚ୍ଚଙ୍କ ପଦକ୍ଷେପ ଯୋଗୁଁ ଅର୍ଜୁନ ସିଂହ ବିଦ୍ରୋହୀ ପଥ ଅନୁସରଣ କରିବାକୁ ବାଧ ହୋଇଥିଲେ । ସେ କିନ୍ତୁ ଅର୍ଜୁନ ସିଂହଙ୍କ କୋହ୍ଲମାନଙ୍କ ଉପରେ ଥିବା ପ୍ରଭାବକୁ ଅନୁଧ୍ୟାନ କରି ପୋଡ଼ାହାଟ ଜମିଦାରୀକୁ ବାଜ୍ୟାପ୍ତ କରିବା ଆଦେଶ ଦେଇଥିଲେ । ରାଜା ଭାବରେ ଅର୍ଜୁନ ସିଂହ ନିଜର କ୍ଷମତାର ଅପବ୍ୟବହାର କରିଥିବାରୁ ଡାଲଟନ ଏପରି ନିଷ୍ପତ୍ତି ଗ୍ରହଣ କରିଥିଲେ । ଅର୍ଜୁନ ସିଂହଙ୍କୁ ଭରଣପୋଷଣ ପାଇଁ ମାସିକ ଏକଶତ ପଚାଶଟଙ୍କା ପେନସନ ମଞ୍ଜୁର କରାଯାଇଥିଲା ଏବଂ ସେ ଜୀବନର ଅବଶିଷ୍ଟ ସମୟ ବାରାଣସୀରେ ଅତିବାହିତ କରିଥିଲେ ।

୧୮୫୭ ଖ୍ରୀ.ର ମହାନ ବିପ୍ଳବର ଅବସାନ ହେବାପରେ ଇଂରେଜ ସରକାରଙ୍କ ତରଫରୁ ଅନୁରକ୍ତ ସାମନ୍ତରାଜାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବାଜ୍ୟାପ୍ତ ହୋଇଥିବା ପୋଡ଼ାହାଟ ରାଜ୍ୟର କିୟଦଂଶ ସରେଇକଳାକୁ ଦିଆଗଲା । କେନ୍ଦୁଝରର ରାଜା ଗଦାଧର ନାରାୟଣ ସିଂହ ବଙ୍ଗଳାର ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କଠାରୁ ଏକ ପ୍ରଶଂସାପତ୍ର ପାଇଥିଲେ । ମୟୂରଭଞ୍ଜ ରାଜା ନିଜ ଅଧୀନସ୍ଥ କୋହ୍ଲ ପ୍ରଜାମାନଙ୍କୁ ସିଂହଭୂମର କୋହ୍ଲମାନଙ୍କ ସହିତ ମିଶି ବିପ୍ଳବ ନ କରିବାକୁ ପରାମର୍ଶ ଦେଇଥିବାରୁ ଏବଂ ଜାମାତା ଅର୍ଜୁନ ସିଂହଙ୍କୁ ଆତ୍ମସମର୍ପଣ ପାଇଁ ଅନୁରୋଧ କରିଥିବାରୁ 'ମହାରାଜା' ଉପାଧିରେ ଭୂଷିତ ହୋଇଥିଲେ । କେନ୍ଦୁଝର ରାଜା ମଧ୍ୟ ଅନୁରୂପ ଉପାଧି ଲାଭ କରିଥିଲେ । ତାଙ୍କ ଦେୱାନ ଚନ୍ଦ୍ରଶେଖର ମହାପାତ୍ରଙ୍କୁ ବିଶ୍ୱସନୀୟ କାର୍ଯ୍ୟକଳାପ ପାଇଁ 'ରାୟବାହାଦୁର' ଉପାଧି ମିଳିଥିଲା ।

ଶ୍ରୀନାଥ ଭଞ୍ଜ (ଖ୍ରୀ. ୧୮୬୩-୧୮୬୭)

ଖ୍ରୀ. ୧୮୬୩ରେ କଟକଠାରେ ଯଦୁନାଥ ଭଞ୍ଜଙ୍କ ମୃତ୍ୟୁ ହେବା ଫଳରେ ତାଙ୍କ ପୁତ୍ର ଶ୍ରୀନାଥ ଭଞ୍ଜ ରାଜା ହେଲେ । ସେ ଯେଉଁ ଅଳ୍ପ କେତେବର୍ଷ ପାଇଁ ରାଜା ହେଲେ ତାହା ଓଡ଼ିଶା ଇତିହାସର ଦୁର୍ଭାଗ୍ୟପୂର୍ଣ୍ଣ ସମୟ ଥିଲା । ଖ୍ରୀ. ୧୮୬୬ରେ ଅନାବୃଷ୍ଟିଜନିତ

Digitized by PPRACHIN, SOA

ଅନାହାର ଓ ଦୁର୍ଭିକ୍ଷରେ ଦଶଲକ୍ଷ ଲୋକ ପ୍ରାଣ ହରାଇଲେ । ପ୍ରଶାସନିକ ଶିଥିଳତା, ଗମନାଗମନ ପାଇଁ ଉପଯୋଗୀ ରାଜପଥର ଅଭାବ, ଖାଦ୍ୟ ପରିବହନ ସମସ୍ୟା ଆଦି ଦୁର୍ଭିକ୍ଷଜନିତ କ୍ଷୟକ୍ଷତିର ମୁଖ୍ୟ କାରଣ ଥିଲା । କଟକ, ପୁରୀ, ବାଲେଶ୍ୱର ବ୍ୟତୀତ ଗଡ଼ଜାତ ଅଞ୍ଚଳରେ ଦୁର୍ଭିକ୍ଷର କରାଳଛାୟା ଅଧିକ ମର୍ମନ୍ତୁଦ ଥିଲା । ମୟୂରଭଞ୍ଜର ବାମନଘାଟି ଅଞ୍ଚଳରେ ସେତେବେଳେ ବିଦ୍ରୋହର ବହ୍ନି ଜଳୁଥାଏ । ଗଡ଼ଜାତ ରାଜ୍ୟ ସମୂହର ଅଧକ୍ଷ ଭାବରେ କମିଶନର ରାଭେନସା ସ୍ୱୟଂ ବାମନଘାଟିରେ ଉପସ୍ଥିତ ଥିଲେ । ଓଡ଼ିଶାକୁ ନୂଆ ଆସିଥିବାରୁ ପ୍ରଥମେ ସଂକଟର ମୁକାବିଲା କିପରି କରାଯିବ ସେ ବୁଝିପାରୁ ନ ଥିଲେ । ତାଙ୍କ ନିଜ ଛାଉଣୀରେ ମଧ୍ୟ ଖାଦ୍ୟର ଅଭାବ ଅନୁଭୂତ ହୋଇଥିଲା । ପରେ ପରେ ହଇଜା ମହାମାରୀ ପ୍ରକୋପରେ ସେ ବାଧ ହୋଇ ବଣକାଟି ରାସ୍ତାରେ ନିରାପଦ ସ୍ଥାନକୁ ଚାଲିଯାଇଥିଲେ । ମୟୂରଭଞ୍ଜରେ ଆଦିବାସୀ ଓ ବେଶଲୋକମାନଙ୍କ ଭିତରେ ଏକ ପ୍ରକାର ସାମାଜିକ ବୈରତା ରହିଥାଏ । ତା ସହିତ ଦୁର୍ଭିକ୍ଷ ଓ ମହାମାରୀର ଯନ୍ତ୍ରଣା ଓ ମୃତ୍ୟୁ ମିଶିଯାଇ ରାଜନୈତିକ ଅସ୍ଥିରତା ସୃଷ୍ଟିର କାରଣ ହୋଇଥିଲା । ପରିସ୍ଥିତିର ମୁକାବିଲା କରିବାରେ ଶ୍ରୀନାଥ ଭଞ୍ଜ ଅପାରଗ ଥିଲେ । ତାଙ୍କ ଅଯୋଗ୍ୟତା ଲକ୍ଷ୍ୟ କରି ଇଂରେଜ ସରକାର ବାମନଘାଟିର ଶାସନଭାର ସିଂହଭୂମର ଡେପୁଟି କମିଶନରଙ୍କ ହସ୍ତରେ ଅର୍ପଣ କରିଥିଲେ । ଆଦିବାସୀମାନଙ୍କୁ ଶାନ୍ତ କରିବାପାଇଁ ଅନେକ ସାମାଜିକ-ଆର୍ଥନୀତିକ କାର୍ଯ୍ୟକ୍ରମ ସେ ହାତକୁ ନେଇଥିଲେ । ଉପରଭାଗ ପ୍ରଗଣା ବଣଜାଡ଼ିରେ ଗୋଟିଏ ପୁଲିସ ଷ୍ଟେସନ ସ୍ଥାପିତ ହେଲା । ରାଜାଙ୍କ ପୁତୁରା ତରୁଣ କୃଷ୍ଣଚନ୍ଦ୍ର ଭଞ୍ଜଙ୍କୁ ଉପରଭାଗ ପ୍ରଗଣା ପରିଚାଳନା ଦାୟିତ୍ୱ ଦିଆଗଲା । ରାଭେନସା ସ୍ୱୟଂ କୃଷ୍ଣଚନ୍ଦ୍ର ଭଞ୍ଜଙ୍କୁ ପ୍ରଶାସନିକ କ୍ଷେତ୍ରରେ ପ୍ରଶିକ୍ଷଣ ଓ ପରାମର୍ଶ ଦେଇଥିଲେ । ଦୁହିଁଙ୍କ ମଧ୍ୟରେ ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ମାନ ସୃଷ୍ଟି ହୋଇଥିଲା ।

ମହାରାଜା ଶ୍ରୀନାଥ ଭଞ୍ଜ ଖ୍ରୀ. ୧୮୬୭ ନଭେମ୍ବର ୧୦ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ତାଙ୍କ ପରେ କୃଷ୍ଣଚନ୍ଦ୍ରଙ୍କୁ ମାତ୍ର ୨୦ ବର୍ଷ ବୟସରେ ମୟୂରଭଞ୍ଜର ଶାସନ ଦାୟିତ୍ୱ ମିଳିଥିଲା ।

କୃଷ୍ଣଚନ୍ଦ୍ର ଭଞ୍ଜ (ଖ୍ରୀ. ୧୮୬୭-୧୮୮୨)

କୃଷ୍ଣଚନ୍ଦ୍ର ଭଞ୍ଜ ଅତି ରୂପବାନ୍, ବୁଦ୍ଧିମାନ୍ ଓ ଉଦାର ପ୍ରକୃତିର ବ୍ୟକ୍ତି ଥିଲେ । ଇଂରାଜୀ ଶିକ୍ଷାଲାଭ କରି ନ ଥିଲେ ମଧ୍ୟ ଜଟିଳ ପରିସ୍ଥିତି ସମ୍ଭାଳିବାର ଦକ୍ଷତା ଓ ଦାୟିତ୍ୱଜ୍ଞାନ ତାଙ୍କଠାରେ ଯଥେଷ୍ଟ ଥିଲା । ଉପରଭାଗର ଶାସନ କାର୍ଯ୍ୟ ପରିଚାଳନା ସମୟରେ ସେ ଆବଶ୍ୟକୀୟ ପ୍ରଶାସନିକ ଅନୁଭୂତି ଅର୍ଜନ କରିଥିଲେ । କମିଶନର ରାଭେନସା ଥିଲେ ତାଙ୍କର ବନ୍ଧୁ, ଉପଦେଷ୍ଟା ଓ ଆଦର୍ଶ । ରାଜତ୍ୱର ପ୍ରାରମ୍ଭ କାଳରେ ରାଜପ୍ରାସାଦର ଷଡ଼ଯନ୍ତ୍ର ତାଙ୍କୁ କିଛିଦିନ ପାଇଁ ବିଚଳିତ କରିଥିଲା । କେତେଜଣ କୁଚକ୍ରୀ ଶ୍ରୀନାଥ ଭଞ୍ଜଙ୍କ ବିଧବା ରାଣୀଙ୍କ ସହିତ ମିଳିତ ହୋଇ ତାଙ୍କୁ ରାଜପଦରୁ ବଞ୍ଚିତ କରିବାର ପ୍ରଚେଷ୍ଟା କରିଥିଲେ । କିନ୍ତୁ ସେଥିରେ ସେମାନେ ସଫଳ ହୋଇ ନ ଥିଲେ ।

Digitized by PPRACHIN, SOA

ମୟୂରଭଞ୍ଜର ଶାସନକଳକୁ ସଂସ୍କାର କରି ଆଧୁନିକୀକରଣ କରିବାରେ କୃଷ୍ଣଚନ୍ଦ୍ରଙ୍କ ଅଶେଷ ଅବଦାନ ଥିଲା । ଅନେକ ନୂତନ ବିଭାଗ ସୃଷ୍ଟି କରିବା ସହିତ ସେ ଦେୱାନୀ, ଫଉଜଦାରୀ ଓ ରାଜସ୍ୱ ଅଦାଲତମାନ ସ୍ଥାପନ କରିଥିଲେ । ସେଥିପାଇଁ ସ୍ୱତନ୍ତ୍ର ଅଫିସର ନିଯୁକ୍ତ ହୋଇଥିଲେ । ପ୍ରଥମଥର ପାଇଁ ଶାସନର ପ୍ରତ୍ୟେକ ବିଷୟରେ ରେକର୍ଡ଼ ରଖିବା, ଫାଇଲ ଖୋଲିବା, ମୋକଦ୍ଦମା ଓ ଦଣ୍ଡବିଧାନର ସଂପୂର୍ଣ୍ଣ ବିବରଣ ରଖିବା ତାଙ୍କ ସମୟରେ ଆରମ୍ଭ ହେଲା । ତାଳପତ୍ର ବଦଳରେ କାଗଜର ବ୍ୟବହାର ସେ ପ୍ରଚଳନ କରିଥିଲେ । ସବୁ ଦଲିଲ ସୁରକ୍ଷିତ ରଖିବାପାଇଁ ରେକର୍ଡ଼ ରୁମର ବ୍ୟବସ୍ଥା ହୋଇଥିଲା । ରାଜ୍ୟସରକାରଙ୍କ ତରଫରୁ ମୋକଦ୍ଦମା ଚଳାଇବା ଦାୟିତ୍ୱ ଜଣେ ସରକାରୀ ଓକିଲଙ୍କ ଉପରେ ନ୍ୟସ୍ତ କରାଗଲା । ଜମିଜମା ବିକ୍ରି ଓ କ୍ରୟର ରେକର୍ଡ଼ ରଖିବା ସକାଶେ କଲେକ୍ଟରଙ୍କ ଅଧୀନରେ ଜଣେ ସବରେଜିଷ୍ଟ୍ରାର ଓ ତାଙ୍କ ସହଯୋଗୀମାନଙ୍କୁ ନେଇ ରେଜିଷ୍ଟ୍ରେସନ ଅଫିସ ସ୍ଥାପିତ ହେଲା । ନିମ୍ନ ଅଦାଲତର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେଲେ ବାଦୀ ଓ ପ୍ରତିବାଦୀ ମହାରାଜାଙ୍କ ପାଖରେ ଅପିଲ କରିପାରୁଥିଲେ ।

ମହାରାଜା କୃଷ୍ଣଚନ୍ଦ୍ର ପୁଲିସ ବିଭାଗ ପ୍ରବର୍ତ୍ତନ କରିଥିଲେ । ପ୍ରତି ପ୍ରଗଣାରେ ଥିବା ସର୍ଦ୍ଦାରମାନଙ୍କୁ ପୁଲିସ କ୍ଷମତା ପ୍ରତ୍ୟର୍ପଣ କରାଯାଇଥିଲା । ସେମାନେ ନିଜ ନିଜର ପ୍ରଗଣାରେ ପୁଲିସ ସବଇନିସପେକ୍ଟର ଦାୟିତ୍ୱ ତୁଲାଉଥିଲେ । କିନ୍ତୁ ଆଦିବାସୀ ଅଧ୍ୟୁଷିତ ବାମନଘାଟି ଓ ପାଞ୍ଚପୀଢ଼ ସବ୍‌ଡିଭିଜନର ରାଇରଙ୍ଗପୁର ଓ ଯଶୀପୁର ଥାନାରେ ପୋଲିସ ସବ୍‌ଇନିସପେକ୍ଟର ଓ ସିପାହିମାନେ ଅବସ୍ଥାପିତ ହୋଇଥିଲେ । ଅପରାଧୀମାନଙ୍କୁ ବନ୍ଦୀଶାଳାରେ ରଖିବାପାଇଁ ବାରିପଦାଠାରେ ଏକ ଜେଲ ସ୍ଥାପିତ ହୋଇଥିଲା । ବିଚାର ଚାଲିଥିବା ଅପରାଧୀମାନଙ୍କୁ ହାଜତରେ ରଖାଯାଉଥିଲା । ବନ୍ଦୀମାନଙ୍କ ଖାଦ୍ୟ ପ୍ରସ୍ତୁତ କରିବାକୁ ଜଣେ ବ୍ରାହ୍ମଣ ପାଚକ ନିଯୁକ୍ତ ହୋଇଥିଲେ । ବନ୍ଦୀମାନେ ରାଜ୍ୟର ସରକାରୀ ବଗିଚା ଓ ରାସ୍ତାଘାଟରେ କାମ କରୁଥିଲେ । ରାଜସ୍ୱ ବିଭାଗ ଅତି ସାବଧାନତା ସହକାରେ ଆୟୋଜିତ ହୋଇଥିଲା । ବନ୍ଦୋବସ୍ତ ନିୟମିତ ଭାବରେ ହେଉଥିଲା । ମନଇଚ୍ଛା ଖଜଣା ଆଦାୟ କରିବା ଓ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଲେ ପ୍ରଧାନମାନେ ଶାସ୍ତିଭୋଗ କରୁଥିଲେ । ପ୍ରଜାମାନେ ବୁଝିପାରିବା ଭଳି ପଟ୍ଟା ଓ କବୁଲିୟତ୍ ଓଡ଼ିଆରେ ଲେଖା ହେଉଥିଲା । ପ୍ରଧାନ ଓ ସର୍ଦ୍ଦାରମାନଙ୍କ ଜରିଆରେ ରାଜସ୍ୱ ଆଦାୟ ହେଉଥିଲା । ଆଦାୟ ହୋଇଥିବା ଅର୍ଥ ସରକାରୀ ରାଜକୋଷରେ ଜମା ଦିଆଯାଉଥିଲା । ରାସ୍ତାଘାଟର ମରାମତି ଓ ସରକାରୀ କୋଠାବାଡ଼ି ନିର୍ମାଣ ପାଇଁ ଅଟକିନସନଙ୍କ ତତ୍ତ୍ୱାବଧାନରେ ବାରିକମିସ୍ତ୍ରୀ ବିଭାଗ ସ୍ଥାପିତ ହୋଇଥିଲା । ବାରିପଦାରୁ ବାଲେଶ୍ୱର ଓ ବହଳଦା ପର୍ଯ୍ୟନ୍ତ ରାଜପଥ ନିର୍ମିତ ହୋଇଥିଲା । ବାରିପଦା ସହରରେ ରାଜପ୍ରାସାଦ, ଥାନା, ଡାକଘର, ବିଦ୍ୟାଳୟ, ବିଶ୍ରାମାଗାରମାନ ନିର୍ମିତ ହୋଇଥିଲା । ମୁଣ୍ଡାରୀ ନାମକ ସ୍ଥାନରେ ଜଳସେଚନ ପ୍ରକଳ୍ପ ସ୍ଥାପନ ହୋଇଥିଲା କୃଷ୍ଣଚନ୍ଦ୍ରଙ୍କ ରାଜତ୍ୱ କାଳରେ ।

Digitized by PPRACHIN, SOA

ମହାରାଜା ଉଚ୍ଚଶିକ୍ଷାର ପୃଷ୍ଠପୋଷକ ଥିଲେ । କବିବର ରାଧାନାଥ ରାୟଙ୍କ ସହିତ ତାଙ୍କର ମିତ୍ରତା ଥିଲା । ମୟୂରଭଞ୍ଜରେ ଶିକ୍ଷାପ୍ରସାର ପାଇଁ ଏଚ୍. ସି. ବାଉଚ୍ଚରଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିଭାଗର ଶୁଭାରମ୍ଭ କରିଥିଲେ । ବାରିପଦାରେ ସ୍ଥାପିତ ବିଦ୍ୟାଳୟରେ ଜଣେ ଇଂରାଜୀ ଶିକ୍ଷକ ଓ ଜଣେ ଓଡ଼ିଆ ପଣ୍ଡିତ ନିଯୁକ୍ତ ହୋଇଥିଲେ । ଗ୍ରାମମାନଙ୍କରେ ଅବଧାନଙ୍କୁ ନିଯୁକ୍ତ କରି ପାଠଶାଳାମାନ ସ୍ଥାପିତ ହୋଇଥିଲା । କଟକର କଲେଜ କୋଠା ନିର୍ମାଣ ପାଇଁ ସେ ସତେଇଶହଜାର ମୁଦ୍ରା ଦାନ କରିଥିଲେ । ବାରିପଦାରେ ଦାତବ୍ୟ ଚିକିତ୍ସାଳୟର ଶୁଭାରମ୍ଭ ହୋଇଥିଲା । ଶିକ୍ଷାପ୍ରସାର ସୁବିଧା ହେବା ଲକ୍ଷ୍ୟରେ ବାରିପଦାଠାରେ ରାଜା ଏକ ମୁଦ୍ରଣଯନ୍ତ୍ର ସ୍ଥାପନ କରିଥିଲେ । ସେଥିରେ ସରକାରୀ ଦପ୍ତରରେ ବ୍ୟବହୃତ ଫର୍ମମାନ ମୁଦ୍ରିତ ହେବା ସଙ୍ଗେ ସଙ୍ଗେ 'ମୟୂରଭଞ୍ଜ ପାକ୍ଷିକ ପତ୍ରିକା' ପ୍ରକାଶିତ ହେଉଥିଲା । ସର୍ବସାଧାରଣଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ 'ଗୋଲାପବାଗ' ନାମକ ଉଦ୍ୟାନ ଓ ଏକ ପାଠାଗାର ସ୍ଥାପିତ ହୋଇଥିଲା ।

ଉପରୋକ୍ତ ପଦକ୍ଷେପ ନେବା ଦ୍ୱାରା କୃଷ୍ଣଚନ୍ଦ୍ର ମୟୂରଭଞ୍ଜରେ ଅତ୍ୟାଧୁନିକ ଶାସନ ପ୍ରବର୍ତ୍ତନ କରିଥିଲେ । ପୂର୍ବର ପରମ୍ପରା ଓ ଶାସନ ପ୍ରଣାଳୀର ଆମୂଳଚୂଳ ପରିବର୍ତ୍ତନ କରିବା ଦ୍ୱାରା ସେ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ କରିଥିଲେ ଦେଓ୍ୱାନ ନନ୍ଦ କୁମାର ମୁଖାର୍ଜୀ ଓ ପ୍ରସନ୍ନ କୁମାର ଘୋଷାଲ, ବନ୍ଦୋବସ୍ତ ଅଫିସର ଦୁର୍ଗା ପ୍ରସାଦ ଦାସ ଓ ବିଚାରାଧିକାରୀ ଆର୍ତ୍ତତ୍ରାଣ ମହାପାତ୍ର । ତାଙ୍କ କାର୍ଯ୍ୟରେ ପ୍ରସନ୍ନ ହୋଇ ଇଂରେଜ ସରକାର କୃଷ୍ଣଚନ୍ଦ୍ରଙ୍କୁ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ । ମାତ୍ର ୩୪ ବର୍ଷ ବୟସରେ ଖ୍ରୀ. ୧୮୮୨ ମେ' ୨୯ ତାରିଖ ଦିନ ଗୋବସନ୍ତ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ଅକାଳ ବିୟୋଗ ହୋଇଥିଲା । ଏହା ମୟୂରଭଞ୍ଜର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏକ ଦାରୁଣ ଧକ୍କା ଥିଲା । ଯୁବରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ସେତେବେଳେ ନାବାଳକ ଥିଲେ । ତେଣୁ ଶାସନକାର୍ଯ୍ୟ ପରିଚାଳନା ପାଇଁ ସରକାରଙ୍କ ତରଫରୁ ଏଚ୍.ପି. ୱାଇଲି ତତ୍ତ୍ୱାବଧାରକ ରୂପେ ନିଯୁକ୍ତ ହେଲେ । ଶ୍ରୀରାମଚନ୍ଦ୍ର ବୟଃପ୍ରାପ୍ତ ହେବା ପର୍ଯ୍ୟନ୍ତ ମୟୂରଭଞ୍ଜ ତାଙ୍କ ତତ୍ତ୍ୱାବଧାନରେ ରହିଲା । ୱାଇଲି ଜଣେ ଦକ୍ଷ ସୁଶାସକ ଥିଲେ । ଖ୍ରୀ. ୧୮୯୦ ପର୍ଯ୍ୟନ୍ତ ସେ ମୟୂରଭଞ୍ଜକୁ ଉତ୍ତମ ଶାସନ ପ୍ରଦାନ କରିଥିଲେ । ଏ ସଂପର୍କରେ ମିଳିଥିବା ସରକାରୀ ଦଲିଲରୁ ଜଣାଯାଏ ଯେ, ବୃନ୍ଦାବନ ଚନ୍ଦ୍ର ଭଞ୍ଜ ଓ ଗୋକୁଳଚନ୍ଦ୍ର ଭଞ୍ଜ ନାମକ ଦୁଇଜଣ ଅନୁଜ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ପରେ ରାଜ୍ୟ ଶାସନ ଦାୟିତ୍ୱ ଗ୍ରହଣ କରିବାକୁ ଆଗ୍ରହୀ ଥିଲେ । କିନ୍ତୁ ବଙ୍ଗପ୍ରଦେଶର ଲେଫ୍ଟନାଣ୍ଟ ଗଭର୍ଣ୍ଣର ସେଥିରେ ରାଜି ହେଲେ ନାହିଁ । କୃଷ୍ଣଚନ୍ଦ୍ର ଶେଷନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ଜଣେ ଅଭିଜ୍ଞ ପ୍ରଶାସକ ନିଯୁକ୍ତ କରିବାପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ତଦନୁସାରେ କେନାଲ ବିଭାଗର ଅଧକ୍ଷ ୱାଇଲିଙ୍କୁ ମୟୂରଭଞ୍ଜ ଶାସନ ପାଇଁ ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋନୀତ କରିଥିଲେ । ତାଙ୍କର ମାସିକ ଦରମା ସାତଶହରୁ ଏକହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା । ପରବର୍ତ୍ତୀ

Digitized by PPRACHIN, SOA

ଆଠବର୍ଷ, ୧୮୯୦ ପର୍ଯ୍ୟନ୍ତ ଶ୍ରୀରାମଚନ୍ଦ୍ରଙ୍କ ନାବାଳକତ୍ୱ ସମୟରେ ସେ ଅତି ବିଚକ୍ଷଣତା ସହକାରେ ମୟୂରଭଞ୍ଜ ଶାସନ କାର୍ଯ୍ୟ ପରିଚାଳନା କରିଥିଲେ । କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ଆଦର୍ଶରେ ଶାସନକଳ ପ୍ରଜାହିତକାରୀ ଆଭିମୁଖ୍ୟକୁ ବଜାୟ ରଖିବାରୁ ରାଜ୍ୟର ପ୍ରଗତି ସୁଗମ ହୋଇଥିଲା ।

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଖ୍ରୀ. ୧୮୯୦-୧୯୧୨)

କଟକରେ ଶ୍ରୀରାମଚନ୍ଦ୍ରଭଞ୍ଜ ଶିକ୍ଷାଲାଭ କରିଥିଲେ । ଏଚ୍.ବି. କିଡେଲ ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ତାଙ୍କର ଶିକ୍ଷକ ଥିଲେ । ବିଜ୍ଞାନ ଓ ଗଣିତ ସହ ଶ୍ରୀରାମଚନ୍ଦ୍ର ବି.ଏ. ଡିଗ୍ରୀ ହାସଲ କରିଥିଲେ । କିଡେଲ ସାହେବଙ୍କ ପ୍ରଭାବ ତାଙ୍କ ଉପରେ ସର୍ବ୍ବ ଅପ୍ରତିହତ ଥିଲା । ସେଥିପାଇଁ ସେ ଉଦାର, କ୍ଷମାଶୀଳ, ପ୍ରଗତିବାଦୀ ହୋଇପାରିଥିଲେ । ସେ ମୟୂରଭଞ୍ଜର ରାଜ୍ୟଶାସନ ଦାୟିତ୍ୱ ୧୮୯୨ ଅଗଷ୍ଟ ୧୫ ତାରିଖ ଦିନ ବହନ କରିଥିଲେ । ୧୮୯୬ରେ ପଞ୍ଚକୋଟର ମହାରାଜା ନୀଳମଣି ସିଂହଙ୍କ ପୌତ୍ରୀ ଲକ୍ଷ୍ମୀକୁମାରୀଙ୍କ ସହିତ ଶୁଭପରିଣୟ ସଂପନ୍ନ ହୋଇଥିଲା । ଦୁଇପୁତ୍ର ପୂର୍ଣ୍ଣଚନ୍ଦ୍ର ଓ ପ୍ରତାପଚନ୍ଦ୍ର ଏବଂ କନ୍ୟା ଶ୍ରୀପଦ ମଞ୍ଜରୀଙ୍କୁ ଜନ୍ମଦେଲା ପରେ ଲକ୍ଷ୍ମୀକୁମାରୀ ୧୯୦୨ ମାର୍ଚ୍ଚ ୬ ତାରିଖରେ ଇହଲୀଳା ତ୍ୟାଗ କରିଥିଲେ । ତାଙ୍କ ସ୍ମୃତିରକ୍ଷାପାଇଁ ରାଣୀବାଗ ଉଦ୍ୟାନରେ ଶଙ୍ଖ ମଲମଲ ପ୍ରସ୍ତରର ସମାଧି ସ୍ତମ୍ଭ ଓ ଦେଉଳସାହିର ଧର୍ମଶାଳା ନିର୍ମିତ ହୋଇଥିଲା । ରାଜକୁମାରୀ ଶ୍ରୀପଦମଞ୍ଜରୀ ମଧ୍ୟ ଅତି ଅଳ୍ପ ବୟସରେ ପ୍ରାଣତ୍ୟାଗ କରିଥିଲେ । ପାରିବାରିକ ମୃତ୍ୟୁଜନିତ ଦୁଃଖରେ ଅଧୀର ନ ହୋଇ ଶ୍ରୀରାମଚନ୍ଦ୍ର ନିଜ କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇଥିଲେ ଏବଂ ତାଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ମୟୂରଭଞ୍ଜ ଶାସନରେ ଏକ ନବଯୁଗର ପ୍ରବର୍ତ୍ତନ ହୋଇଥିଲା । ଗଡ଼ଜାତ ରାଜ୍ୟ ଭାବରେ ସୁଶାସନ ପାଇଁ ମୟୂରଭଞ୍ଜର ମର୍ଯ୍ୟାଦା ବୃଦ୍ଧି ପାଇଥିଲା । ଶ୍ରୀରାମଚନ୍ଦ୍ର ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ ସଂପୂର୍ଣ୍ଣ କରିଥିଲେ । ରାଜ୍ୟପରିଷଦ ଓ ବିଚାର ବିଭାଗ କମିଟିରେ ସେ ନିଜେ ଅଧକ୍ଷ ହୋଇଥିଲେ । ଶାସନ ବ୍ୟବସ୍ଥାରେ ତାଙ୍କର ଉପଦେଷ୍ଟା ଥିଲେ ମୋହିନୀ ମୋହନ ଧର । ସେ ଦେୱାନ ପଦରେ ନିଯୁକ୍ତି ପାଇଥିଲେ । ରେଭେନ୍‌ସା କଲେଜରେ ଅଧ୍ୟୟନ କାଳରେ ମୋହିନୀମୋହନ ଶ୍ରୀରାମଚନ୍ଦ୍ରଙ୍କ ଘରୋଇ ଶିକ୍ଷକ ଥିଲେ । ତେଣୁ ଉଭୟଙ୍କ ମଧ୍ୟରେ ଗୁରୁଶିଷ୍ୟ ସଂପର୍କ ଥିବାରୁ ଦୁହେଁ ପରସ୍ପରକୁ ଭଲ ରୂପେ ବୁଝିଥିଲେ । ମୋହିନୀମୋହନଙ୍କ ପରାମର୍ଶକ୍ରମେ ରାଜ୍ୟରେ ବହୁବିଧ ଶାସନ ସଂସ୍କାର ପ୍ରବର୍ତ୍ତିତ ହୋଇଥିଲା । ରାଜ୍ୟର ସୁଶାସନ ପାଇଁ ସଦର, ପାଞ୍ଚପୀଢ଼, କପ୍ତିପଦା, ବାମନଘାଟି ନାମକ ଚାରୋଟି ସବ୍‌ଡିଭିଜନ ଗଠିତ ହେଲା । ପ୍ରତ୍ୟେକର ଶାସନ ଭାର ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ଜଣେ ଜଣେ ସବ୍‌ଡିଭିଜନାଲ ଅଫିସରଙ୍କ ଉପରେ ନ୍ୟସ୍ତ ହେଲା । ଉଚ୍ଚଶିକ୍ଷାପ୍ରାପ୍ତ, କର୍ତ୍ତବ୍ୟନିଷ୍ଠ ଓ ସାଧୁ ପ୍ରକୃତିର ଦକ୍ଷ ଅଫିସରଙ୍କୁ ରାଜ୍ୟ ସରକାର ନିଯୁକ୍ତ କଲେ । ସେଥି ମଧ୍ୟରୁ ଦୁଇଜଣ ଥିଲେ କଲିକତା ବିଶ୍ୱବିଦ୍ୟାଳୟର ଆଇନ ସ୍ନାତକ ଉପାଧିଧାରୀ ବ୍ୟକ୍ତି– କାମାକ୍ଷାପ୍ରସାଦ ବୋଷ ଏବଂ ଯତୀନ୍ଦ୍ରମୋହନ ଧର । ସେତେବେଳେ ବିଶ୍ୱବିଦ୍ୟାଳୟ ଶିକ୍ଷାପ୍ରାପ୍ତ ଉପଯୁକ୍ତ ବ୍ୟକ୍ତି ଓଡ଼ିଶାରେ ମିଳୁ ନ ଥିଲେ ।

Digitized by PPRACHIN, SOA

ତେଣୁ ଅନେକ ଉଦୀୟମାନ ତରୁଣ କଲିକତାରୁ ମୟୂରଭଞ୍ଜକୁ ଆସିଥିଲେ ଡାକ୍ତର, ମାଜିଷ୍ଟ୍ରେଟ, ଶିକ୍ଷକ, ଆଇନଜ୍ଞ ଭାବରେ । ଓଡ଼ିଶାର ନବ୍ୟ ଶିକ୍ଷିତମାନଙ୍କ ମଧ୍ୟରୁ ଗୋପବନ୍ଧୁ ଦାସ ରାଜ୍ୟ ସରକାରଙ୍କ ତରଫରୁ ଓକିଲ ପଦରେ ଅଳ୍ପ କେତେବର୍ଷ ପାଇଁ ନିଯୁକ୍ତି ପାଇଥିଲେ ।

ଶ୍ରୀରାମଚନ୍ଦ୍ରଙ୍କ ଶାସନକାଳରେ ନିଜ ଦକ୍ଷତାବଳରେ ଉତ୍ତରୋତ୍ତର ଉନ୍ନତି ସାଧନ କରିଥିଲେ କାମାକ୍ଷାପ୍ରସାଦ ଘୋଷ । ପୂର୍ବବଙ୍ଗ (ଆଧୁନିକ ବଙ୍ଗଳାଦେଶ)ର ଧାମରାଇଠାରେ ତାଙ୍କର ଜନ୍ମ ହୋଇଥିଲା । ସେ ଜମିଦାର କାଶୀନାଥ ଘୋଷଙ୍କ ପୁତ୍ର ଥିଲେ । ଖ୍ରୀ. ୧୯୦୦ରେ ଆଇନ ଡିଗ୍ରୀ ହାସଲ କରି ଢାକାରେ ଆଇନ ବ୍ୟବସାୟ କରୁଥିଲେ । ପ୍ରଥମେ ଡେପୁଟି କଲେକ୍ଟର ପଦରେ ସେ ବାରିପଦାରେ ଅବସ୍ଥାପିତ ହୋଇଥିଲେ । ମାତ୍ର ଦୁଇବର୍ଷ ମଧ୍ୟରେ ସେ ଆସିଷ୍ଟାଣ୍ଟ ସବ୍‌ଡିଭିଜନାଲ ଅଫିସର ଓ ପରେ ପରେ ସବ୍‌ଡିଭିଜନାଲ ଅଫିସର ପଦକୁ ଉନ୍ନୀତ ହୋଇଥିଲେ । ପାଞ୍ଚପୀଢ଼, ବାମନଘାଟି ଓ କପ୍ତିପଦାରେ କ୍ରମିକ ଭାବରେ ତାଙ୍କୁ ସବ୍‌ଡିଭିଜନାଲ ଅଫିସର ଦାୟିତ୍ୱରେ ଅବସ୍ଥାପିତ କରାଯାଇଥିଲା । ମହାରାଜା ମୟୂରଭଞ୍ଜର ପ୍ରଗତି ପାଇଁ କେତେଦୂର ଅଭିଳାଷୀ ତାହା ସେ ଜାଣିଥିଲେ । ତେଣୁ ନିଜ ଦାୟିତ୍ୱରେ ଥିବା ସବ୍‌ଡିଭିଜନର ଆର୍ଥନୀତିକ ବିକାଶ ପଥକୁ ସୁଗମ କରିବାରେ ସେ ସଦାତତ୍ପର ଥିଲେ । ମୟୂରଭଞ୍ଜର ପ୍ରାକୃତିକ ସଂପଦର ବିନିଯୋଗ ଓ କୁଟୀରଶିଳ୍ପର ବିକାଶ ତାଙ୍କ ମୂଳଲକ୍ଷ୍ୟ ଥିଲା । ସମ୍ଭବତଃ ସେତେବେଳେ ଭାରତୀୟ ଜନଜୀବନରେ ଚାଲିଥିବା ସ୍ୱଦେଶୀ ଆନ୍ଦୋଳନର ଆଦର୍ଶ ତାଙ୍କୁ ପ୍ରଭାବିତ କରିଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଉତ୍କଳ ସମ୍ମିଳନୀର ପ୍ରାରମ୍ଭିକ ଅଧିବେଶନରେ ସଭାପତି ଅଭିଭାଷଣ ପ୍ରସଙ୍ଗରେ ଓଡ଼ିଶାବାସୀଙ୍କ ଆର୍ଥନୀତିକ ପ୍ରଗତି ପାଇଁ କୃଷି ଓ ଶିଳ୍ପର ବିକାଶ ତଥା ଶିକ୍ଷା ପ୍ରସାର ସଂପର୍କରେ ଉଦ୍‌ବୋଧନ ଦେଇଥିଲେ । ତେଣୁ ମୟୂରଭଞ୍ଜକୁ ସେହି ପଥର ଯାତ୍ରୀ କରିବା କଥା ସେ ନିଶ୍ଚୟ ଚିନ୍ତା କରିଥିବେ ଓ ରାଜ୍ୟର ଉଚ୍ଚପଦବୀଧାରୀ କର୍ମଚାରୀମାନଙ୍କୁ ଅନୁପ୍ରେରଣା ଯୋଗାଇଥିବେ । ଫଳରେ ମୟୂରଭଞ୍ଜର ପ୍ରାକୃତିକ ସଂପଦର ସଦୁପଯୋଗ ପାଇଁ କାମାକ୍ଷାପ୍ରସାଦ ଅନେକ ଯୋଜନା କାର୍ଯ୍ୟକାରୀ କରିଥିଲେ । ବାମନଘାଟି ତସର ଚାଷ ପାଇଁ ଉପଯୋଗୀ ଥିବାରୁ ସେ ଢାକା ଅଞ୍ଚଳରୁ କେତେକ ତନ୍ତୁବାୟ ପରିବାର ଆଣି ବହଳଦାରେ ବସବାସ କରାଇଥିଲେ । ବହୁ ପ୍ରାଚୀନ କାଳରୁ ଢାକା ଓ ମୁର୍ଶିଦାବାଦର ମସଲିନ୍ ସାରା ପୃଥିବୀରେ ପ୍ରସିଦ୍ଧିଲାଭ କରିଥିଲା । ମସଲିନ୍ ଲୁଗା ବୁଣିବାର କୌଶଳ ମୟୂରଭଞ୍ଜରେ ସେମାନେ ପ୍ରସାର କରିଥିଲେ । ଶିମିଳିପାଳ ଓ ଆଖପାଖ ଜଙ୍ଗଲମାନଙ୍କରୁ ସଂଗୃହୀତ ଲାଖକୁ ବ୍ୟବସାୟିକ ଭିତ୍ତିରେ ଉପଯୋଗ କରିବା ପ୍ରସ୍ତାବ କାମାକ୍ଷାପ୍ରସାଦ ଦେଇଥିଲେ । ବାମନଘାଟି ସବ୍‌ଡିଭିଜନରେ ଦୁଇଟି ଲାଖ କାରଖାନା ତାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା । ପଲିଟେକନିକ୍ ପ୍ରଶିକ୍ଷଣ କେନ୍ଦ୍ର ଭାବରେ ବାରିପଦାଠାରେ ଗୋଟିଏ ବୈଷୟିକ ଶିକ୍ଷାକେନ୍ଦ୍ର ସ୍ଥାପିତ ହୋଇଥିଲା । ପ୍ରତିବର୍ଷ

Digitized by PPRACHIN, SOA

ବାରିପଦାରେ କୃଷି ଓ ଶିଳ୍ପ ପ୍ରଦର୍ଶନୀର ଆୟୋଜନ କରିବା ଅନ୍ୟ ଏକ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଥିଲା । ତାହା ରାଜ୍ୟର ଜନସାଧାରଣଙ୍କୁ କୃଷି ଓ ଶିଳ୍ପରେ ବୈଷୟିକ ଜ୍ଞାନର ପ୍ରଗତି ବିଷୟରେ ସଚେତନ କରିବାପାଇଁ ଆୟୋଜିତ ହେଉଥିଲା । ୧୯୦୬ରେ କଲିକତାରେ ଅନୁଷ୍ଠିତ ଏକ ପ୍ରଦର୍ଶନୀରେ ମୟୂରଭଞ୍ଜର ଟସରଜାତ ପଦାର୍ଥ ଅତି ପ୍ରଶଂସାର ପାତ୍ର ହୋଇଥିଲା । ସେହିପରି ୧୯୧୦ରେ ଜୟପୁର ଏବଂ ୧୯୧୧ରେ ବାଲେଶ୍ୱରରେ ମଧ୍ୟ ତାହା ଉଚ୍ଚ ପ୍ରଶଂସିତ ହୋଇଥିଲା । ମୟୂରଭଞ୍ଜ ଓ କପ୍ତିପଦାର ବିବାଦୀୟ ସୀମା ସମସ୍ୟାକୁ ଦୂର କରିପାରିଥିବାରୁ କାମାକ୍ଷାପ୍ରସାଦ ଅଭିନନ୍ଦିତ ହୋଇଥିଲେ । ଶିମିଳିପାଳର ଅଭେଦ୍ୟ ଦୁର୍ଗାଡିହା ଓ ଗୋଡ଼ାବିହାର ଗଭୀର ଅରଣ୍ୟାନୀ ଭିତରେ ବନ୍ଦୋବସ୍ତ କାର୍ଯ୍ୟ ସଂପନ୍ନ କରିବା ଥିଲା ତାଙ୍କର ଅନ୍ୟ ଏକ ଦୁଃସାହସିକ ତଥା ପ୍ରଶଂସନୀୟ ସଫଳତା । ସେଥିପାଇଁ ମହାରାଜା ତାଙ୍କୁ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରିଥିଲେ ।

ପାଞ୍ଚପୀଢ଼, ବାମନଘାଟି ଓ କପ୍ତିପଦାରେ ଥିବା ଜେଲ ବିଭାଗର ଅନେକ ସଂସ୍କାର ଓ ଉନ୍ନତି ସାଧନ କରିଥିଲେ କାମାକ୍ଷାପ୍ରସାଦ । କାର୍ଯ୍ୟଦକ୍ଷତା ହେତୁ ସେ ବାରିପଦାର ସ୍ୱତନ୍ତ୍ର ନ୍ୟାୟାଧିକାରୀ, ସ୍ୱତନ୍ତ୍ର ରାଜସ୍ୱ ଅଧିକାରୀ ଓ ଡେପୁଟି କଲେକ୍ଟର ପଦ ମଣ୍ଡନ କରିଥିଲେ । ଦୁର୍ବିପାକ ସମୟରେ ଜନସାଧାରଣଙ୍କ ସେବା କରିବା ତାଙ୍କ ମାନବିକ ସଦ୍‌ଗୁଣର ପରିଚୟ ପ୍ରଦାନ କରେ । ନ୍ୟାୟାଧିକାରୀ ଭାବରେ ଶୀଘ୍ର ନ୍ୟାୟବିଚାର କରିବାରେ ସେ ପ୍ରଖ୍ୟାତି ଅର୍ଜନ କରିଥିଲେ । ପାଞ୍ଚପୀଢ଼ ସବ୍‌ଡିଭିଜନର ମୁଖ୍ୟ ନିର୍ବାହୀ ଥିବା ସମୟରେ ସେ ଖିଚିଂର ବାର୍ଷିକ ଶିବଚତୁର୍ଦ୍ଦଶୀ ମେଳା ଆୟୋଜନ କରି ସ୍ଥାନୀୟ ଅଧିବାସୀଙ୍କ ମନରେ ଅଫୁରନ୍ତ ଆନନ୍ଦ ଭରିଦେଉଥିଲେ । ମେଳାରେ ମନୋରଞ୍ଜନ ସହିତ ନାନା ପଦାର୍ଥ କିଣାବିକାରେ ଅନୁସୂଚିତ ଜନଜାତି ଅପୂର୍ବ ଉଲ୍ଲାସରେ ମାତି ଉଠୁଥିଲେ । ପ୍ରଶାସନ ଜନସାଧାରଣଙ୍କୁ ନାନା ଭାବରେ ଆପ୍ୟାୟିତ କରୁଥିବାରୁ ରାଜତନ୍ତ୍ର ଲୋକପ୍ରିୟ ହୋଇପାରିଥିଲା ।

ଖିଚିଂରେ କାମାକ୍ଷାପ୍ରସାଦ ପ୍ରାଚୀନ ମୟୂରଭଞ୍ଜର କଳା ସଂସ୍କୃତିକୁ ଆବିଷ୍କାର କରିଥିଲେ । ଅନେକ ତାମ୍ରପଟ୍ଟା, ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର, ମୁଦ୍ରା ଓ ସିଲ, କଳା ଓ ସ୍ଥାପତ୍ୟର ନିଦର୍ଶନ ଥିବା ପ୍ରତିମା ସଂଗ୍ରହ କରି ମହାରାଜାଙ୍କୁ ଅଭିଭୂତ କରିପାରିଥିଲେ । ଭଞ୍ଜବଂଶର ଗରିମା ଓ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ଅବଦାନର ମୂଲ୍ୟ ଅବଧାରଣ ପାଇଁ ମହାରାଜାଙ୍କ ଆନୁକୂଲ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗ ସୃଷ୍ଟି ହୋଇଥିଲା । ଭାରତ ବିଖ୍ୟାତ ପ୍ରାଚ୍ୟବିଦ୍ୟା ବିଶାରଦ ନଗେନ୍ଦ୍ର ନାଥ ବସୁଙ୍କୁ ଆମନ୍ତ୍ରଣ କରାଗଲା ଖିଚିଂ ଆସିବାକୁ । ସେ ମୟୂରଭଞ୍ଜର ଐତିହାସିକ ସ୍ଥାନମାନ ପରିଭ୍ରମଣ କରି Archaeological Survey of Mayurbhanj ନାମକ ଅମୂଲ୍ୟ ପ୍ରାମାଣିକ ଗ୍ରନ୍ଥ ରଚନା କରିଥିଲେ । ତାହା ୧୯୧୧ରେ ପ୍ରକାଶିତ ହେଲା । ମୟୂରଭଞ୍ଜର ସାଂସ୍କୃତିକ ପ୍ରସିଦ୍ଧି ଦେଶ ବିଦେଶରେ ବ୍ୟାପିଲା । ପ୍ରତ୍ନତତ୍ତ୍ୱ ବିଭାଗ ସ୍ଥାପନ କରିବାରେ ଓଡ଼ିଶା ପ୍ରଦେଶ ତଥା ଗଡ଼ଜାତ

Digitized by PPRACHIN, SOA

ରାଜ୍ୟମାନଙ୍କରେ ଅଗ୍ରଣୀ ଥିଲା ମୟୂରଭଞ୍ଜ । କାମାକ୍ଷାପ୍ରସାଦଙ୍କ ବ୍ୟକ୍ତିଗତ ଉଦ୍ୟମ ଓ ମହାରାଜାଙ୍କ ପୃଷ୍ଠପୋଷକତାର ଅପୂର୍ବ ସମ୍ମିଶ୍ରଣରେ ଉନ୍ମୋଚିତ ହେଲା ଖିଜିଙ୍ଗକୋଟ୍ଟର ପ୍ରକୃତ ଐତିହାସିକ ପରିଚୟ ଓ ଗାଥା । ଖିଜିଙ୍ଗକୋଟ୍ଟ ଯେ ପ୍ରାଚୀନ ଭଞ୍ଜ ରାଜତ୍ୱର କେନ୍ଦ୍ର ଥିଲା ଓ ତାର ଭୂଗର୍ଭରେ ଲୁକ୍କାୟିତ ଥିଲା ପଞ୍ଚୋପାସନାର ଧର୍ମ ବିଭବ, ଇଟାମୁଣ୍ଡିଆ, ଶଙ୍ଖୁଆ ରାଜାର ଗଡ଼, ଚାଉଳ କୁଞ୍ଜି, ବିରାଟଗଡ଼ ଓ ବାସୁଳିଶାଳ ଆଦିର ପ୍ରତ୍ନତାତ୍ତ୍ୱିକ ସମ୍ଭାର । ଏହାର ଆବିଷ୍କାର ବୌଦ୍ଧିକ ଜଗତକୁ ମୁଗ୍ଧ ଓ ଚକିତ କଲା । କାମାକ୍ଷାପ୍ରସାଦଙ୍କ ହାତରେ ଥିଲା ଅଦୃଶ୍ୟ ଚୁମ୍ବକ । ମାତ୍ର ଅଳ୍ପ କେତେବର୍ଷର ଅନୁସନ୍ଧିତ୍ସା ଓ ବିନିଦ୍ର କର୍ମମୟ ଜୀବନର ପ୍ରେରଣା ଭଞ୍ଜ ଇତିହାସର ଗୌରବମୟ ଅଧ୍ୟାୟକୁ ଆଲୋକିତ କରିପାରିଲା । ଭଞ୍ଜରାଜାମାନେ କେବଳ ଶୈବ ନ ଥିଲେ, ବ୍ରାହ୍ମଣ୍ୟ ଧର୍ମର ବିଭିନ୍ନ ସଂପ୍ରଦାୟ ସହ ଏବଂ ଜୈନ ଓ ବୌଦ୍ଧଧର୍ମର ପ୍ରାଣ ପ୍ରତିଷ୍ଠାରେ ସେମାନେ କେତେ ସହନଶୀଳତା ଓ ପ୍ରଗତିର ମନ୍ତ୍ରପାଠ କରିଥିଲେ ତାହାର ଇୟତ୍ତା ନ ଥିଲା । ଖିଚିଂର ଅବସ୍ଥିତି, ସୃଷ୍ଟି ଓ ବିଲୟ ମୟୂରଭଞ୍ଜ ଇତିହାସକୁ ପ୍ରାଗୈତିହାସିକ ଯୁଗ ପର୍ଯ୍ୟନ୍ତ ଟାଣିନେଲା । କାମାକ୍ଷାପ୍ରସାଦଙ୍କ କୃତିର ବିସ୍ମୟ ଓ ଆବେଗମୟ ଭାବନାକୁ ରୂପ ଦେଲେ ନଗେନ୍ଦ୍ରନାଥ ଭାଷାରେ ଓ ବର୍ଣ୍ଣନାରେ । କିନ୍ତୁ ତାକୁ ଉପଭୋଗ କରିବା ପୂର୍ବରୁ ନିୟତିର କ୍ରୁର ଅଭିଶାପ ଶ୍ରୀରାମଚନ୍ଦ୍ରଙ୍କୁ ପରଲୋକକୁ ଘେନିଗଲା । କୃଷ୍ଣଚନ୍ଦ୍ରପୁରଠାରେ ଏକ ଶିକାର ଦୁର୍ଘଟଣାରେ ସେ ପ୍ରାଣ ହରାଇଲେ । କାଳଚକ୍ରର ଆବର୍ତ୍ତରେ ତାଙ୍କର ଉଜ୍ଜ୍ୱଳ ଭାବମୂର୍ତ୍ତି ଚିରଦିନ ପାଇଁ ମୟୂରଭଞ୍ଜ ଇତିହାସରେ ଅଲିଭା ସ୍ମୃତି ହୋଇ ରହିଲା ।

ତା ସହିତ ରହିଗଲା ଜନହିତକାରୀ କାର୍ଯ୍ୟକ୍ରମର କେତେକ ପ୍ରାଣସ୍ପର୍ଶୀ ଆଦର୍ଶ । ଐତିହାସିକ ଉପାଦାନ ଭାବେ ଭଞ୍ଜରାଜତ୍ୱର ପର୍ଯ୍ୟାଲୋଚନା ପାଇଁ ଭାରତର ଦେଶୀୟ ରାଜ୍ୟ ମଧ୍ୟରେ ମୟୂରଭଞ୍ଜରେ ପ୍ରଥମେ ଉଚ୍ଚନ୍ୟାୟାଳୟ ଶ୍ରୀରାମଚନ୍ଦ୍ରଙ୍କ ଉଦ୍ୟମରେ ସ୍ଥାପିତ ହୋଇଥିଲା । ରାଜ୍ୟ ପରିଷଦର ନିଷ୍ପତ୍ତି ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଅପିଲ ହୋଇପାରୁଥିଲା । ମହାରାଜା ଓ ପରିଷଦ ହାତରେ ଫୌଜଦାରୀ, ଦେୱାନୀ, ରାଜସ୍ୱ, ବନ୍ଦୋବସ୍ତ, ଜଙ୍ଗଲ ଓ ଅବକାରୀ ସଂପର୍କୀୟ ଆଇନ ପ୍ରଣୟନର କ୍ଷମତା ଥିଲା । ପ୍ରଜାସ୍ୱତ୍ୱ ଆଇନର ଆମୂଳଚୂଳ ପରିବର୍ତ୍ତନ କରିବାଦ୍ୱାରା ଜମି ଉପରେ ପ୍ରଜାକୁ ମାଲିକାନା ଅଧିକାର ଦେବା ବ୍ୟବସ୍ଥା କରାଯାଇଥିଲା । ଆବୱାବ ଲୋପ କରି ସେ ଆଦିବାସୀମାନଙ୍କୁ ଜମି ଉପରେ ସ୍ୱତନ୍ତ୍ର ଅଧିକାର ଦେଇଥିଲେ ।

ଚାରୋଟି ସ୍ୱତନ୍ତ୍ର ସବ୍‌ଡିଭିଜନରେ ମୟୂରଭଞ୍ଜକୁ ଭାଗ ଭାଗ କଲା ପରେ ପ୍ରଶାସନକୁ ସକ୍ରିୟ କରିବା ଉଦ୍ଦେଶ୍ୟ ନେଇ ଶ୍ରୀରାମଚନ୍ଦ୍ର ବ୍ରିଟିଶ ଶାସିତ ଜିଲ୍ଲା ଅନୁକରଣରେ ସ୍ୱତନ୍ତ୍ର ଅଦାଲତ ଓ ବିଚାର ବିଭାଗମାନ ସ୍ଥାପନ କରିଥିଲେ । ସଦର ସବ୍‌ଡିଭିଜନରେ କଲେକ୍ଟର ନିଯୁକ୍ତ ହୋଇଥିଲେ । ମହାରାଜା ନିଜେ ମୁଖ୍ୟ ନିର୍ବାହୀ ଅଧିକାରୀ କ୍ଷମତାର କେନ୍ଦ୍ର ଥିଲେ । ସେ ପୁଲିସ, ବାରିକମିସ୍ତ୍ରୀ, ଜଙ୍ଗଲ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ସର୍ବୋମୟ କର୍ତ୍ତା ଥିଲେ । ଦେୱାନଙ୍କୁ ରାଜସ୍ୱ ବିଭାଗର ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ

Digitized by PPRACHIN, SOA

କରିଥିଲେ । ଜମିଜମା ବନ୍ଦୋବସ୍ତ, କୃଷି ଓ ଜମିଦାରୀ ବ୍ୟାପାର ଦେୱାନ ବୁଝିଲେ । ଷ୍ଟେଟଗୁଡ଼ିକରେ ଚୌକିଦାରୀ ପ୍ରଥା ଥିଲେ ମଧ୍ୟ ଥାନା ଓ ଫାଣ୍ଡିର ବ୍ୟବସ୍ଥା ରହିଥିଲା । ଖ୍ରୀ. ୧୯୧୦-୧୧ରେ ରାଜ୍ୟରେ ୧୩ଟି ଥାନା ଓ ୧୦ଟି ଫାଣ୍ଡି ଥିବାର ଜଣାଯାଏ । ପୁଲିସ୍ ଅଫିସର ଓ କନଷ୍ଟେବଳ ସଂଖ୍ୟା ଯଥାକ୍ରମେ ୬୫ ଓ ୨୭୨ ଥିଲା । ରାଜ୍ୟର ଆୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମହାରାଜା ଜଙ୍ଗଲ ଓ ଅବକାରୀ ବିଭାଗ ସ୍ଥାପନ କରିଥିଲେ । ମାଦକଦ୍ରବ୍ୟ ବିକ୍ରୟ ଦ୍ୱାରା ରାଜସ୍ୱ ଆୟ ହେଉଥିଲା । କୃଷିର ଉନ୍ନତି ପାଇଁ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ୨' ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା । ଏହି ଅର୍ଥ ବିନିଯୋଗ ଦ୍ୱାରା ଦଳଦିଆ, କାଳିଡିହା ଓ ଖୋଡ଼ିହିରା କ୍ଷେତ୍ରରେ ଜଳସେଚନ ପ୍ରକଳ୍ପ ନିର୍ମିତ ହୋଇଥିଲା । ରାଜ୍ୟର ଉର୍ବର ଜଙ୍ଗଲ ଜମିରେ ଚାଷ କାର୍ଯ୍ୟ ଆରମ୍ଭ କରାଇବା ଉଦ୍ଦେଶ୍ୟରେ ସମ୍ଭ୍ରାନ୍ତ ପରିବାରମାନଙ୍କୁ ଅମଳନାମା ଦିଆଗଲା । ସବୁ ଜମିର ବନ୍ଦୋବସ୍ତ କରି କିସମୱାରି ଜମି ଉପରେ ନିୟମ ଅନୁସାରେ କରଧାର୍ଯ୍ୟ ହେଲା । ରାଜସ୍ୱ ଆଦାୟ ନିୟମିତ ଭାବେ ହେଉଥିଲା । ନୂତନ କିସମର ବିହନ ଓ ନୂତନ କୃଷିପ୍ରଣାଳୀ ପ୍ରୟୋଗ ଉଦ୍ଦେଶ୍ୟରେ ଆଦର୍ଶ କୃଷି ଫାର୍ମ ସ୍ଥାପିତ ହୋଇଥିଲା । ୧୮୯୪ରେ ରାଜ୍ୟର କର୍ମଚାରୀମାନଙ୍କୁ ଓ ସେମାନଙ୍କ ପେନସନ ଓ ଦରମାକୁ ଶ୍ରେଣୀ ବିଭାଗ କରାଯାଇଥିଲା ।

ଅନେକ କୃଷିଭିତ୍ତିକ ସଂସ୍କାର ପାଇଁ ଶ୍ରୀରାମଚନ୍ଦ୍ରଙ୍କ ଶାସନ ମହତ୍ତ୍ୱପୂର୍ଣ୍ଣ ଥିଲା । ଖ୍ରୀ. ୧୮୯୨ରେ କୃଷକମାନେ ଜମିରେ ମାଲିକାନା ସ୍ୱତ୍ୱ ଲାଭ କରିଥିଲେ । ଫଳରେ ସେମାନଙ୍କର ସାମାଜିକ ନିରାପତ୍ତା ସୁରକ୍ଷିତ ହୋଇଥିଲା । ମହାଜନମାନଙ୍କ ହାତରୁ ଋଣଗ୍ରହୀତାଙ୍କୁ ରକ୍ଷା କରିବା ଲକ୍ଷ୍ୟରେ କେତେକ ନିୟମ ପ୍ରଣୀତ ହୋଇଥିଲା । ମୂଳ ଅର୍ଥ ପରିମାଣରୁ ସୁଧ ପରିମାଣ ବୃଦ୍ଧି ନ କରିବା ନିୟମ ଥିଲା । ଜନସାଧାରଣ ବିଶେଷତଃ ଗ୍ରାମବାସୀମାନଙ୍କ ସୁବିଧା ପାଇଁ ଶସ୍ୟଭଣ୍ଡାର ଅମାରଘରମାନ ସ୍ଥାପିତ ହୋଇଥିଲା । ରାୟତମାନଙ୍କୁ ଅଳ୍ପ ସୁଧରେ ଶସ୍ୟ ଋଣ ଦିଆଯାଉଥିଲା । ରାଜ୍ୟ ସରକାରଙ୍କଠାରୁ ସ୍ୱଳ୍ପ ସୁଧରେ ଋଣ ନେଇ କୃଷି ଜମିର ଉନ୍ନତି କରିବାର ସୁବିଧା ଥିଲା । ନୂତନ ବିହନ, ନୂତନ କୃଷିପ୍ରଣାଳୀ ଓ ନୂତନ ଶସ୍ୟ ଉତ୍ପାଦନ କରିବାକୁ ସରକାର ପ୍ରୋତ୍ସାହନ ଦେଉଥିଲେ । କୃଷିର ଉନ୍ନତିରେ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ବିଶେଷ ଆଗ୍ରହ ଥିବାର ଜଣାଯାଏ । ଉତ୍କଳ ସମ୍ମିଳନୀ ଅଧିବେଶନରେ ସେହି ମର୍ମରେ ସେ ନିଜେ ଭାଷଣ ପ୍ରଦାନ କରିଥିଲେ । ଟସର ଚାଷ ଓ ଉତ୍ପାଦନର ଉନ୍ନତି ପାଇଁ ବୈଜ୍ଞାନିକ ଉପାୟରେ ଟସର ପୋକ ପ୍ରଜନନ କରାଇବାର ବ୍ୟବସ୍ଥା ସେ କରିଥିଲେ । ଡକ୍ଟର ହାମିଲଟନଙ୍କ ପରାମର୍ଶକ୍ରମେ ମୟୂରଭଞ୍ଜରେ କପାଚାଷ ପ୍ରବର୍ତ୍ତିତ ହୋଇଥିଲା, କିନ୍ତୁ ପ୍ରତିକୂଳ ଜଳବାୟୁ ପାଇଁ ତାହା ସଫଳ ହୋଇ ନ ଥିଲା ।

ମୟୂରଭଞ୍ଜ ନାନା ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ ଥିଲା । ଗୋରୁମହିଷାଣି ଓ ବାଦାମପାହାଡ଼ର ଗଚ୍ଛିତ ଲୌହଧାତୁର ପରିମାଣ ନିର୍ଣ୍ଣୟ କରିବା ପାଇଁ ପ୍ରମଥନାଥ ବସୁ

Digitized by PPRACHIN, SOA

ନାମକ ଭୂତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତି ଦିଆଯାଇଥିଲା । ଟାଟା ଷ୍ଟିଲ କମ୍ପାନୀ ସହିତ ଗଚ୍ଛିତ କଞ୍ଚା ଲୁହା ଉତ୍ତୋଳନ ଓ ପ୍ରୟୋଗ କରିବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ତାହା ସହିତ ଖଣି ଅଞ୍ଚଳକୁ ସଂଯୋଗ କରି ଏକ ବିସ୍ତୀର୍ଣ୍ଣ ରେଳପଥ ନିର୍ମିତ ହୋଇଥିଲା । ଏହାଫଳରେ ବାମନଘାଟିର ଆଦିବାସୀମାନେ ନିଜ ଆର୍ଥିକ ଅବସ୍ଥା ଉନ୍ନତ କରିବାକୁ ସୁଯୋଗ ପାଇଥିଲେ । ସେମାନଙ୍କୁ ବହୁ ସଂଖ୍ୟାରେ ଟାଟା କମ୍ପାନୀରେ ନିଯୁକ୍ତି ମିଳିଥିଲା । ସେହିପରି ରୂପ୍ସା ସହିତ ତାଳବନ୍ଧକୁ ସଂକୀର୍ଣ୍ଣ ରେଳପଥ ଦ୍ୱାରା ଯୋଗ କରିବାରୁ ଶିମିଳିପାଳର ଶିଳ୍ପଜ ଜଙ୍ଗଲଜାତ ପଦାର୍ଥ କଲିକତା ଓ ଅନ୍ୟାନ୍ୟ ଶିଳ୍ପାଞ୍ଚଳକୁ ରପ୍ତାନୀ କରିବା ସହଜ ହୋଇଥିଲା । ଏହି ରେଳପଥର ବ୍ୟୟଭାର ରାଜ୍ୟ ସରକାର ବହନ କରିଥିଲେ ।

ଶିକ୍ଷା ପ୍ରସାର ଉପରେ ଶ୍ରୀରାମଚନ୍ଦ୍ର ଗୁରୁତ୍ୱ ଆରୋପ କରୁଥିବା କଥା ତାଙ୍କର ସମ୍ମିଳନୀରେ ପ୍ରଦତ୍ତ ଅଭିଭାଷଣରୁ ଜଣାପଡ଼େ । ସମ୍ମିଳନୀ ଆନୁକୂଲ୍ୟରେ ମେଧାବୀ ଓଡ଼ିଆ ଛାତ୍ର ଭାରତରେ ଓ ଭାରତ ବାହାରେ ଉଚ୍ଚ ବୈଷୟିକ ଶିକ୍ଷାଲାଭ ପାଇଁ ଯିବାକୁ ସେ ସମର୍ଥନ କରିଥିଲେ । ସେଥିପାଇଁ ନିର୍ଦ୍ଦିଷ୍ଟ ଆର୍ଥିକ ସାହାଯ୍ୟର ବ୍ୟବସ୍ଥା ମଧ୍ୟ ହୋଇଥିଲା । ୧୮୯୨ରେ ବାରିପଦାର ଶ୍ରୀକୃଷ୍ଣଚନ୍ଦ୍ର ଭଞ୍ଜଙ୍କ ଅମଳରୁ ଥିବା ମଧ୍ୟ-ଇଂରାଜୀ ବିଦ୍ୟାଳୟକୁ ଉଚ୍ଚଇଂରାଜୀ ବିଦ୍ୟାଳୟରେ ପରିଣତ କରିଥିଲେ । ରାଜ୍ୟର ମୋଟ ବିଦ୍ୟାଳୟ ସଂଖ୍ୟା ୪୪ ରୁ ୪୩୧କୁ ବୃଦ୍ଧି ପାଇଥିଲା । ତାହା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ସଂଖ୍ୟା ୭୩୭୬ ରୁ ବୃଦ୍ଧି ପାଇ ୧୫୮୪ ହୋଇଥିଲା । ତେଣୁ ରାଜ୍ୟ ସରକାରଙ୍କ ଶିକ୍ଷା ବଜେଟରେ ଖ୍ରୀ. ୧୮୯୨ର ବ୍ୟୟବରାଦ ପରିମାଣ ୭୮୯୫ ଟଙ୍କା ଥିବା ସ୍ଥଳେ ଖ୍ରୀ. ୧୯୧୦ରେ ତାହା ୫୪,୯୪୮ ଟଙ୍କା ହୋଇଥିଲା ।

ମହାରାଜା ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବିହିତ ପଦକ୍ଷେପ ନେଇଥିଲେ । ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ୧୯୦୫ରେ ବାରିପଦା ମ୍ୟୁନିସିପାଲିଟି ସ୍ଥାପିତ ହେଲା । ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଥିଲେ ଡଃ ପୂର୍ଣ୍ଣଚନ୍ଦ୍ର ଗୁପ୍ତା । ତାଙ୍କ ବିଭାଗ ଆନୁକୂଲ୍ୟରେ ଗ୍ରାମୀଣ ଓ ସହର ଇଲାକା ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହୋଇଥିଲା । ଆଠୋଟି ଦାତବ୍ୟ ଚିକିତ୍ସାଳୟ ବ୍ୟତୀତ ବାରିପଦାର ସଦର ଚିକିତ୍ସାଳୟ ପୁନର୍ଗଠିତ ହେଲା । ନୂତନ ଯନ୍ତ୍ରପାତିର ବ୍ୟବସ୍ଥା ହେଲା । ମହାମାରୀ ଓ ହଇଜା ଆଦି ସଂକ୍ରାମକ ରୋଗର ନିରାକରଣ ପାଇଁ ପଦକ୍ଷେପ ନିଆଗଲା । ଗୋବସନ୍ତ ବିରୋଧରେ ଗୋବୀଜଟିକା ନେବା ବାଧ୍ୟତାମୂଳକ କରାଗଲା । ମ୍ୟୁନିସିପାଲିଟିକୁ ଜନସ୍ୱାସ୍ଥ୍ୟ, ରାସ୍ତାଘାଟର ପରିଷ୍କାର ପରିଚ୍ଛନ୍ନତା, ଆଲୋକ ବ୍ୟବସ୍ଥା ଦାୟିତ୍ୱ ଦିଆହେଲା । ମ୍ୟୁନିସିପାଲିଟିର ଦକ୍ଷତା ଯେପରି ଦିନୁଦିନ ବୃଦ୍ଧି ପାଇବ ସେ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେଲେ ।

ମୟୂରଭଞ୍ଜରେ ଲୋକତନ୍ତ୍ରର ମୂଳଭିତ୍ତି ଶ୍ରୀରାମଚନ୍ଦ୍ରଙ୍କ ଆମଳରେ ସ୍ଥାପିତ ହୋଇଥିଲା । ରାଜ୍ୟର ବାର୍ଷିକ ଆୟବ୍ୟୟ ଅଟକଳ ପରିଷଦଦ୍ୱାରା ଅନୁମୋଦିତ ହେଉଥିଲା । ସେଥିରେ ବନ୍ୟା, ଦୁର୍ଭିକ୍ଷ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତୁରନ୍ତ

Digitized by PPRACHIN, SOA

ସାହାଯ୍ୟ ଦେବା ନିମନ୍ତେ ସରକାରୀ ଅନୁଦାନର ବ୍ୟବସ୍ଥା ହୋଇଥିଲା । ସେହିପରି ଆପାତସ୍ଥିତିରେ ବ୍ୟୟ ସକାଶେ ଏକ ସ୍ୱତନ୍ତ୍ର ପାଣ୍ଠି ଥିଲା ଏବଂ ସେଥିରେ ଏଗାର ଲକ୍ଷ ଟଙ୍କା ଗଚ୍ଛିତ ଥିଲା । ମହାରାଜାଙ୍କ ଦୂରଦୃଷ୍ଟି ଅନୁସାରେ ଯେଉଁ ରେଳପଥ ନିର୍ମିତ ହେଲା ତଦ୍ୱାରା ଗମନାଗମନର ସୁବିଧା ସଙ୍ଗେ ସଙ୍ଗେ ବ୍ୟବସାୟ ବାଣିଜ୍ୟ ମଧ୍ୟ ସୁଗମ ହେଲା । ଖଣିଜ ପଦାର୍ଥ ଓ ଜଙ୍ଗଲଜାତ ଦ୍ରବ୍ୟ ରାଜ୍ୟ ବାହାରକୁ ପଠାଯାଇପାରିଲା । ରାଜ୍ୟର ଆୟ ବୃଦ୍ଧି ପାଇଲା । କେବଳ ଜଙ୍ଗଲ ବିଭାଗର ଆୟ ବାର୍ଷିକ ତିରିଶ ହଜାରରୁ ଏକଲକ୍ଷ ପଚାଶହଜାର ଟଙ୍କାକୁ ବୃଦ୍ଧି ପାଇଲା । ସରକାର ସମ୍ବାଦ ସରବରାହ କ୍ଷେତ୍ରରେ ତାର ବ୍ୟବସ୍ଥା ପ୍ରଚଳନ କରିଥିଲେ । ବାରିପଦାକୁ କଟକ ଓ କଲିକତା ସହିତ ଟେଲିଗ୍ରାଫ୍ ସଂଯୋଗ କରାଗଲା । ଶିମିଳିପାଳର ବରେହିପାଣି ଜଳପ୍ରପାତକୁ ଜଳବିଦ୍ୟୁତ୍ ଓ ଜଳସେଚନ ପ୍ରକଳ୍ପରେ ପରିଣତ କରିବାର ପ୍ରାରମ୍ଭିକ ବ୍ୟବସ୍ଥା ହୋଇଥିଲା ।

ମହାରାଜା ଜଣେ ବିନୟୀ, ନ୍ୟାୟପରାୟଣ ବ୍ୟକ୍ତି ଥିଲେ । ରାଜ୍ୟପରିଷଦର ବିଚାର ବିଭାଗ କମିଟି ଉଚ୍ଚନ୍ୟାୟାଳୟ ପରି କାର୍ଯ୍ୟ କରୁଥିଲା । ନିମ୍ନଅଦାଲତର ଅପିଲ ସେଠାରେ ଶୁଣାଯାଉଥିଲା । ବିଚାରପତି ଦାୟିତ୍ୱରେ ଉଚ୍ଚ ଶିକ୍ଷାପ୍ରାପ୍ତ ଆଇନଜ୍ଞମାନେ ନିଯୁକ୍ତ ହେଉଥିଲେ । ମୋହିନୀମୋହନ ଧର ଏବଂ ଯତୀନ୍ଦ୍ରମୋହନ ଧର ଅତି ନ୍ୟାୟଶୀଳ ପରିପକ୍ୱ ଆଇନଜ୍ଞ ଥିଲେ । ସେମାନେ ମହାରାଜାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସାଧାରଣଙ୍କୁ ଉଚିତ ଆଇନାନୁମୋଦିତ ନ୍ୟାୟ ଦେଉଥିଲେ । ଆଇନ ଅନୁସାରେ ଶାସନ ଚାଲିଥିଲା । ଆଇନ ପାଖରେ ସମସ୍ତେ ସମାନ ଥିଲେ ଓ ସମସ୍ତଙ୍କର ସମାନ ଅଧିକାର ଥିଲା । ସେତେବେଳେ ଅପରାଧୀକୁ ମୃତ୍ୟୁଦଣ୍ଡ ଦେବା କ୍ଷମତା ବ୍ରିଟିଶ ସରକାର ରାଜାମାନଙ୍କୁ ଦେଉ ନ ଥିଲେ । କିନ୍ତୁ ମୟୂରଭଞ୍ଜ କ୍ଷେତ୍ରରେ ଏହି ପରମ୍ପରାର ବ୍ୟତିକ୍ରମ ହୋଇଥିଲା । ରାଜ୍ୟପରିଷଦର ବିଚାର ବିଭାଗ କମିଟି ମହାରାଜାଙ୍କ ଅଧ୍ୟକ୍ଷତାରେ ବ୍ରିଟିଶ ଅନୁସୃତ ଦେୱାନୀ ଓ ଫୌଜଦାରୀ ଆଇନ ଅନୁସରଣ କରୁଥିଲେ ଓ ମୃତ୍ୟୁଦଣ୍ଡ ଦେବାର କ୍ଷମତା ଲାଭ କରିଥିଲେ । ଓଡ଼ିଶାର ଅନ୍ୟ କୌଣସି ରାଜାଙ୍କୁ ଏପରି କ୍ଷମତା ପ୍ରଦାନ କରାଯାଇ ନ ଥିଲା ।

ଶ୍ରୀରାମଚନ୍ଦ୍ର ବ୍ରାହ୍ମଧର୍ମର ସମର୍ଥକ ଥିଲେ । ସେ କେଶବଚନ୍ଦ୍ର ସେନଙ୍କ କନ୍ୟା ସୁଚାରୁଦେବୀଙ୍କୁ ବ୍ରାହ୍ମମତରେ ବିବାହ କରିଥିଲେ । ବ୍ରାହ୍ମଧର୍ମର ମାନବିକ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିଲେ । ବାରିପଦା ସହର ଉପକଣ୍ଠରେ କୁଷ୍ଠରୋଗୀଙ୍କ ଆଶ୍ରୟ ପାଇଁ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରିଥିଲେ । ତାହା ଖ୍ରୀଷ୍ଟିଆନ ମିସନାରୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ବାରିପଦାର ଜୁବୁଲି ଲାଇବ୍ରେରୀ, ଉଦ୍ୟାନ, ସ୍କୁଲ ସଂଲଗ୍ନ ଛାତ୍ରାବାସ ଓ ବ୍ରାହ୍ମମନ୍ଦିର ଆଦି ତାଙ୍କର କୀର୍ତ୍ତି ଥିଲା । ଜନସାଧାରଣଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସେ ସହରର କେନ୍ଦ୍ରଭାଗରେ ଗୁଜୁରୀ ବଜାର ସ୍ଥାପନ କରିଥିଲେ । ସୁଲଭ ଚିକିତ୍ସା ପ୍ରଦାନ କରିବା ଲକ୍ଷ୍ୟ ନେଇ ନୟାବସାଣ ଜମିଦାରୀରେ ଆଠୋଟି ଚିକିତ୍ସାଳୟ ସ୍ଥାପିତ ହୋଇଥିଲା । ବାରିପଦା ହସପିଟାଲ ସଂଲଗ୍ନ ଦାତବ୍ୟ

Digitized by PPRACHIN, SOA

ଚିକିତ୍ସାଳୟ ତାଙ୍କର କୀର୍ତ୍ତି ଥିଲା । ସେଠାରେ ଗୋବୀଜ ଟିକା ବାଧ୍ୟତାମୂଳକ ଭାବେ ଲୋକମାନଙ୍କୁ ଦିଆଯାଉଥିଲା ।

୧୯୦୪ରେ ବଙ୍ଗଳାର ଲେଫ୍ଟନାଣ୍ଟ ଗଭର୍ଣ୍ଣର ସାର୍ ଆଣ୍ଡ୍ରେଫ୍ରେଜର ବାରିପଦା ଆସିଥିଲେ । ତାଙ୍କ ଆଗମନ ଉପଲକ୍ଷେ ଫ୍ରେଜର ଛାତ୍ରାବାସ ଓ ଲେଡି ଫ୍ରେଜର ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ରାଜ୍ୟରେ ଯାତାୟାତର ସୁବିଧା ଦୃଷ୍ଟିରୁ ସାତଶହ କିଲୋମିଟର ରାସ୍ତା ନିର୍ମିତ ହୋଇଥିଲା । ପ୍ରଶାସନିକ ସୁବିଧା ଦୃଷ୍ଟିରୁ ରାଜ୍ୟରେ ଅନେକ ଡାକବଙ୍ଗଳା ସେ ନିର୍ମାଣ କରିଥିଲେ । ୧୯୦୩ ଓ ୧୯୧୧ରେ ସେ ଦିଲ୍ଲୀ ଦରବାରକୁ ନିମନ୍ତ୍ରିତ ହୋଇଥିଲେ । ୧୯୧୧ରେ କଲିକତାଠାରେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ମନୋରଞ୍ଜନ ପାଇଁ ମୟୂରଭଞ୍ଜର ପ୍ରସିଦ୍ଧ ଛଉନୃତ୍ୟ ଆୟୋଜିତ ହୋଇଥିଲା ।

ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ମହାରାଜାଙ୍କ ଅଶେଷ ପ୍ରୀତି ଥିଲା । 'ଉତ୍କଳ ପ୍ରଭା' ଏବଂ 'ମନୋରମା' ନାମକ ଦୁଇଟି ସାହିତ୍ୟ ପତ୍ରିକା ତାଙ୍କ ଆନୁକୂଲ୍ୟରେ ବାରିପଦାରୁ ପ୍ରକାଶ ପାଉଥିଲା । ତହିଁରେ ରାଧାନାଥ, ଫକୀରମୋହନ ଓ ମଧୁସୂଦନ ରାଓ ଆଦିଙ୍କ ରଚନା ପ୍ରକାଶିତ ହେଉଥିଲା । ସମସାମୟିକ ସାହିତ୍ୟସାଧକମାନେ ଶ୍ରୀରାମଚନ୍ଦ୍ରଙ୍କ ପୃଷ୍ଠପୋଷକତାରେ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ସାଧନ କରିଥିଲେ । ଖ୍ରୀ. ୧୯୧୦ରେ ସେ ବିଶ୍ୱ ଭ୍ରମଣରେ ଇଉରୋପ, ଆମେରିକା ଓ ଜାପାନ ଆଦି ଦେଶ ଗସ୍ତ କରିଥିଲେ । ସେସବୁ ଦେଶରେ ବୈଷୟିକ ଜ୍ଞାନ ତଥା ବିଜ୍ଞାନର ପ୍ରଗତି ତାଙ୍କୁ ମୁଗ୍ଧ ଓ ଚକିତ କରିଥିଲା । ନିଜ ରାଜ୍ୟର ଅନୁରୂପ ବିକାଶ ତାଙ୍କ ମନକୁ ସଦାସର୍ବଦା ଆନ୍ଦୋଳିତ କରୁଥିଲା । ସେ ନିଚ୍ଛକ ବାସ୍ତବବାଦୀ ଓ ପରମ ଦେଶଭକ୍ତ ଥିଲେ । ଜାତୀୟତାବାଦର ଆବେଗ ତାଙ୍କୁ ପ୍ରଭାବିତ କରିଥିଲା । ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ହାସଲ ପାଇଁ ସେ ବ୍ୟାକୁଳ ଥିଲେ । ବିଚ୍ଛିନ୍ନ ଓଡ଼ିଆ ଜାତିକୁ ଏକ ଶାସନାଧୀନ କରିବା, ସେମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କରିବା, କୃଷି ଓ ଶିଳ୍ପର ବିକାଶ ସାଧନ କରିବା ଆଦି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ସେ ଚାହିଁଥିଲେ । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଥିଲା । ତାଙ୍କ ଅନୁରୋଧ ରକ୍ଷାକରି ୧୯୦୩ରେ କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରାରମ୍ଭିକ ଅଧିବେଶନରେ ଶ୍ରୀରାମଚନ୍ଦ୍ର ଭଞ୍ଜ ସଭାପତିତ୍ୱ କରିଥିଲେ ଓ ଏକ ସାରଗର୍ଭକ ଲିଖିତ ଭାଷଣ ପ୍ରଦାନ କରିଥିଲେ ।

ଉକ୍ତବର୍ଷ ତାଙ୍କୁ 'ମହାରାଜା' ପଦବୀରେ ଭୂଷିତ କରି ସମ୍ରାଟ ସପ୍ତମ ଏଡ୍‌ୱାର୍ଡଙ୍କ ଅଭିଷେକ ଉତ୍ସବ ଉପଲକ୍ଷେ ସରକାରଙ୍କ ତରଫରୁ ଯେଉଁ ପ୍ରଶଂସା ପତ୍ର (ଖିଲାଟ) ପ୍ରଦତ୍ତ ହେଲା ସେଥିରେ ବଙ୍ଗପ୍ରଦେଶର ଗଭର୍ଣ୍ଣର୍ ଲେଖିଥିଲେ,

"I am glad to know that you worthily play the role of the leading chief in the Garjat states of Orissa, and not only in Public, but in private life you set an admirable example which your fellow chiefs would do well to follow. The Government are proud to have

Digitized by PPRACHIN, SOA

had during your minority so apt and satisfactory a pupil under their charge. Since you have assumed the control of the Mayurbhanj state you have ruled it wisely and well, while the liberality which you have shown beyond its borders has been generous and enlightened. Your father was created a 'Maharaja' at the Delhi assemblage of 1873 and it is since gratification to myself and to your many well wishers, that the same title was bestowed upon you upon a similar but more splendid occasion. May you live long to enjoy it

କିନ୍ତୁ ବିଧିର ବିଧାନ ବିଚିତ୍ର ଥିଲା । ଖ୍ରୀ. ୧୯୧୨ ଜାନୁୟାରୀ ୩୧ ତାରିଖ ଦିନ ବାରିପଦା ସହରର ଅନତିଦୂରରେ ଥିବା କୃଷ୍ଣଚନ୍ଦ୍ରପୁର ଜଙ୍ଗଲରେ ଶିକାର କରୁଥିବାବେଳେ ଦୁର୍ଘଟଣାବଶତଃ ତାଙ୍କୁ ଗୁଳିବିଦ୍ଧ ଅବସ୍ଥାରେ କଲିକତାକୁ ସ୍ଥାନାନ୍ତରିତ କରାଗଲା । ଅସ୍ତ୍ରୋପଚାର ପରେ ତାଙ୍କ ଅବସ୍ଥାର ଉନ୍ନତି ହେଲା ନାହିଁ ଏବଂ ସେପ୍ଟୋସେମିଆ ଜନିତ ଯନ୍ତ୍ରଣାରେ ଫେବୃୟାରୀ ୨୨ ତାରିଖ ଦିନ ସେ ମୃତ୍ୟୁବରଣ କଲେ । ଏହା ବିକାଶୋନ୍ମୁଖୀ ମୟୂରଭଞ୍ଜ ପାଇଁ ଏକ ଦାରୁଣ ଆଘାତ ଥିଲା । ମୟୂରଭଞ୍ଜବାସୀଙ୍କ ବହୁ ଆକାଂକ୍ଷିତ ଆଶା ଓ ସ୍ୱପ୍ନ ଅଚିରେ ଧୂଳିସାତ୍ ହୋଇଗଲା । କିନ୍ତୁ ସେମାନଙ୍କ ଇତିହାସର ସ୍ରୋତ ଆଉ ଗତିହୀନ ବା ଦିଗଭ୍ରାନ୍ତ ହେଲା ନାହିଁ । ହିତକାରୀ ରାଜତନ୍ତ୍ର ସହିତ ଗଣତାନ୍ତ୍ରିକ ବ୍ୟବସ୍ଥାର ମିଶ୍ରଣ ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲା । ଓଡ଼ିଶାର ଅନ୍ୟ କୌଣସି କରଦ ରାଜ୍ୟରେ ଏହିପରି ଶାସନ ବ୍ୟବସ୍ଥାର ଏକାନ୍ତ ଅଭାବ ଥିଲା । ଶ୍ରୀରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ମୟୂରଭଞ୍ଜ ପୁଣି ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠବର୍ଷକାଳ ରହିଲା— କାରଣ ତାଙ୍କର ଜ୍ୟେଷ୍ଠପୁତ୍ର ପୂର୍ଣ୍ଣଚନ୍ଦ୍ର ନାବାଳକ ଥିଲେ । ଖ୍ରୀ. ୧୯୨୦ ପର୍ଯ୍ୟନ୍ତ ରାଜ୍ୟ ଦାୟିତ୍ୱ କୋର୍ଟ ଅଫ୍ ୱାର୍ଡସ ଅଧୀନରେ ରହିଲା । ସେ ସମୟରେ ଇଂରେଜ ସରକାରଙ୍କ ତରଫରୁ ମିଷ୍ଟର ଫିଲିପ, ମିଷ୍ଟର ୱଟ ଓ ମିଷ୍ଟର ପେକ୍ ପ୍ରଶାସକ ନିଯୁକ୍ତ ହୋଇଥିଲେ । ସେମାନେ ସମସ୍ତେ Indian Civil Service ଯୋଗ୍ୟତା ହାସଲ କରିଥିବାରୁ ମୟୂରଭଞ୍ଜରେ ଉନ୍ନତ ଓ ଉଦାର ଶାସନ ପ୍ରଚଳନ କରିଥିଲେ ।

ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ (ଖ୍ରୀ. ୧୯୨୦-୨୮)

ଯୁବରାଜ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଆଜମୀରର ପ୍ରିନ୍ସ ମେୟୋ କଲେଜରେ ଅଧ୍ୟୟନ କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧ କାଳରେ ଫ୍ରାନ୍ସ ଓ ଇଂଲଣ୍ଡ ରଣକ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଥିବାରୁ ସେ ଲେଫ୍ଟନାଣ୍ଟ ପଦଲାଭ କରିଥିଲେ । ପିତାଙ୍କ ପରି ସେ ଥିଲେ ଉଦାରମନା, ପ୍ରଗତିଶୀଳ ଓ ପ୍ରଜାହିତାକାଂକ୍ଷୀ । ଖ୍ରୀ. ୧୯୨୦ ନଭେମ୍ବର ୨୦ ତାରିଖ ତାଙ୍କର ଅଭିଷେକ ଉତ୍ସବ ସଂପନ୍ନ ହୋଇଥିଲା । ସାତ ଆଠବର୍ଷ ପାଇଁ ସେ ଶାସନ କରିଥିଲେ । ଏହି ଅଳ୍ପ ସମୟ ମଧ୍ୟରେ ମୟୂରଭଞ୍ଜର ସର୍ବାଙ୍ଗୀଣ ଉନ୍ନତି ସାଧନ

Digitized by PPRACHIN, SOA

କରିବାକୁ ସେ ସଙ୍କଳ୍ପବଦ୍ଧ ଥିଲେ । ଜାନୁୟାରୀ ୨୭ ତାରିଖ ଦିନ ଗୁଜୁରାଟର ଧ୍ରାଙ୍ଗାଧାର ମହାରାଣୀଙ୍କ କନ୍ୟା ରାଜକୁମାରୀ ତକତକୁମାରୀଙ୍କୁ ସେ ବିବାହ କରିଥିଲେ ।

ମହାରାଜା ପୂର୍ଣ୍ଣଚନ୍ଦ୍ର ଗଦିନସିନ ହେବାପୂର୍ବରୁ ମୟୂରଭଞ୍ଜର ଆଦିବାସୀ ସଂପ୍ରଦାୟ ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ମେସୋପଟାମିଆ ଓ ଇଉରୋପର ବିଭିନ୍ନ ଅଞ୍ଚଳରେ ଶାରୀରିକ କାର୍ଯ୍ୟପାଇଁ ଯୁଦ୍ଧରେ ଆବଶ୍ୟକ ଥିବା ଶ୍ରମିକ ଆଦିବାସୀମାନଙ୍କ ମଧ୍ୟରୁ ନିଯୁକ୍ତ ହେଉଥିଲେ । ସୈନ୍ୟବିଭାଗରେ ନିଯୁକ୍ତି ପାଇଥିବା ଆଦିବାସୀ ଶ୍ରମିକମାନଙ୍କୁ ଦୂର ଦେଶବିଦେଶରେ କାର୍ଯ୍ୟ କରିବାକୁ ପଡୁଥିଲା । ଅନେକ ସମୟରେ ପ୍ରତିକୂଳ ଜଳବାୟୁରେ ଓ ନୂତନ ପ୍ରକାର ଅନ୍ନବସ୍ତ୍ର ସହିତ ସେମାନଙ୍କୁ ଚଳିବାକୁ ହେଉଥିଲା । ଏହା ବିରୋଧରେ ଜନଚେତନା ସୃଷ୍ଟି ହେଲା ଏବଂ ମୟୂରଭଞ୍ଜର ଆଦିବାସୀ ସଂପ୍ରଦାୟ ସରକାରଙ୍କ ଯୁଦ୍ଧନୀତି ସହିତ ସହଯୋଗ ନ କରିବାକୁ ମନସ୍ଥ କଲେ । ଏହି ଅଶାନ୍ତ ପରିବେଶ ବେଶି ଦିନ ରହି ନ ଥିଲା । ଯୁଦ୍ଧଫେରନ୍ତା ସୈନିକମାନେ ଓ ମହାରାଜା ସ୍ୱୟଂ ବିଦ୍ରୋହୀ ଆଦିବାସୀମାନଙ୍କୁ ସଠିକ୍ ପରିସ୍ଥିତି ବୁଝାଇ ଦେବାପରେ ଅବସ୍ଥା ଶାନ୍ତ ହେଲା ।

ସଂସ୍କୃତି ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରତି ପୂର୍ଣ୍ଣଚନ୍ଦ୍ରଙ୍କ ଯଥେଷ୍ଟ ଅନୁରାଗ ଥିଲା । ଓଡ଼ିଶା ତଥା ଓଡ଼ିଶା ବାହାରେ ବହୁ ଅନୁଷ୍ଠାନ ତାଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ । ଉଦାହରଣସ୍ୱରୂପ ରାୟପୁରର ରାଜକୁମାର କଲେଜ ଦୁଇଲକ୍ଷ, କଟକର ରେଭେନ୍ସା କଲେଜ ଏକଲକ୍ଷ, କଟକର ଡାକ୍ତରଖାନା କୋଡ଼ିଏ ହଜାର, ମେଡ଼ିକାଲ ସ୍କୁଲ ପାଞ୍ଚ ହଜାର, ଉତ୍କଳ ସାହିତ୍ୟ ସମାଜ ତେରହଜାର, ବିହାର-ଓଡ଼ିଶା ଇଞ୍ଜିନିୟରିଂ କଲେଜ ଦଶହଜାର, ମେଦିନୀପୁର କଲେଜ ପାଞ୍ଚହଜାର, ଝାଡ଼ଗ୍ରାମ ଡାକ୍ତରଖାନା ଏକହଜାର, ମେଦିନୀପୁର ବନ୍ୟା ରିଲିଫ ପାଣ୍ଠି ପାଞ୍ଚଶହ, ଆଜମୀର ମେୟୋକଲେଜ ଦଶହଜାର, ବିହାର ଓଡ଼ିଶା ଗବେଷଣା ସମାଜ ଦଶହଜାର ଓ ଶ୍ରୀମତୀ ଜିଡ଼ିଙ୍ଗସ ମହିଳା ପାଣ୍ଠି ଏକହଜାର ଟଙ୍କା ଅନୁଦାନ ପାଇଥିଲେ । ଏତଦ୍‌ବ୍ୟତୀତ ଜଣେ ଅନୁରକ୍ତ କରଦ ରାଜା ଭାବରେ ବିଶ୍ୱଯୁଦ୍ଧରେ ଇଂରେଜ ସରକାରଙ୍କୁ ବ୍ୟୋମଯାନ କିଣିବା ନିମନ୍ତେ ସତେଇଶ ହଜାର, ଆମ୍ବୁଲାନ୍‌ସ ପାଇଁ ବାରହଜାର, ଯୁଦ୍ଧ ଋଣ ପାଇଁ ଏକୋଇଶ ଲକ୍ଷ ପଚାଶହଜାର ଓ ଯୁଦ୍ଧ ଖର୍ଚ୍ଚ ପାଇଁ ଷୋହଳହଜାର ଆଠଶହ ପଚାଶ ଟଙ୍କା ଆର୍ଥିକ ଅନୁଦାନ ଦେଇଥିଲେ । ରାଜ୍ୟର ପ୍ରଜାସାଧାରଣ, ଆଦିବାସୀ, କୃଷକ ଆଦି ସବୁ ଗୋଷ୍ଠୀର ଲୋକ କିପରି ସୁଖଶାନ୍ତିରେ ରହିବେ ଏହା ମହାରାଜାଙ୍କ ଲକ୍ଷ୍ୟ ଥିଲା । ଆଦିବାସୀମାନଙ୍କ ଜମି କୌଣସି ଅଣଆଦିବାସୀ କିଣିବା ପୂର୍ବରୁ ସରକାରଙ୍କ ଅନୁମତି ନେବା ଆବଶ୍ୟକ ଥିଲା । ସେହିପରି ଆଂଶିକ ଜମି କିମ୍ବା ଘରବାଡ଼ି ସରକାରଙ୍କଠାରୁ ବିନାନୁମତିରେ ଅନ୍ୟ କାହାକୁ ହସ୍ତାନ୍ତର କରିବା ନିୟମବିରୁଦ୍ଧ ଥିଲା । ଲାଖରାଜ ବା ନିଷ୍କର ଜମିକୁ ବିକିବା ନିଷିଦ୍ଧ ଥିଲା । ଲାଖରାଜ ଜମିର ରକ୍ଷଣାବେକ୍ଷଣ ସଂପର୍କରେ କେତେକ ନିର୍ଦ୍ଦିଷ୍ଟ ନିୟମ ପ୍ରଚଳିତ ଥିଲା । ଉକ୍ତ ନିୟମ ଅମାନ୍ୟ କଲେ ଲାଖରାଜ ଜମି

Digitized by PPRACHIN, SOA

ସରକାର ବାଜ୍ୟାପ୍ତ କରିନେଉଥିଲେ । ଏତଦ୍ୱାରା ନିଷ୍କର ଜମିର ବେଆଇନ ବିକ୍ରି ଓ ହସ୍ତାନ୍ତର କରିବାକୁ ପ୍ରତିରୋଧ କରାଯାଇପାରୁଥିଲା । କୃଷିର ଉନ୍ନତି ପାଇଁ ସରକାର ଋଣ ଦେଉଥିଲେ । ଏହାକୁ କୃଷି ଜମି ବିକାଶ ଋଣ କୁହାଯାଉଥିଲା । ଗ୍ରାମୀଣ ଲୋକଙ୍କ ସହାୟତା ପାଇଁ ଶସ୍ୟଭଣ୍ଡାର ମାନ ସ୍ଥାପିତ ହୋଇଥିଲା । ସେଗୁଡ଼ିକ ବ୍ୟାଙ୍କ ପରି କାମ କରୁଥିଲା । କୃଷକମାନେ କମ୍ ସୁଧରେ ଋଣ ପାଇ ପାରୁଥିଲେ । ଅଭାବ ଅନଟନ କାଳରେ ନିକଟବର୍ତ୍ତୀ ଶସ୍ୟଭଣ୍ଡାରରୁ ଋଣ ନେଇଁ ନିଜ ପରିବାର ପୋଷଣ କରୁଥିଲେ । ଖ୍ରୀ. ୧୯୧୯ରେ ଅନଟନ ପାଇଁ ସରକାରଙ୍କ ତରଫରୁ ଛତିଶ ହଜାର ଦୁଇଶହ ଚଉଷଠି ମହଣ ତେତିଶ ସେର ଧାନ ଋଣ ଭାବରେ ଦିଆଯାଇଥିଲା ।

ସରକାରୀ କ୍ଷମତାମାନ ମହାରାଜାଙ୍କ ହାତରେ କେନ୍ଦ୍ରୀଭୂତ ଥିଲା ସତ କିନ୍ତୁ ତାହାର ଅପପ୍ରୟୋଗ ହେଉ ନ ଥିଲା । ପୂର୍ଣ୍ଣଚନ୍ଦ୍ର ଅତ୍ୟନ୍ତ ବିବେକୀ ଓ ପ୍ରଜ୍ଞାଶୀଳ ଶାସକ ଥିଲେ । ଦେୱାନଙ୍କୁ ଅନେକ କ୍ଷମତା ସେ ହସ୍ତାନ୍ତର କରିଥିଲେ । ସେକ୍ରେଟାରୀଙ୍କ ସହାୟତାରେ ଦେୱାନ ରାଜ୍ୟଶାସନର ଦୈନନ୍ଦିନ ବ୍ୟାପାର ବୁଝୁଥିଲେ । ବିଭିନ୍ନ ବିଭାଗର କାର୍ଯ୍ୟମାନ ତଦାରଖ କରିବା ଓ ନିୟନ୍ତ୍ରିତ କରିବା ତାଙ୍କର ଦାୟିତ୍ୱ ଥିଲା । ପୂର୍ଣ୍ଣଚନ୍ଦ୍ର ପ୍ରଜାମାନଙ୍କ ସହାୟତାରେ ଦେଶ ଶାସନ କରିବାକୁ ଚାହୁଁଥିଲେ । ବାରିପଦା ମ୍ୟୁନିସିପାଲିଟିର ପ୍ରତିନିଧି ନିର୍ବାଚନ ବ୍ୟବସ୍ଥା ସେ ପ୍ରଚଳନ କରିଥିଲେ । ରାଜ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗର ବିକାଶ ସାଧନ ତାଙ୍କର ଅନ୍ୟତମ କୃତି ଥିଲା । ତାଙ୍କ ପ୍ରଚେଷ୍ଟା ଫଳରେ ହରିପୁରଗଡ଼ ଐତିହାସିକ ପ୍ରାସାଦ ଓ ମନ୍ଦିର ସଂରକ୍ଷିତ ହୋଇପାରିଥିଲା । ଖିଚିଂର ସ୍ଥାନୀୟ ସଂଗ୍ରହାଳୟ ସେ ସ୍ଥାପନ କରିଥିଲେ । ଉଭୟ ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା ।

ଭଞ୍ଜ ରାଜବଂଶ ୧୩୬୧ ଖ୍ରୀ. ପରେ ପରେ ହରିହରପୁର ବା ହରିପୁରକୁ ରାଜଧାନୀ ସ୍ଥାନାନ୍ତରିତ କଲାପରେ ଖିଚିଂ ଅବହେଳିତ ଅବସ୍ଥାରେ ରହିଥିଲା । ସେଠାରେ ଭଞ୍ଜମାନଙ୍କର ପ୍ରାଚୀନ କୀର୍ତ୍ତିରାଜି ଧ୍ୱଂସସ୍ତୂପରେ ପରିଣତ ହୋଇ ଭୂଗର୍ଭରେ ଲୁକ୍କାୟିତ ଥିଲା । ପ୍ରଥମେ ଲେଫ୍ଟନାଣ୍ଟ ଟିକେଲ ନାମକ ଇଉରୋପୀୟ ଏହି ଧ୍ୱଂସସ୍ତୂପ ମଧ୍ୟରୁ ଆବିଷ୍କୃତ କଳାସ୍ଥାପତ୍ୟ, ପ୍ରତିମା, ନୃତ୍ୟରତ ସୁନ୍ଦରୀର ପ୍ରସ୍ତର ମୂର୍ତ୍ତି ଏବଂ ଷାଠିଏ ପୁଷ୍କରିଣୀ ସହ ଦୁଇଟି ଭଗ୍ନ ମନ୍ଦିର ବିଷୟରେ ଏସିଆଟିକ୍ ସୋସାଇଟି ଜର୍ଣ୍ଣାଲ (ଚତୁର୍ଥ ଖଣ୍ଡ), ବେଙ୍ଗଲରେ ଲେଖିଥିଲେ । ଏହା ୧୮୪୦ ଖ୍ରୀ.ର କଥା । ପୁଣି ଖ୍ରୀ. ୧୮୭୪ରେ ଓ ଖ୍ରୀ. ୧୮୭୬ରେ ଜେ.ଡି. ବେଗଲାର ଆର୍କୋଲୋଜିକାଲ ସର୍ଭେ ରିପୋର୍ଟରେ ସ୍ତମ୍ଭ ପରିପୂର୍ଣ୍ଣ କକ୍ଷଶାଳା, ବୈଷ୍ଣବ ଓ ଶୈବମନ୍ଦିର, ବୌଦ୍ଧସ୍ତୂପ, ଅତିକାୟ ପ୍ରତିମା ଓ ଛାଗବଳିର ଯୂପକାଷ୍ଠ ଆଦି ବିବରଣୀ ପ୍ରକାଶ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟରେ ନଗେନ୍ଦ୍ରନାଥ ବସୁଙ୍କ ସର୍ବେକ୍ଷଣରୁ ବହୁ ନୂତନ ତଥ୍ୟ ଜଣାପଡ଼ିଥିଲା । ଶ୍ରୀରାମଚନ୍ଦ୍ରଙ୍କ ଅସାଧାରଣ ଜିଜ୍ଞାସା ଓ ଐତିହାସିକ ତଥ୍ୟର ତର୍ଜମା ବସୁ ମହାଶୟଙ୍କ ପାଇଁ ଅପୂର୍ବ ପ୍ରେରଣାର ଉତ୍ସ ହୋଇଥିଲେ ମଧ୍ୟ ସେ ବିଶେଷ କିଛି

Digitized by PPRACHIN, SOA

କରିବାକୁ ସମୟ ବା ସୁଯୋଗ ପାଇ ନ ଥିଲେ । ମହାରାଜାଙ୍କ ଅକସ୍ମାତ୍ ତିରୋଧାନ ଫଳରେ ସେ ନିଷ୍କ୍ରିୟ ହୋଇପଡ଼ିଲେ । ବସୁଙ୍କ ମତରେ ମୟୂରଭଞ୍ଜର ଅଜ୍ଞାତ ଇତିହାସର ପ୍ରାଣକେନ୍ଦ୍ର ଥିଲା ଖିଚିଂ । ଭଗ୍ନସ୍ତୂପ ତଳୁ ଲୁକ୍କାୟିତ ଐତିହାସିକ ରତ୍ନର ଆହ୍ୱାନ ସେ ସୁଧୀସମାଜକୁ ଦେଇ ନିଜେ ଅଦୃଶ୍ୟ ହୋଇଗଲେ । ଅନାଗତ ଭବିଷ୍ୟତର ଐତିହାସିକମାନଙ୍କ ପାଇଁ ତାଙ୍କର ସନ୍ଦେଶ ଥିଲା –

"The picturesque land bears its silent history of ages on its temples and images. Its record of archaeological glory has to be discovered from amongst the vast ruins overspreading it, some of which have long ceased even to see light and would have to be brought out again by excavators."

ବସୁଙ୍କର ଅସଂପୂର୍ଣ୍ଣ ଆଶା ଅନେକାଂଶରେ ପୂରଣ କରିଥିଲେ କାମାକ୍ଷାପ୍ରସାଦ ବୋଷ । (ଶାରୀରିକ ଅସୁସ୍ଥତା ସତ୍ତ୍ୱେ ପ୍ରଖ୍ୟାତ ପ୍ରତ୍ନତାତ୍ତ୍ୱିକ ରମାପ୍ରସାଦ ଚାନ୍ଦଙ୍କୁ ସଙ୍ଗେ ଘେନି ଖ୍ରୀ. ୧୯୨୨ରେ ସାରା ମୟୂରଭଞ୍ଜର ଐତିହାସିକ ସ୍ଥାନମାନ ବୁଲି ଦେଖାଇଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ସ୍ୱତନ୍ତ୍ର ଅନୁରୋଧକ୍ରମେ ରମାପ୍ରସାଦ ଚାନ୍ଦ କଲିକତାରୁ ମୟୂରଭଞ୍ଜର ଐତିହ୍ୟ ଉଦ୍‌ଘାଟନ କରିବାକୁ ଆସିଥିଲେ ।) କାମାକ୍ଷା ପ୍ରସାଦ ଏପ୍ରିଲ ୧୯୨୫ରେ ଚିରନିଦ୍ରା ଯିବା ପୂର୍ବରୁ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କୁ ମୟୂରଭଞ୍ଜର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଦାୟିତ୍ୱ ରମାପ୍ରସାଦଙ୍କୁ ଅର୍ପଣ କରିବାକୁ ପରାମର୍ଶ ଦେଇଥିଲେ । ତେଣୁ ଚାନ୍ଦ ବାରିପଦା ଆସିବା ସଙ୍ଗେ ସଙ୍ଗେ ନିଜର ଅସୁସ୍ଥତା ସତ୍ତ୍ୱେ କାମାକ୍ଷାପ୍ରସାଦ ତାଙ୍କୁ ସାରା ରାଜ୍ୟ ବୁଲାଇ ଦେଖାଇବା ନୈତିକ ଦାୟିତ୍ୱ ବୋଲି ଗ୍ରହଣ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଓ କାମାକ୍ଷାପ୍ରସାଦ ବୋଷଙ୍କ ଅପୂରଣୀୟ ପରିକଳ୍ପନାର ବାସ୍ତବ ରୂପାନ୍ତର ଓ ଭଞ୍ଜ ବଂଶ ଇତିହାସର ରହସ୍ୟ ଉନ୍ମୋଚନ ଦିଗରେ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ଆଗ୍ରହର ପରିପୂର୍ଣ୍ଣତା ଦିଗରେ ରମାପ୍ରସାଦ ଚାନ୍ଦଙ୍କ ବାରିପଦା ଆଗମନ ତ୍ରିବେଣୀ ସଂଗମ ପରି କାର୍ଯ୍ୟ କଲା । ତେଣୁ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ଥିଲା ମୟୂରଭଞ୍ଜର ପ୍ରତ୍ନତତ୍ତ୍ୱ ଓ ଇତିହାସ ପାଇଁ ନୂତନ ମାର୍ଗ ଦର୍ଶନର ମାହେନ୍ଦ୍ରବେଳା ।

ଖ୍ରୀ. ୧୯୨୨-୨୩ରେ ରମାପ୍ରସାଦ ଚାନ୍ଦ ଖିଚିଂ ଓ ଅନ୍ୟାନ୍ୟ ଐତିହାସିକ ସ୍ଥାନ ପରିଦର୍ଶନ କଲା ପରେ ଭାରତୀୟ ସର୍ବେକ୍ଷଣ ରିପୋର୍ଟରେ ଏକ ବିବରଣୀ ପ୍ରକାଶ କରିଥିଲେ । ଟିକେଲଙ୍କ ରିପୋର୍ଟରେ ଷାଠିଏ ପୁଷ୍କରିଣୀ ଓ ଷାଠିଏ ମନ୍ଦିର ମଧ୍ୟରୁ ଦୁଇଟି ମନ୍ଦିରର ସ୍ୱତନ୍ତ୍ର ଉଲ୍ଲେଖ ଥିଲା । ବେଗଲାର ସ୍ତମ୍ଭ ପରିପୂର୍ଣ୍ଣ କକ୍ଷ, ବୈଷ୍ଣବ ଓ ଶୈବ ମନ୍ଦିର, ବୌଦ୍ଧସ୍ତୂପ ଓ ପ୍ରତିମା ଆଦି ବିଷୟ ବର୍ଣ୍ଣନା କରିଥିଲେ । ନଗେନ୍ଦ୍ରନାଥ ବସୁଙ୍କ ପରିକଳ୍ପିତ ଖିଚିଂ ଗ୍ରନ୍ଥ ପ୍ରକାଶିତ ନ ହୋଇ ରହିଗଲା । ଚାନ୍ଦଙ୍କ ରିପୋର୍ଟ (୧୯୨୨-୨୩) ବିଶେଷ ଭାବରେ ଖିଚିଂର ମହତ୍ତ୍ୱ ପ୍ରତିପାଦିତ କରିବାପାଇଁ ଉଦ୍ଦିଷ୍ଟ ଥିଲା । ସେ ବିରାଟଗଡ଼ ଓ କୀଚକଗଡ଼ ଦୁର୍ଗର ଭଗ୍ନାବଶେଷ ଓ ଠାକୁରାଣୀବେଢ଼ାର

Digitized by PPRACHIN, SOA

ମନ୍ଦିର ତଥା କଳା ସ୍ଥାପତ୍ୟ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ବେଢ଼ା ଭିତରେ ଏକ ଉଚ୍ଚସ୍ଥାନରେ ଇଷ୍ଟକ ନିର୍ମିତ ପ୍ରାଚୀନ ମନ୍ଦିରରେ ଭଞ୍ଜମାନେ କୁଳଦେବୀ ଚାମୁଣ୍ଡା ଖିଜିଙ୍ଗେଶ୍ୱରୀଙ୍କ ପୂଜା ଆରାଧନା କରୁଥିବାର ସେ ସ୍ୱଚକ୍ଷୁରେ ଦେଖିଥିଲେ । ଖିଜିଙ୍ଗେଶ୍ୱରୀଙ୍କ ପୂଜାପୀଠ ନିକଟରେ ଚାରିକାନ୍ଥ ବିଶିଷ୍ଟ ଅସଂପୂର୍ଣ୍ଣ ଖଣ୍ଡିଆ ଦେଉଳର ଚତୁଷ୍କୋଣ ଆକାରର ଗର୍ଭଗୃହ ସେ ଲକ୍ଷ୍ୟ କରିଥିଲେ । ମନ୍ଦିରଟି କାହିଁକି ଅସଂପୂର୍ଣ୍ଣ ଥିଲା, ଏହା ସେ ବୁଝିପାରି ନ ଥିଲେ । ଯଦି ରାଜବଂଶରେ କୌଣସି ଆକସ୍ମିକ ଦୁର୍ଘଟଣା ପାଇଁ ମନ୍ଦିର ସଂପୂର୍ଣ୍ଣ ହୋଇପାରି ନ ଥିଲା ତେବେ ସେଥିର ପ୍ରାମାଣିକ ତଥ୍ୟ ସେ କୌଣସିଠାରୁ ପାଇ ନ ଥିଲେ । ଖଣ୍ଡିଆ ଦେଉଳର ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ପଡ଼ିଥିଲା ଅସଂଖ୍ୟ କ୍ଷୁଦ୍ରବୃହତ୍ ପ୍ରତିମା ଓ କଳାକୃତିର ପଥରଖଣ୍ଡମାନ । ଲକ୍ଷ୍ୟ କରି ଦେଖିଲେ ଯେ ପ୍ରତିମାଗୁଡ଼ିକ ବ୍ରାହ୍ମଣ୍ୟ, ବୌଦ୍ଧ ଓ ଜୈନଧର୍ମ ସହ ସଂପୃକ୍ତ । ବେଢ଼ା ଭିତରେ ଥିବା ତିନୋଟି ଶିବ ମନ୍ଦିର–ଧବଳେଶ୍ୱର, ଜଟେଶ୍ୱର ଓ ସିଦ୍ଧେଶ୍ୱରଙ୍କର ପୂଜା ପାଇଁ ଉଦ୍ଦିଷ୍ଟ ଥିଲା । ଚନ୍ଦ୍ରଶେଖର ମନ୍ଦିର ପଛପଟକୁ ଝୁଙ୍କି ପଡ଼ିଥିବାର ସେ ଦେଖିଥିଲେ । ଠାକୁରାଣୀବେଢ଼ାର ଅନତିଦୂରରେ ଥିଲା ନାନା କଳାସ୍ଥାପତ୍ୟରେ ବିମଣ୍ଡିତ କ୍ଷୁଦ୍ରକାୟ ନୀଳକଣ୍ଠେଶ୍ୱର ଶିବ ମନ୍ଦିର । ଏହା ଭଗ୍ନ ଅବସ୍ଥାରେ ଥିଲା ଏବଂ ସ୍ଥାନୀୟ ଲୋକମାନେ ଏହାକୁ କୁଟାଇତୁଣ୍ଡୀ ମନ୍ଦିର ବୋଲି ଜାଣିଥିଲେ । ଖଇରଭଣ୍ଡନ ନଦୀ କୂଳରେ ଓ ବିରାଟଗଡ଼ ସଂଲଗ୍ନରେ ଏହା ଅବସ୍ଥିତ ଥିଲା । ଖିଜିଙ୍ଗକୋଟ୍ଟର ତୁଙ୍ଗ ମୁହୂର୍ତ୍ତରେ ଏହାର ନିର୍ମାଣ କାଳ ବୋଲି ତାଙ୍କ ଅଭିମତ ଥିଲା । ଖ୍ରୀ. ୧୩୬୦-୬୧ ପରେ ଭଞ୍ଜମାନେ ଅନ୍ୟତ୍ର ଚାଲିଯିବା ଫଳରେ ସେଠାରେ ଆଉ କୌଣସି ନିର୍ମାଣ କାର୍ଯ୍ୟ ହୋଇ ନ ଥିଲା ।

ରମାପ୍ରସାଦ ମହାରାଜାଙ୍କ ଅନୁରୋଧ ରକ୍ଷାକରି ଓ ପ୍ରତ୍ନତତ୍ତ୍ୱ ବିଭାଗର ସର୍ବୋଚ୍ଚକର୍ତ୍ତା ସାର୍ ଜନ୍ ମାର୍ଶାଲଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ଆସିଥିଲେ । ମୟୂରଭଞ୍ଜର ଭଞ୍ଜବଂଶ ଓ ତାଙ୍କର ପ୍ରାଚୀନ ରାଜଧାନୀ ଶୀର୍ଷକ ଏକ ପୁସ୍ତିକା ସେ ପ୍ରଣୟନ କରିଥିଲେ । ତରୁଣ ମହାରାଜା ଖିଚିଂର ପ୍ରତ୍ନତାତ୍ତ୍ୱିକ ଭୂଖୋଦନରେ ବିଶେଷ ଆଗ୍ରହୀ ଥିଲେ । ତେଣୁ ତାଙ୍କ ନେତୃତ୍ୱରେ ଠାକୁରାଣୀବେଢ଼ାର ଭୂଖୋଦନ କାର୍ଯ୍ୟ ଆରମ୍ଭ ହେଲା । ପୁଣି ଖ୍ରୀ. ୧୯୨୪-୨୫ରେ ମଧ୍ୟ ଭୂଖୋଦନ କାର୍ଯ୍ୟ ସେ ପରିଚାଳନା କରିଥିଲେ । ଅନେକ ମନ୍ଦିରର ଭଗ୍ନାବଶେଷ, କାରୁକାର୍ଯ୍ୟ ସୁଶୋଭିତ ପ୍ରସ୍ତରଖଣ୍ଡ, ଦେବଦେବୀ ପ୍ରତିମା ସହିତ ଠାକୁରାଣୀ ମନ୍ଦିରର ଇଷ୍ଟକ ନିର୍ମିତ ଗର୍ଭଗୃହ ତଳେ ଥିବା ପୀଠସ୍ଥାନ ଖୋଳି ବାହାର କରାଗଲା । ଗର୍ଭଗୃହର ଚତୁଷ୍କୋଣ ୩୫ ଫୁଟ ବର୍ଗାକାର ଥିବାରୁ ସେ ତାହାକୁ ବୃହତ୍ ମନ୍ଦିର ଆଖ୍ୟା ଦେଇଥିଲେ । ସେଠାରେ ଏକ ବୃହତ୍ ଶିବ ପ୍ରତିମା ଥିବାର ସେ ଅନୁମାନ କରିଥିଲେ । ପରେ ଖ୍ରୀ. ୧୯୩୪ରେ ଭୂଖୋଦନ ସମୟରେ ସେହି ସ୍ଥାନରୁ ଏକ ସ୍ୱର୍ଣ୍ଣନିର୍ମିତ ନାଗ ଆବିଷ୍କୃତ ହୋଇଥିଲା ।

Digitized by PPRACHIN, SOA

ରାଜ୍ୟର ପ୍ରତ୍ନତତ୍ତ୍ୱବିଭାଗ ଦାୟିତ୍ୱରେ ରମାପ୍ରସାଦ ଅବୈତନିକ ଭାବରେ କିଛି ବର୍ଷ ରହିବାପରେ ପରମାନନ୍ଦ ଆଚାର୍ଯ୍ୟ Archaeologid scholar ଭାବରେ ଯୋଗ ଦେଇଥିଲେ । ସେ ପ୍ରଥମେ ଗବେଷଣା କାର୍ଯ୍ୟରେ ଚାନ୍ଦ ମହାଶୟଙ୍କ ସହାୟକ ଥିଲେ । କଲିକତା, ରାଞ୍ଚି ଓ ଲଣ୍ଡନରୁ ମୟୂରଭଞ୍ଜର ଇତିହାସ ସଂପର୍କୀୟ ଦଲିଲ ସଂଗ୍ରହ କରିବା ତାଙ୍କର କାର୍ଯ୍ୟ ଥିଲା । ଏହି କାର୍ଯ୍ୟ ଫଳରେ ରମାପ୍ରସାଦଙ୍କ ସଂପାଦନାରେ Selections from Official letters and Records ପ୍ରକାଶିତ ହୋଇଥିଲା । ଖିଚିଂରେ ଆବିଷ୍କୃତ କଳାକୃତିମାନ ସଂରକ୍ଷିତ କରିବା ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟ ସ୍ଥାପନ ପାଇଁ ଚାନ୍ଦ ମହାରାଜାଙ୍କୁ ପରାମର୍ଶ ଦେଇଥିଲେ । ତେଣୁ ଏକ ସ୍ଥାନୀୟ ସଂଗ୍ରହାଳୟ ସ୍ଥାପନ କରିବାର ଯୋଜନା ପ୍ରସ୍ତୁତ ହୋଇଥିଲା । ସେଥିପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା ମଧ୍ୟ ହୋଇଥିଲା । ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗର ସହକାରୀ ଅଧ୍ୟକ୍ଷ ଜେ. ଏ. ପେଜ୍ ଯେଉଁ ପରାମର୍ଶ ଦେଲେ ତଦନୁସାରେ ସଂଗ୍ରହାଳୟରେ ପ୍ରାଚୀନ ମୂର୍ତ୍ତି ଓ ଐତିହାସିକ ମୂଲ୍ୟ ଥିବା ପଦାର୍ଥମାନ ସଂରକ୍ଷିତ କରିବା ସହିତ ଭଗ୍ନମୂର୍ତ୍ତିମାନ ଯୋଡ଼ିବା ଏବଂ ନୂତନ ପ୍ରତିମା ସଂଗ୍ରହ କରିବାପାଇଁ ନୂତନ ସ୍ଥାନରେ ଭୂଖୋଦନ କରିବାର ଯୋଜନା ପ୍ରସ୍ତୁତ ହୋଇଥିଲା । ଏହି ସମୟରେ କାମାକ୍ଷାପ୍ରସାଦ ଘୋଷଙ୍କ ସୁପୁତ୍ର ଶୈଳେନ୍ଦ୍ରପ୍ରସାଦ ଘୋଷ (ବୀରବଲବାବୁ) ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗରେ ଯୋଗଦାନ କରିଥିଲେ ।

ଶୈଳେନ୍ଦ୍ରପ୍ରସାଦ ଘୋଷ (ବୀରବଲବାବୁ) ଖ୍ରୀ. ୧୯୨୪ରେ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ଦ୍ୱାରା ଘରୋଇ ବିଭାଗରେ ନିଯୁକ୍ତ ହୋଇଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ଓ ପରବର୍ତ୍ତୀ ମହାରାଜା ପ୍ରତାପଚନ୍ଦ୍ରଙ୍କର ସେ ବିଶେଷ ପ୍ରିୟ ଥିଲେ । ସଂଗୀତ, ବାଦ୍ୟ, ଯାତ୍ରା, ନାନା ପ୍ରକାର କ୍ରୀଡ଼ାରେ ତାଙ୍କର ଆଗ୍ରହ ଥିଲା । କେତେକ କ୍ଷେତ୍ରରେ ସେ ପାରଦର୍ଶିତା ମଧ୍ୟ ହାସଲ କରିଥିଲେ । ଅଳ୍ପ କିଛିଦିନ ପାଇଁ ବସ୍ତର ରାଣୀଙ୍କ ସ୍ୱକୀୟ ସହାୟକ ଭାବରେ ସେ ଜଗଦଳପୁରରେ ଅବସ୍ଥାପିତ ହୋଇଥିଲେ । କିନ୍ତୁ ପିତା କାମାକ୍ଷାପ୍ରସାଦଙ୍କ ମୃତ୍ୟୁ ପରେ ମହାରାଜା ତାଙ୍କୁ ବାରିପଦାରେ ପ୍ରତ୍ନତତ୍ତ୍ୱ ବିଭାଗର ତତ୍ତ୍ୱାବଧାରକ ପଦରେ ନିଯୁକ୍ତି ଦେଇଥିଲେ । ଏହି ନୂତନ ଦାୟିତ୍ୱ ସେ ଗ୍ରହଣ କରିଥିଲେ ଖ୍ରୀ. ୧୯୨୭ ଏପ୍ରିଲ ୧ ତାରିଖ ଦିନ । ପ୍ରତ୍ନତତ୍ତ୍ୱରେ ତାଙ୍କର ବିଶ୍ୱବିଦ୍ୟାଳୟ ଡିଗ୍ରୀ ନ ଥିଲେ ମଧ୍ୟ ଗଭୀର ଅଧ୍ୟବସାୟ ଓ ନିଷ୍ଠାପର ସାଧନା ଦ୍ୱାରା ସେ ଜଣେ ସଫଳ ପ୍ରତ୍ନତତ୍ତ୍ୱବିଦ୍ ହୋଇପାରିଥିଲେ । ପ୍ରଥମେ ତାଙ୍କୁ ପରମାନନ୍ଦ ଆଚାର୍ଯ୍ୟଙ୍କ ସହକାରୀ ଭାବେ କାର୍ଯ୍ୟ କରିବାକୁ ପଡ଼ିଥିଲା । ରମାପ୍ରସାଦ ଚାନ୍ଦ ଯେଉଁ ଭାବରେ ଆଚାର୍ଯ୍ୟଙ୍କୁ ଶିକ୍ଷାଦାନ କରିଥିଲେ ବୀରବଲବାବୁ ଶିକ୍ଷାନବିସ କାଳରେ ସେସବୁ ବିଦ୍ୟା ହାସଲ କରିପାରିଥିଲେ । ଅନେକ ଇତିହାସ ଗ୍ରନ୍ଥ ପାଠକରି ଓଡ଼ିଶା ତଥା ଭାରତର ଐତିହାସିକ ପରମ୍ପରା ସଂପର୍କରେ ଜ୍ଞାନ ଅର୍ଜନ କରିଥିଲେ । ହରିପୁରଗଡ଼ର ପ୍ରତ୍ନତାତ୍ତ୍ୱିକ ଭୂଖୋଦନ ଓ ସଂରକ୍ଷଣ ସେ ଅତି ସୁଚାରୁରୂପେ ସଂପନ୍ନ କରି ପ୍ରଶଂସାର ପାତ୍ର ହୋଇଥିଲେ ।

Digitized by PPRACHIN, SOA

ସେଥିପାଇଁ ତାଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା । ହରିପୁରଗଡ଼ର ଆଖପାଖ ଅଞ୍ଚଳ ଯଥା ବଇଦିପୁର, ପ୍ରତାପପୁର, ବଡ଼ସାହି, ପୋଡ଼ାଡିହା, ଉଦଳା, କପ୍ତିପଦା, ନାରାୟଣପୁର, ପଥୁରିଆଗଡ଼ ଓ କୁଟିଙ୍ଗ ପ୍ରଭୃତି ସ୍ଥାନ ସେ ବୁଲି ପ୍ରାକ୍ ଐତିହାସିକ ଯୁଗର ଅସ୍ତ୍ରମାନ ସଂଗ୍ରହ କରିଥିଲେ । ଖିଚିଂ, ବିରାଟଗଡ଼, ଇଟାମୁଣ୍ଡିଆ, କୀଚକଗଡ଼, ଚାଉଳକୁଞ୍ଜି, ଠାକୁରାଣୀମାଳ, ଶଙ୍ଖୁଆରାଜାରଗଡ଼, ଦେଢ଼ଶୁର-ଭାଇବୋହୂ ମନ୍ଦିର, କୁକୁଡ଼ାଗଡ଼, ସ୍ନୁକୁରୁଳି, ପାର୍ବତୀପୁର, ପାଁସି, ଉଲୟକୁଣ୍ଡି, ଖଣ୍ଡିଆଦର ଆଦି ଦେଖିବା ପରେ ମୟୂରଭଞ୍ଜର ପ୍ରତ୍ନତାତ୍ତ୍ୱିକ ସଂପଦ ବିଷୟରେ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ବୃଦ୍ଧି ପାଇଥିଲା । ରାଜ୍ୟର ଐତିହ୍ୟ ସଂରକ୍ଷଣରେ ସେ ମହାରାଜାଙ୍କ ଆଗ୍ରହର ଯଥାର୍ଥତା ଉପଲବ୍ଧି କରିଥିଲେ । ତେଣୁ ଖିଚିଂ ସଂଗ୍ରହାଳୟର ଯୋଜନା ପେଶ୍‌ସାହେବ ମହାରାଜାଙ୍କୁ ଦେବାପରେ ବୀରବଲବାବୁ ସେହି ଯୋଜନା କାର୍ଯ୍ୟକାରୀ କରିବାପାଇଁ ଖ୍ରୀ. ୧୯୨୮ରେ ନିଯୁକ୍ତ ହେଲେ ।

ମହାରାଜା ପୂର୍ଣ୍ଣଚନ୍ଦ୍ର ମାତ୍ର ଆଠବର୍ଷ ରାଜତ୍ୱ କରିଥିଲେ । ଅଳ୍ପଦିନ ମଧ୍ୟରେ ରାଜ୍ୟର ରାଜସ୍ୱ ପ୍ରାୟ ସାତଲକ୍ଷ ଟଙ୍କା ବୃଦ୍ଧି ପାଇଥିଲା । ବାରିପଦା ସହରରେ ପାଣିକଳ ଓ ବିଜୁଳି ଆଲୁଅର ବ୍ୟବସ୍ଥା ହୋଇଥିଲା । ହାଇସ୍କୁଲ ଗୃହର ସଂପ୍ରସାରଣ ହୋଇଥିଲା । ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ବ୍ୟାଣ୍ଡ ବାଦ୍ୟର ବ୍ୟବସ୍ଥା ସରକାର କରିଥିଲେ । ବାରିପଦା ଓ ରୁପ୍‌ସା ସହିତ ସଂଯୋଗକାରୀ ଅଣଓସାରିଆ ରେଳପଥକୁ ତାଡ଼ବଂଧ ପର୍ଯ୍ୟନ୍ତ ଓ ଟାଟା-ଗୋରୁମହିଷାଣି ରେଳପଥକୁ ବାଦାମପାହାଡ଼ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଥିଲା । ତାଙ୍କ ତତ୍ତ୍ୱାବଧାନରେ ପିତୃବ୍ୟ ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କ ପୁତ୍ର ପ୍ରଫୁଲ୍ଲ କୁମାର ଭଞ୍ଜଙ୍କ ବିବାହ ବସ୍ତର ରାଜକୁମାରୀଙ୍କ ସହିତ ସଂପନ୍ନ ହୋଇଥିଲା । ମହାରାଜା ଦୁଇଥର ବିଦେଶ ଭ୍ରମଣରେ ଯାଇଥିଲେ । ସେ ଭାରତୀୟ ଶାସକ ଗୋଷ୍ଠୀ ସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ । ହଠାତ୍ ୨୧ ଏପ୍ରିଲ ୧୯୨୮ରେ ବାଟଲାର କମିଟି ବୈଠକରେ ଯୋଗଦେବାପାଇଁ ବମ୍ବେ ନଗରୀରେ ଥିବା କାଳରେ ଧନୁଷ୍ଟଙ୍କାର ରୋଗରେ ଆକ୍ରାନ୍ତ ହେବାଦ୍ୱାରା ସେ ଶେଷନିଃଶ୍ୱାସ ତ୍ୟାଗ କଲେ । ତାଙ୍କ ମୃତ୍ୟୁସମ୍ବାଦ ସାରା ରାଜ୍ୟରେ ଶୋକର ଛାୟା ସୃଷ୍ଟି କଲା । ପୂର୍ଣ୍ଣଚନ୍ଦ୍ର ଜଣେ ଜନକଲ୍ୟାଣକାରୀ, ସହୃଦୟବାନ୍, ଆଦର୍ଶ ରାଜା ଥିଲେ । ତାଙ୍କ ମୃତ୍ୟୁରେ ମୟୂରଭଞ୍ଜର ଯେଉଁ ଅପୂରଣୀୟ କ୍ଷତି ହେଲା ତାହା ବର୍ଣ୍ଣନାତୀତ । ଏହା କହିବା ବାହୁଲ୍ୟ ମାତ୍ର ଯେ ପ୍ରତ୍ନତାତ୍ତ୍ୱିକ ଗବେଷଣାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ଅବିସ୍ମରଣୀୟ ହୋଇ ରହିଲା । ହରିପୁରଗଡ଼ର ସଂରକ୍ଷଣ, ଖିଚିଂର ଭୂଖୋଦନ, ଜୀର୍ଣ୍ଣମନ୍ଦିରର ପୁନରୁଦ୍ଧାର ଓ ସ୍ଥାନୀୟ ସଂଗ୍ରହାଳୟ ସ୍ଥାପନ ଦିଗରେ ତାଙ୍କର ଦୂରଦୃଷ୍ଟି ଓ ସଂସ୍କୃତି-ପ୍ରୀତି ଅତି ସ୍ପଷ୍ଟ ପ୍ରତିପାଦିତ ହୋଇଥିଲା । ତାଙ୍କ ସ୍ମୃତିରକ୍ଷାପାଇଁ ମହାରାଣୀ ତକତକୁମାରୀ ବାରିପଦାରେ ପୂର୍ଣ୍ଣଚନ୍ଦ୍ର ସ୍ମୃତିମନ୍ଦିର ନିର୍ମାଣ କରାଇଥିଲେ । ବାରିପଦା ସହର ଉପକଣ୍ଠରେ ଅବସ୍ଥିତ ପୂର୍ଣ୍ଣଚନ୍ଦ୍ର ଶିଳ୍ପ ସଦନ ମଧ୍ୟ ରାଣୀଙ୍କ ଆର୍ଥିକ ଅନୁଦାନରେ ସ୍ଥାପିତ ହୋଇଥିଲା ।

Digitized by PPRACHIN, SOA

ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ (ଖ୍ରୀ. ୧୯୨୮-୪୭)

ମହାରାଜା ପୂର୍ଣ୍ଣଚନ୍ଦ୍ର ସନ୍ତାନହୀନ ଥିବାରୁ ଅନୁଜ ପ୍ରତାପଚନ୍ଦ୍ର ଖ୍ରୀ. ୧୯୨୮ ଏପ୍ରିଲ ୨୩ ତାରିଖ ଦିନ ଗଦିନସିନ ହୋଇଥିଲେ । ସେ ଆଜମୀର ପ୍ରିନ୍ସ ମେୟୋ କଲେଜରେ ଓ ପରେ ଆଲାହାବାଦର ମୁର୍ ସେଣ୍ଟ୍ରାଲ କଲେଜରେ ଅଧ୍ୟୟନ କରିଥିଲେ । ଜଣେ କ୍ରୀଡ଼ାବିତ୍, ସଂଗୀତପ୍ରେମୀ, କଳାର ପୃଷ୍ଠପୋଷକ ଭାବରେ ତାଙ୍କର ଖ୍ୟାତି ଥିଲା । ଚିତ୍ରକଳା ଓ ନୃତ୍ୟ ପରି ବ୍ୟୋମଯାନ ଚଳାଇବାକୁ ସେ ଭଲ ପାଉଥିଲେ । ବ୍ରିଟିଶ ବାୟୁସେନାର ସେ ଥିଲେ ଅବୈତନିକ ଫ୍ଲାଇଟ୍ ଲେଫ୍‌ଟନାଣ୍ଟ୍ । ବ୍ରିଟିଶ ସମ୍ରାଟ ତାଙ୍କୁ ନାଇଟ୍ କମାଣ୍ଡର ଅଫ ଦି ମୋଷ୍ଟ ଏମିନେଣ୍ଟ ଅର୍ଡ଼ର ଅଫ ଇଣ୍ଡିଆନ୍ ଏମ୍ପାୟାର ଉପାଧି ପ୍ରଦାନ କରିଥିଲେ । ଭାରତୀୟ ରାଜାମାନଙ୍କ Chamber of Princes ର ସେ ଥିଲେ ଜଣେ ପ୍ରମୁଖ ସଦସ୍ୟ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ପଦ ସେ ଅଳଙ୍କୃତ କରିଥିଲେ । ସେ ରାଜ୍ୟର ଦେୱାନ ପଦରେ ସୁଯୋଗ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତ କରିଥିଲେ । ଯଥା ଡକ୍ଟର ପି.କେ.ସେନ, ବାରିଷ୍ଟର କ୍ଷିତୀଶଚନ୍ଦ୍ର ନିୟୋଗୀ ଓ ମେଜର ବି.ପି. ପାଣ୍ଡେ ଇତ୍ୟାଦି । ସେମାନଙ୍କ ସହଯୋଗରେ ରାଜ୍ୟର ବହୁବିଧ ଉନ୍ନତି ସାଧନ ସମ୍ଭବ ହୋଇଥିଲା । ରାଜପୁତାନା ଅନ୍ତର୍ଗତ ସାହାପୁର ଷ୍ଟେଟର ରାଜଜେମାଙ୍କ ସହିତ ୧୯୨୫ ନଭେମ୍ବର ୨୫ ତାରିଖରେ ତାଙ୍କର ଶୁଭପରିଣୟ ହୋଇଥିଲା । ନୂତନ ବିଭାଗ ସୃଷ୍ଟି ସହିତ କୁଟୀରଶିଳ୍ପର ବିକାଶ, ଔଦ୍ୟୋଗିକ ଓ ଆର୍ଥନୀତିକ ସର୍ବେକ୍ଷଣ, ସମବାୟ ସମିତି ପ୍ରତିଷ୍ଠା ଆଦି ତାଙ୍କ ରାଜତ୍ୱରେ ସମ୍ଭବ ହୋଇଥିଲା । ବାରିପଦାରେ ଛାତ୍ରମାନଙ୍କୁ ବୈଷୟିକ ତାଲିମ ଦେବାପାଇଁ Industrial Institutes ସ୍ଥାପିତ ହୋଇଥିଲା । ସେଥିରେ ପ୍ରବୀଣ ଓ ଅଭିଜ୍ଞ ଶିକ୍ଷକମାନେ ନିଯୁକ୍ତ ହେଉଥିଲେ । ମୟୂରଭଞ୍ଜ ଛାପାଖାନାରେ ଆଧୁନିକତମ ଯନ୍ତ୍ର ସ୍ଥାପନ କରାଯାଇଥିଲା । ସେଥିରୁ ନିୟମିତ ଭାବରେ ମୟୂରଭଞ୍ଜ ଗେଜେଟ ପ୍ରକାଶିତ ହେଉଥିଲା । ରାଜ୍ୟ ସରକାରଙ୍କ ମୁଖ୍ୟ କାର୍ଯ୍ୟ ଓ ଯୋଜନାମାନ ପ୍ରକାଶ କରିବା ପାଇଁ ତାହା ଉଦ୍ଦିଷ୍ଟ ଥିଲା । ରାଜ୍ୟର ସଚିବାଳୟ, ପ୍ରଜାସଭା ଓ କେନ୍ଦ୍ର ପରିଷଦମାନ ପୁନର୍ଗଠିତ ହୋଇଥିଲା । ଶାସନକଳକୁ ଜନସାଧାରଣଙ୍କ ହିତ ସାଧନରେ ନିୟୋଜିତ କରିବାହିଁ ମହାରାଜାଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା । ପ୍ରତ୍ୟେକ ସମସ୍ୟା ଓ ଦୈନନ୍ଦିନ ଘଟଣାବଳୀ ସହିତ ମହାରାଜା ସଂପର୍କ ରଖୁଥିଲେ । ରାଜକର୍ମଚାରୀମାନେ କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉ ନ ଥିଲେ । ସେମାନଙ୍କୁ ପେନ୍‌ସନ୍ ଓ ଭବିଷ୍ୟନିଧି ଯୋଜନା ସୁବିଧା ମିଳୁଥିଲା । ସେମାନେ ଏକ ଚରିତ୍ର-ନିୟମାବଳୀ ଦ୍ୱାରା ପରିଚାଳିତ ହେଉଥିଲେ । ଖ୍ରୀ. ୧୯୪୫ରେ ଲୋକପ୍ରତିନିଧିମାନଙ୍କୁ ନେଇ କେନ୍ଦ୍ର ପରିଷଦ ସ୍ଥାପନ କରିବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ।

ଖ୍ରୀ. ୧୯୩୩ରେ Eastern States Agency ମାଧ୍ୟମରେ ତ୍ରିପୁରା, ମୟୂରଭଞ୍ଜ ଓ କୁଚବିହାରକୁ ଗଭର୍ଣ୍ଣର ଜେନେରାଲଙ୍କ ପ୍ରତ୍ୟକ୍ଷ ରାଜନୈତିକ କର୍ତ୍ତୃତ୍ୱାଧୀନରେ

Digitized by PPRACHIN, SOA

ରଖାଗଲା । ସେଥିପାଇଁ କଲିକତାରେ ସଦର କାର୍ଯ୍ୟାଳୟ ରହିଲା । ଖ୍ରୀ. ୧୯୪୪ରୁ ଏହି ରାଜ୍ୟଗୁଡ଼ିକର ପଦମର୍ଯ୍ୟାଦାରେ ଉନ୍ନତି ସାଧିତ ହୋଇଥିଲା ।

ମହାରାଜା ପ୍ରତାପଚନ୍ଦ୍ରଙ୍କ ସମୟରେ ରାଜ୍ୟରେ କେତେକ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ହୋଇଥିଲା । ସେଥିମଧ୍ୟରୁ ଖିଚିଂର ଖିଜିଙ୍ଗେଶ୍ୱରୀ ମନ୍ଦିର ସ୍ଥାପନ ସର୍ବଶ୍ରେଷ୍ଠ ଥିଲା । ମହାରାଜା ପୂର୍ଣ୍ଣଚନ୍ଦ୍ର ତାଙ୍କ ଜୀବଦ୍ଦଶାରେ ଖ୍ରୀ. ୧୯୨୪ରେ ପ୍ରତାପଚନ୍ଦ୍ରଙ୍କ ସହିତ ଖିଚିଂ ପରିଭ୍ରମଣରେ ଯାଇଥିଲେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଅନୁରୋଧକ୍ରମେ ଭଞ୍ଜବଂଶର ଅଧିଷ୍ଠାତ୍ରୀ ଦେବୀ ଖିଜିଙ୍ଗେଶ୍ୱରୀଙ୍କ ମନ୍ଦିର ନିର୍ମାଣ କରିବା ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ତାହା କଷ୍ଟସାଧ ତଥା ସମୟସାପେକ୍ଷ ଥିଲା ।

ଗାଦିଲାଭ କରିବାର ପରବର୍ଷ ମହାରାଜା ପ୍ରତାପଚନ୍ଦ୍ର ହରିପୁରଗଡ଼ର ପ୍ରତ୍ନତାତ୍ତ୍ୱିକ ଭୂଖୋଦନ କାର୍ଯ୍ୟ ଆରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟ ବୀରବଲବାବୁଙ୍କ ଦାୟିତ୍ୱରେ ଅର୍ପିତ ହୋଇଥିଲା । ବରାଦି ଅର୍ଥ ପର୍ଯ୍ୟାପ୍ତ ନ ହେଲେ ମଧ୍ୟ ସରକାରୀ ଯନ୍ତ୍ରୀଙ୍କୁ ସଙ୍ଗରେ ଘେନି ବୀରବଳବାବୁ କାର୍ଯ୍ୟାରମ୍ଭ କରିଥିଲେ । ରସିକରାୟ ମନ୍ଦିରର ପୁନରୁଦ୍ଧାର ଓ ରାଜମହଲର ବିଭିନ୍ନ ଅଂଶ ପରିଷ୍କାର ତଥା ସଂରକ୍ଷଣରେ ସେ ମନୋନିବେଶ କରିଥିଲେ । ବର୍ତ୍ତମାନ ହରିପୁରଗଡ଼ର ଅବଶେଷ ଦେଖିଲେ ମଧ୍ୟଯୁଗରେ ତା'ର ମନୋରମ ଅଟ୍ଟାଳିକା ଓ କାରୁକାର୍ଯ୍ୟ ଶୋଭିତ ମନ୍ଦିରଗୁଡ଼ିକର ସୌନ୍ଦର୍ଯ୍ୟ ଅବଧାରଣ କରିହୁଏ । ରାଜମହଲର ଆୟତନ ୧୨୦୦ X ୮୫୦ ଫୁଟ ଥିଲା । ବଡ଼ ବଡ଼ କୂପ ଓ ପୁଷ୍କରିଣୀ, ଉଦ୍ୟାନ ଏବଂ ସୁସଜ୍ଜିତ ବାସଗୃହର ଆଭାସ ମିଳେ । ପ୍ରଥମେ ରାଜପ୍ରାସାଦର ଦକ୍ଷିଣ ପାର୍ଶ୍ୱ ଓ ଅଭିଷେକ ମଣ୍ଡପ ଆଦି ସଂରକ୍ଷିତ ହୋଇଥିଲା । ଦକ୍ଷିଣ ଓ ପୂର୍ବ ପାର୍ଶ୍ୱରେ ଥିବା ଭୂତଳ କକ୍ଷମାନ ଆବିଷ୍କୃତ ହେଲାପରେ ରାଜପ୍ରାସାଦର ଚମତ୍କାରିତାର ସୂଚନା ମିଳିଲା । ବୀରବଲବାବୁଙ୍କ ପରାମର୍ଶ ଓ ଯୋଜନାନୁସାରେ ମହାରାଜାଙ୍କ ଅନୁମୋଦନ ମିଳିବାରୁ କାର୍ଯ୍ୟଟି ସୁଚାରୁ ଭାବରେ ସଂପୂର୍ଣ୍ଣ ହୋଇପାରିଲା । ସେ ସମୟରେ ପରମାନନ୍ଦ ଆଚାର୍ଯ୍ୟ ସମ୍ବଲପୁର, ମେଦିନୀପୁର ଓ କଲିକତାର ଅଭିଲେଖାଗାରମାନଙ୍କରେ କାର୍ଯ୍ୟରତ ଥିବାରୁ ହରିପୁରଗଡ଼ରେ ବେଶି ସମୟ ରହିପାରୁ ନ ଥିଲେ ।

ହରିପୁରଗଡ଼ ଦାୟିତ୍ୱ ବୀରବଳବାବୁ ସଫଳତାର ସହିତ ସଂପୂର୍ଣ୍ଣ କରିବା ପରେ ମହାରାଜା ତାଙ୍କୁ ଖିଚିଂର ଭୂଖୋଦନ ଓ ସଂରକ୍ଷଣ କାର୍ଯ୍ୟରେ ନିଯୁକ୍ତ କରିଥିଲେ । ପ୍ରଥମେ ସ୍ଥାନୀୟ ସଂଗ୍ରହାଳୟଟି କଚାଘର ବଦଳରେ ପକ୍କା ଗୃହକୁ ସ୍ଥାନାନ୍ତରିତ ହେଲା । ବୀରବଲବାବୁ ନିଜ ପରିବାର ସହ ଅରଣ୍ୟାନୀ ପରିବେଷ୍ଟିତ ଖିଚିଂ ଗ୍ରାମରେ ଖ୍ରୀ. ୧୯୨୭-୨୮ରୁ ଖ୍ରୀ. ୧୯୪୨ ପର୍ଯ୍ୟନ୍ତ ରହିଥିଲେ । ସ୍ଥାନୀୟ ରାଜକର୍ମଚାରୀମାନଙ୍କ ସହଯୋଗ ଓ ଅଧିବାସୀମାନଙ୍କ ସ୍ନେହମମତା ତାଙ୍କୁ ପ୍ରତିକୂଳ ପରିବେଶରେ ମଧ୍ୟ ଅଶେଷ ଆନନ୍ଦ ପ୍ରଦାନ କରୁଥିଲା । ନାନା ବାଧା-ବିଘ୍ନ ସତ୍ତ୍ୱେ ଚନ୍ଦ୍ରଶେଖର ମନ୍ଦିର ପୁନର୍ନିର୍ମାଣ, ନୀଳକଣ୍ଠେଶ୍ୱର ବା କୁଟାଇତୁଣ୍ଡୀ ମନ୍ଦିରର ସଂରକ୍ଷଣ ଏବଂ ବିରାଟ ମନ୍ଦିରର

Digitized by PPRACHIN, SOA

ନବନିର୍ମାଣରେ ସେ ଦୀର୍ଘ ପନ୍ଦରବର୍ଷ ଅତିବାହିତ କରିଥିଲେ । ସ୍ଥାନୀୟ କାରିଗରମାନଙ୍କୁ ପଥର ଖୋଦାଇ କାର୍ଯ୍ୟରେ ଶିକ୍ଷାଦାନଠାରୁ ଆରମ୍ଭ କରି, ଓଡ଼ିଶାର ଶିଳ୍ପ-ସ୍ଥାପତ୍ୟର ପରମ୍ପରାକୁ ଗଭୀର ଭାବେ ଅଧ୍ୟୟନ କରିବାରେ ସେ ସମୟର ସଦୁପଯୋଗ କରିଥିଲେ । ଖ୍ରୀ. ୧୯୩୧ରେ ଚନ୍ଦ୍ରଶେଖର ମନ୍ଦିରର ପୁନର୍ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । କୁଟାଇତୁଣ୍ଡୀ ମନ୍ଦିରର ସଂରକ୍ଷଣ ତାଙ୍କର ଏକ ମହତ୍ତ୍ୱପୂର୍ଣ୍ଣ କୃତି ଥିଲା । ଏହା ଖ୍ରୀ. ୧୯୩୨ରେ ସଂପୂର୍ଣ୍ଣ ହୋଇଥିଲା । ଜୀର୍ଣ୍ଣ ମନ୍ଦିରକୁ ଧୈର୍ଯ୍ୟ ସହକାରେ ଭୂତଳଶାୟୀ କରି ପୁଣି ଗୋଟିଏ ଗୋଟିଏ ପଥର ଯଥାସ୍ଥାନରେ ଯୋଡ଼ି ସେ ଯେଉଁ କଳା-କୌଶଳ ଓ ବୈଷୟିକ ଜ୍ଞାନର ପରିଚୟ ଦେଇଥିଲେ ତାହା ଅତୁଳନୀୟ ଥିଲା ।

ମହାରାଜା ପ୍ରତାପଚନ୍ଦ୍ରଙ୍କ ଶାସନକାଳର ଅନ୍ୟତମ ଶ୍ରେଷ୍ଠ କୃତି ଥିଲା ଖିଚିଂରେ ଖିଜିଙ୍ଗେଶ୍ୱରୀଙ୍କ ବୃହତ୍ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା । ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗର ଜେ. ଏ. ପେଜ୍ ନୂତନ ମନ୍ଦିରର ଯେଉଁ ନକ୍ସା ତିଆରି କରିଥିଲେ ତାହା ମହାରାଜାଙ୍କ ସ୍ୱୀକୃତି ଲାଭ କଲା ନାହିଁ । ସେ ଭୁବନେଶ୍ୱରରେ ଅବସ୍ଥିତ ବ୍ରାହ୍ମେଶ୍ୱର ମନ୍ଦିର ଅନୁକରଣରେ ନକ୍ସା ତିଆରି କରିଥିଲେ । ମହାରାଜାଙ୍କ ଆଦେଶରେ ଠାକୁରାଣୀଙ୍କ ପୁରୁଣା ପୀଠସ୍ଥଳୀ ଭାଙ୍ଗି ଦିଆଗଲା । ବୀରବଲ୍ଲଭବାବୁଙ୍କୁ ଇଣ୍ଡୋ-ଏସିଆନ୍ ଶୈଳୀରେ ଓଡ଼ିଶାର ବିଶେଷତ୍ୱ ଥାଇ ଗୋଟିଏ ନୂତନ ନକ୍ସା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଗଲା । ତା ସହିତ ଗୋଟିଏ ଅବିକଳ ପଥର ମଡେଲ ମଧ୍ୟ କରିବାକୁ ମହାରାଜା ନିର୍ଦ୍ଦେଶ ଦେଲେ । ଖ୍ରୀ. ୧୯୩୩--୩୪ରେ ନକ୍ସା ପ୍ରସ୍ତୁତ ହେଲା । ତା ସହିତ ଆନୁମାନିକ ବ୍ୟୟ ଅଟକଳ ମଧ୍ୟ ପ୍ରସ୍ତୁତ ହେଲା । ମନ୍ଦିର କାର୍ଯ୍ୟ ସଂପୂର୍ଣ୍ଣ ହେବାକୁ ବାରବର୍ଷ ସମୟ ଲାଗିବାର ସମ୍ଭାବନା ଥିଲା । ଖ୍ରୀ. ୧୯୩୪ ମେ' ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ଅକ୍ଳାନ୍ତ ପରିଶ୍ରମ ଓ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଫଳରେ ଖ୍ରୀ. ୧୯୪୨ରେ ନିର୍ମାଣକାର୍ଯ୍ୟ ଶେଷ ହେଲା । ବର୍ତ୍ତମାନ ଖିଚିଂର ଖିଜିଙ୍ଗେଶ୍ୱରୀ ମନ୍ଦିର ଏକ ସଂପୂର୍ଣ୍ଣ ନୂତନ କୃତି । ଭଞ୍ଜ ରାଜବଂଶର କୁଳଦେବୀ ଖିଜିଙ୍ଗେଶ୍ୱରୀ ପ୍ରକୃତରେ ସପ୍ତମାତୃକା ଗୋଷ୍ଠୀର ଚାମୁଣ୍ଡା । ଏହି ମନ୍ଦିର ନିର୍ମାଣ ବୀରବଲ୍ଲଭବାବୁଙ୍କୁ ଦେଶବିଦେଶରେ ପରିଚିତ କରାଇଥିଲା । ଭଞ୍ଜବଂଶର ଗରିମା ଓ ମହାନ୍ ଐତିହ୍ୟର ପ୍ରତୀକ ଭାବେ ଖିଚିଂର ପୁନଃପ୍ରତିଷ୍ଠା କରିପାରିବାରୁ ମହାରାଜା ପ୍ରତାପଚନ୍ଦ୍ର ସର୍ବତ୍ର ଅଭିନନ୍ଦନର ପାତ୍ର ହୋଇଥିଲେ । ଖିଚିଂ ମନ୍ଦିରର ଉଚ୍ଚତା ୬୮ ଫୁଟ ଏବଂ ଏହା ନିର୍ମାଣରେ ରାଜ୍ୟ ସରକାରଙ୍କୁ ପ୍ରାୟ ଅଶୀହଜାର ଟଙ୍କା ବ୍ୟୟ କରିବାକୁ ପଡ଼ିଥିଲା । ଖିଚିଂ ମୟୂରଭଞ୍ଜ ତଥା ଓଡ଼ିଶାର ସଂସ୍କୃତିର ଏକ ପ୍ରାଣକେନ୍ଦ୍ର । ଏହାର ପ୍ରତ୍ନତତ୍ତ୍ୱ ଅତୀବ ପ୍ରାଚୀନ, ତେଣୁ ମହତ୍ତ୍ୱପୂର୍ଣ୍ଣ । ଖିଚିଂ ମନ୍ଦିର ଏବଂ ସଂଗ୍ରହାଳୟ ପର୍ଯ୍ୟଟକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ । ସଂଗ୍ରହାଳୟରେ ମୟୂରଭଞ୍ଜର ପ୍ରାଚୀନ ଓ ମଧ୍ୟଯୁଗୀୟ ଯେଉଁସବୁ ଉଲ୍ଲେଖନୀୟ ସାଂସ୍କୃତିକ କୃତିମାନ ସଂଗୃହୀତ ଓ ସୁରକ୍ଷିତ ହୋଇରହିଛି ତାହା ଅତୀତ ଗୌରବ ଓ ଉନ୍ନତ ସଭ୍ୟତାର ଉଜ୍ଜ୍ୱଳ ନିଦର୍ଶନ ।

Digitized by PPRACHIN, SOA

ପ୍ରତାପଚନ୍ଦ୍ରଙ୍କ ନାନାବିଧ ଉନ୍ନତିମୂଳକ କାର୍ଯ୍ୟ ମଧ୍ୟରେ ଉଲ୍ଲେଖନୀୟ ଥିଲା ବିଚାର ବିଭାଗରେ ହାଇକୋର୍ଟ ପ୍ରତିଷ୍ଠା ଓ କୁଟୀରଶିଳ୍ପ କ୍ଷେତ୍ରରେ ଶିଳ୍ପ, କୃଷି ଓ ସମବାୟ ବିଭାଗମାନ ସ୍ଥାପନ କରିବା । କୁଟୀର ଶିଳ୍ପ ଦ୍ୱାରା ଟସରଚାଷର ସବିଶେଷ ଉନ୍ନତି ସାଧନ ହୋଇପାରିଥିଲା । ପୂର୍ଣ୍ଣଚନ୍ଦ୍ର ଶିଳ୍ପସଦନରେ ଦରି, ଗାଲିଚା, ଚେୟାର ଆଦି ପ୍ରସ୍ତୁତ ହେଉଥିଲା । ରାଜ୍ୟରେ ଅନେକ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହେବାରୁ ଶିକ୍ଷାର ପ୍ରସାର ହୋଇଥିଲା । ସ୍ୱାସ୍ଥ୍ୟ ଓ ଚିକିତ୍ସା ଦିଗରେ ବିଶେଷ ପଦକ୍ଷେପ ଥିଲା ଠାକୁରମୁଣ୍ଡା, ବୈଶିଙ୍ଗା ଓ ବଡ଼ସାହିର ଚିକିତ୍ସାଳୟ ସ୍ଥାପନ । କୁଷ୍ଠରୋଗ ନିରାକରଣ ପାଇଁ ଜଣେ କୁଷ୍ଠରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ଅନ୍ୟତମ କଲ୍ୟାଣକାରୀ ପଦକ୍ଷେପ ଥିଲା । ବାରିପଦାରେ ପାନୀୟ ଜଳଯୋଗାଣ ଓ ବିଜୁଳି ଆଲୁଅ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ହୋଇଥିଲା । ବାରିପଦା ହାଇସ୍କୁଲରେ ପ୍ରଦୀପ ନିବାସ, ସ୍ୱରୂପ ନିବାସ ଓ ନୂତନ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । ବାରିପଦାରୁ ଉଦଳା, କରଞ୍ଜିଆ, ରୁପ୍‌ସା ଆଦି ସ୍ଥାନ ସହିତ ଟେଲିଗ୍ରାଫ୍ ଯୋଗାଯୋଗ ଅନ୍ୟ ଏକ ଉନ୍ନତିମୂଳକ କାର୍ଯ୍ୟ ଥିଲା । ମହାରାଜାଙ୍କ ପୃଷ୍ଠପୋଷକତାରେ ଭଞ୍ଜ ପ୍ରଦୀପ (ଓଡ଼ିଆ ପତ୍ରିକା) ଓ Mayurbhanj Chronicle (ଇଂରାଜୀ) ପ୍ରକାଶ ପାଇଥିଲା । ପ୍ରଶାସନିକ ସଂସ୍କାର ଦୃଷ୍ଟିରୁ ରାଜ୍ୟ ସଚିବାଳୟକୁ ସୁସଂଗଠିତ କରିବାପାଇଁ ସୁଯୋଗ୍ୟ ଦେବାନ କ୍ଷିତୀଶଚନ୍ଦ୍ର ନିୟୋଗୀ ଓ ମେଜର ବିନ୍ଧେଶ୍ୱରୀ ପ୍ରସାଦ ପାଣ୍ଡେ ବିହିତ କାର୍ଯ୍ୟାନୁଷ୍ଠାନ କରିଥିଲେ ।

ମୟୂରଭଞ୍ଜ ବାହାରେ ମହାରାଜା ଯେଉଁସବୁ କଲ୍ୟାଣକର କାର୍ଯ୍ୟମାନ କରିଥିଲେ ସେଥିରେ ଉଲ୍ଲେଖଯୋଗ୍ୟ ଥିଲା ପୁରୀ ମନ୍ଦିରର ବିଜୁଳି ଆଲୁଅ ବ୍ୟବସ୍ଥା ପାଇଁ ଅନୁଦାନ ୧୦ ହଜାର ଟଙ୍କା, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରକାଶନ ପାଇଁ ୧୩ ହଜାର ଟଙ୍କା, କଟକ ସାହିତ୍ୟ ସମାଜକୁ ୩ ହଜାର ଟଙ୍କା, ବାଣପୁର ହାଇସ୍କୁଲକୁ ୫ ହଜାର ଟଙ୍କା, କଲିକତା ଓଡ଼ିଆ କ୍ଲବକୁ ୫ ଶହ ଟଙ୍କା ଓ ବିହାର ଭୂମିକମ୍ପକୁ ସାହାଯ୍ୟ ୧୨ ହଜାର ଟଙ୍କା ।

ମହାରାଜା ପ୍ରତାପଚନ୍ଦ୍ରଙ୍କ ରାଜତ୍ୱକାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାରତବର୍ଷ ଇତିହାସରେ ଘଟିଥିଲା । ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମ, ପ୍ରଜାମଣ୍ଡଳ ଆନ୍ଦୋଳନ, ଦ୍ୱିତୀୟ ବିଶ୍ୱଯୁଦ୍ଧ, ସ୍ୱାଧୀନତା ପ୍ରାପ୍ତି, ପ୍ରଜାତନ୍ତ୍ର ଶାସନ ପ୍ରତିଷ୍ଠା, ଓଡ଼ିଶା ପ୍ରଦେଶ ସହ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ଓ ଆଦିବାସୀ ଆନ୍ଦୋଳନ ଆଦି ବହୁ କ୍ରାନ୍ତିକାରୀ ରାଜନୈତିକ ପ୍ରବାହ ଦେଶର ପରିସ୍ଥିତିକୁ ସରଗରମ କରିରଖିଥିଲା । ଏସବୁ ଘଟଣା ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଆଲୋଚିତ ।

Digitized by PPRACHIN, SOA

ପଞ୍ଚମ ଅଧ୍ୟାୟ

ଆଦିବାସୀ ବିଦ୍ରୋହ

ଊନବିଂଶ ଓ ବିଂଶ ଶତାବ୍ଦୀରେ ମୟୂରଭଞ୍ଜର ଆଦିବାସୀମାନେ ଏକାଧିକବାର ବିପ୍ଳବାତ୍ମକ ପନ୍ଥା ଅନୁସରଣ କରିଥିଲେ । କୋହ୍ଲ ଓ ସାନ୍ତାଳମାନେହିଁ ଆଦିବାସୀମାନଙ୍କ ମଧ୍ୟରେ ମୁଖ୍ୟଧାରା ଗଠନ କରିଥିବାରୁ ବିଦ୍ରୋହରେ ସେମାନେ ନାନା ସମସ୍ୟାକୁ କେନ୍ଦ୍ରକରି ସକ୍ରିୟ ଅଂଶଗ୍ରହଣ କରିଥିବା ଲକ୍ଷ୍ୟ କରାଯାଏ । ଯେଉଁ ରାଜତନ୍ତ୍ର ଜନକଲ୍ୟାଣକାରୀ ରାଷ୍ଟ୍ରନୀତି ଅବଲମ୍ବନ କରିଥିବା ଯୋଗୁଁ ପ୍ରଶଂସାର ପାତ୍ର ସେ ପୁଣି ଆଦିବାସୀମାନଙ୍କ ବିଦ୍ରୋହର କାରଣ ହୁଏ କିପରି ? ଆଦିବାସୀମାନେ ଶିକ୍ଷାଲାଭରୁ ବଞ୍ଚିତ ହୋଇଥିଲେ ମଧ୍ୟ ସାମାଜିକ ଓ ରାଜନୈତିକ ଅନ୍ୟାୟ ବା ଶୋଷଣର ପ୍ରତିବାଦ କରିବାକୁ ଦୃଢ଼ପ୍ରତିଜ୍ଞ ଥିଲେ । ସମୟ ସମୟରେ ବିଦ୍ରୋହର ବିକଳ୍ପ ପନ୍ଥା ସେମାନଙ୍କପାଇଁ କିଛି ନ ଥିଲା । ରାଜନୀତିକ ପରିସ୍ଥିତିରେ କୌଣସି ଅକସ୍ମାତ୍ ପରିବର୍ତ୍ତନକୁ ସେମାନେ ସ୍ୱୀକାର କରିପାରୁ ନ ଥିଲେ । ଅନେକ ସମୟରେ ସେମାନଙ୍କର ସ୍ୱାଭାବିକ ପ୍ରତିକ୍ରିୟା ପରିପ୍ରକାଶରେ ବିଳମ୍ବ ଦେଖାଯାଉଥିଲା । ବାମନଘାଟି ସବ୍‌ଡିଭିଜନ ପ୍ରାୟ କୋହ୍ଲ ସଂପ୍ରଦାୟ ଦ୍ୱାରା ଅଧ୍ୟୁଷିତ । କଲିକତା ଓ ବମ୍ବେ ସହ ଯୋଗାଯୋଗ କରୁଥିବା ରାଜପଥ ପାଇଁ ବାମନଘାଟିର ଗୁରୁତ୍ୱ ଯଥେଷ୍ଟ ଥିଲା । ଏହାକୁ ଜ୍ୟାକ୍‌ସନ୍ ରୋଡ୍ କୁହାଯାଉଥିଲା । ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟର ଦୁର୍ଗମ ଅରଣ୍ୟ ଓ ଘାଟି ମଧ୍ୟ ଦେଇ ଏହା କଲିକତା, ନାଗପୁର ଏବଂ ବମ୍ବେର ସଂଯୋଗ ରେଖା ଥିଲା । ଏହି ରାଜପଥରେ ଡାକସରବରାହ, ବ୍ୟବସାୟ ଓ ସେନାବାହିନୀ ପରିଚାଳନା ସହଜ ହେଉଥିଲା । କୋହ୍ଲମାନେ ସମୟ ସମୟରେ ନିରୀହ ବ୍ୟବସାୟୀ ଅଥବା ସରକାରୀ ଡାକ ଲୁଟ କରିବାଦ୍ୱାରା ରାଜପଥର ନିରାପତ୍ତା ବିପନ୍ନ ହେଉଥିଲା । ଏହା ସରକାରଙ୍କ କର୍ତ୍ତୃତ୍ୱ ପ୍ରତି ଚରମ ଆହ୍ୱାନ ଥିଲା । ଶାନ୍ତି ଓ ନିରାପତ୍ତାକୁ ଇଂରେଜମାନେ ଶାସନର ପ୍ରାଥମିକ ଆବଶ୍ୟକତା ଓ କର୍ତ୍ତବ୍ୟରୂପେ ଗ୍ରହଣ କରିଥିଲେ । କୋହ୍ଲମାନେ ଆଦିମ, ଅଶିକ୍ଷିତ, ଦୁର୍ଦ୍ଧର୍ଷ ଓ ହିଂସ୍ର ଥିଲେ । ସେମାନଙ୍କ ବାସସ୍ଥାନକୁ ବାହାର ଲୋକର ଅନୁପ୍ରବେଶ ସହଜସାଧ୍ୟ ନ ଥିଲା । ଅନେକ ସମୟରେ ସେମାନେ ଦଳବଦ୍ଧ ଭାବରେ ନିକଟବର୍ତ୍ତୀ ଗ୍ରାମମାନ ଲୁଣ୍ଠନ କରି ଗୋସଂପଦ ଅପହରଣ କରୁଥିଲେ । ରାଜା ଦୁର୍ବଳ ହେଲେ ସେମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିଲା । ତେଣୁ ସାଧାରଣତଃ କୋହ୍ଲମାନେ ଅଣ-ଆଦିବାସୀ କୃଷକ ସମାଜରେ ଭୟ ସୃଷ୍ଟିର କାରଣ ହେଉଥିଲେ । ସେମାନଙ୍କର ପ୍ରଧାନ ଜୀବିକା ଥିଲା କୃଷି, ପଶୁପାଳନ ଓ ଶିକାର ।

Digitized by PPRACHIN, SOA

ଖ୍ରୀ. ୧୭୯୦-୯୧ରେ ମୟୂରଭଞ୍ଜ, କେନ୍ଦୁଝର ଓ ସିଂହଭୂମରେ ଥିବା କୋହ୍ଲମାନେ କୌଣସି ପ୍ରକାର କର ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ସେମାନଙ୍କର ରାଜାମାନେ ସିଂହଭୂମରେ 'ରାଜା' ଖରସୁଆଁରେ 'ଠାକୁର' ଓ ସରେଇକଳାରେ 'କୁଅଁର' ନାମରେ ପରିଚିତ ଥିଲେ । ଏସବୁ ସ୍ଥାନରେ ପରିସ୍ଥିତି କ୍ରମେ ଜଟିଳ ହୋଇଥିଲା । କିନ୍ତୁ ମୟୂରଭଞ୍ଜ ରାଜା ଅବସ୍ଥାକୁ ସମ୍ଭାଳି ନେଇଥିଲେ । ତାଙ୍କ ଅଧୀନରେ ଥିବା ଥୋଇପୀଢ଼, ଅଉଲାପୀଢ଼, ଭରଭରିଆ ପୀଢ଼ ଓ ଲାଲଗଡ଼ ପୀଢ଼ର ଲାର୍କା କୋହ୍ଲମାନେ ରାଜାଙ୍କ କର୍ତ୍ତୃତ୍ୱକୁ ସ୍ୱୀକାର କରିଥିଲେ । ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇଷ୍ଟଇଣ୍ଡିଆ କମ୍ପାନୀ ଲାର୍କା କୋହ୍ଲମାନଙ୍କ ସହିତ ମିତ୍ରଭାବାପନ୍ନ ହୋଇ ବାମନଘାଟି ବାଟରେ ମରହଟ୍ଟାମାନଙ୍କ ଆକ୍ରମଣକୁ ପ୍ରତିରୋଧ କରିବାର ଯୋଜନା କରିଥିଲେ । ନାଗପୁରରୁ ବଙ୍ଗଳା ଏବଂ ଉତ୍ତରପୂର୍ବ ଓଡ଼ିଶାର ସମୁଦ୍ର ଉପକୂଳରେ ଥିବା ବନ୍ଦରମାନ ଆକ୍ରମଣ କରିବାକୁ ତାହା ସୁବିଧାଜନକ ରାସ୍ତା ଥିଲା । ମରହଟ୍ଟାମାନେ ବାରମ୍ବାର ଏଇ ପଥଦେଇ ପୂର୍ବଭାରତ (ଓଡ଼ିଶା ଓ ବଙ୍ଗଳା)କୁ ଆକ୍ରମଣ କରୁଥିଲେ ।

ଆଦିବାସୀ ବିଦ୍ରୋହ, ୧୮୨୧

ଖ୍ରୀ. ୧୮୨୧ରେ ଲାର୍କା କୋହ୍ଲମାନେ ସେମାନଙ୍କର ଲୁଣ୍ଠନ ପରିସର ବୃଦ୍ଧି କରି ସିଂହଭୂମରେ ଥିବା ବ୍ରିଟିଶ ସୈନ୍ୟମାନଙ୍କ ଉପରେ ଆକ୍ରମଣ କଲେ । ସେମାନେ ନିୟମିତ ଖଜଣା ଦେଉ ନ ଥିବାରୁ ଏବଂ ଶୃଙ୍ଖଳିତ ଆଚରଣ ଗ୍ରହଣ କରୁ ନ ଥିବାରୁ ସେମାନଙ୍କ ବିରୋଧରେ ମେଜର ଇ. ରାଫସେଜ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରିତ ହୋଇଥିଲେ । କୋହ୍ଲମାନେ ରାଫସେଜଙ୍କ ନିର୍ଦ୍ଦେଶ ମାନି ନିୟମିତ ରୂପେ ସିଂହଭୂମ ରାଜା, ସରେଇକଳାର କୁଅଁର ଓ ଖରସୁଆଁର ଠାକୁରଙ୍କୁ ରାଜସ୍ୱ ଦେବେ ବୋଲି ପ୍ରତିଶ୍ରୁତିବଦ୍ଧ ହେଲେ । ଅତି ପ୍ରତିକୂଳ ପରିସ୍ଥିତିରେ ମଧ ସେମାନେ ରାଜପଥ ଅବରୋଧ ନ କରିବାକୁ ଓ ଯାତାୟାତରେ ସର୍ବସାଧାରଣଙ୍କ ଜୀବନକୁ ବିପନ୍ନ ନ କରିବାକୁ ପ୍ରତିଜ୍ଞା କଲେ । ଆବଶ୍ୟକ ହେଲେ ନିକଟସ୍ଥ ଇଂରେଜ ସାମରିକ ଅଫିସରଙ୍କୁ ଅଭିଯୋଗ ଜଣାଇବା ଉଚିତ ହେବ ବୋଲି ସେମାନଙ୍କୁ ବୁଝାଇ ଦିଆଗଲା । ଏହି ଘଟଣାରୁ କୋହ୍ଲମାନେ ଉପଲବ୍ଧି କଲେ ଯେ ଇଂରେଜମାନେ ହିଁ ସେମାନଙ୍କର ପ୍ରକୃତ ମାଲିକ ଓ କର୍ତ୍ତୃପକ୍ଷ, ରାଜାମାନେ ଏକ ଉପଲକ୍ଷ ମାତ୍ର । ବ୍ରିଟିଶ କର୍ତ୍ତୃପକ୍ଷ ପ୍ରତ୍ୟକ୍ଷ ଭାବରେ କୋହ୍ଲ ସମସ୍ୟାରେ ଜଡ଼ିତ ହୋଇଯିବାର ଏହା ପ୍ରଥମ ଦୃଷ୍ଟାନ୍ତ ଥିଲା । ମେଜର ରାଫସେଜ ଲକ୍ଷ୍ୟ କଲେ ଯେ, ମୟୂରଭଞ୍ଜ ରାଜା କଟକରେ ଅବସ୍ଥାପିତ ଗଡ଼ଜାତ ରାଜ୍ୟର ଅଧକ୍ଷଙ୍କ ଅଧୀନରେ ଥିବାରୁ କୋହ୍ଲପୀଢ଼ମାନଙ୍କୁ କଟକରୁ ଶାସନ କରିବା ଅପେକ୍ଷାକୃତ କଷ୍ଟକର ହେଉଅଛି । ତେଣୁ କୋହ୍ଲପୀଢ଼କୁ ମୟୂରଭଞ୍ଜ ଅଧୀନରୁ ବାହାର କରି ମେଦିନୀପୁରରୁ ନିୟନ୍ତ୍ରଣ ଓ ଶାସନ କରିବା ସହଜସାଧ ହେବ ବୋଲି ସେ ମତ ପ୍ରକାଶ କଲେ । ଜ୍ୟାକ୍‌ସନ୍ ରାଜପଥରେ ପରିଚାଳିତ ସରକାରୀ ଡାକ କୋହ୍ଲମାନଙ୍କ ଦସ୍ୟୁବୃତ୍ତି ଦୃଷ୍ଟିରୁ ନିରାପଦ କି ନୁହେଁ ଅନୁଧାନ କରିବାପାଇଁ ମେଦିନୀପୁର ଉପଯୁକ୍ତ ସ୍ଥାନ ଥିଲା । ମେଜର ରାଫସେଜଙ୍କ କାର୍ଯ୍ୟକ୍ରମରେ ଆଉ ଗୋଟିଏ ଲକ୍ଷ୍ୟ କରିବା ବିଷୟ ଥିଲା ମୟୂରଭଞ୍ଜ

Digitized by PPRACHIN, SOA

ରାଜାଙ୍କ ଅଧୀନରେ ବାମନଘାଟିର କୋହ୍ଲ ତଥା ଅନ୍ୟାନ୍ୟ ଆଦିବାସୀଙ୍କୁ ଶାସନ କରିବାକୁ ଜଣେ ଜମିଦାର ବା ସର୍ବରାକାର ଥିଲେ । ସେ ମୟୂରଭଞ୍ଜ ରାଜାଙ୍କ କର୍ତ୍ତୃତ୍ୱାଧୀନରେ ରହୁଥିଲେ ଓ ରାଜସ୍ୱ ପଇଠ କରୁଥିଲେ । ରାଫସେଜଙ୍କ ପ୍ରକ୍ରିୟାରେ ଉପରୋକ୍ତ ଜମିଦାରଙ୍କ କୌଣସି ଭୂମିକା ନ ଥିଲା । କୋହ୍ଲମାନଙ୍କୁ ପ୍ରତ୍ୟକ୍ଷ ଶାସନ ଅଧୀନରେ ରଖିଲେ ଭଲ ହେବ ବୋଲି ଭାବି ରାଫସେଜ ବାମନଘାଟି ଜମିଦାରଙ୍କୁ ହଜାରିବାଗରେ ଥିବା ଇଂରେଜ ପଲିଟିକାଲ ଏଜେଣ୍ଟଙ୍କ ଅଧୀନରେ ରଖିବା ବ୍ୟବସ୍ଥା କଲେ । ଅଥଚ ଜମିଦାରଙ୍କ ମାଲିକ ମୟୂରଭଞ୍ଜ ରାଜାଙ୍କ କର୍ତ୍ତୃପକ୍ଷ କଟକରେ ଅବସ୍ଥାପିତ ଥିଲେ । ରାଫସେଜଙ୍କ ନୂତନ ବ୍ୟବସ୍ଥାରେ ବାମନଘାଟି ଜମିଦାର ହଜାରିବାଗ ନିୟନ୍ତ୍ରଣରେ ଅଥଚ ଜମିଦାରଙ୍କ ରାଜା କଟକ ଅଧୀନରେ ରହିଲେ । ଏହି ଦ୍ୱିଶାସନ ବ୍ୟବସ୍ଥା ଦ୍ୱାରା ବାମନଘାଟି ଜମିଦାର ଦିନୁଦିନ ସ୍ୱାଧୀନ ଓ ଶୃଙ୍ଖଳାହୀନ ହୋଇପଡ଼ିଲେ । ଏହାର କୁପରିଣାମ କଟକ କମିଶନର ବ୍ଲଣ୍ଟ ଠିକ୍ ଭାବରେ ବୁଝିଥିଲେ । ତେଣୁ ସେ ବ୍ୟବସ୍ଥାକୁ ରଦ୍ଦ କରିବା ଅଥବା ମେଦିନୀପୁର ଅଧୀନରେ ମୟୂରଭଞ୍ଜକୁ ରଖିବା ପକ୍ଷରେ ଥିଲେ । ସେ ଯାହା ହେଉନା କାହିଁକି, ବାମନଘାଟି ପ୍ରଶ୍ନ ନେଇ ଓଡ଼ିଶା ଓ ମେଦିନୀପୁର ମଧ୍ୟରେ ଭୁଲ ବୁଝାମଣା ସୃଷ୍ଟି ହେବା ସ୍ୱାଭାବିକ ଥିଲା । ଦୁଇଜଣଙ୍କ ପ୍ରତିଦ୍ୱନ୍ଦ୍ୱିତା ଫଳରେ ଖ୍ରୀ. ୧୮୩୨ରେ କଟକ କମିଶନର ଷ୍ଟକ୍‌ୱେଲଙ୍କୁ ଏକ ଇସ୍ତାହାର ଘୋଷଣା କରିବାକୁ ପଡ଼ିଲା ।

ମୟୂରଭଞ୍ଜ ରାଜା ମଧ୍ୟ ଅତି ଅଡୁଆ ପରିସ୍ଥିତିରେ ପଡ଼ିଲେ । ବାମନଘାଟି ଜମିଦାର ଓ ତାଙ୍କ ଭିତରେ ଭୁଲ ବୁଝାମଣା ଦିନୁଦିନ ବୃଦ୍ଧି ପାଇଲା । ହଜାରିବାଗ କର୍ତ୍ତୃପକ୍ଷଙ୍କ ସାହସ ପାଇ ବାମନଘାଟି ଜମିଦାର ମୟୂରଭଞ୍ଜ ରାଜାଙ୍କ ପ୍ରତି ଅବଜ୍ଞାସୂଚକ ବ୍ୟବହାର ପ୍ରଦର୍ଶନ କଲେ । ଜମିଦାର ମାଧବ ଦାସମହାପାତ୍ର ଥିଲେ ନିରଞ୍ଜନ ଦାସମହାପାତ୍ରଙ୍କ ପୁତ୍ର । ସେ ଅଭିଯୋଗ ଆଣିଲେ ଯେ ମୟୂରଭଞ୍ଜ ରାଜା ଚକ୍ରାନ୍ତ କରି ତାଙ୍କ ପିତାଙ୍କଠାରୁ (ନିରଞ୍ଜନ ଦାସମହାପାତ୍ର) ୭୦୧ଟଙ୍କାର ଗୋଟିଏ କବୁଲିୟତ୍ ଲେଖାଇ ନେଇଅଛନ୍ତି ଏବଂ ସେ ପରିମାଣ ଟଙ୍କା କୋହ୍ଲମାନଙ୍କଠାରୁ ଆଦାୟ କରିବାପାଇଁ ରାମସିଂହ ଓ ଦୀନା ସିଂହ ନାମକ ଦୁଇଜଣ ଏଜେଣ୍ଟ ନିଯୁକ୍ତ କରିଅଛନ୍ତି । ସେ ନିଜେ ରାଜାଙ୍କୁ ୧୨୧ଟଙ୍କା ଦେବାକୁ ରାଜି ଥିଲେ, କିନ୍ତୁ ୭୦୧ଟଙ୍କା ନୁହେଁ । ଗୋଳମାଳ ସୃଷ୍ଟି ହେବାର ଆଶଙ୍କା କରି ମୟୂରଭଞ୍ଜ ରାଜା ଯେପରି କୋହ୍ଲମାନଙ୍କୁ ଉତ୍ପୀଡ଼ିତ ନ କରନ୍ତି ଏହା ଜଣାଇଦେବାକୁ ହଜାରିବାଗର ଏଜେଣ୍ଟ କଟକର କମିଶନରଙ୍କୁ ଏକ ପତ୍ର ଲେଖିଲେ । କୋହ୍ଲମାନେ ଜମିଦାର ମାଧବ ଦାସମହାପାତ୍ରଙ୍କୁ ନିୟମିତ ଖଜଣା ପଇଠ କରୁଥିବାରୁ ସେମାନେ ପୁଣି ରାଜାଙ୍କୁ କରଦେବା ଅନ୍ୟାୟ ହେବ ବୋଲି ପତ୍ରରେ ଯୁକ୍ତି କରାଯାଇଥିଲା । ମୟୂରଭଞ୍ଜ ରାଜାଙ୍କ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ମାଧବ ଦାସମହାପାତ୍ର ଓ ତାଙ୍କ ସମର୍ଥକମାନେ ହଜାରିବାଗ ଉପରେ ଦିନୁଦିନ ଚାପ ପକାଉଥିଲେ ।

Digitized by PPRACHIN, SOA

ବିଚକ୍ଷଣ ମାଧବଦାସ ମହାପାତ୍ର ଲେଫ୍‌ଟନାଣ୍ଟ୍ କର୍ଣ୍ଣେଲ ଗିଲ୍‌ବାର୍ଟଙ୍କ ମଧ୍ୟସ୍ଥତାରେ କଟକ କମିଶନରଙ୍କୁ ସ୍ୱୟଂ ଭେଟି ସବୁକଥା ଜଣାଇଲେ । ରାଜାଙ୍କ ବିରୋଧରେ ଲୁଣ୍ଠନ ଓ ଅତ୍ୟାଚାରର ଅଭିଯୋଗ ମଧ୍ୟ ଆଣିଲେ । ମାଧବ ଦାସମହାପାତ୍ର ଖଜଣା ଆଦାୟ ନ କରାଇବା ବ୍ୟବସ୍ଥା ଚାହୁଁଥିଲାବେଳେ ରାଜା ବାଲେଶ୍ୱର କଲେକ୍ଟରଙ୍କଠାରୁ ଏକ ପରୱାନା ତାଙ୍କ ବିରୋଧରେ ଆଣିଲେ । ଜମିଦାର ଯେପରି କୌଣସି ଗଣ୍ଡଗୋଳ ସୃଷ୍ଟି ନ କରନ୍ତି ଏହା ଥିଲା ପରୱାନାର ଉଦ୍ଦେଶ୍ୟ । ରାଜା ଓ ଜମିଦାର ଦୁହେଁ ଅତ୍ୟାଚାର ଅଭିଯୋଗ ପରସ୍ପର ବିରୋଧରେ ଆଣିଲେ । ଏହି ସମୟରେ ବାମନଘାଟି ଏକ କରମୁକ୍ତ ଜମିଦାରୀ ବୋଲି ମାଧବ ଦାସମହାପାତ୍ର ଘୋଷଣା କଲେ । ଅବସ୍ଥା ନିୟନ୍ତ୍ରଣ କରିବାକୁ ଗିଲ୍‌ବାର୍ଟ ରାମପୁର ସେନାବାହିନୀକୁ ବାମନଘାଟି ଅଧିକାର କରିବାପାଇଁ ପଠାଇଲେ । ଶେଷରେ ଏକ ସମାଧାନ ହେଲା । ସମାଧାନର ସୂତ୍ର ଅନୁଯାୟୀ ମାଧବ ଦାସମହାପାତ୍ର ଆସନ୍ତା ଦଶବର୍ଷ ପାଇଁ ବାର୍ଷିକ ଦେୟ ପାଞ୍ଚଶହ ଟଙ୍କା ରାଜାଙ୍କୁ ପଇଠ କରିବାକୁ ରାଜି ହେଲେ । କିନ୍ତୁ ରାଜା ଦୁଇହଜାର ଟଙ୍କା ଆଦାୟ କରିସାରିଥିବା ଦର୍ଶାଇ ମାଧବ ପ୍ରତିଶ୍ରୁତିରୁ କ୍ରମେ ଓହରି ଆସିଲେ । ତେଣୁ ପୁଣି ରାଜା ଓ ଜମିଦାର ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହେଲା । କୋହ୍ଲପୀଢ଼କୁ ଇଂରେଜ ସରକାର ଖ୍ରୀ. ୧୮୨୧ରେ ଅଧିକାର କରିଥିବାରୁ ମହାରାଜା ଯଦୁନାଥ ଭଞ୍ଜଙ୍କ ଉପରେ କୌଣସି ଦାବି ନ ଥିଲା ବୋଲି ମାଧବ ଦାସମହାପାତ୍ର ଯୁକ୍ତି କଲେ । ସେଥିପାଇଁ ହଜାରିବାଗର ପଲିଟିକାଲ ଏଜେଣ୍ଟ ମେଜର ମ୍ୟାକେଞ୍ଜିଙ୍କ ଠାରେ ଏକ ଦାବିପତ୍ର ଉପସ୍ଥାପନ କଲେ । ଏହା କରିବା ଫଳରେ ଜମିଦାର ଓ ରାଜାଙ୍କ ସଂପର୍କ ଅଧିକ ତିକ୍ତ ହୋଇପଡ଼ିଲା ।

ଖ୍ରୀ. ୧୮୩୧ରେ ଇଂରେଜ ସରକାରଙ୍କ ଆଦେଶକ୍ରମେ ପୂର୍ବୋକ୍ତ ଚାରି କୋହ୍ଲପୀଢ଼ କଟକ ଅଧୀନକୁ ହସ୍ତାନ୍ତରିତ ହେଲା । ବର୍ତ୍ତମାନ ମହାରାଜା ଯଦୁନାଥ ଭଞ୍ଜ ବାମନଘାଟି ପରିସ୍ଥିତିକୁ ନିଜେ ଅକ୍ତିଆର କରିବା କଥା ଚିନ୍ତା କଲେ । ସଡ଼େଇକଳାର ଶାସକ ଦ୍ୱାରା ମାଧବ ଦାସମହାପାତ୍ର ପ୍ରୋତ୍ସାହିତ ହେଉଥିବା ବିଷୟ ସେ କଟକ କମିଶନରଙ୍କୁ ଜଣାଇଲେ । ଯଦୁନାଥ ଭଞ୍ଜଙ୍କୁ କୌଣସି ପଦକ୍ଷେପ ନେବାକୁ ନିଷେଧ ଆଦେଶ ଦେଇ ସେ ଓ ମାଧବ ଖ୍ରୀ. ୧୮୩୨ ଜାନୁୟାରୀ ୧୦ ତାରିଖ ଦିନ ବାଲେଶ୍ୱରଠାରେ ତାଙ୍କୁ ଭେଟନ୍ତୁ ବୋଲି କମିଶନର ଷ୍ଟକ୍‌ୱେଲ ପତ୍ର ଲେଖିଲେ । ଜମିଦାର ଓ ରାଜା ପରସ୍ପର ସହିତ ସୁସଂପର୍କ ରଖନ୍ତୁ ଏବଂ ସରକାର ସେଥିରେ ହସ୍ତକ୍ଷେପ କରିବା ଅନୁଚିତ ବୋଲି ଷ୍ଟକୱେଲଙ୍କ ଅଭିମତ ଥିଲା । ତେଣୁ ମାଧବ ଦାସମହାପାତ୍ର ରାଜାଙ୍କୁ ଭେଟିବା ପାଇଁ ସେ ପରାମର୍ଶ ଦେଲେ । କିନ୍ତୁ ପରାମର୍ଶକୁ ବେଖାତିର କରି ମାଧବ ମାର୍ଚ୍ଚ ୧୧ ତାରିଖ ରାତିରେ ଅଦୃଶ୍ୟ ହୋଇଗଲେ । ବାମନଘାଟିରେ ପହଞ୍ଚି ସେ କୋହ୍ଲ ଏବଂ ଧାରୁଆ ସଂପ୍ରଦାୟର ଆଦିବାସୀମାନଙ୍କୁ ବିଶୃଙ୍ଖଳା ପାଇଁ ଉତ୍ସାହିତ କଲେ । ସରକାରୀ ଡାକର ନିରାପତ୍ତା ବିପନ୍ନ ହେଲା । ବାମନଘାଟିରେ ଶାନ୍ତିଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ମହାରାଜା ଯଦୁନାଥ ଭଞ୍ଜ ତାଙ୍କର ଦୁଇଭାଇଙ୍କୁ ନେଇ ମାଧବ ଦାସଙ୍କ ଅନ୍ୱେଷଣରେ

Digitized by PPRACHIN, SOA

ଲାଗିପଡ଼ିଲେ । ଘାଟି ସ୍ଥାନରେ ସୈନ୍ୟ ମୁତୟନ ହେଲା । ବାମନଘାଟିରେ ପୂର୍ଣ୍ଣ ଅରାଜକତା ଘୋଟିଗଲା । କୋହ୍ଲମାନଙ୍କ ବିଦ୍ରୋହ ମନୋବୃତ୍ତି ସରକାରୀ ଡାକ ସରବରାହ ବ୍ୟବସ୍ଥାକୁ ବିପନ୍ନ କଲା । ଡାକବାଲାମାନେ ଖାଦ୍ୟ ସରଞ୍ଜାମ ପାଇବାରେ ଅସୁବିଧାର ସମ୍ମୁଖୀନ ହେଲେ । ଏହି ପରିସ୍ଥିତି ପାଇଁ ଷ୍ଟକୱେଲ ମାଧବ ଦାସମହାପାତ୍ରଙ୍କୁ ଦାୟୀ କରିଥିଲେ । ଜମିଦାର ଉପରେ ରାଜାର ପୂର୍ଣ୍ଣ କର୍ତ୍ତୃତ୍ୱ ରହିବା ଉଚିତ ଭାବି ସେ ରାଜା ଯଦୁନାଥ ଭଞ୍ଜଙ୍କୁ ସମର୍ଥନ ଜଣାଇଥିଲେ । ଏପ୍ରିଲ ମାସରେ ସରକାର ତାଙ୍କୁ ବାମନଘାଟିରେ ଅବସ୍ଥାର ଉନ୍ନତି ପାଇଁ ନିଜେ ଯିବା ଆବଶ୍ୟକ ବୋଲି ନିର୍ଦ୍ଦେଶ ଦେଲେ । ବ୍ରିଟିଶ ଶାସନାଧୀନ ଅଞ୍ଚଳକୁ ବିଦ୍ରୋହ ପ୍ରସାରିତ ହେଲେ ମେଦିନୀପୁରରେ ଥିବା ସେନାବାହିନୀକୁ ସେ ବ୍ୟବହାର କରିପାରିବାର ଅନୁମୋଦନ ମିଳିଲା । ମେଦିନୀପୁର ଓ ସମ୍ବଲପୁରର ଯୋଗାଯୋଗ ବିଚ୍ଛିନ୍ନ ହେଲେ ଓ ଶାନ୍ତି ସ୍ଥାପନର ଅନ୍ୟ ବିକଳ୍ପ ପନ୍ଥା ନ ଥିଲେ ସେ ସେନାବାହିନୀକୁ ବିନିଯୋଗ କରିବାର କ୍ଷମତା ପାଇଲେ ।

ଏପ୍ରିଲ ୨୩ ତାରିଖରେ ଷ୍ଟକୱେଲ ଜୋକା ନାମକ ସ୍ଥାନରେ ପହଞ୍ଚିଲେ । ମାତ୍ର ଅଳ୍ପଦିନ ପୂର୍ବରୁ (୧୦ ଏପ୍ରିଲ) ସେଠାରେ ମାଧବ ଦାସଙ୍କ ସମର୍ଥକମାନେ ସରକାରୀ ଡାକ ଲୁଣ୍ଠନ କରିଥିଲେ । ଷ୍ଟକୱେଲ ଯେଉଁମାନଙ୍କ ଦାୟିତ୍ୱରେ ମାଧବ ଦାସଙ୍କ ଉଦ୍ଦେଶ୍ୟରେ ସରକାରୀ ଆଦେଶ ପଠାଇଥିଲେ ସେମାନଙ୍କୁ ଅପହରଣ କରିବା ପରେ ହତ୍ୟା କରାଯାଇଥିଲା । ସରଣ୍ଡା ବାଟ ଦେଇ ଅଗ୍ରସର ହେଲାବେଳେ ଷ୍ଟକୱେଲ ଅପହରଣ, ଧର୍ଷଣ ଓ ହତ୍ୟାର ଅନେକ ବୃତ୍ତାନ୍ତ ସ୍ୱଚକ୍ଷୁରେ ଦେଖିଲେ । ମାଧବ ସହିତ ଯୋଗାଯୋଗ ସ୍ଥାପନ କରିବା ଅସମ୍ଭବ ହେଲା । ତାଙ୍କ ସେନାବାହିନୀର ଗତିରୋଧ କରିବାକୁ କୋହ୍ଲମାନେ ପ୍ରଚେଷ୍ଟା କଲେ । ବିଦ୍ରୋହୀମାନେ ଅନେକ ନିରୀହ କୃଷକମାନଙ୍କୁ ଉତ୍ପୀଡ଼ିତ କରିବା ସଙ୍ଗେ ସେମାନଙ୍କ ବାସଗୃହରେ ଅଗ୍ନିସଂଯୋଗ ଓ ସଂପତ୍ତି ଲୁଣ୍ଠନ ସହିତ ମହିଳାମାନଙ୍କ ଉପରେ ଅତ୍ୟାଚାର କରିଥିବା ଦେଖି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଷ୍ଟକୱେଲ ନିଷ୍ପତ୍ତି ନେଲେ । ସରକାର ତାଙ୍କ ନିଷ୍ପତ୍ତିକୁ ଅନୁମୋଦନ କଲେ । ତା ସହିତ ହଜାରିବାଗରେ ଥିବା ପଲିଟିକାଲ ଏଜେଣ୍ଟ (ଉଇଲ୍‌କିନସନ୍)ଙ୍କ ସହିତ ଯୋଗାଯୋଗ ପାଇଁ ପରାମର୍ଶ ଦେଲେ । ସରକାର ଭାବୁଥିଲେ ଯେ ସିଂହଭୂମ, ସରେଇକଳା ଓ ଖରସୁଆଁର ଶାସକମାନେ ମାଧବ ଦାସମହାପାତ୍ରଙ୍କୁ ବିଦ୍ରୋହ ପଥରୁ ନିବର୍ତ୍ତାଇବାରେ ସଫଳ ହେବେ । ଉଇଲ୍‌କିନ୍‌ସନ୍‌ଙ୍କ ମତରେ ଜମିଦାର ଓ ରାଜାଙ୍କ ପରସ୍ପର ସମ୍ପର୍କରେ ପରିବର୍ତ୍ତନ ଓ ଉନ୍ନତି ଆବଶ୍ୟକ ଥିଲା । ତେଣୁ ସମାଧାନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ରାଜା ବାମନଘାଟି ଜମିଦାର ଓ କେତେଜଣ ମୁଖିଆ କୋହ୍ଲ ନେତାମାନଙ୍କୁ ଏକତ୍ରିତ କରିବାକୁ ସେ ପରାମର୍ଶ ଦେଲେ । ଜମିଦାରଙ୍କୁ ସନ୍ତୁଷ୍ଟ କରିବା ନୀତିକୁ ସରକାରୀ ସ୍ତରରେ ଉତ୍ସାହିତ କରୁଥିବାର ସୂଚନା ପାଇ ଷ୍ଟକୱେଲ ସ୍ତବ୍ଧ ଓ ଦୁଃଖିତ ହେଲେ । ତେଣୁ ଜୁନ ୧ ତାରିଖ ଦିନ ସେ ନିଜ ଦାୟିତ୍ୱରୁ ଇସ୍ତଫା ପ୍ରଦାନ କଲେ । ସରକାରୀ ନୀତି ସହିତ ସେ ଏକମତ ହୋଇପାରିଲେ ନାହିଁ ।

Digitized by PPRACHIN, SOA

ସରକାର କୋହ୍ଲମାନଙ୍କ ସହିତ ମୁହାଁମୁହିଁ ସଂଗ୍ରାମ ନୀତିକୁ ଉଚିତ ମନେକରୁ ନ ଥିଲେ । ତେଣୁ ଜମିଦାର ମାଧବ ଦାସଙ୍କୁ ବାମନଘାଟିରେ ପୁନଃ ଅବସ୍ଥାପିତ କରାଗଲା । ଚାରୋଟି କୋହ୍ଲପୀଢ଼ ମଧ୍ୟ ତାଙ୍କ ଅଧୀନରେ ରଖାଗଲା । ପରେ ଅନୁସନ୍ଧାନରେ ସ୍ଥିର ହେଲା ଯେ ଉକ୍ତ କୋହ୍ଲ ଅଧ୍ୟୁଷିତ ପୀଢ଼ମାନ ମୟୂରଭଞ୍ଜ ଅଧୀନରେ ରହିବା କଥା । ତେଣୁ ଜମିଦାର ରାଜାଙ୍କୁ ବାର୍ଷିକ ୧୦୧ଟଙ୍କା ସଲାମି ଦେବା ମଧ୍ୟ ସ୍ଥିର ହେଲା । ଖ୍ରୀ. ୧୮୩୨ ଜୁଲାଇ ୩୧ ତାରିଖ ଲିଖିତ ପତ୍ରରେ Court of Directorsଙ୍କୁ ସରକାର ଜଣାଇଲେ ଯେ, ମେ' ମାସରେ ଗଣ୍ଡଗୋଳ ସମାଧାନ ହେଲା । ଆମେ ଏପରି ଏକ ନିଷ୍ପତ୍ତି ଗ୍ରହଣ କରିଛୁଁ ଯାହା ଫଳରେ ଦୁଇପକ୍ଷର ଶତ୍ରୁତା ବନ୍ଦ ହେବ ଏବଂ ହିଂସା ଲୋପ ପାଇବ ।

କିନ୍ତୁ ପ୍ରକୃତରେ ରାଜା ଓ ଜମିଦାରଙ୍କ ମଧ୍ୟରେ ଶାନ୍ତି ସ୍ଥାପିତ ହେଲା ନାହିଁ । ଆଦିବାସୀମାନଙ୍କ ମଧ୍ୟରେ ପୁଣି ବିଶୃଙ୍ଖଳା ବ୍ୟାପିଲା । ଜମିଦାର ସଦାବେଳେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେଲେ । କୋହ୍ଲମାନଙ୍କୁ ବାରମ୍ବାର ପ୍ରୋତ୍ସାହିତ କଲାରୁ ପ୍ରତିକ୍ରିୟାସ୍ୱରୂପ ରାଜା ଦୃଢ଼ ପଦକ୍ଷେପ ନେଲେ । ଅଶାନ୍ତ ବାତାବରଣ ପ୍ରଶମିତ ହେଲା ନାହିଁ । ଉଭୟ ପକ୍ଷରୁ ପରସ୍ପର ବିରୋଧରେ ଅଭିଯୋଗପତ୍ରମାନ ସରକାରଙ୍କ ନିକଟରେ ପହଞ୍ଚିଲା । ସରକାର ଉଦାସୀନ ଓ ନିରପେକ୍ଷ ରହିଲେ । ପରିଶେଷରେ ଖ୍ରୀ. ୧୮୩୪ ଅଗଷ୍ଟ ମାସରେ ଅତିଷ୍ଠ ହୋଇ ମହାରାଜ ଯଦୁନାଥ ଭଞ୍ଜ ସୈନ୍ୟ ସହ ବାମନଘାଟି ଅଭିଯାନରେ ଗଲେ ଓ ମାଧବ ଦାସମହାପାତ୍ର, ତାଙ୍କ ପରିବାରର ଅନେକ ସଦସ୍ୟ ଏବଂ ଧାଙ୍ଗୁଆ ସଂପ୍ରଦାୟର ଅନେକ ବିଦ୍ରୋହୀଙ୍କୁ ବାମନଘାଟିରୁ ବହିଷ୍କାର କରିଥିଲେ । ମାଧବ ପ୍ରାଣ ଭୟରେ ଘାଟଶିଳାକୁ ପଳାୟନ କଲେ । ଅନେକ କୋହ୍ଲ ମଧ୍ୟ ବିତାଡ଼ିତ ହେଲେ ଏବଂ ରାଜା ବାମନଘାଟିରେ ନିଜ କର୍ତ୍ତୃତ୍ୱ ପ୍ରତିଷ୍ଠା କରିବାରେ ସଫଳ ହୋଇପାରିଲେ ।

ବାମନଘାଟି ବିଦ୍ରୋହରେ ସରେଇକଳା ରାଜାଙ୍କର ପ୍ରଚ୍ଛନ୍ନ ଓ ସକ୍ରିୟ ଭୂମିକା ଥିଲା । ସେ ମାଧବଦାସ ମହାପାତ୍ରଙ୍କୁ ସମର୍ଥନ କରୁଥିବାରୁ ଅବସ୍ଥା ଜଟିଳ ହୋଇଥିଲା । ସ୍ଥାନୀୟ କୋହ୍ଲମାନେ ବାଦୀ ଓ ପ୍ରତିବାଦୀ ଉଭୟଙ୍କ ଦ୍ୱାରା ବ୍ୟବହୃତ ହେଉଥିଲେ । କମିଶନର ହେନରୀ ରିକେଟସଙ୍କ ବିଶ୍ୱାସ ଥିଲା ଯେ ସରକାରୀ ସମର୍ଥନ ଲାଭ କଲେ କେବଳ ମୟୂରଭଞ୍ଜ ରାଜା ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ । ଉଇଲ୍‌କିନ୍‌ସନ୍ କିନ୍ତୁ ତାଙ୍କ ସହିତ ଏକମତ ହେଉ ନ ଥିଲେ । ସେ ଥିଲେ ମାଧବ ଦାସମହାପାତ୍ରଙ୍କ ସମର୍ଥକ । ପରିଶେଷରେ ରିକେଟ୍‌ସ ଏବଂ ଉଇଲ୍‌କିନ୍‌ସନ୍ ସ୍ଥିର କଲେ ଯେ କୋହ୍ଲପୀଢ଼କୁ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖିଲେ ସମସ୍ୟାର ପ୍ରକୃତ ସମାଧାନ ସମ୍ଭବ ହେବ । ମୟୂରଭଞ୍ଜରେ ବିଦ୍ରୋହୀ କୋହ୍ଲମାନଙ୍କୁ କଠୋର ଶାସ୍ତି ଦେବାକୁ ଉଇଲ୍‌କିନ୍‌ସନ୍ ପରାମର୍ଶ ଦେଇଥିଲେ । ଖ୍ରୀ. ୧୮୩୬ ଅଗଷ୍ଟ ମାସରେ ସରକାର ସେ ଦିଗରେ କାର୍ଯ୍ୟାନୁଷ୍ଠାନ କରିଥିଲେ । ଅପରାଧୀ କୋହ୍ଲମାନଙ୍କୁ

Digitized by PPRACHIN, SOA

ଶାସ୍ତିଦେବା ସହିତ ଅପହୃତ ତାଙ୍କ ସବୁ ଉଦ୍ଧାର କରାଗଲା । ମୁଣ୍ଡା ଓ କୋହ୍ଲ ସରଦାରମାନେ ଇଂରେଜ ସରକାର ସହିତ ଶାନ୍ତି ପ୍ରତିଷ୍ଠା ପାଇଁ ଚୁକ୍ତିବଦ୍ଧ ହେଲେ । ଯେଉଁ ଅପରାଧୀମାନଙ୍କ ବିରୋଧରେ ଦଣ୍ଡବିଧାନ କରାଗଲା ସେମାନେ ସମସ୍ତେ ମାଧବ ଦାସମହାପାତ୍ରଙ୍କ ଅନୁଗାମୀ ଥିଲେ । କୋହ୍ଲମାନଙ୍କ ମନୋବୃତ୍ତି ଲକ୍ଷ୍ୟକରି ଚାରି କୋହ୍ଲ ପୀଢ଼କୁ ସରକାର ନେଇ ସ୍ୱତନ୍ତ୍ର କୋହ୍ଲଣ ରାଜ୍ୟ ଗଠନ କଲେ । ତାହାର ଶାସନ ଦାୟିତ୍ୱ ସ୍ୱତନ୍ତ୍ର ଜଣେ ଇଂରେଜ ଅଫିସରଙ୍କୁ ନ୍ୟସ୍ତ କରାଗଲା ।

ଖ୍ରୀ. ୧୮୫୭ ବିଦ୍ରୋହ

ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଝଲକ ଖ୍ରୀ. ୧୮୫୭ରେ ଦେଖାଦେଇଥିଲା । ତାହା ବଙ୍ଗଳାର ଇଂରେଜ ସେନାବାହିନୀକୁ ପୂର୍ଣ୍ଣ ଭାବେ ପ୍ରଭାବିତ କରିଥିଲା । ସେହିପରି ପଶ୍ଚିମ-ଓଡ଼ିଶାର ସମ୍ବଲପୁର ମଧ ବିଦ୍ରୋହର ଅନ୍ୟ ଏକ କେନ୍ଦ୍ର ଥିଲା । ସେଠାକାର ବିଦ୍ରୋହୀ ନେତା ସୁରେନ୍ଦ୍ର ସାଏ ହଜାରିବାଗ ବନ୍ଦୀଶାଳାରୁ ମୁକ୍ତ ହୋଇ କେନ୍ଦୁଝର ପଥରେ ସମ୍ବଲପୁରରେ ପହଞ୍ଚିଥିଲେ । ଏହି ବିଦ୍ରୋହ ସହିତ ମୟୂରଭଞ୍ଜ ରାଜା ଯଦୁନାଥ ଭଞ୍ଜ ସଂପୃକ୍ତ ନ ଥିଲେ । ସେ ନିଜକୁ ବିଦ୍ରୋହ ପ୍ରଭାବରୁ ମୁକ୍ତ ରଖିପାରିଥିଲେ । ଇଂରେଜ ସରକାର କିନ୍ତୁ ଆଶଙ୍କା କରୁଥିଲେ ଯେ ଚାରି କୋହ୍ଲ ଅଧୁଷିତ ପୀଢ଼ ହରାଇଲା ପରେ ରାଜା ଅସନ୍ତୁଷ୍ଟ ଥିବାରୁ ବିଦ୍ରୋହରେ ଅବଶ୍ୟ ଯୋଗ ଦେବେ । କିନ୍ତୁ ଏହି ଆଶଙ୍କା ଅମୂଳକ ଥିଲା । ତେବେ ମହାରାଜାଙ୍କ ଜାମାତା ଅର୍ଜୁନ ସିଂହ ପୋଡ଼ାହାଟର ରାଜା ଥିଲେ ଏବଂ ତାଙ୍କର କେତେକ କ୍ରିୟାକଳାପ ବିଦ୍ରୋହକୁ ତେଜୀୟାନ୍ କରିଥିଲା ।

ଖ୍ରୀ. ୧୮୫୭ରେ ବଙ୍ଗଳାର ଦେଶୀୟ ସୈନ୍ୟମାନେ (Bengal Native Infantry) ମାନେ ବିଦ୍ରୋହ ଆରମ୍ଭ କଲାପରେ ରାଞ୍ଚି ଓ ହଜାରିବାଗର ସିପାହିମାନଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ । ସେମାନେ କାରାଗାର ଭାଙ୍ଗି ବନ୍ଦୀମାନଙ୍କୁ ମୁକ୍ତ କରିଥିଲେ । ସେହି ମୁକ୍ତବନ୍ଦୀମାନଙ୍କ ଭିତରେ ବୀର ସୁରେନ୍ଦ୍ର ସାଏ ଅନ୍ୟତମ ଥିଲେ । ପରିସ୍ଥିତି ବିପଜ୍ଜନକ ଥିବାରୁ ଚାଇବସାରେ ଥିବା Principal Assistant Commissioner ସଢ଼େଇକଳା ରାଜାଙ୍କୁ ଦାୟିତ୍ୱ ଅର୍ପଣ କରି ପ୍ରାଣରକ୍ଷା ଉଦ୍ଦେଶ୍ୟରେ ପଳାୟନ କଲେ । ଅବସ୍ଥା ଆୟତ୍ତାଧୀନ କରିବା ଉଦ୍ଦେଶ୍ୟରେ ସଢ଼େଇକଳା ରାଜା ସ୍ଥାନୀୟ ରାଜାମାନଙ୍କର ସହଯୋଗ ଲୋଡ଼ିବାରୁ ପୋଡ଼ାହାଟ ରାଜା ଅର୍ଜୁନ ସିଂହ ତାଙ୍କ ସହ ଏକମତ ହେଲେ ନାହିଁ । ସରକାରଙ୍କ ପ୍ରଶଂସାଭାଜନ ହେବା ଉଦ୍ଦେଶ୍ୟରେ ଚାଇବସାର ଲୁଣ୍ଠିତ ରାଜକୋଷର ଅର୍ଥ ଅନେକ ପରିମାଣରେ ଉଦ୍ଧାର କରି ସେ ନିଜ ପାଖରେ ସୁରକ୍ଷିତ ରଖିଲେ ଏବଂ କେତେକ ବିଦ୍ରୋହୀଙ୍କୁ ମଧ ବନ୍ଦୀ କରିଥିଲେ । ବିଦ୍ରୋହୀ ବନ୍ଦୀମାନଙ୍କୁ ନିଜ କର୍ତ୍ତୃତ୍ୱରେ ରଖିବାଦ୍ୱାରା ସରକାର ତାଙ୍କ ଉଦ୍ଦେଶ୍ୟକୁ ଭୁଲ ବୁଝିଲେ । ଆର. ସି. ବାର୍ଚ୍ଚ ସିଂହଭୂମ ଅଞ୍ଚଳରେ ବିଦ୍ରୋହ ଦମନ ଦାୟିତ୍ୱରେ ଥିଲେ । ସେ ସଢ଼େଇକଳା ରାଜାଙ୍କଠାରୁ ପୋଡ଼ାହାଟ ରାଜାଙ୍କ ବିରୋଧରେ ନାନା କଥା ଶୁଣି ବିଶ୍ୱାସ

Digitized by PPRACHIN, SOA

କରିବା ଦ୍ୱାରା ଅର୍ଜୁନ ସିଂହ ବିପଦରେ ପଡ଼ିଲେ । ବାର୍ଚ୍ଚଙ୍କ ମତରେ ଅର୍ଜୁନ ସିଂହ ଜଣେ ବିଦ୍ରୋହୀ ଥିଲେ । ଅର୍ଜୁନ ସିଂହଙ୍କୁ ସରକାରୀ ଅର୍ଥ ଶୀଘ୍ର ହସ୍ତାନ୍ତର କରିବାକୁ ବାର୍ଚ୍ଚ ନିର୍ଦ୍ଦେଶ ଦେଲେ । ଉକ୍ତ ନିର୍ଦ୍ଦେଶ ପାଳନରେ ବିଳମ୍ବ ହେବାରୁ ସେପ୍ଟେମ୍ବର ୨୩ ତାରିଖ ଦିନ ପୋଡ଼ାହାଟ ରାଜ୍ୟ ଖାସ ହେବା ଫଳରେ ଇଂରେଜ ସରକାରଙ୍କ ହାତକୁ ଗଲା । ଅର୍ଜୁନ ସିଂହଙ୍କୁ ବନ୍ଦୀ କରିପାରିଲେ ଏକହଜାର ଟଙ୍କା ପୁରସ୍କାର ଦେବା ସରକାରୀ ଘୋଷଣା ପ୍ରକାଶ ପାଇଲା । ନିଜ ଉପରିସ୍ଥ ଅଫିସର ଛୋଟନାଗପୁରର କମିଶନର କ୍ୟାପଟେନ୍ ଡାଲ୍‌ଟନ୍‌ଙ୍କ ଅନୁମତି ନ ନେଇ ଲେଫ୍ଟନାଣ୍ଟ ବାର୍ଚ୍ଚ ଏପରି ପଦକ୍ଷେପ ନେବା ଅନୁଚିତ ଥିଲା । ବାର୍ଚ୍ଚ ନିଜ କ୍ଷମତାର ସୀମା ଅତିକ୍ରମ କରିଥିଲେ ।

ସରେଇକଳା ରାଜାଙ୍କଠାରୁ ଦୂରରେ ରହିବା ଉଦ୍ଦେଶ୍ୟରେ ଅର୍ଜୁନ ସିଂହ ଚାଇବସା ନ ଯାଇ ରାଞ୍ଚି ଗଲେ ଓ ସେଠାରେ କମିଶନରଙ୍କ ନିକଟରେ ପୂର୍ବରୁ ଲୁଣ୍ଠିତ ଅର୍ଥ ଜମାଦେଲେ । ଯେଉଁ ବିଦ୍ରୋହୀମାନେ ତାଙ୍କ ସହିତ ଥିଲେ ସେମାନଙ୍କୁ ମଧ୍ୟ ଅର୍ଜୁନ ସିଂହ ହସ୍ତାନ୍ତର କଲେ । ବିଦ୍ରୋହୀମାନଙ୍କ ବିଚାର ପରେ ୪୩ ଜଣ ଫାଶୀଦଣ୍ଡ ପାଇଲେ । ଅର୍ଜୁନ ସିଂହଙ୍କ ଦେଓ୍ୱାନ ମଧ୍ୟ ମୃତ୍ୟୁଦଣ୍ଡ ପାଇଲେ । ବାର୍ଚ୍ଚଙ୍କ ଉପରେ ବିଶ୍ୱାସ ନ ଥିବାରୁ ଅର୍ଜୁନ ସିଂହ ପ୍ରାଣରକ୍ଷା ଆଶାରେ କୋହ୍ଲ ଅଧ୍ୟୁଷିତ ଅଞ୍ଚଳକୁ ପଳାୟନ କଲେ । ପରିସ୍ଥିତି ଦୃଷ୍ଟିରୁ ତାଙ୍କପାଇଁ ବିକଳ୍ପ ପନ୍ଥା କିଛି ନ ଥିଲା । କୋହ୍ଲମାନେ ତାଙ୍କୁ ଆଶ୍ରା ଓ ନିରାପତ୍ତା ଦେଲେ । ଖ୍ରୀ. ୧୮୫୮ ଜାନୁୟାରୀ ୧୪ ତାରିଖ ଦିନ ପ୍ରାୟ ତିନିହଜାର କୋହ୍ଲ ସିଂହଭୂମର କମିଶନର ଲୁସିଙ୍ଗଟନ୍‌ଙ୍କୁ ଗୋପନରେ ଅତର୍କିତ ଆକ୍ରମଣ କଲେ । ଲେଫ୍‌ଟନାଣ୍ଟ ବାର୍ଚ୍ଚ ମଧ୍ୟ ଶରବିଦ୍ଧ ହେଲେ । ଇଂରେଜସେନାକୁ ପଛକୁ ହଟିବା ବିନା ଅନ୍ୟ ଉପାୟ ନ ଥିଲା । ମାର୍ଚ୍ଚରେ ସୁଦ୍ଧା ବିଦ୍ରୋହୀମାନଙ୍କୁ ଆୟତ୍ତାଧୀନ କରିବା ସମ୍ଭବ ହେଲା ନାହିଁ । କେନ୍ଦୁଝର ଓ ସରେଇକଳା ରାଜାଙ୍କ ସାହାଯ୍ୟ ସତ୍ତ୍ୱେ ଇଂରେଜମାନେ ଅବସ୍ଥାରେ ଉନ୍ନତି ଆଣିପାରିଲେ ନାହିଁ । ଅର୍ଜୁନ ସିଂହଙ୍କ ନେତୃତ୍ୱରେ କୋହ୍ଲମାନେ ସଂଘବଦ୍ଧ ଭାବରେ ସଂଗ୍ରାମ ଚଳାଇଲେ । ତାଙ୍କୁ ବନ୍ଦୀ କରିବାରେ ଇଂରେଜ ସରକାର ବିଫଳ ହେଲେ । ତେଣୁ ପରିଶେଷରେ ମୟୂରଭଞ୍ଜର ରାଜା ଓ ଦେଓ୍ୱାନଙ୍କ ଜରିଆରେ ଆତ୍ମସମର୍ପଣ କରିବାକୁ ଅର୍ଜୁନ ସିଂହଙ୍କୁ ପରାମର୍ଶ ଓ ଚାପ ଦିଆଗଲା । ସମୟ ବିଶେଷରେ ରାଜା ଯଦୁନାଥ ଭଞ୍ଜଙ୍କ ବ୍ରିଟିଶ ଶାସନ ପ୍ରତି ଅନୁରକ୍ତିକୁ ସନ୍ଦେହ ଚକ୍ଷୁରେ ସରକାର ଦେଖିଲେ । ରାଜାଙ୍କ ପାଇଁ ଜାମାତାଙ୍କ ବିରୋଧରେ କାର୍ଯ୍ୟ କରିବା ଅନୈତିକ ଥିଲା । ଅର୍ଜୁନ ସିଂହଙ୍କ ରାଣୀ ସର୍ବଦା ତାଙ୍କ ସହିତ ବିଦ୍ରୋହୀମାନଙ୍କ ସଙ୍ଗେ ରହୁଥିଲେ । ସେମାନଙ୍କ ଗୁପ୍ତ ସ୍ଥାନର ସନ୍ଧାନ ମିଳିବା ଦୁଷ୍କର ଥିଲା । ରାଜା ଯଦୁନାଥ ଭଞ୍ଜଙ୍କୁ ଶେଷରେ ଇଂରେଜ ସେନାଛାଉଣୀରେ ରହିବାକୁ ପଡ଼ିଲା । ଅର୍ଜୁନ ସିଂହଙ୍କ ଅନ୍ୱେଷଣରେ ଥିବା ସିଂହଭୂମର ବରିଷ୍ଠ କମିଶନରଙ୍କ ସହିତ ରହିବା ସଙ୍ଗେ ସଙ୍ଗେ ଆତ୍ମସମର୍ପଣ କରିବାପାଇଁ ଜାମାତାଙ୍କୁ ପତ୍ରଦ୍ୱାରା ଅନୁରୋଧ ମଧ୍ୟ ସେ କରିଥିଲେ । ଫେବୃୟାରୀ ୧୫ ତାରିଖ ଦିନ ଅର୍ଜୁନ ସିଂହ ଆତ୍ମସମର୍ପଣ କଲେ । ଚକ୍ରଧରପୁରରେ

Digitized by PPRACHIN, SOA

ଅବସ୍ଥାପିତ କ୍ୟାପଟେନ୍ ଡାଲ୍‌ଟନ ତାଙ୍କର ବିଚାର କଲେ । ରାଞ୍ଚିରେ ମଧ୍ୟ ତାଙ୍କର ବିଚାର ହେଲା । ଶେଷରେ ମାସିକ ଦେଢ଼ଶହ ଟଙ୍କା ପେନ୍‌ସନ୍‌ରେ ତାଙ୍କୁ ବାରାଣସୀ ପଠାଇଦିଆଗଲା । ମୃତ୍ୟୁପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମୀ ବୀର ସେଠାରେ ରହିଲେ । ତାଙ୍କ ଆତ୍ମସମର୍ପଣରେ ଇଂରେଜ ସରକାରଙ୍କୁ ସହଯୋଗ କରିଥିବାରୁ ଏବଂ ଖ୍ରୀ. ୧୮୫୭-୫୮ର ବିଦ୍ରୋହକୁ ଆୟତ୍ତ କରିବାରେ ସାହାଯ୍ୟ କରିଥିବାରୁ ଯଦୁନାଥ ଭଞ୍ଜଙ୍କୁ ଖ୍ରୀ. ୧୮୬୦ରେ ସ୍ୱତନ୍ତ୍ର ସନନ୍ଦ ସହ 'ମହାରାଜା' ଉପାଧି ପ୍ରଦାନ କରାଯାଇଥିଲା ।

ମହାରାଜା ଯଦୁନାଥ ଭଞ୍ଜଙ୍କ ପାଇଁ ଖ୍ରୀ. ୧୮୫୭ର ବିଦ୍ରୋହ ଓ ତହିଁରେ କୋହ୍ଲମାନଙ୍କ ସହିତ ପୋଡ଼ାହାଟ ରାଜାଙ୍କ ଯୋଗଦାନ ଏକ ଧର୍ମସଂକଟ ସୃଷ୍ଟି କରିଥିଲା । ବହୁ ଧୈର୍ଯ୍ୟ ଓ ଚତୁରତା ସହିତ ସେ ନିଜର ଭୂମିକା ତୁଲାଇଥିଲେ ।

ବାମନଘାଟିରେ ପୁନର୍ବାର ବିଦ୍ରୋହ (୧୮୬୬)

ଖ୍ରୀ. ୧୮୬୩ରେ ମହାରାଜା ଯଦୁନାଥ ଭଞ୍ଜ ମୃତ୍ୟୁବରଣ କଲେ । ତାଙ୍କ ପୁତ୍ର ଏବଂ ଉତ୍ତରାଧିକାରୀ ଶ୍ରୀନାଥ ଭଞ୍ଜଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜରେ ପୁଣି ରାଜନୈତିକ ସଂକଟ ସୃଷ୍ଟି ହେଲା । ଆଦିବାସୀମାନେ ବାମନଘାଟି ଅଞ୍ଚଳରେ ପୁଣି ବିଦ୍ରୋହ କଲେ । ଶ୍ରୀନାଥ ଭଞ୍ଜ ଜଣେ ଅଯୋଗ୍ୟ ଶାସକ ଥିଲେ । ତୋଷାମୋଦକାରୀମାନଙ୍କ ଗହଣରେ ଓ ବିଳାସବ୍ୟସନରେ କାଳାତିପାତ କରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ପିତା ଯଦୁନାଥ ଭଞ୍ଜଙ୍କ ସଂପୂର୍ଣ୍ଣ ବିପରୀତ ଥିଲା ତାଙ୍କର ବ୍ୟକ୍ତିତ୍ୱ ଓ ଚରିତ୍ର । ଦୟାଳୁ ଓ ଦୁର୍ବଳମନା ହୋଇଥିବାରୁ ଅତି ସହଜରେ ସେ ଅନ୍ୟମାନଙ୍କ କୁଚକ୍ରର ଶରବ୍ୟ ହେଉଥିଲେ । ଦୁର୍ଭାଗ୍ୟକ୍ରମେ ସେତେବେଳେ ତାଙ୍କୁ ସଦୁପଦେଶ ଦେବାପାଇଁ ବା ରାଜ୍ୟ ଶାସନର ଦାୟିତ୍ୱ ବହନ କରିବାପାଇଁ ଯୋଗ୍ୟ ବ୍ୟକ୍ତି କେହି ନ ଥିଲେ । ଦୁର୍ନୀତିଗ୍ରସ୍ତ ଅମଲାମାନଙ୍କ ଦ୍ୱାରା ଶାସନକଳ ପରିପୂର୍ଣ୍ଣ ଥିଲା । ଶାସନକଳର କୌଣସି ନୀତି ବା ଆଦର୍ଶ ନ ଥିଲା । ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ । ଘନ ଘନ ବନ୍ଦୋବସ୍ତ ଫଳରେ ରାଜସ୍ୱ ବିଭାଗରେ ବହୁ ଅନିୟମିତତା ଦେଖାଦେଉଥିଲା । ପ୍ରଜାମାନେ ଉତ୍ପୀଡ଼ିତ ହେଉଥିଲେ । କୃଷକମାନେ ସର୍ବସ୍ୱାନ୍ତ ହେଉଥିଲେ । ବାମନଘାଟିରେ ସ୍ଥାନୀୟ 'ଦେଶଲୋକ' ଏବଂ ବାହାରୁ ଆସି ବସବାସ କରିଥିବା 'ହାଟୁଆ'ମାନଙ୍କ ଭିତରେ ସାମାଜିକ ଅସନ୍ତୋଷ ପ୍ରବଳ ଥିଲା । 'ହାଟୁଆ'ମାନେ ବହୁପ୍ରକାର ଚକ୍ରାନ୍ତ ଦ୍ୱାରା 'ଦେଶଲୋକ'ମାନଙ୍କର ଜମି ଓ ଘରବାଡ଼ି ଅଧିକାର କରୁଥିଲେ । ଦେଶଲୋକମାନେ ଥିଲେ ମୁଖ୍ୟତଃ ଆଦିବାସୀ ସଂପ୍ରଦାୟର । ଏମାନଙ୍କ ମଧ୍ୟରେ ଥିଲେ କୋହ୍ଲ, ସାନ୍ତାଳ, ଭୂମିଜ ଓ ଧାରୁଆ ସଂପ୍ରଦାୟର ଲୋକ । ହାଟୁଆମାନଙ୍କ ଶୋଷଣ ବିରୋଧରେ ପ୍ରତିରୋଧ ପାଇଁ ସେମାନେ ସୁଯୋଗ ଅପେକ୍ଷାରେ ଥିଲେ । ସେମାନଙ୍କ ଅସନ୍ତୋଷର ଅନ୍ୟ ଏକ କାରଣ ଥିଲା ରାଜାଙ୍କ କର ଆଦାୟ ବ୍ୟବସ୍ଥା । ଯେଉଁ କର ଆଦିବାସୀମାନେ ପାରମ୍ପରିକ ଭାବରେ ପୁରୁଷାନୁକ୍ରମିକ ନିଜ ଗୋଷ୍ଠୀର ମୁଖିଆମାନଙ୍କୁ ଦେଉଥିଲେ ତାହା ରାଜା ନିଜେ ଆଦାୟ କରି ଭୋଗ

Digitized by PPRACHIN, SOA

କଲା ଫଳରେ ଅସନ୍ତୁଷ୍ଟ ଗୋଷ୍ଠୀ-ମୁଖ୍ୟମାନଙ୍କର ଶତ୍ରୁ ହୋଇପଡ଼ିଲେ । ତେଣୁ ସାମାଜିକ ଅସ୍ଥିରତା ଆର୍ଥନୀତିକ ଶୋଷଣ ଓ ସାଂସ୍କୃତିକ ଦ୍ୱନ୍ଦ୍ୱ ବାମନଘାଟିର ଅଧିବାସୀମାନଙ୍କ ଭିତରେ ଏକ ଉଦ୍‌ବେଳନର କାରଣ ହୋଇଥିଲା ।

ଖ୍ରୀ. ୧୮୬୬ରେ ଓଡ଼ିଶାରେ ଅକାଳ ଦୁର୍ଭିକ୍ଷ ପଡ଼ିଥିଲା । ସେଥିରେ ପ୍ରାୟ ଦଶଲକ୍ଷ ଲୋକ ପ୍ରାଣ ହରାଇଥିଲେ । ଏହା ପୁରୀର ଗଜପତି ରାଜା ଦିବ୍ୟସିଂହଦେବଙ୍କ ରାଜତ୍ୱର ନବମବର୍ଷରେ ଘଟିଥିବାରୁ ନ'ଅଙ୍କ ଦୁର୍ଭିକ୍ଷ ନାମରେ ଖ୍ୟାତ । ଖାଦ୍ୟାଭାବ, ମହାମାରୀ ଓ ରୋଗ ତଥା ଅବହେଳାରେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନୀର ଦୃଷ୍ଟାନ୍ତ ଇତିହାସରେ ବିରଳ । ଦେଶୀୟ ରାଜାମାନଙ୍କ ଉଦାସୀନତା ଓ ଶିଥିଳ ଶାସନ ବିରୋଧରେ ପ୍ରଜାମାନେ ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗଡ଼ଜାତ ପାଇଁ ଉଦ୍ଦିଷ୍ଟ ଥିବା ସହକାରୀ ଅଧକ୍ଷ ହରେକୃଷ୍ଣ ଦାସଙ୍କୁ ଅବସ୍ଥା ଅନୁଧାନ କରିବା ସକାଶେ ସରକାର ନିଯୁକ୍ତ କରିଥିଲେ । ସେ ବାରିପଦା ଆସି ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ସମାଧାନ ଉଦ୍ଦେଶ୍ୟରେ ଯେଉଁ ବୁଝାମଣା କଲେ ତାହା ରାଜା ଅବଜ୍ଞା କରିବାରୁ ଅବସ୍ଥା ପୁଣି ସଙ୍ଗିନ ହେଲା । ପ୍ରଜାମାନେ ବିଦ୍ରୋହ କଲେ । ବିଦ୍ରୋହର ସୂଚନା ବାମନଘାଟିରେ ପ୍ରଥମେ ପ୍ରକାଶ ପାଇଲା । ଆଦିବାସୀମାନେ ଉତ୍ତେଜିତ ହୋଇ ନେତାମାନଙ୍କ ଦ୍ୱାରା ଯେକୌଣସି ସଂପତ୍ତି ଓ ସଂପଦ ଲୁଣ୍ଠନ କରିବାକୁ ପ୍ରୋତ୍ସାହିତ ହେଲେ । ବିଶୃଙ୍ଖଳା କ୍ରମେ ବୃଦ୍ଧି ପାଇଲା କିନ୍ତୁ ରାଜା ନୀରବଦ୍ରଷ୍ଟା ହୋଇ ରହିଲେ । ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା କଲେ ନାହିଁ । ପରେ ବାମନଘାଟି ପ୍ରଜାମେଳି ଦମନ ଉଦ୍ଦେଶ୍ୟରେ ସାମରିକ ଅଭିଯାନ ପାଇଁ ପ୍ରସ୍ତୁତ ହେଲେ । କିନ୍ତୁ ଛୋଟନାଗପୁର କମିଶନର ଡାଲ୍‌ଟନ ଏବଂ ଓଡ଼ିଶା ଗଡ଼ଜାତ ଅଧକ୍ଷ ରାଭେନ୍‌ସା ତାଙ୍କୁ ସେଥିରୁ ନିବୃତ୍ତ କରିଥିଲେ । ବାମନଘାଟି ଏକ ସ୍ୱର୍ଶକାତର ଅଞ୍ଚଳ ଥିଲା । ସେଠାକାର ଆଦିବାସୀମାନେ ଜୀବନକୁ ଭୟ କରୁ ନ ଥିଲେ । ତେଣୁ ଅତି ସତର୍କତାମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ କର୍ତ୍ତୃପକ୍ଷ ଯୋଜନା ପ୍ରସ୍ତୁତ କଲେ । ସିଂହଭୂମ ଜିଲ୍ଲାର ଡେପୁଟୀ କମିଶନର ହେସ କେତେକ ପୁଲିସ ବାହିନୀ ସହିତ ଆଦିବାସୀ ନେତା କାର୍ତ୍ତିକ, ଭୁଣ୍ଡା ଓ ଚକ୍ର ଆଦିଙ୍କୁ ବନ୍ଦୀ କରିନେଲେ । ତା ସହିତ ବାମନଘାଟି ଉପରୁ ମୟୂରଭଞ୍ଜ ରାଜାଙ୍କ କର୍ତ୍ତୃତ୍ୱକୁ ବିଲୋପ କରାଗଲା । ହେସ ରାଜାଙ୍କୁ କୌଣସି କ୍ଷମତା ଦେବା ପସନ୍ଦ କରୁ ନ ଥିଲେ । ତେଣୁ ତାଙ୍କୁ ସବୁ କ୍ଷମତା ବଙ୍ଗଳାର ଲାଟ୍‌ସାହେବ ପ୍ରଦାନ କଲେ । ଆଦିବାସୀ ମୁଖିଆ ଓ କେତେକ ପୁଲିସଙ୍କ ସହାୟତାରେ ସେ ବାମନଘାଟିକୁ ଶାସନ କଲେ ।

ଉପରୋକ୍ତ ବ୍ୟବସ୍ଥା ମହାରାଜା ଶ୍ରୀନାଥ ଭଞ୍ଜଙ୍କୁ ଘୋର ଅପମାନଜନକ ବୋଧ ହେଲା । ସେ ତେଣୁ ଲାଟସାହେବଙ୍କ ପାଖରେ ଏକ ଅଭିଯୋଗପତ୍ର ପେସ କଲେ । ଉତ୍ତରରେ ତାଙ୍କୁ କର୍ତ୍ତୃପକ୍ଷ ଜଣାଇଲେ ଯେ ନିଜ ପ୍ରଜାମାନଙ୍କ ସହିତ ସେ ସଂପର୍କ ଉନ୍ନତି କରିବା ଦରକାର । ଦରବାରରେ ତାଙ୍କୁ ବେଢ଼ିଥିବା ମୁଷ୍ଟିମେୟ ସ୍ୱାର୍ଥପର

Digitized by PPRACHIN, SOA

ତୋଷାମୋଦକାରୀଙ୍କ କବଳରୁ ସେ ନିଜକୁ ମୁକ୍ତ କରିବା ବାଞ୍ଛନୀୟ । ରାଭେନ୍‌ସା ନିଜେ କିଛିଦିନ ପାଇଁ ବାମନଘାଟି ଗସ୍ତରେ ଆସି ଅବସ୍ଥା ନିରୀକ୍ଷଣ କଲେ । ହେସଙ୍କ ଶାସନ ବ୍ୟବସ୍ଥା ଅତି ଉଚ୍ଚ ଧରଣର ଥିବାରୁ ଓ ସେ ଆଦିବାସୀଙ୍କ ପ୍ରିୟଭାଜନ ହୋଇପାରିବାରୁ ଅବସ୍ଥାରେ ପରିବର୍ତ୍ତନ ସମ୍ଭବ ହେଲା । ପ୍ରଜାମାନଙ୍କ କୃଷି ଓ ଜମିସ୍ୱତ୍ୱାଧିକାର ସଂପର୍କୀୟ ସମସ୍ୟାମାନ ସେ ଦୂର କରିବାରେ ସଫଳ ହୋଇଥିଲେ । ରାଜା ଅନ୍ୟାୟ ଭାବରେ ଯେଉଁ କର ଆଦାୟ କରୁଥିଲେ ତାହା ବନ୍ଦ ହେବାରୁ ଆଦିବାସୀମାନେ ସୁଖୀ ହେଲେ । ଦଶବର୍ଷପାଇଁ ଏକ ନୂତନ ଭୂବନ୍ଦୋବସ୍ତ ହେସ ପ୍ରଣୟନ କଲେ । ଦଶବର୍ଷ ପୂରଣ ହେବାରୁ ଆଉ ଅଧିକ ଦଶବର୍ଷପାଇଁ ପ୍ରଚଳିତ ବ୍ୟବସ୍ଥାକୁ ଅଳ୍ପ ପରିବର୍ତ୍ତନ ସହ ବଳବତ୍ତର କରାଗଲା । ଆର୍ଥିକ ଅବସ୍ଥାକୁ ସୁଧାରିବା ଉଦ୍ଦେଶ୍ୟରେ ଆଦିବାସୀମାନେ ଜଙ୍ଗଲ ଓ ଅନାବାଦୀ ଜମିରେ କୃଷିକାର୍ଯ୍ୟ କରିବା ପାଇଁ ହେସ ବାଧା ଦେଲେ ନାହିଁ । ଅବସ୍ଥା ସୁଧୁରିଯିବାରୁ ରାଜାଙ୍କ କର୍ତ୍ତୃତ୍ୱାଧୀନକୁ ଫେରିବା ସକାଶେ ଆଦିବାସୀମାନେ ନିଜେ ଇଚ୍ଛା ପ୍ରକାଶ କଲେ । ମହାରାଜା ଶ୍ରୀନାଥ ଭଞ୍ଜ ଖ୍ରୀ. ୧୮୬୭ରେ ପ୍ରାଣତ୍ୟାଗ କଲାରୁ ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ଭଞ୍ଜ ରାଜସିଂହାସନ ଲାଭ କଲେ । ଓଡ଼ିଶା ଗଡ଼ଜାତ ଅଧକ୍ଷ ରାଭେନ୍ସା ତାଙ୍କର ହିତାକାଂକ୍ଷୀ ବନ୍ଧୁ ଥିଲେ । ମହାରାଜା କୃଷ୍ଣଚନ୍ଦ୍ରଙ୍କୁ ବାମନଘାଟିର ଶାସନ ଦାୟିତ୍ୱ ପୁନଶ୍ଚ ଫେରାଇଦେବାପାଇଁ ସେ ଲାଟସାହେବ ସାର୍ ଏସଲି ଏଡେନ୍‌ଙ୍କ ନିକଟରେ ସୁପାରିସ କଲେ । କେତେକ ସର୍ତ୍ତସହ କର୍ତ୍ତୃପକ୍ଷ ରାଭେନ୍‌ସାଙ୍କ ସୁପାରିସକୁ ଗ୍ରହଣ କରିଥିଲେ । ଏହି ସର୍ତ୍ତ ଅନୁସାରେ (କ) ହେସଙ୍କ ଦ୍ୱାରା ପ୍ରଣୀତ ଭୂବନ୍ଦୋବସ୍ତରେ କୌଣସି ପରିବର୍ତ୍ତନ ହେବ ନାହିଁ; (ଖ) ଆଦିବାସୀ ଗ୍ରାମର ଫୌଜଦାରୀ ଗଣ୍ଡଗୋଳ ସ୍ଥାନୀୟ ମୁଖିଆମାନେ ଅନୁସନ୍ଧାନ ଓ ସମାଧାନ କରିବେ ଏବଂ (ଗ) ରାଜାଙ୍କ ପ୍ରତିନିଧି ଭାବରେ ଜଣେ ଅନୁଜ ବାମନଘାଟିରେ ଅବସ୍ଥାନ କରିବେ । ଏହି ସର୍ତ୍ତମାନ ଗ୍ରହଣ କଲା ଉତ୍ତାରୁ ଖ୍ରୀ. ୧୮୭୮ ଏପ୍ରିଲ ୧ ତାରିଖଠାରୁ ବାମନଘାଟି ପୁଣି ମୟୂରଭଞ୍ଜ ମହାରାଜାଙ୍କ ଶାସନାଧୀନ ହେଲା ।

ପ୍ରଥମ ବିଶ୍ୱଯୁଦ୍ଧ ଓ ଆଦିବାସୀ ମେଳି

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ମୃତ୍ୟୁ ପରେ ମୟୂରଭଞ୍ଜର ଶାସନ ଇଂରେଜ ସରକାରଙ୍କ ତତ୍ତ୍ୱାବଧାନରେ ଆଠବର୍ଷ ପର୍ଯ୍ୟନ୍ତ ରହିଥିଲା । କାରଣ ଉତ୍ତରାଧିକାରୀ ପୂର୍ଣ୍ଣଚନ୍ଦ୍ର ନାବାଳକ ଥିଲେ । ପ୍ରଥମ ବିଶ୍ୱଯୁଦ୍ଧପାଇଁ ଅନେକ ସଂଖ୍ୟାରେ ଆଦିବାସୀମାନେ ସୈନ୍ୟବିଭାଗରେ ନିଯୁକ୍ତି ପାଇଲେ । ସେମାନଙ୍କ ଶାରୀରିକ ସ୍ୱାସ୍ଥ୍ୟ ସେଥିପାଇଁ ଅନୁକୂଳ ଥିଲା । ନାବାଳକ ଅବସ୍ଥାରେ ମଧ୍ୟ ପୂର୍ଣ୍ଣଚନ୍ଦ୍ର ବିଶ୍ୱଯୁଦ୍ଧର ଆୟୋଜନ ସଂପର୍କୀୟ ବିବରଣୀ ସହିତ ପରିଚିତ ଥିଲେ । ବ୍ରିଟିଶ ସରକାରଙ୍କୁ ସହଯୋଗ କରିବା ତାଙ୍କର ନୈତିକ କର୍ତ୍ତବ୍ୟ ଥିଲା । ସେ ଫ୍ରାନ୍ସ ଓ ଇଂଲଣ୍ଡରେ କମାଣ ବାହିନୀରେ ଯୋଗ ଦେଇଥିଲେ । ସେଥିପାଇଁ ତାଙ୍କୁ ସମ୍ମାନସୂଚକ ଲେଫ୍‌ଟେନାଣ୍ଟ ଉପାଧି ମିଳିଥିଲା । ତାଙ୍କର ସହଯୋଗମୂଳକ ନୀତି ଯୋଗୁଁ ଆଦିବାସୀମାନେ ବହୁସଂଖ୍ୟାରେ

Digitized by PPRACHIN, SOA

ସେନାବାହିନୀରେ ଭର୍ତ୍ତି ହୋଇଥିଲେ । କିନ୍ତୁ ଖ୍ରୀ. ୧୯୧୭ ବେଳକୁ ସେମାନଙ୍କର ଉତ୍ସାହ ହ୍ରାସ ପାଇଥିଲା ଓ ସେମାନେ ସୈନ୍ୟବାହିନୀରେ ନିଯୁକ୍ତିକୁ ବିରୋଧ କରିଥିଲେ । ସାଧାରଣତଃ ସେମାନେ ଶ୍ରମିକଭାବରେ ଇଉରୋପର ବିଭିନ୍ନ ଗଣାଙ୍ଗନରେ ନିଯୁକ୍ତ ହେଉଥିଲେ । ଇଉରୋପର ଜଳବାୟୁ ଓ ଖାଦ୍ୟପେୟ ସହିତ ରୁଚି ନ ଥିବାରୁ ସେମାନେ ସୈନ୍ୟବିଭାଗ ପ୍ରତି ବିମୁଖ ହେବା ସ୍ୱାଭାବିକ ଥିଲା । କିନ୍ତୁ ସରକାରୀ ନୀତିର ବିରୁଦ୍ଧାଚରଣ କରିବା ସେତେବେଳେ ଦୋଷାବହ ଥିଲା । ସେମାନଙ୍କର ବିଦ୍ରୋହ ପ୍ରଥମେ ସଦର ସବ୍‌ଡିଭିଜନରେ ମେ' ୧୯୧୭ରେ ଆରମ୍ଭ ହୋଇ ରାଜ୍ୟର ଅନ୍ୟ ଅଞ୍ଚଳକୁ ବ୍ୟାପିଥିଲା । ବାମନଘାଟି ଓ ପାଞ୍ଚପୀଢ଼ର ସାନ୍ତାଳମାନେ ଜୁନ ମାସରେ ବିଦ୍ରୋହ କଲେ । ସେନାବାହିନୀରେ ନିଯୁକ୍ତି ବିଭାଗ ସହିତ ସଂପୃକ୍ତ କେତେଜଣ କର୍ମଚାରୀଙ୍କୁ ଆକ୍ରମଣ କରିବା, ଦୋକାନବଜାର ଲୁଣ୍ଠନ କରିବା ଏବଂ ବାଙ୍ଗିରିପୋଷିଠାରେ ରେଳପଥର କ୍ଷତି କରିବା ଏହି ବିଦ୍ରୋହର ପରିପ୍ରକାଶ ଥିଲା । କିନ୍ତୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସରକାର ବିଦ୍ରୋହକୁ ଦମନ କରିବାକୁ ସ୍ଥିର କରିଥିଲେ । ବିଦ୍ରୋହ ଦମନପାଇଁ କଲିକତାରୁ ଏକଶତ ପଦାତିକ ସୈନ୍ୟ ଓ ଓଡ଼ିଶା ପ୍ରଦେଶର ସ୍ୱତନ୍ତ୍ର ଅଶ୍ୱବାହିନୀ ପୁଲିସ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ତଥାପି ସ୍ଥଳବିଶେଷରେ ସାନ୍ତାଳମାନେ ସାଧାରଣ ସଭା ଆୟୋଜନ କରି ନିଜର ସମସ୍ୟାମାନ ଆଲୋଚନା କରିବା ଦେଖାଯାଇଥିଲା ।

ଜୁନ ମାସରେ ବାମନଘାଟି ପରିସ୍ଥିତି ଅଣାୟତ୍ତ ହୋଇଥିଲା । ବିଦ୍ରୋହୀମାନେ ରାଇରଙ୍ଗପୁର ବଜାର ଲୁଟ କରି ଜଣେ ସିପାହିକୁ ହତ୍ୟା କରିଥିଲେ । ତେଣୁ ସେଠାରେ ଉଚ୍ଛୃଙ୍ଖଳ ଜନତାକୁ ନିୟନ୍ତ୍ରଣ କରିବା ସକାଶେ ସୈନ୍ୟବାହିନୀ ମୁତୟନ କରିବା ଆବଶ୍ୟକ ହେଲା । ପ୍ରାୟ ଏକହଜାର ଏକଶହ ଅଠର ଜଣ ବିଦ୍ରୋହୀ ବନ୍ଦୀ ହେଲେ ଏବଂ ସେମାନଙ୍କୁ ବିଭିନ୍ନ ପ୍ରକାର ଦଣ୍ଡ ବିଧାନ କରାଗଲା । ସେଥିମଧ୍ୟରୁ ୭୧୨ ଜଣ ଗୁରୁତର ଅପରାଧ ଓ ୪୦୬ ଜଣ ମାମୁଲି କାରଣ ପାଇଁ ଶାସ୍ତି ଭୋଗିଲେ । ସେମାନଙ୍କର ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତରେ ଲୋକାସ ଓ ହରିଦାସ ବୋଷ ବିଚାରପତି ନିଯୁକ୍ତ ହୋଇଥିଲେ । ବିଦ୍ରୋହ ଦମନରେ ସରକାରଙ୍କୁ ପ୍ରାୟ ଚଉରାଅଶୀ ହଜାର ଦୁଇଟଙ୍କା ବ୍ୟୟ କରିବାକୁ ପଡ଼ିଥିଲା । ଜନସାଧାରଣଙ୍କୁ ଶାନ୍ତ କରିବାରେ ମୁରୁଡ଼ା ଥାନାର ଖୁରୁଣ୍ଟିଆ ଗ୍ରାମର ଶିବ ଜେନାଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ନିଜେ ସେନାବାହିନୀରୁ ଅବସର ନେଲାପରେ ଲୋକମାନଙ୍କୁ ସାମରିକ ବାହିନୀର ଯଥାର୍ଥତା ଓ ଚାକିରି ନିୟମାବଳୀ ସଂପର୍କରେ ବୁଝାଇ କହିଥିଲେ । ତାଙ୍କ ନିବେଦନରେ ସନ୍ତୁଷ୍ଟ ହୋଇ ଫେବୃୟାରୀ ମାସରେ ଶତାଧିକ ଆଦିବାସୀ ନିଯୁକ୍ତି ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ନିଯୁକ୍ତି କାର୍ଯ୍ୟ ଓଡ଼ିଶା ଗଡ଼ଜାତର ପଲିଟିକାଲ ଏଜେଣ୍ଟ ସି. ଏଲ. ଫିଲିପ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା । ବିଶ୍ୱଯୁଦ୍ଧର ଶେଷ ଦୁଇବର୍ଷରେ ପ୍ରାୟ ଦୁଇହଜାର ଚାରିଶହ ବାବନ ଜଣ ଆଦିବସୀ ମୟୂରଭଞ୍ଜରୁ ସେନାବାହିନୀରେ ଯୋଗ ଦେଇଥିଲେ ।

Digitized by PPRACHIN, SOA

ପୂର୍ବୋକ୍ତ ଆଲୋଚନାରୁ ଜଣାଯାଏ ଯେ ଆଦିବାସୀମାନଙ୍କୁ ଶିକ୍ଷାଦାନ ସୁବିଧାରୁ ବଞ୍ଚିତ କରାଯାଉଥିବାରୁ ସେମାନେ ଅନେକ ବିଷୟ ଠିକ୍ ରୂପେ ବୁଝିପାରୁ ନ ଥିଲେ । ଅଜ୍ଞତାହିଁ ସେମାନଙ୍କୁ ବିପଥଗାମୀ କରୁଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ଲୋକସମ୍ପର୍କ ବିଭାଗ ନ ଥିଲା ଓ ତା'ର ମହତ୍ତ୍ୱ ସରକାର ବୁଝୁ ନ ଥିଲେ । ଗାଦିରେ ରାଜା ନ ଥିବା ସମୟରେ କୋର୍ଟ ଅଫ୍ ୱାର୍ଡ଼ସ ଶାସନ ଲୋକମାନଙ୍କୁ ଆପଣାର କରିପାରୁ ନ ଥିଲା । ରାଜାଙ୍କ ଅନୁପସ୍ଥିତି ଜନସାଧାରଣଙ୍କ ମନରେ ଅହେତୁକ ସନ୍ଦେହ ସୃଷ୍ଟିର କାରଣ ହେଉଥିଲା । ପରବର୍ତ୍ତୀ ସମୟରେ ମଧ୍ୟ ରାଜାଙ୍କ ଅନୁପସ୍ଥିତି ଆଦିବାସୀ ବିଦ୍ରୋହର ମୂଳ କାରଣ ହେବାର ଦେଖାଯାଏ । ଆଦିବାସୀମାନଙ୍କ ସହିତ ଇଂରେଜ ସରକାର ବହୁ ସାବଧାନତା ଓ ଧୈର୍ଯ୍ୟର ସହିତ ବ୍ୟବହାର କରୁଥିଲେ । ସେହି ଆଦର୍ଶରେ ସରକାରୀ ନୀତି ମଧ୍ୟ ପ୍ରଣୀତ ହୋଇଥିଲା । ଆଦିବାସୀମାନେ ଅତି ସ୍ପର୍ଶକାତର, ସରଳ ତଥା ଅମାୟିକ ସଂପ୍ରଦାୟର ଥିଲେ । ସେମାନଙ୍କ ପ୍ରତି କ୍ଷମତାର ଅପବ୍ୟବହାର ଅନୁଚିତ ଥିଲା । ଉନବିଂଶ ଶତାବ୍ଦୀରେ ଓଡ଼ିଶାର ଅନେକ ସ୍ଥାନରେ ଆଦିବାସୀ ବିଦ୍ରୋହ ଦେଖା ଯାଇଥିଲା । ତାର ମୂଳ କାରଣ ଥିଲା ବିଦେଶୀ ଶାସନ ବ୍ୟବସ୍ଥା, ନୂତନ ଭୂରାଜସ୍ୱ ନୀତି, ଘନ ଘନ ବନ୍ଦୋବସ୍ତ ଫଳରେ ଜମି ମାଲିକାନା ସ୍ୱତ୍ୱର ହସ୍ତାନ୍ତରୀକରଣ ଓ ଉପକୂଳ ଅଞ୍ଚଳର ଲୋକମାନଙ୍କ ଆଦିବାସୀବହୁଳ ଅଞ୍ଚଳରେ ଅନୁପ୍ରବେଶ । ନୂତନ ଶାସନ ବ୍ୟବସ୍ଥା, ନୂତନ ଶାସକ ଓ ନୂତନ ଅର୍ଥନୀତି ଆଦିବାସୀ ସମାଜରେ ବିସ୍ଫୋରଣ ସୃଷ୍ଟି କରିବା ସ୍ୱାଭାବିକ ଥିଲା ।

Digitized by PPRACHIN, SOA

ଷଷ୍ଠ ଅଧ୍ୟାୟ

ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ

ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ଭାରତର ସ୍ୱାଧୀନତା ସଂଗ୍ରାମ ନୂତନ ରୂପ ନେଲା । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ତୀବ୍ରତର ହେଲା । ଭାରତର ଜନସାଧାରଣ ଜାତୀୟତା ଭାବନାରେ ଉଦ୍‌ବୁଦ୍ଧ ହେଲେ । ବିଦ୍ୟାଳୟ, ଅନୁଷ୍ଠାନ, ସମାଜର ବିଭିନ୍ନ ବର୍ଗ, ଧର୍ମ ଓ ବୟସ ନିର୍ବିଶେଷରେ ସ୍ୱାଧୀନତା ପାଇଁ ଦେଶବାସୀ ସଂକଳ୍ପବଦ୍ଧ ହେଲେ । ଯେଉଁଠାରେ ଶିକ୍ଷାର ପ୍ରସାର ଥିଲା ସେଠାରେ ସ୍ୱାଧୀନତା ସଂଗ୍ରାମର ପ୍ରଭାବ ସେତେ ବେଶି ଅନୁଭୂତ ହେଲା । ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ଶିକ୍ଷା ଓ ଯୋଗାଯୋଗ ସନ୍ତୋଷଜନକ ନ ଥିବାରୁ ଜାତୀୟ ଉଲ୍ଲାସର ଭାବନା ଟିକିଏ ମନ୍ଥର ଗତିରେ ବ୍ୟାପିଥିଲା । ବ୍ରିଟିଶମାନଙ୍କ ପ୍ରତ୍ୟକ୍ଷ ଶାସନରେ ଥିବା ଜିଲ୍ଲାବାସୀମାନେ ମହାତ୍ମାଗାନ୍ଧୀ ଓ ଜାତୀୟ କଂଗ୍ରେସର ପ୍ରଭାବ ଶୀଘ୍ର ସ୍ୱୀକାର କଲେ । କିନ୍ତୁ ଗଡ଼ଜାତବାସୀମାନେ ଅପେକ୍ଷାକୃତ ବିଳମ୍ବରେ ପ୍ରଭାବିତ ହେଲେ । ମୟୂରଭଞ୍ଜ ପରି ଗଡ଼ଜାତ ରାଜ୍ୟରେ ଶିକ୍ଷା ବ୍ୟାପକ ନ ଥିଲା । ଆଦିବାସୀବହୁଳ ରାଜ୍ୟରେ ପ୍ରତିକ୍ରିୟା ପାଇଁ ସମୟ ଆବଶ୍ୟକ ଥିଲା । ଅନ୍ୟ ଗଡ଼ଜାତ ରାଜ୍ୟ ତୁଳନାରେ ମୟୂରଭଞ୍ଜର ଶାସନ ବ୍ୟବସ୍ଥା ଉନ୍ନତ ଧରଣର ଥିବାରୁ ଜନସାଧାରଣଙ୍କ ମନରେ ବ୍ରିଟିଶ ଶାସନ ପ୍ରତି ତୀବ୍ର ପ୍ରତିକ୍ରିୟା ନ ଥିବା ସ୍ୱାଭାବିକ । ତେବେ ମୟୂରଭଞ୍ଜର ଅନ୍ୟାନ୍ୟ ପ୍ରକାର ସମସ୍ୟା ଥିଲା । ଉନବିଂଶ ଶତାବ୍ଦୀରେ ଦେଶଲୋକ ଓ ହାଟୁଆଙ୍କ ମଧ୍ୟରେ ସାମାଜିକ ସଂଘର୍ଷ ଦେଖାଯାଇଥିଲା । ଜମି, କୃଷି ଓ କୃଷକମାନଙ୍କୁ କେନ୍ଦ୍ରକରି ସମସ୍ୟା ଥିଲା । କର ବ୍ୟବସ୍ଥା ଓ କର ଆଦାୟ ପ୍ରଣାଳୀରେ ସମସ୍ୟା ଥିଲା । ସାମନ୍ତ ପ୍ରଥାର ସାମାଜିକ ପ୍ରତିଫଳନରେ ସାମ୍ୟବାଦ ସ୍ଥାପନର ପ୍ରତିକୂଳ ବ୍ୟବସ୍ଥା ଥିଲା । କଂଗ୍ରେସ ଯେଉଁ ଲୋକତାନ୍ତ୍ରିକ ସରକାର ପାଇଁ ଦାବି କରୁଥିଲା ତାହା ମୟୂରଭଞ୍ଜରେ ନ ଥିଲା । ଯେଉଁ କେତେକ ଅନୁଷ୍ଠାନ ରାଜତନ୍ତ୍ରର ପୃଷ୍ଠପୋଷକତାରେ ସ୍ଥାପିତ ହୋଇଥିଲା ସେଥିରେ ପ୍ରଚଳିତ ଲୋକତନ୍ତ୍ର ଓ କଂଗ୍ରେସର ପରିକଳ୍ପିତ ଲୋକତନ୍ତ୍ର ଭିତରେ ପାର୍ଥକ୍ୟ ଥିଲା । ସ୍ୱାଧୀନ ମତ ପ୍ରକାଶ ସଂକୁଚିତ ଥିଲା । ରାଜ୍ୟରେ ଉଚ୍ଚଶିକ୍ଷା ଓ ସ୍ତ୍ରୀ ଶିକ୍ଷାର ପ୍ରସାର ନ ଥିଲା । ଏହିପରି ଅନେକ କାରଣରୁ ବ୍ରିଟିଶ ଶାସିତ ଅଞ୍ଚଳରେ ଜାତୀୟ କଂଗ୍ରେସ ଦ୍ୱାରା ଅନୁପ୍ରାଣିତ ହୋଇ ଯେଉଁ ସ୍ୱାଧୀନତା ଆନ୍ଦୋଳନ କ୍ରମେ ତେଜୀୟାନ୍ ହେଲା ଗଡ଼ଜାତରେ ସାମାଜିକ ପରିବର୍ତ୍ତନ ପାଇଁ ଅନୁରୂପ ଜନ-ଆନ୍ଦୋଳନ ସେହିପରି ବିକଶିତ ହୋଇଥିଲା । ଏହାକୁ ପ୍ରଜାମଣ୍ଡଳ ଆନ୍ଦୋଳନ ବୋଲି କୁହାଯାଏ ।

Digitized by PPRACHIN, SOA

ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ଖ୍ରୀ. ୧୯୨୮ରେ ଶାସନ କ୍ଷମତାକୁ ଆସିଲେ । ଏହାର ମାତ୍ର ଦୁଇବର୍ଷ ପରେ ବାଲେଶ୍ୱର ଜିଲ୍ଲାର କଂଗ୍ରେସ କର୍ମୀମାନେ ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହର ନୂତନ ଇତିହାସ ସୃଷ୍ଟି କରିଥିଲେ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କଂଗ୍ରେସ ଭାବନାରେ ଉଦ୍‌ବୁଦ୍ଧ ବହୁ ସତ୍ୟାଗ୍ରହୀ ସେଠାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବଙ୍ଗଳାରେ ସତ୍ୟାଗ୍ରହ ଆନ୍ଦୋଳନ ଶୀର୍ଷତମ ସୋପାନରେ ପହଞ୍ଚି ସାରା ଭାରତକୁ ସ୍ତବ୍ଧ କରିଥିଲା । ବାଲେଶ୍ୱର ଓ ବଙ୍ଗପ୍ରଦେଶର ସନ୍ନିକଟବର୍ତ୍ତୀ ହୋଇଥିବାରୁ ମୟୂରଭଞ୍ଜରେ ତାର ପ୍ରଭାବ ପଡ଼ିବା ବିଚିତ୍ର ନ ଥିଲା । ଶହ ଶହ କଂଗ୍ରେସ କର୍ମୀ କିପରି ଜୀବନ ମୂର୍ଚ୍ଛା ସଂଗ୍ରାମ କରୁଥାନ୍ତି ଓ ଆନନ୍ଦମନରେ ପୁଲିସ କର୍ତ୍ତୃକ ବନ୍ଦୀ ହେଉଥାନ୍ତି ଏସବୁ ଖବର ଦାବାଗ୍ନି ପରି ବ୍ୟାପୁଥାଏ । ଖ୍ରୀ. ୧୯୧୭ରେ ଆଦିବାସୀ ବିଦ୍ରୋହକୁ ଯେପରି ଦୃଢ଼ହସ୍ତରେ ଦମନ କରାଯାଇଥିଲା ଏବଂ ଖ୍ରୀ. ୧୯୨୫ ଏପ୍ରିଲ ୨୭ର ଆଇନ ବଳରେ ଯେପରି ସାଧାରଣ ସଭା ବିରୋଧରେ ନିଷେଧାଜ୍ଞା ଜାରି ହୋଇଥିଲା ସେ କଥା ମୟୂରଭଞ୍ଜ ଅଧିବାସୀ ଜାଣିଥିଲେ । ତେଣୁ ଇଞ୍ଚୁଡ଼ି ଆନ୍ଦୋଳନରେ ସେମାନେ ବହୁସଂଖ୍ୟାରେ ଯୋଗ ଦେଇ ନ ପାରିବା ସ୍ୱାଭାବିକ ଥିଲା । କିନ୍ତୁ ମହାତ୍ମାଗାନ୍ଧୀ ତଥା ଦେଶମାତୃକାର ଆହ୍ୱାନକୁ ଅବଜ୍ଞା କରିବା ସେମାନଙ୍କ ପକ୍ଷରେ ସହଜ କଥା ନ ଥିଲା ।

ମୟୂରଭଞ୍ଜର ସମାଜ ବ୍ୟବସ୍ଥା ସାମନ୍ତବାଦୀ ଥିଲା । ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ରାଜତ୍ୱରେ ଖ୍ରୀ. ୧୮୯୫ରେ ବେଠି, ବେଗାରି, ମାଗଣ ଓ ରସଦ ପ୍ରଭୃତି ସାମନ୍ତବାଦୀ ଶୁଳ୍କ ଆଦାୟ କରିବା ନିଷେଧ ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ କର୍ମଚାରୀମାନେ ତଥା ଭୂରାଜସ୍ୱ ସଂଗ୍ରହ କରୁଥିବା ରାଜପ୍ରତିନିଧି ସର୍ଦ୍ଦାରମାନେ ସମୟ ସମୟରେ ନିଷିଦ୍ଧ ଶୁଳ୍କ ଆଦାୟ କରିବା ପ୍ରଲୋଭନକୁ ଛାଡ଼ି ପାରୁ ନ ଥିଲେ । ରାଜାଙ୍କ ଅନୁଗତ ସର୍ଦ୍ଦାରମାନେ ଅତ୍ୟନ୍ତ ପ୍ରଭାବଶାଳୀ ଥିବାରୁ ରାଜ୍ୟସରକାରଙ୍କ ଅଲକ୍ଷ୍ୟରେ ଗରିବ ଓ ନିରୀହ ପ୍ରଜାମାନଙ୍କଠାରୁ ବେଠି, ମାଗଣ ଆଦି ସୁବିଧା ହାସଲ କରୁଥିଲେ । ସର୍ଦ୍ଦାରମାନେ ସାଧାରଣତଃ ସଂପତ୍ତିଲୋଭୀ ଥିଲେ । ନିଜ ସଂପତ୍ତି ବୃଦ୍ଧି କରିବା ସେମାନଙ୍କ ମୁଖ୍ୟ ଅଭିଳାଷ ଥିଲା । ନାନା ପ୍ରକାର ଚକ୍ରାନ୍ତ ଦ୍ୱାରା ସେମାନେ ଲକ୍ଷ୍ୟ ହାସଲ କରୁଥିଲେ । କୌଣସି ପ୍ରକାର ସଂପତ୍ତି ଅପହରଣ କରିବାର ଆଗ୍ରହ ଥିଲେ ସର୍ଦ୍ଦାରମାନେ ତାକୁ 'ପଳାତକ' ଘୋଷଣା କରି ବକେୟା ଭୂରାଜସ୍ୱ ବାବଦରେ ଜମି ଅଧିକାର କରୁଥିଲେ । ସର୍ଦ୍ଦାର, ତହସିଲଦାର ଓ ଲାଖରାଜଦାର ସମଶ୍ରେଣୀୟ ଥିଲେ । ଗ୍ରାମର ମୁଖିଆକୁ ପ୍ରଧାନ ଓ ସର୍ବରାକାର କୁହାଯାଉଥିଲା । ଦରବାର ନାମରେ ଖଜଣା ଅସୁଲ କରିବା ସେମାନଙ୍କର ଦାୟିତ୍ୱ ଥିଲା । ସେମାନେ ସେଥିପାଇଁ ଆଦାୟ ହୋଇଥିବା ପରିମାଣରୁ କିୟଦଂଶ କମିଶନ ପାଉଥିଲେ । ପ୍ରଗଣାମାନଙ୍କରେ 'ସର୍ଦ୍ଦାର' ଏବଂ ଗ୍ରାମମାନଙ୍କରେ 'ପ୍ରଧାନ' ବେଶ ପ୍ରଭାବଶାଳୀ ଥିଲେ । ଖଜଣା ଆଦାୟ ସମୟରେ ଉତ୍ପାଦିତ ଫସଲ ବା କୃଷକର ଆୟ ପ୍ରତି ଦୃଷ୍ଟି ଦେଉ ନ ଥିଲେ । ନିଜର କମିଶନ ଆଦାୟ ଉପରେ ବେଶି ଗୁରୁତ୍ୱ ସେମାନେ ଦେଉଥିଲେ । 'ସର୍ଦ୍ଦାର' ମାନେ ସବୁ କରଣ ଜାତିର ଥିଲେ ଓ କଟକ

Digitized by PPRACHIN, SOA

ଜିଲ୍ଲାରୁ ଆସିଥିଲେ । ମୟୂରଭଞ୍ଜରେ ଶିକ୍ଷିତ ଲୋକର ଅଭାବ ଥିବାରୁ ଏବଂ ଭୂବନ୍ଦୋବସ୍ତ ନିୟମାବଳୀ ସହିତ ସମସ୍ତେ ଭଲଭାବରେ ପରିଚିତ ନ ଥିବାରୁ କଟକର କରଣ ସଂପ୍ରଦାୟକୁ ରାଜ୍ୟ ସରକାର ଅଧିକ ଯୋଗ୍ୟ ଓ ଦକ୍ଷ ଭାବି ନିଯୁକ୍ତି ଦେଇଥିଲେ । କିନ୍ତୁ 'ସର୍ଦ୍ଦାର' ବ୍ୟବସ୍ଥାରେ ସମୟ ସମୟରେ ଜୋରଜବରଦସ୍ତି ସଂପୃକ୍ତ ଥିବାରୁ ସେମାନେ ପ୍ରଜାମାନଙ୍କ ମନରେ ଭୟ ସଂଚାର କରୁଥିଲେ । ସେମାନେ ବେଠିକୁ ପ୍ରୋତ୍ସାହିତ କରୁଥିଲେ । ବିନା ମୂଲ୍ୟରେ ନିରୀହ ପ୍ରଜାକୁ ନିଜ ଜମିରେ ଖଟାଇବା ଓ ତା'ଠାରୁ ଉତ୍ପାଦିତ ପଦାର୍ଥ ମାଗଣା ସଂଗ୍ରହ କରିବା ସେମାନଙ୍କର ନିତିଦିନିଆ ଅଭ୍ୟାସ ଥିଲା । ସରକାରୀ କର୍ମଚାରୀ ଗସ୍ତରେ ଗଲେ ବିନା ପାରିଶ୍ରମିକରେ ଶ୍ରମିକ ନିଯୁକ୍ତ ହେଉଥିଲେ । ସରକାରୀ ରହଣି କାଳରେ କ୍ୟାମ୍ପ ଆୟୋଜନ କରିବା ସ୍ଥାନୀୟ ଗ୍ରାମବାସୀମାନଙ୍କ ଦାୟିତ୍ୱ ଥିଲା । ଯୁବରାଜ ପ୍ରଦୀପ ଭଞ୍ଜଙ୍କ ନାମରେ କରଞ୍ଜିଆରେ ଯେଉଁ ପ୍ରଦୀପସାଗର ଜଳସେଚନ ପ୍ରକଳ୍ପ ଅଛି ତାହା ବେଠି ଶ୍ରମିକମାନଙ୍କ ଦ୍ୱାରା ଖୋଦିତ ହୋଇଥିଲା । ପାଞ୍ଚପୀଢ଼ ସବ୍‌ଡିଭିଜନ ବାରିପଦାଠାରୁ ବହୁ ଦୂରରେ ଅବସ୍ଥିତ ଥିବାରୁ ସେଠାରେ ରାଜକର୍ମଚାରୀମାନଙ୍କର କ୍ଷମତା ଅପବ୍ୟବହାର ମାତ୍ରା ସର୍ବାଧିକ ଥିଲା । ଆଉ ଗୋଟିଏ କୁ-ପ୍ରଥା ଥିଲା ଶିକାର ବେଠି । ରାଜା ଓ ତାଙ୍କ ବନ୍ଧୁମାନେ ଜଙ୍ଗଲକୁ ହିଂସ୍ରଜନ୍ତୁ ଶିକାର କରିବାକୁ ଗଲେ ଶିକାରୀମାନେ ମଞ୍ଚା ଉପରେ ବନ୍ଧୁକ ଧରି ବସି ରହୁଥିଲେ । ବେଠି ଶ୍ରମିକମାନେ ମାଦଳ, ଢୋଲ, ଧୁମସା ଆଦି ବାଦ୍ୟ ଦ୍ୱାରା ପଶୁଙ୍କୁ ସେମାନଙ୍କ ଲୁକ୍କାୟିତ ସ୍ଥାନରୁ ମଞ୍ଚା ଅଭିମୁଖରେ ଘଉଡ଼ାଉ ଥିଲେ । ସେମାନଙ୍କ ଜୀବନ ପ୍ରତି ଖୁବ ବିପଦ ଥିଲା । ଶିକାର ସମୟରେ କେହି ଶ୍ରମିକ ଆଘାତ ପାଇଲେ ବା କ୍ଷତବିକ୍ଷତ ହେଲେ ସରକାର ସେଥିପାଇଁ ଦାୟୀ ହେଉ ନ ଥିଲେ । ସେହିପରି ହାତୀ ଧରିବାକୁ ଯେଉଁ 'ଖେଦା' ବ୍ୟବସ୍ଥା ହୁଏ ସେଥିରେ ମଧ୍ୟ ନିରୀହ ପ୍ରଜାମାନେ ନିଜ ଜୀବନକୁ ବିପନ୍ନ କରି ହାତୀ ଧରାରେ ସାହାଯ୍ୟ କରିଥାନ୍ତି । ଦୁର୍ଘଟଣା ଘଟିଲେ ରାଜ୍ୟ ସରକାର କ୍ଷତିପୂରଣ ଦେଉ ନ ଥିଲେ ।

ପ୍ରତିବର୍ଷ ଦଶହରା, ଦୋଳପର୍ବ, ଚୈତ୍ରପର୍ବ ଏବଂ ପୁନିଆଁ ଆଦି ଉତ୍ସବରେ ପ୍ରଜାମାନେ ରାଜାଙ୍କୁ ଭେଟି ଦେଉଥିଲେ । ରାଜାଙ୍କ ଜନ୍ମଦିନରେ ଉପହାର ଦେବାର ପରମ୍ପରା ଥିଲା । ଯଶିପୁର ଅଞ୍ଚଳରେ ପ୍ରତ୍ୟେକ ପରିବାରକୁ 'ପାହି ପଞ୍ଚା' ଦେବାକୁ ପଡୁଥିଲା । ମୟୂରଭଞ୍ଜର ବିପୁଳ ଅରଣ୍ୟ ସଂପଦ ଥିଲେ ମଧ୍ୟ ହଳ ଲଙ୍ଗଳ ବା ଶଗଡ଼ ଗାଡ଼ି ତିଆରି ପାଇଁ ଗଛ କାଟିବା ସ୍ୱାଧୀନତା କୃଷକକୁ ମିଳୁ ନ ଥିଲା । ଜାଳେଣି କାଠ ପାଇଁ ଶୁଳ୍କ ଦେବାକୁ ପଡୁଥିଲା । ଜଙ୍ଗଲଜାତ ପଦାର୍ଥ, ଯଥା: ମହୁଲ, ଶାଳମଞ୍ଜି, ଲାଖ, ମହୁ, ଝୁଣା ଆଦି ସଂଗ୍ରହ କରିବା ଅଧିକାର କଲିକତାର କମ୍ପାନୀମାନେ ପାଉଥିଲେ । ସେମାନେ ସ୍ଥାନୀୟ ଆଦିବାସୀଙ୍କଠାରୁ ଅଳ୍ପ ମୂଲ୍ୟରେ ଜଙ୍ଗଲଜାତ ପଦାର୍ଥ କିଣି ବହୁ ଚଢ଼ା ଦାମରେ ବିକ୍ରି କରି ଲାଭବାନ ହେଉଥିଲେ । ରାଜ୍ୟ ସରକାରଙ୍କୁ ଅନୁମତି ଫି ଦେବାକୁ ପଡୁଥିଲା । ଶିମିଳିପାଳ ଜଙ୍ଗଲର ମୂଲ୍ୟବାନ କାଠ କଲିକତା ବଜାରରେ ବିକ୍ରି

Digitized by PPRACHIN, SOA

ହେଉଥିଲା । ସେଥିରୁ ବଙ୍ଗଳା-ନାଗପୁର ରେଲ କମ୍ପାନୀ ବିଶେଷ ଲାଭବାନ ହୋଇପାରିଥିଲେ । ସଂରକ୍ଷିତ ଜଙ୍ଗଲରେ ପଶିବା ଅଥବା କାଠ କାଟିବା ବେଆଇନ ଥିଲା । ଏପରିକି ଗୃହପାଳିତ ପଶୁ ମଧ୍ୟ ଭିତରକୁ ପଶିବା ନିଷେଧ ଥିଲା । ସେଥିପାଇଁ ଜୋରିମାନା ନିୟମ ଲାଗୁ ହେଉଥିଲା । ମଇଁଷି ପାଇଁ ଦୁଇଟଙ୍କା, ଗାଈ ପାଇଁ ଏକଟଙ୍କା, ବାଛୁରୀ, ଗଧ, ଘୁଷୁରି, ମେଣ୍ଢା ଓ ଛେଳି ଆଦି ସୁରକ୍ଷିତ ଜଙ୍ଗଲ ଭିତରୁ ଧରା ପଡ଼ିଲେ ପଚାଶ ପଇସା ଜୋରିମାନା ମାଲିକଙ୍କୁ ଦେବାକୁ ପଡୁଥିଲା ।

କୃଷକମାନଙ୍କୁ ତଥା ପ୍ରଜାମାନଙ୍କୁ ବିହନ ଧାନ ଋଣ ଦେବା ବ୍ୟବସ୍ଥା ଥିଲା । ସେଥିନିମିତ୍ତ ସୁଧହାର ରାଜ୍ୟ ସରକାର ଧାର୍ଯ୍ୟ କରିଥିଲେ ମଧ୍ୟ ମହାଜନମାନେ ଧାର୍ଯ୍ୟ ସୁଧଠାରୁ ଅଧିକ ହାରରେ ସୁଧ ଆଦାୟ କରୁଥିଲେ । ସୁଧ ଦେଇ ନ ପାରିଲେ ମହାଜନମାନେ ଗୃହପାଳିତ ପଶୁ, ହଳଲଙ୍ଗଳ, ଶଗଡ଼ଗାଡ଼ି ଆଦି ଜବତ୍ କରି ନିଲାମ କରୁଥିଲେ । ଋଣ ଦେବା ସମୟରେ ଏବଂ ଆଦାୟ କରିବା ସମୟରେ ଭିନ୍ନ ଓଜନର ମାପ ବ୍ୟବହାର କରି ନିରୀହ ଋଣୀ ପ୍ରଜାକୁ ପ୍ରତାରିତ କରୁଥିଲେ ।

ପ୍ରସନ୍ନ କୁମାର ଦାସ ମୟୂରଭଞ୍ଜ ପ୍ରଜାମଣ୍ଡଳର ଜଣେ ବିଶିଷ୍ଟ ନେତା ଥିଲେ । ସେ ତାଙ୍କ ଆତ୍ମଜୀବନୀ ଗ୍ରନ୍ଥରେ ଅନେକ କାରଣ ପାଇଁ ମୟୂରଭଞ୍ଜରେ ପ୍ରଜାମେଳି ହୋଇଥିବା କଥା ଲେଖିଅଛନ୍ତି । ସେଥିରୁ ଉଲ୍ଲେଖଯୋଗ୍ୟ ହେଲା – ବେଠି, ଅନ୍ୟାୟ କର ଆଦାୟ ଓ ଅତ୍ୟଧିକ ପରିମାଣରେ ସୁଧ ଆଦାୟ । ଜନସାଧାରଣ ଅଜ୍ଞ, ଅଶିକ୍ଷିତ, ଭୟାଳୁ ଥିବାରୁ ପ୍ରତିରୋଧ କରିପାରୁ ନ ଥିଲେ । ସମୟ ସମୟରେ ନେଇଥିବା ଋଣ ମୂଳ ପରିମାଣର ଦୁଇଗୁଣ, ତିନିଗୁଣ ଏବଂ ଚାରିଗୁଣ ମଧ୍ୟ ମହାଜନ ଆଦାୟ କରୁଥିଲେ । ଋଣୀ ଦେଇ ନ ପାରିଲେ ପୈତୃକ ସଂପତ୍ତି ହରାଉଥିଲେ । ଦାସଙ୍କ ମତରେ ପ୍ରଗଣାର ସର୍ଦ୍ଦାର ଓ ଗ୍ରାମରେ ଥିବା ମହାଜନମାନେ ହିଁ ଗରିବ ଜନସାଧାରଣଙ୍କୁ ଶୋଷଣ କରୁଥିଲେ ଏବଂ ଏପ୍ରିଲ ୧୯୨୫ରେ ପ୍ରଚଳିତ ଆଇନ ଦ୍ୱାରା ରାଜ୍ୟରୁ ବ୍ୟକ୍ତି ସ୍ୱାଧୀନତା, ସଭାସମିତି ଆୟୋଜନ କରି ଭାଷଣ ଦେବା ସ୍ୱାଧୀନତାକୁ ସରକାର ନିଷେଧାଜ୍ଞା ଦ୍ୱାରା ନିୟନ୍ତ୍ରିତ କରିଥିଲେ, ତାହା ଅନ୍ୟାୟ ଥିଲା । ଏହି ଅନ୍ୟାୟ ଆଦେଶକୁ ବାଙ୍ଗିରିପୋଷି ଥାନାର ଧଡ଼ାଙ୍ଗିର ଗ୍ରାମର ବଂଶୀଧର ବେହେରା ପ୍ରଥମେ ଅମାନ୍ୟ କରିଥିଲେ । ତାଙ୍କ ଦ୍ୱାରା ୧୯୩୮ ଅକ୍ଟୋବର ମାସରେ ସିମଳାଠାରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା । ପରେ ସେ ଯଶିପୁର, ଗଡ଼ିସାହି ଓ ରରୁଆଁରେ ମଧ୍ୟ ଅନୁରୂପ ସଭା ଆୟୋଜନ କରିଥିଲେ । ସଭାରେ ପ୍ରଚଳିତ ଶାସନ ବ୍ୟବସ୍ଥାର ସମାଲୋଚନା ଓ ଜନସାଧାରଣଙ୍କ ଦୁଃଖ ଓ ସମସ୍ୟାମାନ ଆଲୋଚିତ ହେଲା । ଦରବାର ଶାସନର ମନମୁଖି କାରବାର ଓ ଉପରୋକ୍ତ ଏପ୍ରିଲ ୧୯୨୫ର ଆଦେଶନାମାକୁ ରଦ୍ଦ କରିବା ସକାଶେ ଜନମତ ପ୍ରକାଶ ପାଇଲା । ଦଶହରା ପୂର୍ବଦିନ ବଂଶୀଧର ବେହେରାଙ୍କ ଜଣେ ସହକର୍ମୀକୁ ବାଙ୍ଗିରିପୋଷି ପୁଲିସ ନିର୍ମମ ମାଡ଼ ଦେଇଥିଲେ । ତଥାପି ସରକାରଙ୍କ ବିନାନୁମତିରେ କପ୍ତିପଦା ଓ ପାଞ୍ଚପୀଢ଼

Digitized by PPRACHIN, SOA

ସବ୍‌ଡିଭିଜନରେ ଯେଉଁ ସଭାମାନ ଆୟୋଜିତ ହେଲା ସେଥିରେ ପୁଲିସ ଆଉ ବାଧା ଦେଇ ନ ଥିଲେ କି ସଭା କରୁଥିବା ନେତାମାନଙ୍କୁ ଦଣ୍ଡିତ କରି ନ ଥିଲେ । ବର୍ତ୍ତମାନ ସଭାସମିତିର ଉଦ୍ୟୋକ୍ତାମାନେ ଏକ ସଂଗଠନର ଆବଶ୍ୟକତାବୋଧ କଲେ । ସେଥିରେ ନେତୃତ୍ୱ ଦେଲେ ବାରିପଦାର ଓକିଲ ଶରତଚନ୍ଦ୍ର ଦାସ । ସେ ସର୍ବସାଧାରଣଙ୍କ ନିକଟରେ 'ଶରତଗାନ୍ଧୀ' ନାମରେ ପରିଚିତ ଥିଲେ । ବାଲେଶ୍ୱରରେ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବାରୁ କଂଗ୍ରେସ ନୀତି ଓ ଆଦର୍ଶ ତାଙ୍କୁ ଜଣାଥିଲା । ବାରିପଦାରେ 'ଜଗନ୍ନାଥ କ୍ଲବ୍' ନାମରେ ଏକ ସେବାନୁଷ୍ଠାନ ସେ ଗଢ଼ିଥିଲେ । ତଦ୍ୱାରା ଉଚ୍ଚ ଶିକ୍ଷାପାଇଁ ଆଗ୍ରହୀ ଯୁବକମାନଙ୍କୁ ସେ ସାହାଯ୍ୟ କରୁଥିଲେ । ବୈଶିଙ୍ଗା ଥାନା ଅଞ୍ଚଳରେ 'ରାହାଣ୍ଡା ଉନ୍ନୟନ ସମିତି' ମଧ୍ୟ ସେ ଗଠନ କରିଥିଲେ । ଏହା ଏକ ସାମାଜିକ ଅନୁଷ୍ଠାନ ଥିଲେ ମଧ୍ୟ ଦରବାର ଶାସନ ତାଙ୍କୁ ରାଜ୍ୟରୁ ବହିଷ୍କାର ଆଦେଶ ଦେଇଥିଲେ । କିନ୍ତୁ ଆଦେଶ କାର୍ଯ୍ୟକାରୀ ହୋଇ ନ ଥିଲା । ତେବେ ଉତ୍ସାହୀ ଦେଶପ୍ରେମୀ ଯୁବକମାନଙ୍କୁ ସଂଗଠିତ କରି ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଶରତବାବୁ । ଖ୍ରୀ. ୧୯୩୯ ପ୍ରାରମ୍ଭରେ ଖୁଣ୍ଟା ଥାନାର ଧନାପନା ଗ୍ରାମରେ ଏକ ସାଧାରଣ ସଭାରେ ସେ କଂଗ୍ରେସର ଆଦର୍ଶ ଓ ଆନ୍ଦୋଳନର ଆବଶ୍ୟକତା ଏବଂ ଗଡ଼ଜାତମାନଙ୍କରେ ରାଜତନ୍ତ୍ରର ବିଲୋପ ପାଇଁ ଭାଷଣ ଦେଇଥିଲେ । ତଦ୍ୱାରା ମୟୂରଭଞ୍ଜରେ ଏକ ନୂତନ ଜନଜାଗରଣ ଦେଖାଦେଲା । ଏପରିକି ନିରୀହ ଆଦିବାସୀମାନେ ମଧ୍ୟ ଆନ୍ଦୋଳନପାଇଁ ଆଗ୍ରହ ପ୍ରକାଶ କଲେ । କପ୍ତିପଦା ସବ୍‌ଡିଭିଜନର ମଉଦା, ଚକ୍ରପାଳ, ଜଇଦା, ସାଇଁକୋଳା, କାଶୀପୁର ତୋଟା, ମାର୍ସିଗାଁ ଏବଂ ପାଞ୍ଚପୀଢ଼ ସବ୍‌ଡିଭିଜନର ଭଞ୍ଜକିଆରେ ସଭାସମିତି ଜରିଆରେ ପ୍ରଜାମଣ୍ଡଳ ଆନ୍ଦୋଳନ ସଂପର୍କରେ ଚେତନା ପ୍ରସାରିତ ହେଲା । ଏହାକୁ ଶୁଭାରମ୍ଭ ମନେକରି ଶରତବାବୁ ଧନାପନାଠାରେ ପ୍ରଜାମଣ୍ଡଳର ମୂଳଭିତ୍ତି ସ୍ଥାପନ କଲେ ଓ କ୍ରମେ କ୍ରମେ ମୟୂରଭଞ୍ଜବାସୀ ତାଙ୍କର ଅନୁଗାମୀ ହେଲେ । ଅନେକ ଗଠନମୂଳକ କାର୍ଯ୍ୟରେ ଗ୍ରାମବାସୀମାନଙ୍କୁ ସଂଗଠିତ କରି ସେ ପ୍ରଜାମଣ୍ଡଳର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ କଥା ବୁଝାଇଲେ । ଅଳ୍ପ କେତେଦିନ ମଧ୍ୟରେ ବାରିପଦା ସବ୍‌ଡିଭିଜନର ସଠିଲୋ, ବଣହାରୀ, ରାହାଣ୍ଡା, ବାରପଡ଼ା, ବଡ଼ସାହି, କୁରାଡିହା, ମାଣିତ୍ରୀ ଓ ଆଗୁଆ ଦେଓଳିଆ, କପ୍ତିପଦା ସବ୍‌ଡିଭିଜନର ଖୁଣ୍ଟା, ଡୁକୁରା, କଇଁସାରୀ, ସାଇଁକୋଳା, ଆରପଟା ଓ ଚିଲିମା ପ୍ରଭୃତି ସ୍ଥାନରେ ପ୍ରଗଣା ସମିତିମାନ ଗଠିତ ହେଲା । ଖ୍ରୀ. ୧୯୩୯ ମାର୍ଚ୍ଚ ମାସ ୨୬ ତାରିଖ ଦିନ ସବୁ ପ୍ରଗଣା ସମିତିର ପ୍ରତିନିଧିମାନେ ଅମ୍ବାଜୋଡ଼ା ନାମକ ସ୍ଥାନରେ ସମବେତ ହୋଇ ପ୍ରଜାମଣ୍ଡଳ ଆନ୍ଦୋଳନକୁ ତୀବ୍ରତର କରିବାର ନିଷ୍ପତ୍ତି ଗ୍ରହଣ କଲେ । ସେଠାରେ ନିଜ ଆଇନ ବ୍ୟବସାୟ ପରିହାର କରି ଆନ୍ଦୋଳନର ନେତୃତ୍ୱ ନେବାକୁ ଶରତବାବୁ ସ୍ଥିର କଲେ । ତାଙ୍କର ପୂର୍ଣ୍ଣ ସହଯୋଗ ଓ ସକ୍ରିୟ ନେତୃତ୍ୱ ଘୋଷଣାରେ ସମବେତ ଜନତା ମୁଗ୍ଧ ଓ ଆନନ୍ଦିତ ହେଲେ । ଏହା ଶରତବାବୁଙ୍କ ଜୀବନର ଏକ ମହାନ ତ୍ୟାଗପୂର୍ଣ୍ଣ ନିଷ୍ପତ୍ତି ଥିଲା ଏବଂ ମୟୂରଭଞ୍ଜରେ ଜନ ଆନ୍ଦୋଳନକୁ ନୂତନ ଉତ୍ସାହ ପ୍ରଦାନ କରିଥିଲା ।

Digitized by PPRACHIN, SOA

ବହୁ ନୂତନ ଗ୍ରାମର ତରୁଣ ସଂପ୍ରଦାୟ ଆନ୍ଦୋଳନରେ ଯୋଗ ଦେବାରୁ ପ୍ରଜାମଣ୍ଡଳ ସଂପ୍ରସାରିତ ହେଲା । ପ୍ରଥମେ ଗାନ୍ଧୀବାଦ ଅନୁକରଣରେ ଗଠନମୂଳକ କାର୍ଯ୍ୟ ସଂପାଦନ ପ୍ରଜାମଣ୍ଡଳର ଲକ୍ଷ୍ୟ ଥିଲା । ତଦ୍ୱାରା ସାଧାରଣ ଲୋକେ ବେଶି ସଂଖ୍ୟାରେ ସଂଗଠନ ପ୍ରତି ଆକୃଷ୍ଟ ହେଲେ ।

ଏହି ସମୟରେ (୧୯୩୮) ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଗଡ଼ଜାତ ରାଜ୍ୟ ଅନୁସନ୍ଧାନ କମିଟି ଗଠିତ ହେଲା । କମିଟି ଗଡ଼ଜାତବାସୀଙ୍କ ଦୁଃଖଦୁର୍ଦ୍ଦଶା ଅନୁସନ୍ଧାନ କରି ରିପୋର୍ଟ ଲେଖିବା ସ୍ଥିର ହେଲା । ଏହାର ଅନ୍ୟ ଦୁଇଜଣ ସଦସ୍ୟ ଥିଲେ ଲାଲମୋହନ ପଟ୍ଟନାୟକ ଓ ବଳବନ୍ତରାୟ ମେହେଟ୍ଟା । ନୀଳଗିରି ଓ ମୟୂରଭଞ୍ଜ ଅବସ୍ଥା ତଦାରଖ ପାଇଁ କମିଟି ବାଲେଶ୍ୱର ଗସ୍ତରେ ଆସିଲେ । ମୟୂରଭଞ୍ଜର ବହୁସଂଖ୍ୟକ କୋହ୍ଲ ଓ ବାଥୁଡ଼ି ଲୋକ ନିଜ ଖର୍ଚ୍ଚରେ ଏତେଦୂର ଆସିଥିବା ଦେଖି କମିଟିର ସଦସ୍ୟମାନେ ଆଶ୍ଚର୍ଯ୍ୟ ହେଲେ । ସେମାନଙ୍କ କହିବା ଅନୁସାରେ ନିମ୍ନୋକ୍ତ ଅସୁବିଧାମାନ ସମସ୍ୟାର କାରଣ ଥିଲା :

(କ) ଜାଳେଣି କାଠ ପାଇଁ ମାସିକ କର ଚାରିଅଣା (୨୫ ପଇସା) ଧାର୍ଯ୍ୟ ଥିଲା ।

(ଖ) ଗୋଚର ପାଇଁ ପ୍ରତ୍ୟେକ ପଶୁ ପିଛା ଦୁଇଅଣା (୧୨ ପଇସା) ଧାର୍ଯ୍ୟ ଥିଲା ।

(ଗ) ହାଟରେ ଗାଈଗୋରୁ ବିକିଲେ ମୁଣ୍ଡପିଛା ଚାରିଅଣା ସରକାର ନେଉଥିଲେ ।

(ଘ) ରାଜକର୍ମଚାରୀମାନଙ୍କୁ ରସଦ ବିନା ପଇସାରେ ଦେବାକୁ ପଡୁଥିଲା ।

(ଙ) ରାସ୍ତାଘାଟର ମରାମତି ପାଇଁ ବେଠି ଶ୍ରମ ଦେବା ବାଧ୍ୟତାମୂଳକ ଥିଲା । ବିଦ୍ୟାଳୟ, ସରକାରୀ ଘର ମରାମତି ପାଇଁ ମଧ୍ୟ ଅନୁରୂପ ଶ୍ରମଦାନ କରିବାକୁ ପଡୁଥିଲା ।

(ଚ) ମୁଖ୍ୟ ରାସ୍ତାରେ ମୋଟରଗାଡ଼ି ଚାଳିବାପାଇଁ ଅନୁମତି ଦରକାର ଥିଲା – କିନ୍ତୁ ଶଗଡ଼ଗାଡ଼ି ପାଇଁ ନୁହେଁ ।

(ଛ) ହଳଲଙ୍ଗଳ, କୁଆଳି ଆଦି ପାଇଁ ଚାରିଅଣା କର ଧାର୍ଯ୍ୟ ଥିଲା ।

(ଜ) ଚୌକିଦାରୀ ଟ୍ୟାକ୍ସ ମଧ୍ୟ ଥିଲା ।

(ଝ) ପଥକର ସରକାର ଆଦାୟ କରୁଥିଲେ ।

(ଞ) ବିବାହ କର ଚାରିଅଣା (୨୫ ପଇସା)ରୁ ଆଠଅଣା (୫୦ ପଇସା) ଥିଲା ।

(ଟ) ଟସର ଚାଷ କଲେ ବାରଅଣା (୭୫ ପଇସା) କର ଦେବା ନିୟମ ଥିଲା ।

ସେମାନଙ୍କର ଅନ୍ୟାନ୍ୟ ଅଭିଯୋଗ ମଧ୍ୟରେ ଉଲ୍ଲେଖନୀୟ ଥିଲା ଶିକ୍ଷାନୁଷ୍ଠାନର ଅଭାବ ଓ ମହାମାରୀ ଆଦି ସଂକ୍ରାମକ ରୋଗର ନିରାକରଣ ପାଇଁ କୌଣସି ବ୍ୟବସ୍ଥା ନ ଥିବା ଏବଂ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ନୀତି ବା ନିୟମ ନ ଥିବା ଇତ୍ୟାଦି । ଏଥି ପାଇଁ ସଦସ୍ୟମାନେ ଘୋର ଦୁଃଖ ପ୍ରକାଶ କଲେ ।

Digitized by PPRACHIN, SOA

କ୍ରମେ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣର ପରିବର୍ତ୍ତନ ହେଲା । ଖ୍ରୀ. ୧୯୨୫ରେ ଘୋଷିତ ହୋଇଥିବା ସଭାସମିତି ଉପରୁ କଟକଣା ଉଠାଇ ଦିଆଗଲା । ମହାରାଜାଙ୍କ ନିର୍ଦ୍ଦେଶରେ ଶାସନ ସଂସ୍କାର ପ୍ରବର୍ତ୍ତିତ ହେଲା । ସଦର, ପାଞ୍ଚପୀଢ଼, କପ୍ତିପଦା, ବାମନଘାଟି ଓ ବାରିପଦା ସହର ପାଇଁ ପାଞ୍ଚଟି ପ୍ରଜାସଭା ଗଠିତ ହେଲା । ଜନସାଧାରଣଙ୍କ ସହଯୋଗରେ ରାଜ୍ୟ ଶାସନ ଚଳାଇବାର ଏହା ଏକ ନୂତନ ବ୍ୟବସ୍ଥା ହେଲା । ପ୍ରଜାସଭାର ପ୍ରତିନିଧିମାନେ ସାବାଳକ ଭୋଟଦ୍ୱାରା ନିର୍ବାଚିତ ହେଲେ । ଏହି ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ପ୍ରଜା ପରିଷଦ ନାମରେ ଏକ ପ୍ରତିନିଧିମୂଳକ ସଂସ୍ଥା ରାଜାଙ୍କୁ ପରାମର୍ଶ ଦେଲା । ଏହି ନୂତନ ରାଜନୈତିକ ସଂସ୍କାର ଯେଉଁ ପ୍ରଜାସଭା ଓ ପ୍ରଜା ପରିଷଦ ଗଠନ କରିବା ନିମିତ୍ତ ଉଦ୍ଦିଷ୍ଟ ଥିଲା ସେଥିରେ ଶାସନକ୍ଷମତା ପ୍ରକୃତରେ ପ୍ରତିନିଧିମାନଙ୍କୁ ହସ୍ତାନ୍ତର କରାଗଲା ନାହିଁ । ତେବେ ଭାରତର ଅନ୍ୟ କେଉଁଠି ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ନ ଥିଲାବେଳେ, ମୟୂରଭଞ୍ଜ ଏପରି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଥିଲା । ଏହାଦ୍ୱାରା ପ୍ରଜାମଣ୍ଡଳର ସଂପ୍ରସାରଣ ଓ ଜନପ୍ରିୟତା ବାଧାପ୍ରାପ୍ତ ହୋଇ ନ ଥିଲା । ବରଂ ପ୍ରଜାମଣ୍ଡଳର ଲକ୍ଷ୍ୟସାଧନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା । ଏହି ସାବାଳକ ଭୋଟ ପ୍ରଥାରେ ଗୁପ୍ତ ଭୋଟଦାନ ବ୍ୟବସ୍ଥା ନ ଥିଲା । ଭୋଟଦାତାମାନେ ଖୋଲାଖୋଲି ହାତ ଟେକି ଭୋଟ ଦେଉଥିଲେ । ନିର୍ବାଚିତ ପ୍ରତିନିଧିମାନେ ସ୍ଥାନୀୟ ସମସ୍ୟା ଆଲୋଚନା କରୁଥିଲେ ଓ ପରାମର୍ଶମୂଳକ ମତ ପ୍ରକାଶ କରୁଥିଲେ ।

ପ୍ରଜାସଭା ଆଇନ-୧୯୩୮ ଅନୁସାରେ ପ୍ରଜାସଭାର ତିନିଚତୁର୍ଥାଂଶ ସଭ୍ୟ ନିର୍ବାଚିତ ଓ ଏକ ଚତୁର୍ଥାଂଶ ସଭ୍ୟ ମନୋନୀତ ହେବା ବ୍ୟବସ୍ଥା ଥିଲା । ମନୋନୀତ ସଦସ୍ୟମାନେ ସରକାରୀ କର୍ମଚାରୀ ଓ ବେସରକାରୀ ଗୋଷ୍ଠୀର ହୋଇପାରୁଥିଲେ । ପ୍ରଜାସଭାର କାର୍ଯ୍ୟକାଳ ପାଞ୍ଚବର୍ଷ ଥିଲା । ଏହାକୁ ଭାଙ୍ଗିବା କ୍ଷମତା ଦେୱାନଙ୍କ ହାତରେ ନ୍ୟସ୍ତ ଥିଲା । ଦୁଇବର୍ଷ କାର୍ଯ୍ୟକାଳ ବୃଦ୍ଧି କରିବା କ୍ଷମତା ମଧ୍ୟ ସେ ପାଇଥିଲେ । ବର୍ଷକୁ ଦୁଇଥର ପ୍ରଜାସଭାର ଅଧିବେଶନ ଆୟୋଜିତ ହେଉଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳଯୋଗାଣ, କୃଷି, ଯୋଗାଯୋଗ, ସାଧାରଣ ସମସ୍ୟା ଆଦି ଜନକଲ୍ୟାଣ ସମ୍ବନ୍ଧୀୟ ସବୁକିଛି ବିଷୟ ପ୍ରଜାସଭାରେ ଆଲୋଚିତ ହୋଇପାରୁଥିଲା ।

ସଦର ପ୍ରଜାସଭାର ଅଧ୍ୟକ୍ଷ ଥିଲେ ଭୋଳାନାଥ ପଣ୍ଡା । ତାଙ୍କ ଅଧ୍ୟକ୍ଷତାରେ ଗରିବ ଶ୍ରେଣୀ ପ୍ରଜାମାନଙ୍କ ଶିକ୍ଷା, ପ୍ରୌଢ଼ ଶିକ୍ଷା, ନୈଶ ବିଦ୍ୟାଳୟ, କୃଷି କାର୍ଯ୍ୟପାଇଁ ଓ ଗୃହ ନିର୍ମାଣ ପାଇଁ କୃଷକମାନଙ୍କୁ ସୁବିଧାରେ କାଠ ଯୋଗାଣ ଆଦି ବିଷୟ ଆଲୋଚିତ ହୋଇଥିଲା । ଅନ୍ୟାନ୍ୟ ଆଲୋଚ୍ୟ ବିଷୟ ମଧ୍ୟରେ ଉଲ୍ଲେଖନୀୟ ଥିଲା ଜଳାଶୟ ଓ କୂପ ଖୋଳିବା, ପୋଲ ଓ ରାସ୍ତା ନିର୍ମାଣ କରିବା ଆଦି । ବାରିପଦା ପ୍ରଜାସଭାରେ ବିଦ୍ୟାଧର ମହାପାତ୍ର ଅଧ୍ୟକ୍ଷ ଥିଲେ । ସେଥିରେ ନ'ଜଣ ନିର୍ବାଚିତ ଓ ପାଞ୍ଚଜଣ ମନୋନୀତ ସଦସ୍ୟ ଥିଲେ । ଧାନ ବିହନ ଋଣ ନୀତି ଉପରେ ସେମାନେ ସରକାରଙ୍କୁ ସମାଲୋଚନା

Digitized by PPRACHIN, SOA

କରିଥିଲେ । ଯୁଦ୍ଧ ସମୟରେ ରାଜ୍ୟ ସରକାର ମୟୂରଭଞ୍ଜର ଜଙ୍ଗଲକୁ ସୁରକ୍ଷିତ ନ ରଖି ବହୁ ପରିମାଣରେ କାଠ ବ୍ରିଟିଶ ସରକାରଙ୍କୁ ଦେବା ଅନୁଚିତ ଥିଲା । ଲାଲମୋହନ ପତି ଜଣେ ଗଣ୍ୟମାନ୍ୟ ନାଗରିକ ହିସାବରେ ଜଙ୍ଗଲ ନୀତିର ସମୀକ୍ଷା କରିଥିଲେ । ବାମନଘାଟିର ପ୍ରଜାସଭାର ଅଧ୍ୟକ୍ଷ ଥିଲେ ଶିରୀଷ ଚନ୍ଦ୍ର ଘୋଷ । ଶତ୍ରୁପକ୍ଷର ବ୍ୟୋମଯାନ କିପରି ଚିହ୍ନିବ । ଜାମଦ ସ୍କୁଲର ଦ୍ୱିତୀୟ ଶିକ୍ଷକ ନିଯୁକ୍ତି, କପାଚାଷ, ଜଳସେଚନ ପ୍ରକଳ୍ପର ପୁନର୍ନିର୍ମାଣ ଆଦି ପ୍ରସଙ୍ଗ ଆଲୋଚିତ ହୋଇଥିଲା । କପ୍ତିପଦା ପ୍ରଜାସଭାର ଅଧ୍ୟକ୍ଷ ଥିଲେ ପ୍ରଫୁଲ୍ଲ କୁମାର ଦାସ । କୂପ ଓ ପୁଷ୍କରିଣୀ ଖୋଳି ଜଳର ଅଭାବ ଦୂର କରିବା ଓ ଜଙ୍ଗଲରୁ କାଠ ଯୋଗାଇବା ବିଷୟରେ ପ୍ରଜାସଭାରେ ଆଲୋଚନା ହୋଇଥିଲା । ପାଞ୍ଚପୀଢ଼ ପ୍ରଜାସଭାର ଅଧ୍ୟକ୍ଷ ଗୋପୀନାଥ ଧଳ ଥିଲେ । ସଦସ୍ୟମାନେ ଜଳସେଚନ ପ୍ରକଳ୍ପ ନିର୍ମାଣ, ପାନୀୟ ଜଳ ଯୋଗାଣ, ଯୁଦ୍ଧକାଳୀନ ସାବଧାନତା ଆଲୋଚନା କରିଥିଲେ । ଏଥିରୁ ହୃଦ୍‌ବୋଧ ହୁଏ ଯେ, ପ୍ରଜାସଭାଗୁଡ଼ିକ ସର୍ବସାଧାରଣଙ୍କ ସମସ୍ୟା ସହିତ ପରିଚିତ ଥିଲେ । ଖ୍ରୀ. ୧୯୪୨ରେ ଅନଟନ ଯୋଗୁଁ ଖାଦ୍ୟାଭାବ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦୁଷ୍ପ୍ରାପ୍ୟ ହୋଇଥିଲା । ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ କିପରି ସୁଲଭରେ ମିଳିପାରିବ ଏଥିପାଇଁ ସଦସ୍ୟମାନେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ରାଜ୍ୟ ବାହାରକୁ ଧାନଚାଉଳ ଚାଲାଣ ନିଷେଧ ହୋଇଥିଲା । ଗ୍ରାମୀଣ ଅଞ୍ଚଳରେ କର୍ମସଂସ୍ଥାନ ପାଇଁ ରାସ୍ତା ନିର୍ମାଣ ଯୋଜନା ସରକାର ହାତକୁ ନେଇଥିଲେ । ନିଅଣ୍ଟିଆ ପରସ୍ଥିତିକୁ ଦୃଷ୍ଟିରେ ରଖି ଦୁଇଟି କମିଟି ଗଠିତ ହୋଇଥିଲା । ଯଥା: ମୟୂରଭଞ୍ଜ ବନ୍ୟା ରିଲିଫ କମିଟି ଓ ଖାଦ୍ୟ ଉପଦେଷ୍ଟା କମିଟି । କୃଷକମାନଙ୍କୁ ସୁଲଭମୂଲ୍ୟରେ ବିହନ ଯୋଗାଇ ରବି ଫସଲର ଉନ୍ନତି କରିବା ଉଦ୍ଦେଶ୍ୟରେ ସରକାର କୋଡ଼ିଏ ହଜାର ଟଙ୍କା ମଞ୍ଜୁର କରିଥିଲେ ।

ମୟୂରଭଞ୍ଜରେ ପ୍ରଜାମଣ୍ଡଳ ଆନ୍ଦୋଳନର ବର୍ଦ୍ଧିଷ୍ଣୁ ଲୋକପ୍ରିୟତାକୁ ସୀମିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଉପରୋକ୍ତ ସଂସ୍କାରମାନ ପ୍ରବର୍ତ୍ତନ କରିଥିଲେ । ପ୍ରସ୍ତାବିତ ସଂସ୍କାର ଯୁଗୋପଯୋଗୀ ହେଲେ ମଧ୍ୟ ଜନସାଧାରଣଙ୍କ ରାଜନୈତିକ ଲକ୍ଷ୍ୟସାଧନ ଦିଗରେ ତାହା ଯଥେଷ୍ଟ ନ ଥିଲା । କେବଳ ପ୍ରତିନିଧି ନିର୍ବାଚନ ବ୍ୟତୀତ ପ୍ରଜାସଭା ହାତରେ ରାଜନୈତିକ କ୍ଷମତା କିଛି ନ ଥିଲା । ରାଜା ନିଜ ହାତରେ ସବୁ କ୍ଷମତା ରଖିଥିଲେ । ନିର୍ବାଚନ ପଦ୍ଧତିରେ ନୂତନତ୍ୱ ନ ଥିଲା । ହାଟବଜାରରେ ଖୋଲାଖୋଲି ଭୋଟ ପ୍ରଦାନ ବ୍ୟବସ୍ଥା ଥିଲା । ତଥାପି ପ୍ରଜାସଭା ପରି ପ୍ରତିନିଧିମୂଳକ ଅନୁଷ୍ଠାନ ଗଠନ ଓ ସେଥିରେ ପ୍ରତିନିଧିମାନଙ୍କଦ୍ୱାରା ଲୋକହିତକର କାର୍ଯ୍ୟରେ ପରାମର୍ଶ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା । ତାହା ମୟୂରଭଞ୍ଜରେ ପ୍ରତିଷ୍ଠିତ ରାଜତନ୍ତ୍ରର ଉଦାରତାର ପରିଚାୟକ ।

ସାରା ଭାରତ ସେତେବେଳେ 'ଭାରତଛାଡ଼' ଦାବିର ଦୁନ୍ଦୁଭିନାଦରେ ପ୍ରତିଧ୍ୱନିତ ହେଉଥିଲା । ଜାତୀୟ ସଂଗ୍ରାମର ନେତାମାନେ ପୂର୍ଣ୍ଣ ସ୍ୱରାଜ ପାଇଁ ହୁଙ୍କାର ଦେଉଥିଲେ । ସହସ୍ରାଧିକ ସଂଖ୍ୟାରେ ଦେଶପ୍ରେମୀମାନେ କାରାବରଣ କରୁଥିଲେ ଓ ପୁଲିସ ଜୁଲୁମର ସମ୍ମୁଖୀନ ହେଉଥିଲେ । ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କରେ ସାମନ୍ତବାଦ ବିରୋଧୀ

Digitized by PPRACHIN, SOA

ଆନ୍ଦୋଳନ ତୀବ୍ରତର ହେଉଥିଲା । ରଣପୁରରେ ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟଙ୍କୁ ଉତ୍ତ୍ୟକ୍ତ ଜନତା ପିଟି ପିଟି ମାରି ପକାଇଥିଲେ । ଆଠଗଡ଼, ଢେଙ୍କାନାଳ ପରି କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ମଧ୍ୟ ପ୍ରଜାମଣ୍ଡଳ ଆନ୍ଦୋଳନ ରାଜତନ୍ତ୍ରର ବିଲୋପ ଚାହୁଁଥାଏ । ମୟୂରଭଞ୍ଜ ସଂଲଗ୍ନ ନୀଳଗିରିରେ ଅବସ୍ଥା ଅଧିକ ବିସ୍ଫୋରକ ଥିଲା । ସରକାରଙ୍କ ଦମନନୀତିକୁ ଆନ୍ଦୋଳନକାରୀ ବିପ୍ଳବୀମାନେ ହେୟଜ୍ଞାନ କରୁଥାନ୍ତି । କଂଗ୍ରେସର ନେତୃତ୍ୱରେ ଭାରତୀୟ ସଂଗ୍ରାମୀମାନେ ଅହିଂସା ଆନ୍ଦୋଳନର ବିଜୟ ସୁନିଶ୍ଚିତ ବୋଲି ବିଶ୍ୱାସ କରୁଥାନ୍ତି । ମୟୂରଭଞ୍ଜ ଅଧିବାସୀମାନେ ଭାରତୀୟ ସ୍ତରରେ ହେଉଥିବା ଘଟଣା ସହ ପରିଚିତ ଥା'ନ୍ତି । ବଂଶୀଧର ବେହେରା, କୃଷ୍ଣଚନ୍ଦ୍ର ମୃଗରାଜ, କଣ୍ଠରାମ ଦାସ ଏବଂ ଶ୍ୟାମ ସିଂ ଟିପିରିଆ ପ୍ରଭୃତି ଶରତଚନ୍ଦ୍ର ଦାସଙ୍କ ନେତୃତ୍ୱକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରୁଥାନ୍ତି । ଶରତବାବୁ ପ୍ରଜାମଣ୍ଡଳର ଲୋକପ୍ରିୟତା ଉପଲବ୍ଧି କରି ସର୍ଦ୍ଦାରୀ ବ୍ୟବସ୍ଥାର ଉଚ୍ଛେଦ ଦାବି କଲେ । ସେତେବେଳେ ସେ ପ୍ରଜାମଣ୍ଡଳ ସମିତିର ସଭାପତି ଓ ଗୌରମୋହନ ପ୍ରଧାନ ସେକ୍ରେଟାରୀ ଥା'ନ୍ତି । ପ୍ରଗଣା ସମିତିର ନାମ ପରିବର୍ତ୍ତନ କରି ମୟୂରଭଞ୍ଜ ପ୍ରଜାମଣ୍ଡଳ ରଖାଗଲା । ଜନସାଧାରଣ ଭାବିଲେ ଯେ ପ୍ରଜାମଣ୍ଡଳରେ ଯୋଗଦାନ କଲେ ସର୍ଦ୍ଦାରମାନଙ୍କ ଅତ୍ୟାଚାରରୁ ମୁକ୍ତି ମିଳିଯିବ । All India States Peoples Conferenceର ସାଧାରଣ ସଂପାଦକ ସାରଙ୍ଗଧର ଦାସ ବଡ଼ସାହି ନିକଟରେ ଆୟୋଜିତ ପ୍ରଜାମଣ୍ଡଳର ଏକ ତିନିଦିନିଆ ଅଧିବେଶନରେ ଯୋଗ ଦେଇ ବିପ୍ଳବୀମାନଙ୍କୁ ଉଚ୍ଛ୍ୱସିତ ଭାଷାରେ ଅଭିନନ୍ଦନ ଜଣାଇଲେ । ଆଦିବାସୀ ଲୋକଙ୍କୁ ନିଶା ନିବାରଣ କାର୍ଯ୍ୟକ୍ରମରେ ଉଦ୍‌ବୁଦ୍ଧ କରି ସେମାନଙ୍କ ଆର୍ଥିକ ଉନ୍ନତିକୁ ତ୍ୱରାନ୍ୱିତ କରିବା ତାଙ୍କର ଆହ୍ୱାନ ଥିଲା । ଶରତବାବୁଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳର ଉତ୍ତରୋତ୍ତର ପ୍ରଗତି ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେ ଶରତବାବୁଙ୍କୁ ଏକ ପ୍ରଶଂସାସୂଚକ ପତ୍ର ଲେଖି ତାଙ୍କର ସଫଳତା କାମନା କରିଥିଲେ ।

ପ୍ରଜାମଣ୍ଡଳ ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ଦରବାର ତରଫରୁ ରାଜ୍ୟ ପ୍ରଜାମଙ୍ଗଳ ନାମକ ଏକ ସଂଗଠନ ସ୍ଥାପିତ ହୋଇଥିଲା । ପ୍ରଜାମଣ୍ଡଳ କର୍ମୀ ଓ ନେତାମାନଙ୍କ ନାମରେ ନାନାପ୍ରକାର ମିଥ୍ୟା ଅଭିଯୋଗ ନେଇ ଫୌଜଦାରୀ ମୋକଦ୍ଦମା ଆରମ୍ଭ ହେଲା । ନେତାମାନଙ୍କୁ ନିନ୍ଦିତ କରିବା ଅଭିପ୍ରାୟରେ ମିଥ୍ୟା ଗୁଜବମାନ ପ୍ରଚାରିତ ହେଲା । କିନ୍ତୁ ପ୍ରଜାମଣ୍ଡଳ ନେତାମାନେ ସେଥିରେ ଭ୍ରୁକ୍ଷେପ ନ କରି ପ୍ରଜାମଙ୍ଗଳର ଅସଲ ରୂପ ପ୍ରକାଶ କରିଦେଲେ ।

ଶରତଚନ୍ଦ୍ରଙ୍କ ନେତୃତ୍ୱ ଉପରେ ଲୋକମାନଙ୍କ ଆସ୍ଥା ଅତୁଟ ଥିଲା । ନାନା ପ୍ରକାର ପ୍ରଚାରପତ୍ର, ପ୍ରଚାର ସଂଗୀତ, ଭାଷଣ ଓ ଗଠନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ସେ ମୟୂରଭଞ୍ଜରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଅତି ଦୃଢ଼ ଓ ପ୍ରଭାବଶାଳୀ କରିପାରିଥିଲେ । ତାଙ୍କ ବିରୋଧରେ ଅପପ୍ରଚାର ପାଇଁ ସଂପୃକ୍ତ ରାଜଦରବାରରେ ସବୁକିଛି ଉଦ୍ୟମ ବିଫଳ ହେଲା । ପ୍ରଜାମଣ୍ଡଳ ନେତାମାନେ ପୁଲିସ ଦୃଷ୍ଟିରେ ରହିଲେ ଓ ନେତୃବର୍ଗଙ୍କୁ ଇତସ୍ତତଃ ବଦଳି କରାଗଲା । କିନ୍ତୁ ବିପ୍ଳବୀମାନେ ସେଥିରେ ବିଚଳିତ ହେଲେ ନାହିଁ ।

Digitized by PPRACHIN, SOA

ପ୍ରଜାମଣ୍ଡଳରେ ମହିଳାମାନଙ୍କୁ ସଭ୍ୟ ଓ କର୍ମୀ ଭାବରେ ଗ୍ରହଣ କରିବାରୁ ପ୍ରଜାମଣ୍ଡଳ ପାଇଁ ନୂତନ ଦିଗନ୍ତ ଉନ୍ମୋଚିତ ହେଲା । ଶରତଚନ୍ଦ୍ରଙ୍କ ସହକର୍ମୀମାନେ କଂଗ୍ରେସ କାର୍ଯ୍ୟକ୍ରମ ସହିତ ନିବିଡ଼ ଯୋଗସୂତ୍ର ରଖିଥିଲେ । ତେଣୁ ରାଜନୈତିକ ସଂଗ୍ରାମରେ ସେ ଏକାକୀ ବୋଧ କରୁ ନ ଥିଲେ । କର୍ମୀମାନଙ୍କ ପାଇଁ ଅନେକ ଶିକ୍ଷାଶିବିର ଉଦ୍‌ଘାଟନ କରି ନୂତନ ସଭ୍ୟଙ୍କୁ ନିଜ ଆଦର୍ଶରେ ଅନୁପ୍ରାଣିତ କଲେ । ଗ୍ରାମମାନଙ୍କରେ ସ୍ୱରାଜ ସ୍ଥାପନ କରିବା ତାଙ୍କର ଇଚ୍ଛା ଥିଲା । ତେଣୁ 'ଗ୍ରାମ ସ୍ୱରାଜ' ନାମକ ଆହ୍ୱାନ ତାଙ୍କର ଏକ ନୂତନ ମନ୍ତ୍ର ଥିଲା । ରାଜ୍ୟରେ ସ୍ୱତନ୍ତ୍ର ସରକାର ସ୍ଥାପିତ ହେବା ପୂର୍ବରୁ ଗ୍ରାମମାନଙ୍କରେ ସ୍ୱରାଜ ସ୍ଥାପନର ଆବଶ୍ୟକତା ସେ ଉପଲବ୍ଧି କରିଥିଲେ ।

ଦରବାର ଶାସନ ଆନୁକୂଲ୍ୟରେ ଯେଉଁ ପ୍ରଜାମଙ୍ଗଳ ସଂଗଠନ ସ୍ଥାପିତ ହେଲା ତାର ପରିଚାଳକ ଥିଲେ ହରିଶ୍ଚନ୍ଦ୍ର ଦାଶ । ସେ ରାଜ୍ୟର ପୁଲିସ ଅଧ୍ୟକ୍ଷ ରାମଚନ୍ଦ୍ର ଦାଶଙ୍କ କନିଷ୍ଠ ଭ୍ରାତା ଥିଲେ । ରାଜ୍ୟର ସର୍ଦ୍ଦାର, ସର୍ବରାକାର ଓ ତହସିଲଦାରମାନଙ୍କୁ ପ୍ରଜାମଙ୍ଗଳ ସଂଗଠନର ସଦସ୍ୟ କରାଗଲା । ଯଶିପୁରର ମହନ୍ତ ବଳରାମ ଦାସ ଜଣେ ମୁଖ୍ୟ ସଂଗଠକ ଥିଲେ । ଜନସାଧାରଣଙ୍କୁ ପ୍ରଜାମଣ୍ଡଳ ବିରୋଧରେ ଉତ୍ତେଜିତ ଓ ଉଦ୍‌ଭ୍ରାନ୍ତ କରିବା ପ୍ରଜାମଙ୍ଗଳର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସମୟ ସମୟରେ ପ୍ରଜାମଣ୍ଡଳର ସଭାକାର୍ଯ୍ୟକୁ ସେମାନେ ଭଣ୍ଡୁର କରୁଥିଲେ । କେତେକ ସ୍ଥାନରେ ଉଭୟ ଗୋଷ୍ଠୀ ଭିତରେ ବଳ କଷାକଷି ମଧ୍ୟ ହେବାର ଦୃଷ୍ଟାନ୍ତ ଥିଲା । ପ୍ରଜାମଙ୍ଗଳକୁ ଦରବାର ପକ୍ଷରୁ ରାଜ୍ୟର ଜାତୀୟ କଂଗ୍ରେସ ରୂପେ ପ୍ରଚାର କରାଗଲା । ପ୍ରଜାମଙ୍ଗଳର ସାଧାରଣ ସଭାକୁ ରାଜ୍ୟ କଂଗ୍ରେସ ଦଳର ସଭା ରୂପେ ବର୍ଣ୍ଣନା କରାଗଲା । ଭାରତରକ୍ଷା ଆଇନ ପ୍ରୟୋଗ ବଳରେ ପ୍ରଜାମଣ୍ଡଳ ନେତା ଜଗନ୍ନାଥ, କମିଳା ଓ ବଂଶୀଧର ରାଜଙ୍କୁ ଗିରଫ କରି ଅଟକବନ୍ଦୀ ରଖାଗଲା । ସିଧାସଳଖ ସରକାରୀ ଅପପ୍ରଚାରମୂଳକ ଆକ୍ରମଣର ମାତ୍ରା ଦିନୁଦିନ ବୃଦ୍ଧି ପାଇଲା । ଏସବୁ ସତ୍ତ୍ୱେ ପ୍ରଜାମଣ୍ଡଳ କର୍ମୀମାନଙ୍କ ଉତ୍ସାହ ହ୍ରାସ ନ ହେବା ଆଶ୍ଚର୍ଯ୍ୟର ବିଷୟ ଥିଲା । ବିଦ୍ୟାଳୟ ମାଧ୍ୟମରେ ସେମାନେ ଗଠନମୂଳକ କାର୍ଯ୍ୟମାନ ଗ୍ରାମସ୍ତରରେ ସଫଳତାର ସହ କରିପାରିଥିଲେ । ଗ୍ରାମ ସଫେଇ, ଅସ୍ପୃଶ୍ୟତା ନିବାରଣ, ଚରଖା ଆନ୍ଦୋଳନ, ସାକ୍ଷରତା ଅଭିଯାନ ଆଦି ନାନା ଜନପ୍ରିୟ କାର୍ଯ୍ୟରେ ସେମାନେ ସଫଳ ହୋଇଥିଲେ । ଗ୍ରାମ ସ୍ତରରେ ପଞ୍ଚାୟତକାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା । କର୍ମୀମାନେ କପାଚାଷକୁ ପ୍ରୋତ୍ସାହନ ଦେଇଥିଲେ । ଫୌଜଦାରୀ ଓ ଦେୱାନୀ ମୋକଦ୍ଦମାକୁ ପଞ୍ଚାୟତ ସ୍ତରରେ ସମାଧାନ କରିବା ଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା । ନିଶା ନିବାରଣ, ସାମାଜିକ ନ୍ୟାୟ, ଆଦିବାସୀଙ୍କୁ ସମବାୟ ସମିତିର ଉପାଦେୟତା ବୁଝାଇବା ଆଦି ବହୁକାର୍ଯ୍ୟ ସେମାନଙ୍କ ଦ୍ୱାରା ହୋଇପାରିଥିଲା । ଗରିବ ଋଣଗ୍ରସ୍ତ କୃଷକଙ୍କୁ ମହାଜନ ଦାଉରୁ ରକ୍ଷା କରିବା ସେମାନଙ୍କର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ।

Digitized by PPRACHIN, SOA

'ଭାରତଛାଡ଼ ଆନ୍ଦୋଳନ'କୁ ପ୍ରଜାମଣ୍ଡଳ କର୍ମୀମାନେ ଆଗ୍ରହର ସହିତ ଆପଣାର କରିଥିଲେ । ଖ୍ରୀ. ୧୯୪୨ ଅଗଷ୍ଟ ୧୬ ତାରିଖ ଦିନ ଅମଣିଦାଠାରେ ପ୍ରବଳ ବର୍ଷା ସତ୍ତ୍ୱେ ପ୍ରାୟ ଦଶହଜାର ଦେଶପ୍ରେମୀ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲେ । ପ୍ରାୟ କୋଡ଼ିଏ ହଜାରରୁ ଅଧିକ ଲୋକ ଖୁଣ୍ଟାଠାରୁ ଉଦଳା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ 'ଭାରତଛାଡ଼' ସ୍ଲୋଗାନକୁ ପ୍ରତିଧ୍ୱନିତ କରିଥିଲେ । ଅନୁରୂପ ଶୋଭାଯାତ୍ରା ବେତନଟୀରୁ ବାରିପଦା ଟାଉନ୍ ଅଭିମୁଖରେ ଯାଇଥିଲା । ରାଜଦରବାର ତରଫରୁ କୌଣସି ପ୍ରତିରୋଧ ବା ପୁଲିସ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । ବରଂ ମହାରାଜାଙ୍କ ଅନୁରୋଧକ୍ରମେ ଶୋଭାଯାତ୍ରା ସହର ଉପକଣ୍ଠ ପର୍ଯ୍ୟନ୍ତ ଯାଇ ଫେରିଆସିଲା । ଅନ୍ୟ ଗଡ଼ଜାତ ପରି ରକ୍ତପାତ ଯେପରି ନ ହେଉ ଏହା ମହାରାଜାଙ୍କ ଇଚ୍ଛା ଥିଲା । ତେଣୁ ପ୍ରଜାମଣ୍ଡଳ କର୍ମୀମାନେ ବିଶୃଙ୍ଖଳ ଆଚରଣ ଦେଖାଇ ନ ଥିଲେ । ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଥିଲା । ଖ୍ରୀ. ୧୯୪୩ ଜାନୁୟାରୀ ୨୬ ତାରିଖ ଦିନ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରଜାମଣ୍ଡଳ ତରଫରୁ ଗଠନମୂଳକ କାର୍ଯ୍ୟରେ କର୍ମୀମାନଙ୍କୁ ନିୟୋଜିତ କରାଯାଇଥିଲା । ସେମାନେ ମାନଗୋବିନ୍ଦପୁର ପାଖରେ ଥିବା ନରଣଗାଁରେ ଯେଉଁ ବନ୍ଧ କାର୍ଯ୍ୟ ସଂପନ୍ନ କଲେ ତାହା ପରେ 'ଶରତ ଚନ୍ଦ୍ର ବନ୍ଧ' ନାମରେ ନାମିତ ହୋଇଥିଲା । ଏହି ସମୟରେ ଶରତବାବୁଙ୍କ ନିଜ ଗାଁ ଆମ୍ବଯୋଡ଼ାଠାରେ ଏକ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଗୃହ ନେଇ ବିବାଦ ଉପୁଜିଥିଲା । ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା । ତେଣୁ ପ୍ରଥମେ ପୁଲିସ କାର୍ଯ୍ୟାନୁଷ୍ଠାନରେ ଯେଉଁମାନେ ଗିରଫ ହୋଇଥିଲେ ସେମାନେ ପରେ ପରେ ନିର୍ଦ୍ଦୋଷ ପ୍ରମାଣିତ ହେବାରୁ ଖଲାସ ହୋଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅଟଲୀ ସରକାର ଭାରତକୁ ସ୍ୱାଧୀନତା ଦେବା କଥା ଘୋଷଣା କରିଥିଲେ । ଭାରତରେ ଜାତୀୟ କଂଗ୍ରେସ ଆନୁକୂଲ୍ୟରେ ସ୍ୱାଧୀନ ଭାରତର ପ୍ରତିନିଧିମୂଳକ ଦାୟିତ୍ୱପୂର୍ଣ୍ଣ ସରକାର ଗଠିତ ହେବା ସ୍ପଷ୍ଟ ହୋଇଥିଲା । ପ୍ରଜାମଣ୍ଡଳ ନେତା ଓ କର୍ମୀମାନେ ମୟୂରଭଞ୍ଜରେ ଅନୁରୂପ ଦାୟିତ୍ୱମୂଳକ ସରକାର ପ୍ରତିଷ୍ଠା କରିବା ପରିକଳ୍ପନା କରୁଥିଲେ । ଖ୍ରୀ. ୧୯୪୫ ଏପ୍ରିଲ ୨୩ ତାରିଖ ଦିନ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମତିଥିରେ ରାଜ୍ୟ ସରକାରଙ୍କ ତରଫରୁ ୨୭ ଜଣ ସଦସ୍ୟ ବିଶିଷ୍ଟ ଏକ କେନ୍ଦ୍ର ପରିଷଦ ଗଠନ କରିବା ଘୋଷଣା ପ୍ରକାଶ ପାଇଲା । ଏହି ସଦସ୍ୟମାନଙ୍କ ମଧ୍ୟରୁ ୧୫ ଜଣ ଶିଳ୍ପ, ବାଣିଜ୍ୟ, ଆଦିବାସୀମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ମହାରାଜାଙ୍କ ଦ୍ୱାରା ମନୋନୀତ ହେଲେ ଏବଂ ବାକି ସମସ୍ତେ ନିର୍ବାଚିତ ହେଲେ । ଏହି ପ୍ରସ୍ତାବିତ ପରିଷଦର କାର୍ଯ୍ୟକାଳ ତିନିବର୍ଷ ହେଲା ଏବଂ ଏହାର କାର୍ଯ୍ୟକାଳକୁ ମାତ୍ର ଏକବର୍ଷ ବଢ଼ାଇବାର କ୍ଷମତା ମହାରାଜାଙ୍କୁ ଦିଆଗଲା । ମହାରାଜା ଏହାର ଅଧିବେଶନ ଡାକିପାରିଲେ ଏବଂ ବର୍ଷକୁ ଅନ୍ତତଃ ଥରେ ଅଧିବେଶନ ବସିଲା । ମହାରାଜାଙ୍କ ପ୍ରତି ଅନୁରକ୍ତି ପ୍ରକାଶ କରି ସଦସ୍ୟମାନେ ଶପଥ ପାଠ କରିବା ବ୍ୟବସ୍ଥା ଥିଲା । ପରିଷଦର ସଭାପତି ଓ ଉପସଭାପତି ତାଙ୍କଦ୍ୱାରା ମନୋନୀତ ହେଲେ । ପରିଷଦର ନିଷ୍ପତ୍ତି

Digitized by PPRACHIN, SOA

ସଂଖ୍ୟାଗରିଷ୍ଠ ମତାନୁସାରେ ହେବା ବିଧି ନିର୍ଦ୍ଦିଷ୍ଟ ହେଲା । ସଦସ୍ୟ ହେବାପାଇଁ ଅନ୍ୟୂନ ୨୫ ବର୍ଷ ବୟସ ହୋଇଥିବା ଦରକାର ଥିଲା । ପରିଷଦରେ ବାକ୍‌ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯାଇଥିଲା । ସ୍ୱାଧୀନଭାବେ ମତବ୍ୟକ୍ତ କଲେ କେହି ଦଣ୍ଡନୀୟ ହେଲେ ନାହିଁ । ନିୟମ ଓ ଆଇନ ପ୍ରଣୟନରେ ପରିଷଦକୁ ତୁଙ୍ଗ କ୍ଷମତା ପ୍ରଦାନ କରାଯାଇଥିଲା । କିନ୍ତୁ ମହାରାଜା ଓ ତାଙ୍କ ପରିବାର, ପ୍ରଚଳିତ ସନ୍ଧି, ସନନ୍ଦ ଓ ଚୁକ୍ତି ଏବଂ ସାର୍ବଭୌମ ବ୍ରିଟିଶ ବା ଭାରତ ସରକାରଙ୍କ ସଂପର୍କରେ କୌଣସି ନିୟମ ବା ଆଇନ କରିବା କ୍ଷମତା ଦିଆଯାଇ ନ ଥିଲା । ପରିଷଦରେ ବିଲ୍/ପ୍ରସ୍ତାବ ପାସ ହେବା ପରେ ମହାରାଜାଙ୍କ ଅନୁମୋଦନ ପାଇଲେ ତାହା ଆଇନ ହୋଇପାରିଲା । ଘୋଷଣାରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଥିଲା ଯେ, କେନ୍ଦ୍ର ପରିଷଦର ସଦସ୍ୟମାନେ ପ୍ରଜାସଭାଦ୍ୱାରା ନିମ୍ନୋକ୍ତ ସଂଖ୍ୟାରେ ନିର୍ବାଚିତ ହେବେ ।

ସଦର ପ୍ରଜାସଭା –	୩
ବାମନଘାଟି ପ୍ରଜାସଭା –	୩
ପାଞ୍ଚପୀଢ଼ ପ୍ରଜାସଭା –	୨
କପ୍ତିପଦା ପ୍ରଜାସଭା –	୨
ବାରିପଦା ପ୍ରଜାସଭା –	୧
ସର୍ବମୋଟ –	୧୨

ଏହି ସଂବିଧାନ ପ୍ରବର୍ତ୍ତନରେ ପ୍ରଜାମଣ୍ଡଳ ନେତାମାନେ ବିଶେଷ ଆଗ୍ରହ ପ୍ରକାଶ କରି ନ ଥିଲେ । ଖ୍ରୀ. ୧୯୪୭ ପ୍ରାରମ୍ଭରେ ସେମାନେ ବରଂ ବୈଶିଙ୍ଗାଥାନାର ମଧୁକଣ୍ଡା ଗ୍ରାମରେ ଏକ ଅଧିବେଶନ ଓ ତା ସହିତ କୃଷି ଓ ଶିଳ୍ପଜାତ ପଦାର୍ଥର ଏକ ପ୍ରଦର୍ଶନୀ ଆୟୋଜନରେ ଉତ୍ସାହ ପ୍ରଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ ଗୋଆଲିୟରଠାରେ All India States Peoples Conferenceରେ ଯୋଗଦେବାକୁ ଯାଇଥିଲେ । ଏହି କନଫରେନସରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଗୋଟିଏ ଶାଖା ସଂଗଠନ ସାରଙ୍ଗଧର ଦାସଙ୍କ ଅଧିନାୟକତ୍ୱରେ କଟକଠାରେ ଖୋଲାଗଲା । ଓଡ଼ିଶାର ଗଡ଼ଜାତମାନଙ୍କରେ ଗଠିତ ହୋଇଥିବା ପ୍ରଜାମଣ୍ଡଳ କମିଟି ସହିତ ଏହି ଶାଖା ସଂଗଠନର ଯୋଗାଯୋଗ ରହିଥିଲା । ସେତେବେଳକୁ ମୟୂରଭଞ୍ଜର ପ୍ରଜାମଣ୍ଡଳ ପ୍ରାୟ ଲୋପ ପାଇଥିଲା । ମୟୂରଭଞ୍ଜ ପ୍ରଜାମଣ୍ଡଳ ବଡ଼ସାହି ଥାନାର ପ୍ରତାପପୁରଠାରେ ଆଉ ଏକ ଅଧିବେଶନର ଆୟୋଜନ କରିଥିଲେ । ଏହା ଥିଲା ପରାଧୀନ ଭାରତରେ ପ୍ରଜାମଣ୍ଡଳର ଅନ୍ତିମ ସମାବେଶ । ମୟୂରଭଞ୍ଜର ପ୍ରତ୍ୟେକ ସବ୍‌ଡିଭିଜନରେ ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ ପ୍ରଜାମଣ୍ଡଳ ସଂଗଠନ ଅତି ସୁଦୃଢ଼ ହୋଇସାରିଥିଲା । ତେଣୁ ପ୍ରତାପପୁର ଅଧିବେଶନ ପାଇଁ ବହୁ ସଂଖ୍ୟାରେ କର୍ମୀ ଓ ପ୍ରତିନିଧି ବିଭିନ୍ନ ସ୍ଥାନରୁ ଆସିଥିଲେ । ଏହି ଅଧିବେଶନରେ ଶରତଚନ୍ଦ୍ର ଦାସଙ୍କ ଆହ୍ୱାନରେ ଏକ ସ୍ୱେଚ୍ଛାସେବକ ବାହିନୀ ଗଠିତ

Digitized by PPRACHIN, SOA

ହୋଇଥିଲା । ଆବଶ୍ୟକ ହେଲେ ରାଜତନ୍ତ୍ର ସହିତ ମୁକାବିଲା କରିବା ଏହି ବାହିନୀର ଲକ୍ଷ୍ୟ ଥିଲା । ପରିଶେଷରେ ଅଗଷ୍ଟ ୧୫ ତାରିଖ ଦିନ ଭାରତ ସ୍ୱାଧୀନ ହେଲା । ମୟୂରଭଞ୍ଜରେ ମଧ୍ୟ ସ୍ୱାଧୀନତା ଦିବସ ଉପଲକ୍ଷରେ ଶୋଭାଯାତ୍ରା, ପତାକା-ଉତ୍ତୋଳନ, ସାଧାରଣ ସଭା ଆଦି ଆୟୋଜିତ ହେଲା । ଭାରତରେ ବ୍ରିଟିଶ ଶାସନର ପରିସମାପ୍ତି ସହିତ କଂଗ୍ରେସ ଶାସନ ଆରମ୍ଭ ହେଲା ସତ, କିନ୍ତୁ ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କରେ ପ୍ରଚଳିତ ଥିବା ଶାସନ ବ୍ୟବସ୍ଥାର କୌଣସି ବୈପ୍ଳବିକ ପରିବର୍ତ୍ତନ ହେଲା ନାହିଁ । ମୟୂରଭଞ୍ଜ ପ୍ରଜାମଣ୍ଡଳ ନେତାମାନେ ସ୍ୱତନ୍ତ୍ର ଏକ ଦାୟିତ୍ୱଶୀଳ ସରକାର ଗଠନ କରିବାକୁ ଚାହୁଁଥିଲେ । ତେଣୁ ମହାରାଜାଙ୍କ ପ୍ରସ୍ତାବିତ କେନ୍ଦ୍ର ପରିଷଦ ଗଠନରେ ସେମାନେ ସନ୍ତୁଷ୍ଟ ହେଲେ ନାହିଁ । ଏହି ସମୟରେ ପାଇକମାନଙ୍କର ଜାଗିର ସଂପତ୍ତି ନେଇ ଏକ ସମସ୍ୟା ଉପୁଜିଲା । ଜାଗିର ଭୂସମ୍ପତ୍ତି ଭୋଗ କରିଥିବା ଜଣେ ପାଇକର ମୃତ୍ୟୁ ହେବାପରେ ତାର ନାବାଳକ ସନ୍ତାନମାନେ ଜାଗିର ପାଇବାରେ ହକ୍‌ଦାର ନୁହନ୍ତି କହି ରାଜ୍ୟ ସରକାର ମୃତ ପାଇକର ଜମି ସବୁ ବାଜ୍ୟାପ୍ତ କରିନେଲେ । ତେଣୁ ପାଇକମାନେ ବୈକୁଣ୍ଠନାଥ ସଦୁଆଙ୍କ ନେତୃତ୍ୱରେ ବିଦ୍ରୋହ କଲେ । ବୈକୁଣ୍ଠନାଥ ସଦୁଆଙ୍କ ବିରୋଧରେ ମୋକଦ୍ଦମା ହୋଇ ତାଙ୍କୁ ଦଣ୍ଡବିଧାନ ହେଲା । ଏଥିରେ ପାଇକମାନେ ଅଧିକ ଉତ୍‌କ୍ଷିପ୍ତ ହେଲେ । ପ୍ରତାପପୁର ଅଧିବେଶନରେ ପ୍ରଜାମଣ୍ଡଳ ଶେଷଥର ପାଇଁ ରାଜତନ୍ତ୍ରର ମୁକାବିଲା କରିବାକୁ ସ୍ଥିର କରିଥିଲା । କରଞ୍ଜିଆ, ଉଦଳା, ରାଇରଙ୍ଗପୁର ଏବଂ ବେତନଟୀରେ ସଂଗଠନ ତରଫରୁ ହରତାଳ, ପିକେଟିଙ୍ଗ୍ ଓ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହେଲା । ଅବସ୍ଥାକୁ ଜଟିଳ କଲା ଲାଲମୋହନ ପଟ୍ଟନାୟକ ନାମକ ପ୍ରଜାପରିଷଦର ଜଣେ କର୍ମକର୍ତ୍ତା । ପ୍ରଜାପରିଷଦ ଥିଲା ପ୍ରଜାମଣ୍ଡଳର ବିରୋଧୀ ସଂଗଠନ । ତେଣୁ ଲାଲମୋହନ ପଟ୍ଟନାୟକ ପ୍ରଜାମଣ୍ଡଳକୁ ଅଭିଯୁକ୍ତ କରି କେତେକ କଥା କହିବାରୁ ପରିସ୍ଥିତି ଖରାପ ହେଲା । ପ୍ରଜାମଣ୍ଡଳ ନେତାମାନେ ମହାରାଜାଙ୍କୁ ଦୋଷ ଦେଲେ । ତାଙ୍କ ପ୍ରରୋଚନା ନ ଥିଲେ ଲାଲମୋହନ ପଟ୍ଟନାୟକ ଦାୟିତ୍ୱହୀନ ଭାଷଣ ଦେଇ ନ ଥା'ନ୍ତେ ବୋଲି ଅଭିଯୋଗ ହେଲା । ଏହି ପରିସ୍ଥିତିରେ ପ୍ରଜାମଣ୍ଡଳ ନେତାମାନେ ମହାରାଜାଙ୍କ ପ୍ରସ୍ତାବିତ ମୟୂରଭଞ୍ଜ କେନ୍ଦ୍ର ପରିଷଦରୁ ଇସ୍ତଫା ଦେଲେ । ସେମାନଙ୍କ ଇସ୍ତଫାଦ୍ୱାରା ଶୂନ୍ୟସ୍ଥାନମାନ ପ୍ରଜାପରିଷଦ ସଭ୍ୟମାନଙ୍କ ଦ୍ୱାରା ମହାରାଜା ପୂରଣ କରିବାରୁ ସରକାର ପ୍ରତି ଜନସାଧାରଣଙ୍କ ସମ୍ମାନ ଓ ସଂପର୍କ କ୍ଷୁଣ୍ଣ ହେଲା । ଉତ୍ତେଜିତ ପ୍ରଜାମଣ୍ଡଳ ନେତାମାନେ ଚୂଡ଼ାନ୍ତ ସଂଗ୍ରାମପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କଲେ । ସେଥିରେ ଶରତଚନ୍ଦ୍ର ଦାସ, ପ୍ରସନ୍ନ କୁମାର ଦାସ, ହରିହର ମହାନ୍ତି, ଗୌରମୋହନ ପ୍ରଧାନ, ଭକ୍ତବନ୍ଧୁ ମହାନ୍ତି ଏବଂ ଅନନ୍ତ ରଥ ସଦସ୍ୟ ରହିଲେ । ସେମାନେ ୧୯୪୭ ଜୁନ ୩୦ ତାରିଖରେ ମହାରାଜାଙ୍କୁ ଏକ ଦାବିପତ୍ର ଦେଲେ । ଏହି ଦାବିପତ୍ର ଅନୁସାରେ ମୟୂରଭଞ୍ଜରେ ଅବିଳମ୍ବେ ଦାୟିତ୍ୱପୂର୍ଣ୍ଣ ସରକାର ପ୍ରତିଷ୍ଠା କରିବାକୁ ଅଗ୍ରାଧିକାର ଦିଆଯାଇଥିଲା ।

Digitized by PPRACHIN, SOA

ଏପରି ଅବସ୍ଥାରେ ମହାରାଜା ଜୁଲାଇ ୫ ତାରିଖ ଦିନ କେନ୍ଦ୍ର ପରିଷଦ ଭଙ୍ଗ କଲେ । ଦାବିପତ୍ରରେ ୧୬ ସେପ୍ଟେମ୍ବର ମଧ୍ୟରେ ପ୍ରଜାମଣ୍ଡଳର ଲକ୍ଷ୍ୟ ପୂରଣ କରିବା କଥା ଉଲ୍ଲେଖ ଥିବାରୁ ମହାରାଜାଙ୍କ ତରଫରୁ ସମାଧାନ ପାଇଁ ମୁଖ୍ୟ ରାଜସ୍ୱ ଅଧିକାରୀ ରାଧାଗୋବିନ୍ଦ ଦାସ ନେତାମାନଙ୍କ ସହିତ ଆଲୋଚନା ଆରମ୍ଭ କଲେ । ନିଜ ପ୍ରଜା ସାଧାରଣଙ୍କ ସହିତ ତିକ୍ତ ସଂପର୍କ ସୃଷ୍ଟି କରିବା ମହାରାଜାଙ୍କ ଇଚ୍ଛା ନ ଥିଲା କିମ୍ବା ତାଳଚେର ଓ ଢେଙ୍କାନାଳ ରାଜ୍ୟ ପରି ଉତ୍ପୀଡ଼ନ ଓ ରକ୍ତପାତ କରିବା ସେ ଚାହୁଁ ନ ଥିଲେ । ଆଲୋଚନା ମାଧ୍ୟମରେ ସ୍ଥିର ହେଲା ଯେ ପ୍ରଜାସଭା ଓ କେନ୍ଦ୍ର ପରିଷଦକୁ ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କ ମଧ୍ୟରୁ କେତେଜଣଙ୍କ ନାମ ପ୍ରଜାମଣ୍ଡଳ ସୁପାରିସ କଲେ ସେମାନେ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରିବେ ଏବଂ ସେମାନଙ୍କ ଦ୍ୱାରା ପୁଣି ନିର୍ବାଚନ ହେବା ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳିତ ହେବ । ଏହି ସମାଧାନକୁ ମହାରାଜା ଗ୍ରହଣ କରିନେଲେ ଏବଂ ମୟୂରଭଞ୍ଜ ସ୍ୱତନ୍ତ୍ର ରାଜ୍ୟ ହୋଇ ରହିଲେ ସେ ତା'ର ସାମ୍ବିଧାନିକ ମୁଖ୍ୟ ପଦରେ ଦାୟିତ୍ୱ ତୁଲାଇବେ ବୋଲି ସ୍ଥିର ହେଲା ।

ଏହା ଫଳରେ ସ୍ୱାଧୀନତାପ୍ରାପ୍ତି ପରେ ପରେ ଭାରତର ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ପ୍ରଥମେ ରାଜତନ୍ତ୍ର ଶାସନ ବଦଳରେ ଲୋକପ୍ରିୟ ଦାୟିତ୍ୱପୂର୍ଣ୍ଣ ସରକାର ଓ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ଆରମ୍ଭ କରିଥିଲା । ଅହିଂସା ନୀତି ଅନୁସରଣ କରି ପ୍ରଜାମଣ୍ଡଳ ନେତା ଶରତଚନ୍ଦ୍ର ଦାସଙ୍କ ଅଧକ୍ଷତାରେ କ୍ଷମତା ହସ୍ତାନ୍ତର ହେବା ଏକ ଐତିହାସିକ ଘଟଣା ଥିଲା । ଡିସେମ୍ବର ୯ ତାରିଖ (୧୯୪୭) ଦିନ ଏକ ତିନିଜଣିଆ ମନ୍ତ୍ରିମଣ୍ଡଳ ଶରତଚନ୍ଦ୍ର ଦାସ, ବିଦ୍ୟାଧର ମହାପାତ୍ର ଓ ମହେଶ୍ୱର ନାଏକଙ୍କୁ ନେଇ ଗଠିତ ହେଲା । ସେମାନଙ୍କ ମଧ୍ୟରେ ଶାସନ ବିଭାଗର ବଣ୍ଟନ ହେଲା । ଶରତଚନ୍ଦ୍ର ଦାସ ପ୍ରଧାନମନ୍ତ୍ରୀ ପଦରେ ଗୃହ, ଅର୍ଥ, ଯୋଜନା ଓ ପୁନର୍ଗଠନ ବିଭାଗ ଦାୟିତ୍ୱରେ ରହିଲେ । ବିଦ୍ୟାଧର ମହାପାତ୍ର ରାଜସ୍ୱ, ଆଇନ, ସ୍ୱାସ୍ଥ୍ୟ ଏବଂ ସ୍ୱାୟତ୍ତ ଶାସନ ଦାୟିତ୍ୱ ବହନ କଲେ । ଉନ୍ନୟନ, ଶିକ୍ଷା, ଯୋଗାଣ, ପରିବହନ, ବାରିକମିସ୍ତ୍ରି, ବାଣିଜ୍ୟ ଓ ଶ୍ରମ ବିଭାଗ ମହେଶ୍ୱର ନାଏକଙ୍କ ଦାୟିତ୍ୱରେ ରହିଲା । ତା ସହିତ ଭବିଷ୍ୟତର ଶାସନ ଖସଡ଼ା ତିଆରି କରିବାପାଇଁ ଏକ ସଂବିଧାନ ସଭା ପ୍ରସ୍ତୁତ ହେଲା । ଭାରତ ଅନ୍ତର୍ଭୁକ୍ତ ରାଜ୍ୟ ଭାବରେ ମୟୂରଭଞ୍ଜ ନିଜର ସ୍ୱତନ୍ତ୍ର ସ୍ଥିତି ଅକ୍ଷୁଣ୍ଣ ରଖିବା ମଧ ସ୍ଥିରୀକୃତ ହେଲା । ଡିସେମ୍ବର ୧୦ ତାରିଖ ଦିନ ଉପରୋକ୍ତ ମନ୍ତ୍ରିମଣ୍ଡଳ ହାତରେ ମହାରାଜା ଶାସନ ଦାୟିତ୍ୱ ଅର୍ପଣ କରିଥିଲେ ।

ଏହା ମୟୂରଭଞ୍ଜ ପ୍ରଜାମଣ୍ଡଳର ଏକ ଶ୍ରେଷ୍ଠ ସଫଳତା ଥିଲା । ନୂତନ ସରକାର ସ୍ଥାପନ ବିଷୟ ଭାରତ ସରକାରଙ୍କୁ ଜଣାଇଦିଆଗଲା ଓ ସରକାରୀ ଭାବରେ ବିଶେଷ ଇସ୍ତାହାର ପ୍ରକାଶିତ ହେଲା । ପ୍ରଧାନମନ୍ତ୍ରୀ ଶରତଚନ୍ଦ୍ର ଦାସଙ୍କୁ ଭାରତର ବରେଣ୍ୟ ନେତା ଡଃ ରାଜେନ୍ଦ୍ରପ୍ରସାଦ ଓ ପଣ୍ଡିତ ଜବାହରଲାଲ ନେହରୁ ଅଭିନନ୍ଦନ ଜଣାଇଲେ । ପ୍ରାୟ ଦୀର୍ଘ ଦଶବର୍ଷର ରାଜନୈତିକ ଜନଆନ୍ଦୋଳନର ଶାନ୍ତିପୂର୍ଣ୍ଣ ଅବସାନ ହେଲା ।

Digitized by PPRACHIN, SOA

ପ୍ରଜାମଣ୍ଡଳର ବିଜୟ ଓ ସାମନ୍ତବାଦର ପରାଜୟ ସହିତ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ଭବିଷ୍ୟତ ପାଇଁ ନବଯୁଗର ବାର୍ତ୍ତାବହ ହୋଇଥିଲା । ଜାତୀୟ ସ୍ତରରେ ଚାଲିଥିବା ପରିବର୍ତ୍ତନ ସହିତ ମୟୂରଭଞ୍ଜ ମଧ୍ୟ ସୁରତାଳ ମିଳାଇ ସମପଥର ଯାତ୍ରୀ ହେଲା । ଶରତଚନ୍ଦ୍ର ଦାସଙ୍କ ମନ୍ତ୍ରିମଣ୍ଡଳ ପ୍ରାୟ ଦଶମାସ କ୍ଷମତାରେ ରହିଥିଲେ । ଅଳ୍ପ ସମୟ ଭିତରେ ସେମାନେ ବିନା କ୍ଷତିପୂରଣରେ ସରଦାରୀ ପ୍ରଥା ବିଲୋପ କରିଥିଲେ । ନିଶା ନିବାରଣକୁ ସଂପୂର୍ଣ୍ଣଭାବେ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଉଚ୍ଚଶିକ୍ଷାର ପ୍ରସାର ପାଇଁ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ସ୍ଥାପିତ ହେଲା । ଏହି ମହାବିଦ୍ୟାଳୟରେ କଳା ଓ ବିଜ୍ଞାନ ଶିକ୍ଷା ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇଥିଲା । ଉନ୍ନତି ଓ ଗଠନମୂଳକ କାର୍ଯ୍ୟ କରିପାରିବା ହେତୁ ମୟୂରଭଞ୍ଜର ପ୍ରଜାମଣ୍ଡଳ ସରକାର ପ୍ରଶଂସାର ପାତ୍ର ହୋଇଥିଲା । ଶରତଚନ୍ଦ୍ର ଜଣେ ଆଦର୍ଶ ଗାନ୍ଧୀବାଦୀ ଥିଲେ । ତାଙ୍କ ସ୍ୱାର୍ଥହୀନ ତ୍ୟାଗପୂତ ଜୀବନ ଗଣତନ୍ତ୍ରର ଆଦର୍ଶ ସହିତ ସମତାଳରେ ଗତି କରିଥିଲା । ତେଣୁ ମୟୂରଭଞ୍ଜ ଇତିହାସରେ ତାଙ୍କ ସ୍ୱଳ୍ପଦିନର ଶାସନକାଳ ଅବିସ୍ମରଣୀୟ ହୋଇ ରହିପାରିଛି ।

ସ୍ୱାଧୀନତା ସଂଗ୍ରାମ

ଭଞ୍ଜ ରାଜାମାନେ ସାଧାରଣତଃ ପ୍ରଜାବତ୍ସଳ, ପ୍ରଗତିବାଦୀ ଓ ଉଦାର ଥିବାରୁ ରାଜତନ୍ତ୍ର ବିରୋଧରେ କୌଣସି ତିକ୍ତ ଅନୁଭୂତି ମୟୂରଭଞ୍ଜବାସୀଙ୍କର ନ ଥିଲା । ରାଜନୈତିକ ଚେତନାରେ ଉଦ୍‌ବେଳିତ ବଙ୍ଗପ୍ରଦେଶ ଅତି ସନ୍ନିକଟବର୍ତ୍ତୀ ରାଜ୍ୟ ହେଲେ ମଧ୍ୟ ଅନୁରୂପ ଆନ୍ଦୋଳନ ମୟୂରଭଞ୍ଜରେ ଦେଖା ନ ଥିଲା । ଅନ୍ୟପକ୍ଷରେ ଅନେକ ଉଚ୍ଚ ଶିକ୍ଷିତ ବଙ୍ଗୀୟ ଯୁବକ ଆଇନଜ୍ଞ, ବୁଦ୍ଧିଜୀବୀ, ଚିକିତ୍ସକ, ବିଚାରପତି ଓ ପ୍ରଶାସକ ଭାବରେ ମୟୂରଭଞ୍ଜର ସ୍ଥାୟୀ ଅଧିବାସୀ ହୋଇ ରହିଥିଲେ । ୧୯୦୫ରେ ବଙ୍ଗ ବିଭାଜନ ପରେ ଘଟିଥିବା ସ୍ୱଦେଶୀ ଆନ୍ଦୋଳନର କୌଣସି ପ୍ରଭାବ ନ ଥିଲା । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଳ୍ପଦିନ ପାଇଁ ଯେଉଁ ସନ୍ତ୍ରାସବାଦ ବଙ୍ଗପ୍ରଦେଶରେ ମୁଣ୍ଡ ଟେକିଥିଲା ତା'ର କ୍ଷଣିକ ସ୍ପର୍ଶ ବାଲେଶ୍ୱର ମାଧ୍ୟମରେ ମୟୂରଭଞ୍ଜ ଅନୁଭବ କରିଥିଲା ସତ, କିନ୍ତୁ ବାଘାଯତୀନ ଘଟଣା ପରେ ତା'ର ଅନ୍ୟ କୌଣସି ସତ୍ତା ବା ଆଭାସ ଦେଖା ଯାଇ ନ ଥିଲା । ବାଘାଯତୀନଙ୍କ ପ୍ରକୃତ ନାମ ଥିଲା ଯତୀନ୍ଦ୍ରନାଥ ମୁଖାର୍ଜୀ । ତାଙ୍କର ଚାରିଜଣ ସହକର୍ମୀ ଥିଲେ – ଚିତ୍ତପ୍ରିୟ ରାୟଚୌଧୁରୀ, ଜ୍ୟୋତିଷ ଚନ୍ଦ୍ର ପାଲ, ନୀରେନ ଦାସଗୁପ୍ତ ଓ ମନୋରଞ୍ଜନ ସେନଗୁପ୍ତ । ଏମାନେ ସଂଗ୍ରାମଶୀଳ ଉଗ୍ର ଜାତୀୟବାଦୀ ଥିଲେ । ରାଜନୈତିକ ହତ୍ୟାକାଣ୍ଡ ଘଟାଇ, ଷଡ଼ଯନ୍ତ୍ର ମାଧ୍ୟମରେ ଇଂରେଜ ଶାସନକୁ ଭାରତରୁ ହଟାଇବା ଏମାନଙ୍କର ଲକ୍ଷ୍ୟ ଥିଲା । ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ ଓ ଗତିବିଧି ଗୋପନୀୟ ଥିଲା । ସେମାନଙ୍କୁ ସନ୍ତ୍ରାସବାଦୀ କୁହାଯାଉଥିଲା । ଇଂଲଣ୍ଡର ପ୍ରଧାନ ଶତ୍ରୁ ଜର୍ମାନୀ ସହାୟତାରେ ମାରଣାସ୍ତ୍ର ସଂଗ୍ରହ କରି ଭାରତରେ ବ୍ରିଟିଶ ଶାସନକୁ ଭୟଭୀତ କରିବାର ଯୋଜନା ସେମାନେ କରିଥିଲେ । ବଙ୍ଗଳା ଓ ମାନ୍ଦ୍ରାଜକୁ ଯୋଗ କରୁଥିବା ରେଳପଥକୁ ଧ୍ୱଂସ କରିବା ସେମାନଙ୍କର ଲକ୍ଷ୍ୟ

Digitized by PPRACHIN, SOA

ଥିଲା । ସେଥିପାଇଁ ବାଲେଶ୍ୱର ନିକଟସ୍ଥ ମୟୂରଭଞ୍ଜର କପ୍ତିପଦା ଜଙ୍ଗଲରେ ଗୋଟିଏ ଘାଟି ସ୍ଥାପନ କରିଥିଲେ । ସେଠାକାର ମନ୍ମଥ ନାଥ ଚକ୍ରବର୍ତ୍ତୀ ସେମାନଙ୍କୁ ଆଶ୍ରା ଦେଇଥିଲେ । ସେମାନେ ମାରଣାସ୍ତ୍ର ରଖିଥିବା ସୂଚନା ପାଇ ପୁଲିସ ସେମାନଙ୍କୁ ଖୋଜୁଥିଲେ । ବାଲେଶ୍ୱରର ଗୋଟିଏ ସାଇକେଲ ଦୋକାନରୁ କିଛି ସୂଚନା ପାଇ ପୁଲିସ କପ୍ତିପଦା ଅଭିମୁଖେ ଯାତ୍ରା କରିଥିଲେ । କପ୍ତିପଦାଗଡ଼ଠାରୁ ଏକମାଇଲ ଦୂରରେ ଥିବା ମହୁଲଡିହା ଗ୍ରାମରେ ମନ୍ମଥନାଥ ଚକ୍ରବର୍ତ୍ତୀଙ୍କର ଏକ କୃଷି ଫାର୍ମ ଥିଲା । ସେଠାରେ ସାଧୁବେଶରେ ଯତୀନ୍ଦ୍ରନାଥ ମୁଖାର୍ଜୀ ଓ ସାଥିମାନେ ରହୁଥିଲେ । ପୁଲିସ ଖୋଜୁଥିବା ସମ୍ବାଦ ଆଗରୁ ପାଇ ଯତୀନ୍ଦ୍ର ସତର୍କ ହୋଇଗଲେ ଏବଂ ବାଲେଶ୍ୱର ଅଭିମୁଖରେ ପଳାୟନ କଲେ । କିନ୍ତୁ ସେମାନେ ରହୁଥିବା ସ୍ଥାନରୁ ପୁଲିସ ଓଡ଼ିଶାର ମାନଚିତ୍ର, କିଛି ପୋଷାକ ଆଦି ପାଇଲେ । ସନ୍ଦେହ ଘନୀଭୂତ ହେବାରୁ ପୁଲିସ ଯତୀନ୍ଦ୍ର ଓ ସହକର୍ମୀମାନଙ୍କ ପିଛା କଲେ । ବୁଢ଼ାବଳଙ୍ଗ ନଦୀର ଫୁଲାଡ଼ି ଘାଟରେ ପୁଲିସକୁ ସେମାନଙ୍କ ବିଷୟରେ ଅଧିକ ଖବର ମିଳିଗଲା । ଯତୀନ୍ଦ୍ର ନିଜ ସହକର୍ମୀମାନଙ୍କ ସହିତ କଲିକତା ପଳାଇବାର ଉପକ୍ରମ କରୁଥିଲେ । ସ୍ଥାନୀୟ ଲୋକମାନଙ୍କ ସହାୟତାରେ ସେପ୍ଟେମ୍ବର ୯ ତାରିଖ (୧୯୧୫)ଦିନ ପୁଲିସ ସେମାନଙ୍କୁ ଠାବ କରିପାରିଲେ । ଚଷାଖଣ୍ଡ ଗ୍ରାମରେ ଉଭୟ ପକ୍ଷରୁ ଗୁଳି ବିନିମୟରେ ପ୍ରଥମେ ଚିତ୍ତପ୍ରିୟ ପ୍ରାଣ ହରାଇଥିଲେ । ପରେ ପରେ ଯତୀନ୍ଦ୍ରଙ୍କ ତଳିପେଟରେ ଓ ଜ୍ୟୋତିଷଙ୍କ କାନ୍ଧରେ ଗୁଳି ବାଜିଲା । ମନୋରଞ୍ଜନ ଓ ନୀରେନ ଅକ୍ଷତ ଥିଲେ । ସେମାନଙ୍କୁ ଗିରଫ କରି ବାଲେଶ୍ୱର ନିଆଗଲା । ସରକାରୀ ଡାକ୍ତରଖାନାରେ ସେପ୍ଟେମ୍ବର ୧୦ ତାରିଖଦିନ ଯତୀନ୍ଦ୍ର ପ୍ରାଣ ହରାଇଲେ । ଜ୍ୟୋତିଷ ଓ ଅନ୍ୟ ଦୁଇଜଣଙ୍କଠାରୁ ଗୁଳି ସହିତ ପିସ୍ତଲ ମିଳିଲା । ଏକ ସ୍ୱତନ୍ତ୍ର ଅଦାଲତରେ ସେମାନଙ୍କର ବିଚାର ହେବାପରେ ଜ୍ୟୋତିଷଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର, ମନୋରଞ୍ଜନ ଓ ନୀରେନଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା । ସେମାନେ ଦେଶମାତୃକାର ସ୍ୱାଧୀନତା ପାଇଁ ବିନା ଅନୁଶୋଚନାରେ ମୃତ୍ୟୁଦଣ୍ଡ ବରଣ କଲେ । ଏହି ରୋମାଞ୍ଚକର କାହାଣୀ ସହିତ ମୟୂରଭଞ୍ଜ ଅଙ୍ଗଭାବରେ ସଂପୃକ୍ତ । କିନ୍ତୁ ଘଟଣାର ଉତ୍ପତ୍ତି କଲିକତା ଓ ବଙ୍ଗଦେଶରେ ଏବଂ ସନ୍ତ୍ରାସବାଦୀମାନେ ବଙ୍ଗୀୟ ଯୁବକ ହୋଇଥିବାରୁ ସେମାନଙ୍କୁ ମୟୂରଭଞ୍ଜର ଅଧିବାସୀ ଭାବେ ଗ୍ରହଣ କରାଯାଇ ନ ପାରେ । ଯତୀନ୍ଦ୍ର ମୁଖାର୍ଜୀ ସ୍ୱାଧୀନ ଭାରତରେ ବାଘାଯତୀନ ନାମରେ ପରିଚିତ ।

ମୟୂରଭଞ୍ଜରେ ପ୍ରଚଳିତ ରାଜତନ୍ତ୍ର ଶାସନ ଲୋକହିତକର ହୋଇଥିଲେ ମଧ୍ୟ ସେଥିରେ କେତେକ ତ୍ରୁଟି ରହିଯାଇଥିଲା । ଶିକାର ସମୟରେ ବେଠି ମୁଣ୍ଡିଆ ପ୍ରଚଳନ, ପୁଲିସ, ଫରେଷ୍ଟର, ପ୍ରଧାନ ଓ ସର୍ଦ୍ଦାରମାନଙ୍କର ଜୁଲୁମ ସମୟ ସମୟରେ ଜନସାଧାରଣଙ୍କୁ ଅତିଷ୍ଠ କରୁଥିଲା । ରାଜା ଓ ରାଜପରିବାର ସଦସ୍ୟମାନେ ସ୍ୱାର୍ଥାନ୍ୱେଷୀ ହୋଇ ନ ଥିଲେ ମଧ୍ୟ ଜନସାଧାରଣ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରିପାରୁ ନ ଥିଲେ । ଶାସନରେ ସେମାନଙ୍କର କୌଣସି ଅଧିକାର ନ ଥିଲା । ଅବାଧରେ ସଭାସମିତି କରି

Digitized by PPRACHIN, SOA

ସ୍ୱାଧୀନ ମତ ବ୍ୟକ୍ତ କରିବା ନିଷିଦ୍ଧ ଥିଲା । ଉଚ୍ଚଶିକ୍ଷା ତଥା ସାଧାରଣ ଶିକ୍ଷାକ୍ଷେତ୍ରରେ ରାଜ୍ୟ ସରକାର କୌଣସି ଉଲ୍ଲେଖନୀୟ ପଦକ୍ଷେପ ନେଇ ନ ଥିଲେ । ପାଞ୍ଚପୀଢ଼, ବାମନଘାଟି ଓ ସଦର ସବଡିଭିଜନର ଆଦିବାସୀ ମେଳିକୁ ୧୯୧୭ରେ ଦମନ କରାଯାଇଥିଲା । ରାଜ୍ୟରେ ସଂଖ୍ୟାଗରିଷ୍ଠ ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ହୋଇ ନ ଥିଲା । ଅଳ୍ପସଂଖ୍ୟକ ଶିକ୍ଷିତ ଗୋଷ୍ଠୀ ରାଜତନ୍ତ୍ର ପ୍ରତି ଅନୁରକ୍ତ ଥିବାରୁ ଜନ ଆନ୍ଦୋଳନ ସମ୍ଭବ ହେଉ ନ ଥିଲା । ତେଣୁ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନ (୧୯୨୦-୨୧) ପୂର୍ବରୁ ମୟୂରଭଞ୍ଜରେ ଗଣବିପ୍ଳବ ନ ହେବା ସ୍ୱାଭାବିକ ଥିଲା । ତେବେ ପ୍ରଥମ ବିଶ୍ୱଯୁଦ୍ଧ ପରେ ସମ୍ବାଦପତ୍ର ମାଧ୍ୟମରେ ସମ୍ବାଦ ପରିବେଷଣ ସୁଗମ ହେବାରୁ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସ୍ପୃଶ୍ୟତା ବିରୋଧୀ ଆନ୍ଦୋଳନ, ନିଶା ନିବାରଣ, ଖଦି ଓ ଗ୍ରାମୋଦ୍ୟୋଗର ବହୁଳ ପ୍ରଚାର ସମାଜରେ ଆଶୁ ପରିବର୍ତ୍ତନର ସୂତ୍ରପାତ କରିଥିଲା । କଂଗ୍ରେସର ଆଭିମୁଖ୍ୟ ଭାବରେ ଗାନ୍ଧୀବାଦ ଭାରତୀୟମାନଙ୍କୁ ଯେପରି ଭାବରେ ଉଦ୍‌ବୁଦ୍ଧ କରିଥିଲା ତା'ର ଉଦାହରଣ ମୟୂରଭଞ୍ଜରେ ମଧ୍ୟ ଅଚ୍ଛବହୁତ ଦେଖିବାକୁ ମିଳେ ।

ଓଡ଼ିଶାରେ ଅସହଯୋଗ ଏବଂ ଆଇନ ଅମାନ୍ୟ ଆନ୍ଦୋଳନର ପୀଠସ୍ଥଳୀ ଥିଲା ବାଲେଶ୍ୱର । ଇତିହାସ ପ୍ରସିଦ୍ଧ ଦାଣ୍ଡୀର ଲବଣ ସତ୍ୟାଗ୍ରହ ପରି ବାଲେଶ୍ୱର ଜିଲ୍ଲା ସମୁଦ୍ର ଉପକୂଳସ୍ଥ ଇଞ୍ଚୁଡ଼ିଗ୍ରାମରେ ସତ୍ୟାଗ୍ରହୀମାନେ ଯେତେବେଳେ ଲବଣ ଉତ୍ପାଦନ ଅଭିଯାନ ଆରମ୍ଭ କଲେ ସେତେବେଳକୁ ଓଡ଼ିଆ ସମ୍ବାଦପତ୍ର ପୃଷ୍ଠାମାନ ଜାତୀୟ ଆନ୍ଦୋଳନର ମହତ୍ତ୍ୱପୂର୍ଣ୍ଣ ଖବରରେ ଭରପୂର ହୋଇଥାଏ । ସ୍ୱାଧୀନତା ହାସଲପାଇଁ ଦେଶବାସୀଙ୍କ ମନରେ ପ୍ରବଳ ଉତ୍ସାହ ଓ ଜାଗରଣ ସହ ଲବଣ ସତ୍ୟାଗ୍ରହ ଯେଉଁ ଗଣଆନ୍ଦୋଳନର ରୂପ ନେଲା ତା'ର ପ୍ରଭାବ ମୟୂରଭଞ୍ଜବାସୀଙ୍କ ଉପରେ ପଡ଼ିବା ସ୍ୱାଭାବିକ ଥିଲା । ତଦ୍ୱାରା ପ୍ରଭାବିତ ହୋଇ ବେଲାଣପୁର ଗ୍ରାମର ଗୌରମୋହନ ପ୍ରଧାନ, କୁଣ୍ଡାପଡ଼ା ଗ୍ରାମର ପଞ୍ଚାନନ ରାୟସିଂହ, ପଟିସାରୀ ଗ୍ରାମର ମନମୋହନ ଦ୍ୱିବେଦୀ, ଖିରିପଦାର ସନାତନ ପ୍ରଧାନ, ଭାଲିଆଡିହା ଗ୍ରାମର ସୂର୍ଯ୍ୟମୋହନ ଦାସ ଆଦି ଲବଣ ସତ୍ୟାଗ୍ରହରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଓ ସେଥିପାଇଁ କାରାବରଣ କରିଥିଲେ । ସେମାନଙ୍କ ମଧ୍ୟରୁ ସୂର୍ଯ୍ୟମୋହନ ଦାସ ବିହାର ରାଜଧାନୀ ପାଟନା କ୍ୟାମ୍ପ ଜେଲରେ ମୃତ୍ୟୁବରଣ କରିଥିଲେ ।

ଲବଣ ସତ୍ୟାଗ୍ରହୀମାନେ ନିଜ ନିଜ ଗ୍ରାମକୁ ଫେରିବା ପରେ ସ୍ୱାଧୀନତା ଆନ୍ଦୋଳନର ତୀବ୍ରତା ମୟୂରଭଞ୍ଜରେ ବୃଦ୍ଧି ପାଇଥିଲା । ତା ସହିତ ନୀଳଗିରି, ଢେଙ୍କାନାଳ, ରଣପୁର ଓ ତାଳଚେର ଆଦି ଗଡ଼ଜାତ ରାଜ୍ୟରେ ଚାଲିଥିବା ସାମନ୍ତବାଦ ବିରୋଧୀ ପ୍ରଜାମଣ୍ଡଳ ଆନ୍ଦୋଳନର ସମ୍ବାଦମାନ ପ୍ରଚାରିତ ହୋଇଥିଲା । ରଣପୁର ରାଜ୍ୟରେ ଘଟିଥିବା ମେଜର ବେଜେଲଗେଟ୍ ହତ୍ୟାକାଣ୍ଡ ସମ୍ବାଦ ତଡ଼ିତ୍‌ବେଗରେ ବ୍ୟାପିଗଲା । କିନ୍ତୁ ମୟୂରଭଞ୍ଜର ରାଜତନ୍ତ୍ର ସ୍ୱେଚ୍ଛାଚାରୀ ହୋଇ ନ ଥିବାରୁ ଜନ ଆନ୍ଦୋଳନ ପାଇଁ ସେପରି

Digitized by PPRACHIN, SOA

କୌଣସି କାରଣ ବା ସୁଯୋଗ ମିଳୁ ନ ଥାଏ । କିନ୍ତୁ ଦେଶସାରା ଜଳୁଥିବା ତୀବ୍ର ଜନ ଅସନ୍ତୋଷ ଓ ଗଣବିପ୍ଲବକୁ ଉପେକ୍ଷା କରିବା ଅଥବା ବ୍ରିଟିଶ ଶାସନାଧୀନ ଅଞ୍ଚଳରେ ଜନଶକ୍ତିକୁ ନିୟନ୍ତ୍ରିତ କରି ରଖିବା ଆଉ ସମ୍ଭବ ହେଲା ନାହିଁ । ମୟୂରଭଞ୍ଜବାସୀ ନିଜକୁ ଦେଶର ସ୍ୱାଧୀନତା ସଂଗ୍ରାମରୁ ବିଚ୍ଛିନ୍ନ ରଖିବାରେ ସମର୍ଥ ହେଲେ ନାହିଁ ।

କୁଳିଅଣା ଥାନା ଅନ୍ତର୍ଗତ ଧଡ଼ାଙ୍ଗୀର ଗ୍ରାମ ନିବାସୀ ବଂଶୀଧର ବେହେରା ରାଜ୍ୟସରକାରଙ୍କ ନିଷେଧାଦେଶକୁ ଭ୍ରୂକ୍ଷେପ ନ କରି କେତେକ ବଙ୍ଗୀୟ ଯୁବକଙ୍କ ସହଯୋଗରେ ସିମିଳେଶ୍ୱର ମହାଦେବ ମନ୍ଦିର ନିକଟରେ ଏକ ସାଧାରଣ ସଭା ଆୟୋଜନ କଲେ । ପୁଲିସର ନିର୍ଯାତନାକୁ ବେଖାତିର କରି ସେମାନେ ବୈପ୍ଳବିକ ମନୋବୃତ୍ତିକୁ ପ୍ରକାଶ କଲେ । ସେହିପରି ଗୌରମୋହନ ପ୍ରଧାନ, ନାଖରାର ଆଇନ ଛାତ୍ର ହରିହର ମହାନ୍ତି, ଉଉରପାଳର ଅଦ୍ୱୈତ ନାଥ ଲାଲା, ମାନଗୋବିନ୍ଦପୁରର ମଦନ ମୋହନ ପଣ୍ଡା ଆଦି ମିଶି ଏକ ସାଧାରଣ ସଭା ଆୟୋଜନ କରିଥିଲେ । କିନ୍ତୁ ପୁଲିସ ନିର୍ଯାତନା ଭୟରେ ସାଧାରଣ ଗ୍ରାମବାସୀ ସଭାସ୍ଥଳକୁ ନ ଆସି ଦୂରରେ ରହି ଭାଷଣମାନ ଶୁଣିଥିଲେ । ଜାତୀୟତାପ୍ରୀତିରେ ଉଦ୍‌ବୁଦ୍ଧ ବକ୍ତାମାନଙ୍କ ଜ୍ୱାଳାମୟୀ ଭାଷଣ ସେମାନଙ୍କ ମନରେ ପ୍ରବଳ ଉତ୍ସାହ ସୃଷ୍ଟି କରିଥିଲା ।

ପାଞ୍ଚପୀଢ଼ ସବ୍‌ଡିଭିଜନରେ ଆନ୍ଦୋଳନର ପ୍ରଚାରକ ଥିଲେ ଭଞ୍ଜକିଆ ନିବାସୀ ଶିବପ୍ରସାଦ ମହାପାତ୍ର, ରରୁଆଁ ଗ୍ରାମର ଭକ୍ତବନ୍ଧୁ ମହାନ୍ତି ଏବଂ ବଂଶୀଧର ବେହେରା । ପୁଲିସ ଜବରଦସ୍ତି ସେମାନଙ୍କୁ ସବ୍‌ଡିଭିଜନ ସୀମାରୁ ବହିଷ୍କାର କରିଦେଇଥିଲା । କିନ୍ତୁ ପୁଲିସ ଜୁଲୁମ ସତ୍ତ୍ୱେ ଦିନୁଦିନ ସ୍ୱାଧୀନତା ଆନ୍ଦୋଳନ ସଂପର୍କରେ ଜନଚେତନା ବୃଦ୍ଧି ପାଇଥିଲା । ରାମଚନ୍ଦ୍ର ତ୍ରିପାଠୀ, ବାଞ୍ଛାନିଧି ସିଂହ, ଭୋଳାନାଥ ଦାସ, ଜଗନ୍ନାଥ ବେହେରା, ମଦନମୋହନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଭଗବାନ୍ ବେହେରା, ଭଗବାନ୍ ପରିଡ଼ା, ଲାଲମୋହନ ପରିଡ଼ା, ଲେଭ ମାଝି, ପ୍ରାଣକୃଷ୍ଣ ମାଝି, ପଞ୍ଚାନନ ରାଇସିଂହ ଆଦି ଆଉନ ଅମାନ୍ୟ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ଗ୍ରାମ ଓ ପ୍ରଗଣାରେ ସଭାସମିତିମାନ ଆୟୋଜନ କରି ସେମାନେ ଜାତୀୟ ସଂଗ୍ରାମର ମହତ୍ତ୍ୱ ପ୍ରଚାର କରିଥିଲେ । ଆଦିବାସୀମାନଙ୍କ ମଧ୍ୟରେ ଦେଶପ୍ରେମୀ ଓ ସଂଗ୍ରାମୀ ବୀର ଥିଲେ ମାଣିକ ମାଝି । ସେ ଆଦିବାସୀ ଭାଷାରେ ମହାତ୍ମାଗାନ୍ଧୀଙ୍କ ଗଠନାତ୍ମକ କାର୍ଯ୍ୟକ୍ରମକୁ ବିଶଦ ଭାବରେ ଲୋକମାନଙ୍କୁ ବୁଝାଉଥିଲେ ।

ମୟୂରଭଞ୍ଜରେ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ପୁରୋଧା ଥିଲେ ଦେଶପ୍ରେମୀ ଗାନ୍ଧୀବାଦୀ ନେତା ଶରତଚନ୍ଦ୍ର ଦାସ । ସେ ବାରିପଦାର ଜଣେ ପ୍ରଖ୍ୟାତ ଆଇନଜୀବୀ ଓ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଥିଲେ । ସେ ଜଣେ ବାଗ୍ମୀ ଓ ସୁଲେଖକ ମଧ୍ୟ ଥିଲେ । ମହାତ୍ମାଗାନ୍ଧୀଙ୍କ ପରମ ଭକ୍ତ ଭାବରେ କଂଗ୍ରେସ ସଂଗଠନ ଓ କାର୍ଯ୍ୟକ୍ରମରେ ତାଙ୍କର ବିଶେଷ ଆସ୍ଥା ଥିଲା । ଲୋକମାନେ ତାଙ୍କୁ ଶ୍ରଦ୍ଧାରେ 'ମୟୂରଭଞ୍ଜ ଗାନ୍ଧୀ' ବୋଲି ନାମିତ କରିଥିଲେ । ବାରିପଦା ମ୍ୟୁନିସିପାଲିଟି ପଡ଼ିଆରେ ଏକାଧିକ ସାଧାରଣ ସଭାରେ ସେ

Digitized by PPRACHIN, SOA

ଯୁବଗୋଷ୍ଠୀକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଥିଲେ । ତାଙ୍କର ତ୍ୟାଗ, ଆଦର୍ଶ, ନିଷ୍ଠା ଓ ବ୍ୟକ୍ତିତ୍ୱ ଶ୍ରୋତାମାନଙ୍କ ମନରେ ଅଶେଷ ପ୍ରଭାବ ପକାଇଥିଲା ।

କୈଳାସଚନ୍ଦ୍ର ନାୟକ, ଧ୍ରୁବଚରଣ ରାଉତ, ବୈକୁଣ୍ଠ ନାଥ ସଦୁଆଳ ଓ ଯଦୁନାଥ ଷଡ଼ଙ୍ଗୀ ଆଦି ଶରତବାବୁଙ୍କ ସହଯୋଗୀ ଥିଲେ । ସଭାସମିତି ଓ ଶୋଭାଯାତ୍ରା ସମୟରେ ସେମାନେ ଜାତୀୟ ସଙ୍ଗୀତ ଗାନ କରୁଥିଲେ । ୧୯୩୯ ମସିହା ମାର୍ଚ୍ଚ ୨୮ ତାରିଖ ଦିନ ଆମ୍ବଯୋଡ଼ା ଗ୍ରାମରେ ଶରତବାବୁଙ୍କ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ସଭା ଆୟୋଜିତ ହୋଇଥିଲା । ସେଥିରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ ସେମାନେ ହେଲେ ଗୌରମୋହନ ପ୍ରଧାନ, ଗଜେନ୍ଦ୍ର ନାଥ ପଟ୍ଟନାଏକ, ହୃଦନାଥ ଦାସ, ହାଡ଼ିବନ୍ଧୁ ରାଉତ, ଗୋବିନ୍ଦ ଚନ୍ଦ୍ର ନାୟକ, ଲକ୍ଷ୍ମୀଧର ତ୍ରିପାଠୀ, ସାକିଲା ସୋରେନ, ଲକ୍ଷ୍ମଣ ପରିଡ଼ା, କୃଷ୍ଣ ପରିଡ଼ା, ରାମଚନ୍ଦ୍ର ମହାପାତ୍ର, ଅପର୍ତ୍ତି ବିଶ୍ୱାଳ, ରମାନାଥ ପାତ୍ର, ବିଶ୍ୱମ୍ବର ମହାରଣା ଆଦି ଜାତୀୟବାଦୀଗଣ । ସେମାନଙ୍କ ମଧ୍ୟରୁ ଆଜି ଅନେକ ନାହାନ୍ତି । କିନ୍ତୁ ଗ୍ରାମପଞ୍ଚାୟତ ଗଠନଦ୍ୱାରା ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗ ଓ ରଚନାତ୍ମକ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଦିଗରେ ସେମାନଙ୍କ ଉଦ୍ୟମ ଓ ଭୂମିକା ଅତୀବ ପ୍ରଶଂସନୀୟ ଥିଲା ।

ଏହି ଭିତ୍ତିଭୂମି ଉପରେ ଶରତଚନ୍ଦ୍ର ଦାସ ଯେଉଁ ପ୍ରଗଣା ସମିତିମାନ ଗଠନ କରିଥିଲେ ତାହା ସ୍ୱାଧୀନତା ସଂଗ୍ରାମର ସମାନ୍ତରାଳ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଗତିଶୀଳ କରିଥିଲା । ଏହି ପ୍ରଗଣା ସମିତିମାନ ବାଲେଶ୍ୱର ଜିଲ୍ଲା ତଥା ଓଡ଼ିଶାର ପ୍ରମୁଖ କଂଗ୍ରେସ ନେତା ହରେକୃଷ୍ଣ ମହତାବଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ ସ୍ଥାପନ କରିଥିଲେ । ସେମାନଙ୍କ ମାଧ୍ୟମରେ ପ୍ରାଦେଶିକ କଂଗ୍ରେସ କମିଟିକୁ ଆର୍ଥିକ ସାହାଯ୍ୟ ମଧ୍ୟ ଦେଉଥିଲେ । ଶରତବାବୁଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଜାତୀୟ ସଂଗ୍ରାମରେ ଯୋଗ ଦେଇଥିବା ତରୁଣ ଉତ୍ସାହୀ ସଂଗ୍ରାମୀ ଦେଶଭକ୍ତମାନଙ୍କ ମଧ୍ୟରେ ଥିଲେ ପ୍ରସନ୍ନ କୁମାର ଦାସ, ଜଗନ୍ନାଥ କମିଳା, ଗିରୀଶ ଚନ୍ଦ୍ର ରାୟ, ଗଜେନ୍ଦ୍ର ନାଥ ପଟ୍ଟନାଏକ ଓ ଗୌରମୋହନ ପ୍ରଧାନ ଆଦି ଯୁବନେତାମାନେ । ଗଜେନ୍ଦ୍ର ପଟ୍ଟନାଏକ ଏକ ଉଚ୍ଚ ରାଜକାର୍ଯ୍ୟରୁ ଇସ୍ତଫା ପ୍ରଦାନ କରି ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିଲେ । ଏମାନଙ୍କ ପ୍ରଚେଷ୍ଟାରେ ମୟୂରଭଞ୍ଜର ଗ୍ରାମେ ଗ୍ରାମେ ପ୍ରଚାର ସଭା ଓ ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟକ୍ରମ ସୁଚାରୁରୂପେ ଆୟୋଜିତ ହୋଇଥିଲା । ସମୟକ୍ରମେ ମହିଳାମାନଙ୍କୁ ମଧ୍ୟ ଆନ୍ଦୋଳନରେ ସାମିଲ କରାଯାଇଥିଲା । କିନ୍ତୁ ପ୍ରଜାମଣ୍ଡଳ ଆନ୍ଦୋଳନର ଆଭିମୁଖ୍ୟ ଭିନ୍ନ ଥିବାରୁ ମୟୂରଭଞ୍ଜରେ କଂଗ୍ରେସ ପରିଚାଳିତ ସ୍ୱାଧୀନତା ସଂଗ୍ରାମ ପରିବର୍ତ୍ତେ ସାରଙ୍ଗଧର ଦାସଙ୍କ ପରିଚାଳିତ ଗଡ଼ଜାତ ମୁକ୍ତି ଆନ୍ଦୋଳନ ଅଧିକ ଗଣସମର୍ଥନ ଲାଭ କରିଥିଲା । ଏହି ପ୍ରଜାମଣ୍ଡଳ ବା ଗଡ଼ଜାତ ମୁକ୍ତି ସଂଗ୍ରାମର ଉଦ୍ଦେଶ୍ୟ ଥିଲା ଗଡ଼ଜାତ ରାଜ୍ୟମାନଙ୍କରୁ ସାମନ୍ତବାଦର ବିଲୋପ, ସାମାଜିକ ନ୍ୟାୟ ପ୍ରତିଷ୍ଠା, ଦାୟିତ୍ୱଶୀଳ ସରକାର ଗଠନ ଓ ଭାରତରୁ ଇଂରେଜଶାସନର ଅବସାନ କରିବା ।

Digitized by PPRACHIN, SOA

ମୟୂରଭଞ୍ଜରେ ପ୍ରଚଳିତ ସର୍ଦ୍ଦାରୀ ପ୍ରଥାର ଉଚ୍ଛେଦ ପ୍ରଜାମଣ୍ଡଳର ଲକ୍ଷ୍ୟ ଥିଲା । ପାଇକାବନ୍ଦ ଆନ୍ଦୋଳନ ମଧ୍ୟ ପ୍ରଜାମଣ୍ଡଳ ଦ୍ୱାରା ପରିଚାଳିତ ହୋଇଥିଲା । ଭାରତଛାଡ଼ ଆନ୍ଦୋଳନରେ ମୟୂରଭଞ୍ଜର ଯୋଗଦାନ କଥା ଶରତବାବୁ ଓ ରାମଚନ୍ଦ୍ର ମହାପାତ୍ର ବମ୍ବେନଗରୀ ଯାଇ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ଜଣାଇଥିଲେ । ଅଗଷ୍ଟ ୧୬ ତାରିଖ ଦିନ (୧୯୪୨) ବେତନଟୀ ଥାନାର ଅମଣିଦା ଗ୍ରାମରେ ଏକ ବିରାଟ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା । ଖୁଣ୍ଟାଠାରେ ଆୟୋଜିତ ବିଶାଳ ଜନସଭାରେ 'ଭାରତଛାଡ଼' ପ୍ରସ୍ତାବ ପ୍ରତି ପୂର୍ଣ୍ଣ ସମର୍ଥନ ଜ୍ଞାପନ କରାଯାଇଥିଲା । ଏକାଧିକ ଶୋଭାଯାତ୍ରାରେ ଗ୍ରାମ ଓ ସହରବାସୀ ଦେଶପ୍ରେମୀମାନେ ବିଭିନ୍ନ ସ୍ଥାନ ପରିକ୍ରମା କରି ଜାତୀୟ ସଂଗ୍ରାମ ପ୍ରତି ସେମାନଙ୍କର ଅକୁଣ୍ଠିତ ସମର୍ଥନ ଜଣାଇଥିଲେ । ପ୍ରସନ୍ନ ଦାସ, ବୈକୁଣ୍ଠ ନାଥ ସଦୁଆଳ, ହୃଦୟନାଥ ଦାସ, ଗୋବିନ୍ଦ ଚନ୍ଦ୍ର ନାଏକ, ଗୌରମୋହନ ପ୍ରଧାନ ଆଦି ବେତନଟୀଠାରୁ ବାରିପଦା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ । ଶରତଦାସଙ୍କ ନେତୃତ୍ୱ ଓ ଅହିଂସା ଗାନ୍ଧିବାଦୀ ନୀତି ହେତୁ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନ ଥିଲା । ମୟୂରଭଞ୍ଜରେ ଲୋକ ପ୍ରତିନିଧିମୂଳକ ଦାୟିତ୍ୱପୂର୍ଣ୍ଣ ଶାସନ ପ୍ରତିଷ୍ଠା ଦାବିକୁ ଶରତଦାସଙ୍କ ନେତୃତ୍ୱରେ ମହାରାଜା ଗ୍ରହଣ କରିଥିଲେ । ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ମଧୁବନ ପଡ଼ିଆରେ ଶରତବାବୁ କଂଗ୍ରେସର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହା ପରେ ପରେ ମହାରାଜା ଶାସନ କ୍ଷମତା ହସ୍ତାନ୍ତର କରିବାକୁ ରାଜି ହୋଇଥିଲେ । ମହାରାଜା ଓ ଶରତବାବୁଙ୍କ ମଧ୍ୟରେ ପରସ୍ପର ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ପୂର୍ଣ୍ଣମାତ୍ରାରେ ଥିଲା । ତେଣୁ ଶରତବାବୁଙ୍କ ନେତୃତ୍ୱରେ ଲୋକପ୍ରତିନିଧିମୂଳକ ମନ୍ତ୍ରିମଣ୍ଡଳ ଗଠନ କରି ଶାସନ କ୍ଷମତା ହସ୍ତାନ୍ତର କରିବା ମହାରାଜାଙ୍କ ପକ୍ଷରେ ସମ୍ଭବ ଓ ସହଜ ହୋଇଥିଲା । ମୟୂରଭଞ୍ଜର ପ୍ରଜାମଣ୍ଡଳକୁ ମୟୂରଭଞ୍ଜ ଷ୍ଟେଟ୍ କଂଗ୍ରେସ ନାମରେ ନାମିତ କରାଯାଇଥିଲା । ଶରତବାବୁ ପ୍ରଧାନମନ୍ତ୍ରୀ ଥିବାରୁ ଷ୍ଟେଟ୍ କଂଗ୍ରେସର ନେତୃତ୍ୱ ଗ୍ରହଣ ପାଇଁ ହରିହର ମହାନ୍ତିଙ୍କୁ ସଭାପତି, ପ୍ରସନ୍ନ କୁମାର ଦାସଙ୍କୁ ଉପସଭାପତି ଓ ଗୌରମୋହନ ପ୍ରଧାନଙ୍କୁ ସାଧାରଣ ସଂପାଦକ ପଦରେ ନିଯୁକ୍ତ କରିଥିଲେ । ସ୍ୱାଧୀନ ଭାରତରେ ରାଜତନ୍ତ୍ର ଶାସନର ଅବସାନ ସହିତ ମୟୂରଭଞ୍ଜ ଅଧିବାସୀଙ୍କ ଜୀବନରେ ଏକ ସାଂବିଧାନିକ ଶାସନର ଶୁଭାରମ୍ଭ ହୋଇଥିଲା । କଂଗ୍ରେସର ଗଠନମୂଳକ କାର୍ଯ୍ୟମାନ ଶରତଦାସଙ୍କ ପ୍ରେରଣା ସମିତି ଓ ପ୍ରଜାମଣ୍ଡଳ କର୍ମୀମାନେ ଗ୍ରାମେ ଗ୍ରାମେ ପ୍ରଚାର କରି ମୟୂରଭଞ୍ଜରେ କଂଗ୍ରେସ ଆଦର୍ଶର ମୂଳଭିତ୍ତି ସ୍ଥାପନ କରିଥିଲେ ।

Digitized by PPRACHIN, SOA

ସପ୍ତମ ଅଧ୍ୟାୟ

ଲୋକତନ୍ତ୍ର ଶାସନ

ଓଡ଼ିଶା ସହିତ ମିଶ୍ରଣ

ଦାୟିତ୍ୱମୂଳକ ସରକାର ଗଠନ କରି ରାଜ୍ୟ ଶାସନ କରିବାର ଯେଉଁ ଆଗ୍ରହ ପ୍ରଜାମଣ୍ଡଳ ନେତାମାନଙ୍କ ମନରେ ଥିଲା ତାହା ୧୯୪୭ ଡିସେମ୍ବର ମାସରେ ବାସ୍ତବରେ ପରିଣତ ହୋଇଥିଲା । ଶରତଚନ୍ଦ୍ର ଦାସ, ବିଦ୍ୟାଧର ମହାପାତ୍ର ଓ ମହେଶ୍ୱର ନାଏକ ଏହି ପ୍ରତିନିଧିମୂଳକ ଦାୟିତ୍ୱପୂର୍ଣ୍ଣ ସରକାର ଗଠନ କରିଥିଲେ । ସେମାନେ ଶାସନ କ୍ଷମତା ଗ୍ରହଣ କଲେ ମହାରାଜାଙ୍କଠାରୁ । ଏହା ଭାରତର ଏକ ଅଭିନବ ଦୃଷ୍ଟାନ୍ତ ଥିଲା । ଉଦାରନୀତି ଅନୁସରଣ କରୁଥିବା ମହାରାଜାଙ୍କ ପକ୍ଷରେ ଏହା ବଡ଼ କଥା ନ ଥିଲା । କିନ୍ତୁ ଶାସନକାର୍ଯ୍ୟରେ ସଂପୂର୍ଣ୍ଣ ଅନଭିଜ୍ଞ ଓ କ୍ଷମତା ବ୍ୟବହାର କରି ନ ଥିବା ପ୍ରଜାମଣ୍ଡଳ ନେତାମାନଙ୍କ ପାଇଁ ପ୍ରକୃତ ସମସ୍ୟା ଥିଲା ଦେଶ ଶାସନ କରିବା । ତେବେ ବ୍ୟବସ୍ଥାପକ ସଭାର ସଭାପତି ଭାବେ ଶରତଚନ୍ଦ୍ର ଭଞ୍ଜଦେଓଙ୍କୁ ଏବଂ ମନ୍ତ୍ରିମଣ୍ଡଳକୁ ପରାମର୍ଶ ଦେବାପାଇଁ ଏକ ତିନିଜଣିଆ କମିଟି ମନୋନୀତ କରି ମହାରାଜା କଲିକତା ଗଲେ । କ୍ଷମତା ହସ୍ତାନ୍ତର କାଳାପରେ ସେ କଲିକତାରେ ଅବସ୍ଥାନ କରୁଥିଲେ । ତିନିଜଣିଆ କମିଟିର ସଦସ୍ୟ ଥିଲେ ରାଧାଗୋବିନ୍ଦ ଦାସ, ଏନ୍. ଏମ୍. ସୁନ୍ଦରନ୍ ଓ ରାମଚନ୍ଦ୍ର ଦାଶ । ବିଧାନସଭା ଅଧିବେଶନ ନଭେମ୍ବର ୧୦ ଓ ଡିସେମ୍ବର ୮ରେ ଅନୁଷ୍ଠିତ ହୋଇଥିଲା । ଡିସେମ୍ବର ୯ ତାରିଖ ଦିନ ତିନିଜଣ ମନ୍ତ୍ରୀଙ୍କ ନାମ ଓ ସେମାନଙ୍କର ବିଭାଗ ଦାୟିତ୍ୱ ସରକାରୀ ଘୋଷଣାରେ ପ୍ରକାଶ ପାଇଥିଲା । ବିଧାନସଭାର ସଭାପତି ଥିଲେ ରାଧାଗୋବିନ୍ଦ ଦାସ (ପୂର୍ବତନ ମୁଖ୍ୟ ରାଜସ୍ୱ ଅଧିକାରୀ) ଓ ଉପାଧ୍ୟକ୍ଷ ଥିଲେ ସୁରେଶଚନ୍ଦ୍ର ଦାସ (ଆଇନଜ୍ଞ) ଓ ବ୍ରଜଗୋପାଳ ଘୋଷାଲ (ଆଇନଜ୍ଞ) । ଗୌରମୋହନ ମହାପାତ୍ରଙ୍କ ପ୍ରସ୍ତାବ ଅନୁସାରେ ଅଶ୍ୱିନୀ କୁମାର କବି, ମହେଶ୍ୱର ନାଏକ ଓ ସୁନାରାମ ସୋରେନଙ୍କୁ ନେଇ ଏକ ବଜେଟ କମିଟି ଗଠିତ ହୋଇଥିଲା । ସେମାନେ ଡିସେମ୍ବର ୧୩ ତାରିଖ ଦିନ ରାଜ୍ୟର ଆୟବ୍ୟୟ ଅଟକଳ ସଭାଗୃହରେ ଉପସ୍ଥାପିତ କରିଥିଲେ । ଅଳ୍ପ ସଂଶୋଧନ ସହିତ ଏହା ଗୃହୀତ ହୋଇଥିଲା । ଡିସେମ୍ବର ୧୫ ତାରିଖ ଦିନ ଦାୟିତ୍ୱମୂଳକ ସରକାର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଥିଲା । ସେହି ଉପଲକ୍ଷରେ ପୁଲିସ ପଡ଼ିଆରେ ପତାକା ଉତ୍ତୋଳନ ଓ ସାଧାରଣ ସଭା ମହେଶ୍ୱର ନାଏକଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା । ସଂଧ୍ୟାରେ ସେ ପୁଣି ବାରିପଦା ମ୍ୟୁନିସିପାଲିଟି ପ୍ରାଙ୍ଗଣରେ ସାଧାରଣ ସଭା କରିଥିଲେ ।

Digitized by PPRACHIN, SOA

ଶରତଦାସ ମନ୍ତ୍ରିମଣ୍ଡଳର କାର୍ଯ୍ୟାବଳୀ ଭିତରେ ଉଲ୍ଲେଖନୀୟ ଥିଲା – ପାଇକ ଜାଗିର ବ୍ୟବସ୍ଥାର ଉଚ୍ଛେଦ ସାଧନ । ପାଇକ ଜାଗିର ଜମି ସବୁ ହାସିଲାତ ଘୋଷିତ ହେବା ଫଳରେ ତିନିଶତ ପାଇକ ଉପକୃତ ହୋଇଥିଲେ । ରାଜ୍ୟପାଇଁ କୌଣସି ସାମରିକ କାର୍ଯ୍ୟ କରିବା ସର୍ତ୍ତ ନ ଥାଇ ସେମାନଙ୍କୁ ଜମିର ମାଲିକାନା ସ୍ୱତ୍ୱ ଦିଆଗଲା । କୃଷିକ୍ଷେତ୍ରରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ସଂସ୍କାରମୂଳକ ପଦକ୍ଷେପ ଥିଲା । ଜାଗିର ଜମି ହାସିଲାତ ହେବା ଫଳରେ ରାଜ୍ୟ ସରକାର ପ୍ରାୟ ତିରିଶ ହଜାର ଟଙ୍କା ରାଜସ୍ୱ ଆକାରରେ ଲାଭ କଲେ । ଅନ୍ୟ ଏକ ସରକାରୀ ଆଦେଶ ବଳରେ ବହୁଦିନରୁ ପ୍ରଚଳିତ ସର୍ଦ୍ଦାରୀ ପ୍ରଥାର ବିଲୋପ ଜୁନ ୧ ତାରିଖ ୧୯୪୮ଠାରୁ ବଳବତ୍ତର ହୋଇଥିଲା । ନୂତନ ସରକାର ସବୁପ୍ରକାର ସାମନ୍ତବାଦୀ କର ଓ ଶୁଳ୍କ ଉଚ୍ଛେଦ କରିଥିଲେ । ମହାରାଜାଙ୍କ ପରିବାରବର୍ଗ ବାରିପଦା ଜଗନ୍ନାଥ ମନ୍ଦିରରୁ ପାଉଥିବା ପ୍ରସାଦର ପରିମାଣ ହ୍ରାସ କରାଯାଇଥିଲା ।

ଶିଳାଘାଟି ନାମକ ସ୍ଥାନରେ ପ୍ରଜାମଣ୍ଡଳ କର୍ମୀମାନଙ୍କ ଦ୍ୱାରା ଏକ ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ଥିଲା । ଏହା ଦରବାର ଶାସନ କାଳରେ ସଂପୂର୍ଣ୍ଣ ହୋଇ ନ ଥିଲା । ଏହାକୁ ସଂପୂର୍ଣ୍ଣ କରିବାରେ ଦାସ ମନ୍ତ୍ରିମଣ୍ଡଳ ପଦକ୍ଷେପ ନେଇଥିଲେ ଏବଂ ନିର୍ମାଣ କାର୍ଯ୍ୟରେ ମହାରାଜାଙ୍କ ଦୁଇପୁତ୍ର ସାଧାରଣ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ । ମୟୂରଭଞ୍ଜ ସରକାର ଓଡ଼ିଶାର ଶିକ୍ଷା ପ୍ରଗତି ପାଇଁ ଅନେକବାର ଆର୍ଥିକ ସାହାଯ୍ୟ ରାଭେନ୍ସା କଲେଜ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ କଟକ ଭେଷଜ ମହାବିଦ୍ୟାଳୟକୁ ଦେଇଥିଲେ ମଧ୍ୟ ନିଜ ରାଜ୍ୟରେ ମହାବିଦ୍ୟାଳୟ ସ୍ଥାପନ କରି ନ ଥିଲେ । ଏହି ଅଭାବ ଖ୍ରୀ. ୧୯୪୮ରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ସ୍ଥାପନଦ୍ୱାରା ଦୂରୀଭୂତ ହୋଇଥିଲା । ଶିକ୍ଷାପ୍ରସାର ପାଇଁ ସଦର ସବ୍‌ଡିଭିଜନରେ ୧୭୪ଟି ନୈଶ ବିଦ୍ୟାଳୟ ସ୍ଥାପନ କରିବା ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା । ଏଥିରେ କେବଳ କୃଷକଶ୍ରେଣୀର ଲୋକମାନେ ବିଦ୍ୟାଶିକ୍ଷା କରୁଥିଲେ ।

ଖ୍ରୀ. ୧୯୪୮ ଫେବୃୟାରୀ ମାସର ପ୍ରଥମ ଅଧିବେଶନରେ ବିଧାନସଭା ମହାତ୍ମାଗାନ୍ଧୀଙ୍କ ମୃତ୍ୟୁପାଇଁ ଶୋକପ୍ରସ୍ତାବ ପାସ୍ କରିଥିଲେ । ଏଥିରେ ଅଧ୍ୟକ୍ଷତା କରିଥିଲେ ମନ୍ତ୍ରୀ ବିଦ୍ୟାଧର ମହାପାତ୍ର । କମ୍ୟୁନିଷ୍ଟ ସଦସ୍ୟ ଗିରୀଶଚନ୍ଦ୍ର ରାୟ ସଦସ୍ୟ ପଦରୁ ଇସ୍ତଫା ଦେଇଥିବାରୁ ତାହା ଗୃହୀତ ହୋଇଥିଲା । ୧୮ ଫେବୃୟାରୀରେ ଆଦିବାସୀ ନେତା ସୁନାରାମ ସୋରେନ ମୟୂରଭଞ୍ଜ ଭାରତରେ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ବଜାୟ ରଖୁ ଏହି ମର୍ମରେ ଏକ ପ୍ରସ୍ତାବ ଆଣିଥିଲେ । ତାହା ଗୃହୀତ ହୋଇଥିଲା । ଖ୍ରୀ. ୧୯୪୮-୪୯ ପାଇଁ ବଜେଟ ପାସ କରିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା । ମୟୂରଭଞ୍ଜର ଆଦିବାସୀମାନେ ସଂଖ୍ୟାଗରିଷ୍ଠ ଥିଲେ । ସେମାନେ ହାଣ୍ଡିଆ ନାମକ ନିଶାଦ୍ରବ୍ୟ ବ୍ୟବହାର କରୁଥିବାରୁ ଜନହିତ ଦୃଷ୍ଟିରୁ ଓ ମହାତ୍ମାଗାନ୍ଧୀଙ୍କ ଅନୁଗତ ଦେଶଭକ୍ତ ଭାବରେ ସାମୂହିକ ଜନକଲ୍ୟାଣ ପାଇଁ ସରକାର ନିଶାସେବନକୁ ବେଆଇନ ଘୋଷଣା କରିଥିଲେ । କିନ୍ତୁ ଆଦିବାସୀ ଅଧ୍ୟୁଷିତ ବାମନଘାଟି ସବ୍‌ଡିଭିଜନରେ ଏହି ନିଷେଧାଜ୍ଞାକୁ

Digitized by PPRACHIN, SOA

କାର୍ଯ୍ୟକାରୀ କରିବା କଷ୍ଟକର ବ୍ୟାପାର ଥିଲା । ରାଜ୍ୟରେ ଖାଦ୍ୟାଭାବ ବା ଅନ୍ୟ କୌଣସି ଜରୁରୀ ପରିସ୍ଥିତିରେ ଅନଟନ ଦେଖାଦେଲେ ତାର ମୁକାବିଲା କରିବାପାଇଁ ସରକାର ଶସ୍ୟଭଣ୍ଡାରମାନ ସ୍ଥାପନ କରିଥିଲେ । ଦରକାର ହେଲେ ଗରିବ କୃଷକମାନେ ସେଥିରୁ ଋଣ ନେଇପାରୁଥିଲେ । ମକର ଉତ୍ସବ ଏକ ମୁଖ୍ୟ ଆଦିବାସୀ ପର୍ବ ହୋଇଥିବାରୁ ସେମାନଙ୍କୁ ଉତ୍ସବପାଳନ ପାଇଁ ସୁଲଭ ମୂଲ୍ୟରେ ସରକାର ମୋଟା ଲୁଗା ଯୋଗାଇଦେବା ପ୍ରଶଂସନୀୟ କାର୍ଯ୍ୟ ଥିଲା ।

ନୂତନ ଶାସନ ବ୍ୟବସ୍ଥା ନିମନ୍ତେ ନୂତନ ସମ୍ବିଧାନ ପ୍ରସ୍ତୁତ କରିବାରେ ମନ୍ତ୍ରିମଣ୍ଡଳ ମଧ୍ୟରେ ବିଭେଦ ସୃଷ୍ଟି ହୋଇଥିଲା । ଦିନୁଦିନ ଶାସନ ବ୍ୟବସ୍ଥାରେ ଅମଲାତନ୍ତ୍ରର ପ୍ରଭାବ ବୃଦ୍ଧି ପାଇଥିଲା । ମନ୍ତ୍ରିମଣ୍ଡଳରେ ବିଭେଦ କ୍ରମଶଃ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ଦଳ ଗଠନ ପାଇଁ ପଥ ସୁଗମ କରିଥିଲା । ଅଗଷ୍ଟ ୧୫ ଦିନ ସ୍ୱାଧୀନତା ଦିବସ ପାଳନ ପରେ ପ୍ରଜାମଣ୍ଡଳ ନିଜକୁ ମୟୂରଭଞ୍ଜ ରାଜ୍ୟ କଂଗ୍ରେସ ନାମରେ ଅଭିହିତ କରିଥିଲେ । କିନ୍ତୁ ଦୁଇଟି ସମାନ୍ତରାଳ କଂଗ୍ରେସ ଗୋଷ୍ଠୀର ଉପସ୍ଥିତି ନାନା ପ୍ରକାର ପ୍ରତିଯୋଗିତା ଓ ଭୁଲ ବୁଝାମଣାର କାରଣ ହେବାରୁ ମନ୍ତ୍ରୀମାନଙ୍କ ଭିତରେ ଏକତା ରକ୍ଷା ସମ୍ଭବ ହେଲା ନାହିଁ । ଗାନ୍ଧୀ ସ୍ମାରକ ନିଧି ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗ ଶରତଚନ୍ଦ୍ର ଦାସଙ୍କ ବିରୋଧରେ ଉତ୍ଥାପିତ ହେଲା । ପ୍ରକୃତପକ୍ଷେ ଶରତବାବୁ ଦୁର୍ନୀତିଗ୍ରସ୍ତ ନ ହେଲେ ମଧ ପାଣ୍ଠି ସଂଗ୍ରହ କାର୍ଯ୍ୟରେ ଅନେକ ଦୁର୍ନୀତିପରାୟଣ ଲୋକ ଜଡ଼ିତ ଥିଲେ ଏବଂ ସେମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ନ ଥିବାରୁ ଏପରି ସମସ୍ୟା ଉପୁଜିଲା । ବ୍ୟକ୍ତିଗତ କୁତ୍ସାରଟନା, ପରସ୍ପର ସମାଲୋଚନା ଓ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ର ଶରତବାବୁଙ୍କ ମନ୍ତ୍ରିମଣ୍ଡଳର ସମ୍ମାନ କ୍ଷୁଣ୍ଣ କରିଥିଲା । ରାଜ୍ୟରେ ସଂପୂର୍ଣ୍ଣ ଅରାଜକତା ଥିବା ବିଷୟ ସର୍ଦ୍ଦାର ପଟେଲ ମହାରାଜାଙ୍କୁ ପତ୍ରଦ୍ୱାରା ଜଣାଇଲେ । ଏହା ମହାରାଜାଙ୍କୁ ଦୁଃଖିତ କରିଥିଲା । ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ଉଦ୍ଦେଶ୍ୟରେ ଶରତବାବୁ ଓ ମନ୍ତ୍ରୀ ମହେଶ୍ୱର ନାଏକ ସାତଜଣ ବିଧାନସଭା ସଦସ୍ୟଙ୍କୁ ସଙ୍ଗରେ ନେଇ ଦିଲ୍ଲୀ ଯାଇଥିଲେ । ସେମାନେ ସର୍ଦ୍ଦାର ପଟେଲଙ୍କୁ ସାକ୍ଷାତ କରି ସବୁକଥା ବୁଝାଇବା ପରେ ସ୍ୱରାଷ୍ଟ୍ର ସଚିବ ଭି.ପି. ମେନନ ଜଣାଇଦେଲେ ଯେ ସ୍ୱତନ୍ତ୍ର ରାଜ୍ୟ ଭାବରେ ମୟୂରଭଞ୍ଜ ଆଉ ବେଶିଦିନ ରହିବା ଉଚିତ ହେବ ନାହିଁ । ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ଦ୍ୱାରା ମୟୂରଭଞ୍ଜ ସମସ୍ୟାର ଅନ୍ତ ହେବ ବୋଲି ଭାରତ ସରକାରଙ୍କ ମତ ପ୍ରକାଶ ପାଇଲା । ବାରିପଦା ଫେରିବା ପରେ ବ୍ୟବସ୍ଥାସଭା ସମ୍ମୁଖରେ ପ୍ରଧାନମନ୍ତ୍ରୀ ଶରତଚନ୍ଦ୍ର ଦାସ ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସଦସ୍ୟମାନଙ୍କୁ ନିଜ ବିଶ୍ୱାସକୁ ନେଇ ଓଡ଼ିଶା ପ୍ରଦେଶ ସହିତ ମୟୂରଭଞ୍ଜର ମିଶ୍ରଣ ହିତକର ହେବ ବୋଲି ଘୋଷଣା କଲେ । ସ୍ୱତନ୍ତ୍ର ରାଜ୍ୟ ଭାବରେ ରହିଲେ ମୟୂରଭଞ୍ଜର ଭବିଷ୍ୟତ ବିପନ୍ନ ହେବାର ସମ୍ଭାବନା ଥିବା ବିଷୟ ସଚିବ ମେନନ ଉଲ୍ଲେଖ କରିଥିଲେ । ସେତେବେଳକୁ ଓଡ଼ିଶା ପ୍ରଦେଶ ଓ ବିହାର ପ୍ରଦେଶରେ ମୟୂରଭଞ୍ଜର ଲୋକତାନ୍ତ୍ରିକ ସରକାର ବିରୋଧରେ ନାନା ପ୍ରକାର ଅଭିସନ୍ଧିମୂଳକ କୁପ୍ରଚାର ଚାଲିଥାଏ ।

Digitized by PPRACHIN, SOA

ମୟୂରଭଞ୍ଜର ନିରାପତ୍ତା ପାଇଁ ନିଜର ସ୍ୱତନ୍ତ୍ର ସେନାବାହିନୀ ନ ଥିଲା । ଆର୍ଥିକ ଅବସ୍ଥା ଦୃଷ୍ଟିରୁ ସ୍ୱତନ୍ତ୍ର ସେନା ନିଯୁକ୍ତ କରିବା ସମ୍ଭବ ନ ଥିଲା । ଏପରିକି ଜନକଲ୍ୟାଣ ଓ ବିକାଶରେ ବିନିଯୋଗ କରିବାକୁ ଆବଶ୍ୟକ ଅର୍ଥର ଅଭାବ ଥିବା ଶରତବାବୁ ବ୍ୟବସ୍ଥାସଭାରେ ପ୍ରକାଶ କଲେ । ପ୍ରତିବେଶୀ ସରକାରଙ୍କ ସଦିଚ୍ଛା ଉପରେ ମୟୂରଭଞ୍ଜର ଭବିଷ୍ୟତ ସଂଶ୍ଳିଷ୍ଟ ବୋଲି ସେ କହିଲେ । ତେଣୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରାମର୍ଶ ଗ୍ରହଣ କରି ଓଡ଼ିଶା ସହିତ ମିଶ୍ରଣ ହେବା ଉଚିତ ବୋଲି ସେ ମୟୂରଭଞ୍ଜବାସୀଙ୍କୁ ଜଣାଇଲେ । ତଦ୍ୱାରା ଆଦିବାସୀମାନଙ୍କ ସ୍ୱାର୍ଥରକ୍ଷା ଦିଗରେ ଭାରତ ସରକାର ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ସମୟକ୍ରମେ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭେଦ ଘନୀଭୂତ ହେଲା । ଶାସନ ବ୍ୟବସ୍ଥା ସଂପୂର୍ଣ୍ଣଭାବେ ଅକାମୀ ହୋଇଗଲା । ଏହା ଉପଲବ୍ଧି କରି ମହାରାଜା ଶରତଚନ୍ଦ୍ର ଦାସଙ୍କୁ ସଙ୍ଗରେ ଘେନି ୧୯୪୮ ଅକ୍ଟୋବର ୧୬ ତାରିଖ ଦିନ ଦିଲ୍ଲୀ ଗଲେ ଓ ମିଶ୍ରଣ ଦଲିଲରେ ସ୍ୱାକ୍ଷର କଲେ । ଏହାଫଳରେ ମୟୂରଭଞ୍ଜରେ ଲୋକତନ୍ତ୍ର ଶାସନର ଅବସାନ ହେଲା । ଭାରତ ସରକାରଙ୍କ ତରଫରୁ ଦତ୍ତାତ୍ରେୟ ବାମନ ରିଗେ I.C.S. ମୁଖ୍ୟ କମିଶନର ରୂପେ ନଭେମ୍ବର ୯ ତାରିଖରୁ ଶାସନଭାର ଗ୍ରହଣ କଲେ । ବ୍ୟବସ୍ଥାସଭା ଓ ସଂବିଧାନ ସଭା ଲୋପ ପାଇଲା । ମୟୂରଭଞ୍ଜର ରାଜନୈତିକ ଜୀବନରେ ଆଉ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା ।

ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ (ଜାନୁଆରୀ, ୧୯୪୯)

୧୯୩୫ର ଭାରତ ଆଇନ ଅନୁସାରେ ବ୍ରିଟିଶ ସରକାର ସହିତ ଚୁକ୍ତିବଦ୍ଧ ଓ ସନ୍ଧି ସ୍ୱାକ୍ଷର କରିଥିବା ଦେଶୀୟ ରାଜ୍ୟମାନେ ଭାରତୀୟ ସଂଘର ଅନ୍ତର୍ଭୁକ୍ତ ହୋଇ ରହିବା କଥା । ଭାରତ ସହିତ ସେମାନଙ୍କର ରାଜନୈତିକ ସଂପର୍କ ଏକ ମିଶ୍ରଣ ଦଲିଲରେ ଉଲ୍ଲେଖ ଥିବା ସର୍ତ୍ତ ଅନୁସାରେ ପରିଚାଳିତ ହେବା ବ୍ୟବସ୍ଥା ଥିଲା । ସ୍ୱାଧୀନତା ପରେ ଦେଶୀୟ ରାଜ୍ୟରେ ଶାସକମାନଙ୍କ ସାର୍ବଭୌମ କ୍ଷମତାକୁ ଲୋପ କରି ଦିଆଗଲା । ନିକଟବର୍ତ୍ତୀ ପ୍ରଦେଶ ସହ ମିଶ୍ରଣକୁ ରାଜ୍ୟମାନଙ୍କ ଇଚ୍ଛାକୃତ ଅଧିକାର ବୋଲି ସ୍ୱୀକାର କରି ପ୍ରଦେଶମାନଙ୍କୁ ସଂଘର ଅନ୍ତର୍ଭୁକ୍ତ ହେବା ବାଧ୍ୟତାମୂଳକ କରାଯାଇଥିଲା । ଦେଶୀୟ ରାଜ୍ୟ ଓ ଭାରତ ସରକାରଙ୍କ ମଧ୍ୟରେ ରାଜନୈତିକ ସଂପର୍କର ସୂତ୍ରଧର ହେଲେ ଭାଇସରାୟ । ସେ ସବୁକଥାର ସଂଯୋଜକ ହେଲେ । ତେବେ ଏ ଦିଗରେ ସବୁ କ୍ଷମତାର କେନ୍ଦ୍ର ଥିଲା ସ୍ୱରାଷ୍ଟ୍ର ବିଭାଗ । ସର୍ଦ୍ଦାର ପଟେଲ ଏହାର ମନ୍ତ୍ରୀ ଥିଲେ । ଭାରତର ସଂହତି ରକ୍ଷା କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ତେଣୁ ଭାରତ ସରକାର ଘୋଷଣା କରିଥିଲେ ଯେ ନିରାପତ୍ତା, ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ ପାଇଁ ଦେଶୀୟ ରାଜ୍ୟମାନେ ଭାରତ ସରକାରଙ୍କ ଅନ୍ତର୍ଭୁକ୍ତ ହେବେ ଓ ଅଧୀନରେ ରହିବେ ।

Digitized by PPRACHIN, SOA

ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କୁ ଓଡ଼ିଶା ପ୍ରଦେଶ ସହିତ ମିଶାଇବା ପାଇଁ ସାଇମନ କମିଶନ ୧୯୩୦ରେ ସୁପାରିସ କରିଥିଲେ । କିନ୍ତୁ ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନ ଥିବାରୁ ଏହି ସୁପାରିସ କାର୍ଯ୍ୟକାରୀ ହୋଇପାରି ନ ଥିଲା । ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପରେ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଦୃଷ୍ଟିରୁ ଗଡ଼ଜାତ ରାଜ୍ୟମାନଙ୍କ ମିଶ୍ରଣ ପାଇଁ ସର୍ବଦା ଅଭିମତ ପ୍ରକାଶ ପାଉଥିଲା । ୧୯୩୮ରେ ଆରମ୍ଭ ହୋଇଥିବା ପ୍ରଜାମଣ୍ଡଳ ଆନ୍ଦୋଳନର ଆଭିମୁଖ୍ୟ ତାହାହିଁ ଥିଲା । ବ୍ରିଟିଶ ଶାସିତ ଜିଲ୍ଲାମାନଙ୍କର ସମାନ ପ୍ରକାର ଆଇନ କାନୁନ ଓ ଶାସନ ବ୍ୟବସ୍ଥା ଏବଂ ଗଡ଼ଜାତ ରାଜ୍ୟମାନଙ୍କରେ ଭିନ୍ନ ପ୍ରକାର ଆଇନ କାନୁନ ଓ ଶାସନ ବ୍ୟବସ୍ଥା ପ୍ରଚଳନ ଅନୈତିକ ଥିଲା । ସର୍ବସାଧାରଣ ତାହାର ପରିସମାପ୍ତି ଚାହୁଁଥିଲେ । ଗଡ଼ଜାତ ରାଜ୍ୟ ଅନୁସନ୍ଧାନ କମିଟିର ମଧ୍ୟ ତାହା ସୁପାରିସ ଥିଲା । ଇଂରେଜ ଶାସନ କାଳ ଭିତରେ ଗଡ଼ଜାତ ରାଜ୍ୟମାନଙ୍କୁ ଓଡ଼ିଶା ପ୍ରଦେଶ ସହିତ ମିଶାଇବା ସମ୍ଭବ ହେଲା ନାହିଁ । ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ (୧୯୪୬) ହେବା ପରେ ଦୁଇପ୍ରକାର ଶାସନ ବ୍ୟବସ୍ଥାରେ ଓଡ଼ିଆ ଜାତି ହନ୍ତସନ୍ତ ହେବା ନାପସନ୍ଦ କରି ଗଡ଼ଜାତ ରାଜ୍ୟର ଓଡ଼ିଶା ପ୍ରଦେଶ ସହ ମିଶ୍ରଣ ଯଥାର୍ଥ ବୋଲି ସେ ଦାବି ଉପସ୍ଥାପିତ କଲେ । ସେ ଦିଗରେ ଆବଶ୍ୟକୀୟ ପ୍ରଚାର, ସମ୍ବାଦ ପ୍ରକାଶନ ଓ ଜନମତ ଗଠନ ପାଇଁ ଉଦ୍ୟମ ମଧ୍ୟ କରିଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନ ଫଳରେ ରାଜାମାନଙ୍କ ଅନ୍ୟାୟ ଓ ଅତ୍ୟାଚାରମୂଳକ ଶାସନ ଲୋକଲୋଚନକୁ ଆସିପାରିଲା । କେବଳ କଳାହାଣ୍ଡି ଓ ପାଟନାର ମହାରାଜାଦ୍ୱୟ ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତ ରାଜ୍ୟର ମିଶ୍ରଣକୁ ଘୋର ବିରୋଧ କରୁଥିଲେ । ସେମାନେ Eastern States Union ଗଠନ କରି ଗଡ଼ଜାତ ରାଜ୍ୟମାନଙ୍କୁ ଓଡ଼ିଶାଠାରୁ ସ୍ୱତନ୍ତ୍ର ରଖିବାର ଅପଚେଷ୍ଟା କରୁଥିଲେ । କିନ୍ତୁ ୧୯୪୭ ଡିସେମ୍ବର ୧୪-୧୫ ତାରିଖରେ ଏହି ଅପଚେଷ୍ଟାର ଅବସାନ ହେଲା । କେବଳ ମୟୂରଭଞ୍ଜ ବ୍ୟତୀତ ଅନ୍ୟ ସବୁ ଗଡ଼ଜାତ ରାଜା କଟକଠାରେ ମିଶ୍ରଣ ଦଲିଲରେ ସ୍ୱାକ୍ଷର କରିଥିଲେ । ଏଥିପାଇଁ ସର୍ଦ୍ଦାର ପଟେଲ ଓ ମେନନଙ୍କ କଟକ ଆଗମନ ଓ ରାଜାମାନଙ୍କ ସହିତ ଆଲୋଚନା ମିଶ୍ରଣ କାର୍ଯ୍ୟକୁ ସୁଗମ କରିଥିଲା । ସେତେବେଳେ ମୟୂରଭଞ୍ଜରେ ଲୋକତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଥିବାରୁ ମହାରାଜା ମିଶ୍ରଣ ଦଲିଲରେ ସ୍ୱାକ୍ଷର କରିପାରିଲେ ନାହିଁ । ନିଜ ରାଜ୍ୟରେ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ପ୍ରଚଳିତ ହୋଇଥିବା ବିଷୟ ସେ ସର୍ଦ୍ଦାର ପଟେଲଙ୍କୁ ଜଣାଇଥିଲେ । ଏହି ପରିସ୍ଥିତି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସନ୍ତୋଷ ପ୍ରଦାନ କରି ନ ଥିଲେ ମଧ୍ୟ ସେ ଅନ୍ୟ କିଛି ପଦକ୍ଷେପ ନେଇପାରି ନ ଥିଲେ । କେବଳ ଅନାଗତ ଭବିଷ୍ୟତରେ ମୟୂରଭଞ୍ଜ ଯେଉଁ ବିପଦର ସମ୍ମୁଖୀନ ହେବ ସେ ସଂପର୍କରେ ଚେତାବନୀ ଶୁଣାଇଥିଲେ । ତେଣୁ ୧୯୪୮ ଜାନୁୟାରୀ ୧ରୁ ଓଡ଼ିଶାର ସବୁ ଗଡ଼ଜାତ ରାଜ୍ୟ ପ୍ରଦେଶ ସହ ମିଶିଗଲା । କେବଳ ଅଲଗା ରହିଗଲା ମୟୂରଭଞ୍ଜ ।

ମୟୂରଭଞ୍ଜ ସ୍ୱତନ୍ତ୍ର ହୋଇ ରହିବା ଫଳରେ ଏକ ସଂକଟଜନକ ପରିସ୍ଥିତିର ଉଦ୍ଭବ ହେଲା । ଛୋଟନାଗପୁର ଓ ମୟୂରଭଞ୍ଜର ଆଦିବାସୀମାନେ ଏକ ବିଦ୍ରୋହର ସୂତ୍ରପାତ

Digitized by PPRACHIN, SOA

କଲେ । ଡିସେମ୍ବର ୨୫ (୧୯୪୭) ଦିନ ବହୁସଂଖ୍ୟକ ଆଦିବାସୀ କପୋଇ ନାମକ ସ୍ଥାନରେ ସମବେତ ହେଲେ । ଏହି ସାଧାରଣ ସଭାର ଅଧ୍ୟକ୍ଷ ଥିଲେ ସୁନାରାମ ମାଝି । ଉକ୍ତ ସଭାରେ ଯେଉଁ ପ୍ରସ୍ତାବ ପାସ୍ ହେଲା ତାହାର ପ୍ରସ୍ତାବକ ଓ ସମର୍ଥକ ଥିଲେ ଯଥାକ୍ରମେ ଗୋପୀନାଥ ବର୍ବରା ଓ ଭଗତଚନ୍ଦ୍ର ହାସନା । ପ୍ରସ୍ତାବରେ ଓଡ଼ିଶା ସହିତ ମିଶ୍ରଣକୁ ବିରୋଧ କରାଯାଇଥିଲା । ମୟୂରଭଞ୍ଜ ସ୍ୱତନ୍ତ୍ର ରହିଲେ ତାହାର ସ୍ୱାର୍ଥ ସୁରକ୍ଷିତ ହୋଇପାରିବ ବୋଲି ନେତାମାନେ ମତ ପ୍ରକାଶ କରିଥିଲେ । ଓଡ଼ିଶାର ସମ୍ବାଦପତ୍ରରେ ମୟୂରଭଞ୍ଜର ମିଶ୍ରଣ ନେଇ ନାନା ଗୁଜବଜନିତ ସମ୍ବାଦ ପ୍ରକାଶିତ ହେଉଥିଲା । ଦୈନିକ 'ସମାଜ'ରେ ପ୍ରଧାନମନ୍ତ୍ରୀ ଶରତଚନ୍ଦ୍ର ଦାସ ଅତିଶୀଘ୍ର ଓଡ଼ିଶା ପ୍ରଦେଶର ଜଣେ ମନ୍ତ୍ରୀ ନିଯୁକ୍ତ ହେଉଥିବା ଗୁଜବ ପ୍ରକାଶ ପାଇଥିଲା । ମୟୂରଭଞ୍ଜ ଓଡ଼ିଶାରେ ମିଶୁ ଏହା ଓଡ଼ିଶାର ସର୍ବସାଧାରଣ ଓ ବୁଦ୍ଧିଜୀବୀ ଚାହୁଁଥିଲେ । କିନ୍ତୁ ଶରତଚନ୍ଦ୍ର ଦାସ ମନ୍ତ୍ରୀପଦରେ ନିଯୁକ୍ତ ହେବେ ଏହା ଜଣାପଡ଼ିବା ପରେ ତାଙ୍କ ପ୍ରତି ସନ୍ଦେହ ଘନୀଭୂତ ହେଲା । ମୟୂରଭଞ୍ଜକୁ ସ୍ୱତନ୍ତ୍ର ରଖିବାରେ ସେ ଆଗ୍ରହୀ ବୋଲି ଘୋଷଣା କଲେ ମଧ୍ୟ ତାଙ୍କୁ ଅବିଶ୍ୱାସ କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଲା । ଏପରିକି ମନ୍ତ୍ରିମଣ୍ଡଳରେ ତାଙ୍କର ସହକର୍ମୀମାନେ ମଧ୍ୟ ଅବିଶ୍ୱାସ ମନୋଭାବ ପ୍ରକାଶ କଲେ । ଲାଲମୋହନ ପତି ଭାରତର ସଂବିଧାନ ସଭାରେ ମୟୂରଭଞ୍ଜର ପ୍ରତିନିଧିତ୍ୱ କରୁଥିଲେ । ସେ ମିଶ୍ରଣ ବିରୋଧରେ ଥିଲେ । ଛାତ୍ରନେତା ବିଭୂତି ଦାଶ ମିଶ୍ରଣ ସପକ୍ଷରେ ନ ଥିଲେ ଓ ମୟୂରଭଞ୍ଜର ବ୍ୟବସାୟୀ ସଂଘ ମିଶ୍ରଣକୁ ବିରୋଧ କରୁଥିଲେ ।

ତେଣୁ ମୟୂରଭଞ୍ଜର ସ୍ୱତନ୍ତ୍ର ଅବସ୍ଥିତିକୁ କେନ୍ଦ୍ରକରି ବିବାଦୀୟ ଅବସ୍ଥା ଉପୁଜିଲା । ଶାସନ ବ୍ୟବସ୍ଥାକୁ ଦୃଢ଼ କରି ଦୁର୍ନୀତିପରାୟଣ ଅମଲାତନ୍ତ୍ରକୁ ଠିକଣାବାଟରେ ପରିଚାଳିତ କରିବାରେ ଦାସ ମନ୍ତ୍ରିମଣ୍ଡଳ ଅସମର୍ଥ ହେଲେ । ସେମାନେ ରାଜକୋଷରୁ ସଂଚିତ ଅର୍ଥର ଅପବ୍ୟୟ କରିବା ଅନ୍ୟ ଏକ ସାଂଘାତିକ ଘଟଣା ଥିଲା । ଦାସଙ୍କ ବିରୋଧରେ ଅସ୍ତ୍ର ତୋସରପାତର ଅଭିଯୋଗ ଦିନୁଦିନ ବଢ଼ିବାରେ ଲାଗିଲା । ସର୍ଦ୍ଦାରୀପ୍ରଥା ବିଲୋପ ହେବାରୁ ସର୍ଦ୍ଦାରମାନେ ତାଙ୍କର ଶତ୍ରୁ ହୋଇପଡ଼ିଲେ । ପ୍ରଜାମଣ୍ଡଳକୁ ରୂପ ପରିବର୍ତ୍ତନ କରି ମୟୂରଭଞ୍ଜ ରାଜ୍ୟ କଂଗ୍ରେସ ନାମରେ ଅଭିହିତ କରିବା ଅନ୍ୟ ଏକ ଭୁଲ ପଦକ୍ଷେପ ଥିଲା । ହରିଶଚନ୍ଦ୍ର ଦାଶଙ୍କ ପରିଚାଳନାରେ 'ଭଞ୍ଜବାସୀ' ନାମକ ଏକ ବିପକ୍ଷଦଳ ସୃଷ୍ଟି ହେଲା । ସେମାନେ ଶରତଚନ୍ଦ୍ର ଦାସଙ୍କ ନାମରେ ନାନା ପ୍ରକାର କୁତ୍ସା ରଟନା କଲେ । ସର୍ଦ୍ଦାରମାନେ ହରିଶଚନ୍ଦ୍ରଙ୍କୁ ଆର୍ଥିକ ସାହାଯ୍ୟ ଦେଇ ଓଡ଼ିଶା ସହ ମିଶ୍ରଣକୁ ସମର୍ଥନ କଲେ । ମୟୂରଭଞ୍ଜର ସ୍ୱତନ୍ତ୍ରତା ଓଡ଼ିଆ ଜାତୀୟତାର ପ୍ରତିକୂଳ ଥିଲା । ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ରବୀନ୍ଦ୍ରମୋହନ ଦାସ ନାମକ ଦୁଇଜଣ ସାମ୍ୟବାଦୀ ନେତା ମିଶ୍ରଣ ସପକ୍ଷରେ ଜନମତ ସୃଷ୍ଟି କରିବା ପାଇଁ ଯୋଜନା ପ୍ରସ୍ତୁତ କଲେ । ଓଡ଼ିଶା ବିଧାନସଭାରେ ୧୯୪୮ ଏପ୍ରିଲ ମାସରେ ମୟୂରଭଞ୍ଜର ମିଶ୍ରଣ ସକାଶେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ପ୍ରସ୍ତାବ ଗୃହୀତ ହେଲା । ପ୍ରଦେଶ ପରି ମୟୂରଭଞ୍ଜ

Digitized by PPRACHIN, SOA

ଅଧିବାସୀମାନେ ଯେପରି ଗଣତାନ୍ତ୍ରିକ ପଦ୍ଧତିରେ ଶାସିତ ହୁଅନ୍ତୁ ଏହା ଥିଲା ପ୍ରସ୍ତାବର ସାରଯୁକ୍ତି । ଏହି ପ୍ରସ୍ତାବର ବିରୋଧ କରି ମୟୂରଭଞ୍ଜ ବ୍ୟବସ୍ଥାପକ ସଭାରେ ମତ ପ୍ରକାଶ ପାଇଲା । ସଦସ୍ୟମାନେ ମୟୂରଭଞ୍ଜର ସ୍ୱାତନ୍ତ୍ର୍ୟ ପ୍ରତି ଗୁରୁତ୍ୱ ଦେଇ ଯୁକ୍ତି ବାଢ଼ିଥିଲେ । ଦୁଇ ଅଞ୍ଚଳ ମଧ୍ୟରେ ସମୟ ସମୟରେ ଅହେତୁକ ଉତ୍ତେଜନା ଓ ତିକ୍ତତା ବୃଦ୍ଧି ପାଇଲା । ଭାରତ ସରକାରଙ୍କୁ ସବୁକଥା ବୁଝାଇବା ଉଦ୍ଦେଶ୍ୟରେ ଶରତଚନ୍ଦ୍ର ଦାସ, ମନ୍ତ୍ରୀ ମହେଶ୍ୱର ନାଏକ ଓ ବ୍ୟବସ୍ଥାପକସଭାର ସାତଜଣ ସଦସ୍ୟ ଦିଲ୍ଲୀ ଯାଇଥିଲେ । ସାତଦିନ କାଳ ଦିଲ୍ଲୀ ରହଣି ଓ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନାର ଅନ୍ତିମ ପରିଣାମ ଆଶାନୁରୂପ ହେଲା ନାହିଁ । ଶରତଚନ୍ଦ୍ରଙ୍କ ମନ୍ତ୍ରିମଣ୍ଡଳ ଯେଉଁସବୁ କାର୍ଯ୍ୟମାନ କରିଥିଲେ ସେଥିରେ ସର୍ଦ୍ଦାର ପଟେଲ ସନ୍ତୁଷ୍ଟ ହେଲେ ନାହିଁ । ମୟୂରଭଞ୍ଜର ସ୍ୱତନ୍ତ୍ର ଅବସ୍ଥିତି ଅନାବଶ୍ୟକ ବୋଲି ସେକ୍ରେଟାରୀ ଭି.ପି. ମେନନ ରୋକଠୋକ୍ ଶୁଣାଇଦେଲେ । ଭାରତର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମୟୂରଭଞ୍ଜ ଶୀଘ୍ର ଓଡ଼ିଶା ସହିତ ମିଶିଯିବା ଶ୍ରେୟସ୍କର ବୋଲି ତାଙ୍କର ମତ ଥିଲା ।

ଶରତବାବୁ ନିରାଶପୂର୍ଣ୍ଣ ହୃଦୟରେ ବାରିପଦା ଫେରିଆସିଲେ । ସେ ବ୍ୟବସ୍ଥାପକ ସଭାର ଅଧିବେଶନ ଆହ୍ୱାନ କରି ସଦସ୍ୟମାନଙ୍କୁ ସେକ୍ରେଟାରୀ ମେନନ ଦେଇଥିବା ପରାମର୍ଶ ଓ ଭାରତ ସରକାରଙ୍କ ଇଚ୍ଛା ସଂପର୍କରେ ଅବଗତ କରାଇଲେ । ଅତି ବିନମ୍ରତାର ସହିତ ମୟୂରଭଞ୍ଜର ଭବିଷ୍ୟତ ସ୍ଥିର କରିବାକୁ ସେ ସଦସ୍ୟମାନଙ୍କୁ ଅନୁରୋଧ କଲେ । ପରିସ୍ଥିତିରେ ପରିବର୍ତ୍ତନ ଦେଖାଦେଲା । ଦାସ ମନ୍ତ୍ରିମଣ୍ଡଳର ଦୃଷ୍ଟିକୋଣ ବଦଳିଲା । ମୟୂରଭଞ୍ଜକୁ ସ୍ୱତନ୍ତ୍ର ରଖିବା ସମ୍ଭବ ନୁହେଁ ବୋଲି ସରକାର ଉପଲବ୍ଧି କଲେ । ପ୍ରତିଦିନ ଦାସଙ୍କ ବିରୋଧରେ ଅପପ୍ରଚାରର ମାତ୍ରା ବୃଦ୍ଧି ପାଉଥିଲା । ବାମନଘାଟି ଓ ପାଞ୍ଚପୀଢ଼ ସବ୍‌ଡିଭିଜନର ଆଦିବାସୀମାନେ ସରକାରଙ୍କୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ । ସେମାନଙ୍କୁ ଅବସ୍ଥା ବୁଝାଇବା ଉଦ୍ଦେଶ୍ୟରେ ଶରତବାବୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନ ଗସ୍ତ କଲେ । ଏହି ସଂକଟରେ ବ୍ୟବସ୍ଥାପକ ସଭାର ବରିଷ୍ଠ ସଦସ୍ୟ ଗିରୀଶଚନ୍ଦ୍ର ରାୟ ଇସ୍ତଫା ଦେଲେ । ସେ, ଜଗନ୍ନାଥ କମିଳା ଓ ବଂଶୀଧର ରାଜ ଓଡ଼ିଶା ସହିତ ମିଶ୍ରଣ ଚାହୁଁଥିଲେ । ପରିସ୍ଥିତି ଆଉ ଅଧିକ ଜଟିଳ କଲେ ଆଦିବାସୀମାନେ । ସେମାନେ ଶରତବାବୁଙ୍କ ସରକାରରେ ଆସ୍ଥା ପ୍ରକଟ ନ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ଶାସିତ ହେବାକୁ ଆଗ୍ରହ ପ୍ରକାଶ କଲେ ଓ ସେହି ମର୍ମରେ ସ୍ମାରକପତ୍ର ମଧ୍ୟ ଦେଲେ । ଦଳେ ମୟୂରଭଞ୍ଜବାସୀ ପଶ୍ଚିମବଙ୍ଗଳା ସହିତ ମିଶ୍ରଣ ପ୍ରସ୍ତାବ ଦେଲେ । ଏହାର ଅଯୌକ୍ତିକତା ନିଜେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘୋଷ ବାରିପଦା ଆସି ସେଠାରେ ଏକ ସାଧାରଣ ସଭାରେ ପ୍ରକାଶ କଲେ । ଏହି ସମୟରେ 'ପ୍ରଜାତନ୍ତ୍ର'ରେ ପ୍ରକାଶିତ ଏକ ସମ୍ବାଦରୁ ଜଣାଗଲା ଯେ ଶରତବାବୁ ଗୁପ୍ତରେ ଆଦିବାସୀ ନେତା ସୁନାରାମ ମାଝିଙ୍କୁ ମୟୂରଭଞ୍ଜର ପ୍ରଧାନମନ୍ତ୍ରୀ କରି ମିଶ୍ରଣ ପ୍ରସ୍ତାବ ବିରୋଧରେ ଜନମତ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି । ସେତେବେଳେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜ

Digitized by PPRACHIN, SOA

କଲିକତାରେ ଅବସ୍ଥାନ କରୁଥିଲେ ଓ ତାଙ୍କର ପୂର୍ବତନ ଦେୱାନ କ୍ଷିତୀଶଚନ୍ଦ୍ର ନିୟୋଗୀ କେନ୍ଦ୍ରସରକାରଙ୍କର ଜଣେ ମନ୍ତ୍ରୀ ଥିଲେ । ସେମାନେ ଓଡ଼ିଶା ସହିତ ମୟୂରଭଞ୍ଜର ମିଶ୍ରଣ ଚାହୁଁଥିଲେ । ହଠାତ୍ ସୁନାରାମ ମାଝିଙ୍କ ନେତୃତ୍ୱରେ ଦଳେ ଆଦିବାସୀ ମୟୂରଭଞ୍ଜକୁ ବିହାର ସହିତ ମିଶାଇବାକୁ ଆଗ୍ରହ ପ୍ରକାଶ କଲେ । ସୁନାରାମ ମାଝି ଜଣେ ଶିକ୍ଷିତ ଆଇନଜ୍ଞ ଥିଲେ । ଆଦିବାସୀମାନଙ୍କ ଉପରେ ତାଙ୍କର ବିଶେଷ ପ୍ରଭାବ ଥିଲା । ଏହି ଅବସ୍ଥାରେ ମୟୂରଭଞ୍ଜ ଷ୍ଟେଟ୍ କଂଗ୍ରେସ ଓଡ଼ିଶା ସହ ମିଶ୍ରଣ ଆନ୍ଦୋଳନକୁ ତୀବ୍ର କଲା । ଆଦିବାସୀ ଓ କଂଗ୍ରେସ ମତ ପରସ୍ପର ବିରୋଧୀ ହୋଇଥିବାରୁ ଶାନ୍ତିଶୃଙ୍ଖଳା ପାଇଁ ବିପଜ୍ଜନକ ଥିଲା । ମୟୂରଭଞ୍ଜର ହିତ ଦୃଷ୍ଟିରୁ ମହାରାଜା ଅଧିକ କାଳବିଳମ୍ବ ନ କରି ଅକ୍ଟୋବର ୧୬ ତାରିଖ ଦିନ ଦିଲ୍ଲୀରେ ମିଶ୍ରଣ ଦଲିଲରେ ସ୍ୱାକ୍ଷର କଲେ । ପରେ ପରେ ଶରତବାବୁ ମଧ୍ୟ ତହିଁରେ ଦସ୍ତଖତ ଦେଇଥିଲେ । ନଭେମ୍ବର ୯ ତାରିଖଠାରୁ ଶାସନ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବରେ ଦତ୍ତାତ୍ରେୟ ବାମନ ରିଗେ I.C.S. ବହନ କଲେ । ମୟୂରଭଞ୍ଜ ଭାରତ ସରକାରଙ୍କ ପ୍ରତ୍ୟକ୍ଷ ଶାସନାଧୀନ ହେଲା । ସେଥିପାଇଁ ଆବଶ୍ୟକୀୟ ସରକାରୀ ଇସ୍ତାହାର ପ୍ରକାଶ ପାଇଲା । ରିଗେ ସାହେବ ଚିଫ କମିଶନର ପଦରେ ଅବସ୍ଥାପିତ ହେଲେ । ଶାସନର ପୂର୍ଣ୍ଣ କ୍ଷମତା ତାଙ୍କ ଉପରେ ନ୍ୟସ୍ତ ହେଲା । ମୟୂରଭଞ୍ଜର ବ୍ୟବସ୍ଥା ପରିଷଦକୁ ନଭେମ୍ବର ୯ ତାରିଖଠାରୁ ଭାଙ୍ଗି ଦିଆଗଲା ।

ଆଦିବାସୀ ବିଦ୍ରୋହ (୧୯୪୮)

କେନ୍ଦ୍ରସରକାରଙ୍କ ଅଧୀନରେ ମୟୂରଭଞ୍ଜ ମାତ୍ର ଦୁଇମାସ ଶାସିତ ହୋଇଥିଲା । ସେହି ସମୟ ମଧ୍ୟରେ ବାସ୍ତବିକ ଅବସ୍ଥା ଅନୁଧ୍ୟାନ କରି ଚିଫ୍ କମିଶନର କେନ୍ଦ୍ରସରକାରଙ୍କ ସ୍ୱରାଷ୍ଟ୍ର ବିଭାଗକୁ ଯେଉଁ ରିପୋର୍ଟ ଦେଲେ, ତଦନୁସାରେ ସଚିବ ଭି.ପି.ମେନନ ଡିସେମ୍ବର ୧୬ ତାରିଖ ଦିନ ବାରିପଦା ଗସ୍ତରେ ଆସିଲେ । କେବଳ ଆଦିବାସୀଙ୍କୁ ବାଦଦେଇ ବାକି ସମସ୍ତେ ପୂର୍ଣ୍ଣମାତ୍ରାରେ ଓଡ଼ିଶା ସହିତ ମିଶ୍ରଣକୁ ସମର୍ଥନ କରୁଥିବାରୁ ସେ ଘୋଷଣା କଲେ ଯେ ୧୯୪୯ ଜାନୁୟାରୀ ୨ ତାରିଖଠାରୁ ମୟୂରଭଞ୍ଜ ଓଡ଼ିଶା ସହ ମିଶିଯିବ । ଆଦିବାସୀମାନଙ୍କ ସ୍ୱାର୍ଥର ପୂର୍ଣ୍ଣ ସୁରକ୍ଷା ଓ ସୁବନ୍ଦୋବସ୍ତ ଓଡ଼ିଶା ସରକାର କରିବେ । ଏହି ଘୋଷଣାରେ ଆଦିବାସୀମାନେ ସନ୍ତୁଷ୍ଟ ହେଲେ ନାହିଁ । ସୁନାରାମ ମାଝିଙ୍କ ନେତୃତ୍ୱରେ କେତେଜଣ ସାନ୍ତାଳ ଓଡ଼ିଶା ସହ ମିଶ୍ରଣକୁ ବିରୋଧ କଲେ । ଛୋଟନାଗପୁର ଅଞ୍ଚଳରେ ଜୟପାଲ ସିଂହଙ୍କ ଅଧିନାୟକତ୍ୱରେ 'ଆଦିବାସୀ ମହାସଭା' ନାମକ ଏକ ସଂଗଠନ ୧୯୪୬ ଠାରୁ କାର୍ଯ୍ୟ କରୁଥିଲା । ବିହାର, ବଙ୍ଗଳା, ମଧ୍ୟପ୍ରଦେଶ ଓ ଓଡ଼ିଶାର ଆଦିବାସୀମାନଙ୍କୁ ଏକ ଶାସନାଧୀନ କରି ସେ ନିଜପାଇଁ ଗୋଟିଏ ରାଜନୈତିକ ଭିତ୍ତିଭୂମି ସ୍ଥାପନ କରିବାକୁ ଚାହୁଁଥିଲେ । ବାମନଘାଟି ଓ ପାଞ୍ଚପୀଢ଼ ସବ୍‌ଡିଭିଜନରେ ତାଙ୍କୁ ସମର୍ଥନ ଜଣାଇବାକୁ ପ୍ରାୟ ପନ୍ଦରହଜାର ଲୋକ 'ଆଦିବାସୀ ମହାସଭାର' ସଭ୍ୟ ହୋଇଥିଲେ । ସୁନାରାମ ମାଝି ଓ ରାମଚନ୍ଦ୍ର ମାଝି ଜୟପାଳ ସିଂହଙ୍କ ସ୍ଥାନୀୟ ସମର୍ଥକ ଥିଲେ । ଜୟପାଳ ସିଂହଙ୍କ ପ୍ରରୋଚନାରେ

Digitized by PPRACHIN, SOA

ସୁନାରାମ ଓ ରାମଚନ୍ଦ୍ର ପାଞ୍ଚପୀଢ଼ ଏବଂ ବାମନଘାଟିକୁ ବିହାର ସହିତ ମିଶାଇବାର ଜନମତ ସୃଷ୍ଟି କରୁଥିଲେ । ଏହି ଉଦ୍ୟମ ଫଳରେ ଆଦିବାସୀମାନେ ବିଦ୍ରୋହ ମନୋବୃତ୍ତି ଗ୍ରହଣ କଲେ । ଓଡ଼ିଶା ପରିବର୍ତ୍ତେ ବିହାର ପ୍ରତି ସେମାନଙ୍କର ଅନୁରକ୍ତି ଓ ଆକର୍ଷଣ ଅଧିକ ହେଲା ।

ମୟୂରଭଞ୍ଜର ଉତ୍ତର ଦିଗରେ ସରେଇକଳା ଓ ଖରସୁଆଁ ରାଜ୍ୟ ଅବସ୍ଥିତ ଥିଲା । ସେ ଦୁଇଟି ଓଡ଼ିଆ ଭାଷୀ ଗଡ଼ଜାତ ରାଜ୍ୟ ହୋଇଥିବାରୁ ଡିସେମ୍ବର ୧୯୪୭ରେ ମିଶ୍ରଣ ଦଲିଲରେ ରାଜାମାନେ ସ୍ୱାକ୍ଷର କରି ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିଲେ । ଦୁଇ ଗଡ଼ଜାତ ରାଜ୍ୟକୁ ମିଶାଇ ଗୋଟିଏ ଜିଲ୍ଲା ଗଠନ କରାଯାଇଥିଲା । ଜୟପାଳ ସିଂହ ଉକ୍ତ ଜିଲ୍ଲାକୁ ବିହାର ସହିତ ମିଶାଇବା ସପକ୍ଷରେ ଆନ୍ଦୋଳନ ଆରମ୍ଭ କଲେ । ସେହି ଆନ୍ଦୋଳନରେ ସିଂହଭୂମ ଜିଲ୍ଲାର ଅନେକ ଆଦିବାସୀ ଏବଂ ଜାମସେଦପୁରର ଅସାମାଜିକ ଗୁଣ୍ଡା ଶ୍ରେଣୀର ଚରିତ୍ର ଅଂଶ ଗ୍ରହଣ କରିଥିଲେ । ସରକାରୀ ଅଫିସ ଓ ଅଧିକାରୀମାନଙ୍କ ବାସଗୃହ ଘେରାଉ କରିବାଦ୍ୱାରା ଜିଲ୍ଲାର ଶାସନ ଅଚଳ ହୋଇଗଲା । ଯେଉଁ ରାଜା ଦ୍ୱୟ ଓଡ଼ିଶା ସହିତ ମିଶ୍ରଣପାଇଁ ଦଲିଲ ସ୍ୱାକ୍ଷର କରିଥିଲେ ସେମାନେ ନୂତନ ପରିସ୍ଥିତି ଅନୁସାରେ ଆଦିବାସୀମାନଙ୍କୁ ବିହାର ସପକ୍ଷରେ ଆନ୍ଦୋଳନ କରିବାକୁ ମତାଇଲେ । ବିହାରର କଂଗ୍ରେସ ନେତାମାନେ ମଧ ସେଥିରେ ଯୋଗଦେଲେ । ଏକ ସଶସ୍ତ୍ର ବିଦ୍ରୋହ ଆରମ୍ଭ ହେବାରୁ ଓଡ଼ିଶା ସରକାରଙ୍କୁ ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ କରିବାକୁ ପଡ଼ିଲା । ଶତାଧିକ ବିଦ୍ରୋହୀ ନିହତ ହେଲେ । ଓଡ଼ିଶା ସରକାରଙ୍କ ତରଫରୁ ଶାସନକାର୍ଯ୍ୟ ପରିଚାଳନା ଦାୟିତ୍ୱ କଲେକ୍ଟର ଦୁର୍ଗାଦାସ ଏବଂ ପୁଲିସ ଅଧିକ୍ଷକ ମନବୋଧ ପଣ୍ଡାଙ୍କ ଉପରେ ନ୍ୟସ୍ତ ଥିଲା । ଉଭୟେ ଅଭିଜ୍ଞ ପ୍ରଶାସକ ଥିଲେ । ସରେଇକଳା ଓ ଖରସୁଆଁକୁ ଯୋଗାଯୋଗ ରାସ୍ତା ମୟୂରଭଞ୍ଜ ମଧରେ ଯାଇଥିବାରୁ ଏବଂ ମୟୂରଭଞ୍ଜର ଓଡ଼ିଶା ସରକାର ସହିତ ସଂପର୍କ ଭଲ ନ ଥିବାରୁ ଆଦିବାସୀମାନେ ସରକାରୀ ସୈନ୍ୟଚାଳନାରେ ଗୁରୁତର ଅସୁବିଧା ସୃଷ୍ଟି ହେବାର କଳ୍ପନା କରିଥିଲେ । କିନ୍ତୁ ତାହା ହୋଇ ନ ଥିଲା । ଶାନ୍ତି ଓ ଶୃଙ୍ଖଳା ସ୍ଥାପିତ ହେବା ପରେ ଭାରତ ସରକାର ଏକ ଟ୍ରିବ୍ୟୁନାଲ ଗଠନ କରି ଓଡ଼ିଶା ସରକାରଙ୍କ ହାତରେ ଦିଆଯାଇଥିବା ଶାସନ କ୍ଷମତା ସୁଚାରୁରୂପେ ବ୍ୟବହୃତ ହୋଇଛି କି ନାହିଁ ଜାଣିବାକୁ ଚାହିଁଲେ । ଟ୍ରିବ୍ୟୁନାଲ କୌଣସି ନିଷ୍ପତ୍ତି କରିବାରେ ସକ୍ଷମ ହେଲେ ନାହିଁ । ଭାରତ ସରକାର, ବିହାର ସରକାର ଓ ଓଡ଼ିଶା ସରକାରଙ୍କ ପ୍ରତିନିଧିମାନଙ୍କର ଏକ ତ୍ରୈପାକ୍ଷିକ ମିଟିଂ ଦିଲ୍ଲୀରେ ଆୟୋଜିତ ହେଲା । ସେଥିରେ ସ୍ଥିର ହେଲା ଯେ, ସରେଇକଳା ଓ ଖରସୁଆଁ ଓଡ଼ିଶା ପ୍ରଦେଶରୁ ବିଚ୍ଛିନ୍ନ ଥିବାରୁ ସୁଶାସନ ପାଇଁ ବିହାର ସହିତ ସେମାନଙ୍କ ମିଶ୍ରଣ ଶ୍ରେୟସ୍କର ହେବ । ତେଣୁ ୧୯୪୮ ମେ' ୧୮ ତାରିଖଠାରୁ ସରେଇକଳା ଓ ଖରସୁଆଁକୁ ସିଂହଭୂମ ଜିଲ୍ଲା ସହିତ ମିଶାଇ ବିହାର ଶାସନ ଅଧୀନରେ ଅବସ୍ଥାପିତ କରାଗଲା । ଏହି ଐତିହାସିକ ଅନ୍ୟାୟ ପାଇଁ ସେ ସମୟର ସଂପୃକ୍ତ ପ୍ରଶାସକ ଓ ନେତାମାନେ ସଂପୂର୍ଣ୍ଣ ଦାୟୀ । ନିଷ୍ପତ୍ତିର ପ୍ରତିରୋଧ କରିବା ଓଡ଼ିଶା

Digitized by PPRACHIN, SOA

ସରକାରଙ୍କ ନୈତିକ ଦାୟିତ୍ୱ ଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାର ତାହା ନ କରିବା ଫଳରେ ପରିଣତି ଓଡ଼ିଆ ଜାତିପ୍ରତି ଘୋର ଅନ୍ୟାୟ ହେଲା । ଯେଉଁ ଉପାୟରେ ବିହାର ସରକାର ଓ କୃଷ୍ଣବଲ୍ଲଭ ସହାୟ ପରି ନେତାମାନେ ଆଦିବାସୀ ବିଦ୍ରୋହର ଭୟ ପ୍ରଦର୍ଶନ ଦ୍ୱାରା ସରେଇକଳା ଓ ଖରସୁଆଁକୁ ମେ' ୧୯୪୮ରେ ଓଡ଼ିଶା ଗଡ଼ଜାତ ରାଜ୍ୟ ଗୋଷ୍ଠୀରୁ ସବୁଦିନ ପାଇଁ ବିଚ୍ଛିନ୍ନ କରିନେଲେ ତାହା ଓଡ଼ିଆ ଜାତୀୟତାକୁ କ୍ଷତବିକ୍ଷତ କରିଦେଲା । ସମୟ ସମୟରେ ଓଡ଼ିଶା ସରକାର ବିଦ୍ରୋହ ଦମନ ପାଇଁ କଠୋର ନୀତି ଅବଲମ୍ବନ କରିଥିବାରୁ ଆଦିବାସୀମାନେ ଓଡ଼ିଶା ପ୍ରତି ବିମୁଖ ହୋଇଥିବାର ସମ୍ଭାବନା ମନକୁ ଆସେ । କିନ୍ତୁ ଯେଉଁମାନେ ମୟୂରଭଞ୍ଜର ସ୍ୱତନ୍ତ୍ର ଅବସ୍ଥିତିକୁ ରାଜନୈତିକ ପରିଣତି ସକାଶେ ଦାୟୀ କରନ୍ତି ସେମାନଙ୍କର ଧାରଣା ଅମୂଳକ ବୋଲି ପ୍ରତୀତ ହୁଏ । ବିହାର ସପକ୍ଷରେ ଯେଉଁ ବଳିଷ୍ଠ ନେତୃତ୍ୱ ଓ ରାଜନୈତିକ ପ୍ରବାହ ଦେଖାଯାଇଥିଲା ତାହା ଓଡ଼ିଶା ଭାଗ୍ୟରେ ନ ଥିଲା । କିନ୍ତୁ ସରେଇକଳା ଓ ଖରସୁଆଁ ବିହାର ସହିତ ମିଶାଇବା ଦ୍ୱାରା ଆଦିବାସୀମାନେ ପୁଣି ଥରେ ବିଦ୍ରୋହୀ ସାଜିବାକୁ ନୈତିକ ସାମର୍ଥ୍ୟ ଲାଭ କଲେ – ଏହାର ପ୍ରତ୍ୟକ୍ଷ ପ୍ରମାଣ ଇତିହାସରେ ରହିଛି । ମୟୂରଭଞ୍ଜର ଆଦିବାସୀମାନଙ୍କୁ ସରେଇକଳା ଓ ଖରସୁଆଁ ଦୃଷ୍ଟାନ୍ତ ଅଶେଷ ପ୍ରେରଣା ଯୋଗାଇଥିଲା । ରେଭରାଣ୍ଡ ଏଲ ଉଓ୍ୟନ ଏବଂ ଜୟପାଳ ସିଂହଙ୍କ ଆହ୍ୱାନରେ ଉତ୍ସାହିତ ହୋଇ ସେମାନଙ୍କର ସ୍ଥାନୀୟ ନେତା ସୁନାରାମ ମାଝି ଓ ରାମଚନ୍ଦ୍ର ମାଝି ବାମନଘାଟି ସବ୍‌ଡିଭିଜନକୁ ସ୍ୱତନ୍ତ୍ର ବୋଲି ଘୋଷଣା କଲେ । ବାରିପଦା ଓ ରାଇରଙ୍ଗପୁରକୁ ସଂଯୋଗ କରୁଥିବା ରାଜପଥରେ ପ୍ରତିବନ୍ଧକମାନ ସୃଷ୍ଟିକରି ସଶସ୍ତ୍ର ଆଦିବାସୀ ଦଳ ସରକାରଙ୍କ ସୈନ୍ୟଚାଳନା ଓ ଗତିପଥରେ ବାଧା ସୃଷ୍ଟି କଲେ । ବିଦ୍ରୋହର ସଫଳତା କାମନା କରି ସେମାନେ ଜଣେ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଜୀବନ୍ତ ବଳି ଦେଲେ ! ବିଦ୍ୟାଳୟ ଛାତ୍ରମାନଙ୍କୁ ଗୁପ୍ତଚର କାର୍ଯ୍ୟରେ ନିଯୁକ୍ତ କରାଗଲା । ବାମନଘାଟି ଓ ପାଞ୍ଚପୀଢ଼ ଅଞ୍ଚଳରେ ଅଣଆଦିବାସୀ ସଂପ୍ରଦାୟ ଭୀତତ୍ରସ୍ତ ଅବସ୍ଥାରେ ରହିଥିଲେ । ଚାରିଆଡ଼େ ଆତଙ୍କ ଖେଳିଗଲା । ହଜାର ହଜାର ସଂଖ୍ୟାରେ ଆଦିବାସୀମାନେ ଧନୁ ଓ ଶର ଏବଂ ବର୍ଚ୍ଛା ଆଦି ମାରଣାସ୍ତ୍ର ଧରି ଉନ୍ମତ୍ତ ନୃତ୍ୟରତ ଅବସ୍ଥାରେ ବାରିପଦା ଅଭିମୁଖରେ ଅଗ୍ରସର ହେଲେ । ବାରିପଦାର ପୁଲିସ ପଡ଼ିଆରେ ସାଧାରଣ ସଭା ଆୟୋଜନ କରି ବିଦ୍ରୋହର ଲକ୍ଷ୍ୟ ସାଧନ କରିବା ନେତା ସୁନାରାମ ମାଝିଙ୍କ ଉଦ୍ଦେଶ୍ୟ ଥିଲା । ତାଙ୍କ ଆହ୍ୱାନରେ ଉଦ୍‌ଭ୍ରାନ୍ତ ଆଦିବାସୀମାନେ ସ୍ଲୋଗାନ ଦେଲେ, "ଆମେ ବିହାର ସହିତ ମିଶିବା, ଓଡ଼ିଶା ସହିତ ନୁହେଁ" । ବିଦ୍ରୋହୀମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇଲା । ବାରିପଦାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲା । ଆଦିବାସୀ ବିଦ୍ରୋହ କେଉଁ ରୂପ ନେବ ଏହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ଥିଲା । ଓଡ଼ିଶା ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଥିଲେ । ମୟୂରଭଞ୍ଜର ନୂତନ କଲେକ୍ଟର ସେତେବେଳେ ବି. ମୁଖାର୍ଜୀ (୧.୧.୪୯ ରୁ ୨୪.୮.୪୯) ଥିଲେ । ତାଙ୍କ ପରେ ଆସିଲେ

Digitized by PPRACHIN, SOA

ଭି.ଏସ.ମାଥ୍ୟୁସ । ସେନାବାହିନୀ ସହଯୋଗରେ ସରକାର ବିଦ୍ରୋହୀମାନଙ୍କୁ ରାସ୍ତା ଅବରୋଧ ନ ହଟାଇଲେ ଗୁଳିକରି ଦେବାକୁ ଆଦେଶ ଦେଲେ । କୁଲଡିହା, ଗୁଣ୍ଡୁରିଆ, ଗିଡିଲଟା, ଚଣ୍ଡିଖମାଲ, ରାଇରଙ୍ଗପୁର ଆଦି ସ୍ଥାନରେ ସେନାବାହିନୀ ତରଫରୁ ଗୁଳିଚାଳନା ଫଳରେ ଅନେକ ବିଦ୍ରୋହୀ ମୃତାହତ ହେଲେ । ସେମାନଙ୍କ କ୍ଷୟକ୍ଷତିର କଳନା ନ ଥିଲା । ପ୍ରାଣ ଭୟରେ ଅନେକ ଆଦିବାସୀ ଗ୍ରାମ ଜନଶୂନ୍ୟ ହୋଇଗଲା । ସେନାବାହିନୀ ଆକ୍ରମଣ ଭୟରେ ବିଦ୍ରୋହୀମାନେ ସପରିବାର ଜଙ୍ଗଲ ଭିତରକୁ ପଳାଇଲେ । କ୍ରମେ ଅବସ୍ଥାର ଉନ୍ନତି ଦେଖାଦେଲା । ବିଦ୍ରୋହ ପ୍ରଶମିତ ହେଲା । ଉପଦ୍ରୁତ ଅଞ୍ଚଳରେ ପିଟୁଣିକର ବାବଦରେ ସରକାର ଏକଲକ୍ଷଟଙ୍କା ଛୋରିମାନା ଆଦାୟ କଲେ । ଆଦିବାସୀମାନେ ଭୟରେ ପ୍ରତିରୋଧ କଲେ ନାହିଁ । ଯେଉଁମାନେ ନରହତ୍ୟା, ଅଗ୍ନିସଂଯୋଗ, ଦଙ୍ଗା ଆଦି ଅପରାଧରେ ଲିପ୍ତ ଥିଲେ ସେମାନଙ୍କୁ ଗିରଫ କରି ବିଚାର କରାଗଲା । କିନ୍ତୁ ଆଦିବାସୀମାନେ ଏକ ନିରୀହ ଓ ସରଳ ସାମାଜିକ ପ୍ରାଣୀ ହୋଇଥିବାରୁ ସେମାନଙ୍କ ବିରୋଧରେ ପ୍ରତିଶୋଧପରାୟଣ ଦଣ୍ଡବିଧାନ କରିବା ଅନୁଚିତ ଭାବି ସରକାର ଦୟା ଓ ସହାନୁଭୂତିଶୀଳ ଦୃଷ୍ଟିଭଙ୍ଗୀ ଦେଖାଇଥିଲେ । ତଦ୍ୱାରା ପରିଣତି ଭଲ ହେଲା । ନରମପନ୍ଥୀ ଆଦିବାସୀମାନେ ନିୟମ ଓ ଶୃଙ୍ଖଳାକୁ ମାନିନେଲେ । ନେତାମାନଙ୍କ ବିରୋଧରେ ଥିବା ଅଭିଯୋଗମାନ ସରକାର ପ୍ରତ୍ୟାହାର କରିନେଲେ । ଓଡ଼ିଶାର ଓ ଭାରତର ଜନନାୟକମାନେ ଆଦିବାସୀମାନଙ୍କ ଉଦ୍ଦେଶ୍ୟରେ ସାଧାରଣ ସଭା ଆୟୋଜନ କରିଥିଲେ ଓ ସେମାନଙ୍କୁ ଜାତୀୟ ସ୍ରୋତରେ ମିଶିବାକୁ ଆହ୍ୱାନ ଦେଇଥିଲେ । ହରେକୃଷ୍ଣ ମହତାବ ଓ ପଟ୍ଟାଭି ସୀତାରାମାୟା ବାରିପଦାରେ ଆୟୋଜିତ ସାଧାରଣ ସଭାରେ ଭାଷଣ ଦେଇ ଆଦିବାସୀଙ୍କ ମନରୁ ଭୟକୁ ଦୂର କରିପାରିଥିଲେ । ଜାତୀୟ କଂଗ୍ରେସ ତରଫରୁ ମୟୂରଭଞ୍ଜରେ ଆଦିବାସୀ କଂଗ୍ରେସ ନାମରେ ଏକ ସଂଗଠନ ସ୍ଥାପିତ ହେଲା । ଆଦିବାସୀମାନଙ୍କ ମନରେ ରାଜନୈତିକ ଚେତନା, ଦେଶପ୍ରେମ, ଗଣତନ୍ତ୍ରର ପରମ୍ପରା ଆଦି ସୃଷ୍ଟି କରିବା 'ଆଦିବାସୀ କଂଗ୍ରେସର' ଉଦ୍ଦେଶ୍ୟ ଥିଲା । ଖ୍ରୀ. ୧୯୫୨ରେ ଯେଉଁ ସାଧାରଣ ନିର୍ବାଚନ ଦେଶରେ ହେଲା ସେଥିରେ ଅନେକ ଆଦିବାସୀନେତା ଅଂଶଗ୍ରହଣ କରିଥିଲେ ଓ ଜୟଯୁକ୍ତ ହୋଇଥିଲେ । ସୁନାରାମ ମାଝି ଅନେକବର୍ଷ ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ ଓ ମନ୍ତ୍ରୀ ଦାୟିତ୍ୱରେ ଥିଲେ । ରାମଚନ୍ଦ୍ର ମାଝି ଲୋକସଭାରେ ମୟୂରଭଞ୍ଜର ପ୍ରତିନିଧିତ୍ୱ କରିଥିଲେ ।

ଖ୍ରୀ. ୧୯୪୯ ଜାନୁଆରୀ ୧ରେ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଲା ଓ ଜାନୁୟାରୀ ୨ ତାରିଖରୁ ଏକ ଜିଲ୍ଲା ରୂପେ ଶାସିତ ହେଲା । ଆଦିବାସୀ ବିଦ୍ରୋହ ତା'ର ପରବର୍ତ୍ତୀ ସମୟର ଘଟଣା । ବିଦ୍ରୋହ ଶାନ୍ତ ହେବା ପରେ ସରକାରଙ୍କ ତରଫରୁ ଆଦିବାସୀଙ୍କ ସାମୂହିକ ମଙ୍ଗଳ ଉଦ୍ଦେଶ୍ୟରେ ଏକାଧିକ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ସେହିଦିନଠାରୁ ମୟୂରଭଞ୍ଜ ଓଡ଼ିଶା ପ୍ରଦେଶର ସର୍ବବୃହତ୍ ଜିଲ୍ଲାର ମାନ୍ୟତା ଲାଭ

Digitized by PPRACHIN, SOA

କରିଛି । ପ୍ରାଦେଶିକ ସରକାର ଜିଲ୍ଲାବାସୀଙ୍କ ଉନ୍ନତିକଳ୍ପେ ନାନା ଉଦ୍ୟୋଗ ଏବଂ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଗମନାଗମନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି । ଶିକ୍ଷା ଓ ସ୍ୱାସ୍ଥ୍ୟର ପ୍ରଗତି ସମ୍ଭବ ହୋଇଛି । ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଜଳସେଚନ ପ୍ରକଳ୍ପ, ଶିକ୍ଷାନୁଷ୍ଠାନ, କର୍ମନିଯୁକ୍ତି ବ୍ୟବସ୍ଥାକୁ ସରକାରୀ ପ୍ରୋତ୍ସାହନ ମିଳିଛି । ଗଣତନ୍ତ୍ରର ବିକାଶ ହୋଇଥିବାରୁ ମୟୂରଭଞ୍ଜବାସୀ ରାଜନୀତି କ୍ଷେତ୍ରରେ ବେଶ୍ ସଚେତନ । ଛଉନୃତ୍ୟ ପ୍ରତିଷ୍ଠାନ ସ୍ଥାପିତ ହୋଇ ଲୋକସଂସ୍କୃତିର ପ୍ରଗତିରେ ସହାୟକ ହୋଇଛି । ତେବେ ଉପକୂଳବର୍ତ୍ତୀ ଓଡ଼ିଶା ପରି ମୟୂରଭଞ୍ଜବାସୀଙ୍କ ସର୍ବାଙ୍ଗୀଣ ଉନ୍ନତି ହୋଇପାରି ନ ଥିବାରୁ ସେମାନେ ନିଜକୁ ଅବହେଳିତ ମନେକରୁଛନ୍ତି । ଟାଟା କମ୍ପାନୀର କର୍ମକ୍ଷେତ୍ର ସଂକୁଚିତ ହେବା ଫଳରେ ବାଦାମପାହାଡ଼ ଓ ଗୋରୁମହିଷାଣିର ଲୌହ ଉତ୍ତୋଳନ ବନ୍ଦ ହୋଇଯାଇଛି । ତଦ୍ୱାରା ଆଦିବାସୀମାନଙ୍କ କର୍ମସଂସ୍ଥାନ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି । ପ୍ରାକୃତିକ ସଂପଦ ପରିପୂର୍ଣ୍ଣ ଶିମିଳିପାଳ ପର୍ବତର ଅରଣ୍ୟାନୀ ଅବକ୍ଷୟ ହେଉଥିବାରୁ ଜିଲ୍ଲାର ଜଳବାୟୁରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ । ସେ ଦିଗରେ ଆଶୁ ପଦକ୍ଷେପ ନ ନେଲେ ମୟୂରଭଞ୍ଜର ଅକଳନୀୟ କ୍ଷତି ହେବା ସଙ୍ଗେ ସଙ୍ଗେ ପ୍ରାକୃତିକ ଦୁର୍ବିପାକ ସୃଷ୍ଟି ହେବାର ଭୟ ରହିଛି । ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ମିଟର ଗଜ ରେଳପଥକୁ ପ୍ରଶସ୍ତ କରିବା, ନୂତନ ଉଦ୍ୟୋଗ ସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରିବା ଆଦି ପଦକ୍ଷେପ ନେଲେ ମୟୂରଭଞ୍ଜର ଭବିଷ୍ୟତ ଉଜ୍ଜ୍ୱଳ ହେବ ଏବଂ ଅନୁନ୍ନତ ଆଦିବାସୀ ସମାଜ ଆର୍ଥନୀତିକ ପ୍ରଗତିର ସ୍ୱାଦ ଆସ୍ୱାଦନ କରିପାରିବେ ।

ବାରିପଦା

ବାରିପଦା ସହର ମୟୂରଭଞ୍ଜ ଜିଲ୍ଲାର ରାଜନୈତିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର । ରାଣୀ ସୁମିତ୍ରାଦେବୀଙ୍କ ରାଜତ୍ୱକାଳରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଥିବାର ଐତିହାସିକ କାରଣ ଅଛି । ତେବେ ମାଦଳାପାଞ୍ଜିରୁ ବାରିପଦା ଦଣ୍ଡପାଟର ଅବସ୍ଥିତି ସଂପର୍କରେ ସୂଚନା ମିଳେ । ବାରିପଦା ଦଣ୍ଡପାଟକୁ ଭଞ୍ଜମାନଙ୍କ ସହିତ ସଂଯୋଗ କରି ଯେଉଁ କିମ୍ବଦନ୍ତୀ ମୂଳକ ଉପାଖ୍ୟାନ 'ଭଞ୍ଜବଂଶ ମାଳିକା' ଏବଂ 'ଭଞ୍ଜବଂଶାନୁଚରିତ'ରେ ବର୍ଣ୍ଣିତ ଅଛି ତାହା ଅନୁଧ୍ୟାନର ବିଷୟବସ୍ତୁ । ଏହି ଉପାଖ୍ୟାନ ଅନୁସାରେ ଖିଚିଂ ରାଜା ବାଟୁଳି ଭଞ୍ଜଙ୍କ ଦୁଇରାଣୀ ଥିଲେ । ସେମାନଙ୍କ ଗର୍ଭରୁ ଯେଉଁ ଦୁଇ ପୁତ୍ରସନ୍ତାନ ଜନ୍ମଲାଭ କରିଥିଲେ ସେମାନଙ୍କର ନାମ ଥିଲା ବିଶ୍ୱନାଥ ଭଞ୍ଜ ଓ ଜଗନ୍ନାଥ ଭଞ୍ଜ । ସାନରାଣୀଙ୍କ ପୁତ୍ର ବିଶ୍ୱନାଥ ଭଞ୍ଜ ଜ୍ୟେଷ୍ଠ ଥିଲେ ଏବଂ ପାଟରାଣୀଙ୍କ ପୁତ୍ର ଜଗନ୍ନାଥ ଭଞ୍ଜ କନିଷ୍ଠ ଥିଲେ । ମହାରାଜା ବାଟୁଳି ଭଞ୍ଜ ପାଟରାଣୀ ଓ ଜଗନ୍ନାଥ ଭଞ୍ଜଙ୍କ ସହିତ ତୀର୍ଥାଟନରେ ପୁରୀ ଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା ଏବଂ ପାଟରାଣୀ ଚିତାରେ ଝାସ ଦେଇ ସତୀ ହୋଇଥିଲେ । ଜଗନ୍ନାଥ ଭଞ୍ଜଙ୍କ ପ୍ରତି ପୁରୀ ଗଜପତି ପ୍ରତାପରୁଦ୍ର ଦେବ ସ୍ନେହଶୀଳ ହୋଇ ନିଜ କନ୍ୟାଙ୍କୁ ବିବାହ ଦେଇଥିଲେ । ଏହି ବିବାହର ଯୌତୁକ ସ୍ୱରୂପ ଜଗନ୍ନାଥ ଭଞ୍ଜଙ୍କୁ ବାରିପଦା ଦଣ୍ଡପାଟ ଉପହାର ମିଳିଥିଲା । ଦଣ୍ଡପାଟର

Digitized by PPRACHIN, SOA

ତତ୍କାଳୀନ ଜମିଦାର ଥିଲେ ମୟୂରଧ୍ୱଜ । ଜଗନ୍ନାଥ ଭଞ୍ଜ ନିଜ ଦଣ୍ଡପାଟ ଅଧିକାର କରିବା ସମୟରେ ମୟୂରଧ୍ୱଜଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା । ଯୁଦ୍ଧରେ ଜୟଲାଭ କଲାପରେ ସେ ମୟୂରଧ୍ୱଜଙ୍କଠାରୁ ରାଜକୀୟ ଚିହ୍ନ 'ମୟୂର' ସ୍ୱୀକାର କରିଥିଲେ ଏବଂ ସେହିଦିନଠାରୁ ବାରିପଦା ଦଣ୍ଡପାଟର ନୂତନ ନାମ ହେଲା 'ମୟୂରଭଞ୍ଜ' । ରାଜ୍ୟର ନୂତନ ନାମକରଣରେ ଶାସକ 'ଭଞ୍ଜ' ଓ ପ୍ରତୀକ 'ମୟୂର'ର ଅପୂର୍ବ ସମ୍ମିଶ୍ରଣ ହୋଇଥିବାର ଦେଖାଯାଏ । ଖିଚିଂରେ ଥିବା ରାଜବଂଶର କୌଣସି ଗୁରୁତ୍ୱ ନ ଥିବାରୁ ଜଗନ୍ନାଥ ଭଞ୍ଜଙ୍କ ସ୍ୱୀକୃତି ପାଇଁ ଅଗ୍ରଜ ବିଶ୍ୱନାଥ ଭଞ୍ଜ 'ରଗୁଆଁ'ର ସାମନ୍ତ ପଦବୀରେ ଅଧିଷ୍ଠିତ ହୋଇଥିଲେ । ବର୍ତ୍ତମାନ ମଧ୍ୟ ତାଙ୍କ ବଂଶଧରମାନେ ସେଠାରେ ବାସକରୁଥିବାର ଦେଖାଯାଏ ଏବଂ ସେମାନେ 'ବଡ଼କୁମାର' ନାମରେ ଖ୍ୟାତ ।

ଜଗନ୍ନାଥ ଭଞ୍ଜ ବାରିପଦା ସହରର ସ୍ଥାପୟିତା । ସ୍ଥାନୀୟ ଅମ୍ବିକା ମନ୍ଦିର ପଶ୍ଚାତ୍‌ପଟରେ ଥିବା ବଗସାମଲ ଗଡ଼ରେ ତାଙ୍କ ଦୁର୍ଗ ରହିଥିବାର ଅନୁମାନ କରାଯାଏ । ତେବେ 'ବାରିପଦା' ଅପେକ୍ଷା ହରିପୁରଗଡ଼ର ସାମରିକ ଗୁରୁତ୍ୱ ଅଧିକ ଥିବାରୁ ସେଠାରେ ରାଜଧାନୀ ଥିଲା ଏବଂ ପ୍ରାୟ ତିନିଶହବର୍ଷ ଭଞ୍ଜ ରାଜାମାନେ ତହିଁରେ ନିର୍ମିତ ହୋଇଥିବା ସୁନ୍ଦର ପ୍ରାସାଦରେ ବାସ କରୁଥିଲେ । ରାଜା ଦାମୋଦର ଭଞ୍ଜଙ୍କ ରାଜତ୍ୱ କାଳରେ ମୁସଲମାନ ଓ ମରହଟ୍ଟାମାନଙ୍କ ଅହରହ ଆକ୍ରମଣରେ ହରିହରପୁରଗଡ଼ ଧ୍ୱସ୍ତବିଧ୍ୱସ୍ତ ହେବାରୁ ତାହା ରାଜଧାନୀ ପାଇଁ ସୁରକ୍ଷିତ ମନେ ହେଲା ନାହିଁ ଏବଂ ଭଞ୍ଜରାଜା ନୂତନ ରାଜଧାନୀ ନିର୍ମାଣର ଯୋଜନା କରିଥିଲେ । ତାଙ୍କ ପରେ ରାଣୀ ସୁମିତ୍ରାଦେବୀ ସିଂହାସନ ଆରୋହଣ କଲାଉତ୍ତାରୁ ବାରିପଦାର ପ୍ରାଧାନ୍ୟ ବୃଦ୍ଧି ପାଇଲା । ରାଣୀ କିନ୍ତୁ ଜୀବଦ୍ଦଶାରେ ଅଧିକାଂଶ ସମୟ ଗୋପୀବଲ୍ଲଭପୁରସ୍ଥ ବୈଷ୍ଣବ ମଠରେ ଅତିବାହିତ କରୁଥିଲେ । ସୁମିତ୍ରାଦେବୀ ଇଂରେଜମାନଙ୍କ ସ୍ୱୀକୃତି ଲାଭ କରିଥିଲେ ସତ, କିନ୍ତୁ ସିଂହାସନପ୍ରାପ୍ତିକୁ କେନ୍ଦ୍ର କରି ଚାଲିଥିବା ଚକ୍ରାନ୍ତ ଭୟରେ ବାରିପଦାରେ ରହିବା ନିରାପଦ ମଣୁ ନ ଥିଲେ । ଗୋପୀବଲ୍ଲଭପୁରସ୍ଥ ମଠ ମହନ୍ତ ବିକ୍ରମେନ୍ଦ୍ର ଗୋସ୍ୱାମୀ ତାଙ୍କ ରାଜଗୁରୁ ଥିଲେ । ଗୋପୀବଲ୍ଲଭପୁରରେ ରହିଥିଲେ ମଧ୍ୟ ବାରିପଦାରେ ରାଜନିବାସ ନିର୍ମାଣ ପାଇଁ ସେ ଯତ୍ନଶୀଳା ଥିଲେ । ତାଙ୍କ ମୃତ୍ୟୁପରେ ରାଜା ତ୍ରିବିକ୍ରମ ଭଞ୍ଜଙ୍କ ରାଜତ୍ୱରେ ବାରିପଦାର ରାଜଭବନ ବଙ୍ଗଗନଦୀ କୂଳରେ ଗଢ଼ି ଉଠିଥିଲା ।

ବାରିପଦାର ନାମକରଣ ନେଇ ଐତିହାସିକମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଥାନ୍ତି । ନଗେନ୍ଦ୍ର ନାଥ ବସୁଙ୍କ ମତରେ ବାଉରୀ ବା ବାଥୁଡ଼ୀ ସଂପ୍ରଦାୟ ଅଧିଷ୍ଠିତ ଅଞ୍ଚଳ ପ୍ରଥମେ 'ବାଉରୀପଦା' ନାମରେ ନାମିତ ହୋଇଥିଲା । କିନ୍ତୁ ପରେ 'ବାଉରୀପଦା'ର ଅପଭ୍ରଂଶ ସ୍ୱରୂପ 'ବାରିପଦା' ହୋଇଅଛି । ତେବେ ବାରିପଦା ଦଣ୍ଡପାଟର ଐତିହାସିକ ସ୍ଥିତି ପଞ୍ଚଦଶ ଶତାବ୍ଦୀରେ ପ୍ରମାଣିତ ହେଉଥିବାରୁ ଏବଂ ଏହା ବଙ୍ଗଗ, ଚିପଟ, ଜରାଳୀ ଓ ସରାଳୀ ନାମକ ଚାରୋଟି ନଦୀ ଦ୍ୱାରା ପରିବେଷ୍ଟିତ

Digitized by PPRACHIN, SOA

ହୋଇଥିବାରୁ 'ଜଳ' ବା 'ବାଗି' ପୂର୍ଣ୍ଣ ସ୍ଥାନ ଭାବରେ 'ବାଗିପଦା' ହୋଇଥିବା ଅଧିକ ସଂଗତ ମନେହୁଏ ।

ଆଧୁନିକ ବାରିପଦା ସହର ରାଜନୈତିକ କେନ୍ଦ୍ର ଭାବରେ ସୁପ୍ରତିଷ୍ଠିତ ହେଲା ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ରାଜତ୍ୱ କାଳରେ (ଖ୍ରୀ. ୧୮୬୮ ରୁ ୧୮୮୨) । ମୟୂରଭଞ୍ଜର ପ୍ରଶାସନରେ ନୂତନ ଯୁଗର ବାର୍ତ୍ତାବହ ଥିଲେ କୃଷ୍ଣଚନ୍ଦ୍ର ଭଞ୍ଜ । ତାଙ୍କଦ୍ୱାରା କଚେରି ଗୃହ, ରାଜକୋଷ, ଛାପାଖାନା ପ୍ରଭୃତି ରାଜପ୍ରାସାଦ ସନ୍ନିକଟରେ ସ୍ଥାପିତ ହୋଇଥିଲା । ପୁଲିସ ଷ୍ଟେସନ, ଡାକ୍ତରଖାନା, ଜେଲ ଏବଂ ମାଇନର ସ୍କୁଲ ମଧ୍ୟ ସେ ସ୍ଥାପନ କରିଥିଲେ । ଗୋଲାପବାଗରେ ଏକ ଅତିଥିଶାଳା ତାଙ୍କ ଆଦେଶରେ ନିର୍ମିତ ହୋଇଥିଲା । ବାରିପଦା ଓ ବାଲେଶ୍ୱରକୁ ସଂଯୋଗ କରି ସେ ରାଜପଥ ନିର୍ମାଣ କରାଇଥିଲେ । ସେଥିପାଇଁ କଳମା ନିକଟସ୍ଥ ଜମି ରାଜ୍ୟ ସରକାରଙ୍କୁ ସାତହଜାର ଟଙ୍କା ବ୍ୟୟରେ କ୍ରୟ କରିବାକୁ ପଡ଼ିଥିଲା । ବାରିପଦାର ଡାକଘର ସେ ଆରମ୍ଭ କରିଥିଲେ । ଡାକ ସରବରାହ ପାଇଁ ବାଲେଶ୍ୱରରେ ଅନୁରୂପ ଡାକଘର ନିର୍ମାଣ କରି ସରକାରୀ ଖର୍ଚ୍ଚରେ ପତ୍ର ଆଦାନ ପ୍ରଦାନ ପାଇଁ କର୍ମଚାରୀ ନିଯୁକ୍ତ କରିଥିଲେ । ୧୮୮୨ରେ ତାଙ୍କର ଅକାଳ ମୃତ୍ୟୁରେ ମୟୂରଭଞ୍ଜ ଜଣେ ସୁଯୋଗ୍ୟ ଶାସକଙ୍କୁ ହରାଇଥିଲା ।

ବାରିପଦା ସହରର ଉନ୍ନତି ପାଇଁ ପି. ୱଇଲି ସାହେବ କୃଷ୍ଣଚନ୍ଦ୍ରଙ୍କ ଅଧୁରା କାର୍ଯ୍ୟମାନ ସଂପୂର୍ଣ୍ଣ କରିଥିଲେ । ସେ ନିଜେ ସରକାରୀ ଅତିଥିଶାଳାରେ ରହୁଥିବାରୁ ସରକାରୀ ଅତିଥିମାନଙ୍କ ପାଇଁ ବେଲଗଡ଼ିଆରେ ଥିବା କୋଠା ନିର୍ମାଣ କରିଥିଲେ । ଆଧୁନିକ କଚେରିର ଅଟ୍ଟାଳିକାମାନ ତାଙ୍କ ସମୟରେ ନିର୍ମିତ ହୋଇଥିଲା । ସେତେବେଳେ ମୟୂରଭଞ୍ଜର ଶାସନ ଇଂରେଜ ସରକାରଙ୍କ ଦାୟିତ୍ୱରେ ଥିଲା । କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସାବାଳକ ହେବା ପର୍ଯ୍ୟନ୍ତ ପି. ୱଇଲି ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ସେ ଜଣେ ଅଭିଜ୍ଞ ପ୍ରଶାସକ ହୋଇଥିବାରୁ ମୟୂରଭଞ୍ଜର ମେନେଜର ପଦରେ ନିଯୁକ୍ତି ପାଇଥିଲେ । ତାଙ୍କ ଆଦେଶରେ ରାଜପ୍ରାସାଦ ହତା ମଧ୍ୟରେ ଥିବା ମାଇନର ସ୍କୁଲ ଆଧୁନିକ ଏମ.ପି.କେ. ଗାର୍ଲସ ହାଇସ୍କୁଲ ହତାକୁ ସ୍ଥାନାନ୍ତରିତ ହୋଇଥିଲା । ବାରିପଦା ସହରକୁ ବାମନଘାଟି ସହିତ ଯୋଗ କରିବାପାଇଁ ବାଙ୍ଗିରିପୋଷିର ଘାଟି ରାସ୍ତା ସେ ତିଆରି କରାଇଥିଲେ । ଏହାଫଳରେ ଓଡ଼ିଶା ଓ କଲିକତା ସହିତ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ବିହାରର ଯୋଗାଯୋଗ ସୁବିଧାରେ ହୋଇପାରିଲା । ୱଇଲି ସାହେବ ସେଥିପାଇଁ ବଙ୍ଗପ୍ରଦେଶ ସରକାରଙ୍କ ପ୍ରଶଂସାଭାଜନ ହୋଇଥିଲେ ।

ପରବର୍ତ୍ତୀ ସମୟରେ ବାରିପଦା ସହରର ଉତ୍ତରୋତ୍ତର ଉନ୍ନତି ସାଧନ କରିଥିଲେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ । ଖ୍ରୀ. ୧୮୯୨ରେ ରାଜତ୍ୱପ୍ରାପ୍ତି ପରେ ବାରିପଦା ମାଇନର ସ୍କୁଲକୁ ଏକ ଉଚ୍ଚଇଂରାଜୀ ବିଦ୍ୟାଳୟରେ ସେ ପରିଣତ କରିଥିଲେ । ବିଦ୍ୟାଳୟ ପାଇଁ ଶ୍ରେଣୀଗୃହ, ଅଫିସ ଓ ଛାତ୍ରାବାସ ଆଦି ତାଙ୍କ ଦ୍ୱାରା ନିର୍ମିତ

Digitized by PPRACHIN, SOA

ହୋଇଥିଲା । ନାରୀଶିକ୍ଷାର ଉନ୍ନତିପାଇଁ ଖ୍ରୀ. ୧୯୦୪ରେ ଲେଡିଫ୍ରେଜର ବାଳିକା ବିଦ୍ୟାଳୟ ଆରମ୍ଭ ହୋଇଥିଲା । ପ୍ରାସାଦ ଭିତରେ ଥିବା କଚେରି ଗୃହକୁ ବର୍ତ୍ତମାନର କଚେରିକୁ ଏବଂ ଗୁଡୁରୀବଜାରରେ ଥିବା ଜେଲଖାନାକୁ ବର୍ତ୍ତମାନର ଜେଲ୍‌ଖାନାକୁ ସେ ସ୍ଥାନାନ୍ତରିତ କରିଥିଲେ । ଖ୍ରୀ. ୧୯୦୫ରେ ମ୍ୟୁନିସିପାଲ ଅଫିସ ଗୃହ ନିର୍ମିତ ହୋଇଥିଲା । ବାରିପଦା ଓ ରୁପ୍‌ସାକୁ ସଂଯୋଗ କରୁଥିବା ସଂକୀର୍ଣ୍ଣ ରେଳପଥ ସେ ନିର୍ମାଣ କରାଇଥିଲେ । ମୟୂରଭଞ୍ଜ ରାଜଦରବାର ସେଥିପାଇଁ ଅର୍ଥବ୍ୟୟ କରିଥିଲେ । ଖ୍ରୀ. ୧୯୦୪ ଡିସେମ୍ବର ୨ ତାରିଖ ଦିନ ବଙ୍ଗଦେଶର ଛୋଟଲାଟ ସାର୍ ଆଣ୍ଡ୍ରୁଫ୍ରେଜର ତାହା ଉଦ୍‌ଘାଟନ କରିଥିଲେ । ବାରିପଦାର ସଦର ହସପିଟାଲ, ଜୁବୁଲି ଲାଇବ୍ରେରୀ ଓ ସଂଗ୍ରହାଳୟ ଶ୍ରୀରାମଚନ୍ଦ୍ରଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ।

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ରାଜତ୍ୱ କାଳରେ (ଖ୍ରୀ. ୧୯୨୦-୨୮) ସହର ପାଇଁ ପାନୀୟ ଜଳଯୋଗାଣ ଓ ବିଜୁଳି ସରବରାହ ବ୍ୟବସ୍ଥା ସଂପୂର୍ଣ୍ଣ ହୋଇଥିଲା । ଏହି ବ୍ୟବସ୍ଥାର ସଂପ୍ରସାରଣ ହେଲା ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ କାଳରେ । ବାରିପଦା ସହର ପ୍ରବେଶଦ୍ୱାରରେ ଥିବା ଶିଳ୍ପ ଓ ବୈଷୟିକ ପ୍ରଶିକ୍ଷଣ କେନ୍ଦ୍ର ଏବଂ ରାଜ୍ୟ ଅତିଥିଶାଳା (ବିଶ୍ରାମଭବନ) ତାଙ୍କ କୀର୍ତ୍ତି ଥିଲା । ବିଚାର ବିଭାଗ ପାଇଁ ମୟୂରଭଞ୍ଜ ଉଚ୍ଚନ୍ୟାୟାଳୟ ଏବଂ ସେକ୍ରେଟାରିଏଟ ସହିତ ପରିଷଦ ଗୃହ ସେ ନିର୍ମାଣ କରାଇଥିଲେ । ୧୯୩୮ରେ ବାରିପଦା କ୍ଲବ୍ ସେ ସ୍ଥାପନ କରିଥିଲେ । ରାଣୀବାଗ, ତିନିକୋଣିଆ ବଗିଚା, (Band stand), ପୂର୍ଣ୍ଣଚନ୍ଦ୍ର ସ୍ମୃତିମନ୍ଦିର, ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ ଆଦି ତାଙ୍କ ସମୟରେ ସ୍ଥାପିତ ହୋଇଥିଲା । ସେ ନିଜେ ଜଣେ ଦକ୍ଷ ବିମାନ ଚାଳକ ଥିଲେ ଓ ନିଜର ବିମାନ ରଖିଥିଲେ । ସେଥିପାଇଁ ବାରିପଦାର ଅନତିଦୂରରେ ରାଜାବସାଠାରେ ଏକ ବିମାନ ଅବତରଣ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ବାରିପଦା ରାଜପ୍ରାସାଦରେ ଥିବା ସନ୍ତରଣ କକ୍ଷ ଓ ଅନ୍ୟାନ୍ୟ ପରିବର୍ତ୍ତନମାନ ତାଙ୍କଦ୍ୱାରା ସଂପନ୍ନ ହୋଇଥିଲା ।

ବାରିପଦାର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ ଥିଲା । ମଧୁବନ, ହାମିଲଟନ ଫାର୍ମ, ମଞ୍ଚାବନ୍ଧା ଆଦିର ଗହଳ ଆମ୍ରକୁଞ୍ଜ, ପରିଷ୍କାର ପରିଚ୍ଛନ୍ନ ରାସ୍ତାଘାଟ, ପର୍ବପର୍ବାଣିରେ ଲୋକନୃତ୍ୟ, ରଥଯାତ୍ରା, ଦଶହରା ମେଢ଼, ଚୈତ୍ରପର୍ବ ସମୟର ଉଡ଼ା ପର୍ବ ଓ ଛଉନୃତ୍ୟରେ ଜନଜୀବନ ଅପୂର୍ବ ଆନନ୍ଦ ଉଲ୍ଲାସରେ ନିମଗ୍ନ ରହୁଥିଲା । ଦଳଦଳ ଆଦିବାସୀ ସ୍ୱକୀୟ ପୋଷାକ, ଭୂଷଣ ଓ ବାଦ୍ୟଯନ୍ତ୍ର ନେଇ ସହର ପରିକ୍ରମା କରୁଥିଲେ । ଅଫୁରନ୍ତ ଅକୃତ୍ରିମ ମାନସିକ ସୌନ୍ଦର୍ଯ୍ୟ ନେଇ ସେମାନେ ମିଶିଯାଉଥିଲେ ମନୋରମ ପ୍ରକୃତିର ବର୍ଣ୍ଣାଢ଼୍ୟ ପରିବେଶ ସହିତ । କବି ପ୍ରାଣରେ ଉନ୍ମାଦନା ସୃଷ୍ଟି ହେଉଥିଲା । ସାହିତ୍ୟ, ସଂସ୍କୃତି ଓ ସଭ୍ୟତାର ଅନ୍ୟାନ୍ୟ ରୂପାୟନରେ ବାରିପଦା ଉବୁଟୁବୁ ହେଉଥିଲା । ଯେଉଁମାନେ ସେଦିନର ସ୍ମୃତିକୁ ଅପାସୋରା ମନରେ ସାଇତି ରଖିଛନ୍ତି ବାରିପଦାର ଅତୀତକୁ ବର୍ତ୍ତମାନ ସହିତ ଯୋଡ଼ିବାପାଇଁ ସେମାନେ କେବଳ ସମର୍ଥ ହେବେ ।

Digitized by PPRACHIN, SOA

ଅଷ୍ଟମ ଅଧ୍ୟାୟ

ଛଉନୃତ୍ୟ – ଏକ ଐତିହାସିକ ଅଧ୍ୟୟନ

ବିଶ୍ୱ ସଂସ୍କୃତିକୁ କୋଣାର୍କର କଳା ସ୍ଥାପତ୍ୟ ଯେପରି ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ, ସେହିପରି ଭାରତୀୟ ସଂସ୍କୃତି ପ୍ରତି ମୟୂରଭଞ୍ଜର ଛଉନୃତ୍ୟ ଏକ ମହନୀୟ ଅବଦାନ ରୂପେ ସ୍ୱୀକୃତ । ମୟୂରଭଞ୍ଜ ଓ ତତ୍‌ସଂଲଗ୍ନ ସରେଇକଳା ଓ ପୁରୁଲିଆ ଅଞ୍ଚଳକୁ ଛଉନୃତ୍ୟର ପୀଠସ୍ଥଳୀ ରୂପେ ଗ୍ରହଣ କରାଯାଏ । ଏସବୁ ସ୍ଥାନରେ ଆଜି ଆଦିବାସୀମାନେ ସଂଖ୍ୟାଗରିଷ୍ଠ ଅଧିବାସୀ । ଗୁପ୍ତୋତ୍ତର ଯୁଗରେ ଯେତେବେଳେ ଉତ୍ତର ଭାରତରୁ ଆର୍ଯ୍ୟ ସଂସ୍କୃତି ଦକ୍ଷିଣ ଭାରତକୁ ସଂପ୍ରସାରିତ ହେଲା ସେତେବେଳେ ବହୁ ଆଦିବାସୀ ଗୋଷ୍ଠୀ ମୁଖ୍ୟଙ୍କ ପୃଷ୍ଠପୋଷକତା ମାଧ୍ୟମରେ ଏହି ସାଂସ୍କୃତିକ ପ୍ରବାହ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିଥିଲା । ସଂସ୍କୃତ ଭାଷା ଓ ବ୍ରାହ୍ମଣ୍ୟ ଧର୍ମ ଏହି ପ୍ରବାହର ମୁଖ୍ୟ ଧାରା ଥିଲା । ସେତେବେଳେ ରାଜନୈତିକ ସୀମା ଭିତରେ କୌଣସି ଗୋଷ୍ଠୀ ବା ସଂପ୍ରଦାୟ ଆବଦ୍ଧ ହୋଇ ରହୁ ନ ଥିଲେ । ସେମାନେ ଗତିଶୀଳ ଥିଲେ । ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ବର୍ତ୍ତମାନ ଓଡ଼ିଶାର ରାଜନୈତିକ ସତ୍ତା ସେତେବେଳେ ନ ଥିଲା । ସୁବର୍ଣ୍ଣରେଖା ଉପତ୍ୟକା ଓ ବୈତରଣୀ ନଦୀର ଉପରିଭାଗରେ ଯେଉଁମାନେ ବସବାସ କଲେ ସେମାନଙ୍କ ଜାତି, ସଂସ୍କୃତି ଓ ଭାଷାରେ ସାମଞ୍ଜସ୍ୟ ଥିଲା । ନବମ ଶତାବ୍ଦୀରେ ଖିଜିଙ୍ଗମଣ୍ଡଳ ସ୍ଥାପିତ ହେବା ପରେ ଏହି ରାଜ୍ୟର ରାଜନୈତିକ ପରିସୀମା ଆଧୁନିକ ମୟୂରଭଞ୍ଜର ଉତ୍ତର ପଶ୍ଚିମାଞ୍ଚଳ, କେନ୍ଦୁଝର ଜିଲ୍ଲାର ଉତ୍ତର ପୂର୍ବାଞ୍ଚଳ, ବିହାରର ଦକ୍ଷିଣ ଭାଗରେ ଅବସ୍ଥିତ ସିଂହଭୂମ ଜିଲ୍ଲା ଓ ପଶ୍ଚିମବଙ୍ଗର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ ପୁରୁଲିଆ ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ବର୍ତ୍ତମାନ ରାଜନୈତିକ ପରିସ୍ଥିତି ଏବଂ କଥିତ ଭାଷାରେ ଉପରୋକ୍ତ ଅଞ୍ଚଳର ବହୁ ଅସାମଞ୍ଜସ୍ୟ ପରିଲକ୍ଷିତ ହେଲେ ମଧ୍ୟ କେତେକ ମୌଳିକ ସାମଞ୍ଜସ୍ୟକୁ ଅସ୍ୱୀକାର କରାଯାଇ ନ ପାରେ । ମୌଳିକ ସାମଞ୍ଜସ୍ୟ ଭିତରେ ଭାଷା ଓ ଲୋକସଂସ୍କୃତି ଅନ୍ତର୍ଭୁକ୍ତ; ମାତ୍ର ଦୁଇଶହ ବର୍ଷ ପୂର୍ବେ ଯେଉଁ କୋହ୍ଲ ରାଜ୍ୟ ଥିଲା, ଆଜି ତାହା ନାହିଁ । ସେହିପରି ମାତ୍ର ପଚାଶବର୍ଷ ପୂର୍ବେ ଯେଉଁ ସରେଇକଳା ଓ ଖରସୁଆଁ ଆଦି ଦିନେ ଓଡ଼ିଆ ଗଡ଼ଜାତ ରାଜ୍ୟ ଥିଲା ଆଜି ତାହା ନାହିଁ । ମୟୂରଭଞ୍ଜ ସଂଲଗ୍ନ ମେଦିନୀପୁର, ନୟାବସାଣ ପ୍ରଭୃତି ଜମିଦାରୀ ଭଞ୍ଜରାଜାମାନଙ୍କ ଅଧୀନରେ ଥିଲା । ସ୍ଥାନୀୟ ଅଧିବାସୀମାନେ ମୁଖ୍ୟତଃ ଓଡ଼ିଆଭାଷୀ ଥିଲେ । ଆଜି ସେଥିରେ ନାନା ପରିବର୍ତ୍ତନ ଦେଖାଯାଉଛି । ପୁରୁଲିଆର

Digitized by PPRACHIN, SOA

ହିନ୍ଦୀଭାଷା କହୁଥିବା ସ୍ଥାନୀୟ ଅଧିବାସୀମାନେ ଆଜି ବଙ୍ଗଳା ପ୍ରତି ଅନୁରାଗ ପ୍ରକାଶ କରୁଛନ୍ତି । ଏସବୁ ପରିବର୍ତ୍ତନ ଅତି ଅଳ୍ପଦିନ ମଧ୍ୟରେ ସଂଘଟିତ ହୋଇଛି । କିନ୍ତୁ ଦୁଇଶହବର୍ଷ ତଳେ, ଇଂରେଜ ଶାସନର ଆଦିପର୍ବ କାଳରେ ଲୋକସଂସ୍କୃତିର ଧାରା ଭିନ୍ନ ଥିଲା । ସେଥିରେ ସାମଞ୍ଜସ୍ୟ ଏବଂ ଐକ୍ୟ ଥିଲା । ଏହି ସାଂସ୍କୃତିକ ଐକ୍ୟର ଅନ୍ୟତମ ପରିସ୍ଫୁରଣ ଥିଲା ଛଉନୃତ୍ୟ । ଆଜି ରାଜନୈତିକ ବିଭାଜନ ଦୃଷ୍ଟିରୁ ମୟୂରଭଞ୍ଜ, ସରେଇକଳା ଓ ପୁରୁଲିଆର ଛଉନୃତ୍ୟକୁ ଭିନ୍ନ ଶୈଳୀ ତଥା ପରମ୍ପରାର ପ୍ରତୀକ ବୋଲି ଧରାଯାଏ । କିନ୍ତୁ ସେମାନଙ୍କର ପ୍ରଥମ ଉନ୍ମେଷ ଲୋକସଂସ୍କୃତିର ମୌଳିକ ପରମ୍ପରାରୁ ସମ୍ଭବ ହୋଇଥିବା ଯୁକ୍ତିଯୁକ୍ତ ମନେହୁଏ ।

ଯେତେବେଳେ କୃଷି ଅର୍ଥନୀତି ଉପରେ ଜନଜୀବନ ନିର୍ଭରଶୀଳ ଥିଲା, ସେତେବେଳେ କୃଷକ ସମାଜ ପାଇଁ ବିଶ୍ରାମ ତଥା ଉପଭୋଗର ସମୟ ଥିଲା ବସନ୍ତ ଋତୁ । ଉତ୍ତର ଓଡ଼ିଶାର ଛଉନୃତ୍ୟ, ଦକ୍ଷିଣ ଓଡ଼ିଶାର ଦଣ୍ଡ ନୃତ୍ୟ, ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଅଞ୍ଚଳରେ ନାନାପ୍ରକାର ଠାକୁରାଣୀ ବା ଦେବୀ ପ୍ରତିମାକୁ କେନ୍ଦ୍ରକରି ଏକାଧିକ ଯାନିଯାତ୍ରା ଆୟୋଜନର ପ୍ରକୃଷ୍ଟ ସମୟ ରୂପେ ବସନ୍ତଋତୁକୁ ବ୍ୟବହାର କରାଯାଏ । ସବୁପ୍ରକାର ସାଂପ୍ରଦାୟିକ ଓ ସାମାଜିକ ଅନୁଷ୍ଠାନର ଆୟୋଜନ ପାଇଁ ତାହା ସର୍ବୋତ୍କୃଷ୍ଟ ମୁହୂର୍ତ୍ତ । ଏହା ଏକ ମୌଳିକ ପରମ୍ପରା । ଏହିପରି କେତେକ ମୌଳିକ ପରମ୍ପରା ଓ ସମସାମୟିକ ଅବସ୍ଥାକୁ ଅନୁଧ୍ୟାନ କରି ପରବର୍ତ୍ତୀ ଆଲୋଚନା ପରିପୁଷ୍ଟ ହୋଇଛି । ମୟୂରଭଞ୍ଜ, ସରେଇକଳା ଓ ପୁରୁଲିଆର ଛଉନୃତ୍ୟ ଭିତରେ କେତେକ ମୌଳିକ ସାମଞ୍ଜସ୍ୟ ଓ ଆଞ୍ଚଳିକ ବିଶେଷତ୍ୱ ରହିଛି । ଏହି ମୌଳିକ ସାମଞ୍ଜସ୍ୟକୁ ଲକ୍ଷ୍ୟ କରି କୁହାଯାଇପାରେ ଯେ ଛଉନୃତ୍ୟର ଉତ୍ପତ୍ତି ଏକ ଏବଂ ଅଭିବୃଦ୍ଧି ଭିନ୍ନ । ପ୍ରତ୍ୟେକ ସ୍ଥାନରେ ରାଜବଂଶର ପୃଷ୍ଠପୋଷକତା ଉପରେ ନିର୍ଭର କରି ଛଉନୃତ୍ୟର ଅଭିବୃଦ୍ଧି ସମ୍ଭବ ହୋଇଥିଲା । କିନ୍ତୁ ଛଉନୃତ୍ୟ ଉତ୍ପତ୍ତିର ମୌଳିକ ସାଂସ୍କୃତିକ ଉଚ୍ଛ୍ୱାସ ଏକ ଥିଲା । ଏହା ସ୍ଥାନୀୟ ଅଧିବାସୀଙ୍କ ଦୈନନ୍ଦିନ ଜୀବନ, ପରିବେଶ ଓ ଦର୍ଶନ ଉପରେ ଆଧାରିତ ଥିଲା ।

ମୟୂରଭଞ୍ଜ ଛଉନୃତ୍ୟର ଉତ୍ପତ୍ତିକୁ କେନ୍ଦ୍ରକରି ପଣ୍ଡିତମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଏ । ଧୀରେନ୍ଦ୍ର ପଟ୍ଟନାୟକ କହନ୍ତି, ଗଜପତି ରାଜାମାନଙ୍କ ଅଧୀନରେ ଥିବା ରାଜ୍ୟରେ 'ପାଇକ ଆଖଡ଼ା' ସୈନ୍ୟମାନଙ୍କ ମନୋରଞ୍ଜନ ତଥା ଶାରୀରିକ ବ୍ୟୁତ୍ପତ୍ତି ପାଇଁ ପ୍ରଚଳିତ ଥିଲା । ଅନୁଗତ ରାଜାମାନେ ଏହାକୁ ଅନୁକରଣ କରି ନିଜ ରାଜ୍ୟରେ ଥିବା ସୈନ୍ୟମାନଙ୍କ ମନୋରଞ୍ଜନ ପାଇଁ ପ୍ରଚଳନ କରିଥିଲେ । ସେନାବାହିନୀ ରଣାଙ୍ଗନରେ ନ ଥିବା ସମୟରେ ଅବସର ବିନୋଦନ ଉଦ୍ଦେଶ୍ୟରେ 'ଆଖଡ଼ା' ଆୟୋଜିତ ହେଉଥିଲା । ତହିଁରୁ ଛଉନୃତ୍ୟର ସୃଷ୍ଟି । ଛଉକୁ 'ଛାଉଣୀ' ବା Cantonment ସହିତ ସଂପୃକ୍ତ କରାଯାଏ । ତେବେ ଓଡ଼ିଶାରେ ଥିବା ଶତାଧିକ ମନ୍ଦିର ଗାତ୍ରରେ ଛଉନୃତ୍ୟର ପ୍ରତିଫଳନ ନ ଥିବାରୁ ଏହାକୁ ପ୍ରାଚୀନ ପରମ୍ପରା କୁହାଯାଇ ନ ପାରେ ।

Digitized by PPRACHIN, SOA

ଯଦି ଗଜପତିମାନଙ୍କ ରାଜତ୍ୱ କାଳରୁ ଏହା ପ୍ରଚଳିତ ହୋଇଥାଏ ତେବେ ପଞ୍ଚଦଶ ଶତାବ୍ଦୀ ପରଠାରୁ ଛଉନୃତ୍ୟର ଉତ୍ପତ୍ତି ହୋଇଥିବା ସ୍ୱୀକାର କରାଯାଇପାରେ । 'ଓସ୍ତାଦ' ପରି ଶବ୍ଦର ପ୍ରଚଳନ ଏହି ସମୟ ସହିତ ମେଳ ଖାଉଛି । ଗଜପତିମାନଙ୍କ ସାମନ୍ତରାଜା ଭାବରେ ଭଞ୍ଜମାନେ ଉତ୍ତମ ସଂପର୍କ ରକ୍ଷା କରିଥିଲେ । ସେମାନେ ଜଗନ୍ନାଥ ଧର୍ମ ପରମ୍ପରାକୁ ରାଜକୀୟ ମର୍ଯ୍ୟାଦା ଭାବରେ ଗ୍ରହଣ କରିଥିଲେ । ଓଡ଼ିଶାର ଉତ୍ତର ସୀମାନ୍ତର ପ୍ରହରୀ ଥିଲେ ଭଞ୍ଜମାନେ । ସେମାନଙ୍କ ସେନାବାହିନୀରେ ଗଜପତି ସେନାର ମିଶ୍ରଣ ସ୍ୱାଭାବିକ ଥିଲା । ତେଣୁ ଗଜପତି ସେନାବାହିନୀରେ ପ୍ରଚଳିତ ମନୋରଞ୍ଜନ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଭଞ୍ଜମାନେ ଗ୍ରହଣ କରିଥିବେ ଏଥିରେ ସନ୍ଦେହ ନାହିଁ ।

ପଟ୍ଟନାୟକଙ୍କ ମତାନୁସାରେ ଯୁଦ୍ଧ ସହିତ ସଂପୃକ୍ତ ଥାଇ ଯେଉଁ ଲୋକନୃତ୍ୟର ଉତ୍ପତ୍ତି ତାହା ଆଜି 'ଛଉ' ନାମରେ ପରିଚିତ । ଏହା ପ୍ରଥମେ 'ଫରିଖଣ୍ଡା ଖେଳ' ବା 'ଫରି ଖେଳ' ନାମରେ ପରିଚିତ ଥିଲା । କୃଷକମାନେ ପାଇକ ହେଉଥିଲେ ଯୁଦ୍ଧ ସମୟରେ । ସେମାନେ ଥିଲେ ଛଉର ମୁଖ୍ୟ ପରିବେଶକ ତଥା ଦର୍ଶକ । ଯେଉଁ ଅଞ୍ଚଳରେ ଆଜି ଛଉନୃତ୍ୟ କେନ୍ଦ୍ରୀଭୂତ ତାହାକୁ 'ଛୋଟନାଗପୁର' ବା ଝାଡ଼ଖଣ୍ଡ ନାମରେ ମଧ୍ୟ ଅଭିହିତ କରାଯାଏ । ଏକଦା ଧଳଭୂମ, ମାନଭୂମ, ସିଂହଭୂମ, ଖରସୁଆଁ ଓ ପୁରୁଲିଆ (କାଶୀପୁର)କୁ ଛୋଟ ଛୋଟ ରାଜ୍ୟ ଭାବରେ ରାଜା ଜମିଦାରମାନେ ଶାସନ କରୁଥିଲେ । ମାଦଳାପାଞ୍ଜି ଅନୁସାରେ ଗଜପତିଙ୍କୁ ଝାଡ଼ଖଣ୍ଡର "ପତିଶା" କୁହାଯାଉଥିଲା । ଏହି ରାଜନୈତିକ ସଂପର୍କ ଥିବା ହେତୁ ଖୋରଧା ଓ ପୁରୀର ପାଇକମାନେ ଝାଡ଼ଖଣ୍ଡ ଅଞ୍ଚଳରେ ବସବାସ କରିବାକୁ ସୁଯୋଗ ପାଇଥିବେ । ସେମାନଙ୍କ ମଧ୍ୟରୁ ଯେଉଁମାନେ ଫରିଖେଳରେ ବ୍ୟୁତ୍ପତ୍ତି ଲାଭ କରିଥିଲେ ସେମାନେ ରାଜାଙ୍କ ପୃଷ୍ଠପୋଷକତାରେ ଝାଡ଼ଖଣ୍ଡ ରାଜ୍ୟର ସ୍ଥାୟୀବାସିନ୍ଦା ହୋଇଥିବେ । କୋହ୍ଲ ଓ ସାନ୍ତାଳମାନଙ୍କ ମଧ୍ୟରେ ଓଡ଼ିଆ ସଂସ୍କୃତି ତଥା ଜଗନ୍ନାଥ ଧର୍ମର ପ୍ରଚାର ସେମାନଙ୍କ ଦ୍ୱାରା ହୋଇଥିବ । ସେମାନେ ଆଜି ମଧ୍ୟ ଓଡ଼ିଆ ଭାବରେ ନିଜକୁ ପରିଚିତ କରାଇଥାନ୍ତି । ପାଇକ ଆଖଡ଼ା ପରମ୍ପରା ସେମାନଙ୍କ ମାଧ୍ୟମରେ ଛୋଟନାଗପୁର ଅଞ୍ଚଳକୁ ପ୍ରବେଶ କରିଥିବା ପ୍ରାୟ ସୁନିଶ୍ଚିତ । ପାଇକ ଆଖଡ଼ାକୁ ସୈନ୍ୟମାନଙ୍କର ସମରାଭ୍ୟାସ ବୋଲି କୁହାଯାଇପାରେ । କାଳକ୍ରମେ ଏହା ସମାଜର ଅଙ୍ଗ ହୋଇ ନୃତ୍ୟ ଅନୁଷ୍ଠାନରେ ପରିଣତ ହୋଇଥିଲା ।

ଛଉନୃତ୍ୟ ଚୈତ୍ରପର୍ବର ମୁଖ୍ୟ ଆକର୍ଷଣ । ଚୈତ୍ର ମାସ ଶେଷରେ ଗ୍ରୀଷ୍ମଋତୁର ବୈଶାଖ ମାସର ଅୟମାରମ୍ଭ ହୁଏ ଚୈତ୍ରପର୍ବ ଦିନ । ଏହାକୁ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ । ସେଦିନ ପୁଣ୍ୟତିଥିରେ କୃଷକ ନୂତନ କୃଷିବର୍ଷର ଶୁଭାରମ୍ଭ କରିଥାଏ । ସାରା ଭାରତରେ ଏହା ଏକ ଶୁଭଦିନ ହିସାବରେ ପାଳିତ ହୁଏ । ମୟୂରଭଞ୍ଜ ଅଧିବାସୀ ସେଦିନ ନାନା ପୁଷ୍ପଗୁଚ୍ଛରେ ନିଜକୁ ସଜ୍ଜିତ କରି ନୂତନ ପରିଧେୟ

Digitized by PPRACHIN, SOA

ଓ ପିଠାପଣା ସହିତ ବାସନ୍ତୀ ଦୁର୍ଗାପୂଜା ଓ ମଧୁପାର୍ବଣ ପାଳନ କରିଥାନ୍ତି । କେଉଟ ସଂପ୍ରଦାୟର ଲୋକମାନେ ନୂତନ ବସ୍ତ୍ର ପରିଧାନ କରି ଆନନ୍ଦ ଉଲ୍ଲାସରେ ଚଇତିଘୋଡ଼ା ନୃତ୍ୟ କରିଥାନ୍ତି । ଏହି ନୃତ୍ୟ ରାମନବମୀ ସହିତ ସଂପୃକ୍ତ ।

ଚୈତ୍ରପର୍ବ ଚୈତ୍ର ମାସର ମୁଖ୍ୟ ସାମଜିକ ଉତ୍ସବ । ଏହି ଚୈତ୍ରମାସ ସହିତ ଶୈବ ଧର୍ମର ଗଭୀର ସଂପର୍କ ଥିବାର ଦେଖାଯାଏ । ଶିବ ନିଜେ ନୃତ୍ୟର ମୁଖ୍ୟ ଦେବତା । ଶିବଙ୍କର ତାଣ୍ଡବ ନୃତ୍ୟ ସହିତ ସ୍ଥିତି ଓ ପ୍ରଳୟର ନିଗୂଢ଼ ରହସ୍ୟ ଆଚ୍ଛାଦିତ । ଅସନପାଟ ଶିଳାଲେଖ ଉପରେ ତାଣ୍ଡବନୃତ୍ୟରତ ଶିବଙ୍କର ସୁନ୍ଦର ଆଲେଖ୍ୟ ଦେଖିବାକୁ ମିଳେ । ଏହି ଶିଳାଲେଖ କୌଣସି ଏକ ପରାକ୍ରମଶାଳୀ ଶତ୍ରୁ ଭଞ୍ଜଦେଓଙ୍କ କୃତି । ସେ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀର ବୋଲି ପଣ୍ଡିତମାନେ ସମୟ ନିରୂପଣ କରିଅଛନ୍ତି । 'ନାଗାନ୍ୱୟ' ଭାବରେ ନିଜକୁ ପରିଚିତ କରାଇଥିବାରୁ ଶତ୍ରୁ ଭଞ୍ଜଙ୍କୁ ଭଞ୍ଜବଂଶୀୟ ରାଜା ହିସାବରେ ସ୍ୱୀକାର କରାଯାଇ ନ ପାରେ । କିନ୍ତୁ କେନ୍ଦୁଝର ଓ ମୟୂରଭଞ୍ଜ ତାଙ୍କ ଶାସନାଧୀନ ଥିବାର ସହଜେ ଅନୁମେୟ । ତେଣୁ ନୃତ୍ୟ ସଂସ୍କୃତି ଓ ଶୈବଧର୍ମର ବିକାଶ ସହିତ ଆମେ ମୟୂରଭଞ୍ଜର ପ୍ରାଚୀନ ଇତିହାସକୁ ସଂଯୋଗ କରିପାରୁ ।

ଛଉ ନୃତ୍ୟରେ ଶୈବ ଉପାଖ୍ୟାନ ମାତ୍ରାଧିକ୍ୟ ଭାବରେ ଥିବାର ଦେଖାଯାଏ । ଶିବ ଭକ୍ତମାନେ ଭକ୍ତା ନାମରେ ସୁପରିଚିତ । ଛଉ ସହିତ ସଂପୃକ୍ତ ପୂଜା ଓ ଉପାସନାରେ ଭକ୍ତାମାନେ ବେଶୀ ଜଡ଼ିତ । ସେହିପରି ଛଉନୃତ୍ୟରେ ଥିବା ଉପାଖ୍ୟାନମାନଙ୍କରେ ଯଥା: ମହିଷାସୁର ବଧ, କିରାତାର୍ଜୁନ ଯୁଦ୍ଧ, ସୁରାସୁର ଯୁଦ୍ଧ, ଭସ୍ମାସୁର ବଧ ଆଦିରେ ଶିବ ହିଁ ପ୍ରଧାନ ଚରିତ୍ର । ନୃତ୍ୟ ମାଧ୍ୟମରେ ଶିବଙ୍କ ପ୍ରତି ଭକ୍ତି ଓ ଆସକ୍ତି ପ୍ରକାଶିତ ହୁଏ । ଛଉନୃତ୍ୟର ପୃଷ୍ଠପୋଷକମାନେ ମୁଖ୍ୟତଃ ଶୈବ ବା ଶାକ୍ତ ଥିଲେ । ତେଣୁ ସେମାନଙ୍କଦ୍ୱାରା ସମର୍ଥିତ କଳା ଶୈବଧର୍ମ ପ୍ରଣୋଦିତ ହୋଇଥିବା ସ୍ୱାଭାବିକ । ଶିବଭକ୍ତମାନେ ଚୈତ୍ରମାସରେ ହବିଷ୍ୟ ବିଧି ପାଳନ କରିଥାନ୍ତି । ମହାବିଷୁବ ସଂକ୍ରାନ୍ତିର ପ୍ରାୟ ସପ୍ତାହକ ଆଗରୁ ଶିବ ଓ ଶକ୍ତିପୂଜାର ଉପାସନା ଆରମ୍ଭ ହୁଏ । ଭକ୍ତାମାନେ ଉପବାସ ବ୍ରତ ପାଳନ କରିବା ସହିତ ବହୁ ପ୍ରକାର ନିଷ୍ଠାପର ସାଧନାରେ ବ୍ରତୀ ହୁଅନ୍ତି । ଲାଲରଙ୍ଗର ବସ୍ତ୍ର ଓ ଯଜ୍ଞୋପବୀତ ପରିଧାନ କରନ୍ତି । ମଲ୍ଲୀ ଓ ଚମ୍ପା ଆଦି ସୁବାସିତ ପୁଷ୍ପମାଲ୍ୟ ଧାରଣ କରନ୍ତି । ସେମାନଙ୍କ କଟୀ ଦେଶରେ ପୁଷ୍ପଗୁଚ୍ଛ ଶୋଭା ପାଉ ଥାଏ । ହାତରେ ଗୋଟିଏ ବେତ ବାଡ଼ି ଧରିଥାନ୍ତି । ତେଣୁ ସେମାନଙ୍କୁ ବେତ୍ର ସନ୍ନ୍ୟାସୀ ବୋଲି ଅଭିହିତ କରାଯାଏ । ନିଜର ମୂଳଗୋତ୍ର ଛାଡ଼ି ସେମାନେ ଶିବଗୋତ୍ର ଧାରଣ କରନ୍ତି ।

ଭକ୍ତାମାନଙ୍କୁ ନେଇ ଯେଉଁ ଚଡ଼କ ପୂଜା ହୁଏ ସେଥିରେ ଭକ୍ତାମାନେ ଗୋଟିଏ ହୁକରେ ଝୁଲିବା ବ୍ୟବସ୍ଥା ରହିଛି । ଏହି ହୁକ ସେମାନଙ୍କ ପିଠିରେ ଲାଗିଥାଏ ଓ ସେମାନେ ମୁକ୍ତ ଭାବରେ ଝୁଲନ୍ତି, ସତେଯେପରି ଖୋଲା ଆକାଶରେ ଆଶ୍ରୟ ବିନା ସେମାନେ ଭାସୁଥାନ୍ତି । ଏହି ବ୍ୟବସ୍ଥା ସହିତ ଭଲ କୃଷି ଉତ୍ପାଦନର ଆଶା ଓ ବିଶ୍ୱାସ ଜଡ଼ିତ ।

Digitized by PPRACHIN, SOA

ଭକ୍ତା ବା ଉଡ଼ା ପର୍ବ ସହିତ ପ୍ରଜ୍ୱଳିତ ଅଙ୍ଗାର ଉପରେ ନିଃସଙ୍କୋଚରେ ପଦଚାରଣ କରିବା ଅନ୍ୟ ଏକ ବିଶେଷ ଆକର୍ଷଣ । ପାଦ ଦୁଇଟିକୁ କୌଣସି ଆବରଣ ଭିତରେ ନ ରଖି ସେମାନେ ଯେପରି ଡହଡହ ହୋଇ ଜଳୁଥିବା ଅଙ୍ଗାର ଉପରେ ଚାଲନ୍ତି ତାହା ଦେଖିବାର କଥା । ତଦ୍ୱାରା ଭକ୍ତାମାନଙ୍କର କୌଣସି ଶାରୀରିକ କ୍ଷତି ହୁଏ ନାହିଁ । ଏହି ଭକ୍ତାମାନେ ବ୍ରାହ୍ମଣ ସଂପ୍ରଦାୟର ନ ଥାନ୍ତି । ଚୈତ୍ରପର୍ବରେ କୌଣସି ଜାତିଗୋତ୍ର ବିଚାର ନ ଥାଏ ।

ବାରିପଦାର ଭକ୍ତାମାନେ ଦୁଇଗୋଷ୍ଠୀରେ ବିଭକ୍ତ । ଗୋଟିଏ ଗୋଷ୍ଠୀ ରାଜାଙ୍କ ଦ୍ୱାରା ପ୍ରତିପାଳିତ ଏବଂ ଅନ୍ୟଟି ରାଣୀଙ୍କ ପୃଷ୍ଠପୋଷକତା ଭୋଗ କରନ୍ତି । ସେମାନେ ପୁଣି ଜଣେ ଜଣେ ପାଟଭକ୍ତା ନେତୃତ୍ୱରେ ତେରଜଣିଆ ଛୋଟ ଛୋଟ ଦଳ ଗଠନ କରିଥାନ୍ତି । ନିଜ ଦଳପତି ଅଧୀନରେ ନଦୀ ସଂଗମରେ ସ୍ନାନ କଲା ପରେ ସେମାନଙ୍କର ସାଧନା ଓ ପର୍ବ ଆରମ୍ଭ ହୁଏ । ନଦୀ କୂଳରେ, ସଂଗମ ସ୍ଥାନରେ, ତୀର୍ଥସ୍ଥଳୀରେ, ପର୍ବତଶିଖରରେ, ବେଲ, ଅଁଳା ଓ ତୁଳସୀ ଆଦି ପବିତ୍ର ବୃକ୍ଷ ଥିବା ସ୍ଥାନରେ ଏବଂ ନିକାଞ୍ଚନରେ ଭକ୍ତାମାନେ ସାଧନା କରିବା ବିଧି ଅଛି । ଏମାନେ ଲୋହିତ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ଦଳପତିମାନଙ୍କ ମସ୍ତକରେ ପୁଷ୍ପାବୃତ କଳସ ମାନ ଥାଏ । ସେମାନେ ନବବସ୍ତ୍ର ରାଜାଙ୍କଠାରୁ ଗ୍ରହଣ କଲା ପରେ ନବବର୍ଷ ଆରମ୍ଭ ଜନିତ ଉତ୍ସବ ଉଦ୍‌ଘାଟିତ ହୁଏ । ଭକ୍ତାମାନଙ୍କ ପର୍ବକୁ ଉଡ଼ାପର୍ବ କୁହାଯାଏ । ସେମାନେ ଦେହରେ କଣ୍ଟା ବିନ୍ଧ କରନ୍ତି ଓ ଉତ୍ତପ୍ତ ଅଗ୍ନିଖଣ୍ଡ ଉପରେ ଚାଲିପାରନ୍ତି । ମନେହୁଏ ଯେପରି କୌଣସି ତାନ୍ତ୍ରିକ ସାଧନାରେ ବ୍ରତୀ ସେମାନେ । ବୌଦ୍ଧଧର୍ମର ପତନ ପରେ ଶୈବ ଧର୍ମର ଭୈରବଙ୍କୁ କେନ୍ଦ୍ରକରି ଯେଉଁ ତନ୍ତ୍ରସାଧନା ବିକାଶ ଲାଭ କରିଥିଲା ହୁଏତ ତାହାର କୌଣସି ଏକ ଅବସ୍ଥାରେ ଭକ୍ତାମାନଙ୍କ ଆବିର୍ଭାବ ହୋଇଥିଲା । ଉତ୍ତର-ଓଡ଼ିଶାର ଚନ୍ଦନେଶ୍ୱର, ଦକ୍ଷିଣ ଓଡ଼ିଶାର ଠାକୁରାଣୀ ଓ ପଶ୍ଚିମ ଓଡ଼ିଶାର ଦାଣ୍ଡନାଟରେ କେତେକ ମୌଳିକ ସାମଞ୍ଜସ୍ୟ ଥିବାରୁ ସେସବୁ ପରମ୍ପରାର ଉଦ୍ଭବର କାରଣ ଓ ପରିସ୍ଥିତି ଏକ ବୋଲି ଅନୁମିତ ହୁଏ । ଆଦିବାସୀ ଓ ଅନୁସୂଚିତ ଜାତି ଅଧ୍ୟୁଷିତ ଓଡ଼ିଶାରେ ଏହା ଅତି ଲୋକପ୍ରିୟ ଉତ୍ସବ ଏବଂ ଏହି ଉତ୍ସବର ପରିବେଶ ମଧ୍ୟ ଅନେକାଂଶରେ ଏକପ୍ରକାର ଦୀନେଶଚନ୍ଦ୍ର ସେନଙ୍କ ରଚିତ 'ବଙ୍ଗଭାଷା ଓ ସାହିତ୍ୟ' ପୁସ୍ତକରେ ବୌଦ୍ଧଧର୍ମର ଶେଷ ପର୍ଯ୍ୟାୟ ସହିତ ଭକ୍ତାପର୍ବକୁ ସଂପୃକ୍ତ କରାଯାଇଛି । ଭକ୍ତାମାନେ କାଳିକା, ଅମ୍ବିକା ଓ ଅନ୍ୟାନ୍ୟ ଶାକ୍ତଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି । ନାନା ବାଦ୍ୟ, ଧୂପ, ଝୁଣା ଆଦି ପୂଜାର୍ଚ୍ଚନାରେ ସେମାନେ ବ୍ୟବହାର କରିଥାନ୍ତି । ବହୁ ବିଭିନ୍ନ ଉପଚାରରେ ପୂଜା କଲାବେଳେ ଲାଲରଙ୍ଗର ପତାକାକୁ ସେମାନେ ଟେକି ଧରିଥାନ୍ତି । ପୂଜକଙ୍କୁ ଦେହୁରୀ କୁହାଯାଏ । ଚୈତ୍ର ସଂକ୍ରାନ୍ତିର ତିନିଦିନ ପୂର୍ବରୁ ପ୍ରାୟ ୩୮ ଉପଚାରରେ ଶକ୍ତି ପୂଜା କରିବା ଭକ୍ତାମାନଙ୍କର ବହୁ ପ୍ରାଚୀନ ପରମ୍ପରା । ଦେବୀଙ୍କ ପ୍ରତୀକ ଭାବରେ ଦେହୁରୀ ଦେହରେ ନାନା ଅଲୌକିକ ଶକ୍ତିର ସଂଚାରଣ ହୁଏ । ସେ ଭବିଷ୍ୟଦ୍‌ବାଣୀ କରିପାରନ୍ତି । କୃଷିକାର୍ଯ୍ୟରେ ସଫଳତା, ଦୈବ-ଦୁର୍ଘଟଣା ଆଦିର ସୂଚନା ସେ

Digitized by PPRACHIN, SOA

ଦେଇପାରନ୍ତି । ଅମ୍ବିକାଙ୍କ ପୂଜା ଶେଷ ହେଲେ ଭକ୍ତାମାନେ ଦଳବଦ୍ଧ ହୋଇ ନୃତ୍ୟଗୀତରେ ମତ୍ତ ହୁଅନ୍ତି । ଦଳବଦ୍ଧ ହୋଇ ନୃତ୍ୟରତ ଅବସ୍ଥାରେ ସାରାରାତି ବିତିଯାଏ ଏବଂ ସକାଳର ନୂତନ ସୂର୍ଯ୍ୟକୁ ସେମାନେ ଅଭିନନ୍ଦନ କରନ୍ତି ।

ମୟୂରଭଞ୍ଜର ଲୌକିକ ପରମ୍ପରା ଅନୁସାରେ ଠିକ୍ ମଧରାତ୍ରରେ ଭକ୍ତାମାନେ ରାଜାଙ୍କ ଦ୍ୱାରା (ବର୍ତ୍ତମାନ ଜିଲ୍ଲାପାଳଙ୍କ ଦ୍ୱାରା) ସଂବର୍ଦ୍ଧିତ ହୁଅନ୍ତି । ସେହି ସଂବର୍ଦ୍ଧନା ଉତ୍ସବରେ ଛଉନୃତ୍ୟରେ ଅଂଶଗ୍ରହଣ କରୁଥିବା ଶିଳ୍ପୀମାନେ ମଧ ସାମିଲ ହୋଇଥାନ୍ତି । ତା'ପରେ ଶିଳ୍ପୀମାନେ ଦୁଇଦଳରେ ବିଭକ୍ତ ହୋଇ ନୃତ୍ୟ ପରିବେଷଣ କରନ୍ତି । ଏହି ନୃତ୍ୟ ପ୍ରତିଯୋଗିତାମୂଳକ ହୋଇଥାଏ । ଭକ୍ତାମାନଙ୍କ ନୃତ୍ୟ ଓ ଛଉନୃତ୍ୟରେ ବେଶ୍ କିଛି ପାର୍ଥକ୍ୟ ଦେଖାଯାଏ । ଅତୀତରେ କିପରି ଭକ୍ତାମାନେ ଛଉନୃତ୍ୟ ସହିତ ଜଡ଼ିତ ହେଲେ ତାହା କହିବା ସମ୍ଭବ ନୁହେଁ । ତେବେ ଦୁଇ ଗୋଷ୍ଠୀ ମଧରେ ସଂପର୍କ ଅତି ଘନିଷ୍ଠ । ଭକ୍ତାମାନଙ୍କ ଘଟ ତିନିପ୍ରକାର– ଶୂନ୍ୟଘଟ, ନିଶାଘଟ ଓ ଯାତ୍ରାଘଟ । ଶୂନ୍ୟଘଟକୁ ଶିବମନ୍ଦିର ଭିତରେ ଲୁକ୍କାୟିତ କରି ରଖାଯାଏ । ନିଶାଘଟକୁ ଭକ୍ତାମାନେ ଅଗ୍ନିଉପରେ ଚାଲିବା ସମୟରେ ବାହାରକୁ ଆଣିଥାନ୍ତି ଏବଂ ଯାତ୍ରାଘଟକୁ ଛଉଯାତ୍ରାର ଶେଷରାତ୍ର ନୃତ୍ୟାଙ୍ଗନକୁ ଅଣାଯାଏ । ଘଟ ବୋହିଥିବା ଭକ୍ତାମାନେ ସ୍ତ୍ରୀ ବେଶ ହୋଇଥାନ୍ତି ଏବଂ ନାନା ଆଭୂଷଣ ପରିଧାନ କରିଥାନ୍ତି । ସେମାନଙ୍କ ମୁଖମଣ୍ଡଳରେ ସିନ୍ଦୂର ବୋଳା ହୋଇଥିବାରୁ ଭୟଙ୍କର ରକ୍ତବର୍ଣ୍ଣ ଦେଖାଯାଏ । ମୁଣ୍ଡରେ ବୋହିଥିବା ଘଟ ଯେକୌଣସି ଦେବଦେବୀଙ୍କର ପ୍ରତୀକ ହୋଇପାରେ । ସେଥିରେ ଥିବା ଜଳ ସହିତ ପୁରୁଷବୀର୍ଯ୍ୟ ମିଶ୍ରିତ ଥାଏ ବୋଲି ବିଶ୍ୱାସ । ଉତ୍ସବ ଶେଷରେ ମହାରାଜା, ଭକ୍ତା ଓ ନର୍ତ୍ତକମାନେ ଘଟର ଜଳଗ୍ରହଣ କରିବା ବିଧି ଅଛି । ଘଟ ଓ ତନ୍ମଧସ୍ଥ ଜଳ ସହିତ ଉତ୍ପାଦନ ବୃଦ୍ଧିର ବିଶ୍ୱାସ ସଂପୃକ୍ତ । କୃଷକ ସମାଜରେ କୃଷି ଉତ୍ପାଦନ ବୃଦ୍ଧି ଜନିତ ଅଭିଳାଷ ସହିତ ପବିତ୍ର ଛଉ ଉତ୍ସବ ଓ ଉଡ଼ାପର୍ବକୁ ମିଶାଇଦେବା ଅତି ସ୍ୱାଭାବିକ ପରିକଳ୍ପନା । ଘଟକୁ ପବିତ୍ର ମନେକରିବା ଓ ତନ୍ମଧସ୍ଥ ଜଳକୁ ପବିତ୍ର ଜଳ ଭାବରେ ଗ୍ରହଣ କରିବାରେ କୌଣସି ଅପ୍ରାସଙ୍ଗିକତା ପରିଲକ୍ଷିତ ହୁଏ ନାହିଁ । ତେବେ ଏପରି ଏକ ମିଶ୍ରିତ ପରମ୍ପରାର ଉଦ୍ଭବ ଓ ବିକାଶ ସମୟସାପେକ୍ଷ ବୋଲି ଗ୍ରହଣ କରାଯାଇପାରେ । ଆଦିବାସୀ କୃଷକ ସମାଜରେ ଶକ୍ତିପୂଜାର ପରମ୍ପରା କେତେ ଗଭୀର ଓ ସୁଦୃଢ଼ ତାହା ସହଜେ ଅନୁମେୟ ।

ଛଉନୃତ୍ୟର ସମ୍ୟକ୍ ପରିଚୟ

ଛଉନୃତ୍ୟ ପ୍ରଥମେ ପାଇକ ବା ସେନାଛାଉଣୀରେ ଉଦ୍ଭବ ଓ ବିକାଶଲାଭ କରିବା ବିଶ୍ୱାସ ସପକ୍ଷରେ ଅନେକ କଥା କୁହାଯାଇପାରେ । 'ଛାଉଣୀ' ଶବ୍ଦରୁ ''ଛଉ'' ଶବ୍ଦର ଉତ୍ପତ୍ତିକୁ ସଂପୂର୍ଣ୍ଣ ଅସ୍ୱୀକାର କରାଯାଇ ନ ପାରେ । ଛଉନୃତ୍ୟ ମୁଖ୍ୟତଃ ବୀରରସର ପରିଚାୟକ । ଏଥିରେ ବ୍ୟବହୃତ ବାଦ୍ୟଯନ୍ତ୍ର ପ୍ରସୂତ ଶବ୍ଦତରଙ୍ଗ ବୀରତ୍ୱଭାବର ଉତ୍ତେଜକ ବୋଲି ଧାରଣା ମନକୁ ଆସିବା ସ୍ୱାଭାବିକ । ଶିବ ଓ ଭୈରବଙ୍କୁ କେନ୍ଦ୍ରକରି ଯେଉଁସବୁ ଉତ୍ସବ ଓ ଉପାସନା ଛଉ ସହିତ ଜଡ଼ିତ ତାହା ଉପରୋକ୍ତ ଧାରଣାକୁ ଦୃଢ଼ୀଭୂତ

Digitized by PPRACHIN, SOA

କରେ । ତେବେ ସମୟକ୍ରମେ ନିତ୍ୟନୂତନ ବହୁ ବିଭିନ୍ନ ପରମ୍ପରା ଓ ଉପାଖ୍ୟାନକୁ ନେଇ ଛଉନୃତ୍ୟ ପରିପୁଷ୍ଟ ହୋଇଥିବାରୁ ସେଥିରେ ଶୃଙ୍ଗାରରସ ଓ ଭକ୍ତିରସର ପ୍ଲାବନ ଦେଖାଯାଏ । ଲୋକନୃତ୍ୟ ଭାବରେ ସମସାମୟିକ ଘଟଣାବଳୀକୁ ନେଇ ଅଭିନବ ନୃତ୍ୟର ପରିକଳ୍ପନା ହେବା ସ୍ୱାଭାବିକ । ବର୍ତ୍ତମାନ ଛଉନୃତ୍ୟରେ ଗୃହୀତ ଉପାଖ୍ୟାନଗୁଡ଼ିକ ସମୀକ୍ଷା କଲେ ଏହାର ସତ୍ୟାସତ୍ୟ ଜଣାପଡ଼େ । ନୃତ୍ୟ ପରମ୍ପରାର ଗତିଶୀଳତା ଓ ପରିବର୍ତ୍ତନଧର୍ମୀ ସ୍ୱଭାବ ହିଁ ଲୋକନୃତ୍ୟକୁ ଜନପ୍ରିୟ କରିଥାଏ ।

ତେଣୁ ଛଉନୃତ୍ୟ ପ୍ରଥମେ ଏକ ସମର ନୃତ୍ୟ ରୂପେ ଜନ୍ମଲାଭ କରିଥିଲେ ମଧ୍ୟ ସମୟ ଓ ସ୍ଥିତି ଅନୁସାରେ ପୌରାଣିକ ବିଷୟବସ୍ତୁ ଯଥା କିରାତାର୍ଜୁନ, ଗୀତା, ନଟରାଜ, ଗରୁଡ଼ବାହନ, କୈଳାସଲୀଳା ସହିତ ଶିକାରୀ ନୃତ୍ୟ, ମୟୂରନୃତ୍ୟ, ଫୁଲ ଓ ଭ୍ରମରା ଆଦି ଅରଣ୍ୟ ଓ ପ୍ରକୃତି ସମ୍ବନ୍ଧୀୟ ନୃତ୍ୟ ପ୍ରଯୋଜନାରେ ଗୁରୁମାନେ ଆଗ୍ରହୀ ହୋଇଥିଲେ । ପୁଣି ସମୟକ୍ରମେ ମରୁମାୟା, ଅକଲସଲାମି, ଡାଇମଣ୍ଡ ଜୁବୁଲି ଏପରିକି କାର୍ଗିଲ ପ୍ରଭୃତି ବିଷୟବସ୍ତୁକୁ ସେମାନେ ନୃତ୍ୟଭାବରେ ପରିବେଷଣ କରିଥିଲେ ।

ଛଉନୃତ୍ୟ ଖୋଲାମଞ୍ଚରେ ଅଭିନୀତ ହୁଏ । ମଣ୍ଡପଟି ମାଟିରେ ନିର୍ମିତ ହୋଇଥିଲେ ମଧ୍ୟ ତାକୁ ସାମାନ୍ୟ ଓଦା ରଖାଯାଏ । ବାଦ୍ୟକାରମାନେ ମଣ୍ଡପର ଗୋଟିଏ ପାର୍ଶ୍ୱରେ ବସିଥାନ୍ତି । ପ୍ରଥମେ ରଙ୍ଗବାଦ୍ୟର ଦୁନ୍ଦୁଭି ଓ ଶବ୍ଦଯୋଜନା ଉପସ୍ଥିତ ଦର୍ଶକ ତଥା ଶିଳ୍ପୀମାନଙ୍କ ମନରେ ଅପୂର୍ବ ଉଲ୍ଲାସ ସୃଷ୍ଟି କରେ । ଯେ କୌଣସି ନୃତ୍ୟ ଆରମ୍ଭରେ ଶିଳ୍ପୀମାନେ ବୀରତ୍ୱବ୍ୟଞ୍ଜକ ଦୃଷ୍ଟିରେ ମଞ୍ଚ ଉପରୁ ମଣ୍ଡପକୁ ଆସନ୍ତି । ସେମାନଙ୍କର ପ୍ରଥମ ଅଭିନୟ ବୀରରସର ଦ୍ୟୋତକ ହୋଇଥାଏ । ତା'ପରେ ଗୋଇଠିକୁ ଧୀରେ ଧୀରେ ଚାପି ଲାସ୍ୟଗତିରେ ସେମାନେ ମଞ୍ଚଉପରେ ଗତି କଲାବେଳେ ଉଜ୍ଜ୍ୱଳ ଆଲୋକରେ ମଞ୍ଚ ତଥା ଶିଳ୍ପୀମାନଙ୍କ ମୁଖମଣ୍ଡଳ ଉଦ୍ଭାସିତ ହୁଏ । ମଞ୍ଚର ତିନିପଟରେ ଦର୍ଶକମାନେ ପରିବେଷ୍ଟିତ ହୋଇଥିବାରୁ ସେମାନଙ୍କୁ ଦୃଶ୍ୟ ହେଲା ଭଳି ଶିଳ୍ପୀମାନେ ଅଭିନୟ କରନ୍ତି । ନୃତ୍ୟ ସହିତ ଚରିତ୍ରର ବିଶେଷତ୍ୱ ନେଇ ସେମାନଙ୍କର ରୂପସଜ୍ଜା ହୁଏ । ନୃତ୍ୟରତ ଶିଳ୍ପୀମାନେ ନିଜେ ସଂଗୀତ ଗାନ କରନ୍ତି ନାହିଁ । କିନ୍ତୁ ସଂଗୀତର ବ୍ୟବସ୍ଥା ଥିବା ଦୃଷ୍ଟିରୁ ଗାୟକ ପ୍ରଚ୍ଛଦପଟରୁ ବାଦ୍ୟସହ ଗୀତ ଗାଇଥାନ୍ତି । ସେଥିରେ ମହୁରିଆର ଭୂମିକା ବେଶି ମହତ୍ତ୍ୱପୂର୍ଣ୍ଣ । କାରଣ ଧୁମସା, ମାଦଳ, ଢୋଲ ଓ ଚଡ଼ଚଡ଼ି ସହିତ ଗୀତକୁ ସୁର ପକାଇବା ସମ୍ଭବ ନୁହେଁ । ନୃତ୍ୟ ଶେଷ ହେଲେ ଶିଳ୍ପୀମାନେ ଦର୍ଶକ ଆଡ଼କୁ ମୁହଁ ଥାଇ ପଛେଇ ପଛେଇ ବିଦାୟ ନିଅନ୍ତି ।

ଛଉନୃତ୍ୟରେ ସାଧାରଣତଃ ଦୁଇଟି ଧୁମସା, ଚାରି ବା ଅଧିକ ଢୋଲ, ଦୁଇଟି ମହୁରି ଓ ଦୁଇଟି ଚଡ଼ଚଡ଼ି ବ୍ୟବହୃତ ହୁଏ । ଆଧୁନିକ ବାଦ୍ୟଯନ୍ତ୍ର ଭାବରେ କର୍ଣ୍ଣେଟ, ଇଉଫୋନିୟମ, ବାରିଟୋନ୍ ଏବଂ କ୍ଲାରିଓନେଟ ବ୍ୟବହାର ପରବର୍ତ୍ତୀ ସମୟର ପ୍ରଚଳନ । ନୃତ୍ୟ ସହିତ ସ୍ୱତନ୍ତ୍ର ତାଳର ବ୍ୟବସ୍ଥା ଅଛି । ଏହି ତାଳମାନ ଲୋକଶୈଳୀ ଓ ଶାସ୍ତ୍ରୀୟ ପଦ୍ଧତିକୁ ଅନୁସୃତ କରିଥାଏ । କେଉଁ ନୃତ୍ୟ କେଉଁ ତାଳ ଅନୁସାରେ ପ୍ରଯୋଜିତ

Digitized by PPRACHIN, SOA

ହେବ ତାହା ଓସ୍ତାଦମାନେ ଠିକ୍ କରନ୍ତି । ଏକକ, ଦ୍ୱୈତ ଓ ଦଳଗତ ନୃତ୍ୟ ପାଇଁ ବିଭିନ୍ନ ତାଳ ଅନୁସୃତ ହୁଏ । ଛଉଗୀତ ମୁଖ୍ୟତଃ ଝୁମର, ଭାଟିଆଲି ଓ ଓଡ଼ିଶୀ ସ୍ୱରରେ ରଚିତ । ବଙ୍ଗଳାର ପ୍ରଭାବ ସମୟ ସମୟରେ ଅନୁଭୂତ ହୁଏ । ରୂପସଜ୍ଜା ପାଇଁ ଚକ୍ଖଡ଼ି ବା କାଇମାଟି ଦ୍ୱାରା ମୁଖ ଓ ଦେହର ରଙ୍ଗ କରାଯାଏ । ପୋଷାକମାନ ସ୍ଥାନୀୟ ଦରଜି ମାନେ ତିଆରି କରନ୍ତି । ଚରିତ୍ର ଅନୁସାରେ ପୋଷାକ ତିଆରି ହୁଏ । ରୂପସଜ୍ଜା ଓ ପୋଷାକ ପରିଚ୍ଛଦ ନୃତ୍ୟର ସଫଳତାରେ ସହାୟକ ହେଉଥିବାରୁ ସେଥିରେ ଗୁରୁତ୍ୱ ଦିଆଯାଏ । ସରେଇକଳା ଛଉରେ ମୁଖା ବ୍ୟବହୃତ ହୁଏ କିନ୍ତୁ ମୟୂରଭଞ୍ଜ ଛଉରେ ନୁହେଁ ।

ନୃତ୍ୟ ସଂଯୋଜନା ପାଇଁ କେତେକ ମୌଳିକ ନୀତିନିୟମ ବା ଟେକନିକ୍ ମାନିବାକୁ ପଡ଼େ । ସେଦୃଷ୍ଟିରୁ ନର୍ତ୍ତକ ବା ନର୍ତ୍ତକୀମାନେ ଶାରୀରିକ ବ୍ୟାୟାମ କରିବା ଜରୁରୀ ହୁଏ । ବ୍ରହ୍ମଚର୍ଯ୍ୟ ପାଳନ କରିବା, ମାଦକଦ୍ରବ୍ୟ ସେବନ ନ କରିବା, ଦଣ୍ଡବୈଠକ, ଯୋଗ, କୁସ୍ତିକସରତ କରିବା ସହିତ ପୁଷ୍ଟିକର ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦିଆଯାଏ । ସେମାନେ ପ୍ରଥମେ 'ଚୌକବନ୍ଧା' ଅଭ୍ୟାସ କରନ୍ତି । ଏହି ଭଙ୍ଗୀରେ ହସ୍ତପଦ ଆଦି ଚତୁଷ୍କୋଣ ଅବସ୍ଥାରେ ରହୁଥିବାରୁ ଏହାକୁ ଚୌକବନ୍ଧା କୁହାଯାଏ । ଚୌକ ଅଭ୍ୟାସ ହେବା ପରେ ତାଳ ଓ ଖଣ୍ଡା ଧରି ଘୂରିବା ଓ ପାଦ ପକାଇବା ଶିକ୍ଷା ଦିଆଯାଏ । ବିଭିନ୍ନ ଭଙ୍ଗୀରେ ପାଦ ପକାଇବା ଶୈଳୀକୁ ଟବକା କୁହାଯାଏ । ଏହା ଛ' ପ୍ରକାର । ସାଧା ଟବକା, ଲହରା ଟବକା, ଡୁବା ଟବକା, ଉଷକା ଟବକା, ଡେଉ ଟବକା ଓ ମୁଡ଼ା ଟବକା ।

ଚୌକ, ଅସ୍ତ୍ରଧାରଣ ଓ ଟବକାରେ ବ୍ୟୁତ୍ପତ୍ତି ହାସଲ କଲା ପରେ ଶିଳ୍ପୀମାନେ ଉଫିଲ୍ ବା ଉପଲୟ ଶିକ୍ଷା କରନ୍ତି । ଉପଲୟ ଅର୍ଥ ଅଙ୍ଗଭଙ୍ଗୀ, ଏହାର ସଂଖ୍ୟା ଛତିଶ । ସେଥିରୁ ଉଲ୍ଲେଖନୀୟ ହେଲା ଗୁଟିଉଠା, ଗୋବର ଗୋଳା, ଖରକା, ଝୁଞ୍ଝଦିଆ, ଧାନକୁଟା, ବାସନମଜା, ପାଛୁଡ଼ା, ହଳଦୀବଟା, ଗାଧୁଆ, ମଥାଝେଡ଼ା, ସିନ୍ଦୂର ପିନ୍ଧା, ବଗଟବକା, ଖଣ୍ଡାହଣା, ବତାଚିରା, ହରିଣ ଡିଆଁ ପ୍ରଭୃତି । ଏହି ଅଙ୍ଗଭଙ୍ଗୀ ସଂପୃକ୍ତ ଉପଲୟମାନ ଦୈନନ୍ଦିନ ଜୀବନର ଅନୁଭୂତିରୁ ସଂଗୃହୀତ ହୋଇଥିବାରୁ ଯେକୌଣସି ନୃତ୍ୟପ୍ରିୟ କଳାକାରକୁ ଶିଖାଇବାରେ କଷ୍ଟସାଧ ହୁଏ ନାହିଁ । ତେଣୁ ଛଉନୃତ୍ୟରେ ପାରଦର୍ଶିତା ପାଇଁ ଉପରୋକ୍ତ ଚୌକ, ଧାରଣ, ଟବକା ଓ ଉଫିଲ ଆଦିରେ ଅଭ୍ୟସ୍ତ ହେବା ଦରକାର । ଏହା କରିପାରିଲେ ଜଣେ ନୃତ୍ୟ ପ୍ରଦର୍ଶନ ଯୋଗ୍ୟ ବିବେଚିତ ହୋଇଥାଏ । ଏସବୁ ନୀତିନିୟମ ବା ଟେକନିକ୍‌ମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଗ୍ରନ୍ଥ ବା ନାଟ୍ୟଶାସ୍ତ୍ର ନାହିଁ । ଓସ୍ତାଦମାନଙ୍କ ଅଭ୍ୟାସ ଓ ଶିକ୍ଷାର ପରମ୍ପରା ହିଁ ଏହି ନୀତିନିୟମକୁ ପ୍ରଚଳିତ କରି ରଖିପାରିଛି ।

ଇତିହାସ

ମୟୂରଭଞ୍ଜର ଛଉନୃତ୍ୟ ପରମ୍ପରା ବିଗତ ଦୁଇଶତାବ୍ଦୀର ଇତିହାସରେ ସମୃଦ୍ଧ । ଏହାର ମୂଳସୂତ୍ର ଧଳଭୂମ ସହିତ ଜଡ଼ିତ । ଇତିହାସର ଏକ ଅନିର୍ଦ୍ଦିଷ୍ଟ ସମୟରେ ମଦନ

Digitized by PPRACHIN, SOA

ସିଂହ ବାବୁ ନାମଧେୟ ଧଳଭୂମ ନିବାସୀ ନୃତ୍ୟ ବିଶାରଦ ବାରିପଦାକୁ ଛଉନୃତ୍ୟର ପ୍ରଥମ ସ୍ୱାଦ ପରିବେଷଣ କରିଥିବାର ଜନଶ୍ରୁତି ଅଛି । ବାରିପଦା ସେତେବେଳେ ଏକ ନୂତନ ଜନବସତି ଭାବରେ ଗଢ଼ିଉଠୁଥିଲା । ରାମନବମୀ ସମୟରେ ରାମଲୀଳା ଆୟୋଜନ ସହିତ ଛଉନୃତ୍ୟକୁ ଜନସାଧାରଣ ଉପଭୋଗ କରୁଥିଲେ । ହନୁମାନ ଚରିତ୍ରକୁ କେନ୍ଦ୍ରକରି ଯେଉଁ ନୃତ୍ୟର କଳ୍ପନା ଥିଲା ସେଥିରେ ମୁଖା ବ୍ୟବହୃତ ହେଉଥିଲା । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ (୧୮୬୮-୧୮୮୨) ଜଣେ କଳାପ୍ରେମୀ ରାଜା ଥିଲେ । ବାରିପଦାବାସୀଙ୍କ ନାନାବିଧ ଉନ୍ନତି ସହିତ ଛଉନୃତ୍ୟର ପୃଷ୍ଠପୋଷକତା ତାଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିଲା । ରାମହରିଜିତ ବେବର୍ତ୍ତା ବାବୁ ସରେଇକଳାରୁ ଛଉନୃତ୍ୟ ବିଶାରଦମାନଙ୍କୁ ବାରିପଦା ଆଣିବାପାଇଁ ମହାରାଜାଙ୍କୁ ପ୍ରବର୍ତ୍ତାଇଥିଲେ । ପ୍ରଥମେ ଉପେନ୍ଦ୍ର ବିଶ୍ୱାଳ ନାମକ ଓସ୍ତାଦଙ୍କୁ ସରେଇକଳାରୁ ଆଣି ନିଷ୍କର ଲାଖରାଜ ପ୍ରଦାନ କରି ତାଙ୍କର ଭରଣ ପୋଷଣ ବ୍ୟବସ୍ଥା କଲା ପରେ ଆନୁଷ୍ଠାନିକ ଭାବରେ ଉତ୍ତରସାହି ପ୍ରତିଷ୍ଠା କରାଗଲା । ଓସ୍ତାଦ ଉପେନ୍ଦ୍ର ବିଶ୍ୱାଳ ମୟୂରଭଞ୍ଜର ଉତ୍ତର ଦିଗରୁ ଆସିଥିଲେ ବୋଲି ତାଙ୍କ ଅନୁଷ୍ଠାନ ଉତ୍ତର ସାହି ନାମରେ ପରିଚିତ ହେବା ସ୍ୱାଭାବିକ ଥିଲା । ତାଙ୍କପରେ ବନମାଳୀ ଦାଶ ନାମକ ଅନ୍ୟ ଜଣେ ଓସ୍ତାଦ ବା ଗୁରୁ ମହାରାଜାଙ୍କ ପ୍ରଦତ୍ତ ଲାଖରାଜ କୃଷି ଜମି ଦାନସୂତ୍ରରେ ଲାଭ କରି ସରେଇକଳାରୁ ଆସିଥିଲେ ଓ ଦକ୍ଷିଣ ସାହିର କର୍ଣ୍ଣଧାର ହୋଇଥିଲେ । ତାଙ୍କ ବଂଶଧରମାନେ ଆଜି ମଧ୍ୟ କେନ୍ଦୁମୁଣ୍ଡି ଓ ବୁଢ଼ୀଖମାରୀରେ ରାଜପ୍ରଦତ୍ତ ଜମି ଭୋଗ କରୁଅଛନ୍ତି । କିନ୍ତୁ ସେମାନେ ମୁଖ୍ୟତଃ କୃଷକ ଓ ଛଉନୃତ୍ୟ ସହ ସଂପୃକ୍ତ ନୁହନ୍ତି । ଯା'ହେଉ, ଉପେନ୍ଦ୍ର ବିଶ୍ୱାଳ ଓ ବନମାଳୀ ଦାଶଙ୍କ ପ୍ରଶିକ୍ଷଣରେ ଉତ୍ତରସାହି ଓ ଦକ୍ଷିଣସାହିର ଉଦ୍ଭବ ହେଲା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ଛଉନୃତ୍ୟର ଅୟମାରମ୍ଭ ହୋଇଥିଲା । ସରେଇକଳାର ଛଉ ଉପାଖ୍ୟାନ ମଧ୍ୟରୁ କେତେକ ଉପାଖ୍ୟାନ ମୟୂରଭଞ୍ଜର ନୃତ୍ୟଗୁରୁମାନେ ଗ୍ରହଣ କରିଥିଲେ ମଧ୍ୟ ବିଶେଷତ୍ୱ ଦୃଷ୍ଟିରୁ ସେମାନେ ନୂତନ ଉପାଖ୍ୟାନକୁ ନେଇ ନୃତ୍ୟ ରଚନା କରିବା ସଂଗେ ସଂଗେ ମୁଖାର ବ୍ୟବହାର ସଂପୂର୍ଣ୍ଣ ପରିହାର କରିଥିଲେ ।

ମୟୂରଭଞ୍ଜ ଛଉନୃତ୍ୟର ବିକାଶ ଦିଗରେ ରାଜପରିବାରର ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ ଥିଲା । ପ୍ରଥମେ ରାଜାଙ୍କ କନିଷ୍ଠ ଭ୍ରାତା ବୃନ୍ଦାବନ ଚନ୍ଦ୍ର ଭଞ୍ଜ ନିଜେ ନାଚିବା ସହିତ ଉତ୍ତରସାହିର ପିଲାମାନଙ୍କୁ ନୃତ୍ୟଶିକ୍ଷା ଦେଉଥିଲେ । ସେହିପରି ଦକ୍ଷିଣସାହି ସହିତ ସଂଶ୍ଳିଷ୍ଟ ଥିଲେ ଗୋକୁଳଚନ୍ଦ୍ର ଭଞ୍ଜ । ପ୍ରାଥମିକ ଅବସ୍ଥାରେ ମୁଖା ଓ ଆଭାମଣ୍ଡଳ ବ୍ୟବହାର କରୁଥିଲେ । ସମୟକ୍ରମେ ତାହା ପରିତ୍ୟକ୍ତ ହୋଇଥିଲା । କିନ୍ତୁ ଚିତ୍ରଡ଼ା, କୋଷ୍ଠା ଓ ରାଇରଙ୍ଗପୁର ଆଦି ସ୍ଥାନରେ ଗ୍ରାମୀଣ କଳାକାରମାନେ ସେସବୁ ବ୍ୟବହାର ସହିତ ଅଭ୍ୟସ୍ତ ଥିବାରୁ ହଠାତ୍ ପରିତ୍ୟାଗ କଲେ ନାହିଁ । ସେତେବେଳେ ଯେଉଁ ବିଷୟବସ୍ତୁକୁ ନେଇ ନୃତ୍ୟର ପରିକଳ୍ପନା ହେଉଥିଲା ସେଥିରେ ଜଣେ, ଦୁଇଜଣ ବା ବେଶି ହେଲେ ଚାରିଜଣ କଳାକାର ନୃତ୍ୟ କରୁଥିଲେ । ପୁରୁଷମାନେ ସ୍ତ୍ରୀ ଭୂମିକାରେ

Digitized by PPRACHIN, SOA

ନୃତ୍ୟ କରିବା ବିଧି ବହୁଦିନ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ରାଜତନ୍ତ୍ରର ଅବସାନ ପରେ ସ୍ୱାଧୀନ ଭାରତରେ ଛଉନୃତ୍ୟକୁ ଅଭିନବ ରୂପରେ ପ୍ରଯୋଜନା କରିବା ଫଳରେ ନାରୀମାନେ ନୃତ୍ୟାଙ୍ଗନକୁ ଆସିଥିଲେ ଏବଂ ଛଉନୃତ୍ୟର ଆଭିମୁଖ୍ୟ ପରିବର୍ତ୍ତିତ ହୋଇଥିଲା । ଦଳବଦ୍ଧ ଭାବରେ ବହୁ ସଂଖ୍ୟାରେ କଳାକାରମାନେ ନୃତ୍ୟ କରିବା ଆରମ୍ଭ କଲେ ଓ ନୂତନ ବିଷୟବସ୍ତୁ ଉପରେ ନୃତ୍ୟ ପ୍ରଯୋଜିତ ହୋଇଥିଲା ।

ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ରାଜତ୍ୱ କାଳରେ (୧୮୯୨-୧୯୧୨) ମଧ୍ୟ ରାଜପରିବାରର ସଦସ୍ୟମାନେ ଛଉନୃତ୍ୟ ସହିତ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଅନୁଜ ଶ୍ୟାମଚନ୍ଦ୍ର ଭଞ୍ଜ ଏବଂ ଶ୍ରୀ ଦାମଚନ୍ଦ୍ର ଭଞ୍ଜ ଯଥାକ୍ରମେ ଉତ୍ତରସାହି ଓ ଦକ୍ଷିଣସାହିର ପୃଷ୍ଠପୋଷକ ଥିଲେ । ପ୍ରତ୍ୟେକ ସାହିକୁ ବାର୍ଷିକ ଦୁଇହଜାର ଟଙ୍କା ଅନୁଦାନ ସ୍ୱରୂପ ମିଳୁଥିଲା । ରାଜାନୁଗ୍ରହ ଲାଭ କରିବା ଫଳରେ ଛଉନୃତ୍ୟର ବିକାଶ ପାଇଁ ଆବଶ୍ୟକୀୟ ପ୍ରୋତ୍ସାହନ ମିଳିଥିଲା । ଦୁଇସାହି ମଧ୍ୟରେ ତୀବ୍ର ପ୍ରତିଯୋଗିତା ଥିବାରୁ ନୃତ୍ୟର ଉତ୍କର୍ଷ ସାଧନ ସମ୍ଭବ ହୋଇଥିଲା । ଯଦୁନାଥ ରାୟ ଓ ନରେନ୍ଦ୍ର ନାଥ ରାୟ ପ୍ରଭୃତି ଓସ୍ତାଦମାନେ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଓ ରାଗରାଗିଣୀକୁ ଛଉନୃତ୍ୟରେ ସାମିଲ କରିଥିଲେ । ଓସ୍ତାଦ ଯଦୁନାଥ ରାୟ ଶାସ୍ତ୍ରୀୟ ସଂଗୀତ ଓ ଧ୍ୱନିରେ ପାରଙ୍ଗମ ଥିଲେ । ତାଙ୍କୁ 'ସଙ୍ଗୀତ ଭୂଷଣ' ଉପାଧି ମିଳିଥିଲା । ଓସ୍ତାଦ ମୁରାଦ ଅଲୀ ଖାଁଙ୍କଠାରୁ ସେ ଧ୍ରୁପଦ ଶିକ୍ଷା କରିଥିଲେ । ତେଣୁ ଧ୍ରୁପଦର ଅନୁପ୍ରବେଶ ଛଉନୃତ୍ୟର ତବକା, ଉପୁଲି ଓ ଭଙ୍ଗୀମାନଙ୍କରେ ପରିଲକ୍ଷିତ ହୁଏ । ଛଉ କଳାକାରମାନଙ୍କର ଚାଲି ଶିଥିଳ ଅଥଚ ଚମକପ୍ରଦ ଅଙ୍ଗ ଚାଞ୍ଚଲ୍ୟରେ ଶାସ୍ତ୍ରୀୟ ଭଙ୍ଗୀର ସ୍ପର୍ଶ ଅନୁଭୂତ ହୁଏ । ଯଦୁନାଥ ରାୟଙ୍କ ଆତ୍ମୀୟ ସୁଧୀର ରାୟ ଏବଂ ନାରାୟଣ ପାଳଙ୍କ ପୁତ୍ର ରଜନୀକାନ୍ତ ପାଳ ଦକ୍ଷିଣସାହି ସହିତ ଏବଂ ନାରାୟଣଙ୍କ ଦ୍ୱିତୀୟ ପୁତ୍ର କାର୍ତ୍ତିକଚନ୍ଦ୍ର ପାଳ ଉତ୍ତରସାହି ସହିତ ଜଡ଼ିତ ଥିଲେ । ପ୍ରଶିକ୍ଷଣ କାଳରେ କଳାକାରମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିଲା । ସେମାନଙ୍କୁ ଅଧିକ ଆର୍ଥିକ ସାହାଯ୍ୟ ଦେବାରେ ପୃଷ୍ଠପୋଷକମାନେ ଆଗ୍ରହ ପ୍ରକାଶ କରୁଥିଲେ । ନୂତନ ଉପାଖ୍ୟାନ ନେଇ ନୃତ୍ୟ ପ୍ରଯୋଜନା ପାଇଁ ନୂତନ ପୋଷାକ ପରିଚ୍ଛଦର ବ୍ୟବସ୍ଥା ହେଉଥିଲା । ଅଭିନୟ କୌଶଳ ପ୍ରଦର୍ଶନରେ କଳାକାରମାନେ ପ୍ରଶଂସିତ ହେଉଥିଲେ । କଲିକତା ନଗରୀରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ମନୋରଞ୍ଜନ ନିମନ୍ତେ ଯେଉଁ ଛଉନୃତ୍ୟ ପ୍ରଦର୍ଶିତ ହୋଇଥିଲା ତାହା ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା ଏବଂ ଦର୍ଶକମାନେ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଜଣେ ସ୍ୱାଭିମାନୀ ଓଡ଼ିଆ ଥିଲେ । ତେଣୁ ଓଡ଼ିଆ ଜାତିର ଗୌରବମୟ ପରମ୍ପରାକୁ ସମ୍ରାଟଙ୍କ ସମ୍ମୁଖରେ ପରିବେଷଣ କଲାବେଳେ ତାଙ୍କର ଜାତୀୟଭାବ ପ୍ରକାଶ ପାଇଥିଲା । କଳାକାରମାନଙ୍କ ପାଇଁ ସ୍ୱତନ୍ତ୍ର ପୋଷାକମାନ ସେ ତିଆରି କରାଇଥିଲେ ଏବଂ ରୂପସଜ୍ଜାରେ ବିଶେଷ ଯତ୍ନ ନେଇଥିଲେ ।

ଶ୍ରୀରାମଚନ୍ଦ୍ରଙ୍କ ଆକସ୍ମିକ ବିୟୋଗ ପରେ କିଛି ସମୟ ପାଇଁ ଛଉନୃତ୍ୟ ପ୍ରତି ଦରବାରରେ ଆଗ୍ରହ ପ୍ରକାଶ ପାଇ ନ ଥିଲା । ତାଙ୍କ ଜ୍ୟେଷ୍ଠପୁତ୍ର ପୂର୍ଣ୍ଣଚନ୍ଦ୍ର ନାବାଳକ

Digitized by PPRACHIN, SOA

ଥିଲେ । ସେ ସମୟରେ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ମୟୂରଭଞ୍ଜ ଶାସନ ଦାୟିତ୍ୱରେ ରହିଥିଲେ ୱିଲିସାହେବ । ସେ ବେଲଗଡ଼ିଆରେ ନିର୍ମିତ ଅତିଥିଶାଳାରେ ରହୁଥିଲେ । ଛଉନୃତ୍ୟ ପାଇଁ ଆର୍ଥିକ ଅନୁଦାନ କମିଯାଇଥିଲା । ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ଅକାଳ ମୃତ୍ୟୁ କଳା ଓ ସଂସ୍କୃତି କ୍ଷେତ୍ରରେ କ୍ରୁର ଅଭିଶାପ ପରି କାର୍ଯ୍ୟ କରିଥିଲା । ପରିଶେଷରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜ ଗଦିନସିନ ହେଲେ ୧୯୨୮ରେ । ତାଙ୍କ ପୃଷ୍ଠପୋଷକତାରେ ଛଉନୃତ୍ୟର ପୁନର୍ଜନ୍ମ ହେଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରତ୍ୟେକ ସାହିକୁ ବାର୍ଷିକ ଅନୁଦାନ ପାଞ୍ଚହଜାର ଟଙ୍କା ଦେବା ବ୍ୟବସ୍ଥା ସେ କରିଥିଲେ । ଚୈତ୍ରପର୍ବ ସମୟରେ ଛଉନୃତ୍ୟ ପ୍ରଦର୍ଶନକୁ ଜାତୀୟ ଉତ୍ସବର ମାନ୍ୟତା ଦେବା ଲକ୍ଷ୍ୟ ନେଇ ସେ ଦୁଇ ଜଣ ପରିଚାଳକ ନିଯୁକ୍ତ କରିଥିଲେ । ସେମାନଙ୍କୁ ମେନେଜର କୁହାଯାଉଥିଲା ଓ ସଂଗଠନ ଦାୟିତ୍ୱରେ ରହିଥିଲେ । ପୁନରୁତ୍ଥାନ ସହିତ କେତେକ ନୂତନ ଉପାୟ ଓ ଶୈଳୀରେ ଛଉନୃତ୍ୟକୁ ସଂଗଠିତ କରାଗଲା । ଶୈଳୀ ନୈପୁଣ୍ୟ ଓ ଶୈଳୀ ଚାତୁରୀରେ ଛଉନୃତ୍ୟ ନୂତନ ଭାବନା ଓ ଦୀପ୍ତିରେ ପ୍ରଣୋଦିତ ହେଲା । ସମସାମୟିକ ବିଶ୍ୱବିଖ୍ୟାତ ନୃତ୍ୟବିଶାରଦ ଉଦୟ ଶଙ୍କର, ଅମଳା ଶଙ୍କର ଓ ଶିମିକି ଆଦି ଶିଳ୍ପୀମାନଙ୍କୁ ଲକ୍ଷ୍ୟ କରି ସେମାନଙ୍କର କଳା ନୈପୁଣ୍ୟକୁ ଅନୁକରଣ କରିବାପାଇଁ ମହାରାଜାଙ୍କ ନିର୍ଦ୍ଦେଶରେ ଓସ୍ତାଦମାନେ କଲିକତା ନଗରୀକୁ ଯାଇଥିଲେ । ଓଡ଼ିଶାର ଗୋଟିପୁଅ ନାଚ ଏବଂ ବାଲିଦ୍ୱୀପର ଲୋକନୃତ୍ୟର ବିଶେଷତ୍ୱ ସେମାନଙ୍କୁ ଆକୃଷ୍ଟ କରିଥିଲା । ଏହି ସମୟରେ ଝୁମର ସଂଗୀତର ହୃଦୟସ୍ପର୍ଶୀ ଲାଳିତ୍ୟ ଓ ଶୃଙ୍ଗାର ରସର ମନୋମୁଗ୍ଧକର ବ୍ୟଞ୍ଜନା ଛଉନୃତ୍ୟକୁ ସମୃଦ୍ଧ କରିଥିଲା । ମହାରାଜା ପାଶ୍ଚାତ୍ୟ ସଂଗୀତ ପ୍ରେମୀ ନ ଥିଲେ । ବରଂ ଓଡ଼ିଶୀ ଏବଂ ଲୋକନୃତ୍ୟକୁ ଆଦରି ନେବାରେ ସେ ଓସ୍ତାଦମାନଙ୍କୁ ଉତ୍ସାହିତ କରିଥିଲେ । ମୟୂରଭଞ୍ଜର ସାନ୍ତାଳ, କୁର୍ମୀ, କୋହ୍ଲ ଏବଂ ଭୂମିଜମାନଙ୍କର ସମୂହ ସଂଗୀତ, ନୃତ୍ୟଶୈଳୀ, ବାଦ୍ୟଯନ୍ତ୍ର, ସଂଗୀତ ଓ ଧ୍ୱନିକୁ ସେ ଉଚ୍ଛ୍ୱସିତ ପ୍ରଶଂସା କରୁଥିଲେ । ରାଜ୍ୟବାସୀଙ୍କ ନିଜସ୍ୱ ପରମ୍ପରାକୁ ବିକଶିତ କରିବା ନିମନ୍ତେ ସେ ଝୁମର ଓ ଛଉନୃତ୍ୟର ସମ୍ମିଶ୍ରଣକୁ ସ୍ୱୀକୃତି ଦେଇଥିଲେ । ସେଇଦିନୁ ଝୁମର ହେଲା ଛଉର ପ୍ରାଣସ୍ପନ୍ଦନ ।

ପୁନର୍ଜୀବନ ଲାଭକଲା ପରେ ଛଉନୃତ୍ୟର ଦ୍ରୁତ ବିକାଶ ହୋଇଥିଲା । କେବଳ ପୌରାଣିକ ଉପାଖ୍ୟାନରେ କେନ୍ଦ୍ରୀଭୂତ ନ ରହି ଦୈନନ୍ଦିନ ଅନୁଭୂତି ସଂପନ୍ନ ଜନଜୀବନକୁ ନେଇ ନୂଆ ନୂଆ ନୃତ୍ୟର ପରିକଳ୍ପନା ହେଲା । ଛଉନୃତ୍ୟର ନବକଳେବର ଭିତରେ ଆସିଲେ ପୁରୁଷ, ସ୍ତ୍ରୀ, ବାଳକ, ବାଳିକା, ଶବର, ଶବରୁଣୀ, କେଳା, କେଲୁଣୀ, ଧୀବର, ଶିକାରୀ, ପଶୁପକ୍ଷୀ, ରାଧାକୃଷ୍ଣ, ଶିବ ପାର୍ବତୀ, ରତି ମଦନ, ଦଶ ଅବତାର, ଶିବଙ୍କ ପରିବାର ଓ ଆଉ ଅନେକ । ନୂତନ ଦିଗନ୍ତ ଓ ନୂତନ ଆଭିମୁଖ୍ୟ ନେଇ ଛଉ ନୂତନ ରୂପଧାରଣ କଲା । ବିଭବଶାଳୀ ଲୋକନୃତ୍ୟର ଅପୂର୍ବ ସମ୍ଭାର ଦେଖି ଦର୍ଶକମାନେ ଚକିତ ହେଲେ । ବାର୍ଷିକ ଉତ୍ସବରେ ବାରିପଦା ରାଜବାଟୀ

Digitized by PPRACHIN, SOA

ଭିତରେ ଥିବା ମଞ୍ଚରେ ଉତ୍ତରସାହି ଓ ଦକ୍ଷିଣସାହି ପ୍ରତିଥର ନୂତନ ସଂଗୀତ ଓ ନୃତ୍ୟ ସଂଯୋଜନା କରି ଦର୍ଶକମାନଙ୍କୁ ଅଭିଭୂତ କରୁଥିଲେ । ପ୍ରତିଦ୍ୱନ୍ଦୀମାନଙ୍କୁ ସମାନ ଦୃଷ୍ଟିରେ ରାଜାନୁଗ୍ରହ ମିଳୁଥିଲେ ମଧ୍ୟ ଦକ୍ଷିଣସାହି ମୁଖ୍ୟତଃ ଟିକିଏ ରକ୍ଷଣଶୀଳ ଓ ଉତ୍ତରସାହି ପ୍ରଗତିଶୀଳ ରୁଚିର ପରିଚୟ ଦେଉଥିଲେ । ରାଜ୍ୟସରକାରଙ୍କ ଅଧୀନରେ ଯେଉଁ ବ୍ୟାଣ୍ଡ ପାର୍ଟି ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ପ୍ରତି ସପ୍ତାହରେ ଥରେ ଲେଖାଏଁ ସଂଗୀତ ପରିବେଷଣ କରୁଥିଲେ ତାହାର ପରିଚାଳକ ଥିଲେ ଜଣେ ଇଉରୋପୀୟ । ପାର୍ଟିରେ ଅନେକ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଥିଲା । ସେଥିମଧ୍ୟରୁ ଆବଶ୍ୟକତା ଅନୁସାରେ କିଛି ଛଉନୃତ୍ୟ ସମୟରେ ବ୍ୟବହୃତ ହେଉଥିଲା । ତେଣୁ ଛଉନୃତ୍ୟ ପ୍ରଦର୍ଶନରେ ମେନେଜରମାନେ କେବଳ ଧୁମସା, ମହୁରି ଓ ଚଡ଼ଚଡ଼ି ପରି ସ୍ଥାନୀୟ ବାଦ୍ୟଯନ୍ତ୍ର ସହିତ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ମଧ୍ୟ ବ୍ୟବହାର କରିପାରୁଥିଲେ । ନୃତ୍ୟ ପରିବେଷଣରେ ସଫଳତା ଲାଭ କରିବା ପ୍ରତିଯୋଗିତାମୂଳକ ହୋଇଥିବାରୁ ଉଭୟ ଦଳ ଦଶହରା ପରେ ପରେ ନିଜ ନିଜ ଆଖଡ଼ାରେ ନିୟମିତ ରୂପେ ପ୍ରଶିକ୍ଷଣ କାର୍ଯ୍ୟରେ ବ୍ୟାପୃତ ରହୁଥିଲେ । ଉଭୟେ ଏକକ ନୃତ୍ୟ ଅପେକ୍ଷା ଦଳ ନୃତ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ । ସେଥିପାଇଁ ନୂତନ ପରିକଳ୍ପନା ଓ ସଂଯୋଜନାରେ ଅନେକ ସମୟ ଲାଗୁଥିଲା । ଏହି ଦଳନୃତ୍ୟ ମଧ୍ୟରେ ବେଶି ଲୋକପ୍ରିୟ ଥିଲା ବଂଶୀଚୋରି, ନିଶୀଥ ମିଳନ, ହୋଲି, ବସ୍ତ୍ରଚୋରି, କାଳିୟଦଳନ, ମାତୃପୂଜା ଓ ସମୁଦ୍ର ମନ୍ଥନ ପ୍ରଭୃତି । ମହାରାଜା ପ୍ରତାପଚନ୍ଦ୍ରଙ୍କ ବ୍ୟକ୍ତିଗତ ପୃଷ୍ଠପୋଷକତା ଓ ଉତ୍ସାହ ବଳରେ ଛଉନୃତ୍ୟର ଯେଉଁ ଉନ୍ନତି ସାଧିତ ହୋଇଥିଲା ତାହା ମୟୂରଭଞ୍ଜରୁ ରାଜତନ୍ତ୍ର ଲୋପ ପାଇବାପରେ ଆଉ ସମ୍ଭବ ହେଲା ନାହିଁ । ଓଡ଼ିଶା ସରକାରଙ୍କୁ ଛଉନୃତ୍ୟର ମହତ୍ତ୍ୱ ଉପଲବ୍ଧି କରିବାକୁ ସମୟ ଲାଗିଲା । ତତ୍କାଳୀନ ଇନିସ୍‌ପେକ୍ଟର ଜେନେରାଲ ରାମଚନ୍ଦ୍ର ଦାଶ (୧୯୫୭-୫୮) ଏକଦା ମୟୂରଭଞ୍ଜର ପୋଲିସ ଅଧିକ୍ଷକ ଓ ଉତ୍ତରସାହିର ମେନେଜର ଥିଲେ । ତାଙ୍କ ପ୍ରଚେଷ୍ଟାରେ ସଂଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ ୧୯୫୪ରେ ଏକ ରେଜିଷ୍ଟ୍ରିଭୁକ୍ତ ଅନୁଷ୍ଠାନ ଭାବରେ ସ୍ଥାପିତ ହେଲା । ମୟୂରଭଞ୍ଜର ଜିଲ୍ଲାପାଳ ତହିଁରେ ସଭାପତି ରହିଲେ । କ୍ରମେ କ୍ରମେ ସରକାରୀ ସ୍ୱୀକୃତି ଓ ଆର୍ଥିକ ଅନୁଦାନ ମିଳିବାରୁ ଛଉନୃତ୍ୟର ପୁନରୁଦ୍ଧାର ହେଲା ୧୯୬୦ ଦଶକରେ । ପୁରୁଣା ଅଭିଜ୍ଞ ଓସ୍ତାଦମାନଙ୍କୁ ନେଇ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ମୟୂରଭଞ୍ଜର ଗୌରବମୟ ଛଉନୃତ୍ୟ ପରମ୍ପରାକୁ କ୍ରମଶଃ ସଂରକ୍ଷିତ କରିବା ଦିଗରେ ଯେଉଁ ଅଦମ୍ୟ ପ୍ରୟାସ ଆରମ୍ଭ କଲେ ସେଥିପାଇଁ ସେମାନେ ପ୍ରଶଂସାର୍ହ । ତା ନ ହୋଇଥିଲେ ଛଉନୃତ୍ୟ ପରି ଏକ ବଳିଷ୍ଠ ଓ ଜୀବନ୍ତ ଲୋକକଳା ହୁଏତ ବିସ୍ମୃତି ଗର୍ଭରେ ଲୋପ ପାଇଥାନ୍ତା ।

ଆଜି ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଓ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଚୈତ୍ରପର୍ବ ପାରମ୍ପରିକ ରୀତିରେ ପାଳିତ ହେଉଅଛି । ପାର୍ଥକ୍ୟ ଏତିକି ଯେ, ମହାରାଜାଙ୍କ ସ୍ଥାନ ଗ୍ରହଣ କରିଛନ୍ତି ଜିଲ୍ଲାପାଳ ଓ ରାଜବାଟୀ ଭିତରେ ଛଉନୃତ୍ୟ ପରିବେଷିତ ନ ହୋଇ

Digitized by PPRACHIN, SOA

ସ୍ଥାନୀୟ ଛଉ ପଡ଼ିଆର ମୁକ୍ତ ଆକାଶ ତଳେ ପ୍ରଦର୍ଶିତ ହୋଇଥିଛି । ଏବେ ସେଠାରେ ଏକ ସ୍ଥାୟୀ ମଣ୍ଡପ ଓ ପ୍ରତିଯୋଗୀ ଦଳମାନଙ୍କ ପାଇଁ ଗ୍ରୀନ୍‌ରୁମ ନିର୍ମିତ ହୋଇଥିବାରୁ ନୃତ୍ୟ ପରିବେଷଣ ଅଧିକ ସହଜ ଓ ସୁନ୍ଦର ହୋଇପାରୁଛି । ଆଉ ଗୋଟିଏ ବିଷୟ ମଧ ଲକ୍ଷ୍ୟ କରିବା କଥା । ଛଉନୃତ୍ୟ ଆଜି ମୟୂରଭଞ୍ଜର ଚିତ୍ରଡ଼ା, ବେତନଟୀ, ରାଇରଙ୍ଗପୁର, କରଞ୍ଜିଆ ପ୍ରଭୃତି ସ୍ଥାନରେ ବେଶ ଜନାଦୃତ ହୋଇ, ସେଠାକାର ଯୁବସଂସ୍ଥା ଦ୍ୱାରା ଆୟୋଜିତ ହେଉଛି । ତେଣୁ ଛଉନୃତ୍ୟ ପରି ଲୋକକଳାର ପରିସର ବେଶ ବ୍ୟାପକ ହୋଇଛି । ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଜାତୀୟ ସଂଗୀତ ନାଟକ ଏକାଡେମୀ ତରଫରୁ କଳାକାରମାନେ ଆର୍ଥିକ ଅନୁଦାନ ଲାଭ କରୁଛନ୍ତି । ଅଧିକରୁ ଅଧିକ ସଂଖ୍ୟାରେ ମହିଳାମାନେ ଯୋଗ ଦେଉଛନ୍ତି ନୃତ୍ୟାଙ୍ଗନରେ । ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ସାମାଜିକ ପ୍ରଗତି ।

Digitized by PPRACHIN, SOA

ନବମ ଅଧ୍ୟାୟ

ଝୁମର ସଂଗୀତ

ଲୋକସଂସ୍କୃତି କ୍ଷେତ୍ରରେ ମୟୂରଭଞ୍ଜର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଅବଦାନ ହେଲା ଝୁମର । ପଲ୍ଲୀସ୍ୱରର ଝଂକାର ନେଇ ଲୋକସଂଗୀତ ଭାବରେ ଝୁମର ସୃଷ୍ଟି କରିଛି ଏକ ସୁଛନ୍ଦ ସ୍ୱପ୍ନିଳ ପରମ୍ପରା । ଏହାର ଇତିହାସ ପ୍ରାୟ ପାଞ୍ଚଶତ ବର୍ଷର । ଓଡ଼ିଶାର ଉତ୍ତରାଞ୍ଚଳ, ପଶ୍ଚିମବଙ୍ଗର ଦକ୍ଷିଣ ପଶ୍ଚିମାଞ୍ଚଳ ଓ ଝାଡ଼ଖଣ୍ଡ ପ୍ରଦେଶରେ ଏହାର ପ୍ରଚଳନ ଓ ସ୍ୱୀକୃତି । ଗଭୀର ଭାବରେ ଅନୁଧ୍ୟାନ କଲେ ଦେଖାଯାଏ ଯେ ଉପରୋକ୍ତ ଅଞ୍ଚଳର ଭାଷା, ସଂସ୍କୃତି ଓ ଜନଜୀବନକୁ ନେଇ ଝୁମର ପରିପୁଷ୍ଟ । କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏହାର ଉତ୍ପତ୍ତି ସ୍ଥିର କରାଯାଇ ନ ପାରେ । ଭାଷାର ବିକାଶ ଓ ସାଂସ୍କୃତିକ ଆଦାନପ୍ରଦାନ ଭିତ୍ତି ଉପରେ ଝୁମର ବର୍ତ୍ତମାନ ଏକ ସୁପ୍ରତିଷ୍ଠିତ ସାହିତ୍ୟିକ ପ୍ରବାହ । ଏଥିରେ ଲାଳିତ୍ୟ ଅଛି । ସରଳ ଗ୍ରାମୀଣ ଜୀବନର ପ୍ରତିଫଳନ ଅଛି, ମର୍ମସ୍ପର୍ଶୀ ଭାବନାର ଧ୍ୱନି ମଧ୍ୟ ଅଛି । ଏହି ଲୋକସଂଗୀତର ଏକ ସମ୍ୟକ୍ ପରିଚୟ ନିମ୍ନରେ ଆଲୋଚିତ ହେଲା ।

ପଞ୍ଚଦଶ ଶତାବ୍ଦୀର ଶେଷ ଓ ଷୋଡ଼ଶ ଶତାବ୍ଦୀର ଆଦ୍ୟ ଭାଗରେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ହୋଇଥିଲା । ସେହି ସମୟରେ ବଙ୍ଗୀୟ ବୈଷ୍ଣବ ସନ୍ଥ ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସିଥିଲେ । ଓଡ଼ିଶାର ପଞ୍ଚସଖାମାନଙ୍କ ସହିତ ଚୈତନ୍ୟଙ୍କ ପ୍ରଚାରବାଣୀ ସମ୍ମିଶ୍ରଣରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା । ବୈଷ୍ଣବ ଧର୍ମମତକୁ ନେଇ କାବ୍ୟ କବିତା ଓ କୀର୍ତ୍ତନ ସଂଗୀତ ରଚିତ ହୋଇଥିଲା । ସେତେବେଳେ ବଙ୍ଗଦେଶ ଓ ଓଡ଼ିଶାର ସୀମା ବର୍ତ୍ତମାନର ସୀମାଠାରୁ ଭିନ୍ନ ଥିଲା । ମେଦିନୀପୁର ଅଞ୍ଚଳ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ସେହିପରି ଝାଡ଼ଖଣ୍ଡ ପ୍ରଦେଶର ସରେଇକଳା ଓ ଖରସୁଆଁ ଆଦି ସ୍ଥାନ ଓଡ଼ିଶା ଭିତରେ ଥିଲା । ଏ ଅଞ୍ଚଳମାନଙ୍କରେ ଥିବା ଅଧିବାସୀମାନଙ୍କର ସାଂସ୍କୃତିକ ଜୀବନ ବୈଷ୍ଣବ ଧର୍ମମତ ଦ୍ୱାରା ପ୍ରଭାବିତ ହୋଇଥିଲା । ନୂତନ ଭାଷାକୁ ନେଇ ଯେଉଁ ସାହିତ୍ୟ ସୃଷ୍ଟି ହେଲା ତହିଁରେ ରାଧାକୃଷ୍ଣ ପ୍ରେମଭକ୍ତିକୁ କେନ୍ଦ୍ରକରି ଶୃଙ୍ଗାରରସର ଚର୍ଚ୍ଚା ଅଧିକ ଥିଲା । ଝୁମର ସଂଗୀତରେ ଶୃଙ୍ଗାରଚେତନା ଓ ପ୍ରେମଭକ୍ତିର ଆଧିକ୍ୟ ଥିବା ଦୃଷ୍ଟିରୁ ତାହାର ଉତ୍ପତ୍ତି ଷୋଡ଼ଶ ଶତାବ୍ଦୀରେ ହୋଇଥିବା ସମ୍ଭବ ।

କାଳିପ୍ରସାଦ ଓ ରାଜବଲ୍ଲଭ ସାହାଙ୍କ ମତାନୁସାରେ ହୋଲି ଉତ୍ସବ ସମୟରେ ଗାନ କରିବାପାଇଁ ଝୁମର ସଂଗୀତର ଉତ୍ପତ୍ତି । ଏହି ଅନୁମାନ ସମ୍ଭବତଃ ସତ୍ୟ । କାରଣ ଦୋଳପୂର୍ଣ୍ଣିମା ରାଧାକୃଷ୍ଣଙ୍କ ପ୍ରେମ ଉପାଖ୍ୟାନ ସକାଶେ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିଥାଏ ଏବଂ ସେ ସମୟରେ ମାନସିକ ଉଲ୍ଲାସ ଚରମ ସୀମାରେ ଉପନୀତ ହୁଏ । ପୂର୍ଣ୍ଣଚନ୍ଦ୍ର

Digitized by PPRACHIN, SOA

ଭାଷାକୋଷରେ 'ଝୁମର'କୁ 'ଝୁମରି' ଶବ୍ଦର ଉଦ୍ଭବ ବୋଲି କୁହାଯାଇଛି । ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଝୁମରର ବ୍ୟାପକତାକୁ ଲକ୍ଷ୍ୟକରି ଏହା ଭାରତୀୟ ସଂଗୀତର ଏକ ଉନ୍ନତ ବିକାଶ ଭାବରେ ଗ୍ରହଣୀୟ ହୋଇପାରେ । ଗୀତ ଦୃଷ୍ଟିରୁ ଏହା ଶାଳକ ରାଗର ଅନ୍ୟତମ ରୂପ ବୋଲି ସ୍ୱୀକୃତ । ଲକ୍ଷ୍ମୀନାରାୟଣ ଗର୍ଗଙ୍କ ସଂପାଦିତ 'ସଂଗୀତ ବିଶାରଦ' ଗ୍ରନ୍ଥରେ ଝୁମରକୁ ଭାରତୀୟ ସଂଗୀତର ଏକ ଅଭିନ୍ନ ଅଂଗ ରୂପେ ବର୍ଣ୍ଣନା କରାଯାଇଛି । ଏହି ମହତ୍ତ୍ୱପୂର୍ଣ୍ଣ ସଂଗୀତକୁ ତେଣୁ ଆଜି ଅନେକ ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଛି ।

ମୟୂରଭଞ୍ଜର କେତେଜଣ ଉଦୀୟମାନ ଗବେଷକ ଝୁମର ଉପରେ ତଥ୍ୟପୂର୍ଣ୍ଣ ପ୍ରବନ୍ଧମାନ ଲେଖିଅଛନ୍ତି । ସେମାନଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଲେ ଗିରୀଶ ମହାନ୍ତ, ମୋହନ ଲାଲ ସାହୁ, ଆଦିକନ୍ଦ ମହାନ୍ତ ଓ ରମାକାନ୍ତ ମହାନ୍ତ ଆଦି । ସେମାନେ ଝୁମରର ସାହିତ୍ୟିକ ତଥା କାବ୍ୟିକ ଗରିମାର ଯେଉଁ ତର୍ଜମା କରିଛନ୍ତି ତହିଁରୁ କେତେକ ଅଭିମତ ତାତ୍ପର୍ଯ୍ୟପୂର୍ଣ୍ଣ । ଆଦିକନ୍ଦ ମହାନ୍ତ କହନ୍ତି ଯେ,

"ସୁଖଦୁଃଖରେ ସମଦର୍ଶୀ ସ୍ଥିତପ୍ରଜ୍ଞ ରହି ବିଭୁଭକ୍ତିରେ ତଦଗତପ୍ରାଣା ହୋଇ ଝୁରି ଝୁରି ମର ଶରୀରକୁ ଅମରତ୍ୱ ଆଡ଼କୁ ନେବାର ସ୍ୱର ଝଙ୍କାର ହିଁ ଝୁମର ।"

ଲାଲମୋହନ ମହାନ୍ତଙ୍କ ଅଭିମତ ଅନୁସାରେ ଝୁମ ଧାତୁରୁ ଝୁମର ଶବ୍ଦଟି ଆସିଅଛି । ଝୁମ ଧାତୁର ଝୁମ କ୍ରିୟା ପଦକୁ ଆମେ ଅନେକ ସମୟରେ ବ୍ୟବହାର କରିଥାଉ । ଏହା ବିଶେଷ୍ୟରେ 'ଝୁମର' । ଝୁମିବା ଅର୍ଥ ଆନନ୍ଦରେ ଶିରଃ ଓ ଶରୀରକୁ ଆନ୍ଦୋଳିତ କରିବା । ମଜାରେ ମଣ୍ଡିଯିବା ଏହି ଆନନ୍ଦ ମନର ପରିପ୍ରକାଶ । ଯେଉଁ ସଂଗୀତରେ ମଣିଷ ଝୁମିଯାଏ ତାହା ଝୁମର ସଂଗୀତ ନାମରେ ଅଭିହିତ । ସେ ପୁଣି କହନ୍ତି ଯେ ମହାନ୍ତମାନଙ୍କର ଘରୋଇ କଥିତ ଭାଷା ଓ ଝୁମରର ଭାଷା ଏକ ଅଟେ । ତେଣୁ ଜାତି ଦୃଷ୍ଟିକୋଣରୁ ବିଚାର କରି ଝୁମର ସଂଗୀତକୁ ମହାନ୍ତମାନଙ୍କର ନିଜସ୍ୱ ସାଂସ୍କୃତିକ ସଂଗୀତ ବୋଲି ସେ ଗ୍ରହଣ କରିଅଛନ୍ତି । ସମୟକ୍ରମେ ଅନ୍ୟ ଜାତି ଓ ସଂପ୍ରଦାୟ ଝୁମରକୁ ମାଧୁର୍ଯ୍ୟ ଓ ମନୋରଞ୍ଜନ ଦୃଷ୍ଟିରୁ ଆପଣାର କରିନେଇଛନ୍ତି । ଫଳରେ ଏହା ଲୋକଗୀତର ସ୍ୱୀକୃତି ଲାଭ କରିପାରିଛି ।

ଏହି ତାତ୍ତ୍ୱିକ ଆଲୋଚନା ପରିପ୍ରେକ୍ଷୀରେ ଆଦିକନ୍ଦ ମହାନ୍ତ କହିଛନ୍ତି ଯେ ଆନନ୍ଦ ଉଲ୍ଲାସର ଚୂଡ଼ାନ୍ତ ଅନୁଭୂତି ହିଁ ଝୁମର ସଂଗୀତ । ସଂପୂର୍ଣ୍ଣ ମାନସିକ ଉତ୍‌ଫୁଲ୍ଲତା ନ ଥିଲେ ଝୁମର ଉପଭୋଗ କରିହୁଏନା । କୌଣସି ପ୍ରକାର ସଂକୀର୍ଣ୍ଣତାର ପରିଧି ଭିତରେ ଝୁମର ଆବଦ୍ଧ ହୋଇ ରହିପାରେନା । ଝୁମର ରଚନା ଓ ଗାନରେ ପ୍ରାଣପ୍ରାଚୁର୍ଯ୍ୟ ଓ ଜୀବନକୁ ଉପଭୋଗ କରିବାର ତୀବ୍ର ବାସନା ଭରପୂର ରହିବା କଥା । ସଂଗୀତରେ ପ୍ରତିଫଳିତ ହୁଏ ଜନ୍ମ ମାଟି, ପାଣି ଓ ପବନ ସହିତ ସାଙ୍ଗସାଥିର ମନମତାଣିଆ ସୁଗନ୍ଧ ଓ ସ୍ମୃତି ବିଜଡ଼ିତ କେତେ କେତେ ଅପାସୋରା କଥା । ଗୀତରଚନାରେ ଆବିଳତା ନ ଥାଏ କି ବକ୍ରୋକ୍ତି ନ ଥାଏ । ବଣପାହାଡ଼ରେ ଜୀବନ ବିତଉଥିବା ମୁକ୍ତ ବିହଙ୍ଗ ଅନୁରୂପ ପ୍ରାଣୀଟିଏ – ଆଦିବାସୀ । ସାଦାସିଧା ସରଳ ଅମାୟିକ ଜୀବନ ତା'ର । ନିଜ ମନର

Digitized by PPRACHIN, SOA

ଅନୁଭୂତିକୁ, ସୁଖଦୁଃଖକୁ ଭାବାବେଶରେ ଅଜାଡ଼ି ଦିଏ ସେ ସରଳ ଶବ୍ଦ ବିନ୍ୟାସରେ । ସେ ଶବ୍ଦ ଝଙ୍କାରରେ ମାଦକତା ଅଛି । କାଉଁରୀକାଠିର ସ୍ପର୍ଶ ଅଛି । ମତୁଆଲା ମନକୁ କାହିଁ କୁଆଡ଼େ ଓ କେତେ ଉଚ୍ଚକୁ ନେଇଯାଏ ସେ ଗୀତର ମୂର୍ଚ୍ଛନା । ଗୀତ ସହିତ ଥାଏ ନାଚ । ଝୁମର ସଂଗୀତ ଲହରୀ ସହିତ ତାଳଦେଇ ନୃତ୍ୟଶୀଳ ମନ ଓ ଭାବନା ତରଙ୍ଗାୟିତ ହୋଇଉଠେ । ଉଦ୍ଦାମ ଯୌବନର ସ୍ପନ୍ଦିତ ଆଶାକୁ ରୂପଦେଇ ନୃତ୍ୟ ଓ ଗୀତର ପ୍ରବାହ ଖେଳିଯାଏ – ନିକଟରୁ ଦୂରକୁ ଓ ବହୁଦୂରକୁ । ଶୃଙ୍ଗାର ରସାପ୍ଲୁତ କାବ୍ୟିକ ସୌନ୍ଦର୍ଯ୍ୟରେ ଗଗନ ପବନ ମୁଖରିତ ହୁଏ । ସଂକ୍ରମିତ ହୁଏ ବହୁ ଜନମନ । ମାଦଳ, ଧୁମସା, ବଂଶୀ ଓ ଟୁଇଲା ଆଦି ବାଦ୍ୟଯନ୍ତ୍ର ସୃଷ୍ଟି କରନ୍ତି ଅନବଦ୍ୟ ଶବ୍ଦ ଲହରୀ । ସବୁ ମିଶିଯାଏ । ପାଗଳ ମନ ଉପରେ ଅକ୍ତିଆର ରହେନା ।

ଝୁମର ନାଚ ଓ ଗୀତକୁ ନେଇ ନାନା ବିଭାଗ ସୃଷ୍ଟି ହୋଇଛି । ଉଦାହରଣସ୍ୱରୂପ ଢାଅଥା ନାଚିଆ ଝୁମର, ପାଁତା ଶାଲିଆ ଝୁମର, କାଠି ନାଚିଆ ଝୁମର; ନାଚୁଣୀ ନାଚିଆ ଝୁମର, ବିବାହକାଳୀନ ଝୁମର, ଔପାସନିକ ଝୁମର । ଦରବାରୀ ଝୁମର, ସଖୀନାଚିଆ ଝୁମର, ମହତା ନାଚିଆ ଝୁମର ଓ ଛଉ ନାଚିଆ ଝୁମର ଆଦି । ବିଭିନ୍ନ ପର୍ବପର୍ବାଣି ବ୍ୟତୀତ ବିବାହ, ଅନ୍ନପ୍ରାଶନ ଓ ପାରିବାରିକ ଉତ୍ସବରେ ମଧ୍ୟ ଝୁମର ଗୀତ ଅନୁସାରେ ପ୍ରଯୋଜିତ ନୃତ୍ୟ ଆୟୋଜିତ ହୁଏ ।

ଊନବିଂଶ ଶତାବ୍ଦୀରେ ଝୁମର ଲୋକସଂଗୀତ ଓ ଲୋକନୃତ୍ୟ ଭାବରେ ସ୍ୱୀକୃତି ଲାଭ କରିଛି । କଥକ ନୃତ୍ୟର ପ୍ରଭାବ ଫଳରେ ଦରବାରୀ ଝୁମରର ଅଭ୍ୟୁଦୟ ହୋଇଥିବା ସମ୍ଭାବନାକୁ ଅସ୍ୱୀକାର କରାଯାଇପାରେନା । କଥକ ଶିଳ୍ପୀ ଓ ଦେବଦାସୀମାନଙ୍କଦ୍ୱାରା ଅନୁସୃତ ରାଗରାଗିଣୀ ସମୟକ୍ରମେ ଝୁମର ଭିତରକୁ ଅନୁପ୍ରବେଶ କରିଛି । ରାଜା ଜମିଦାରମାନଙ୍କ ପୃଷ୍ଠପୋଷକତା ଝୁମରକୁ ବିକଶିତ କରିବାରେ ସହାୟକ ହୋଇଛି । ଶୃଙ୍ଗାର ରସାତ୍ମକ ବିଷୟବସ୍ତୁ ସହିତ ବୀରରସାଶ୍ରିତ ପୌରାଣିକ ଉପାଖ୍ୟାନକୁ କେନ୍ଦ୍ର କରି ଝୁମର ସଂଗୀତ ଓ ନୃତ୍ୟ ସୃଷ୍ଟି ହୋଇଛି । ଏପରି ସଂଗୀତରେ ଲାଳିତ୍ୟପୂର୍ଣ୍ଣ ସାବଲୀଳ ଶବ୍ଦ ବିନ୍ୟାସ ଅପେକ୍ଷା ବୀରରସର ବ୍ୟଞ୍ଜନା ପାଇଁ ଉପଯୁକ୍ତ ଶବ୍ଦ ଓ ସ୍ୱର ସଂଯୋଜନା ଆବଶ୍ୟକ ହୋଇଛି ।

ମୟୂରଭଞ୍ଜର ଛଉନୃତ୍ୟ ଓ ଝୁମର ମଧ୍ୟରେ ଅତି ନିବିଡ଼ ସଂପର୍କ ଉପଲବ୍ଧ ହୁଏ । ସତେଯେପରି ଝୁମର ହେଲା ଛଉର ପ୍ରାଣକେନ୍ଦ୍ର । ଛଉନୃତ୍ୟର ପ୍ରଯୋଜନାରେ ନୂତନତ୍ୱ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସୃଜନଶୀଳ ଝୁମର କବିମାନେ ଅନୁସୃତ ବିଷୟବସ୍ତୁକୁ ବ୍ୟାପକ କରିଛନ୍ତି । ଝୁମର ଏକାଧିକ ଭାଷାର ସମାହାର । ବଙ୍ଗଳା, ହିନ୍ଦୀ, ଓଡ଼ିଆ ଏବଂ ସ୍ଥାନୀୟ କଥିତ ଭାଷାର ଶବ୍ଦ ବିନ୍ୟାସରେ ନୂତନ ଆଭିମୁଖ୍ୟ ଦେଖାଦେଇଛି । ଶୁଦ୍ଧ ଓଡ଼ିଆରେ ଝୁମର ରଚନା କଲେ ତାହା ଅଧିକ ହୃଦୟଗ୍ରାହୀ ହେବ ବୋଲି କେତେକ କବି ଓ ଗାୟକ ମତ ଦିଅନ୍ତି । କିନ୍ତୁ ଲୋକସଂସ୍କୃତିର ବୈଶିଷ୍ଟ୍ୟ ଓ ଆବଶ୍ୟକତା ଦୃଷ୍ଟିରୁ ତାହା କେତେଦୂର ସମୀଚୀନ ହେବ ଦେଖିବାର କଥା ।

Digitized by PPRACHIN, SOA

ଦଶମ ଅଧ୍ୟାୟ

ପର୍ବପର୍ବାଣି

ମୟୂରଭଞ୍ଜବାସୀଙ୍କ ଧର୍ମ ବିଶ୍ୱାସ ଓ ଧର୍ମଜୀବନ ପ୍ରସଙ୍ଗରେ ଆଲୋଚନା କଲେ ଆଦିବାସୀ ଓ ଅଣ ଆଦିବାସୀଙ୍କ କଥା ଉଲ୍ଲେଖ କରିବା ଆବଶ୍ୟକ ହୁଏ । ସେମାନେ ସମସ୍ତେ ମୁଖ୍ୟତଃ ହିନ୍ଦୁ ଧର୍ମ ଦ୍ୱାରା ପ୍ରଭାବିତ ଓ ଅନୁପ୍ରାଣିତ ହୋଇଥିଲେ ହେଁ କେତେକ ସ୍ଥାନରେ ସ୍ୱାତନ୍ତ୍ର୍ୟ ଓ ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ । ଅଳ୍ପ କେତେକ ଅଣହିନ୍ଦୁ ସଂପ୍ରଦାୟ ସେମାନଙ୍କର ନିଜ ନିଜ ବୈଶିଷ୍ଟ୍ୟ ନେଇ ମୟୂରଭଞ୍ଜର ସାମାଜିକ ଜୀବନ ଓ ପରମ୍ପରାକୁ ପରିପୁଷ୍ଟ କରିଥିବାର ଦେଖାଯାଏ । ତେବେ ବିଭିନ୍ନତା ସତ୍ତ୍ୱେ ସାମାଜିକ ସୌହାର୍ଦ୍ଦ୍ୟ ଓ ସହାନୁଭୂତିଶୀଳ ମନୋଭାବ ମୟୂରଭଞ୍ଜବାସୀଙ୍କ ଧର୍ମଭାବନାର ପ୍ରକୃତ ପରିଚୟ । ସାର୍ବଜନୀନ ପର୍ବପର୍ବାଣି ସମୟରେ ଏହି ସୌହାର୍ଦ୍ଦ୍ୟ ଓ ସହାବସ୍ଥାନର ପରାକାଷ୍ଠା ସ୍ପଷ୍ଟ ଅନୁଭୂତ ହୁଏ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହିନ୍ଦୁଧର୍ମର ଅନୁପ୍ରବେଶ ପୂର୍ବରୁ ସ୍ଥାନୀୟ ଲୋକମାନେ ଯେଉଁ ଧର୍ମଧାରାରେ ବିଶ୍ୱାସ କରୁଥିଲେ ତାହା ଚତୁର୍ଦ୍ଦିଗର ପରିବେଷ୍ଟିତ ପ୍ରକୃତି ସହିତ ନିବିଡ଼ ଭାବରେ ସଂପୃକ୍ତ ଥିଲା । ବଣପାହାଡ଼, ନଦୀ, ଆକାଶ, ବୃକ୍ଷଲତା, ପଶୁପକ୍ଷୀମାନଙ୍କୁ ନେଇ ସେମାନଙ୍କ ଧର୍ମଜୀବନ ଆରମ୍ଭ ତଥା ବିକଶିତ ହେଉଥିଲା । ଆଦିବାସୀମାନେ ସରଳ ବିଶ୍ୱାସୀ, ନିଷ୍କପଟ ଓ ଧର୍ମଭୀରୁ । ସେମାନଙ୍କ ଧର୍ମବିଶ୍ୱାସ ଓ ଉତ୍ସବ ଗୋଷ୍ଠୀକେନ୍ଦ୍ରିକ । ବିଭିନ୍ନ ପର୍ବପର୍ବାଣି ପ୍ରକୃତିର ନାନାବିଧ ପ୍ରତୀକକୁ କେନ୍ଦ୍ରକରି ପ୍ରସୃତ ହୋଇଥାଏ । ସଦାସର୍ବଦା ସେମାନେ ମଙ୍ଗଳମୟ ପ୍ରଭୁଙ୍କ କୃପାଭିକ୍ଷା କରିଥାନ୍ତି । ଅପଦେବତା ବା ଦେବତାଙ୍କ କ୍ରୋଧରୁ ରକ୍ଷାପାଇବା ଏବଂ କୃଷିକାର୍ଯ୍ୟ ତଥା ନାନାବିଧ କାର୍ଯ୍ୟକ୍ରମରେ ସଫଳତା ଲାଭ କରିବାପାଇଁ ସେମାନେ ପୂଜା ଉପାସନା କରନ୍ତି । ଜନ୍ମ, ବିବାହ, ମୃତ୍ୟୁ, କୃଷି, ଯାତ୍ରା, ପିତୃତ୍ୱ ଲାଭ ଓ ରୋଗ ମୁକ୍ତି ସଂବନ୍ଧୀୟ କେତେକ ପୂଜାବିଧି ସେମାନଙ୍କ ମଧ୍ୟରେ ପ୍ରଚଳିତ । ଅନେକ ସମୟରେ ସଂଗୀତ ଓ ନୃତ୍ୟ ମାଧ୍ୟମରେ ସେମାନେ ଉପାସନା ତଥା ଉତ୍ସବ ପାଳନ କରିଥାନ୍ତି । ଗୋଷ୍ଠୀ ନୃତ୍ୟ ସାନ୍ତାଳମାନଙ୍କ ଭାଷାରେ 'ଏନେଚ୍' ନାମରେ ଅଭିହିତ । ମାଦଳ ବଜାଇ, ସମବେତ ସ୍ୱରରେ ଗୀତଗାଇ, ବୃତ୍ତାକାରରେ ଗୋଷ୍ଠୀ ନୃତ୍ୟ ସହିତ ସେମାନେ ପର୍ବପର୍ବାଣିର ମାଧୁର୍ଯ୍ୟ ଉପଭୋଗ କରନ୍ତି । ସାରାରାତି ଅବିଶ୍ରାନ୍ତ ଭାବରେ ଦଳବଦ୍ଧ ନୃତ୍ୟରତ ତରୁଣ ତରୁଣୀ ଉଲ୍ଲସିତ ମନରେ ଉତ୍ସବ ପାଳନ କରନ୍ତି । ବୟସ୍କମାନଙ୍କର କୌଣସି ପ୍ରତିବନ୍ଧକ ନ ଥାଏ । ମଦ ବା ହାଣ୍ଡିଆ ପାନ କରି, ଖୋଲା ମନରେ ନିଜ

Digitized by PPRACHIN, SOA

ଭାବନାକୁ ଗୀତ ମାଧମରେ ପ୍ରକାଶ କରିବା ଆଦିବାସୀମାନଙ୍କର ପାରମ୍ପରିକ ରୀତି । ସଂଗୀତ ରଚନାରେ ଶୃଙ୍ଗାର ଓ ଭକ୍ତିରସର ଆଧିକ୍ୟ ଅନୁଭୂତ ହୁଏ । ବର୍ତ୍ତମାନ ମଧ ଆଦିବାସୀ ଗ୍ରାମମାନଙ୍କରେ ଏହି ପରମ୍ପରା ଅନୁସୃତ ହେଉଅଛି ।

ସମୟର ଗତି ଓ ସମାଜର ପରିବର୍ତ୍ତନ ଓତପ୍ରୋତ ଭାବରେ ଜଡ଼ିତ । ଆଦିମ ସଭ୍ୟତାର ବିଲୟ ସହିତ କୃଷିକାର୍ଯ୍ୟର ଅୟମାରମ୍ଭ ଓ ଆର୍ଯ୍ୟ ସଂସ୍କୃତିର ଅନୁପ୍ରବେଶ ମାନବ ସଭ୍ୟତାର ପ୍ରଗତି କ୍ଷେତ୍ରରେ ନୂତନ ଅଧାୟ ସୃଷ୍ଟି କରିଥିଲା । ସଂସ୍କୃତ ଭାଷା ଓ କୃଷିକର୍ମର ପରିପ୍ରସାର ଫଳରେ ଜନ୍ମ ନେଲା ବହୁ ନୂତନ ସାମାଜିକ ପରମ୍ପରା । ନୂତନ ଦେବଦେବୀଙ୍କୁ କେନ୍ଦ୍ରକରି ଆରମ୍ଭ ହେଲା ନାନା ପର୍ବପର୍ବାଣି ଓ ଉତ୍ସବ । କ୍ରମେ କ୍ରମେ ଆଦିବାସୀ ଧର୍ମ ବିଶ୍ୱାସ ଓ ଆର୍ଯ୍ୟ ସଂସ୍କୃତିର ସମ୍ମିଶ୍ରଣରେ ସୃଷ୍ଟି ହେଲା ଏକ ସୁସ୍ଥ ବଳିଷ୍ଠ ସାମାଜିକ ସ୍ଥିତି । ଏଥିରେ ଆମେ ଆଦିବାସୀ ଓ ଆର୍ଯ୍ୟ ସଂସ୍କୃତିର ଅପୂର୍ବ ସ୍ୱାଦ ଅନୁଭବ କରୁ । ଅନେକ ସ୍ଥାନୀୟ ଗ୍ରାମୀଣ ଦେବଦେବୀ ଓ ଉତ୍ସବକୁ ହିନ୍ଦୁ ଧର୍ମ ଆପଣାର କରିନେବାରୁ ସାମାଜିକ ସହନଶୀଳତା ସ୍ୱଚ୍ଛନ୍ଦ ଓ ଆନ୍ତରିକ ହେଲା । ପ୍ରତ୍ୟେକ ପର୍ବପର୍ବାଣି ସମୟରେ ଏହି ମିଶ୍ରିତ ପରମ୍ପରାକୁ ଅନୁଧାନ କଲେ ମୟୂରଭଞ୍ଜର ସ୍ୱତନ୍ତତାକୁ ଉପଲବ୍ଧି କରାଯାଇପାରେ ।

ବର୍ଷସାରା ବିଭିନ୍ନ ଉପଲକ୍ଷରେ ମୟୂରଭଞ୍ଜବାସୀ ନାନାପ୍ରକାର ଉତ୍ସବରେ ନିଜକୁ ନିୟୋଜିତ କରିଥାନ୍ତି । ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ପ୍ରଥମେ ଜାନୁଆରୀ ମାସରେ ସେମାନେ ମକରପର୍ବ ପାଳନ କରନ୍ତି । ଏହା ମୟୂରଭଞ୍ଜର ମୁଖ୍ୟ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷିକାର୍ଯ୍ୟ ଶେଷରେ ଫସଲ ଅମଳ ହୋଇଥାଏ । ପ୍ରତ୍ୟେକ ଚାଷୀ ଗୃହରେ ଧନସଂପଦ ପୂରି ରହିଥାଏ । କୃଷକ ପରିବାରରେ ଆନନ୍ଦ ଓ ତୃପ୍ତିର ବାତାବରଣକୁ ସେତେବେଳେ ଅନୁଭବ କରିବା କଥା । ବାସଗୃହକୁ ସଫାସୁତୁରା କରି ରଙ୍ଗରେ ଲିପି ଗୃହିଣୀମାନେ ଆକର୍ଷଣୀୟ କରନ୍ତି । ଗୋ-ସଂପଦକୁ ସୁରକ୍ଷିତ କରିବାପାଇଁ ଦେବତାକୁ ପୂଜା କରନ୍ତି । ସମସ୍ତେ ନୂଆଲୁଗା ପିନ୍ଧନ୍ତି । ପିଠାପଣାରେ ଘର ଭରିଯାଏ । ବିଦେଶରେ ଥିବା ବନ୍ଧୁ ସ୍ୱଜନ ଓ ନିଜ ଲୋକମାନେ ଘରକୁ ଫେରନ୍ତି । ଆତ୍ମୀୟମାନେ ଶଙ୍ଖୋଳି ଆସନ୍ତି । ଅତିଥିମାନଙ୍କୁ କୁଣିଆଁ କୁହାଯାଏ । ସେମାନଙ୍କର ଚର୍ଚ୍ଚାରେ ଓ ଖୁସିବାସୀରେ ସମସ୍ତେ ବ୍ୟସ୍ତ ରହନ୍ତି । ଆମିଷଭୋଜନ ମକରପର୍ବର ଏକ ମୁଖ୍ୟ ଆକର୍ଷଣ । ଆଦିବାସୀମାନେ ନିଜେ ନିଜେ ଶିକାର୍ କରି ଉତ୍ସବ ପାଳନ୍ତି । କୁକୁଡ଼ା ଲଢ଼େଇ ପ୍ରତ୍ୟେକ ଗ୍ରାମ ଓ ହାଟର ଅନ୍ୟତମ ମନୋରଞ୍ଜନ । ଦଳ ଦଳ ହୋଇ ଗୀତ ଗାଇବା, ନାଚିବା, ସାରାରାତି ବାଜା ବଜାଇବା, ଯାତ୍ରା କରିବା ଓ ଦେଖିବାରେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସଭିଏଁ ମକରପର୍ବକୁ ପୂର୍ଣ୍ଣ ପ୍ରାଣରେ ଉପଭୋଗ କରନ୍ତି । ବାଳିକାମାନଙ୍କ ପାଇଁ ଟୁସୁପୂଜା ଏହି ଉତ୍ସବର ଅନ୍ୟତମ ଆକର୍ଷଣ । ଟୁସୁ କଣ୍ଢେଇକୁ ରଙ୍ଗିନ ବସ୍ତ୍ରରେ ସଜାଇ, ଦଳ ଦଳ ହୋଇ ଗୀତ ଗାଇବା ଓ ଘର ଘର ବୁଲିବାରେ ସେମାନଙ୍କର ଆନନ୍ଦ । କୃଷକ ପରିବାର ପରି ଦିନମଜୁରିଆମାନେ ନାମାଳ ଆଦି ସ୍ଥାନରେ କାର୍ଯ୍ୟସାରି ଯେଉଁ ଅର୍ଥ

Digitized by PPRACHIN, SOA

ସଂଗ୍ରହ କରିଥାନ୍ତି ତାକୁ ମକର ପର୍ବ ସମୟରେ ସ୍ୱଜନମାନଙ୍କ ସହିତ ମିଶି ନୂଆଲୁଗା ପିନ୍ଧା ଓ ହାଣ୍ଡିଆ ସେବନରେ ବ୍ୟୟ କରନ୍ତି । ନାମାଳ ମୟୂରଭଞ୍ଜ ଓ ବଙ୍ଗପ୍ରଦେଶର ସୀମାନ୍ତରେ ଅବସ୍ଥିତ ଏକ ଅଞ୍ଚଳ, ଯେଉଁଠାରେ ବର୍ଷକୁ ଥରେ ଶସ୍ୟ ଅମଳ ସମୟରେ ଆଦିବାସୀ ମୂଲିଆମାନେ ଠିକାରେ ନିଯୁକ୍ତି ପାଆନ୍ତି । କଷ୍ଟ ଉପାର୍ଜିତ ଅର୍ଥକୁ ଋଣ ଶୁଝିବାରେ, ବାସଗୃହକୁ ମରାମତି କରିବାରେ ଓ ଉତ୍ସବ ପାଳନରେ ଖର୍ଚ୍ଚ କରିବା ଏକ ଧାରାବାହିକ ଅଭ୍ୟାସ । ସେମାନେ ଭବିଷ୍ୟତ ପାଇଁ ସଂଚୟ କରନ୍ତି ନାହିଁ । ବର୍ତ୍ତମାନକୁ ଉପଭୋଗ କରିବାରେ ମକର ସପ୍ତାହର ସମୟତକ ଶେଷ ହୋଇଯାଏ । ପ୍ରଥମେ ବାଉଣ୍ଡି ଓ ମକର ଦୁଇଦିନରେ ପାଳିତ ହେଉଥିଲା । ଏବେ କିନ୍ତୁ ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ ଉତ୍ସବର ଦିନ ବଢ଼ିଯାଇଛି । ସେ ସମୟରେ କୃଷିକାର୍ଯ୍ୟ ବନ୍ଦ ରହେ । ଶ୍ରମିକମାନେ କାମକୁ ଆସନ୍ତି ନାହିଁ । ତରୁଣ ସଂପ୍ରଦାୟ ପାଇଁ ଉପଭୋଗର ସୀମା ନ ଥାଏ । ବୟସ୍କମାନେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିବାକୁ ଗଙ୍ଗାଯାତ୍ରା ବା ଗଙ୍ଗା-ଦାମୋଦର ଯାତ୍ରା କରନ୍ତି । ଆର୍ଯ୍ୟ ପରିବାରରେ ଶିବଙ୍କୁ ପୂଜା କରିବା ଓ ଆଖୁରସ ଏବଂ ମକର ଚାଉଳ ଖାଇବା ବିଧି ଅଛି । ଆଦିବାସୀ ଓ ଅଣଆଦିବାସୀ ନିର୍ବିଶେଷରେ ସମସ୍ତେ ମାଂସଭାତ ଓ ପିଠାପଣା ଖାଇ ମକର ଉତ୍ସବକୁ ପାଳନ କରିବା ପରମ୍ପରା ମୟୂରଭଞ୍ଜର ଏକ ସ୍ୱାତନ୍ତ୍ର୍ୟ ।

ମାଘ ମାସର ଟୁସୁ ପର୍ବ ସହିତ କୁମାରୀ ଆଦିବାସୀ ଯୁବତୀମାନଙ୍କର ନିବିଡ଼ ସଂପର୍କ । କିମ୍ବଦନ୍ତୀ ଅନୁସାରେ କୌଣସି ଏକ ଯୁଗରେ ଜଣେ ଲମ୍ପଟର ଦୌରାତ୍ମ୍ୟରୁ ରକ୍ଷା ପାଇବାପାଇଁ ଗୋଟିଏ ନିରୀହା ତରୁଣୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିଲା । ସେହି ଦୁଃଖାତ୍ମକ ଉପାଖ୍ୟାନର ସ୍ମୃତି ନେଇ ଆଦିବାସୀ ବାଳିକାମାନେ ଟୁସୁ ପୂଜା କରନ୍ତି ଓ ତଦ୍ୱାରା ନିଜ ସମ୍ମାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରତିପାଦିତ କରନ୍ତି । ନାନା ରଙ୍ଗରେ ଟୁସୁ କଣ୍ଢେଇମାନ ବହୁସଂଖ୍ୟାରେ ହାଟବଜାରରେ ବିକ୍ରି ହୁଏ । ଅପ୍ରାପ୍ତବୟସ୍କା ବାଳିକାର ନିରୀହ ସ୍ୱଭାବ ନେଇ କୁମାରୀମାନଙ୍କର ଟୁସୁ ଉତ୍ସବ ସାମାଜିକ ଅନ୍ୟାୟ ବିରୋଧରେ ଏକ ସ୍ପଷ୍ଟ ପ୍ରତିବାଦ ପରି ମନେହୁଏ ।

ଏପ୍ରିଲ ମାସରେ ଚୈତ୍ର ସଂକ୍ରାନ୍ତି ସମୟରେ ଉଡ଼ାପର୍ବ ଓ ଛଉନୃତ୍ୟ ମୟୂରଭଞ୍ଜର ଦୁଇଟି ଲୋକଉତ୍ସବ । ଉଡ଼ାପର୍ବରେ ଯେଉଁମାନେ ସକ୍ରିୟ ଅଂଶ ଗ୍ରହଣ କରନ୍ତି ସେମାନେ ଭକ୍ତା ନାମରେ ପରିଚିତ । ଲୋହିତ ରଙ୍ଗର ବସ୍ତ୍ର ପରିହିତ ଭକ୍ତାମାନେ ଶିବଙ୍କୁ ଭୈରବ ରୂପରେ ଏବଂ ଦେବୀଙ୍କୁ ଠାକୁରାଣୀ ରୂପରେ ପୂଜା କରନ୍ତି । ଅତି ନିଷ୍ଠାପର ଭାବରେ ଏହି ପୂଜା ସହିତ ଉପବାସ,ବ୍ରତ ଓ ଗୋଷ୍ଠୀଆରାଧନାର ପରମ୍ପରା ପ୍ରଚଳିତ । ଉଡ଼ାପର୍ବ ସହିତ କେତେକ ତାନ୍ତ୍ରିକ ପଦ୍ଧତି ଜଡ଼ିତ । ଓଡ଼ିଶାର ବିଭିନ୍ନ ସ୍ଥାନରେ ଯଥା: କଳାହାଣ୍ଡି, ଗଞ୍ଜାମ, ବାଲେଶ୍ୱର ଓ ସମ୍ବଲପୁରଠାରେ ପ୍ରାୟ ଚୈତ୍ର ମାସରେ ଠାକୁରାଣୀ ପୂଜାର ଲୋକପ୍ରିୟତା ପରିଲକ୍ଷିତ ହୁଏ । ଶକ୍ତିଙ୍କୁ ବିବିଧ ରୂପରେ ଓ ନାମରେ ପୂଜା କରିବା ସମୟରେ ଉପାସକମାନେ ଗଭୀର ନିଷ୍ଠା ଓ ସାଧନାର ଆଶ୍ରୟ ନେଇଥାନ୍ତି । ନିଜ ଉପରେ ନାନା ପ୍ରକାର ଶାରୀରିକ କଷ୍ଟ ସ୍ୱଇଚ୍ଛାରେ ବରଣ କରନ୍ତି । ଦୀର୍ଘସମୟ ଉପବାସ ରହିବା

Digitized by PPRACHIN, SOA

ଭକ୍ତାମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ । ନିଜ ଦେହକୁ କଣ୍ଟାରେ ଫୋଡ଼ିବା, ଜଳନ୍ତା ନିଆଁ ଉପରେ ଖାଲି ପାଦରେ ଚାଲିବା ଏବଂ ଶୂନ୍ୟରେ ଉଡ଼ିବା ଭକ୍ତାମାନଙ୍କର ସାଧନାର ମୁଖ୍ୟ ପରିଚୟ । ଏହି ଉପାସନା ସହିତ ସଂସ୍କୃତ ମନ୍ତ୍ରର ଆବଶ୍ୟକତା ନ ଥାଏ । କେବଳ କେତେକ ପରମ୍ପରାକୁ ନେଇ ଭକ୍ତାମାନେ ନିଜ ଉପାସନାରେ ପ୍ରମତ୍ତ ରହନ୍ତି ।

ଉଡ଼ାପର୍ବ ସହିତ ଛଉନୃତ୍ୟର ନିବିଡ଼ ସଂପର୍କ ରହିଛି । ଛଉନୃତ୍ୟ ମୁଖ୍ୟତଃ ଶୃଙ୍ଗାର ଓ ବୀରରସକୁ ନେଇ ପ୍ରଯୋଜିତ ହେଲେ ମଧ୍ୟ ନିତ୍ୟନୂତନ ବିଷୟବସ୍ତୁକୁ କେନ୍ଦ୍ରକରି ନୃତ୍ୟ ପରିବେଷଣ କରିବା ଛଉନୃତ୍ୟର ଏକ ସଜୀବ ପରମ୍ପରା । ଛଉନୃତ୍ୟ କେବଳ ମୟୂରଭଞ୍ଜ ନୁହେଁ, ନିକଟସ୍ଥ ସରେଇକଳା (ଝାଡ଼ଖଣ୍ଡ) ଓ ପୁରୁଲିଆ (ପଶ୍ଚିମବଙ୍ଗ)ରେ ମଧ୍ୟ କେତେକ ସ୍ଥାନୀୟ ବୈଶିଷ୍ଟ୍ୟ ସହିତ ଏହା ଏକ ବଳିଷ୍ଠ ଲୋକନୃତ୍ୟ ଭାବେ ସ୍ୱୀକୃତି ଲାଭ କରିଅଛି । ଊନବିଂଶ ଶତାବ୍ଦୀରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ପୃଷ୍ଠପୋଷକତାରେ ଛଉନୃତ୍ୟ ମୟୂରଭଞ୍ଜରେ ପ୍ରତିଷ୍ଠା ଲାଭ କରିଥିଲା । କାଳକ୍ରମେ ସ୍ଥାନୀୟ ଓସ୍ତାଦମାନେ ତାକୁ ଅଧିକ ମାର୍ଜିତ ଓ ମଞ୍ଜୁଳ କରିଥିଲେ । ବର୍ତ୍ତମାନ ଛଉନୃତ୍ୟ ଏକ ଲୋକନୃତ୍ୟ ଭାବରେ ସାରା ଜିଲ୍ଲାରେ ଆଦୃତ । ରାଇରଙ୍ଗପୁର, କରଞ୍ଜିଆ, ଉଦଳା, ଚିତ୍ରଡ଼ା ଓ ବେତନଟୀ ଆଦି ସ୍ଥାନରେ କଳାପ୍ରେମୀ ଯୁବକମାନେ ନୃତ୍ୟଦଳ ଗଠନ କରି ଛଉନୃତ୍ୟ ପ୍ରଯୋଜନାରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । ଏକଦା ବାରିପଦାରେ ରାଜା ନିଜେ ସେଥିରେ ଅଂଶ ଗ୍ରହଣ କରୁଥିବାରୁ ଚୈତ୍ରପର୍ବ ସମୟରେ ବାରିପଦା ତିନିଦିନ ପାଇଁ ଏକ ଉତ୍ସବ ମୁଖରିତ ସହରରେ ପରିଣତ ହୋଇଥାଏ । ରାଜବାଟୀ ଭିତରେ ଥିବା ମୁକ୍ତ ପ୍ରାଙ୍ଗଣରେ ଆୟୋଜିତ ଛଉନୃତ୍ୟକୁ ସହସ୍ରାଧିକ ନରନାରୀ ଉପଭୋଗ କରୁଥିଲେ । ଆଜି ଅବଶ୍ୟ ଏହା ଷ୍ଟାଡ଼ିୟମ ନିକଟସ୍ଥ ଛଉପଡ଼ିଆକୁ ସ୍ଥାନାନ୍ତରିତ ହୋଇଅଛି । ସେଠାରେ ଏକ ସ୍ଥାୟୀ ମଣ୍ଡପ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ନିର୍ମିତ ହୋଇଅଛି । ପ୍ରତିଯୋଗିତାମୂଳକ ନୃତ୍ୟ ପରିବେଷଣ ପାଇଁ ଜିଲ୍ଲାର ଭିନ୍ନ ଭିନ୍ନ ନୃତ୍ୟ ସଂଗଠନ ଚୈତ୍ରପର୍ବ ସମୟରେ ସେଠାକୁ ଆସନ୍ତି । ଏକାଦିକ୍ରମେ ତିନିରାତି ଲୋକନୃତ୍ୟର ଆସର ଜମେ । ସହର ତଥା ଉପକଣ୍ଠର ଆବାଳବୃଦ୍ଧବନିତା ସେମାନଙ୍କର ନୃତ୍ୟ ପରିବେଷଣକୁ ଉପଭୋଗ କରନ୍ତି । ସାରାରାତି ଛଉପଡ଼ିଆରେ ପ୍ରବଳ ଜନସମାଗମ ହୁଏ । ଦୂରଦୂରାନ୍ତରରୁ କଳାପ୍ରେମୀ ପର୍ଯ୍ୟଟକ ଓ ଦର୍ଶକମାନେ ବିନିଦ୍ର ରଜନୀ ଯାପନ କରି ନୃତ୍ୟର ମାଦକତା ଉପଲବ୍ଧି କରନ୍ତି । ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟମାନ ଛୁଟି ଘୋଷିତ ହୁଏ । ଧୁମସା, ମାଦଳର କାନଫଟା ଶ୍ରୁତିମଧୁର ବାଦ୍ୟ ସୃଷ୍ଟି କରେ ଏକ ଅପୂର୍ବ ଉନ୍ମାଦନା, ଶିହରଣ ଓ ଆନନ୍ଦ ।

ଜୁନ-ଜୁଲାଇ ମାସରେ ଅନୁଷ୍ଠିତ ହୁଏ ହିନ୍ଦୁମାନଙ୍କର ପରାମାରାଧ୍ୟ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ପୁରୀ ରଥଯାତ୍ରା ପରି ବାରିପଦାରେ ମଧ୍ୟ ପ୍ରବଳ ଜନସମାଗମ ମଧ୍ୟରେ ଆୟୋଜିତ ହୁଏ ତିନିଠାକୁରଙ୍କ ପାଇଁ ତିନିରଥ ବିଶିଷ୍ଟ ପହଣ୍ଡି ବିଜେ ଓ ବାହୁଡ଼ା

Digitized by PPRACHIN, SOA

ଯାତ୍ରା । ଷୋଡ଼ଶ ଶତାବ୍ଦୀରେ ରାଜା ବୈଦ୍ୟନାଥ ଭଞ୍ଜ ବୈଷ୍ଣବଧର୍ମର ପୃଷ୍ଠପୋଷକ ଥିଲେ । ପୁରୀ ଗଜପତିଙ୍କ ସହିତ ତାଙ୍କର ପାରିବାରିକ ସଂପର୍କ ଥିଲା । ବାରିପଦାର ଜଗନ୍ନାଥ ମନ୍ଦିର ତାଙ୍କଦ୍ୱାରା ନିର୍ମିତ ହୋଇଥିଲା । ହୁଏତ ତାଙ୍କ ରାଜତ୍ୱ କାଳରୁ ବାରିପଦାର ରଥଯାତ୍ରା ପର୍ବ ମହା ଆଡ଼ମ୍ବରରେ ପାଳିତ ହୋଇଆସୁଅଛି । ସେଥିରେ ସବୁ ଗୋଷ୍ଠୀ, ଆର୍ଯ୍ୟ, ଅନାର୍ଯ୍ୟ ସଂପ୍ରଦାୟ ଓ ସବୁଜାତିର ଲୋକ ଯୋଗ ଦିଅନ୍ତି । ଜଗନ୍ନାଥ ମନ୍ଦିରରୁ ତିନୋଟି ବୃହଦାକାୟ ରଥ ତିନି ଠାକୁରଙ୍କୁ ନେଇ ରାଧାମୋହନ ମନ୍ଦିର ବା ମାଉସୀ ମା ମନ୍ଦିରକୁ ଯାଏ । ଲୋକମାନେ ସ୍ୱହସ୍ତରେ ଟାଣି ରଥଗୁଡ଼ିକୁ ରାଧାମୋହନ ମନ୍ଦିରକୁ ନିଅନ୍ତି । ସେଠାରେ ସାତଦିନ ରହଣିରେ ଠାକୁରଙ୍କ ଦଶାବତାର ବେଶ ଆୟୋଜିତ ହୁଏ । ମହିଳାମାନେ ସଂଧ୍ୟା ସମୟରେ ଠାକୁରଙ୍କ ନୂତନ ନୂତନ ବେଶ ଦର୍ଶନ କରି ଆପ୍ୟାୟିତ ହୁଅନ୍ତି । ଅର୍ଜିତ ପାପ ଧୋଇଯାଏ । ସାତଦିନ ପରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୁଏ । ପୁଣି ନିଜ ନିଜ ରଥରେ ତିନିଠାକୁର ବଡ଼ ମନ୍ଦିରକୁ ଫେରିଆସନ୍ତି । ବାରିପଦାରେ ସେ ସମୟରେ ସବୁ କାର୍ଯ୍ୟାନୁଷ୍ଠାନ ବନ୍ଦ ରହେ । ଯାତ୍ରା ଉପଭୋଗ କରିବାକୁ ଅପରାହ୍ଣ ଓ ସଂଧ୍ୟା କାଳରେ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଯାଏ । ରଙ୍ଗିନ ବସ୍ତ୍ର ଓ ନାନା ବେଶଭୂଷାରେ ସୁସଜ୍ଜିତ ହୋଇ ଆଦିବାସୀ ତରୁଣୀ ଓ ମହିଳାମାନେ ଯାତ୍ରାର ଦୃଶ୍ୟ ଉପଭୋଗ କରନ୍ତି । ସେମାନଙ୍କଦ୍ୱାରା ସହରବଜାର, ସିନେମା ଓ ଅପେରାମାନ ପରିପୂର୍ଣ୍ଣ ହୋଇଯାଏ । ଆବଶ୍ୟକୀୟ ଓ ସୌଖୀନ ପଦାର୍ଥର ଭଲ ବ୍ୟବସାୟ ଚାଲେ । ବେପାରୀମାନେ ବେଶ ଦୁଇପଇସା ରୋଜଗାର କରନ୍ତି । ଜନସ୍ୱାସ୍ଥ୍ୟ ଓ ପରିବହନ ବିଭାଗ ପାଇଁ ସମସ୍ୟାମାନ ଦେଖାଯାଏ । ରାସ୍ତାରେ ବିଜୁଳି ଆଲୋକ, ପାନୀୟ ଜଳଯୋଗାଣ, ଖାଦ୍ୟପଦାର୍ଥର ସୁବ୍ୟବସ୍ଥା, ସଂକ୍ରାମକ ରୋଗ ପ୍ରତିଷେଧକ ବ୍ୟବସ୍ଥାରେ ସରକାରୀ କର୍ମଚାରୀମାନେ ବ୍ୟସ୍ତ ରହନ୍ତି । ଯାତ୍ରାକୁ ଭଲଭାବରେ ଉପଭୋଗ କରିବା ଉଦ୍ଦେଶ୍ୟ ନେଇ ଅନେକ ଯାତ୍ରୀ ସହରର ସ୍କୁଲ ଓ କଚେରି ବାରଣ୍ଡାରେ ରାତ୍ରିଯାପନ କରନ୍ତି ।

ପୁରୀ ଶ୍ରୀମନ୍ଦିର ପରି ବାରିପଦାର ଜଗନ୍ନାଥ ବିଗ୍ରହକୁ ଦାରୁବ୍ରହ୍ମର ସମ୍ମାନ ଦିଆଯାଏ । ସରକାରଙ୍କ ଦେବୋତ୍ତର ବିଭାଗ ତରଫରୁ ମନ୍ଦିର ପରିଚାଳନା ଓ ଯାତ୍ରା ବ୍ୟବସ୍ଥା ଆୟୋଜିତ ହୁଏ । ଏକଦା ରାଜାମାନେ ନିଜେ ରଥଯାତ୍ରା ସମୟରେ ହସ୍ତୀ ପୃଷ୍ଠରେ ବିଜେ ହୋଇ ପ୍ରଜାମାନଙ୍କ ସହିତ ଦେବଦର୍ଶନ କରୁଥିଲେ । ବର୍ତ୍ତମାନ ରାଜାଙ୍କ ସ୍ଥାନରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ତଦାରଖରେ ଯାତ୍ରାର ପାରମ୍ପରିକ ନୀତି ଅନୁଷ୍ଠିତ ହୁଏ । ସହର ଓ ମଫସଲରୁ ଆସିଥିବା ଯାତ୍ରୀମାନେ ନିଷ୍ଠା ତଥା ଶୃଙ୍ଖଳାର ସହିତ ରଥଟଣା ଉତ୍ସବ ସଂପନ୍ନ କରନ୍ତି । ଦେବୀ ସୁଭଦ୍ରାଙ୍କ ରଥ ଟାଣିବା କେବଳ ମହିଳାମାନଙ୍କ ସ୍ୱତନ୍ତ୍ର ଅଧିକାରରେ ପରିଣତ ହୋଇଛି । ଦରବାର ଶାସନ କାଳରେ ଶିଆଡ଼ି ଲତାରେ ବୋଳା ଦଉଡ଼ି ରଥଟଣା ପାଇଁ ବ୍ୟବହୃତ ହେଉଥିଲା । ଆଜିକାଲି ତାହା ନାଇଲନ ରଶିରେ ପରିଣତ ହୋଇଛି ।

Digitized by PPRACHIN, SOA

ମୟୂରଭଞ୍ଜ ଅଧିବାସୀମାନଙ୍କ ମନରେ ରହିଥିବା ସାମାଜିକ ସଂହତିର ଏକ ଅନବଦ୍ୟ ଦୃଷ୍ଟାନ୍ତ ଏହି ରଥଯାତ୍ରା । ବୈଷ୍ଣବ ଧର୍ମ ପ୍ରବାହର ପ୍ରଲେପ ଜନଜୀବନ ଉପରେ କେତେ ଗଭୀର ଓ ଅପ୍ରତିହତ ତାହା ରଥଯାତ୍ରା ସମାରୋହରୁ ଜଣାପଡ଼େ । ଉଲ୍ଲସିତ ମନ, ଅପୂର୍ବ ଉତ୍ସାହ ଓ ଉନ୍ମାଦନା ନେଇ ସେମାନେ ରଥଟଣା ଉପଭୋଗ କରନ୍ତି । ଅତିଥି ଅଭ୍ୟାଗତରେ ବାରିପଦାବାସୀଙ୍କ ଘରଦ୍ୱାର ପୂର୍ଣ୍ଣ ହୋଇଯାଏ । ଖୁବ୍ ଶୃଙ୍ଖଳାର ସହିତ ଜନାକୀର୍ଣ୍ଣ ବାରିପଦା ସହର ଏକ ଉତ୍ସବ ମୁଖରିତ ସହରରେ ପରିଣତ ହୁଏ ।

ମୟୂରଭଞ୍ଜର ମୁଖ୍ୟ ପର୍ବ ଭିତରେ ଦଶହରା ଉଲ୍ଲେଖନୀୟ । ସେପ୍ଟେମ୍ବର-ଅକ୍ଟୋବର ମାସରେ ଦୁର୍ଗାପୂଜା ବା ଦଶହରା ଏକ ସାର୍ବଜନୀନ ଉତ୍ସବ ଭାବରେ ପ୍ରତ୍ୟେକ ସହରରେ ପାଳିତ ହେଉଅଛି । ବାରିପଦାରେ ଅତିକମ୍‌ରେ ଦଶ ବା ତଦୂର୍ଦ୍ଧ୍ୱ ସ୍ଥାନରେ ଦୁର୍ଗାମେଢ଼ ପ୍ରସ୍ତୁତ ହୋଇ ପାରମ୍ପରିକ ରୀତିରେ ଦେବୀଙ୍କ ଆରାଧନା ଅତି ଜାକଜମକରେ ହେଉଅଛି । ଦରବାର ଶାସନକାଳରେ ମାତ୍ର ତିନୋଟି ସ୍ଥାନରେ ଏହା ଅନୁଷ୍ଠିତ ହେଉଥିଲା । ଭଞ୍ଜମାନେ ଶାକ୍ତ ଥିବାରୁ ଦେବୀପୂଜା ଉପରେ ଗୁରୁତ୍ୱ ଦେବା ସ୍ୱାଭାବିକ ଥିଲା । ସେତେବେଳେ ଦେବୀଙ୍କୁ ତୁଷ୍ଟ କରିବାପାଇଁ ଛାଗ ବଳି ମଧ୍ୟ ଦିଆଯାଉଥିଲା । ରାଜପ୍ରାସାଦ ଭିତରେ କୀଚକେଶ୍ୱରୀ ଓ ଚଣ୍ଡୀ ଏବଂ ବାହାରେ ଉତ୍ତର ଦ୍ୱାର ନିକଟରେ ଦେବୀମେଲା ଥିଲା ଦଶଭୁଜାଙ୍କ ପୂଜାପୀଠ । ବାରିପଦାର ବଙ୍ଗାଳୀମାନେ ସ୍ୱତନ୍ତ୍ର ଏକ ମେଢ଼ ବଙ୍ଗାଳୀସାହିରେ ସ୍ଥାପନ କରି ଦୁର୍ଗାପୂଜା କରୁଥିଲେ । ଏହି ଉପଲକ୍ଷରେ ଅପେରା, ଯାତ୍ରା ଓ ପାଲାମାନ ଆୟୋଜିତ ହେଉଥିଲା ସମବେତ ପ୍ରଚେଷ୍ଟାରେ । ଲାଲସାହେବ ପରିବାର ନିଜ ଉଦ୍ୟମରେ ଉଚ୍ଚମାନର ଅପେରା ଆୟୋଜିତ କରୁଥିଲେ । ଦୁର୍ଗାପୂଜା ମୁଖ୍ୟତଃ ରାତ୍ରି ସମୟରେ ହେଉଥିବାରୁ ସାରାରାତି ଉପାସକ ଓ ଯାତ୍ରୀମାନଙ୍କର ଭିଡ଼ ରାସ୍ତାରେ ଓ ପୂଜାସ୍ଥଳୀରେ ଦେଖାଯାଉଥିଲା । ଏକଦା ଯେଉଁ ଦଶହରା ଉତ୍ସବକୁ ନିଷ୍ଠା ସହକାରେ ପୃଷ୍ଠପୋଷକମାନେ ପାଳନ କରୁଥିଲେ କାଳକ୍ରମେ ତହିଁରେ ଅବକ୍ଷୟ ଦୃଷ୍ଟିଗୋଚର ହେଲା । ଏକଦା ଆଦିବାସୀମାନେ ଦଳଦଳ ହୋଇ ଗୀତଗାଇ ବିଶିଷ୍ଟ ବ୍ୟକ୍ତିମାନଙ୍କଠାରୁ ମନୋରଞ୍ଜନ ଉଦ୍ଦେଶ୍ୟରେ ଆର୍ଥିକ ଅନୁଦାନ ସଂଗ୍ରହ କରୁଥିଲେ । ଆଜି ଆଉ ସେ କଥା ଦେଖାଯାଏନି । ଭଲ ବ୍ରାହ୍ମଣ ଅଭାବରେ ଦୁର୍ଗାପୂଜାର ମାନ ହ୍ରାସ ପାଇଛି । ଜନତାର ମନୋରଞ୍ଜନ ପାଇଁ ଆୟୋଜକମାନେ ଅର୍କେଷ୍ଟ୍ରା ଓ ସିନେମାର ବ୍ୟବସ୍ଥା କରୁଅଛନ୍ତି । ପୂଜା ଓ ମନୋରଞ୍ଜନ ଉଦ୍ଦେଶ୍ୟରେ ବାଧ୍ୟତାମୂଳକ ଚାନ୍ଦା ସଂଗ୍ରହ କରିବା ଏକ ନୂତନ ପରମ୍ପରାରେ ପରିଣତ ହେଲାଣି । ତଥାପି ଭଲ ଓ ମନ୍ଦର ସମାହାର ମାଧ୍ୟମରେ ଦଶହରା ଉତ୍ସବକୁ ମୟୂରଭଞ୍ଜବାସୀ ଯଥାବିଧି ପାଳନ କରିଥାନ୍ତି । ରାବଣପୋଡ଼ି ଉପରେ ଗୁରୁତ୍ୱ ଦେବା ଏବଂ ସିନେମା ସଂଗୀତର କାନଫଟା ଚିତ୍କାରକୁ ଅଧିକ ପ୍ରାଧାନ୍ୟ ଦେବା ଆଜି ଦୁର୍ଗୋତ୍ସବର ମୁଖ୍ୟ ପରିଚୟ ।

Digitized by PPRACHIN, SOA

ଏତଦ୍‌ବ୍ୟତୀତ ମାର୍ଗମାସର ଶିବରାତ୍ରି ଓ ଦୋଳପର୍ବ ଏବଂ ଆଦିବାସୀମାନଙ୍କର ଅତି ନିଜର କରମପରବ ସମୟାନୁସାରେ ଜନଜୀବନକୁ ପ୍ରଭାବିତ କରିଥାଏ । ଦରବାର ଶାସନ କାଳରେ ବାରିପଦାର ବାରୁଣୀ ଓ ନିକଟସ୍ଥ ସିମଳା, ମାଣିତ୍ରୀ ଏବଂ ଖିଚିଂ ଆଦି ଶୈବପୀଠରେ ଶିବଭକ୍ତମାନଙ୍କର ମେଳା ଆୟୋଜିତ ହେଉଥିଲା । ବର୍ତ୍ତମାନ ମଧ୍ୟ ସେହି ବ୍ୟବସ୍ଥା ପ୍ରଚଳିତ ଅଛି । ଦୋଳପର୍ବ ଗ୍ରାମମାନଙ୍କରେ ଠିକ୍ ଭାବରେ ପାଳିତ ହୁଏ । ବହୁ ସ୍ଥାନରେ ରାଧାକୃଷ୍ଣଙ୍କ ମେଢ଼କୁ ମହାସମାରୋହରେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ନିଆଯାଏ । ସେଠାରେ ମେଳା ବସେ । କରଞ୍ଜିଆର ଦୋଳଯାତ୍ରା ଓ ଖିଚିଂର ଶିବଚତୁର୍ଦ୍ଦଶୀ ମେଳାରେ ଅସ୍ୱାଭାବିକ ଜନସମାଗମ ହୋଇଥାଏ । ସପ୍ତାହବ୍ୟାପୀ ସେ ମେଳାରେ ବହୁ ଦୂରଦୂରାନ୍ତରରୁ ପୁରୁଷ ଓ ସ୍ତ୍ରୀ ଦଳବଦ୍ଧ ହୋଇ ଯୋଗ ଦିଅନ୍ତି । ବାଣିଜ୍ୟ ବ୍ୟବସାୟ ଭଲ ଚାଲେ । ସାମାଜିକ ସଂପର୍କ ଦୃଢ଼ୀଭୂତ ହୁଏ । ସାଧାରଣ ଜୀବନର ଦୁଃଖ ଓ ଅନୁଶୋଚନା ଦୂର ହୋଇଯାଏ । ଆଦିବାସୀ ଓ ଅଣଆଦିବାସୀମାନେ ନିଜ ଭିତରେ କୌଣସି ପାର୍ଥକ୍ୟ ଅନୁଭବ କରନ୍ତି ନାହିଁ । ମାନସିକ ଉତ୍ତେଜନାର କୌଣସି ସୂଚନା ଉପଲବ୍ଧି ହୁଏ ନାହିଁ । ସମୟର ଗତିଚକ୍ରରେ ପୁରାତନ ସ୍ଥାନରେ ନୂତନବର୍ଷର ଅୟମାରମ୍ଭ ହୁଏ । ଇତିହାସର ନୂତନ ଅଧ୍ୟାୟ ଲିପିବଦ୍ଧ ହୁଏ । ଏକ ସୁସ୍ଥ ନିରାଡ଼ମ୍ବର ଜୀବନଯାତ୍ରାରେ ମୟୂରଭଞ୍ଜବାସୀ ଶାନ୍ତି ଓ ସମୃଦ୍ଧି ଅନୁଭବ କରନ୍ତି ।

Digitized by PPRACHIN, SOA

ଡକ୍ଟର ପ୍ରବୋଧ କୁମାର ମିଶ୍ର (୧୯୩୭) ଅବସରପ୍ରାପ୍ତ ପ୍ରଫେସର, ଇତିହାସ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ; ବର୍ତ୍ତମାନ କୁଳପତି, ଉତ୍ତର-ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା ।

ଅନେକ ଇତିହାସଗ୍ରନ୍ଥର ରଚୟିତା । ସେଥିରୁ ଉଲ୍ଲେଖନୀୟ ହେଲା – 1. Political History of Orissa, 2. Evolution of Orissa and her culture, 3. Madhusudan Das, His speeches, 4. Culture, Tribal History and Freedom Movements, 5. Heritage of India, 6. Studies in Hindu and Buddhist Art, 7. Archaeology of Mayurbhanj, 8. Comprehensive History and Culture of Orissa, 9. Changing Pattern of Political Culture 10. Historians and Historiography in Orissa ଇତ୍ୟାଦି । ଓଡ଼ିଶା ଇତିହାସ କଂଗ୍ରେସର ପୂର୍ବତନ ସମ୍ପାଦକ ଓ ସଭାପତି । ବହୁ ଅନୁଷ୍ଠାନ ସହିତ ସମ୍ପୃକ୍ତ । ଭାରତୀୟ ଇତିହାସ ପରିଷଦ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପୂର୍ବତନ ବରିଷ୍ଠ ଗବେଷକ ତଥା ସିନିୟର ଫେଲୋ ।

ବିଦ୍ୟାପୁରୀ

ବାଲୁବଜାର, କଟକ ୭୫୩ ୦୦୨

ISBN 81-7411-372-X

Digitized by PPRACHIN, SOA